


ସଲ୍ମାନଙ୍କ ଫିଲ୍ମରେ ଅରବିନ୍ଦ ସ୍ୱାମୀ
▶ପୃଷ୍ଠା ୧୧ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-275 ♦FRIDAY ♦03 APRIL 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୨୭୫ ♦ଶୁକ୍ରବାର ♦୦୩ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


### ସାଂଘାତିକ ଅଭିଯୋଗ ଆଣିଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସ୍ୱାମୀ

# ଆନ୍ଧ୍ରରେ ରାତିଅଧିଆ ଭୋଟ

## ରାତି ୮ରୁ ୨ଟା ମଧ୍ୟରେ ୫୨ଲକ୍ଷ ମତଦାନ

**୨୦୨୪ ନିର୍ବାଚନରେ ସାଂଘାତିକ ଅନିୟମିତତା**

**୩୫୦୦ ବୁଥରେ ରାତି ୨ଟାରେ ହୋଇଛି ମତଦାନ**

**ରାତି ୧୧.୪୫ରୁ ୨ଟା ମଧ୍ୟରେ ୧୭ ଲକ୍ଷ ଭୋଟିଂ**

**ପ୍ରତି ୬ ସେକେଣ୍ଡରେ ପଡ଼ିଥିଲା ଗୋଟିଏ ଭୋଟ୍**




■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶା, ହରିଆଣା, ତେଲଙ୍ଗାନା ସହ ପ୍ରାୟ ୧୮ ଟି ରାଜ୍ୟର ୬୦ରୁ ଊର୍ଦ୍ଧ୍ୱ ସଂସଦୀୟ କ୍ଷେତ୍ରରେ ବିପୁଳ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ପ୍ରସଙ୍ଗରେ ଓଡ଼ିଶାରୁ ବିଜେଡି ସବିଶେଷ ପ୍ରମାଣ ସହ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ କୌଣସି ଫଳ ମିଳିନାହିଁ। ଏହାକୁ ନେଇ ଜାତୀୟସ୍ତରରେ ସୂଚନାଧିକାର କର୍ମୀମାନେ ମଧ୍ୟ ଏହି ପ୍ରସଙ୍ଗରେ ନିର୍ବାଚନ କମିସନଙ୍କୁ ଘେରିଛନ୍ତି। ଏହି ସମୟରେ ଆନ୍ଧ୍ରରେ ୨୦୨୪ ବିଧାନସଭା ନିର୍ବାଚନ ସଂକ୍ରାନ୍ତ ଯେଉଁ ତଥ୍ୟ ମିଳିଛି ତାହା ସବୁ ଅନିୟମିତତାକୁ ଅତିକ୍ରମ କରି କରିଯାଇଛି। ଏପରି ମତଦାନ 'ଅସ୍ୱାଭାବିକ' ଓ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ବିଶିଷ୍ଟ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସ୍ୱାମୀ ତଥା ଅର୍ଥନୀତିଜ୍ଞ ପରକଳା ପ୍ରଭାକର।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଭୟ ଦେଇଥିବା ତଥ୍ୟ ଅନୁସାରେ ଆନ୍ଧ୍ରପ୍ରଦେଶରେ ୨୦୨୪ ସାଧାରଣ ନିର୍ବାଚନରେ ମୋଟ ମତଦାନର ୪.୧୬ ପ୍ରତିଶତ ଭୋଟ ରାତି ୧୧.୪୫ରୁ ୨ଟା ମଧ୍ୟରେ ପୁଲିଂ ହୋଇଛି। ଏପରିକି ମଧ୍ୟରାତ୍ରି ପରେ ପ୍ରାୟ ୧୭ ଲକ୍ଷ ମତଦାନ ହୋଇଥିବା ଦର୍ଶାଯାଇଛି। ସେହିପରି ୩୫୦୦ ବୁଥ୍‌ରେ ରାତି ୨ଟାରେ ମତଦାନ ହୋଇଥିବା ଦର୍ଶାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସାଂଘାତିକ ବିଷୟ ହେଉଛି, ସାଧାରଣତଃ ଗୋଟିଏ ଭୋଟ ପରେ ଇଭିଏମ୍ ରିସେଟ୍ ବା ପୁନର୍ବାର ମତଗ୍ରହଣ ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ▶ପୃଷ୍ଠା-୭

### ଏସ୍ଆଇଆର୍ ଅଧିକାରୀ ପଣବନ୍ଦୀକୁ ନେଇ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ କଡ଼ା ଭର୍ତ୍ସନା

# ରାଷ୍ଟ୍ରପତି ଶାସନ ପାଇଁ ଷଡ଼ଯନ୍ତ୍ର: ମମତା



**"ମୋ ପାଖରେ କ୍ଷମତା ନାହିଁ। ଅଧିକାରୀଙ୍କୁ ସୁରକ୍ଷା ଦେବାରେ ନିର୍ବାଚନ କମିସନ ବିଫଳ"**

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ଚଳିତ ମାସ ଶେଷ ଆଡ଼କୁ ପଶ୍ଚିମ ବଙ୍ଗରେ ଦୁଇଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଗତକାଲି ରାତିରେ ଦେଖିବାକୁ ମିଳିଛି ଅଭାବନୀୟ ପରିସ୍ଥିତି। ଏସ୍ଆଇଆରରେ ଜାଲିଆତି ଅଭିଯୋଗ ଆଣି ହଜାର ହଜାର ଲୋକ ଏସ୍ଆଇଆର ପ୍ରକ୍ରିୟାରେ ନିୟୋଜିତ ୭ ଜଣ ବିଚାର ବିଭାଗୀୟ ଅଧିକାରୀଙ୍କୁ ୯ ଘଣ୍ଟା ଧରି ପଣବନ୍ଦୀ କରି ରଖିବା ଘଟଣା କୋଲକାତାରୁ ଦିଲ୍ଲୀ ପର୍ଯ୍ୟନ୍ତ କମ୍ପନ ସୃଷ୍ଟି କରିଛି। ଏହି ଘଟଣା ନେଇ ସୁପ୍ରିମ କୋର୍ଟ ପଶ୍ଚିମବଙ୍ଗର ମମତା ସରକାର ଉପରେ ବର୍ଷିଥିଲା ବେଳେ ନିର୍ବାଚନ ପୂର୍ବରୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ଲାଗି ବିଜେପିର ଏହା ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ବେଳେ ଭୋଟର ତାଲିକାରୁ ପ୍ରାୟ ୬୩ ଲକ୍ଷ ନାମ କଟାଯିବା ଏବଂ ୬୦ ଲକ୍ଷ ନାମକୁ ଯାଞ୍ଚ ଅଧୀନ ରଖାଯିବାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ ଲାଗି ରହିଛି। ଅଭିଯୋଗ ହେଉଛି ଯେ ଏହି ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ବର୍ଗକୁ ତାଲିକାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ହଟାଇ ଦିଆଯାଉଛି। ଏଭଳି ଅସନ୍ତୋଷର ପ୍ରତିଫଳନ ମାଲଦା ଜିଲ୍ଲାରେ ଦେଖିବାକୁ ମିଳିଛି। ଜିଲ୍ଲାର କାଳିଆଚକ-୨ ବ୍ଲକ କାର୍ଯ୍ୟାଳୟରେ ଗତକାଲି ୭ ଜଣ ଅଧିକାରୀ ଯାଞ୍ଚ ଚଳାଇଥିଲେ। ବିଚାର ବିଭାଗୀୟ ଅଧିକାରୀ ସେମାନଙ୍କ କଥା ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରି ହଜାର ହଜାର ଲୋକ ବିକ୍ଷୋଭ କରିଥିଲେ। ଏହାପରେ ସେମାନେ ସଂପୃକ୍ତ ଅଧିକାରୀଙ୍କୁ ଘେରିଯାଇଥିଲେ। ଏହି ଅଧିକାରୀମାନଙ୍କ ମଧ୍ୟରେ ୩ ଜଣ ମହିଳା ଥିଲେ ଓ ଏମାନଙ୍କ ସହ ଜଣେ ୫ ବର୍ଷର ଶିଶୁ ମଧ୍ୟ ଥିଲଶ। ରାତି ପ୍ରାୟ ୧ଟାରେ ପୁଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ଏହି ସମୟରେ ବିକ୍ଷୋଭକାରୀମାନେ ପୁଲିସ ଗାଡ଼ି ▶ପୃଷ୍ଠା-୭

# ୧୬ ତାରିଖ ପର୍ଯ୍ୟନ୍ତ ସଂସଦ ମୁଲତବୀ

## ମହିଳା ସଂରକ୍ଷଣ ବିଲ୍ ପାଇଁ ୧୬ରେ ପୁଣି ବୈଠକ

■ ନୂଆଦିଲ୍ଲୀ, ୨।୪ (ଏଜେନ୍ସି): ସଂସଦର ବଜେଟ ଅଧିବେଶନକୁ ଏପ୍ରିଲ ୧୬ ତାରିଖ ପର୍ଯ୍ୟନ୍ତ ମୁଲତବୀ କରାଯାଇଛି। ଲୋକସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ବିଲ୍ ପାଇଁ ୧୬ରୁ ସଂସଦର ଅଧିବେଶନ ପୁଣି ଆରମ୍ଭ ହେବ। ଏହା ଦୁଇ ତିନି ଦିନ ପର୍ଯ୍ୟନ୍ତ ଚାଲିପାରେ। ଲୋକସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରିବା ସହିତ ମହିଳାମାନଙ୍କ ପାଇଁ ୨୭୩ ଆସନ ସଂରକ୍ଷିତ ରଖିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

ନିର୍ଦ୍ଧାରିତିକ କାର୍ଯ୍ୟସୂଚୀ ଅନୁଯାୟୀ ୨୮ ଜାନୁଆରୀରୁ ଆରମ୍ଭ ହୋଇଥିବା ସଂସଦର ବଜେଟ୍ ଅଧିବେଶନ ଆଜି ଏପ୍ରିଲ ଦୁଇ ତାରିଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ ହେବା କଥା। କିନ୍ତୁ ଉପରୋକ୍ତ ଦୁଇଟି ବିଲ୍ ପାଇଁ ସରକାର ୧୬ ତାରିଖରେ ପୁଣି ଅଧିବେଶନ ଡକାଇବାକୁ ନିଷ୍ପତ୍ତି ନେଇଛନ୍ତି। ଗୃହ ମୁଲତବୀ ହେବାପୂର୍ବରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଆଜି ରାଜ୍ୟସଭାରେ କହିଥିଲେ ଯେ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ ଲାଗି ସଂସଦ ବୈଠକ ପୁଣି ବସିବ। ସେ କହିଲେ, ଆମ ପାଖରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ବିଲ୍ ରହିଛି। ଆଗାମୀ ଦୁଇ ତିନି ସପ୍ତାହ ମଧ୍ୟରେ ଏହାକୁ ସଂସଦରେ ଆଗତ କରାଯିବ। କିନ୍ତୁ ସେ ଏହି ବିଲ୍ ବିଷୟରେ କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇନଥିଲେ। କେବଳ ସେ ଏତିକି କହିଥିଲେ ଯେ ବିରୋଧୀ ଦଳର ନେତାମାନଙ୍କ ସହିତ ସରକାର ଏସଂପର୍କରେ ବିଚାରଆଲୋଚନା ଚଳାଇଛନ୍ତି। ମିଳିଥିବା ସୂଚନା ▶ପୃଷ୍ଠା-୭

# ବଦଳିଲା ସ୍କୁଲ ସମୟ: ସକାଳ ସାଢ଼େ ୬ରୁ ସାଢ଼େ ୧୦

**୨ତାରିଖରେ ବିଜ୍ଞପ୍ତି, ୨ରୁ କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨।୪ (ସମିସ): ଏପ୍ରିଲ ଆରମ୍ଭରୁ ରାଜ୍ୟର କିଛି ସହରରେ ପାରଦ ୪୦ ଛୁଇଁଛି। ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ସକାଳୁଆ ସ୍କୁଲ ନିମନ୍ତେ ବିଜ୍ଞପ୍ତି ଜାରି କରିଛି। ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ା ହେବ ବୋଲି ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଅଭିଭାବକ ସ୍ୱାଗତ କରିଥିଲେ ହେଁ ୨ ତାରିଖ ଅର୍ଥାତ୍ ଆଜିଠାରୁ ଏହାକୁ କାର୍ଯ୍ୟକାରୀ ନିମନ୍ତେ ବିଭାଗ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ୨ ତାରିଖରେ ପ୍ରକାଶ ପାଇବା ସାଧାରଣରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଗୁଡ୍ ଫ୍ରାଇଡ଼େ ନିମନ୍ତେ ଆସନ୍ତାକାଲି ସ୍କୁଲ ଛୁଟିଥିବା ବେଳେ ▶ପୃଷ୍ଠା-୭

### ଶୀର୍ଷ ନେତୃତ୍ୱ ଅସନ୍ତୋଷ ପରେ ରାଜ୍ୟ ବିଜେପିରେ ତନାଘନା

# ଚୈତ୍ରରେ ନିଗମ; ବୈଶାଖରେ ମନ୍ତ୍ରିମଣ୍ଡଳ !

**ମନ୍ତ୍ରିମଣ୍ଡଳରେ ସାମିଲ ହେବେ ୮ ନୂଆ ମୁହଁ**

**ବଦଳିବ ୬ ମନ୍ତ୍ରୀଙ୍କ ବିଭାଗ, ବାଦ ପଡ଼ିବେ ୩**

■ ଭୁବନେଶ୍ୱର, ୨।୪ (ସମିସ): ୧୯ ମାସର ଦୀର୍ଘ ପ୍ରତୀକ୍ଷା ପରେ ମଙ୍ଗଳବାର ରାଜ୍ୟ ସରକାର ୩୦ ଜିଲ୍ଲାରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଏହି ନିଯୁକ୍ତି ପରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବାଟ ଫିଟିଥିବା ମଧ୍ୟ କୁହାଯାଉଛି। ଏହି ନିଯୁକ୍ତି ପଛରେ ନିକଟରେ ଦିଲ୍ଲୀରେ ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଭେଟଘାଟ ଥିବା ଏବେ ବିଜେପି ଅଳିନ୍ଦରେ ଆଲୋଚନା ହେଉଛି। ଗତ ଶନିବାର ମନ-ମୋହନ ଯୋଡ଼ି ଦିଲ୍ଲୀ ଗସ୍ତ ସମୟରେ ବିଜେପି ଶୀର୍ଷ ନେତୃତ୍ୱ ରାଜ୍ୟରେ ସଂଗଠନ ଓ ସରକାରଙ୍କ ମଧ୍ୟରେ ତାଳମେଳର ଅଭାବ ଓ ପ୍ରଦର୍ଶନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଦଳୀୟ ନେତାଙ୍କୁ ଥଇଥାନ ଓ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଏହାର ପ୍ରତିଫଳନ ସ୍ୱରୂପ ୩୦ ଜିଲ୍ଲାରେ ବିଭିନ୍ନ ବିଧାୟକମାନଙ୍କୁ ଜିଲ୍ଲା ଯୋଜନା କମିଟିରେ ଥଇଥାନ କରାଯାଇଛି। ୧୪ ତାରିଖ ପୂର୍ବରୁ ଚୈତ୍ରମାସରେ ନିଗମ ନିଯୁକ୍ତି ଚୂଡ଼ାନ୍ତ ହେବ ଓ ବୈଶାଖରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
■ Computer Science and Engineering
■ Computer Science and Information Technology

APPROVAL & RECOGNITIONS
■ Approved by UGC and AICTE
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
■ NBA Accredited Programmes

NIRF INDIA RANKINGS 2025
■ 15th Best in University Category
■ 22nd Best in Engineering Category

INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026

To apply for admission through SAAT, Please visit: www.soa.ac.in



15001/2/2627







**ପବିତ୍ର ଗୁଡ୍ ଫ୍ରାଇଡ଼େ - ୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ । ପ୍ରଭୁ ଯୀଶୁ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମପାଟି)







**ଗୁଡ୍ ଫ୍ରାଇଡେ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଗୁଡ୍ ଫ୍ରାଇଡେ ଆମ ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ଏହି ଦିବସ ଆମକୁ ତ୍ୟାଗ ଓ ବଳିଦାନର ମୂଲ୍ୟ ସମ୍ପର୍କରେ ସଚେତନ କରିଥାଏ । ମାନବ ସମାଜର କଲ୍ୟାଣ ପାଇଁ ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗକୁ ଆଧାର କରି ଆସନ୍ତୁ, ଏକ ଆଦର୍ଶ ସମାଜ ଗଠନ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0002

## କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଅଚଳ ଘଟଣା

# ରାଜ୍ୟ-କେନ୍ଦ୍ର ମଧ୍ୟରେ ସମନ୍ୱୟ ଅଭାବ

କଣ୍ଟାବାଞ୍ଜି, ୨।୪(ସମିସ)

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଡାକ୍ତରଖାନା ପରିସରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଦୀର୍ଘ ୨ମାସ ହେଲା ଲାଇସେନ୍ସ ନବୀକରଣ ନ ହୋଇଥିବା ଦର୍ଶାଇ କେନ୍ଦ୍ର ସରକାରଙ୍କ ଡ୍ରଗ୍ସ ବିଭାଗ




## ରକ୍ତ ଭଣ୍ଡାର କାର୍ଯ୍ୟକାରୀ କରିବାକୁ ସିଡିଏମ୍‌ଓଙ୍କୁ ଦାବିପତ୍ର

## କୋଶଳ ମୁକ୍ତି ମୋର୍ଚ୍ଚା ଓ କୋଶଲିଆ ମାଲି ସମାଜର ଅସନ୍ତୋଷ

ଅଚଳ କରି ଦେଇଛି। ଏଣୁ ସ୍ଥାନୀୟ ଲୋକେ ବହୁ ହରିଆଣ ହେଉଛନ୍ତି। ରକ୍ତ ଭଣ୍ଡାର କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାରଙ୍କ ଡ୍ରଗ୍ସ ବିଭାଗ ଅନୁମତି ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ଡ୍ରଗ୍ସ ବିଭାଗ ଅନୁମତି ନ ଦେବା ଖବର ଶୁଣି କଣ୍ଟାବାଞ୍ଜି ଅଞ୍ଚଳରେ ଜନ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ରକ୍ତ ଭଣ୍ଡାର ସମସ୍ୟାକୁ ନେଇ ଗୋଟିଏ ପରେ ଗୋଟିଏ ରାଜନୈତିକ ଦଳ ଏବଂ ସାମାଜିକ ସଂଗଠନ ଆଗକୁ ଆସୁଛନ୍ତି। ଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି କରଛନ୍ତି। କେନ୍ଦ୍ର ଡ୍ରଗ୍ସ ବିଭାଗ ଘଟଣାକୁ ଗୁରୁତ୍ୱ ଦେଉନି ବୋଲି ସ୍ଥାନୀୟ ବୃଦ୍ଧି ଅଭିଯୋଗ ଆଣିଛନ୍ତି। ଗୁରୁବାର କୋଶଳ ମୁକ୍ତି ମୋର୍ଚ୍ଚା ଏବଂ କୋଶଲିଆ ମାଲି ସମାଜର କର୍ମକର୍ତ୍ତା କଣ୍ଟାବାଞ୍ଜି ମେଡିକାଲ ଅଫିସର ଡାକ୍ତର ରାକେଶ ପଣ୍ଡିତଙ୍କୁ ସାକ୍ଷାତ କରିଥିଲେ। ବଲାଙ୍ଗୀର ସିଡିଏମଓଙ୍କ ଉଦ୍ଦେଶ୍ୟରେ ଏମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଣ୍ଟାବାଞ୍ଜି ରକ୍ତ ଭଣ୍ଡାର ଚାଲୁ କରିବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ଦେବା ସମୟରେ କୋଶଳ ମୁକ୍ତି ମୋର୍ଚ୍ଚା ଉପ ସଭାପତି ରାଜୁ ବାରିକ, ରାଜ୍ୟ ସାଂଗଠନିକ ସମ୍ପାଦକ ଲୋକେଶ ଭୋଇ, କୋଶଲିଆ ମାଲି ସମାଜ ବଲାଙ୍ଗୀର ଜିଲ୍ଲା ଯୁବ ସଭାପତି ରାଜୁ ପୁଟେଲ୍, କଣ୍ଟାବାଞ୍ଜି ଅଞ୍ଚଳ ସମ୍ପାଦକ ତଥା ପୂର୍ବତନ କାଉନସିଲର ପ୍ରମାନନ୍ଦ ପୁଟେଲ୍ ପ୍ରମୁଖ ଉପସ୍ଥିତ ଥଲେ। ସରକାର ଏହି ଦାବିକୁ ଅଣଦେଖା କଲେ ଜନ ଆନ୍ଦୋଳନ ହେବ ବୋଲି ଏମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏନେଇ ଆମେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରୁଛି। ତେବେ ରକ୍ତ ଭଣ୍ଡାର ଚାଲୁ କରିବାକୁ ଲାଇସେନ୍ସ ଅନୁମତି ଦିଲ୍ଲୀରେ ଥିବା କେନ୍ଦ୍ର ଟିମ୍ ଅନୁମୋଦନ ଦେଲେ ଚାଲୁ ହେବ। ସେଥିପାଇଁ ଆମେ ସିଡିଏମଓଙ୍କୁ ଜଣାଇଛୁ। ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ରାଜ୍ୟ ଟିମ୍ କେନ୍ଦ୍ର ଟିମ୍ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବା ପାଇଁ ଆମେ ଆମର ଚେଷ୍ଟା ଜାରି ରଖିଛୁ ବୋଲି ମେଡିକାଲ ଅଫିସର ଡାକ୍ତର ରାକେଶ ପଣ୍ଡିତ ପ୍ରକାଶ କରିଛନ୍ତି। ତେବେ ରାଜ୍ୟ ଓ କେନ୍ଦ୍ର ସମନ୍ୱୟ ଅଭାବ ଯୋଗୁଁ ଆଜି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଭଳି ପଛୁଆ ଅଞ୍ଚଳର ଲୋକେ ରକ୍ତ ଭଣ୍ଡାର ଅଚଳ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧି କିନ୍ତୁ ଚୁପ୍ ରହିଛନ୍ତି।

### ସେମାନଙ୍କ ମୁହଁରୁ...



ଏହି ରକ୍ତ ଭଣ୍ଡାର ବନ୍ଦ ହେବା ଯୋଗୁଁ କଣ୍ଟାବାଞ୍ଜି ଅଞ୍ଚଳର ହଜାର ହଜାର ରୋଗୀ ହନ୍ତସନ୍ତ ହେଉଛନ୍ତି। ଅନେକ ରକ୍ତ ହୀନତାର ଶିକାର ରୋଗୀ ରକ୍ତ ନ ପାଇ ତାଙ୍କ ଜୀବନ ଚାଲି ଯାଉଛି; ହେଲେ ପ୍ରଶାସନ ଓ ସରକାର ନଜର ଦେଉ ନାହାନ୍ତି। ଜନ ସାଧାରଣଙ୍କ ସମସ୍ୟା ପ୍ରତି ଏମାନେ ଆନ୍ତରିକତା ଦେଖାଉ ନାହାନ୍ତି। କଣ୍ଟାବାଞ୍ଜିବାସୀ କି ଭୁଲ୍ କରିଥିଲେ ଯେ ଆଜି ଏହି ଅଞ୍ଚଳର ଜୀବନ ବଞ୍ଚାଉଥିବା ରକ୍ତଭଣ୍ଡାର ୨ ମାସ ହେଲା ବନ୍ଦ ପଡ଼ିଛି।

ପ୍ରମାନନ୍ଦ ପୁଟେଲ୍ (ପୂର୍ବତନ କାଉନସିଲର)



୨ ମାସ ଧରି ରକ୍ତ ଭଣ୍ଡାର ବନ୍ଦ ପଡ଼ି ରହିଥିବା ଘଟଣା ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଥିପ୍ରତି ବିଭାଗୀୟ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିମାନେ ଘଟଣାକୁ ଗୁରୁତର ଭାବେ ନେଇ ସମାଧାନ କରିବା ଆବଶ୍ୟକ। ରକ୍ତ ଭଣ୍ଡାର ଯୋଗୁଁ ଅନେକ ଲୋକ ନୂଆଁ ଜୀବନ ପାଇଛନ୍ତି।

ଜୀବନ ଦେଉଥିବା ରକ୍ତ ଭଣ୍ଡାର ବନ୍ଦ ଥିବା ଯୋଗୁଁ ଅନେକ ଲୋକ ମୃତ୍ୟୁ ସହ ମଧ୍ୟ ସଂଗ୍ରାମ କରୁଥିବା ଦେଖିବାକୁ ମିଳିଛି। ସରକାର ତୁରନ୍ତ ଏହି ରକ୍ତ ଭଣ୍ଡାର ଚାଲୁ କରନ୍ତୁ।

ଲୋକେଶ ଭୋଇ (ରାଜ୍ୟ ସାଂଗଠନିକ ସମ୍ପାଦକ, କୋଶଳ ମୁକ୍ତି ମୋର୍ଚ୍ଚା)



ଆମେ ଏହି ରକ୍ତ ଭଣ୍ଡାର ପାଇଁ ରକ୍ତଦାନ ଶିବିର ଆୟୋଜନ କରୁଥିଲୁ। ରକ୍ତହୀନତାର ଶିକାର ରୋଗୀଙ୍କୁ ରକ୍ତ ଯୋଗାଇ ତାଙ୍କ ଜୀବନ ଫେରାଇ ଆଣିବାରେ ସହଯୋଗ ହେଉଥିଲୁ। ଏବେ ରକ୍ତ ଭଣ୍ଡାର ବନ୍ଦ। ବଲାଙ୍ଗୀର ଜିଲ୍ଲାରୁ ଉପ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଛନ୍ତି। ଏହାସତ୍ତ୍ୱେ ଆମକୁ ଏହିପରି ସମସ୍ୟା ଦେଇ ଗତି କରିବାକୁ ପଡୁଛି। ପୂର୍ବରୁ ଏଭଳି କୌଣସି ଲାଇସେନ୍ସକୁ ନେଇ ରକ୍ତ ଭଣ୍ଡାର ବନ୍ଦ ହୋଇ ନାହିଁ। ଏହା ପ୍ରଥମ କରି କଣ୍ଟାବାଞ୍ଜି ରକ୍ତଭଣ୍ଡାରରେ ଦେଖିବାକୁ ମିଳିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ପଦକ୍ଷେପ ନେଇ ଚାଲୁ କରିବାକୁ ଅନୁରୋଧ।

ରାଜୁ ଛତ୍ରିଆ (ସଭାପତି ଦୁଆରସନି ଯୁବକ ସଂଘ)



କଣ୍ଟାବାଞ୍ଜି ରକ୍ତଭଣ୍ଡାର ଚାଲୁ କରିବାକୁ କୋଶଳ ମୁକ୍ତି ମୋର୍ଚ୍ଚା ଏବଂ କୋଶଲିଆ ମାଲି ସମାଜର କର୍ମକର୍ତ୍ତା ମେଡିକାଲ ଅଫିସର ଡାକ୍ତର ରାକେଶ ପଣ୍ଡିତଙ୍କୁ ସାକ୍ଷାତ କରି ସିଡିଏମଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଉଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ




ବଲାଙ୍ଗିର, ୨।୪(ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ଆହ୍ୱାନରେ ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ଦେଶ ବ୍ୟାପି ପ୍ରତିବାଦ ଦିବସ ଚାଲିଛି। ଏହି ଅବସରରେ ବଲାଙ୍ଗିର ଏଆଇଟିୟୁସି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଜିଲ୍ଲା ସଭାପତି ତୀର୍ଥ ପ୍ରଧାନଙ୍କ ନେତୃତ୍ୱରେ ଉଭୟ ମହିଳା ଓ ପୁରୁଷ ଶ୍ରମିକମାନଙ୍କ ଏକ ଶୋଭାଯାତ୍ରା ବାହାରିଥିଲା। ଆନ୍ଦୋଳନକାରୀ ସ୍ଥାନୀୟ କୋଶଳ କଳା ମଣ୍ଡପ ପଡ଼ିଆ ଗେଟରୁ ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରେ ବିକ୍ଷୋଭ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକ ନେତାମାନେ ମୋଦି ସରକାରଙ୍କ ଶ୍ରମିକ ମାରଣା ନୀତି ବିରୋଧରେ କଡା ସମାଲୋଚନା କରିଥିଲେ। ତୁରନ୍ତ ଶ୍ରମିକ ବିରୋଧୀ ୪ଟି କଳା ଶ୍ରମ କୋଡ୍ ପ୍ରତ୍ୟାହାର କରି ୪୪ଟି ଶ୍ରମ ଆଇନ ପ୍ରଣୟନ କରିବାକୁ ମତବ୍ୟକ୍ତ କରିଥିଲେ। ମୋଦି ସରକାର କେବଳ ପୁଞ୍ଜିପତିମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଦେଶର ଅଗଣିତ ଶ୍ରମଜୀବୀଙ୍କ ହକ୍ ଓ ଅଧିକାର ଛଡ଼ାଇ ନେଇ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଚାଲିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶ୍ରମିକ ବିରୋଧୀ ୪ କଳା ଶ୍ରମ କୋଡ କେନ୍ଦ୍ର ସରକାର ପ୍ରତ୍ୟାହାର କରି ୪୪ଟି କଷ୍ଟଲବ୍ଧ ଶ୍ରମ ଆଇନ ପୁଣି ଲାଗୁ କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଏଥିରେ ଜଗବନ୍ଧୁ ବେହେରା, ପୁରୁଷୋତ୍ତମ କର୍ମୀ, ମାଧବୀ କଲତା, ପାଣ୍ଡବ ଭୋଇ, ଓମୀ ଗୁପ୍ତା, କମଲ ଲୋଚନ ଭୋଇ, ନମିତା ପଟେଲ, ପଙ୍କଜିନୀ ବାଗ, ରସିକ ରଣା, କ୍ଷେତ୍ରମୋହନ ସାହୁ, ବାସନ୍ତୀ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ସ୍ୱ-ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ

ବଲାଙ୍ଗିର, ୨।୪(ସମିସ): ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନଗଣନାର ସ୍ୱ-ଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ଗୌରବ ଶିଭାଜୀ ଇସଲୱାର, ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡା. ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଜିଲ୍ଲା ଜନଗଣନାର ବରିଷ୍ଠ ନିର୍ବାହୀ ଅଧିକାରୀ ଲଲାଟେନ୍ଦୁ ପଣ୍ଡା, ଡେପୁଟି ଜିଲ୍ଲା ଜନଗଣନା ଅଧିକାରୀ ନିବେଦିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଜନଗଣନାର ଗୁରୁତ୍ୱ ଉପରେ ଆଲୋକପାତ କରି ଜନସାଧାରଣଙ୍କୁ ସ୍ୱ-ଗଣନା କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଜନଗଣନା ଦେଶର ବିକାଶ ଏବଂ ଯୋଜନା ପ୍ରଣୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ସ୍ୱ-ଗଣନା ପୋର୍ଟାଲ ମାଧ୍ୟମରେ ଜନସାଧାରଣ ନିଜେ ନିଜର ତଥ୍ୟ ଦାଖଲ କରିପାରିବେ। ଏଥିପାଇଁ ଠିକ ତଥ୍ୟ ଯୋଗାଇବାକୁ ସମସ୍ତଙ୍କୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଏହି ସ୍ୱ-ଗଣନା କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଛନଛଡା ଗାଁରେ ହନୁମାନ ଜୟନ୍ତୀ ଉତ୍ସବ

ସଇଁତଲା, ୨।୪(ସମିସ): ଛନଛଡା ଗାଁରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ପ୍ରଭାତରୁ ମନ୍ଦିରରେ ଭକ୍ତମାନଙ୍କ ଭିଡ଼ ଲାଗିଥିଲା। ଦୁର୍ଗା ପ୍ରସାଦ ଶର୍ମା, ବିମଳ ଶର୍ମା, ଚେତନା ଶର୍ମା, ଉମା ଶଙ୍କର ଶର୍ମା, ଅଜୟ ଶର୍ମା, ଭଜନ ଅଗ୍ରୱାଲ, ଶରତ ଅଗ୍ରୱାଲ, ସୀତାରାମ ଶର୍ମା, ଗୋବିନ୍ଦରାମ ଶର୍ମା, ସଙ୍ଗୀତା ଅଗ୍ରୱାଲ, ଜ୍ୟୋତ୍ସ୍ନା ଶର୍ମା, ରାଖୀ ଶର୍ମା, ମିନା ଶର୍ମା, ବିନୀତା ଶର୍ମା, ଆଶା ଅଗ୍ରୱାଲ, ଲକ୍ଷ୍ମୀ ଶର୍ମା, ସୁରେଶ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ■ ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏଏନ୍‌ଏମ୍ ଓ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟଣା

# ସ୍ତ୍ରୀକୁ ହତ୍ୟା ପରେ ପୋଡ଼ି ଦେଇଥିଲେ ସ୍ୱାମୀ

ବଲାଙ୍ଗିର, ୨।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏଏନଏମ ଓ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟଣା ଉପରୁ ପୁଲିସ ପରଦା ଉଠାଇଛି। ପାରିବାରିକ ଗଣ୍ଡଗୋଳରୁ ଏହି ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀକୁ ପେଟ୍ରୋଲ ଢାଳି ପୋଡିବା ପୂର୍ବରୁ ସ୍ୱାମୀ ହତ୍ୟା କରିଥିଲେ। ପରେ ସ୍ୱାମୀ ନିଜେ ବିଷ ପିଇ





### ରହସ୍ୟ ଉପରୁ ପରଦା ହଟାଇଲା ପୁଲିସ

### ବିଷ ପିଇ ସ୍ତ୍ରୀ ନିଆଁ ଝାସରେ ନିଜେ ଅଧା ପୋଡି ହୋଇଥିଲେ

### ଲୋକଙ୍କୁ ଚାକିରି କରାଇଦେବାକୁ କହି ଟଙ୍କା ହଡପ ସୂଚନା

ଦେଇଥିଲେ। ସ୍ତ୍ରୀ ନିଆଁ ଝାସରେ ନିଜେ ଅଧା ପୋଡି ଗୁରୁତର ହୋଇଥିଲେ। ପ୍ରାଥମିକ ତଦନ୍ତରୁ ପୁଲିସ ଏହା ଜାଣିବାକୁ ପାଇଛି। ଏସ୍‌ପି ଅଭିଲାଷ ଜି. ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ବୁଧବାର ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ରାମଚନ୍ଦ୍ରପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରର କ୍ୱାର୍ଟରରୁ ସେଠାରେ କାର୍ଯ୍ୟରତ ଏଏନଏମ ଦମୟନ୍ତୀ ବାରିକଙ୍କ ପୋଡ଼ାଶବ ଓ ତାଙ୍କ ସ୍ୱାମୀ ଉପେନ୍ଦ୍ର କାଲସାଏଙ୍କୁ ଅଧାପୋଡା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣା ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ହୋଇ ନ ଥିଲା। ତେବେ ବୁଧବାର ଦମୟନ୍ତୀଙ୍କ ଶବ ବ୍ୟବଚ୍ଛେଦ ପରେ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ମଙ୍ଗଳବାର ରାତିରେ ଦମୟନ୍ତୀ ଓ ସ୍ୱାମୀ ଉପେନ୍ଦ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ତାଙ୍କ ସ୍ୱାମୀ ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରାଇଦେବା ନାମରେ ଅନେକ ଲୋକଙ୍କଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ହଡପ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ସବୁବେଳେ ଗଣ୍ଡଗୋଳ ଲାଗି ରହିଥିଲା। ସେହିଦିନ ବିଳମ୍ବିତ ରାତି କିମ୍ବା ଭୋରରୁ ଦମୟନ୍ତୀଙ୍କୁ ସ୍ୱାମୀ ଉପେନ୍ଦ୍ର ମୁଣ୍ଡରେ ଆକ୍ରମଣ କରି ହତ୍ୟା କରିଥିଲେ। ସାଇଣ୍ଟିଫିକ ଟିମ୍ ଯାଞ୍ଚ ସମୟରେ କ୍ୱାର୍ଟର ବାହାରେ ଓ ଭିତରେ ରକ୍ତ ଛିଟା ମଧ୍ୟ ପୁଲିସ ଦେଖିବାକୁ ପାଇଥିଲା। ପରେ ଏକ ପ୍ଲାଷ୍ଟିକ ବୋତଲରେ ଥିବା ପେଟ୍ରୋଲ ଢାଳି ଉପେନ୍ଦ୍ର ନିଜ ସ୍ତ୍ରୀ ଶବକୁ ପୋଡ଼ି ଦେଇଥିଲେ। ଏହି ଘଟଣା ପରେ ମାନସିକ ସନ୍ତୁଳନ ହରାଇ ଉପେନ୍ଦ୍ର ପ୍ରଥମେ ବିଷ ପିଇବା ପରେ ସ୍ତ୍ରୀ ନିଆଁ ଝାସରେ ସେ ମଧ୍ୟ ପୋଡ଼ି ଯାଇଥିଲେ। ଏହି ଘଟଣା ଘଟିବା ପରେ ନିଜେ ଦମୟନ୍ତୀଙ୍କ ଜଣେ ସହକର୍ମୀଙ୍କୁ ତାଙ୍କ ସ୍ୱାମୀ ଫୋନରେ ଜଣାଇଥିଲେ। ତାଙ୍କ ଅଭିଯୋଗ କ୍ରମେ ପୁଲିସ ଦମୟନ୍ତୀଙ୍କ ମୃତଦେହ ଜବତ କରିବା ସହ ହତ୍ୟାକାରୀ ସ୍ୱାମୀ ଉପେନ୍ଦ୍ରଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା। ପରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦରୁ ସେ ପୋଡିବା ପୂର୍ବରୁ ବିଷ ପିଇଥିବା ଜଣାପଡ଼ିଥିବା ବଲାଙ୍ଗିର ଏସ୍‌ପି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ପିଙ୍କ ସହ ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଉପସ୍ଥିତ ଥିଲେ।

# ପର୍ଶୁରାମଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

ବଲାଙ୍ଗିର, ୨।୪(ସମିସ): ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାଣବଲ୍ଲଭ ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ନବ ନିର୍ବାଚିତ ପର୍ଶୁରାମ ବାହିନୀର ସଭାପତି ବିଧୂଭୂଷଣ ତ୍ରିପାଠୀ, ସମ୍ପାଦକ ସୁରେଶ ମିଶ୍ର, କୋଷାଧ୍ୟକ୍ଷ ସୁବ୍ରତ ରଞ୍ଜନ ମିଶ୍ର, ଜିଲ୍ଲା ଆଇନଜୀବୀ ସଂଘର ସଭାପତି ବାସୁଦେବ ରଥ, ଉପସଭାପତି ଚିନ୍ମୟ ମିଶ୍ର, ସାଧାରଣ ସମ୍ପାଦକ ଅସୀତ ଷଡଙ୍ଗୀ, କୋଷାଧ୍ୟକ୍ଷ ଶିବଦତ୍ତ ଦ୍ୱିବେଦୀ, ସହ ସମ୍ପାଦକ ସୁଜାତାରାନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୯ ତାରିଖ ପାଳନ ହେବାକୁ ଥିବା ଭଗବାନ ପର୍ଶୁରାମ ଜନ୍ମୋତ୍ସବ ନେଇ ଆଲୋଚନା କରାଯାଇଥିଲା। ପର୍ଶୁରାମ ଛକରେ ଏକ ଧାତୁରେ ନିର୍ମିତ ଭଗବାନ ପର୍ଶୁରାମଙ୍କ ମୂର୍ତ୍ତି ଏହି ଦିନ ଅନାବରଣ କରାଯିବ। ପୂଜା ଓ ଯଜ୍ଞ ଯଥାବିଧି କରାଯିବ। ସନ୍ଧ୍ୟାରେ ଏକ ଆଧ୍ୟାତ୍ମିକ ଭବ୍ୟ ଶୋଭାଯାତ୍ରା କରାଯିବ ବୋଲି ବୈଠକରେ ସର୍ବ ସମ୍ମତି ପ୍ରକାଶ ପାଇଥିଲା। ପର୍ଶୁରାମ ବାହିନୀର ରାଜ୍ୟ କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ଆଚାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ଉପଦେଷ୍ଟା ଶିବ ଶଙ୍କର ଖୁଆସ, ଆଇନଜୀବୀ ଜୟରାମ ମିଶ୍ର, ଲୋକନାଥ ନେପାକ, ଉପସଭାପତି କିଶୋର ପୁରୋହିତ, ରାଜଶ୍ରୀ ତ୍ରିପାଠି, ସହ ସମ୍ପାଦକ ସଂକୀର୍ତ୍ତନ ତ୍ରିପାଠି, କୋଷାଧ୍ୟକ୍ଷ ରାଜେନ୍ଦ୍ର ମିଶ୍ର, ନଗର ସଭାପତି ରାକେଶ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ତ୍ରିପାଠୀ, ଜଗଦୀଶ ନାଥ, ଗିରିଷ ପଣ୍ଡା, ଶିବ ନାରାୟଣ ରଥ, ନିହାରିକା ମିଶ୍ର, ସୁଧୀର ତ୍ରିପାଠି, ଦିବାକର ହୋତା, ସାଗରିକା ଗୁରୁ, ପଣ୍ଡିତ ହଜାରି ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିଷ ରଞ୍ଜନ ମିଶ୍ର, ଅଶୋକ ତ୍ରିପାଠି, ଉତ୍ତମ ନନ୍ଦ, ପ୍ରମିଳା ମିଶ୍ର, ସଂଯୁକ୍ତା ମହାପାତ୍ର, ଗୋବିନ୍ଦ ଶତପଥୀ, ଚର୍ଚ୍ଚିତ ମିଶ୍ର, ରାଜା ପଣ୍ଡା, ସିଦ୍ଧାନ୍ତ ମିଶ୍ର, ସୋମେଶ ମିଶ୍ର, ତୀର୍ଥ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସୁରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୩ ହଜାର ଚାରାରୋପଣ କରିବାକୁ ସଂକଳ୍ପ

ବଲାଙ୍ଗିର, ୨।୪ (ସମିସ): ବଲାଙ୍ଗିର ଜିଲ୍ଲା କୁଲ୍ତା ସମାଜ ତରଫରୁ ସ୍ଥାନୀୟ ରେଳ ଷ୍ଟେସନସ୍ଥିତ ଅସିମ କରାଟେ ଏକାଡେମୀରେ କୁଲ୍ତା ଦିବସ ପାଳିତ ହୋଇଛି। ଏଥର ବର୍ଷା ଋତୁରେ ୩ ହଜାର ଚାରା ରୋପଣ କରିବାକୁ ଯୁବ କୁଲ୍ତା ସମାଜର ସଦସ୍ୟଗଣ ଇଷ୍ଟଦେବୀ ରାମଚଣ୍ଡୀଙ୍କଠାରେ ପ୍ରତିଜ୍ଞା କରିଥିଲେ। ଏହି ସମାରୋହରେ ଜିଲ୍ଲା ଯୁବ କୁଲ୍ତା ସମାଜ ସଭାପତି ଅସୀମ ଭୋଇ, ସମ୍ପାଦକ ଭୁବନେଶ୍ୱର ଭୋଇ, ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ପ୍ରେମ ସାହୁ, ଦେଓଗାଁ ବ୍ଲକ ଉପସଭାପତି ଅସୀତ ରଞ୍ଜନ ସାହୁ, ଅରୁଣ ବିଶ୍ୱାଳ, ସୁବ୍ରତ ପାତ୍ର, ଲୋଇସିଂହା ବ୍ଲକ ଉପସଭାପତି ସରୋଜ ପ୍ରଧାନ, ବଲାଙ୍ଗିର ବ୍ଲକ ମହିଳା ଶାଖା ଉପସଭାପତି ପୁଷ୍ପମା ପ୍ରଧାନ, ସହ ସମ୍ପାଦିକା ସୁଧାରଣୀ ବିଶ୍ୱାଳ, ୟୁହାନ ଭୋଇ, ପିୟୁଷ ଭୋଇ, କୁମୁଦିନୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପୁଷ୍ପମା ପ୍ରଧାନ ପୂଜାର୍ଚ୍ଚନା କରିଥିଲେ।

# ବଲାଙ୍ଗିର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ



ବଲାଙ୍ଗିର, ୨।୪(ସମିସ): ବଲାଙ୍ଗିର ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ସାଂସଦ ପ୍ରତିନିଧି ଦିନେଶ ଶର୍ମା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଅତିଥି ଭାବେ ଉପସ୍ଥିତ ଥିଲେ। କିସ୍ ଆବାସିକ ବିଦ୍ୟାଳୟ ଓ ମୃଦୁରେଖା ଡ୍ୟାନ୍ସ ଏକାଡେମୀର ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ଜ୍ୟୋତି ପ୍ରକାଶ ସାହୁ ସଭା ପରିଚାଳନା କରିଥିବା ବେଳେ ଗୋପାଳ ପଧାନ ଧନ୍ୟବାଦ ଜଣାଇଥିଲେ। ପରାଶର ବାଗ, ପୁରୁଷୋତ୍ତମ ମୁନା, କେଶବ ବାଗ, ତପନ ପଟେଲ, ସମୀର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ନିର୍ବାହୀ ଅଧିକାରୀ ପୌରପରିଷଦ ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହିଆଲ କ୍ଲଷ୍ଟରର ସ୍ୱତନ୍ତ୍ର ସମୀକ୍ଷା ବୈଠକ

ତୁରେକେଲା, ୨।୪(ସମିସ): ଚଟୁଅନକା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ହିଆଲ କ୍ଲଷ୍ଟରର ୧୬ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ନବ ନିଯୁକ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ଯୋଗ ଦେଇଥିଲେ। ୪ ତାରିଖରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅଛି। ତେଣୁ ଗ୍ରାମର ୫/୬ବର୍ଷର ଶିଶୁ ଯେପରି ବିଦ୍ୟାଳୟରେ ନାମ ଲେଖେଇବେ ସେଥପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ଘର ଘର ବୁଲି ବାଣ୍ଟିବାକୁ ଅନୁରୋଧ କରିଥିଲେ। ଚଳିତ ବର୍ଷ ପ୍ରତ୍ୟେକ ଛାତ୍ରଛାତ୍ରୀ ଯେପରି ନୂତନ ପାଠ୍ୟପୁସ୍ତକ, ପୋଷାକ, ସୁଷମା ଖାଦ୍ୟ ପାଇବେ ତାହା ଉପରେ ସେ ଜୋର୍ ଦେଇଥିଲେ। ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳ କାଗଜପତ୍ର ଯଥାଶୀଘ୍ର ଦେବା ଓ ୪ରୁ ୧୦ତାରିଖ ପ୍ରତ୍ୟେକ ଗାଁକୁ ଶିକ୍ଷା ସଚେତନ ରଥ ବୁଲିବାରେ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ତ୍ରିପାଠୀ, ମମତା ଯୋଷୀ, ନଳିନୀ ସାହୁ, ରେଣୁକା ମହାନନ୍ଦ, ବୈଜୟନ୍ତୀ ପାଢ଼ୀ, ପୁଷ୍ପାଞ୍ଜଳି ମହାପାତ୍ର, ସାରଦା ଠାକୁର, ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଅମରକାନ୍ତ ବେହେରା, ମୃତ୍ୟୁଞ୍ଜୟ ପ୍ରଧାନ, ସୁଶାନ୍ତ ମାଝୀ, ସୌରଭ ବେହେରା, ହୃଦାନନ୍ଦ ମାଝୀ, ବିଜୟ ତାଣ୍ଡି, ଅବିନାଶ ମହାଲିଙ୍ଗ, ରାଜୋନ୍ଦ୍ର ସେଠ ପ୍ରମୁଖ ଉପସ୍ଥିତ ଥିଲେ।



## ସାମ୍ବାଦିକ ସମ୍ମିଳନୀରେ ବର୍ଷିଲା ମିଳିତ କୃଷକ ମଞ୍ଚ

# ଚାଷୀ ଉପରେ ସରକାର ଜୁଲମ ଚଳାଇଛନ୍ତି

ବଲାଙ୍ଗିର, ୨।୪(ସମିସ)

ସରକାର ରାଜ୍ୟରେ ଚାଷୀ ଦମନଲୀଳା ଚଳାଇଛନ୍ତି। ବିଭିନ୍ନ ଦାବି ନେଇ ଆନ୍ଦୋଳନ କରୁଥିବା ଚାଷୀଙ୍କୁ ସରକାର ପୁଲିସକୁ ଅସ୍ତ୍ର କରି ବିଭିନ୍ନ ପ୍ରକାର ମିଛ ମାମଲାରେ ଫସାଇ

### ଦମନଲୀଳା ବନ୍ଦ କରିବାକୁ ଚେତାବନୀ

### ପାଟି ଫିଟାଇଲେ ଗିରଫ

### ଗିରଫ ଚାଷୀଙ୍କୁ ଖଲାସ ଦାବି

ଦମନ କରିବାକୁ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ପାଖରେ ଧାନ ଅଛି; କିନ୍ତୁ ସବୁଧାନ କିଣିଥିବା କହି ସରକାର ବଡ ବଡ କଥା କହି ବାହାବା ନେଉଛନ୍ତି। ରାଜ୍ୟ ସରକାର ଏହିଭଳି ଆଭିମୁଖ୍ୟ ପରିବର୍ତ୍ତନ ନ କଲେ ଚାଷୀ ଆନ୍ଦୋଳନର ସାମ୍ନା କରିବେ। ବଲାଙ୍ଗିର ମିଳିତ କୃଷକ ମଞ୍ଚ ଏଭଳି ସାଙ୍ଘାତିକ ଅଭିଯୋଗ କରିବା ସହ ଏହି ଚେତାବନୀ ଦେଇଛି।

ସ୍ଥାନୀୟ ସାମ୍ବାଦିକ ଭବନଠାରେ ଗୁରୁବାର ମିଳିତ କୃଷକ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଉପରେ ଚାଷୀନେତା ବର୍ଷିଛନ୍ତି। ଚାଷୀ ନେତା ଆକାଶ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଗତ ଦିନରେ ଚାଷୀଙ୍କ ଉପରେ କରାଯାଇଥିବା ଅତ୍ୟାଚାରକୁ ବିରୋଧ କରାଯାଇଥିଲା। କିଛି ଦିନ ପୂର୍ବରୁ ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆନ୍ଦୋଳନ କରୁଥିବା ଚାଷୀଙ୍କୁ ସରକାର ମିଥ୍ୟା ମାମଲାରେ ଗିରଫ କରିବା ଘଟଣାକୁ ସେ ନିନ୍ଦା କରିଥିଲେ। ସୋନପୁରରେ ପ୍ରଦ୍ୟୁମ୍ନ ପାଢ଼ୀ, କଳାହାଣ୍ଡିରେ ଲିଙ୍ଗରାଜ ଆଜାଦ,



ଭୁବନେଶ୍ୱରରେ ନବ ନିର୍ମାଣ କୃଷକ ସଙ୍ଗଠନର ଅକ୍ଷୟ କୁମାର ଓ ତାଙ୍କ ସହଯୋଗୀଙ୍କ ଗିରଫ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ବୋଲି ସେ ଅଭିଯୋଗ କରିଛନ୍ତି। ଯେଉଁମାନେ ସରକାରଙ୍କୁ ବିରୋଧ କରୁଛନ୍ତି ସେହିମାନଙ୍କୁ ଚୁପ କରାଇବା ପାଇଁ ସରକାର ଏହିଭଳି ଦମନଲୀଳା ଚଳାଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ମଧ୍ୟ ପାଟି ଫିଟାଉଥିବା ଚାଷୀ ନେତାଙ୍କୁ ଏହି ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ; ଯାହା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ଜିଲ୍ଲାର ବଡ ଚାଷୀଙ୍କ ପାଖରେ ଧାନ ଅଛି। ମଣ୍ଡିରେ ଟୋକନ ରହିଥିଲା; କିନ୍ତୁ ତାହା ସରକାର ନ କିଣି ବଡ ବଡ କଥା କହୁଥିବା ସେ କହିଥିଲେ। ତେବେ ଚାଷୀଙ୍କ ଉପରେ ଲାଗିଥିବା ମିଥ୍ୟା ମାମଲା ପ୍ରତ୍ୟାହାର, ଚାଷୀ ଦମନଲୀଳା ବନ୍ଦ କରି ସମସ୍ୟା ସମାଧାନ କରିବା, ରହିଯାଇଥିବା ବଡଚାଷୀଙ୍କ ଧାନ କିଣିବା ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ଯଦି ଏହାକୁ ଗୁରୁତ୍ୱ ଦିଆ ନ ଯାଏ ତେବେ ମିଳିତ କୃଷକ ମଞ୍ଚ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସୌମେନ୍ଦ୍ର ପରିଚ୍ଛା, ହିମାଂଶୁ ସାହୁ, ଯତି ପଧାନ, ଅରୁଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ THE SAKALA



## ବିଦ୍ୟୁତ୍ ତାର ଲାଗି ବୃଦ୍ଧା ମୃତ

**ଡୁଙ୍ଗୁରିପାଲି, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଗମ୍ଭାରିପାଲି ଗ୍ରାମରେ ଜାଳେଣି କାଠ ସଂଗ୍ରହ ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜାଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଗମ୍ଭାରୀପାଲି ଗାଁର ଅଞ୍ଜାନୀ ସୁନା (୬୨)। ରୋଷେଇ କରିବାକୁ କାଠ ସଂଗ୍ରହ ପାଇଁ ସେ ବିଲକୁ ଯାଇଥିଲ। ବିଲରେ ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ଜାଣି ନ ପାରି ସେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଜାଣିବା ପରେ ପୁଲିସ ଏବଂ ବିଦ୍ୟୁତ କର୍ମଚାରୀଙ୍କୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ବିଦ୍ୟୁତ୍ କଟା ଯାଇଥିଲା। ଡୁଙ୍ଗୁରିପାଲି ପୁଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣ କରିଥିଲେ। ବିଦ୍ୟୁତ୍ ବିଭାଗର ଭୁଲ୍ ଯୋଗୁଁ ଜଣେ ନିରୀହ ବୃଦ୍ଧାଙ୍କ ଜୀବନ ଯାଇଥିବା ଥାନାରେ ତାଙ୍କ ପୁଅ ଜଗଦୀଶ ସୁନା ଅଭିଯୋଗ କରିଛନ୍ତି।

## ରଥଯାତ୍ରା ପାଇଁ ବୌଦ୍ଧ ଜିଲ୍ଲାରୁ ପୁରୀ ଗଲା କାଠ

**କଣ୍ଟାମାଳ, ୨।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳ ନାରାୟଣ ପ୍ରସାଦ ଫରେଷ୍ଟ ଜଙ୍ଗଲ ସିଲେଇମାଳ ଓ ମାଟାକୁପା ଜଙ୍ଗଲରୁ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ୪୦ ଖଣ୍ଡ ଧଉରା ଓ ଅଶନ କାଠ ପୁରୀ ପଠାଯାଇଛି। ଏଥିପାଇଁ ପୂଜାପାଠ ଏବଂ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏସିଏଫ୍ ଆଶିଷ କହଁର, କଣ୍ଟାମାଳ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକ, ନାରାୟଣ ପ୍ରସାଦ ସରପଞ୍ଚ ରିତାକାନ୍ତ ମାଝୀ, ସତ୍ୟନାରାୟଣ ମାଝୀ, ଫରେଷ୍ଟର ବରୁଣ ମୁଖୀ, କଣ୍ଟାମାଳ ଫରେଷ୍ଟର ଚନ୍ଦ୍ରଶେଖର ଦାସ, ଘଣ୍ଟାପଡ଼ା ଫରେଷ୍ଟର ବିଜୟ ସାହୁ, ଫରେଷ୍ଟ ଗାର୍ଡ ସୁବଳ ପ୍ରଧାନ, ଆଶିଷ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## କୋସଲ୍ ରାଜ୍ୟ ସମନ୍ୱୟ ସମିତିର କଳା ଦିନ୍

**ମନମୁଣ୍ଡା, ୨।୪(ସମିସ):** ବୌଦ୍ଧ ଜିଲ୍ଲାର କୋସଲ୍ ରାଜ୍ୟ ସମନ୍ୱୟ ସମିତିର ଆବାହକ ପୂର୍ବତନ ସୁବେଦାର ଲଳିତ ସାହୁଙ୍କ ନେତୃତ୍ୱରେ ମନମୁଣ୍ଡାରେ କଳା ଦିନ୍ ପାଳନ କରାଯାଇଛି। କୋସଲ୍ ସଂଗ୍ରାମୀ ରମାକାନ୍ତ ବଘାର, ଅନନ୍ତ ମିଶ୍ର, ଶ୍ରୀକାନ୍ତ ସାହୁ, ସୁବ୍ରତ ଭୋଇ, ଶୁଣ୍ଠେଶ୍ୱର ଅମାତ, ବିଜୟ ଭୋଇ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ରଘୁନାଥ ଜଗଦଳା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

**ବୀରମହାରାଜପୁର, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ଭାବେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳାଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ଜିଲ୍ଲା ବିଜେପି କର୍ମୀ ଓ ତାଙ୍କ



ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତେବେ ସୋନପୁର ଜିଲ୍ଲା ଏକ କୃଷି ପ୍ରଧାନ ଓ ଶିଳ୍ପ ବିହୀନ ଜିଲ୍ଲା। ଜିଲ୍ଲାରେ କୌଣସି ଶିଳ୍ପ କି କୌଣସି ଖଣି ଖାଦାନ ନାହିଁ। ଜିଲ୍ଲାର ବିକାଶ ପାଇଁ ଉଦ୍ୟମ ଜାରି ରଖିବେ ବୋଲି ସେ କହିଛନ୍ତି। କୃଷି, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନା ଗମନ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ସେ କହିଛନ୍ତି। ଭାଜପା ଜିଲ୍ଲା ସଭାପତି ବେଣୁଧର ଦାସ, ଏମ୍‌ପି ନୋମିନି ନଳିନୀ ପଣ୍ଡାଙ୍କ ସହ ବିଜେପିର ସମସ୍ତ ନେତା ଓ କର୍ମୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କର୍ଲାମୁହାଣରେ ପହର ମଣ୍ଡପ ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ

**ତରଭା, ୨।୪(ସମିସ):** ତରଭା ବ୍ଲକ କର୍ଲାମୁହାଣ ଗ୍ରାମରେ ପହର ମଣ୍ଡପ ରତ୍ନମୁଦ ଓ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ସାହୁ ସପତ୍ନୀକ କର୍ତ୍ତା ଥିଲେ। ଗ୍ରାମବାସୀ ନାମ ସଂକୀର୍ତ୍ତନରେ ସାମିଲ ହୋଇଥିଲେ। ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବଳିଖମାର ଗ୍ରାମର ହରେକୃଷ୍ଣ ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ। ଅବନୀ ସାହୁ, ସାରଙ୍ଗ ପଧାନ, ବାସୁଦେବ ସାହୁ, ପ୍ରହ୍ଲାଦ ସାହୁ, ବୃନ୍ଦାବନ ନାଏକ, ଜୟ ପ୍ରକାଶ ନାଏକ, ଦିଲ୍ଲୀପ ପଧାନ, ଗୋବିନ୍ଦ ସାହୁ, ସୁରେନ୍ଦ୍ର ସାହୁ, ଶ୍ରୀକୃଷ୍ଣ ସାହୁ, କୀର୍ତ୍ତନ ସାହୁ, ସୁଦାମ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ୬୬ ବର୍ଷରେ ତେଲିପାଲି ଶ୍ରୀରାମଲୀଳା ମହୋତ୍ସବ



**ବୀରମହାରାଜପୁର, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନ୍ଝିରିଆପାଲି ପଞ୍ଚାୟତର ତେଲିପାଲିରେ ହେଉଥିବା ଶ୍ରୀରାମ ଲୀଳା ମହୋତ୍ସବ ଚଳିତ ବର୍ଷ ୬୬ ବର୍ଷରେ ପହଞ୍ଚିଛି। ଶ୍ରୀରାମ ନବମୀଠାରୁ ଆରମ୍ଭ ଏହି ଶ୍ରୀରାମ ଲୀଳା ମହୋତ୍ସବ ୯ ଦିନ ଧରି ଚାଲିବ। ଗୌରୀଶଙ୍କର ସାହୁ, ଅଚ୍ୟୁତାନନ୍ଦ ସାହୁ, ରାଜଗୋପାଳ ପାଣିଗ୍ରାହୀ, ସରୋଜ ସାହୁ, ରିଙ୍କୁ ସାହୁ, ସୁନୀଲ ସାହୁ ପ୍ରମୁଖ ସହଯୋଗ କରଛନ୍ତି। ବୈଦ୍ୟନାଥ ପାଣିଗ୍ରାହୀ ପୂଜକ ଭାବେ ପୂଜା କାର୍ଯ୍ୟ କରୁଛନ୍ତି। ସିରାଜ ବେହେରା, ମିଳନ ସାହୁ, ଜଗଦୀଶ ଭୋଇ, ନିଖିଳ ସାହୁ, ସନ୍ତୋଷ ପଧାନ, ସୁବାସ ପଧାନ, ଶ୍ରୀଧର ପ୍ରଧାନ, ବ୍ୟାସଦେବ ଗୁରୁ, ଦିଲ୍ଲୀପ ସାହୁ, ସନତ ପୋଢ, ସୁନୀଲ ଗାଇଗରିଆ, ଅରବିନ୍ଦ ଭୁକ୍ତା, ସଞ୍ଜୀବ ଭୁକ୍ତା ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି।

# ପ୍ରସ୍ତାବିତ କଣ୍ଟାମାଳ ଷ୍ଟାଡିୟମକୁ ନେଇ ୧୨ ଘଣ୍ଟିଆ ବନ୍ଦ

**କଣ୍ଟାମାଳ, ୨।୪(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକରେ ଏକ ଷ୍ଟାଡ଼ିୟମ ନିର୍ମାଣ ଲାଗି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏଥିପାଇଁ ୧୯ କୋଟି ଟଙ୍କାର ଟେଣ୍ଡର ହୋଇଛି। ଆଇନ୍ ଅନୁସାରେ ଏହା କଣ୍ଟାମାଳ ବ୍ଲକ ମୁଖ୍ୟାଳୟରୁ ୫ କିମି ଭିତରେ ନିର୍ମାଣ ହେବା କଥା; କିନ୍ତୁ କଣ୍ଟାମାଳଠାରେ ଜାଗା ଥାଇ ମଧ୍ୟ ଏହା ଏଠାରୁ ୧୦ କିମି ଦୂଅ ଅନ୍ୟ ଏକ ଜାଗାରେ କରାଯିବାକୁ ହଡ଼ଯନ୍ତ୍ର ଚାଲିଛି। ଏହାକୁ ନେଇ କଣ୍ଟାମାଳ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏଥିଲାଗି ଗୁରୁବାର ୧୨ ଘଣ୍ଟିଆ କଣ୍ଟାମାଳ ବନ୍ଦ କରାଯାଇଥିଲା। ସକାଳ ୬ରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ, ବଜାର, ଯାନବାହାନ,




ସ୍କୁଲ କଲେଜ ବନ୍ଦ ରହିଥିଲା। ଯଦୁବିହାରୀ ବାଘ, ତରୁଣ କଅଁର, ସନ୍ତୋଷ ବେହେରା, ସଦାଶିବ ମହାନନ୍ଦ, ରିଙ୍କୁ ସାହୁ, ନିତ୍ୟାନନ୍ଦ କର୍ମୀ, ପ୍ରେମ ରଞ୍ଜନ ନାଏକ, ଶଶିକାନ୍ତ ସାହୁ ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ। ବ୍ଲକ ଅଞ୍ଚଳରେ ଯଦି ଷ୍ଟାଡିୟମ୍ ନିର୍ମାଣ ନ ହୁଏ ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଏମାନେ ଚେତାବନୀ ଦେଇଛନ୍ତି।



ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗରେ ଚାଲିଥିବା ରାମଲୀଳାରେ ନାଟକ 'ସୀତା ଚୋରି'

## ରାସ୍ତା ସମସ୍ୟା ନେଇ ଦମଣ୍ଡା ଗୌଡ଼ସାହିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ବୌଦ୍ଧ, ୨।୪(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଦମଣ୍ଡା ଗୌଡସାହି ବାସିନ୍ଦା ନୂତନ ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗୌଡସାହିରେ ୮ ଟି ପରିବାରର ୩୦ ଜଣ ସଦସ୍ୟ ବସବାସ କରୁଛନ୍ତି। ସାହିକୁ ଯାତାୟାତ ପାଇଁ କୌଣସି ରାସ୍ତା ନାହିଁ। ଏହାଫଳରେ ପିଲାମାନେ ସ୍କୁଲ ଯିବା ପାଇଁ କିମ୍ବା ଅନ୍ୟ କୌଣସି କାମରେ ବାହାରକୁ ଯିବାକୁ ବିଲ ହୁଡ଼ା ଦେଇ ଯିବାକୁ ପଡ଼େ। ବର୍ଷା ୪ ମାସ ଛାତ୍ରଛାତ୍ରୀଙ୍କ ପାଠ ପଢ଼ା ଏକ ପ୍ରକାର ବନ୍ଦ ହୋଇଯାଏ। ସାମାନ୍ୟ ବର୍ଷା ହେଲେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା ଏମାନେ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## ପୋଷାକ ପରିଧାନ ଦିବସ

**ବୌଦ୍ଧ, ୨।୪(ସମିସ):** ଓଡିଆ ପକ୍ଷ ଉପଲକ୍ଷେ ବୌଦ୍ଧରେ ପ୍ରଶାସନ ପକ୍ଷରୁ ପାରମ୍ପାରିକ ପୋଷାକ ପରିଧାନ ଦିବସ ପାଳନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ 'ଆମ ପୋଷାକ ଆମ ପରିଚୟ' ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ପ୍ରଭାସ ଚନ୍ଦ୍ର ଦଣ୍ଡସନା ପ୍ରମୁଖ ଉପସ୍ଥିତ ଥିଲେ। ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା, ପାରମ୍ପରିକ ପୋଷାକ ପରିଧାନ କରିବାକୁ ସମସ୍ତେ ମତବ୍ୟକ୍ତ କରିଥିଲେ। ସମସ୍ତେ ପାରମ୍ପରିକ ପୋଷାକ ପରିଧାନ କରିବା ପାଇଁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଙ୍କିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଓ ଶିଶୁ ବିକାଶ ସଚିବଙ୍କ ବୌଦ୍ଧ ଗସ୍ତ



**ବୌଦ୍ଧ, ୨।୪(ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ ଯୁଗ୍ମ ସଚିବ ମୋନାଲିସା ଦେବତା, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟିର କାର୍ଯ୍ୟକ୍ରମ ସଂଯୋଜିକା (ଟ୍ରେନିଂ) ତୃପ୍ତି ଦାସ ଓ ମହିଳା ଓ ଶିଶୁ ବିକାଶ ବିଭାଗର ପରିସଂଖ୍ୟାନ ଅଧିକାରୀ ମମତା ଦାସ ଦିନିକିଆ ବୌଦ୍ଧ ଗସ୍ତ କରିଛନ୍ତି। ଏମାନେ ବୌଦ୍ଧ ଓ ହରଭଙ୍ଗାର ୧୦ଟି ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ।

## ପଦ୍ମାବତୀ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବିରମହାରାଜପୁର, ୨।୪ (ସମିସ):** ସୋନପୁର ଜିଲ୍ଲା ବିରମହାରାଜପୁର ବ୍ଲକ ମୁର୍ଷୁଣ୍ଡି ଗ୍ରାମରେ ସ୍ୱର୍ଗତ କଳ୍ପତରୁ ସାହୁଙ୍କ ପତ୍ନୀ ପଦ୍ମାବତୀ ସାହୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ହୋଇଯାଇଛି। ପଦ୍ମାବତୀ ସାହୁ ଜଣେ ଧର୍ମପରାୟଣା, ମିଷ୍ଟଭାସି ମହିଳା ଭାବେ ପରିଚିତ ଥିଲେ।ପଦ୍ମାବତୀଙ୍କ ଆତ୍ମାର ସଦ୍‌ଗତି କାମନା କରି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଶତାଧିକ ଜନତା ଓ ବନ୍ଧୁ ପରିଜନ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମଧ୍ୟାହ୍ନରେ ଶ୍ରାଦ୍ଧାଞ୍ଜଳି ସଭା ସହ ପ୍ରସାଦସେବନ ହୋଇଥିଲା। ସୂଚନା ଯୋଗ୍ୟ, ପଦ୍ମାବତୀଙ୍କ ମାର୍ଚ୍ଚ ୨୦ ତାରିଖରେ ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

### ରଣ୍ଡିମହୁଲରେ ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

## ଦିବ୍ୟାଙ୍ଗଙ୍କୁ ବିଭିନ୍ନ ଉପକରଣ ବଣ୍ଟନ

**କଣ୍ଟାମାଳ, ୨।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରଣ୍ଡିମହୁଲ ପଞ୍ଚାୟତରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଏବଂ ସହାୟତା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୬୭ ଜଣ ହିତାଧିକାରୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୮ ଜଣଙ୍କୁ ହୁଇଲ ଚେୟାର ସହ ଅନ୍ୟମାନଙ୍କୁ ସହାୟତା ଉପକରଣ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଏସଏସଓ ସୂର୍ଯ୍ୟନାରାୟଣ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ବ୍ଲକର ସିନିୟର କ୍ଲର୍କ ସୁରେଶ ମେହେର, ଅନିଲ ପ୍ରଧାନ ଯୋଗଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ କର୍ମଚାରୀ ମଣ୍ଟୁ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ଉଦିତ ପ୍ରଧାନ, ନୟନ ବାଘ, ରମେଶ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ।



## ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ

**ଜହ୍ନାପଙ୍କ, ୨।୪(ସମିସ):** ବୌଦ୍ଧ ବ୍ଲକ ବ୍ରାହ୍ମଣୀପାଳି ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମର ରୀତା ପ୍ରଧାନଙ୍କୁ ଜହ୍ନାପଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନାରେ ୨ ଲକ୍ଷ ଟଙ୍କାର ବୀମା ଟଙ୍କା ମିଳିଛି। ତାଙ୍କ ସ୍ୱାମୀ ସାଧୁ ପ୍ରଧାନ(୪୦)ଙ୍କ ନାମରେ ବ୍ୟାଙ୍କରେ ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ବାର୍ଷିକ ମାତ୍ର ୪୩୬ ଟଙ୍କା) ରହିଥିଲା। ସାଧୁଙ୍କ ଅକାଳ ମୃତ୍ୟୁରେ ଜହ୍ନାପଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ତାଙ୍କୁ ଏହି ବୀମା ଟଙ୍କା ମିଳିଛି। ବ୍ୟାଙ୍କ ପରିସରରେ ଶାଖା ପରିଚାଳକ କଳ୍ପନା ପ୍ରଧାନ ରୀତାଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ଦେଇଛନ୍ତି। ଏହି ସମୟରେ ବ୍ୟାଙ୍କର ସହକାରୀ ପରିଚାଳକ ସତ୍ୟଜିତ ବେହେରା, ଆସୋସିଏଟ ରାଜୀବ ଲୋଚନ ବେହେରା, ଲକ୍ଷ୍ମୀପ୍ରସାଦ ଗ୍ରାହକ କେନ୍ଦ୍ରର ପରିଚାଳକ ସୁଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାମଲୀଳା ପାଇଁ ଉତ୍ସବମୁଖର ନକଟିକନା

**ତରଭା, ୨।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ନକଟିକନା ଗ୍ରାମରେ ମହାସମାରୋହରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଉତ୍ସବ ପାଳିତ ହେଉଛି। କେଉଁ ଆବାହମାନ କାଳରୁ ଚାଲି ଆସୁଥିବା ଏହି ପର୍ବକୁ ଗ୍ରାମବାସୀ ନିଷ୍ଠାର ସହ ପାଳନ କରୁଛନ୍ତି। ଗ୍ରାମର ଆବାଳ ବୃଦ୍ଧ ବନିତା ସମସ୍ତେ ଗୋଟିଏ ସ୍ଥାନରେ ରୋଷେଇ କରି ପ୍ରଭୁଙ୍କଠାରେ ଭୋଗ ଅର୍ପଣ ପୂର୍ବକ ପ୍ରସାଦ ସେବନ କରନ୍ତି। ରାତିରେ ନାଟକ ସରିଲା ପରେ ପୁଣି ସମସ୍ତେ ଏକତ୍ରିତ ଭାବେ ଉପାୟନ ଭୋଗ ପ୍ରସାଦ ଭାବେ ପାଇଥାନ୍ତି। ୯ ଦିନ ଚାଲିଥିବା ଏହି ଯାତ୍ରାରେ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଠାରୁ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ପର୍ଯ୍ୟନ୍ତ ନାଟକ ପରିବେଷଣ କରାଯାଏ। ବୁଧବାର ଆରଣ୍ୟକ କାଣ୍ଡ ବା ସୀତା ଚୋରି ନାଟକ ଅଭିନିତ ହୋଇଥିଲା।



ସୁରେନ୍ଦ୍ର ମିଶ୍ର, ସାର୍ତ୍ତିକ ଷାଣ୍ଢେ, ବୃନ୍ଦାବନ ଷାଣ୍ଢେ, ଚିନ୍ତାମଣୀ ସେଠି, ନିଳାମ୍ବର କୁଦେଇ, ଅଂଶୁ କୁଦେଇ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ବାଦ୍ୟଯନ୍ତ୍ରରେ ମହେଶ ପ୍ରସାଦ ମିଶ୍ର, ସନ୍ତୟ ଭୁଏ, ଶ୍ରୀମନ୍ତ ମିଶ୍ର ସହଯୋଗ କରୁଛନ୍ତି। ବିକାଶ ମିଶ୍ର, ଦୀପକ ମିଶ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ହନୁମାନ ଜୟନ୍ତୀ ଉତ୍ସବ

**ବୌଦ୍ଧ, ୨।୪(ସମିସ):** ବୌଦ୍ଧ ସହର ମହାନଦୀ ମଧ୍ୟସ୍ତ ଶ୍ରୀ ଶ୍ରୀ ସିଦ୍ଧ ହନୁମାନ ମନ୍ଦିରଠାରେ ଶ୍ରୀ ହନୁମାନ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ଧ୍ୱଜା ରୋପଣ ପରେ ସ୍ନାନ, ସୂର୍ଯ୍ୟପୂଜା, କଳସ ଯାତ୍ରା, ହନୁମାନଙ୍କ ଚଳନ୍ତି ପ୍ରତିମା ନେଇ ସହର ପରିକ୍ରମା, ଶୁଭ କଳସ ସ୍ଥାପନ, ୧୦୮ ସାମୂହିକ ହନୁମାନ ଚାଳିଶାପାଠ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା। ପୂଜକ ବିଭୁତି ଶଙ୍କର ପାଢ଼ୀ, ଯଜ୍ଞ ଆଚାର୍ଯ୍ୟ ଭାବେ ଅଙ୍ଗିରା ମିଶ୍ର, ଗରିବ ମିଶ୍ର, ମାନସ ରଞ୍ଜନ ମିଶ୍ର, କୃଷ୍ଣଚନ୍ଦ୍ର ଶତପଥୀ ଦାୟିତ୍ୱ ତୁଲାଇ ଥିଲେ। ମୁଖ୍ୟ କର୍ତ୍ତା ଭାବେ ରାଧେଶ୍ୟାମ ସାହୁ, ଅନ୍ୟତମ କର୍ତ୍ତା ଭାବେ ଉମେଶ ବାଘ ଓ ତାଙ୍କ ପତ୍ନୀ ପଙ୍କଜିନୀ ଷାଣ୍ଢେ ଦାୟିତ୍ୱ ତୁଲାଇଥିଲେ। ଅନିଲ ଦଲାଲ, ବିଶ୍ୱଜିତ ମିଶ୍ର, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ରଘୁନାଥ ଷଡ଼ଙ୍ଗୀ, ଗଜେନ୍ଦ୍ର ସାହୁ, ସଭାପତି କୃତ୍ତିବାସ ପଲିଆ, ଉପସଭାପତି ରାଜ କୁମାର ସାହୁ, ସମ୍ପାଦକ ସରୋଜ ସାହୁ, ସହ ସମ୍ପାଦକ ଶଙ୍କର ସାହୁ, କୋଷାଧ୍ୟକ୍ଷ ରାଧେଶ୍ୟାମ ସାହୁ, କାର୍ଯ୍ୟକାରୀ ସଦସ୍ୟ ନାରାୟଣ ପ୍ରଧାନ, ସନ୍ତୋଷ ମେହେର, ସଞ୍ଜୀବ ମେହେର, ଗୋପାଳ ମେହେର, ବିକାଶ ଭଞ୍ଜ, ସଞ୍ଜୟ ମହାରଣା ପ୍ରମୁଖ ସହଯୋଗ କରିଥିଲେ।



## ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ




**ପଲଶାଗୋରା, ୨।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳୀ, ସରପଞ୍ଚ ସୌଦାମିନୀ ମଲ୍ଲିକ, ବିଆରସିସି ଦୁର୍ଗାଚରଣ ପ୍ରଧାନ, ଏବିଇଓ ନୀଳମଣି ପଣ୍ଡା, ସିଆରସିସି ହୃଦାନନ୍ଦ ଦନ୍ତା, ବାଳିକା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମିଥୁନ ମହାକୁଡ, ଦାମୋଦର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ତ୍ରିପୁରା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ତୀରନ୍ଦାଜୀ ପ୍ରତିଯୋଗିତାରେ ଭାଇଭଉଣୀଙ୍କ ସଫଳତା

**ବୌଦ୍ଧ, ୨।୪(ସମିସ):** ଆନ୍ଧ୍ରପ୍ରଦେଶର ଗୁଣ୍ଟୁରରେ ୧୫ତମ ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତା ଆୟୋଜିତ ହୋଇଛି। ଓଡ଼ିଶା ଦଳର ୧୫ ବର୍ଷରୁ କମ୍ ବଳକ ବିଭାଗ ଇଣ୍ଡିଆନ ରାଉଣ୍ଡ ତିରନ୍ଦାଜୀ ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାର ଦୁର୍ଗାଦତ୍ତ ମେହେର (ମନୀଷ) ଭାଗ ନେଇଛନ୍ତି। ଓଡ଼ିଶା ଦଳକୁ ବିଜୟୀ କରି ସେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ କାଂସ୍ୟ ପଦକ ମିଳିଛି। ସେହିପରି ତାଙ୍କ ବଡ ଭଉଣୀ ଟେନିଶା ମେହେର ଗତ ଜାନୁଆରୀରେ ଭାରତ ସରକାରଙ୍କ ଦ୍ୱାରା ଝାଡ଼ଖଣ୍ଡର ରାଞ୍ଚିରେ ଆୟୋଜିତ ବିଦ୍ୟାଳୟ ସ୍ତରୀୟ ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ। ଉଭୟ ବୁଟୁପାଲିର ଇନ୍ଦ୍ରମଣି ମେହେର ଓ ସନ୍ତୋଷିନୀ ମେହେରଙ୍କ ପୁଅଝିଅ। ଦୁର୍ଗାଦତ୍ତ କେନ୍ଦୁଝର ଧରଣୀଧର କ୍ରୀଡା ଛାତ୍ରାବାସରେ ରହୁଛନ୍ତି। ସେ କ୍ରୀଡା ପ୍ରଶିକ୍ଷକ ଜବାହାରଲାଲ ସିଂଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ସେହିପରି ଟେନିଶା ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ଛାତ୍ରାବାସରେ ରହୁଛନ୍ତି। ସେ ପ୍ରଶିକ୍ଷକ ନାରାୟଣ ବାନାରାଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।



# ବୌଦ୍ଧ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ





**ବୌଦ୍ଧ, ୨।୪(ସମିସ)**

ବୌଦ୍ଧରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଡେପୁଟି କଲେକ୍ଟର ଅଙ୍କିତା ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳକିଶୋର ସାମଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର, କବିୟିତ୍ରୀ ମଞ୍ଜୁପ୍ରଭା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଣ୍ଟିମାଲ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରମୋଦ ପ୍ରଧାନ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅନ୍ୱେଷା ମିଶ୍ର ଏବଂ ପୁରସ୍କାର ବିତରଣରେ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନବ କିଶୋର ଦୀପ ପରିଚାଳନା କରିଥିଲେ। ଅକ୍ଷୟ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଟାଉନ ହଲ୍‌ରେ ଡାକଟିକଟ ଏବଂ ସ୍ୱତନ୍ତ୍ର ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପିଠାପଣାପ୍ରତିଯୋଗିତାରେ ପ୍ରତ୍ୟୁଷା ପ୍ରିୟଦର୍ଶିନୀ, ଆରୋହୀ ସେଠୀ, ଦୀପିକା ମିର୍ଦ୍ଧା, ଲୀଳାବତୀ ବେହେରା, ଜ୍ୟୋତ୍ସ୍ନାମୟୀ ପଣ୍ଡା, ପି. ସସ୍ମିତା ପାତ୍ର ସମ୍ବର୍ଦ୍ଧିତ ହୋଇଥିଲେ। ଆରକ୍ଷୀ ନିରୀକ୍ଷକ ନଳିନୀକାନ୍ତ ଦାସ, ଯଶୋବନ୍ତ କହଁର, ପ୍ରାଣବନ୍ଧୁ ସାହୁ, ରଞ୍ଜନ ମହାପାତ୍ର, ଶିକ୍ଷକ ନବକିଶୋର ଦୀପ, ଡାକ ଟିକଟ ପାଇଁ ବିଶ୍ୱନାଥ ମିଶ୍ର, ସନ୍ତରଣ ନିମନ୍ତେ ସୁଶ୍ରୀ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ତୀରନ୍ଦାଜି ନିମନ୍ତେ ସୁରଜ ମେହେର ଓ ପ୍ରାଚୀ ପ୍ରଭା ମେହେର, ଶିକ୍ଷା ପୁରସ୍କାର ନିମନ୍ତେ ଗୋପାଳ ଅମାତ, ଓଡିଶୀ ନୃତ୍ୟ ନିମନ୍ତେ ପ୍ରୀତିପ୍ରଜ୍ଞା ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ବଙ୍କାପଡ଼ା ଉ. ପ୍ରା. ବିଦ୍ୟାଳୟ, ବାପୁଜୀନଗର ସରକାରୀ ଉ ପ୍ରା ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରସରା ପିଏମ୍‌ଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜମିଲା ଘୋରଡ଼ିଆ ପ୍ରସିଦ୍ଧ ଦୟଣା ଚୋରି ମେଳଣ

# ମଣ୍ଡପାରୁଢ଼ ହେଲେ ଦୁଇ ଠାକୁରଙ୍କ ସୁଦୃଶ୍ୟ କୁଞ୍ଜ ବିମାନ

ଡେଲାଙ୍ଗ,୨।୪(ସମିସ)



ଘୋରଡ଼ିଆର ପ୍ରସିଦ୍ଧ ଦୟଣା ଚୋରି ଯାତ୍ରାର ଜମାଣ ଉତ୍ସବ ବୁଧବାର ମଧ୍ୟରାତ୍ରରୁ ଆନନ୍ଦ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଉରିଆରେ ବିଜେ ଶ୍ରୀରାଧାକାନ୍ତ ଦେବ ଓ ଘନିପୁରରେ ବିଜେ ଶ୍ରୀରାଧାମୋହନ ଦେବ ୨ଟି ପୃଥକ୍ ସୁସଜ୍ଜିତ କୁଞ୍ଜ ବିମାନରେ ନିଜ ନିଜ ଆସ୍ଥାନରୁ ଶୋଭାଯାତ୍ରାରେ ଆସି ଘୋରଡ଼ିଆ ବଜାରସ୍ଥିତ ଦୟଣା ବାଡ଼ିରେ ପହଞ୍ଚିଥିଲେ। ପରେ ଶ୍ରୀଜୀଉଙ୍କ ଦୟଣା ଚୋରି ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉଙ୍କ ଅତ୍ୟନ୍ତ ପ୍ରିୟ ଦୟଣା ପତ୍ର ଚୋରି ହୋଇଥିବା ଅଭିଯୋଗରେ ବଗିଚାର ମାଳି କଳ୍ପିତ କାରାରୁଦ୍ଧ ହୋଇଥିଲେ ଓ ଶୂନ୍ୟବାଣୀରେ ମାଳିକୁ କାରାମୁକ୍ତ କରାଯିବା ପରମ୍ପରା ପ୍ରଦର୍ଶନ କରାଯାଇଥିଲା। ୧ ତାରିଖ ମଧ୍ୟରାତ୍ରରୁ ୪ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରସିଦ୍ଧ ଯାତ୍ରାର ପ୍ରତ୍ୟହ ଅପରାହ୍ଣ ଓ ସନ୍ଧ୍ୟାରେ ଦୟଣାଚୋରି ଲୋକ ମହୋତ୍ସବ କମିଟି ପକ୍ଷରୁ ଆଧ୍ୟାତ୍ମିକ ସଙ୍ଗୀତ ଓ ଭଜନ କାର୍ଯ୍ୟକ୍ରମ କରାଯାଉଛି।

ମେଳଣର ସ୍ଥାନାଧିପତି ଶ୍ରୀରାଧାମୋହନ ଦେବଙ୍କ ଆମନ୍ତ୍ରଣ କ୍ରମେ ସାଉରିଆର ଶ୍ରୀରାଧାକାନ୍ତ ଦେବ ଏହି ମେଳଣରେ ମିଳିତ ହୋଇଥାନ୍ତି। ଏଥିପାଇଁ ପୁରୀ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପକ୍ଷରୁ ପ୍ରତିବର୍ଷ ଦୁର୍ଲଭ ଦୟଣା ଚାରା ଶ୍ରୀରାଧାକାନ୍ତଙ୍କ ମଠକୁ ଯୋଗାଇ ଦିଆଯାଇଥାଏ। ପୂର୍ବେ ଏହି ଯାତ୍ରା ୧୫ ଦିନ ପର୍ଯ୍ୟନ୍ତ ଲାଗି ରହୁଥିଲା। ଚାଷୀ ଓ ଗୃହକର୍ତ୍ତାମାନେ ବର୍ଷକ ପାଇଁ ଘରକରଣା ସାମଗ୍ରୀ ଏହି ମେଳଣରୁ କ୍ରୟ କରୁଥିଲେ। ଏବେ କିନ୍ତୁ ଏହି ମେଳଣ ୪ ଦିନ ପାଇଁ ହେଉଛି। ଶ୍ରୀରାଧାକାନ୍ତ ମଠର ଟ୍ରଷ୍ଟି ଦେବବ୍ରତ ପଟ୍ଟନାୟକ, ପରିଚାଳକ ଦୁଃଶାସନ ମଙ୍ଗରାଜ, ଶ୍ରୀରାଧାମୋହନ ମଠ ପରିଚାଳକ ପ୍ରହ୍ଲାଦ ବଳିୟାରସିଂହ ଓ ସଭାପତି ବିଧାନ ଚନ୍ଦ୍ର ରାୟ, ଦୟଣାଚୋରି ଲୋକ ମହୋତ୍ସବ ପରିଷଦର ସଭାପତି ସମାଜସେବୀ ଶଶୀଶେଖର ରାୟ, ଦୁର୍ଯ୍ୟୋଧନ ସାହୁ, କମୁର ମହମ୍ମଦ, ଅବ୍‌ଦୁଲ୍ ୱାହିଦ ଖାଁ, ପ୍ରସନ୍ନ ସାହୁ, ରଙ୍କନିଧି ବେହେରା, ତ୍ରିନାଥ ସାମନ୍ତରାୟ, ଅର୍ଜୁନ ପାଲ୍, ରାଜକିଶୋର ବେହେରା ପ୍ରମୁଖ ମେଳଣ ଶୋଭାଯାତ୍ରା ପରିଚାଳନା କରିଥିଲେ। ପୁରୀ ଜିଲ୍ଲାର ସର୍ବ ବୃହତ୍ତମ ଗ୍ରାମ ଘୋରଡ଼ିଆରେ ବସବାସ କରୁଥିବା ଦୁଇ ସମ୍ପ୍ରଦାୟର ଲୋକଙ୍କ ମିଳିତ ସହଯୋଗରେ ଶ୍ରୀଜୀଉଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଆକର୍ଷଣୀୟ "ତଗା' ସହ ବିଭିନ୍ନ ସାହିରୁ ଆସିଥିବା ପ୍ରଜ୍ଞାପନ ମେଢ଼ ମେଳଣ ମଣ୍ଡପରେ ପ୍ରଦର୍ଶିତ ହୋଇଛି। ଆଖପାଖ ପ୍ରାୟ ୪୦ଟି ଗ୍ରାମର ଶ୍ରଦ୍ଧାଳୁ ମେଳଣରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ଭୋଗଲାଗି କରିବାର ସୁଯୋଗ ପାଉଛନ୍ତି।

## ମା' ମଙ୍ଗଳାଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି



କଣାସ,୨।୪(ସମିସ): କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତ ଜଳିଆପଡ଼ା ଗ୍ରାମରେ ପ୍ରତିଷ୍ଠିତ ଓଡ଼ିଶା ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ମା' ମଙ୍ଗଳାଙ୍କ ମାତୃଶକ୍ତି ପୀଠରେ ଗତ ୩୦ ତାରିଖଠାରୁ ଆରମ୍ଭ ହୋଇଥିବା ଚଇତି ପର୍ବ ଓ ଚତୁର୍ବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମ୍ପାଦିତ ହୋଇଥିଲା। ୪ ଦିନ ଧରି ଅଙ୍କୁରୋପଣ, ମଣ୍ଡଳକରଣ, ଜଳଯାତ୍ରା, ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଅଭିଷେକ, ଯଜ୍ଞାହୁତି ଓ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କଳସ ଯାତ୍ରାରେ ରାଜ୍ୟରୁ ବିଭିନ୍ନ ସ୍ଥାନରେ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ପ୍ରତ୍ୟହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ମା'ଙ୍କ କାଳିସୀ ସୁରେନ୍ଦ୍ର ପଣ୍ଡା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ କଣାସ ଦମକଳ ବାହିନୀ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପାନୀୟ ଜଳ ଯୋଗାଣର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବାଇଦେଇ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ଚାରିଛକ,୨।୪(ସମିସ): ନିମାପଡ଼ା ବ୍ଲକ୍ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଅନ୍ତର୍ଗତ ଗଡ଼ ଅମରପ୍ରସାଦ ଗ୍ରାମର ୮ମ ବାର୍ଷିକ ବାଇଦେଇ ମହୋତ୍ସବ ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ସାଇବାବାଙ୍କ ପାଲିଙ୍କି ଯାତ୍ରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ବନ୍ଦେ ମାତରମ୍‌ରେ ଦର୍ଶକ ବିଭୋର ହୋଇପଡ଼ିଥିଲେ। ପରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଜେଡି ନେତା ସୁବ୍ରତ ଛାଟୋଇ, ନିମାପଡ଼ା ବ୍ଲକ୍ ବିଜେଡି ସଭାପତି ଭାଗ୍ୟଧର ଖଟୋଇ, ୨୧ନଂ ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ନାୟକ, ୨୦ନଂ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ମଲ୍ଲିକ, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ନାଥ ଦାଶ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରାଜ କିଶୋର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୂରଲୀଧର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବ ଏକତାର ମୂଳମନ୍ତ୍ର, ମହୋତ୍ସବ ଲୋକଙ୍କ ଭିତରେ ଥିବା ଭେଦଭାବ, ମନୋମାଳିନ୍ୟ ଭୁଲି ଏକତ୍ରିତ ହେବାର ଏକ ମାଧ୍ୟମ। ଏଲ୍‌ବି ପ୍ରେଣ୍ଡ୍‌ସ ଡ୍ୟାନ୍ସ ଏକାଡେମୀ ନୟାହାଟ ଏବଂ ଫ୍ୟୁଜନ ଡ୍ୟାନ୍ସ ଗ୍ରୁପ୍ ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ଓ ଡ. ମନମୋହନ ଶର୍ମା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସାଇ ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ।

## ଚରମ ସୀମାରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ

# ପୁଲିସକୁ ବନ୍ଧୁକ ଦେଖାଇ ଧମକ



**ଜେସିବି ସହ ଦେଶୀ ବନ୍ଧୁକ ଓ ଅଫୁଟା ଗୁଳି ଜବତ; ୩ ଗିରଫ**

ପିପିଲି,୨।୪(ସମିସ): ପିପିଲି ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନକୁ କେନ୍ଦ୍ର କରି ବାଲି ମାଫିଆଙ୍କ ଦୌରାତ୍ମ୍ୟ ଭୟଙ୍କର ରୂପ ନେଉଛି। ବେଆଇନ ବାଲି ଉତ୍ତୋଳନ ସହିତ ପୁଲିସ ଟିମ୍‌କୁ ଦେଶୀ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେବା, ସରକାରୀ କାର୍ଯ୍ୟରେ ବାଧା ଦେବା ଓ ଗାଳିଗୁଲଜ କରିବା ଭଳି ଗୁରୁତର ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଭୋର୍ ପ୍ରାୟ ୪ଟା ବେଳେ ପିପିଲି ଥାନା ପୁଲିସ ପାରିଜହଁର ଅଞ୍ଚଳର ଏକ ବାଲି ଘାଟରେ ବେଆଇନ ବାଲି ଉତ୍ତୋଳନ ହେଉଥିବା ଗୁପ୍ତ ସୂଚନା ପାଇ ଚଢ଼ଉ କରିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସେଠାରେ ଏକ ଜେସିବି ମେସିନ୍ ଦ୍ୱାରା ଖୋଲାଖୋଲି ବାଲି ଉଠାଯାଉଥିବା ଓ କିଛି ଲୋକ ଏକତ୍ରିତ ହୋଇ ଏହି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଦେଖିବାକୁ ମିଳିଥିଲା। ପୁଲିସ ଟିମ୍ ଜେସିବିକୁ ଅଟକାଇ ଉପସ୍ଥିତ ଲୋକମାନଙ୍କୁ ପଚରାଉଚରା କରିଥିଲାବେଳେ ସେମାନେ ପୁଲିସକୁ ଦେଶୀ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତଥାପି ପୁଲିସ ତତ୍ପରତା ଓ ସାହସ ଦେଖାଇ ଘଟଣାସ୍ଥଳରୁ ୩ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ପିପିଲି ଥାନା ଅଞ୍ଚଳର ବାବୁଲୁ ଜେନା (୨୩), ପବିତ୍ର ଜେନା (୩୪), ସୁବ୍ରତ ମଲ୍ଲିକ (୨୧)। ଅନ୍ୟପଟେ ପୁଲିସ ଜେସିବି ମେସିନ୍‌କୁ ଜବତ କରିବା ସହ ଅଭିଯୁକ୍ତମାନଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଓ ଏକ ଜୀବନ୍ତ ଗୁଳି ଜବତ କରିଥିଲା। ଏହି ଘଟଣାକୁ ନେଇ ପିପିଲି ଥାନାରେ କେସ୍ ନମ୍ବର ୨୧୮/୨୬ରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ସର୍ବଭାରତୀୟ ଗଙ୍ଗେଶ୍ୱରୀ ମହୋତ୍ସବ

# ନୃତ୍ୟ ସଙ୍ଗୀତରେ ବିମୋହିତ ଦର୍ଶକ



ଗୋପ,୨।୪(ସମିସ): ଚୈତ୍ର ମାସ ଶେଷ ଗୁରୁବାର ମା' ଗଙ୍ଗେଶ୍ୱରୀଙ୍କ ଝାମୁଯାତ୍ରା ଅବସରରେ ବୟାଳିଶବାଟି ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ପ୍ରଥମ ଗଙ୍ଗେଶ୍ୱରୀ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସର୍ବଭାରତୀୟ ଗଙ୍ଗେଶ୍ୱରୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଗୁରୁ ଆଲୋକ ଦାସଙ୍କ ସଂଯୋଜନା ଓ ବୟାଳିଶବାଟି ସାଂସ୍କୃତିକ ପରିଷଦର ସଭାପତି ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସମାରୋହରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀମାନେ ଭଜନ, ଓଡ଼ିଶୀ, କୁଚିପୁଡ଼ି ଓ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏକ ସୁଶୋଭିତ ମଞ୍ଚରେ ପୂର୍ବାହ୍ଣ ୧୦ଟାରେ ସ୍ଥାନୀୟ ନୂତନ ପ୍ରତିଭାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିରୂପେ ଶିକ୍ଷାବିତ୍ ବିଜୟ କୁମାର ମହାନ୍ତି, ସମ୍ମାନିତ ଅତିଥିରୂପେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ସମାଜସେବୀ ଶରତ ଚନ୍ଦ୍ର ରାଉତରାୟ, ଇଂ ରବୀନ୍ଦ୍ରନାଥ ସାହୁ ଓ ସମାଜସେବୀ ରାମକୃଷ୍ଣ ମହାନ୍ତି ଯୋଗଦେଇ ମା' ଗଙ୍ଗେଶ୍ୱରୀଙ୍କ ମହିମା ଗାନ କରିଥିଲେ। ଏହି ଅବସରରେ ବରିଷ୍ଠ କଣ୍ଠଶିଳ୍ପୀ ଅଶ୍ୱିନୀ କୁମାର ମହାନ୍ତି, ଗୁରୁ ପ୍ରଶାନ୍ତ କୁମାର ସାମଲ, ଡ. ସୁଶିଳ କୁମାର ପଟ୍ଟନାୟକ, ଗୁରୁ ଉମେଶ ଚନ୍ଦ୍ର ଦାସଙ୍କୁ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ଓଡ଼ିଶୀ ନୃତ୍ୟାଚାର୍ଯ୍ୟ ଗୁରୁ ହରେକୃଷ୍ଣ ପାଢ଼ୀଙ୍କୁ ମରଣୋତ୍ତର ସମ୍ମାନ ପଦାନ କରାଯାଇଥିଲା।

## ଖଡ଼ିଛୁଆଁ ଓ ମାତୃପୂଜନ କାର୍ଯ୍ୟକ୍ରମ



କଣାସ,୨।୪(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ଅଡାଳ ବଡାଳଠାରେ ଅବସ୍ଥିତ ଆଶୀର୍ବାଦ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରବେଶ ଉତ୍ସବ ଉପଲକ୍ଷେ ଖଡ଼ିଛୁଆଁ, ମାତୃପୂଜନ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜମେଶ୍ୱର ରଣଜିତ୍‌ଙ୍କ ସଭାପତିତ୍ୱରେ ଏକ ସଭା ମଧ୍ୟରେ ବିଜୟ ପ୍ରଧାନ, ଅଜୟ ସେଠୀ, ସର୍ବେଶ୍ୱର ଜେନା, ଦିଲ୍ଲୀପ ଶ୍ରୀଚନ୍ଦନ, ଅଜୟ କୁମାର ବଳିଆରସିଂହ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଫୁଲ, ଚନ୍ଦନ, ଧୂପ ଦେଇ ମିଠା ଖୁଆଇ ମାଆମାନଙ୍କୁ ପୂଜା କରିଥିଲେ।

## ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ




ନିମାପଡ଼ା,୨।୪(ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଗୋପାଳପୁର ଛକସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ୍ ସ୍କୁଲର ୨୨ତମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ଅତିଥି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ସରପଞ୍ଚ ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସୁଦର୍ଶନ ଭୋଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୁବ ସାମ୍ବାଦିକ ବିକାଶ ଚନ୍ଦ୍ର ବାରିକ ଯୋଗଦେଇ ଶିକ୍ଷାର୍ଥୀଙ୍କ ଜୀବନରେ ଶୃଙ୍ଖଳା ଓ ଦେଶପ୍ରେମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ କୁମାର ବେହେରା ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ଖଟୋଇ ମଞ୍ଚାସୀନ ହୋଇ ଶିଶୁ ସୈନିକମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଶିଶୁ ସୈନିକଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଶେଷ କରି ବିଦ୍ୟାଳୟର ସମ୍ପାଦକ ବିରଞ୍ଜନ ମଲ୍ଲିକ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ ଅର୍ଥରାଶି ପ୍ରଦାନ କରିଥିବା ସହ ବରିଷ୍ଠ ସାମ୍ବାଦିକ ବିଚିତ୍ରାନନ୍ଦ ସାହୁଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ 'ଅପରେସନ୍ ସିନ୍ଦୂର' ଓ 'ପରି ନୃତ୍ୟ' ଦର୍ଶକଙ୍କୁ ବିମୋହିତ କରିଥିଲା।

## ମା' ଚାଟଖାଇଙ୍କ ଝାମୁ ଯାତ୍ରା




ନୟାହାଟ,୨।୪(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତ ନରସିଂହପୁର ହାଟରେ ମା' ଚାଟଖାଇଙ୍କ ନିକଟରେ ଗୁରୁବାର ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଘଣ୍ଟପାଟୁଆମାନେ ସ୍ଥାନୀୟ ପ୍ରାଚୀ ନଦୀରୁ କଳସରେ ପାଣି ତୋଳି ଆସି ନିଆଁରେ ଚାଲିଥିଲେ। ଏଠାରେ ୧୨ ଗାଦି ଦୋଳ ରାତିରେ ଭୋଗ ଖାଇବା ସହିତ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସମାଜସେବୀ ଅଭିମନ୍ୟୁ ସିଂହ ପ୍ରକାଶ କରିଛନ୍ତି। ଚାଟଖାଇ ଝାମୁ ଯାତ୍ରା ୫୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସେବକ ଲକ୍ଷ୍ମୀଧର ପାଢ଼ୀ, କପିଳ ପାଢ଼ୀ, ଭଗବାନ ପାଢ଼ୀ, ପ୍ରତାପ ପାଢ଼ୀ, ମନୋରଞ୍ଜନ ପାଢ଼ୀ, ଛବୀନ୍ଦ୍ର ପାଢ଼ୀ, ବିଜୟ ପାଢ଼ୀ ପ୍ରମୁଖ ପ୍ରକାଶ କରିଛନ୍ତି। ଉକ୍ତ ଅନୁଷ୍ଠାନର ସଭାପତି କୃଷ୍ଣ ଚନ୍ଦ୍ର ସ୍ୱାଇଁ ଓ କୋଷାଧ୍ୟକ୍ଷ ଚନ୍ଦନ ମହାନ୍ତିଙ୍କ ସହଯୋଗରେ ଯାନିଯାତ୍ରା ୪ ଦିନ ଧରି ଧୁମ୍‌ଧାମରେ ପାଳନ ହେବ ବୋଲି ପ୍ରକାଶ କରିଛନ୍ତି।

## ନୟାହାଟ ଉଚ୍ଚ ବିଦ୍ୟାଳୟରେ ଜଳିଲା ବିଦ୍ୟୁତ୍

**ସକାଳ ପ୍ରଭାବ**

ନୟାହାଟ,୨।୪(ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦୁଇଦିନ ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ଯୋଗୁଁ ୭୦୦ ଛାତ୍ରଛାତ୍ରୀ ପାଠପଢ଼ା ଓ ପିଇବା ପାଣିରୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ ଗୁରୁବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଅସ୍ତରଙ୍ଗର ସମାଜସେବୀ ଅମୟରଞ୍ଜନ ବାରିକ 'ସକାଳ' ଖବର କାଗଜକୁ ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ ମାଧ୍ୟମରେ ଜଣାଇଥିଲେ। ଗୁରୁବାର ଅପରାହ୍ଣ ୪ଟାରେ ବିଦ୍ୟୁତ୍ ସଂଯୋଗ ହୋଇଥିଲା ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ ମହାନ୍ତି ପ୍ରକାଶ କରିଛନ୍ତି। 'ସକାଳ' ଖବର କାଗଜକୁ ସହକାରୀ ଶିକ୍ଷକ ପ୍ରଫୁଲ୍ଲ ମିଶ୍ର ଧନ୍ୟବାଦ୍ ଜଣାଇବା ସହିତ ଉକ୍ତ ଖବର ପରିବେଷଣ ଫଳରେ ଆମେ ଲାଇନ୍ ପାଇଲୁ ବୋଲି ଆମ ପ୍ରତିନିଧିଙ୍କୁ ଜଣାଇଥିଲେ।

## ଉତ୍କଳ ଦିବସ ସମାରୋହ

# 'ଓଡ଼ିଆତ୍ୱ ଆମ ଆଚରଣରେ ପ୍ରତିଫଳିତ ହେଉ'

କୋଣାର୍କ,୨।୪(ସମିସ)





ଭାରତ ବର୍ଷରେ ପ୍ରଥମ ଭାଷାଭିତ୍ତିକ ରାଜ୍ୟଭାବରେ ଓଡ଼ିଶାର ପରିଚିତିକୁ ନେଇ ଆମେ ଗର୍ବିତ। ଓଡ଼ିଶାର ଇତିହାସ, ଐତିହ୍ୟ, ଭାଷା, ସାହିତ୍ୟ, ପରମ୍ପରା ଓ ସଂସ୍କୃତିରୁ ଓଡ଼ିଆ ଜାତିର ମହନୀୟତା ପ୍ରତିପାଦିତ। ତେବେ ବାହ୍ୟ ସଭ୍ୟତା ଓ ସଂସ୍କୃତି ଦ୍ୱାରା ପ୍ରଭାବିତ ଓଡ଼ିଆଙ୍କ ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଓଡ଼ିଆ ଜାତି ଯେ ଆଜି ଆତ୍ମବିସ୍ମୃତ, ଏଥିରେ ସନ୍ଦେହ ନାହିଁ। ଓଡ଼ିଆ ଜାତିର ସ୍ୱାଭିମାନର ସୁରକ୍ଷା ପାଇଁ ଓଡ଼ିଆତ୍ୱ ଖାଲି ଉଚ୍ଚାରଣ ନୁହେଁ, ଆମ ଆଚରଣରେ ପ୍ରତିଫଳିତ ହେବା ଜରୁରୀ ବୋଲି ଉତ୍କଳ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାରର ମିଳିତ ଆନୁକୂଲ୍ୟରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବସନ୍ତମଞ୍ଜରୀ ପାଠାଗାରର ସମ୍ପାଦକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଇତିହାସ ସମ୍ପର୍କରେ ଅବଗତ କରିବା ସହିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଅର୍କଶ୍ରୀ ସମ୍ପାଦକ ଉମେଶ ସ୍ୱାଇଁଙ୍କ ସଂଯୋଜନା ଓ ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍କଳ ଦିବସ ସମାରୋହ ଓ ପଖାଳ ପଙ୍ଗତ କାର୍ଯ୍ୟକ୍ରମରେ ଅତିଥିରୂପେ ସମାଜସେବୀ ରମାକାନ୍ତ ସାହୁ, ମହିଳା ସଂଗଠିକା ମିନାକ୍ଷୀ ପୃଷ୍ଟି, ଶିକ୍ଷାବିତ୍ ଦିଲ୍ଲୀପ କୁମାର ଜେନା, ଶିକ୍ଷୟିତ୍ରୀ ମନୋରମା ମିଶ୍ର, ଶିକ୍ଷାବିତ୍ ଦିଲ୍ଲୀପ କୁମାର ଜେନା ଓ କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ଉତ୍କଳ ସହିତ ପଖାଳର ନିବିଡ଼ତା ସମ୍ପର୍କରେ ଆଲୋଚନା କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। କୋଣାର୍କ ନାଟ୍ୟମଣ୍ଡପର ଗୁରୁ ଜୟକୃଷ୍ଣ ନାୟକ, ଯୋଗାଚାର୍ଯ୍ୟ ବାମଦେବ ଆଲୁକ, ସୁରେଶ ନାୟକ, ସବିତା ରଥ, ରାନୁ ରାଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବଲଙ୍ଗା:** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତି ଅବସରରେ ଭାର୍ଗବୀ ସାହିତ୍ୟ ସଂସଦର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ନିଗମାନନ୍ଦ ବିଦ୍ୟାନିକେତନ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଶିଶୁ କବି ସୁରେନ୍ଦ୍ର ନାଥ ପଣ୍ଡା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ଗଙ୍ଗାଧର ପ୍ରଧାନ, ପ୍ରସନ୍ନ ଶତପଥି, ଭରତ କୁମାର ମିଶ୍ର, କୈଳାସ ଚନ୍ଦ୍ର ଶତପଥୀ, ପ୍ରଦୋଷ ପତି, ସରୋଜ କୁମାର ଦେଓ, ଦୁର୍ଯ୍ୟୋଧନ ସ୍ୱାଇଁ, ଅଶୋକ ବେହେରା, ଶଙ୍କର ବିଶ୍ୱାଳ, କିରଣ ପ୍ରଜ୍ଞାଦେଓ, ସୁଷମା ସାହୁ ପ୍ରଭୃତି ଯୋଗଦେଇଥିଲେ। ହେମନ୍ତ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

**ସାକ୍ଷୀଗୋପାଳ :** ଜନ ଶିକ୍ଷଣ ସଂସ୍ଥାନ ପୁରୀ ତରଫରୁ ଭଟ୍ଟପୁର କାଦୁଆସ୍ଥିତ କୋଠଘରେ ଉତ୍କଳ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସଂସ୍ଥାନର କାର୍ଯ୍ୟକ୍ରମ ଅଧିକାରୀ ଶଶିଭୂଷଣ ଦତ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବଲଙ୍ଗା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ପ୍ରଦୋଷ କୁମାର ପତି, ମୁଖ୍ୟବକ୍ତା ଭାବେ କୈଳାଶ ଚନ୍ଦ୍ର ଶତପଥୀ ଯୋଗଦେଇଥିଲେ। ଏହି ଉତ୍ସବରେ ଡ. ପତି ସ୍ୱତନ୍ତ୍ର ଓଡ଼ିଶା ଗଠନରେ ତତ୍କାଳୀନ ମୟୂରଭଞ୍ଜ ରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ସାନଖେମୁଣ୍ଡି ରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ସହିତ ମହାନ ପୁରୁଷ ଉତ୍କଳ ଗୌରବ ମଧୁସୂଦନ ଦାସ, ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଆଦିଙ୍କ ପ୍ରଚେଷ୍ଟା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଶ୍ରୀ ଶତପଥୀ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା, ଭବିଷ୍ୟତ ତଥା ଉନ୍ନତିରେ ଆମେ କିଭଳି ଅଗ୍ରସର ହେବା ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ତତ୍ ସହିତ ସଂସ୍ଥାନର ସହକାର୍ଯ୍ୟକ୍ରମ ଅଧିକାରିଣୀ ନିକି ପ୍ରଧାନ ଆମ ଓଡ଼ିଆ ଭାଷା, ଚାଲିଚଳଣୀ, ସଂସ୍କୃତି ପରମ୍ପରା, ଖାଦ୍ୟ, ବେଶଭୂଷା କିଭଳି ଉଚ୍ଚକୋଟିର ଏବଂ ଗୌରବା ସମ୍ପନ୍ନ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ସଂସ୍ଥାନର ୪୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଏବଂ ଗ୍ରାମବାସୀ ଯୋଗଦେଇଥିଲେ। ସଂସ୍ଥାନର ଅନ୍ୟ କର୍ମଚାରୀ ଯଥା- ପ୍ରସାଦ ଦ୍ୱିବେଦୀ, ଜୀବନଜିତା ଦାସ ଏବଂ ପ୍ରତାପ ବେହେରା ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ।

ସେହିପରି ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୁରୀ ଲୋକସଭା ସାଂସଦ ଡ. ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ 'ଓଡ଼ିଆ ପକ୍ଷ'ର ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅଜୟ କୁମାର ପାଣି ଯୋଗଦେଇ ଓଡ଼ିଶାର ସ୍ୱାଭିମାନ ଓ ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏକତ୍ରିତ ହୋଇ ଓଡ଼ିଶାର ଅସ୍ମିତା, ଭାଷା ଏବଂ ସଂସ୍କୃତିର ସୁରକ୍ଷା ପାଇଁ ଶପଥପାଠ କରିଥିଲେ।

## ନୀଳଗିରି ମାଟିର ପୁଅ ହେଲେ ଓଡ଼ିଶା ମାନବାଧିକାର ଫାଉଣ୍ଡେସନର ଉପସଭାପତି



ନୀଳଗିରି, ୨।୪ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅନ୍ତର୍ଗତ ସାନଅଡା ଗ୍ରାମର ସଞ୍ଜୟ କୁମାର ଜେନାଙ୍କ ପୁଅ ଓମପ୍ରକାଶ ଜେନା (୨୦) ଏବେ ଭୁବନେଶ୍ୱର ସେଞ୍ଚୁରିଆନ ୟୁନିଭରସିଟିରେ ମାଇକ୍ରୋବାୟୋଲୋଜିରେ ପ୍ରଥମବର୍ଷର ଛାତ୍ର ଅଛନ୍ତି। ଏତେ କମ ବୟସରେ ସେ ଅଂଚଳରେ ସାମାଜକଲ୍ୟାଣ ପାଇଁ ନିସ୍ୱାର୍ଥପର ସେବାଭାବନା ନେଇ ଦଳିତ ନିଷ୍ପେସିତ ଅସହାୟଙ୍କର ସାହାରା ପାଲିଟିଛନ୍ତି। ନିଜସ୍ୱ ଉଦ୍ୟମରେ ସେ ଶ୍ରୀରାମସେବା ସାମାଜିକ ଫାଉଣ୍ଡେସନ ଗଢିଛନ୍ତି। ଯେଉଁଠି ପ୍ରଶାସନ ପହଂଚି ନଥାଏ, ସେଠାରେ ଫାଉଣ୍ଡେସନ ପହଂଚି ଜନକଲ୍ୟାଣ କାର୍ଯ୍ୟକରିଥିବା ଦେଖାଯାଉଛି। ପୂର୍ବରୁ ସାଧାରଣ ସଦସ୍ୟ ରୂପେ ଓଡିଶା ମାନବଅଧିକାର ଫାଉଣ୍ଡେସନରେ କାର୍ଯ୍ୟକରି ଉକ୍ତ ଅଂଚଳରେ ନ୍ୟାୟ ଦେବାରେ ଏକ ଉଦାହରଣ ସାଜିଥିଲେ। ତାଙ୍କୁ ଅନ୍ତର୍ଜାତୀୟ ମାନବାଧିକାର ଫାଉଣ୍ଡେସନ ପକ୍ଷରୁ ଓଡିଶା ରାଜ୍ୟ ମାନବ ଅଧିକାର ଫାଉଣ୍ଡେସନର ଉପସଭାପତି ରୂପେ ମନୋନୀତ ହୋଇଛନ୍ତି। ତେଣୁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଂଶସାର ସୁଅ ଛୁଟିଥିବା ଜଣାଯାଇଛି।

## ରାସ୍ତା କଡ଼କୁ ଓଲଟିଲା ଯାତ୍ରୀବାହୀ ବସ୍

**ଅଳ୍ପକେ ବର୍ତ୍ତିଲେ ୫୦ରୁ ଅଧିକ ଯାତ୍ରୀ**

ବାଲେଶ୍ୱର,୨।୪(ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥରେ ବୁଧବାର ବିଳମ୍ବିତ ରାତିରେ ଏକ ବଡଧରଣର ବସ୍ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯାତ୍ରୀ। ବୁଧବାର ରାତିରେ କଲିକତା 'ସାନା ଟ୍ରାଭେଲସ'(ଡବ୍ଲ୍ୟୁ ବି ୭୩ଇ/୪୪୮୬)ନମ୍ବର ବିଶିଷ୍ଟ ଏକ ଯାତ୍ରୀବାହୀ ବସ୍ ପୁରୀ ଅଭିମୁଖେ ବାହାରିଥିଲା। ବିଳମ୍ବିତ ରାତିରେ ବସ୍‌ର ଆଗ ଚକ ହଠାତ ଫାଟିଯାଇ ଭାରସାମ୍ୟ ହରାଇଥିଲା। ତେବେ ବସଟି ଦୃତଗତିରେ ଥିବା ବେଳେ ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ରାସ୍ତାର ବିପରିତ ଦିଗରେ ଥିବା ପେଟ୍ରୋଲ ପମ୍ପ ନିକଟରେ ଥିବା ଡିଭାଇଡର ରାସ୍ତାରେ ନେଇ ଏକ ବିଲ ମଧ୍ୟକୁ ଖସିଯାଇଥିଲା। ସୌଭାଗ୍ୟବଶତଃ ରାସ୍ତାକଡରେ ଏକ ଖଜୁରୀ ଗଛ ଥିବା ବେଳେ ବସ୍‌ଟି ଗଛରେ ପିଟିହୋଇ ରହିଯାଇଥିଲା। ଫଳରେ ଯାତ୍ରୀମାନେ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଥିଲେ। ଅଳ୍ପ କିଛି ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ତେବେ ଖବର ବସର ମାଲିକ ତୁରନ୍ତ ଅନ୍ୟ ଏକ ବସଯୋଗେ ଯାତ୍ରୀମାନଙ୍କୁ ସେମାନଙ୍କର ଗନ୍ତବ୍ୟ ସ୍ଥଳକୁ ପଠାଇଥିଲେ। ପୁଲିସର ଘଟଣାର ତଦନ୍ତ ଚଳାଇଛି।

## ଭ୍ୟାନ ଧକ୍କାରେ ସ୍କୁଟର ଚାଳକ ମୃତ

ବାଲେଶ୍ୱର,୨।୪(ସମିସ): ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଦହପଡା ପେଟ୍ରୋଲ ପମ୍ପ ଠାରେ ଭ୍ୟାନ୍ ଧକ୍କାରେ ଜଣେ ସ୍କୁଟର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ



ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଗଡଦେଉଳିଆ ଅଞ୍ଚଳର ଇଶ୍ୱରଚନ୍ଦ୍ର ପଣ୍ଡା(୭୫)। ବାଲେଶ୍ୱର ଶୋଭାରାମପୁର ଅଂଚଳରେ ରହୁଥିବା ତାଙ୍କ ଝିଅଙ୍କୁ ଦେଖା କରିବା ପାଇଁ ଇଶ୍ୱର ଆଜି ସକାଳେ ଘରୁ ସ୍କୁଟରଯୋଗେ ବାହାରିଥିଲେ। ସେ ଦହପଡା ଠାରେ ଥିବା ତେଲ ଟାଙ୍କିରେ ପେଟ୍ରୋଲ ପକାଇସାରି ରାସ୍ତା ପାର ହେଉଥିବା ବେଳେ ବାଲେଶ୍ୱର ପଟୁ ଦ୍ରୁତଗତିରେ ଆସୁଥିବା ଏକ ଓମିନି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଇଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଓମିନି ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗାଡିରେ ବସିଥିବା ଜଣେ ଯାତ୍ରୀଙ୍କୁ ଡ୍ରାଇଭର ଭାବି ନିସ୍ତୁକ ମାଡ ମାରିଥିଲେ। ଖବର ପାଇ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣାଗ୍ରସ୍ତ ୨ ଗାଡ଼ି ଜବତ କରିଛି। ମୃତକଙ୍କ ଜ୍ୱାଇଁ ପ୍ରବୀର ଦାସ ସହଦେବଖୁଂଟା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଗ୍ରାମ ଉନ୍ନୟନ ବିଭାଗରେ ସୀମା ଲଙ୍ଘିଲାଣି ଦୁର୍ନୀତି**

# ୫ଲକ୍ଷର କାମ କରି ୧୨ ଲକ୍ଷ ଉଠାଇବାକୁ ମସୁଧା

ଖଇରା,୨।୪ (ସମିସ)



ବାଲେଶ୍ୱର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନ-୨ ସିମୁଳିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍କୋଣା ସବଡିଭିଜନରେ ଦୁର୍ନୀତି ଚରମସୀମାରେ ପହଞ୍ଚିଛି। ନିକଟରେ ସ୍ୱିଟଅପ ବା ୫ଲକ୍ଷିଆ ଆୱାର୍ଡ କାମରେ ୪୦ଲକ୍ଷ ଟଙ୍କାର ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ପରେ ମାର୍ଚ୍ଚ ୩୧ ପୂର୍ବରୁ ଖଇରା ବାହାରର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ ତରବରିଆ ଭାବେ ବିଲ୍ ଉଠାଇ ନିଆଯିବା ପରେ ଏବେ ଏସଆର ଟେଣ୍ଡର କାମରେ ମଧ୍ୟ ଦୁର୍ନୀତି କରାଯାଇଥିବା ଅଭିଯୋଗ ସାମନାକୁ ଆସିଛି। ମାତ୍ର ୫ଲକ୍ଷ ଟଙ୍କାର କାମକରି ପୁରା ଅର୍ଥ ହଡପ ପାଇଁ ବନ୍ଦୋବସ୍ତ କରାଯାଇଛି। ଭିଜିଲାନ୍ସ ତଦନ୍ତ କରି ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ରୁଡିଙ୍ଗିଆ, ପାଣିସାଉଁଳି, ଶ୍ରୀରାମପୁର ଓ କଖାରୁଆ ଗ୍ରାମର ଅଧିବାସୀ ମାନେ ଅଭିଯୋଗ କରିଛନ୍ତି।

ଖଇରା ବ୍ଲକ ର ଶ୍ୟାମସୁନ୍ଦରପୁର ଓ ଗୋବିନ୍ଦପୁର ସଂଯୋଗ କରୁଥିବା ପାଣିସାଉଁଳି ଶ୍ରୀରାମପୁର ରାସ୍ତା ଆରମ୍ଭରେ ଥିବା ପୋଲ ନିକଟରେ ୨ପାଶ୍ୱର୍ର କଂକ୍ରିଟ ପାଚେରୀ ନିର୍ମାଣ ପାଇଁ ପାଖାପାଖି ୧୨ଲକ୍ଷ(ଜିଏସଟି ସହ) ଟଙ୍କା ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନରେ ୬ଇଞ୍ଚ ବାଲି, ପୁରା ମେଟାଲ ବେସରେ ୬ଇଞ୍ଚ କଂକ୍ରିଟ ଢଳେଇ ଦେବା ପରେ କଂକ୍ରିଟ ପାଚେରୀ ଉଠିବା କଥା। ଜଳ ନିଷ୍କାସନକୁ ଦୃଷ୍ଟିରେ ରଖି ରାସ୍ତା ଉଚ୍ଚତା ଠାରୁ ପାଚେରି ଉଚ୍ଚତା କମ ରଖାଯିବା କଥା। ହେଲେ ଠିକାଦାର ଫାଉଣ୍ଡେସନ ଠାରୁ ଆରମ୍ଭ କରି ପାଚେରୀ ର ମାନ, ମାଟି ଫିଲିଂ ଭଳି ସବୁ ଭାଗରେ ଏଷ୍ଟିମେଟକୁ ଉଲ୍ଲଂଘନ କରିଥିବା କୁହାଯାଉଛି। ଜଣେ ସାଧାରଣ ଲୋକ ଉକ୍ତ କାର୍ଯ୍ୟ ଉପରେ ଥରେ ନଜର ପକାଇଲେ ଜଳଜଳ କରି ଦେଖା ଯାଉଥିବା ଦୁର୍ନୀତିକୁ ହୃଦୟଙ୍ଗମ କରି ପାରିବ। ହେଲେ ୩ମାସ ଧରି ଚାଲିଥିବା ତୃଟିପୂର୍ଣ୍ଣ କାର୍ଯ୍ୟ ଯନ୍ତ୍ରୀଙ୍କ ଆଖିରେ ନ ପଡିବାକୁ ନେଇ ବର୍ତ୍ତମାନ ଡିଭିଜନରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ଠିକାଦାର ପାଚେରୀ ଉଚ୍ଚତାକୁ ରାସ୍ତା ଉଚ୍ଚତାରୁ ୨ଫୁଟ ଅଧିକ କରିଥିବାରୁ ଏହା ଏବେ ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ଏହିଭଳି ଦୁର୍ନୀତି ପାଇଁ ଖଇରା ସବଡିଭିଜନର ସହକାରୀ ଯନ୍ତ୍ରୀ ପଦବୀକୁ ଖାଲି କରି ରଖାଯାଇ ଅନ୍ୟ ସହକାରୀ ଯନ୍ତ୍ରୀଙ୍କୁ ଖଇରା ଦାୟିତ୍ୱ ଦିଆଯାଉଥିବା ନେଇ ଆଲୋଚନା ହେଉଛି। ବିସ୍ମୟର କଥା ଯେ ଡିଭିଜନ ଯନ୍ତ୍ରୀ ଓ ଠିକାଦାରଙ୍କ ସହମତିରେ ଏହି କାର୍ଯ୍ୟରେ ମଧ୍ୟ ଡେଭିଏସନ କରାଯାଇ ଅଧିକ ୨ଲକ୍ଷ ଟଙ୍କା ଉଠାଯିବାକୁ କାଗଜପତ୍ରରେ ପ୍ରସ୍ତୁତି ଚାଲିଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କ ପ୍ରତିକ୍ରିୟା ନିଆଯିବାରେ ଅଧିକ ଉଚ୍ଚ ହୋଇଥିବା ଅଂଶକୁ କମାଇବା ପରେ ଚୁଡାନ୍ତ ବିଲ ପୈଠ କରାଯିବ ବୋଲି କହିଛନ୍ତି। ଯଦି ସହକାରୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମୁତାବକ ନୂତନ ଭାବେ ନିର୍ମିତ ହୋଇଥିବା କାମକୁ ଠିକାଦାର ଥରେ ଭାଙ୍ଗିଲେ ପୁରା କାମ କେତେ ଦିନ ତିଷ୍ଠି ରହିବ ତାହା ସମୟ କହିବ।

**● ସ୍ୱୟଂ ସହାୟିକା ଗୋଷ୍ଠୀର ଋଣ ଟଙ୍କା ହଡ଼ପ ଅଭିଯୋଗ**

## ଘର ଆଗରେ ଧାରଣା ସହ ଭାତରାନ୍ଧି ଖାଇଲେ ମହିଳା



ଚନ୍ଦନେଶ୍ୱର, ୨।୪ (ସମିସ) : ସରକାର ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତି ଓ ଆତ୍ମନିର୍ଭରଶୀଳ କରିବା ପାଇଁ ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି। ମାତ୍ର ସରକାରଙ୍କ ଅସଲ ଉଦ୍ଦେଶ୍ୟ ସଫଳ ହେବା ପରିବର୍ତ୍ତେ ଗାଁରେ ଅପ୍ରୀତିକର ପରିସ୍ଥିତି ସମସ୍ତଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ସ୍ୱୟଂ ସହାୟିକା ଗୋଷ୍ଠୀର ଋଣ ଟଙ୍କାକୁ ୧ବର୍ଷ ବିତିଥିଲେ ମଧ୍ୟ ବ୍ୟାଙ୍କରେ ପରିଶୋଧ ହୋଇ ପାରୁନାହିଁ। ଗାଁରେ ସରପଂଚ, ସମିତି ସଦସ୍ୟଙ୍କୁ ଅବଗତ କରେଇବା ଠାରୁ ଆରମ୍ଭ କରି ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ମଧ୍ୟ ହୋଇଛି। ଶେଷରେ ଋଣ ଆଦାୟ ପାଇଁ ଘର ଆଗରେ ମହିଳା ମାନେ ଧାରଣାରେ ବସିବା ସହିତ ଘର ସମ୍ମୁଖରେ ଭାତରାନ୍ଧି ଖାଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଗନ୍ନାଥପୁର ପଂଚାୟତରେ। ମିଳିଥିବା ସୂଚନା ଅନୁଯାୟୀ, ଜଗନ୍ନାଥପୁର ଗାଁର ୧୦ଜଣ ମହିଳାଙ୍କୁ ନେଇ ୨୦୧୭ ମସିହାରେ ରଧାକୃଷ୍ଣ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ହୋଇଥିଲା। ଚନ୍ଦନେଶ୍ୱରସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କରେ ଜମାଖାତା ଖୋଲି ମାସିକିଆ ଅର୍ଥ ଜମା କରିବା ସହିତ ନିୟମିତ ଋଣ ନେଇ ପରିଶୋଧ ମଧ୍ୟ କରାଯାଇଥିଲା। ୨୦୨୫ ଏପ୍ରିଲ ୫ ତାରିଖରେ ୭ ଲକ୍ଷ ଟଙ୍କା ଋଣ ନେଇ ୧୦ଜଣ ସଦସ୍ୟାଙ୍କ ମଧ୍ୟରେ ୭୦ହଜାର ଟଙ୍କା ଲେଖାଏଁ ଭାଗବଣ୍ଟା ହୋଇଥିଲା। ଗାଁର ପବିତ୍ର ଜେନାଙ୍କ ସ୍ତ୍ରୀ ଶୁଭଶ୍ରୀ ଏହି ଟଙ୍କା ପରିଶୋଧ ନକରି ବାପାଙ୍କ ଘରକୁ ଛୁଆପିଲା ନେଇ ପଳାଇ ଯାଇଛନ୍ତି। ଏପଟେ ସ୍ୱାମୀ ପବିତ୍ର ଏହି ଟଙ୍କା ପରିଶୋଧ କରି ପାରିବେ ନାହିଁ ବୋଲି ରୋକଠକ ମନା କରି ଦେଇଛନ୍ତି। ଯାହାକୁ ନେଇ ଗୋଷ୍ଠୀର ମହିଳାଙ୍କ ମଧ୍ୟରେ ଭାଳେଣି ପଡିଛି। ଟଙ୍କା ଆଦାୟ ପାଇଁ ସରପଂଚ ଅଶୋକ କୁମର ସାସମଲ, ସମିତି ସଦସ୍ୟାଙ୍କ ପ୍ରତିନିଧି ଶ୍ରୀକାନ୍ତ ପ୍ରଧାନ ଏବଂ ଗାଁର କିଛି ମାନ୍ୟଗଣ୍ୟ ବ୍ୟକ୍ତି ସମାଧାନ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇନାହାନ୍ତି। ତେଣୁ ବାଧ ହୋଇ ସମିତି ସଦସ୍ୟା ସୁମିତା ପ୍ରଧାନ, ସିଆରପି ଅପରାଜିତା ଗିରି, ମହିଳା ଗୋଷ୍ଠୀର ସଭାପତି ବାସନ୍ତୀ ଦାସ, ସମ୍ପାଦିକା ସୋହେଲି ପଣ୍ଡା, ସଭ୍ୟା କବିତା ବାରିକ, ସଞ୍ଜୁଲତା ବାରିକ, ପୂର୍ଣ୍ଣମା ବାରିକ, ବିଷ୍ଣୁପ୍ରିୟା ମହାନ୍ତି, ଭାଗ୍ୟଲକ୍ଷ୍ମୀ ସାହୁ, କାଞ୍ଚନ ବାରିକଙ୍କ ସମେତ ଅନ୍ୟ ଗୋଷ୍ଠୀର ମହିଳାମାନେ ଛୁଆ ପିଲାଙ୍କୁ ଧରି ଘର ଆଗରେ ଧାରଣାରେ ବସିବା ସହିତ ଘର ଆଗରେ ରୋଷେଇ କରି ଖାଇଛନ୍ତି। ଟଙ୍କା ନ ପାଇଲା ପର୍ଯ୍ୟନ୍ତ ଏଭଳି ଜାରି ରହିବ ବୋଲି ସେମାନେ ଜିଦରେ ଅଟଳ ଅଛନ୍ତି।

## ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର ,୨।୪(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର କାର୍ତ୍ତିକଚନ୍ଦ୍ର ନୋଡାଲ ଉ:ପ୍ରା: ବିଦ୍ୟାଳୟରେ ଶିଶୁ ବାଟିକା ପାଇଁ ଶିଶୁ ସେବିକା ପ୍ରାର୍ଥିନୀ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଆବେଦନକାରୀ ମହିଳା ହରିଦାସପୁର ଗ୍ରାମର ସୁଲୋଚନା ଦାସ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବୀ ଦେବା ସହିତ ପ୍ରକୃତ ହିତାଧିକାରୀଙ୍କୁ ଚୟନ ପାଇଁ ଦାବି କରିଥିଲେ। ଭୋଗରାଇ ବ୍ଲକ ଅନ୍ତର୍ଗତ ହରିଦାସପୁର ଗାଁରେ ଥିବା କାର୍ତ୍ତିକ ଚନ୍ଦ୍ର ନୋଡାଲ ଉ:ପ୍ରା: ବିଦ୍ୟାଳୟରେ ଶିଶୁ ବାଟିକାରେ ଶିଶୁ ସେବିକା ଭାବେ କାର୍ଯ୍ୟ କରିବା ପାଇଁ ୬ ଜଣ ପ୍ରାର୍ଥୀନୀ ଆବେଦନ କରିଥିଲେ। ସେଥିମଧ୍ୟରୁ ବିଦ୍ୟାଳୟ ପରିସରରେ ଚୟନ ପ୍ରକ୍ରିୟାରେ ୬ଜଣ ପ୍ରାର୍ଥୀନୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସଧବା ମହିଳା ସୁମିତ୍ରା ଦାସଙ୍କୁ ପ୍ରାର୍ଥୀନୀ ଭାବେ ଚୟନ କରାଯାଇଥିଲା। ଉକ୍ତ ଶିଶୁ ସେବିକା ଚୟନ ବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି,ସଭ୍ୟ,ସଭ୍ୟା ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପର୍ଯ୍ୟବେକ୍ଷକ ଓ ସିଆରସିସି ଉପସ୍ଥିତ ଥିଲେ। ମାତ୍ର ଚୟନ କମିଟି ସଠିକ ପ୍ରାର୍ଥିନୀଙ୍କୁ ମନୋନୀତ ନ କରିବା ସେମାନଙ୍କର ସଠିକ କାଗଜପତ୍ର ଯାଞ୍ଚ ନ କରିବା ଏବଂ ସେମାନଙ୍କର ଯୋଗ୍ୟତାକୁ ସଠିକ ମୂଲ୍ୟାଙ୍କନ ନ କରି ଶିଶୁ ସେବିକା ଚୟନ ପ୍ରକ୍ରିୟାରେ ବ୍ୟାପକ ଚଞ୍ଚକତା ଓ ଅନିୟମିତତା ଅଭିଯୋଗ କରି ସଠିକ ପ୍ରକ୍ରିୟାରେ ପ୍ରାର୍ଥୀନୀ ଚୟନ କରିବା ପାଇଁ ଦାବି କରିବା ସହିତ ନ୍ୟାୟ ନ ମିଳିଲେ ଅଭିଭାବକ ମାନଙ୍କୁ ନେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବୀ ପତ୍ର ପ୍ରଦାନ କରିବା ବିଷୟରେ ପ୍ରାର୍ଥୀନୀ ସୁଲୋଚନା ଦାସ ଅଭିଯୋଗ ପତ୍ର ଦେଇଛନ୍ତି। ଏ ବିଷୟରେ ଭୋଗରାଇ ଅତିରିକ୍ତ ଶିକ୍ଷାଧିକାରିଣୀ ଜ୍ୟୋସ୍ନାରାଣୀ ପଣ୍ଡା କହିଛନ୍ତି ବିଦ୍ୟାଳୟରୁ ଯାଞ୍ଚ କମିଟିର ଉପଯୁକ୍ତ କାଗଜପତ୍ର ଆମ ପାଖରେ ପହଁଚିଲେ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଶ୍ରମକୋଡ୍‌କୁ ବିରୋଧ କରି ଶ୍ରମିକଙ୍କ ବିକ୍ଷୋଭ



ବାଲେଶ୍ୱର,୨।୪(ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଚଳିତ ଶ୍ରମ ଆଇନଗୁଡିକୁ ସଂଶୋଧନ କରି ୪ଟି ଶ୍ରମକୋଡ ଲାଗୁ କରିଛନ୍ତି। ଏହି କୋଡକୁ ବିରୋଧ କରି୨୦୨୦ମସିହାରୁ ସମଗ୍ର ଦେଶରେ ସମସ୍ତ କେନ୍ଦ୍ରୀୟ ଶମିକ ସଙ୍ଗଠନ ଓ ସ୍ୱାଧୀନ ଫେଡେରେସନମାନେ ମିଳିତ ଭାବେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରି ଆସୁଛନ୍ତି। ଗତ ଫେବୃଆରୀ ୧୨ତାରିଖରେ ଶ୍ରମଜୀବୀମାନେ ଭାରତବନ୍ଦ ଆହ୍ୱାନ ଦେଇଥିଲେ। ଏହାକୁ ନେଇ ଆଜି ବାଲେଶ୍ୱରର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଓ ସ୍ୱାଧୀନ ସଂଘମାନେ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଭିଜନାଲ ଶ୍ରମ କମିଶନର ସନ୍ତୋଷ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଶ୍ରମକୋଡକୁ ବାତିଲ କରିବା ପାଇଁ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଅହେତୁକ ଦରବୃଦ୍ଧିକୁ ବିରୋଧ କରାଯାଇଛି। ଏହି ବିକ୍ଷୋଭ ସମାବେଶରେ ରାଜକିଶୋର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଟ୍ରେଡ ୟୁନିୟନମାନଙ୍କ ମିଳିତ ମଂଚର ସାଧାରଣ ସମ୍ପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ସରକାରଙ୍କ ଦ୍ୱାରା ପୁଞ୍ଜିପତିଙ୍କ ସ୍ୱାର୍ଥରେ ଏହି ୪ଟି କୋଡ ପ୍ରଣୟନ କରାଯାଇଥିବା କହିଥିଲେ। ଏହି ବିକ୍ଷୋଭ ସମାବେଶରେ ଆଇଏନଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଚଏମଏସ, ଏଆଇୟୁଟିୟୁସି ଓ ଟିୟୁସିସି, ଏନଏପିଏମର ପ୍ରମୁଖ ନେତାମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧି ଓ ଜନବିରୋଧୀ ପୁଞ୍ଜିପତି ତୋଷଣ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଗବତ ପ୍ରତିହାରୀ, ଅରୁଣ କୁମାର ସ୍ୱାଇଁ, ବାସନ୍ତୀ ସାମଲ, ଶିଶିର ହୁଇ, ଉମାକାନ୍ତ ଦାସ, ଜୀବନ କିଶୋର ବାରିକ, ପିତାମ୍ବର ମାଝୀ, ମାୟାଧର ନାୟକ, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ବାଲେଶ୍ୱର ଷ୍ଟେସନରେ ଏସ୍‌ଆଇଜି ନିରୀକ୍ଷଣ



ବାଲେଶ୍ୱର,୨।୪ (ସମିସ): ଖଡ଼ଗପୁର ରେଳ ବିଭାଗର ଅତିରିକ୍ତ ବିଭାଗୀୟ ରେଳ ପ୍ରବନ୍ଧକ ଦେବଜିତ ଦାସ ଆଜି ବାଲେଶ୍ୱର ରେଳଷ୍ଟେସନ ସହିତ ଜଳେଶ୍ୱର ରେଳଷ୍ଟେସନରେ ସର୍ଭିସ ଇମ୍ପ୍ରୁଭମେଣ୍ଟ ଗ୍ରୁପ୍ (ଏସ୍‌ଆଇଜି) ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ତଥା ଯାଞ୍ଚ ସମୟରେ ଯାତ୍ରୀ ସୁବିଧା, ପରିଷ୍କାରତା ଓ ଢାଞ୍ଚାଗତ ବିକାଶ କାମର ସମୀକ୍ଷା କରିଛନ୍ତି। ବାଲେଶ୍ୱର ଷ୍ଟେସନରେ ୟୁଟିଲିଟି ବିଲ୍ଡିଂ ସ୍ଥାନାନ୍ତର କାମ, ଅମୃତ ଷ୍ଟେସନ ପୁନର୍ବିକାଶ ଓ ଯାତ୍ରୀ ସୁବିଧା ଉପରେ ସମୀକ୍ଷା କରାଯାଇଥିଲା। କାମ ସମୟରେ ଯାତ୍ରୀମାନଙ୍କୁ କମ୍ ଅସୁବିଧା ହେବା ସହ କାର୍ଯ୍ୟକୁ ଦ୍ରୁତ ଓ ସୁଚାରୁ ଭାବେ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ପରବର୍ତ୍ତୀ ସମୟରେ ଜଳେଶ୍ୱର ଷ୍ଟେସନରେ ନିରୀକ୍ଷଣ ସମୟରେ ଶ୍ରୀ ଦାସ ଯାତ୍ରୀ ସୁବିଧା, ରେଳ କ୍ୱାର୍ଟର୍ସ ଓ କଲୋନୀ ଯାଞ୍ଚ କରିଥିବା ସହ ଅମୃତ ଷ୍ଟେସନ ଯୋଜନା ଅଧୀନରେ ଚାଲୁଥିବା ପୁନର୍ବିକାଶ କାମର ଗତି ଖତିଆନ କରିଥିଲେ। ସେ କାମର ଗୁଣବତ୍ତା ରଖି ସମୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ହାଇଦରାବାଦରେ ଦୁର୍ଘଟଣାରେ ପ୍ରବାସୀ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର(ଉତ୍ତର),୨।୪ (ସମିସ) : ଗତ ମଙ୍ଗଳବାର ବିଳମ୍ବିତ ରାତିରେ ହାଇଦରାବାଦରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଜଣେ ଓଡିଆ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ଜଣକ ହେଉଛନ୍ତି କମର୍ଦ୍ଦା ଥାନା ନହରା ପଞ୍ଚାୟତ ବଡମନ୍ଦାରୁଣୀ ଗ୍ରାମର କାହ୍ନୁ ଚରଣ ରାଉଳଙ୍କ ପୁତ୍ର ସଚିନ୍(୨୬)। ସେହିପରି ଗୁରୁତର ହୋଇଥିବା ଯୁବକ ଜଣକ ହେଉଛନ୍ତି ନହରା ଗ୍ରାମର ରୁପକ ଦେ(୨୬)। ଉଭୟ ଭଲ ସାଙ୍ଗ ବୋଲି ଜଣା ପଡିଛି। ସଚିନ୍ ତେଲେଙ୍ଗାନା ପ୍ରଦେଶର ହାଇଦ୍ରାବାଦ ସ୍ଥିତ ନିଗମପଲ୍ଲୀ ଅମିନପୁର ଅଞ୍ଚଳରେ ନିଜ ବାପାମା ଓ ଭଉଣୀଙ୍କ ସହ ରହୁଥିବା ବେଳେ ସେଠାରେ ହୋଟେଲ ବ୍ୟବସାୟ କରୁଥିଲେ। ରୁପକ ମଧ୍ୟ ତାଙ୍କ ହୋଟେଲରେ ଜଣେ କର୍ମଚାରୀ ଭାବେ କାମ କରୁଥିଲେ। ଗତକାଲି ରାତିରେ ସଚିନ୍ ଓ ରୁପକ କୌଣସି ଏକ ଭୋଜିକୁ ଯାଇ ରାତି ୩ ଟା ସମୟରେ ବାଇକ୍‌ରେ ନିଜ ନିଜର ଭଡ଼ା ଘରକୁ ଫେରୁଥିଲେ। ସେହି ହାଇଦ୍ରାବାଦ ସହରର ଅବଦୁଲଗଞ୍ଜ ଅଞ୍ଚଳରେ ଉଭୟ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଘଟଣାସ୍ଥଳରେ ହିଁ ସଚିନ୍‌ଙ୍କ ମୃତ୍ୟୁ ହୋଇ ଯାଇଛି ଓ ରୁପକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସଚିନ୍‌ଙ୍କ ମୃତ୍ୟୁରେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରବିନ୍ଦ୍ର ନାଥ ପ୍ରଧାନ, ଯୁବନେତା ସୁବ୍ରତ ପ୍ରଧାନ, ସୁଶାନ୍ତ ଘୋଷ, ସମାଜସେବୀ ରମେଶ ଚନ୍ଦ୍ର ରାଉଳ, ବେଣୁଧର ରାଉଳ, ଜଗଦିଶ ଚନ୍ଦ୍ର ପରିଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସଚିନଙ୍କ ମରଶରୀର ହାଇଦ୍ରାବାଦରେ ସତ୍କାର କରାଯିବ ବୋଲି ପରିବାର ଲୋକେ ସୂଚନା ଦେଇଛନ୍ତି।

## ଟ୍ୟାଙ୍କ୍ ଲରି ୱାର୍କର୍ସ ୟୁନିଅନ ପକ୍ଷରୁ କଳା ଦିବସ ପାଳନ

ନୀଳଗିରି, ୨।୪ (ସମିସ): କେନ୍ଦ୍ରରେ ବିଜେପି ସରକାର ଶ୍ରମିକ ବିରୋଧି ଚାରୋଟି ଶ୍ରମ କୋଡ୍‌କୁ ଏପ୍ରିଲ ଏକ ତାରିଖ ରେ କାର୍ଯ୍ୟକାରୀ କରିଛନ୍ତି। ସାରା ଭାରତରେ ଉକ୍ତ ଦିବସ କୁ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ



କଳା ଦିବସ ରୂପେ ପାଳନ କରାଯାଇଛି। ସୋମନାଥପୁରସ୍ଥିତ ଟ୍ୟାଙ୍କ୍ ଲରି ୱାର୍କର୍ସ ୟୁନିଅନ ତରଫରୁ କଳା ଦିବସ ପାଳନ କରାଯାଇଛି। ଟ୍ୟାଙ୍କ୍ ଲୋରି ୱାର୍କର୍ସ ୟୁନିଅନ ର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟମାନେ କଳା ବ୍ୟାଜ୍ ପରିଧାନ କରି କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ଚାରୋଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର ଦାବିରେ ସ୍ଲୋଗାନ ମାନ ଦେଇଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ସେକ୍ ମୋବାରକ, ଶୈଳେଶ ଠାକୁର, ଅମର ରାଉତ, ସଞ୍ଜୟ ଯାଦବ, ସଂଜୀବ ମଲ୍ଲିକ, ଅକ୍ଷୟ ସ୍ୱାଇଁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ପାଣି ଚିନ୍ତାରେ ଆଦିବାସୀ ସମ୍ପ୍ରଦାୟ

# ତିନିମାସ ହେଲା ନଳକୂପ ଅଚଳ

ବାଲିଆପାଳ, ୨।୪ (ସମସ)



ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବସୁଧା ଭଳି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ବାସ୍ତବ ଚିତ୍ର କିଛି ଅଲଗା ବୟାନ କରୁଛି। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ଦାଣ୍ଡିପଦା ଆଦିବାସୀ ସାହିରୁ ଆସିଛି ଏଭଳି ଏକ ଖବର। ଯେଉଁଠି ଗ୍ରୀଷ୍ମଋତୁ ଆରମ୍ଭରୁ ହିଁ ପାଣି ପାଇଁ ତହଳ ବିକଳ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର ଲୋକେ। ଧୀରେ ଧୀରେ ଖରା ବଢ଼ୁଛି। ଆଉ ଏହା ସାଙ୍ଗକୁ ତାଳ ଦେଇ ବଢ଼ୁଛି ଜଳ ଯନ୍ତ୍ରଣା। ଗତ ତିନି ମାସ ହେଲା ଏହି ସାହି ଭିତରେ ଏକମାତ୍ର ନଳକୂପ ଏବେ ଅଚଳ ହୋଇଯାଇଛି। ସାହି ଭିତରେ ଥିବା ୧୨ ଟି ପରିବାରର ୪୦ ରୁ ଉର୍ଦ୍ଧ ଲୋକେ ଏବେ ଏକ କିଲୋମିଟର ଦୂରରେ ଥିବା ଅନ୍ୟ ଗାଁର ବ୍ୟକ୍ତିଗତ ବୋରୱେଲ ପାଣି ଉପରେ ନିର୍ଭର କରୁଛନ୍ତି। ଗ୍ରାମର ଲୋକଙ୍କ ଅଭିଯୋଗ ଅନୁସାରେ ସାହି ଭିତରେ ଥିବା ନଳକୂପ ଆଜକୁ ଦୀର୍ଘ ଦୁଇବର୍ଷ ହେବ ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଭୂତଳ ଜଳ କମିଯିବାରୁ ଅକାମି ହୋଇଯାଉଛି। ଯାହା ଫଳରେ ସମସ୍ତ ପରିବାର ପାଣି ବୁହାଏ ପାଇଁ ପ୍ରତି ବର୍ଷ ଭଳି ଚିନ୍ତାରେ ରହୁଛନ୍ତି। ଚଳିତ ବର୍ଷ ଗତ ତିନି ମାସ ହେବ ଏହି ନଳକୂପ ଅକାମି ହେବାରୁ ବର୍ତ୍ତମାନ ସାହି ଭିତରେ ପାଣି ସଙ୍କଟ ଦେଖାଦେଇଛି। ପାଣି ସମସ୍ୟା ବାବଦରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ଜୟନ୍ତ ଦାସଙ୍କୁ ଜଣାଇଥିଲେ ବି ସମାଧାନ ପୂର୍ବ ବର୍ଷ ଭଳି ଶୂନ ଦେଖିବାକୁ ମିଳିଛି। ପ୍ରଶାସନ ତରଫରୁ ବସୁଧା ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ଆଦିବାସୀ ସାହି ମୁଣ୍ଡ ପର୍ଯ୍ୟନ୍ତ ପାଣି ପାଇପ ବିଛାଯାଇଥିଲେ ବି ପାଣି ବାହାରୁ ନାହିଁ। ସାହି ଭିତରେ ସମସ୍ତ ଆଦିବାସୀ ଅଶିକ୍ଷିତ ଓ ସରକାରୀ ନିୟମ ଜାଣିନଥିବା ହେତୁ ନିଜ ପଞ୍ଚାୟତର ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ପାଣି ପାଇଁ ବାରମ୍ବାର ଗୁହାରି କରିଥିଲେ ବି ଆଦିବାସୀ ଲୋକଙ୍କ ପ୍ରତି କାହାରି ମାନବିକତା ଜାଗିନାହିଁ। ନଳକୂପ ଅଚଳ ଥିଲେ କିମ୍ବା ପାଇପ ଯୋଗେ ପାନୀୟ ଜଳର ସମସ୍ୟା ଦେଖାଦେଲେ ପ୍ରତ୍ୟେକ ଗ୍ରୀଷ୍ମ ଋତୁରେ ଗାଡ଼ିରେ ଟାଙ୍କି ସାହାଯ୍ୟରେ ପାଣି ବାଣ୍ଟିବା ପାଇଁ ସରକାରୀ ନିୟମ ଥିଲେ ବି ଆଜି ପର୍ଯ୍ୟନ୍ତ ଏମାନେ ନିଜ ସାହି ଭିତରେ ପାନୀୟ ଜଳ ପାଇବାରୁ ବଞ୍ଚିତ ଅଛନ୍ତି। ଏହି ଆଦିବାସୀ ସାହି ଭିତରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟା ବାବଦରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ବସୁଧା ହେଲ୍ପ ଲାଇନ ନମ୍ବର ୧୯୧୬ ଜରିଆରେ ଅଭିଯୋଗ କରିବା ସହିତ ବାଲିଆପାଳ ବ୍ଲକ ବିଡ଼ିଓ ରାଧାରଞ୍ଜନ ଦାସଙ୍କୁ ଜଣାଇଥିଲେ। ପରେ ସମସ୍ୟାର ସମାଧାନ ନିମନ୍ତେ ଗ୍ରାମ୍ୟ ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ବିଡ଼ିଓ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ମାତ୍ର ଆଜି ପର୍ଯ୍ୟନ୍ତ ଏହି ଆଦିବାସୀ ସମ୍ପ୍ରଦାୟ ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହୋଇନାହିଁ। ରାଜେଶ ସୋରେନ, ମୋହନ ହେମ୍ବ୍ରମ, ଚକ୍ରଧର ମାରାଣ୍ଡି, ମଧୁ ହେମ୍ବ୍ରମ ଭଳି ପ୍ରମୁଖ ଗ୍ରାମବାସୀ ପୂର୍ବରୁ ଥିବା ଅଚଳ ନଳକୂପକୁ ମରାମତି ବା ନୂତନ ନଳକୂପ ନିର୍ମାଣ ବା ସାମୟିକ ଭାବେ ଟାଙ୍କି ଯୋଗେ ପାନୀୟ ଜଳ ବଣ୍ଟନ ପାଇଁ ଦାବି କରିଛନ୍ତି।

## ଧର୍ମପରାୟଣଙ୍କ ପରଲୋକ

ଭୋଗରାଇ, ୨।୪ (ସମିସ) : ଭୋଗରାଇ ବ୍ଲକ୍ ଜୟରାମପୁର ପଂଚାୟତର ଧର୍ମ ପରାୟଣ, ଅତ୍ୟନ୍ତ ସରଳ, ମିଷ୍ଟଭାଷୀ ବ୍ୟକ୍ତି ଉଦୟ ସେଠୀଙ୍କ ୮୦ବର୍ଷ ବୟସରେ ଗୁରୁବାର ପରଲୋକ ହୋଇଛି। ଆଦରରେ ସମସ୍ତେ ତାଙ୍କୁ ବଧିଆ ଭାଇ ବୋଲି ଡାକୁଥିଲେ। ତାଙ୍କ ବିୟୋଗରେ ସମାଜସେବୀ ପଣ୍ଡିତ ସୁଶାନ୍ତ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଦୀପ୍ତିରାଣୀ ମିଶ୍ର, ସମାଜସେବୀ ହରି ନାରାୟଣ ଜେନା ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଶେଷ ଦର୍ଶନ କରିଛନ୍ତି। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଏମ୍‌କେସିଜିରେ ଅଗ୍ନିଶମ ଡିଜିଙ୍କ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ

# ହସ୍ପିଟାଲ୍‌ର ଅଗ୍ନିସୁରକ୍ଷା ବ୍ୟବସ୍ଥା ତୁରନ୍ତ ସୁଧାରିବାକୁ ନିର୍ଦ୍ଦେଶ



■ କ୍ୟାମ୍ପସର ୨୨ଟି କୋଠାରୁ ଅଧାରୁ ଅଧିକ ଅସୁରକ୍ଷିତ

■ ବିନିଯୋଗ ନହୋଇ ପଡ଼ିରହିଛି କୋଟି କୋଟି ଟଙ୍କା

ବ୍ରହ୍ମପୁର,୨।୪(ସମିସ): ଏସିବି ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ୧୩ଜଣ ରୋଗୀଙ୍କ ମୃତ୍ୟୁ ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ଅଗ୍ନିଶମ ବିଭାଗ ପକ୍ଷରୁ ଦେଖିବାକୁ ମିଳିଛି ତତ୍ପରତା। ବରିଷ୍ଠ ଅଧିକାରୀମାନେ ସକ୍ରିୟ ହୋଇ ଉଠିବା ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଘନଘନ ସମୀକ୍ଷା ବୈଠକ କରୁଛନ୍ତି। ସେହିକ୍ରମରେ ଗୁରୁବାର ଅଗ୍ନିଶମ ବିଭାଗର ଡ଼ିଜି ଡ଼. ସୁଧାଂଶୁ ଷଡ଼ଙ୍ଗୀ ଏମ୍‌କେସିଜି ମେଡ଼ିକାଲ ଗସ୍ତରେ ଆସି ଉଭୟ ମେଡିକାଲ କଲେଜ ଓ ହସ୍ପିଟାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଅଗ୍ନି ସୁରକ୍ଷା ଦୃଷ୍ଟିରୁ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଥିଲେ। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ରାଜ୍ୟର ଏକ ପୁରୁଣା ସ୍ୱାସ୍ଥ୍ୟ ଅନୁଷ୍ଠାନ, ଦକ୍ଷିଣ ଓଡ଼ିଶାର ବହୁ ରୋଗୀ ଚିକିତ୍ସାସେବା ପାଇଁ ଏହା ଉପରେ ନିର୍ଭରଶୀଳ। କ୍ୟାମ୍ପସରେ ମୋଟ ୨୨ଟି କୋଠା ରହିଥିବା ବେଳେ କେଉଁ କୋଠାରେ କଣ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। କେଉଁଠାରେ ସମସ୍ୟା ରହିଛି, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିବା ଡ଼ିଜି ଡ଼. ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ଅଗ୍ନି ସୁରକ୍ଷା ବ୍ୟବସ୍ଥାରେ ଯାହା ସବୁ ସମସ୍ୟା ରହିଛି ସେଗୁଡିକର ତୁରନ୍ତ ସମାଧାନ କରିବା ସହ ଆବଶ୍ୟକ ବନ୍ଦୋବସ୍ତ କରାଯିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମେଡ଼ିକାଲରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ନେଇ ତାଲିମ ପ୍ରଦାନ କରାଯାଇଛି। ଆଗକୁ ଏହି ତାଲିମ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ। ବୈଠକରେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତୀ ଭାସନ, ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ୍, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ବିଇଏମସି କମିଶନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀ, ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଡ଼ିନ ପ୍ରଫେସର ଡ଼ା. ସୁଚିତ୍ରା ଦାଶ, ରେଞ୍ଜ ଫାୟାର ଅଫିସର ବିଚିତ୍ର କୁମାର ପଣ୍ଡା, ଦକ୍ଷିଣାଞ୍ଚଳ ଉପଅଗ୍ନିଶମ ଅଧିକାରୀ(ଡ଼ିଏଫଓ) ପୂର୍ଣ୍ଣଚନ୍ଦ୍ର ମାରାଣ୍ଡି, ବ୍ରହ୍ମପୁର ଅଗ୍ନିଶମ କେନ୍ଦ୍ରର ସହକାରୀ ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇ, ଏଏଫଓ(ଷ୍ଟ୍ରାଇକିଂ ଫୋର୍ସ) ଶିଶିର କୁମାର ସିଂଙ୍କ ସମେତ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ଇଂ. ସୋମନାଥ ତ୍ରିପାଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ତାପସ ଦାଶ, ସାଧାରଣ ବିଦ୍ୟୁତ ବିଭାଗ(ଜିଇଡି) ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜେଶ ପ୍ରଧାନଙ୍କ ସମେତ ଉଭୟ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ. ମମତା ପାଣିଗ୍ରାହୀ ଓ ଇଂ. ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଦୀର୍ଘ ୨ବର୍ଷରୁ ଅଧିକ କାଳ ଧରି ମେଡ଼ିକାଲର ମୋଟ ୨୨ଟି କୋଠା ମଧ୍ୟରୁ ଅଧାରୁ ଅଧିକ କୋଠାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥିବା ବେଳେ ମେଡ଼ିକାଲ ପକ୍ଷରୁ ବାରମ୍ବାର ଚିଠି ଲେଖା ଯାଇଥିଲେ ହେଁ କେହି କର୍ଣ୍ଣପାତ କିମ୍ବା ସମସ୍ୟାର ସମାଧାନ କ୍ଷେତ୍ରରେ ହସ୍ତକ୍ଷେପ କରିନଥିବା ବେଳେ ଏସ୍‌ସିବିରେ ନିଆଁ ଲାଗିବା ପରେ ଚେତା ପଶିଛି।

କ୍ୟାମ୍ପସରେ ଥିବା (ଛାତ୍ରୀ) ପିଜି ହଷ୍ଟେଲ, ଲେଡିସ୍ ହଷ୍ଟେଲ, ସିନିୟର୍ ରେସିଡ଼ାଣ୍ଟ ହଷ୍ଟେଲ, ୟୁଜି ଛାତ୍ରୀ ହଷ୍ଟେଲ, ସୁପର ସ୍ପେସିଆଲିଟି କୋଠା, ପିଏମଏସଏସୱାଇ କୋଠା, ଆରଡିସି ଓ ଅଡିଟୋରିଅମ କୋଠା ସହିତ ୧୨ରୁ ଅଧିକ ୩ରୁ ୪ମହଲା ବିଶିଷ୍ଟ କୋଠାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ଗତ ୨ବର୍ଷ ଧରି ମେଡିକାଲର ବିଭିନ୍ନ କୋଠାରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥିବା ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ, ପୂର୍ତ୍ତବିଭାଗ ଓ ସାଧାରଣ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଏମକେସିଜି ମେଡିକାଲ ପରିସରରେ ଥିବା ବିଭିନ୍ନ କୋଠା ନିକଟରେ ଥିବା ଅଗ୍ନି ସୁରକ୍ଷା ସମ୍ପର୍କିତ ଯନ୍ତ୍ରାଂଶ ଗୁଡ଼ିକରେ କଳଙ୍କି ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ଯନ୍ତ୍ରାଂଶ ଗୁଡ଼ିକର ସ୍ଥିତି ଦେଖିଲେ, ତାହା ସଠିକ୍ ସମୟରେ କାର୍ଯ୍ୟକ୍ଷମ ହେବ କି ନାହିଁ ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍ଥିତିରେ କେବଳ ଶତାଧିକ ଅଗ୍ନି ନିର୍ବାପକ ଯନ୍ତ୍ର ଉପରେ ମେଡ଼ିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥା ନିର୍ଭର କରୁଛି। ସେଥି ମଧ୍ୟରୁ ବହୁ ନିର୍ବାପକ ଯନ୍ତ୍ରରେ ଗ୍ୟାସ ନଥିବା ବେଳେ କିଛି ଯନ୍ତ୍ରରେ ସଠିକ୍ ବୈଧତା ନଥିବା ଦେଖିବାକୁ ମିଳିଛି। ମେଡିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥା ସୁଧାରିବା ପାଇଁ ମେଡ଼ିକାଲକୁ ୧୨କୋଟି ଟଙ୍କା ମଳିଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ତାହାର ସଠିକ ବିନିଯୋଗ ହୋଇପାରୁ ନଥିବା ଜଣାପଡିଛି। ଏଥିପ୍ରତି ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ, ସରକାର ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଉତ୍କଳ ପ୍ରଦେଶ ଗଠନର ୯୦ ବର୍ଷ ପୂର୍ତ୍ତିରେ ଆଲୋଚନା ସଭା



ବ୍ରହ୍ମପୁର,୨।୪(ସମିସ): ଉତ୍କଳ ସମ୍ମିଳନୀ ଏବଂ ଉତ୍କଳ ଆଶ୍ରମ ପକ୍ଷରୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୯୦ବର୍ଷ ପୂରଣ ଅବସରରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ର ସଭାପତି ଡ଼ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜନୀତି ବିଜ୍ଞାନ ବିଶାରଦ ପ୍ରଫେସର ଡକ୍ଟର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଉତ୍କଳ ଆଶ୍ରମ ନ୍ୟାସର ବରିଷ୍ଠ ସଦସ୍ୟ କୃଷ୍ଣଚରଣ ସିଂହ ଏବଂ ସମ୍ମିଳନୀର ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଏବଂ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଡ଼ ସିଦ୍ଧାର୍ଥ ଶଙ୍କର ପାଢୀ ବରପୁତ୍ର ମାନଙ୍କର ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବହୁ ବାଧାବିଘ୍ନ ସତ୍ତ୍ୱେ ଓଡ଼ିଶାର ବରପୁତ୍ର ମାନଙ୍କର ସ୍ୱାର୍ଥ ତ୍ୟାଗ ଅଦମ୍ୟ ଅକ୍ଲାନ୍ତ ପରିଶ୍ରମ ବଳରେ ଭାରତ ବର୍ଷରେ ଓଡ଼ିଶା ଏକ ମାତ୍ର ଭାଷା ଭିତ୍ତିକ ରାଜ୍ୟ ଭାବରେ ୧୯୩୬ ଏପ୍ରିଲ ୧ ରେ ପ୍ରତିଷ୍ଠା ଲାଭ କରିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍କଳ ସମ୍ମିଳନୀ ଦ୍ୱାରା ପ୍ରତିଷ୍ଠିତ ଉପାନ୍ତ ଅଞ୍ଚଳର ଓଡ଼ିଆ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ରାଜ୍ୟ ସରକାର ଦୀର୍ଘ ତିନିବର୍ଷ ହେଲା ଦରମା ପ୍ରଦାନ ନ କରିବାରୁ ସେମାନେ ଦୁଃଖ ତଥା ନୈରାଶ୍ୟରେ କାଳାତିପାତ କରୁଛନ୍ତି। ତେଣୁ ରାଜ୍ୟ ସରକାର ଯଥାଶୀଘ୍ର ଏକ କାଳିନ ସମସ୍ତ ଦରମା ପ୍ରଦାନ କରିବା ସହ ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କ ସମତୁଲ ଦରମା ପ୍ରଦାନ କରନ୍ତୁ ବୋଲି ଦାବି କରିଥିଲେ। ଆଲୋଚନା ସଭାରେ ସମ୍ମିଳନୀର ଉପସଭାପତି ଡ ବନମାଳୀ ପାଣିଗ୍ରାହୀ, ଜିଲ୍ଲା ପ୍ରତିନିଧି ଡାକ୍ତର ସମରେନ୍ଦ୍ର କୁମାର ସାହୁ, ଡ.ପ୍ରଫୁଲ୍ଲ କୁମାର ମହାନ୍ତି ହାରିତସ, ରମେଶ ଚନ୍ଦ୍ର ତ୍ରିପାଠୀ, ସୀମାଞ୍ଚଳ ପ୍ରସାଦ ବିଷୋୟୀ, ସୂର୍ଯ୍ୟ କାନ୍ତ ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଶ୍ରମକୋଡ୍ ବାତିଲ ଦାବିରେ କଳାଦିବସ

ବ୍ରହ୍ମପୁର,୨।୪(ସମିସ): ଶ୍ରମକୋଡ଼ ବାତିଲ ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ କଳା ଦିବସ ପାଳନ କରାଯିବା ସହ ଯୁଗ୍ମ କମିଶନର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶ୍ରମକୋଡ଼ ମାଲିକ ସପକ୍ଷବାଦୀ ହୋଇଥିବା ବେଳେ ଶ୍ରମିକଙ୍କ ଶହ ଶହ ବର୍ଷର ରକ୍ତକ୍ଷୟି ସଂଘର୍ଷ ଫଳରେ ହାସଲ କରିଥିବା ଅଧିକାର ଅକାମୀ ହୋଇଯିବ। ଏହି ନୀତି ଏପ୍ରିଲ ପହିଲାରୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେଣୁ ଏହା ବିରୋଧରେ ଶ୍ରମିକ କଳା ଦିବସ ପାଳନ କରାଯାଉଥିବା ଏଠାରେ କୁହାଯାଇଛି। ଶ୍ରମିକମାନଙ୍କ କାର୍ଯ୍ୟ କ୍ଷେତ୍ରରେ ନିରାପତ୍ତା, ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ଚାକିରୀ ସର୍ତ୍ତାବଳି ଗୁଡିକୁ ମାଲିକ ଲାଭ ସର୍ବସ୍ୱ ନୀତିରେ ପରିବର୍ତ୍ତନ କରାଯାଇଛି। କୋଟି କୋଟି ଅସଙ୍ଗଠିତ ଶ୍ରମିକଙ୍କ ମଜୁରୀ ଓ ସାମାଜିକ ସୁରକ୍ଷା ଯୋଜନାକୁ ଦୁର୍ବଳ




କରାଯାଇଥିବା ଅଭିଯୋଗ ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଏଆଇଟିୟୁଜିର ପ୍ରଶାନ୍ତ ପାଟଯୋଶୀ, ପ୍ରବୀଣ ଦାସ, ସିଆଇଟିୟୁର ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ଶିବ ପ୍ରସାଦ ମହାପାତ୍ର, ଆଇଏନଟିୟୁସିର ଭୋକଲି ସେଠୀ, ଏଆଇୟୁଟିୟୁସିର ସୋମନାଥ ପାତ୍ର, ଏଚ୍ଏମଏସର ସତ୍ୟ ତ୍ରିପାଠୀ ଶ୍ରମିକ ନେତା କାମଦେବ ପହାନ, ଅଳକ ମିଶ୍ର, ମଧୁ ବେହେରା, ନୀଳ ମାଧବ ରଥ ଓ ଗୋପାଳ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା
# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୃତିତ୍ୱ



ବ୍ରହ୍ମପୁର,୨।୪(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟକ ଓ ସାଂସ୍କୃତିକ ପ୍ରତିଯୋଗିତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୃତିତ୍ୱ ହାସଲ କରିଛି। ମାର୍ଚ୍ଚ ୨୮ରୁ ୩୧ପର୍ଯ୍ୟନ୍ତ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୮ଜଣ ପ୍ରତିଯୋଗୀଙ୍କ ସମେତ ୨ଜଣ ଟିମ୍ ମ୍ୟାନେଜର ଗସ୍ତ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୪ଗୋଟି ପୁରସ୍କାର ହାସଲ କରିଛି। କୁଇଜ୍‌ରେ ଦେବର୍ଶି ମିଶ୍ର ଏବଂ ଶୁଭପ୍ରିୟା ମିଶ୍ର ପ୍ରଥମ, ଇଂରେଜୀ କବିତା ଲେଖନିରେ ସାଇ ସୋନାଲି ପତି ଦ୍ୱିତୀୟ, ଓଡ଼ିଆ ବକ୍ତୃତାରେ ସ୍ୱସ୍ତି ସୁନ୍ଦର ସିୟା ଏବଂ ପ୍ରୀତି ପ୍ରଭା ମହାପାତ୍ର ଦ୍ୱିତୀୟ ଏବଂ ଦଳଗତ ଲୋକ ନୃତ୍ୟ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, ସାଂସ୍କୃତିକ ସଂଯୋଜିକା ଡ଼. ସରିତା ଦାଶ, ଯୁଗ୍ମ କୁଳସଚିବ ଡ଼. ବାବୁଜୀ ସାମଲ ଏବଂ ସହ କୁଳସଚିବ ଡ଼. ସରୋଜ କୁମାର ଦାଶ ପ୍ରମୁଖ ପୁରସ୍କୃତ ଛାତ୍ର ଛାତ୍ରୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ମହିଳାଙ୍କୁ ପ୍ରତାରଣା; ଯୁବକ ଗିରଫ

ବ୍ରହ୍ମପୁର,୨।୪(ସମିସ): ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗରେ ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ ମୁଖ୍ୟରାସ୍ତାର ଟି. ମନ୍ମଥ ରାଓ(୩୧)। ମନ୍ମଥ ଏବଂ ଲାଠିର ଜଣେ ମହିଳାଙ୍କ ମଧ୍ୟରେ କିଛି ବର୍ଷ ହେବ ସମ୍ପର୍କ ରହିଥିଲା। ମନ୍ମଥ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ଶେଷରେ ବିବାହ ପାଇଁ ମନା କରି ଦେଇଥିଲେ। ମହିଳା ଜଣଙ୍କ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ମନ୍ମଥକୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଜ୍ୟୋସ୍ନାରାଣୀଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ

ବ୍ରହ୍ମପୁର,୨।୪(ସମିସ): ମହେନ୍ଦ୍ର କଳା ସାହିତ୍ୟ ସଂସଦର ସମ୍ପାଦିକା ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ହିଲପାଟଣା ସ୍ଥିତ ଗଣେଶ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ କବି ଦିନବନ୍ଧୁ ଶ୍ରୀପଲ୍ଲବ, କବି ନୀଳକଣ୍ଠ ସାହୁ, ସ୍ୱର୍ଗତ ପଣ୍ଡାଙ୍କ ସାନ ଭଉଣୀ ଉଷାରାଣୀ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସାମ୍ବାଦିକ ସୁଦୀପ ସାହୁ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ସ୍ମୃତିଚାରଣ କବିତା ପାଠୋତ୍ସବରେ ପଣ୍ଡିତ ବିଶ୍ୱନାଥ ରଥ, ଅରୁଣ କୁମାର ପାତ୍ର, ବଂଶୀଧର ସେଠୀ, ସୁଧାଞ୍ଜଳି ମିଶ୍ର, ପଦ୍ମିନୀ ମିଶ୍ର, ବନ୍ଦନା ମହାପାତ୍ର, ପ୍ରହଲ୍ଲାଦ ବେହେରା, ପ୍ରଫୁଲ୍ଲ ତ୍ରିପାଠୀ ପ୍ରମୁଖ କବି କବୟିତ୍ରୀ ମାନଙ୍କ ସମେତ ସ୍ୱର୍ଗତା ପଣ୍ଡାଙ୍କ ବଡ ଭାଇ ଉମାଶଙ୍କର ମହାପାତ୍ର ଦୁଇ କନ୍ୟା ଗୀତା ଓ ମିତା ଦୁଇ



ଜାମାତା ଚିତ୍ତରଞ୍ଜନ ପଣ୍ଡା ଓ ସୌମ୍ୟରଞ୍ଜନ ପଣ୍ଡା ଦୁଇ ନାତି ଅଂଶିକ ପ୍ରିୟଦର୍ଶୀ, ସାତ୍ତ୍ୱିକ ରଞ୍ଜନ, ଗୀତାଞ୍ଜଳି ପଣ୍ଡା, ମାନସ ରଞ୍ଜନ ତ୍ରିପାଠୀ, ସନତ କୁମାର ପଣ୍ଡା, ମନୋଜ ସାମଲ, ସୁଶିଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପତି, ହୃଷିକେଶ ମହାନ୍ତି, ସୀମାଞ୍ଚଳ ପ୍ରସାଦ ବିଷୋୟୀ, ହାଡ଼ିବନ୍ଧୁ ମାଳି ପ୍ରମୁଖ ବନ୍ଧୁ ପରିଜନ ଉପସ୍ଥିତ ରହି ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଶୃଙ୍ଖଳାର ସହିତ ସମ୍ପନ୍ନ ହେଲା ତାରାତାରିଣୀଙ୍କ ଚୈତ୍ରମେଳା

# ଲକ୍ଷାଧିକ ଭକ୍ତଙ୍କ ସମାଗମ, ୧୯,୦୭୬ ଜଣ କଲେ ମୁଣ୍ଡନ



ବ୍ରହ୍ମପୁର,୨।୪(ସମିସ): ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ପ୍ରସିଦ୍ଧ ଚୈତ୍ର ମେଳା। ମନ୍ଦିର ଟ୍ରଷ୍ଟ, ଉନ୍ନୟନ କମିଟି ଓ ଜିଲ୍ଲା ପ୍ରଶାସନ ସମେତ ପୁଲିସ ପ୍ରଶାସନ, ସେବାୟତ, ଭକ୍ତ ଓ ସ୍ୱେଚ୍ଛାସେବୀଙ୍କ ସାମୁହିକ ସହଯୋଗରେ ଏହି ମେଳା ସଫଳତାର ସହିତ ଶେଷ ହୋଇଛି। ଏନେଇ ଆଜି ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲାପାଳ ଭି. କିର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧନ୍ୟବାଦ ସଭାରେ ଜିଲ୍ଲାପାଳ ସମସ୍ତଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ବିଭିନ୍ନ ବିଭାଗ ସହିତ ସ୍ଥାନୀୟ ଜନସାଧାରଣ ଓ ଶୃଙ୍ଖଳିତ ଭକ୍ତଙ୍କ ଯୋଗୁଁ କୌଣସି ଅଘଟଣ ଘଟିନାହିଁ। ମାଁଙ୍କର ଅପାର କରୁଣା ଏହା ପଛର ଅନ୍ୟତମ ମୁଖ୍ୟ କାରଣ। ତେବେ ଟ୍ରାଫିକ ଜନିତ କିଛି ସମସ୍ୟା ଯାହା ନଜରକୁ ଆସିଥିଲା ତାହାର ସ୍ଥାୟୀ ସମାଧାନ କରାଯାଇ ଆସନ୍ତା ୨୦୨୭ ଚୈତ୍ର ମେଳାକୁ ଆହୁରି ଅଧିକ ଭଲ କରିବାକୁ ଚେଷ୍ଟା କରାଯିବ ବୋଲି କହିଥିଲେ ଉଭୟ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ଏବଂ ଗଞ୍ଜାମ ଏସପି ସୁଭେନ୍ଦୁ ପାତ୍ର। ବୈଠକରେ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ଯାତ୍ରାର ଆୟ ସମ୍ପର୍କିତ ବିବରଣୀ ପାଠ କରିଥିଲେ। ମିଳିଥିବା ସୂଚନା ପ୍ରକାରେ ଚଳିତ ବର୍ଷ ୪ଟି ପାଳି ମଙ୍ଗଳବାର ଯାତ୍ରା ଅନୁଷ୍ଠିତ ହୋଇଥିଲା। ତୃତିୟ ଓ ଶେଷ ପାଳିରେ ପ୍ରାୟ ୩ରୁ ୪ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ସେଥିମଧ୍ୟରୁ ଚଳିତ ବର୍ଷ ମେଳା ଅବସରରେ ୧୯ହଜାର ୭୬ଜଣ ମାନସିକଧାରୀ ମୁଣ୍ଡନ କରିଥିଲେ। ମୁଣ୍ଡନ ବାବଦରେ ମୋଟ ୭ଲକ୍ଷ ୬୪ହଜାର ୧୮୦ଟଙ୍କା ଅର୍ଥ ଆଦାୟ ହୋଇଥିଲା। ସେହିଭଳି ସ୍ୱତନ୍ତ୍ର ଦର୍ଶନ ଜରିଆରେ ୨୧୨୦ଜଣ ଭକ୍ତଙ୍କ ଠାରୁ ୫ଲକ୍ଷ ୩୦ହଜାର ଟଙ୍କା ଆଦାୟ ହୋଇଥିଲା। ଦାନ ହୁଣ୍ଡିରୁ ମୋଟ ୧ଲକ୍ଷ ୨୦ହଜାର ୨୮୮ଟଙ୍କା ଏବଂ ଛେଳି ଦାନ ବାବଦରେ ୭୪ହଜାର ଟଙ୍କା ଏହିଭଳି ଚଳିତ ବର୍ଷ ଚୈତ୍ର ମେଳାରୁ ମୋଟ ୧୪ଲକ୍ଷ ୮୮ହଜାର ୪୬୮ଟଙ୍କା ଆଦାୟ ହୋଇଥିବା ଜଣାପଡିଛି। ମେଳାରୁ ଆଦାୟ ଅର୍ଥକୁ ମାଁଙ୍କ ମନ୍ଦିରର ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରାଯିବାକୁ ଥିବା ବେଳେ ନିର୍ମାଣାଧିନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମନ୍ଦିରର ସେବାୟତ, ବିଭିନ୍ନ ସ୍ୱେଚ୍ଛାସେବୀ, ଅଧିକାରୀ ଓ ସାମ୍ବାଦିକଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଓ ଗଞ୍ଜାମ ଏସପିଙ୍କ ସମେତ ପୁରୁଷୋତ୍ତମପୁର ଏସଡିପିଓ ସୁଚିତ ନାୟକ, ଥାନା ଅଧିକାରୀ କୁଳମଣି ସେଠୀ, ବିଭିନ୍ନ ବ୍ଲକର ତହସିଲଦାର ଓ ବିଡିଓଙ୍କ ସମେତ ଏନଏସି ଗୁଡିକର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶିରିଗୁଡ଼ାଠାରେ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କଲା ଟିପିଏସ୍‌ଓଡିଏଲ୍
## ୭ ହଜାର ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା

ବ୍ରହ୍ମପୁର,୨।୪(ସମିସ): ଟିପିସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ) ପକ୍ଷରୁ ରାୟଗଡ଼ା ଜିଲ୍ଲା ଶିରିଗୁଡ଼ାଠାରେ ଏକ ନୂଆ ୩୩ କେଭି ଲାଇନ ଓ ପ୍ରାଇମେରୀ ସବଷ୍ଟେସନ ପ୍ରତିଷ୍ଠା କରାଯାଇଛି। ଗୁଡ଼ାରୀ ଅଞ୍ଚଳ ବିଦ୍ୟୁତ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ପ୍ରତିଷ୍ଠିତ ଏହି ପ୍ରକଳ୍ପ ଶିରିଗୁଡା, ଭୁରୁକୁଡୁ, ଗୁମି, ଆସାଡା, ବିଜାପୁର, ଗରଦାମା, ସାରମୁଲି ଏବଂ ହନୁମନ୍ତପୁର ଗ୍ରାମ ପଞ୍ଚାୟତର ବାସିନ୍ଦାଙ୍କ ସହିତ ଗୁଡାରୀ ଏନଏସିର ଗ୍ରାହକଙ୍କୁ ସିଧାସଳଖ ଉପକୃତ କରିବ। ମୋଟାମୋଟି ଭାବେ ୩,୫୦୦ରୁ ଅଧିକ ଗ୍ରାମୀଣ ପରିବାର ଏବଂ ୩,୦୦୦ ସହରୀ ଉପଭୋକ୍ତା ଉନ୍ନତ ବିଦ୍ୟୁତ ଗୁଣବତ୍ତା ଏବଂ ବିଶ୍ୱସନୀୟତାରୁ ଉପକୃତ ହେବେ। ଏହି ନୂଆ ଭିତ୍ତିଭୂମି କାର୍ଯ୍ୟକ୍ଷମ ହେବା ପରେ ୧୨୦ରୁ ଅଧିକ ଗ୍ରାମକୁ ଗୁଣାତ୍ମକ ବିଜୁଳି ସେବା ମିଳିପାରିବ। ବିଜୁଳି ବ୍ୟାହତ ଓ ଲୋ-ଭୋଲଟେଜ ସମସ୍ୟା ହ୍ରାସ ହେବ। ସେହିପରି ଲମ୍ବା ଫିଡର ଲାଇନ ଉପରେ ଥିବା ନିର୍ଭରଶୀଳତା ମଧ୍ୟ ହ୍ରାସ ପାଇବ ଓ ବିଜୁଳି ନେଟୱାର୍କ ସୁଦୃଢ଼ ହେବ।



କମ୍ପାନୀର ଏହି ସଫଳତା ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, "ପ୍ରତ୍ୟେକ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଜୁଳିସେବା ଯୋଗାଇବା ନିମନ୍ତେ ଆମେ ଅଦମ୍ୟ ଚେଷ୍ଟା ଜାରି ରଖିଛୁ। ଉପଭୋକ୍ତା ସଂପ୍ରଦାୟ, ପ୍ରଶାସନ ଓ ତୃଣମୂଳ ସ୍ତରରେ କାର୍ଯ୍ୟକାରିତାକୁ ପାଥେୟ କରି ଆମେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛୁ। ଆମେ ବିଶ୍ୱାସ କରୁ ଯେ, ଉପଭୋକ୍ତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିଲେ ସମସ୍ତ ଆହ୍ୱାନକୁ ପାର କରିପାରିବା ସମ୍ଭବପର। ସଦ୍ୟ କାର୍ଯ୍ୟକ୍ଷମ ହୋଇଥିବା ଏହି ପ୍ରକଳ୍ପ, କମ୍ପାନୀର କର୍ମଚାରୀମାନଙ୍କର ଦଳଗତ ପ୍ରଦର୍ଶନ ଓ ନିଷ୍ଠାପର କାର୍ଯ୍ୟଦକ୍ଷତାକୁ ପ୍ରମାଣିତ କରୁଛି।

## ଜନଗଣନା କାର୍ଯ୍ୟକ୍ରମ

# ସମସ୍ତଙ୍କୁ ସାମିଲ ପାଇଁ ଆହ୍ୱାନ ଦେଲେ ମେୟର ଓ ବିଧାୟକ







ବ୍ରହ୍ମପୁର,୨।୪(ସମିସ): ଏପ୍ରିଲ ପହିଲାରୁ ରାଜ୍ୟରେ ଆରମ୍ଭ ହୋଇଛି ଜନଗଣନା କାର୍ଯ୍ୟକ୍ରମ। ଏଥିରେ ପ୍ରତ୍ୟେକ ନାଗରିକଙ୍କୁ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହେବା ସହିତ ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ସହଯୋଗର ହାତ ବଢ଼ାଇବା ଉଚିତ। ଜନଗଣନା ସମୟରେ ଏନୁମୁରେଟର ବା ଜନଗଣନାକାରୀଙ୍କୁ ସମସ୍ତ ପ୍ରଶ୍ନର ସଠିକ ଉତ୍ତର ବା ତଥ୍ୟ ପ୍ରଦାନ କରିବା ଉଚିତ। ସ୍ୱତନ୍ତ୍ର ଭାବେ ତାଲିମ ନେଇଥିବା କର୍ମଚାରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ସାମିଲ କରାଯାଇଥିବା ବେଳେ ସେମାନେ ଘର ଘର ବୁଲି ନାଗରିକଙ୍କ ଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି। ଏହି କ୍ରମରେ ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ଜନଗଣନା କାର୍ଯ୍ୟକ୍ରମରେ ସହରର ପ୍ରଥମ ନାଗରିକ ତଥା ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ବିଧାୟକ କେ. ଅନୀଲ କୁମାର, ଡେପୁଟି ମେୟର ଇ. ବିବେକ ରେଡ୍ଡୀ ଏବଂ କମିଶନର ସୁଶ୍ରୀ ଏ. ଶସ୍ୟା ରେଡ୍ଡୀଙ୍କ ଘରକୁ ଯାଇ ଜନଗଣନା କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀ ସେମାନଙ୍କ ଠାରୁ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ଠାରୁ ତଥ୍ୟ ସଂଗ୍ରହ କରିଛନ୍ତି। ନିଜେ ସାମିଲ ହେବା ପରେ ସେମାନେ ସମସ୍ତ ସହରବାସୀଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

# ରାସ୍ତା କଡ଼ରୁ ମୂଲ୍ୟବାନ ଗଛ କାଟିନେଲେ ଦୁର୍ବୃତ୍ତ

ମହାକାଳପଡ଼ା,୨।୪(ସମିସ)



ରାସ୍ତା କଡ଼ରେ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ମୂଲ୍ୟବାନ ଆକାଶି ଗଛକୁ ଦୁର୍ବୃତ୍ତମାନେ କାଟି ଦେଇଛନ୍ତି। କଟାଯାଇଥିବା କେତେକ ଗଛ ସ୍ଥାନାନ୍ତରିତ କରାଯାଇଥିଲାବେଳେ ଅବଶିଷ୍ଟ ଗଛ ପଡ଼ି ରହିଛି। ତେବେ ବିଭାଗୀୟ ଅନୁମତି ବିନା ଏତେ ସଂଖ୍ୟକ ଗଛ କଟାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି ଅଞ୍ଚଳର ଯୁବକ। ବନ ବିଭାଗର ଅନୁମତି ବିନା ଗଛ କଟାଯାଇଛି। ବିଭାଗ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନା ଦୁର୍ବୃତ୍ତ ଖସିଯିବେ, ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡା ପଞ୍ଚାୟତର ନଳପଦାଠାରୁ ଅମିରାବାଦ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ବନ ବିଭାଗ ପକ୍ଷରୁ ବନୀକରଣ କରାଯାଇଥିଲା। ଗଛଗୁଡିକ ଆକାରରେ ବଡ଼ ହେବା ସହିତ ଯାତ୍ରୀଙ୍କ ସହିତ ଗ୍ରାମବାସୀଙ୍କ ପାଇଁ ବେଶ୍ ଲାଭଦାୟକ ହେଉଥିଲା। ତେବେ ଗତକାଲି ୩୦ରୁ ଅଧିକ ମୂଲ୍ୟବାନ ଆକାଶି ଗଛ କଟାଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମର ଗୋବରୀ ନଦୀ କୂଳରେ ନଦୀ ତଟବନ୍ଧ ତରଫରୁ ପଥର ବିଛା କାମ ହେବାକୁ ଥିବାବେଳେ କାମ ତଦାରଖ କରୁଥିବା ବ୍ୟକ୍ତି ଏହି ଗଛ କାଟିଥିବା ଯୁବକମାନେ ଅଭିଯୋଗ କରିଛନ୍ତି। ଗଛ କାଟିବା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେମାନେ ଉପରୁ ଅନୁମତି ମିଳିଛି ବୋଲି କହିଥିବା ଯୁବକ କହିଛନ୍ତି। ଏ ନେଇ ରେଞ୍ଜର ଶାନ୍ତନୁ କୁମାର ଦଳାଇଙ୍କୁ ଫୋନ ଯୋଗେ ପଚାରିବାରୁ ଗଛ କାଟିବା ପାଇଁ କୌଣସି ଅନୁମତି କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇ

**● ବନ ବିଭାଗର ମିଳିନି ଅନୁମତି**
**● କାର୍ଯ୍ୟାନୁଷ୍ଠାନ ହେବ ନା ଖସିଯିବେ**

ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଲୋକଙ୍କ ଅଭିଯୋଗ ଆଧାରରେ ସେ ଏକ ତଦନ୍ତ ପାଇଁ ସୁପାରିଶ ମଧ୍ୟ କରିଛନ୍ତି। ଆଜି ବନ ବିଭାଗର କିଛି କର୍ମଚାରୀ ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ତ୍ରିଲୋଚନ ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ପଥର କାମ କରୁଥିବା ଠିକାଦାର ବିନା ଅନୁମତିରେ ଏତେସଂଖ୍ୟକ ମୂଲ୍ୟବାନ ଗଛ କାଟିବା ପଛରେ ଏକ ବଡ଼ ଗ୍ୟାଙ୍ଗ୍ କାମ କରୁଥିବା ଅଭିଯୋଗକାରୀ କହିଛନ୍ତି। ସେମାନେ କହିଛନ୍ତି କି ବନବିଭାଗର ଜାଣତରେ ଏତେ ସଂଖ୍ୟକ ଗଛ କାଟିବା କାର୍ଯ୍ୟ ସମ୍ଭବ ହୋଇପାରିଛି। ଅଞ୍ଚଳରୁ ଏତେ ସଂଖ୍ୟକ ଗଛ କଟା ହେଉଛି ହେଲେ ବନବିଭାଗ ଜାଣିପାରୁନାହିଁ କେମିତି? ଖୋଦ୍ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାର ମାଆଙ୍କ ନାମରେ ଗଛଟିଏ ଲଗାଇବାର ଆହ୍ୱାନ କରୁଥିବାବେଳେ ଅଞ୍ଚଳରେ ଅଧିକାରୀ ଓ ଅସାଧୁ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ପାଇଁ ମୂଲ୍ୟବାନ ଗଛ ବଳିପଡୁଛି। ଏ ଘଟଣାରେ ବିଭାଗ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବେଶବିତ୍ ଓ ସାଧାରଣ ଲୋକେ ଦାବି କରିଛନ୍ତି।

## ରଘୁନାଥଜୀଉ ବେଶରେ ପ୍ରଭୁ ବଳଦେବଜୀଉ

କେନ୍ଦ୍ରାପଡ଼ା,୨।୪(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ଅତ୍ୟନ୍ତ ଆକର୍ଷଣୀୟ ରଘୁନାଥଜୀଉ ବେଶ ଆଜି ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ନୀତି ସମ୍ପନ୍ନ ପରେ ବେଶ ଆରମ୍ଭ ହୋଇଥିବାବେଳେ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ବେଶରେ ପ୍ରଭୁ ବଳଦେବଜୀଉ ଶ୍ରୀରାମଙ୍କ ରୂପେ ଶୋଭିତ ହୋଇଥିବାବେଳେ ହସ୍ତରେ କୋଦଣ୍ଡ ଧନୁଷ୍ୟ ଓ କାଣ୍ଡ ଧାରଣ କରି ରତ୍ନ ସିଂହାସନରେ ଅପୂର୍ବ ରୂପରେ ଭକ୍ତଙ୍କୁ ମନୋମୁଗ୍ଧ କରୁଥିଲେ। ନଳ, ନୀଳ, ଜାମ୍ବବନ୍ତ, ଅଙ୍ଗଦ ଓ ହନୁମାନଙ୍କ ବେଶ ମଧ୍ୟ ଦେଖିବାକୁ ମିଳିଥିଲା। ଯାହା ସମଗ୍ର ପରିବେଶକୁ ରାମମୟ କରିଥିଲା। ଚୈତ୍ର ପୂର୍ଣ୍ଣିମା ଅବସରରେ ଏହି ବିଶେଷ ବେଶ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଭକ୍ତ ଆସି ଭିଡ଼ କରିଥିଲେ। ରାତ୍ର ଧୂପ ନୀତି ସମ୍ପନ୍ନ ପରେ ରତ୍ନ ସିଂହାସନରେ ଭକ୍ତ ବିଭୀଷଣଙ୍କୁ ଲାଗି କରାଯାଇଥିଲା। ଏହାପରେ ରାମଲୀଳା



ସମିତି ପକ୍ଷରୁ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଓ ରାବଣଙ୍କ ସଜ୍ଜିତ ବେଶରେ ଭୋଗମଣ୍ଡପ ଓ ଜଗମୋହନ ମନ୍ଦିରରେ ଛତ୍ରକାଟ ନୀତି ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଶ୍ରୀଜୀଉଙ୍କୁ ମହାସ୍ନାନ କରାଯାଇଥିବାବେଳେ ଚଳନ୍ତି ପ୍ରତୀମାକୁ ରାମଟୁଙ୍ଗିକୁ ବିଜେ କରାଯାଇଥିଲା। ଶେଷରେ ବଡ଼ସିଂହାର ପୁଷ୍ପାଞ୍ଜଳି ସମ୍ପନ୍ନ ହୋଇ ରାତ୍ରି ପ୍ରାୟ ୧୨ଟା ବେଳେ ପହୁଡ଼ ପଡ଼ିଥିବା ସୂଚନା ମିଳିଛି।

## ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ

ଡେରାବିଶ, ୨।୪(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ପାଠାଗାରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଇଂ ଭକ୍ତକବି ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ କାଳନ୍ଦୀ ଚରଣ ସାହୁ, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗକବି ଶ୍ରୀଧର ମହାନ୍ତି, ସମ୍ମାନିତ ଅତିଥି ଭାବେ ସମାଜସେବୀ ହଳଧର ଦାଶ, ଅଧ୍ୟାପକ ଅଜୟ ପତି, ସମାଜସେବୀ ରବୀନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଇଂ ବାନାମ୍ବର ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପାଠାଗାର ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ଘଟାଇବା ସହିତ ଗବେଷଣାରତ ଛାତ୍ରଛାତ୍ରୀ ପାଇଁ ବିଶେଷ ସହାୟକ ହୋଇଛି ବୋଲି କହିଥିଲେ। ଶିକ୍ଷାବିତ୍ ଈଶ୍ୱର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପାଠାଗାରର ସମ୍ପାଦକ ଗୁରୁଚରଣ ସେଠୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ ପ୍ରାଧ୍ୟାପକ ପ୍ରଭାକର ସାମଲ, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ବିପିନ ବିହାରୀ




ସାହୁ, ପ୍ରଫୁଲ୍ଲ ଦାସ, ଅଭିମନ୍ୟୁ ରାଉତ, ହୃଷିକେଶ ଦାସ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟା, ପାଠାଗାରର ସଦସ୍ୟ ବ୍ୟାସକବି ଦାସ ଓ ଲୀନା ଦାସ ପ୍ରମୁଖ ପାଠାଗାରର ପ୍ରତିଷ୍ଠାତା ଇଂ ବାନାମ୍ବର ଦାସଙ୍କ ସ୍ମୃତିଚାରଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଆସିଥିବା କବି ଓ କବୟିତ୍ରୀଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସେବାନିବୃତ୍ତ ସେନା ଅଧିକାରୀ ମେଜର ଭରତ ଚନ୍ଦ୍ର ପଣ୍ଡା, ରଜନୀକାନ୍ତ ଦାସ, ନିକୁବିହାରୀ ପୃଷ୍ଟି ସଂଯୋଜନା କରିଥିବାବେଳେ ଦୀପକ ଓଝା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳମଣି ଓ ଉତ୍କଳ ଗୌରବଙ୍କୁ ଭାରତରତ୍ନ ଦେବାକୁ ଦାବି

ଡେରାବିଶ, ୨।୪(ସମିସ): ଓଡ଼ିଶାର ବରପୁତ୍ର ଉତ୍କଳମଣି ଗୋପବନ୍ଧୁ ଦାସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତ ରତ୍ନ ଉପାଧି କରିବାକୁ ପବିତ୍ର ଓଡ଼ିଶା ଦିବସ ଅବସରରେ ଜନଶକ୍ତି ପାର୍ଟି ପକ୍ଷରୁ ପ୍ରଧାନମନ୍ତ୍ରଙ୍କ ନିକଟକୁ ଚିଠି ଲେଖିଥିବା ପାର୍ଟିର ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ସେବା ଓ ତ୍ୟାଗର ପ୍ରତୀକ ଓଡ଼ିଶାର ବରପୁତ୍ର ଉତ୍କଳମଣି ବନ୍ୟା, ବାତ୍ୟା ପ୍ରପୀଡ଼ିତ ଲୋକଙ୍କ ସେବା କରିବା, ଓଡ଼ିଶାବାସୀଙ୍କୁ ଗୁରୁକୂଳ, ଆଦର୍ଶ ଶିକ୍ଷା ପ୍ରଦାନ ନିମନ୍ତେ ବକୁଳବନ ବିଦ୍ୟାଳୟ ପ୍ରତିଷ୍ଠା କରିବା, ସର୍ବୋପରି ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସଦାସର୍ବଦା ଚେଷ୍ଟା କରୁଥିବାବେଳେ ଉତ୍କଳ ଗୌରବ ମଧୁସୂଦନ ଛାତ୍ର ଅବସ୍ଥାରୁ ଦେଶ ସେବା ପାଇଁ ନିଜକୁ ଉତ୍ସର୍ଗ କରିବା ସହିତ ଓଡ଼ିଶାରେ ନାରୀଶିକ୍ଷା, ଓଡ଼ିଆ ଭାଷା ସୁରକ୍ଷା, ଭାଷାଭିତ୍ତିକ ଓଡ଼ିଶା ଗଠନ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କରିବା ଓ ନାରୀ ଶିକ୍ଷାର ପ୍ରଚାର ପ୍ରସାର କରିବା, ସର୍ବୋପରି ଅବୈତନିକ ମନ୍ତ୍ରୀ ଭାବେ ଲୋକଙ୍କ ସେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଏହି ଦୁଇ ବରପୁତ୍ରଙ୍କୁ ଭାରତ ରତ୍ନ ଉପାଧିରେ ଭୂଷିତ କରିବା ପାଇଁ ଦାବିକରି ଆସୁଥିବା ଜନଶକ୍ତି ପାର୍ଟି ପବିତ୍ର ଓଡ଼ିଶା ଦିବସରେ ପୁଣି ତାଙ୍କ ଦାବି ଦୋହରାଇଛନ୍ତି। ଏହି ପ୍ରେସ୍ ବିବୃତିରେ ଶ୍ରୀ ଦାସଙ୍କ ସହିତ ସାଧାରଣ ସମ୍ପାଦକ ନୀଳମାଧବ ସାମଲ ଓ ଜନକଲ୍ୟାଣ ଶାନ୍ତି ଟ୍ରଷ୍ଟର ଅଧ୍ୟକ୍ଷ ଧରଣୀଧର ସାହୁ ଉପସ୍ଥିତ ଥିଲେ।

## ପେନସନଭୋଗୀ ସଂଘ ଓ ପାଠାଗାର ପକ୍ଷରୁ ଜଳଛତ୍ର

ଗରଦପୁର,୨।୪(ସମିସ): ଗ୍ରୀଷ୍ମଋତୁର ପ୍ରଚଣ୍ଡ ରୌଦ୍ରତାପ ଆରମ୍ଭ ହେବା ସହିତ ତୃଷାର୍ତ୍ତ ଲୋକଙ୍କ ପାଇଁ ଜଳଛତ୍ର ଆରମ୍ଭ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତର ମାହଳଠାରେ ଅବସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ସମ୍ମୁଖରେ ଆଞ୍ଚଳିକ ପେନସନ୍‌ଭୋଗୀ ସଂଘ ଓ ପତିତପାବନ ମହାପାତ୍ର ସ୍ମାରକୀ ପାଠାଗାର ପକ୍ଷରୁ ଜଳଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ସଂଘ ସଭାପତି ଦୁର୍ଯ୍ୟୋଧନ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ମାହଳ ଶାଖାର ପରିଚାଳକ ସୁରେଶ ଚନ୍ଦ୍ର ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।



ଏ ଅବସରରେ ବଙ୍ଗାଳପୁର ସରପଞ୍ଚ ଅମୀୟ ଜେନା, ବରିଷ୍ଠ ସାମ୍ବାଦିକ ଓ ପଞ୍ଚମୁଖୀ ହନୁମାନ ମନ୍ଦିର ପରିଚାଳନା ସମ୍ପାଦକ ସୁବାସ ସାମଲ ଅତିଥି ଭାବେ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ପ୍ରତାପ ମହାପାତ୍ର, ପାଠାଗାର ସଭାପତି ପୁଷ୍ପେନ୍ଦ୍ର ସ୍ୱରୂପ ମହାପାତ୍ର, ସମ୍ପାଦିକା ମନସ୍ୱିନୀ ପଟ୍ଟନାୟକଙ୍କ ସହିତ ସଂଘର ବରିଷ୍ଠ ସଭ୍ୟ ନିରଞ୍ଜନ ପ୍ରଧାନ, ବଂଶୀଧର ସାମଲ, ସୁଲଭ ରାଉତ, ସୁରେନ୍ଦ୍ର ବାରିକ୍, ଅରୁଣ ଜେନା, ଗୌରାଙ୍ଗ ନାୟକ, ଦୃଲଭ ଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ କର୍ମୀ ବ୍ରଜକିଶୋର ସ୍ୱାଇଁଙ୍କ ପରଲୋକ

ଗରଦପୁର,୨।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ବଙ୍ଗାଳପୁର ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ବ୍ରଜକିଶୋର ସ୍ୱାଇଁଙ୍କ ପରଲୋକ ହୋଇଯାଇଛି। ସେ 'ଠୁସିଆ ଭାଇ' ଭାବେ ପରିଚିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। କିଛିଦିନ ଧରି ଅସୁସ୍ଥ ରହି ସେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଥିବାବେଳେ ରାତି ପ୍ରାୟ ୩ଟା ସମୟରେ ବାସଭବନରେ ତାଙ୍କର ଦେହାନ୍ତ ହୋଇଥିଲା। ଦୀର୍ଘଦିନ ଧରି କଂଗ୍ରେସ ଦଳରେ ସକ୍ରିୟ ରହି ସଂଗଠନକୁ ମଜବୁତ କରିବାରେ ଠୁସିଆ ଭାଇଙ୍କ ଅବଦାନ ଅତ୍ୟନ୍ତ ସ୍ମରଣୀୟ। ତାଙ୍କ ବିୟୋଗରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ ଗଭୀର ଶୋକ ପ୍ରକାଶ କରି ବଙ୍ଗାଳପୁର ପଞ୍ଚାୟତ କଂଗ୍ରେସ ଏକ ମୁରବୀକୁ ହରାଇଲା ବୋଲି କହିଛନ୍ତି। ବଙ୍ଗାଳପୁର ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ତାଙ୍କ ପାର୍ଥିବ ଶରୀର ଉପରେ କଂଗ୍ରେସ ପତାକା ଢଙ୍କାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ସୁବାସ ସାମଲ, ଫକୀର ମୋହନ ଲେଙ୍କା, ପ୍ରଦୀପ ଲେଙ୍କା, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରମାକାନ୍ତ ସ୍ୱାଇଁ, ବ୍ଲକ ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ଜିଲ୍ଲା ସମ୍ପାଦକ କୁମର ପାଣି,




ପଞ୍ଚାୟତ ସଭାପତି ଶ୍ୟାମସୁନ୍ଦର ଲେଙ୍କା, ଅଶୋକ ଲେଙ୍କା, ପ୍ରଦୀପ ମହାରଣା, ଅଜୟ ନାୟକ, ସରପଞ୍ଚ ଅମୀୟ ଜେନା, ସମିତି ସଭ୍ୟା ମହେଶ୍ୱତା ସାମଲଙ୍କ ସହ ଅନ୍ୟମାନେ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗ ଖବର ପାଇ ମାହଳ ବଜାରର ବ୍ୟବସାୟୀ ଦୋକାନ ବନ୍ଦ ରଖି ଶୋକ ପାଳନ କରିଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ବିଦେଶରେ ଥିବାରୁ ସାନପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ରାଜନଗର,୨।୪(ସମିସ): ରାଜନଗର ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକ କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଡିଓ ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର ଯୋଗଦେଇ ଅବସର ଗ୍ରହଣ କରିଥିବା ପିଅନ ରବୀନ୍ଦ୍ର ଓରାମଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଓରାମ ରାଜନଗର ବ୍ଲକରେ ଦୀର୍ଘ ୩୦ ବର୍ଷ ଚାକିରି କରି ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସହକାରୀ



ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ, ବିଏସଏସଓ ମନୋଜ ବେହେରା, ସିପି ଆଶିଷ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ, ରାଜେନ୍ଦ୍ର ମହାନ୍ତି ଓ କର୍ମଚାରୀ ବିରଞ୍ଚି ନାରାୟଣ ସାମଲଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ମା' ଅନ୍ନପୂର୍ଣ୍ଣା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବ

ପଟ୍ଟାମୁଣ୍ଡାଇ, ୨।୪(ସମିସ): ବେଲତଳ ଗ୍ରାମର ମା' ଅନ୍ନପୂର୍ଣ୍ଣା ଦେବୀଙ୍କ ୭୯ତମ ବାର୍ଷିକ ପୂଜା ଉତ୍ସବ ୫ ଦିନ ଧରି ପାଳିତ ହୋଇଯାଇଛି। ମୁଖ୍ୟ ପୂଜକ ଭ୍ରମରବର



ତ୍ରିପାଠୀ, ପ୍ରଭାକର ପଣ୍ଡା, ଗାଁର ମୁଖ୍ୟ ପୂଜକ ନବକିଶୋର ପଣ୍ଡା, ମା' ଖରାଖାଇ ଠାକୁରାଣୀଙ୍କ ପୂଜକ ପୀତାମ୍ବର ପଣ୍ଡା ପ୍ରମୁଖ ମା' ଅନ୍ନପୂର୍ଣ୍ଣାଙ୍କ ବିଭିନ୍ନ ନୀତି, କ୍ରାନ୍ତି, ସେବା ଓ ପୂଜା ପାଠ ସମ୍ପନ୍ନ କରିଥିଲେ। ସପ୍ତମୀ ପୂଜା, ବିଲ୍ୱବରଣ ଶୁଭାଧିବାସ, ଅଶୋକାଷ୍ଟମୀ, ଜଳାଭିଷେକ , କଳସ ଯାତ୍ରା ଷୋଡଶ ଉପଚାର ପୂଜା, ଚଣ୍ଡି ପାଠ, ନାମସଂକୀର୍ତ୍ତନ, ନବମୀ ପୂଜା, ଦଶମୀପୂଜା ଯଥାବିଧି ସମ୍ପନ୍ନ ହୋଇ ବିସର୍ଜନ ହୋଇଥିଲା। ଏ ଅବସରରେ ଭଜନ ପ୍ରବଚନ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦିବସରେ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ଜିଲ୍ଲା ଶ୍ରୀରାମ ସେନା ସଭାପତି ଶାରଦା ରାଉତ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଯୁବନେତା କାଉନସିଲର ଗୋପିବଲ୍ଲଭ ନାୟକ, ଗୋପିନାଥ ତ୍ରିପାଠୀ, କାଉନସିଲର ପ୍ରତିନିଧି ପ୍ରଭାତ ମଲିକ, ଯୁବ ନେତା ମିଟୁ ମନୋଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ପୂଜା ଉତ୍ସବକୁ ପ୍ରଫେସର ସବ୍ୟସାଚୀ ତ୍ରିପାଠୀ, ପ୍ରାଧ୍ୟାପକ ମନୋଜ ପରିଡା, ଇଂ ତପନ ପାତ୍ର, ନାଟ୍ୟକାର ଗୋଲକ ମହାରଣା, ପରମେଶ୍ୱର ପରିଡା, ସୁବାସ ସ୍ୱାଇଁ, ସୁଧାକର ପଣ୍ଡା, ଶୈଳେନ୍ଦ୍ର ନାୟକ, ଅଶୋକ ଦାଶ, ଅକ୍ଷୟ ଲେଙ୍କା, ଅକ୍ଷୟ ସାହୁ, ସମ୍ପାଦକ ବାସୁଦେବ ମହାନ୍ତି, ଅମୂଲ୍ୟ ବେହେରା ପ୍ରମୁଖଙ୍କ ସମେତ ବେଲତଳ ଗ୍ରାମବାସୀ ପରିଚାଳନା କରିଥିଲେ।

## କୋରନ୍ଦରେ ବିଶ୍ୱଶାନ୍ତି ମହାଯଜ୍ଞ

ରାଜକନିକା,୨।୪(ସମିସ): ରାଜକନିକାର ସର୍ବପୁରାତନ ଯଜ୍ଞାନୁଷ୍ଠାନ କୋରନ୍ଦ ଝାଡ଼େଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଚଳିତ ବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୨୬ ତାରିଖ ବୈଶାଖ ଅଷ୍ଟମୀଠାରୁ ଅଙ୍କୁରରୋପଣ, ଜଳଯାତ୍ରା, ଶ୍ରୀରାମ ଜୟନ୍ତୀ, ଶ୍ରୀରାମଚରିତ ମାନସ, ଶ୍ରୀମଦ ଭାଗବତ ପାରାୟଣ, ନାମ ସଂକୀର୍ତ୍ତନ, ହରିହାଟ ଆଦି ପରେ ଗୁରୁବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଦୈନିକ ପ୍ରବଚନ, ଆହୁତି ପ୍ରଦାନ ସହ ପାଲା ପରିବେଷଣ କରାଯାଇଛି।



## ଯୁବ ବ୍ୟବସାୟୀଙ୍କ ପରଲୋକ

ରାଜନଗର,୨।୪(ସମିସ): ରାଜନଗର ଗ୍ରାମର ଯୁବ ବ୍ୟବସାୟୀ ଜତିକୃଷ୍ଣ ମିଶ୍ରଙ୍କ ୫୭ ବର୍ଷ ବୟସରେ ଆଜି ସକାଳ ୯ଟା ସମୟରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ଗତ କିଛିଦିନ ତଳେ ନିଜ ହାର୍ଡୱେର ଦୋକାନରେ ବସିଥିବା ଅବସ୍ଥାରେ ହୃଦଘାତ ହୋଇଥିଲା। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୁଇଦିନ ତଳେ ତାଙ୍କର ଓପନ ହାର୍ଟ ଅସ୍ତ୍ରୋପଚାର କରାଯାଇଥିଲା। ଆଜି ତାଙ୍କର ମୃତ୍ୟୁ ଘଟିଛି। ଗତ ମାସ ୨୯ ତାରିଖରେ ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ରାଜନଗର ବଣିକ ସଙ୍ଘ ପକ୍ଷରୁ ସମସ୍ତ ବ୍ୟବସାୟୀ ଅନୁଷ୍ଠାନ ବନ୍ଦ ରଖାଯାଇଥିଲା। ବଣିକ ସଙ୍ଘ ସଭାପତି ବାଇଧର ସେଠୀ, ପଣ୍ଡିତ ଶଙ୍କରର୍ଷଣ ମିଶ୍ର,



ଅନିରୁଦ୍ଧ ପରିଡ଼ା, ହୃଷିକେଶ ସାହୁ, କମଳା କାନ୍ତ ମିଶ୍ର, ସୁବାସ ସାହୁ, ସତ୍ୟବାନ ସେଠୀ, ଉମେଶ ସ୍ୱାଇଁ, ପ୍ରଦୀପ ମିଶ୍ର, ପ୍ରେମାନନ୍ଦ ଲେଙ୍କା, ସୋମନାଥ ବାରିକ,ବଟକୃଷ୍ଣ ଷଡ଼ଙ୍ଗୀ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହିତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, ସରପଞ୍ଚ ସଂଗୀତା ମିଶ୍ର, ସମିତି ସଭ୍ୟା ସୁମିତ୍ରା ସେଠୀ, ଚିତ୍ତରଞ୍ଜନ ଦାସ, ବିଜୟ ଗୁପ୍ତା, ପ୍ରଦୀପ ଲେଙ୍କା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ








ପଟ୍ଟାମୁଣ୍ଡାଇ,୨।୪(ସମିସ)

ପଟ୍ଟାମୁଣ୍ଡାଇରେ ବିଭିନ୍ନ ସଂଗଠନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ କସ୍ତୁରୀ କଳା ନିକେତନରେ ଆୟୋଜିତ ଉତ୍କଳ ଦିବସ ସମାରୋହରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ଇଂ ତପନ ପାତ୍ର, ରିଜୱାନା ବେଗମ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ, ଅନୀଲ ଚୌଧୁରୀ, କୁମାରେଶ ନାୟକ, ପ୍ରତାପ ପାଢ଼ୀ, ଶିକ୍ଷାବିତ ଆରାଧନା ଦାଶ ବାରେଣୀ ସେଠୀ, ରାଜେନ୍ଦ୍ର ଦାଶ, କୃପାସିନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ନିଭାଇଥିବା ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିରେ ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ ରବୀନ୍ଦ୍ର ଦାଶ, ଯୁଗ୍ମ ସମ୍ପାଦକ କୁମାର ସତ୍ୟନାରାୟଣ ନାୟକ, କୋଷାଧ୍ୟକ୍ଷ ଗୀତାଞ୍ଜଳି ପୃଷ୍ଟି, ପାଠାଗାର ସମ୍ପାଦକ ସିନାରାଣୀ ଓଝା, ଆଡ଼ଭୋକେଟ ଅକ୍ଷୟ ସାହୁ ପ୍ରମୁଖ ବହୁ ସଦସ୍ୟ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଯୋଗ ଦାନ ଦେଇଥିବା ବରପୁତ୍ରଙ୍କୁ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଛି। ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁଙ୍କ ପୌରୋହିତ୍ୟ ଓ ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍କଳ ଦିବସ ସମାରୋହରେ ପୂର୍ବତନ ବରିଷ୍ଠ ପ୍ରଶାସକ ଡ. କେଳୁଚରଣ ସ୍ୱାଇଁ, ମଞ୍ଚ ସମ୍ପାଦକ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ପ୍ରଫେସର କୈଳାସ ପାତ୍ର, ପ୍ରଫେସର ଗୋଲକ ମହାରଣା, ପ୍ରଫେସର ପରୀକ୍ଷିତ ପାତ୍ର ପ୍ରଫେସର ନରହରି ଲେଙ୍କା, ଶିକ୍ଷାବିତ ପ୍ରମୋଦ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅଦ୍ୟାଶା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

**ପଟ୍ଟାମୁଣ୍ଡାଇ:** ଧୋୟାଞ୍ଚଳର ସର୍ବପୁରାତନ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲ ୧୯୯୦ ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ବ୍ୟାଚ୍ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ଉତ୍କଳ ଗୌରବ ମଧୁସୁଦନ ଦାସ ସହିତ ଅନ୍ୟାନ୍ୟ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୁରାତନ ଛାତ୍ର ପ୍ରଭାତ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରଧାନଶିକ୍ଷକ ଭାସ୍କର ବେହେରା, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ପୁରାତନ ଛାତ୍ର ସୁବ୍ରତ ପରିଡା, ଅଶୋକ ରାଉତ, ସୁବ୍ରତ ପ୍ରଧାନ, ସଂଘମିତ୍ରା ବାରିକ, ଅଶ୍ୱିନୀ ବିଶ୍ୱାଳ, ପ୍ରଶାନ୍ତ ମଲ୍ଲିକ, ସୁରେନ୍ଦ୍ର ଆରୁକ, ରଞ୍ଜନ ମହାନ୍ତି, ବିପ୍ଳବ ବିଶ୍ୱାଳ, କାଙ୍ଗାଳି ସେଠୀ, ରତ୍ନାକର ସେଠୀ ଯୋଗ ଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରମୁଖ ଯୋଗଦାନ ଦେଇଥିବା ମହାପୁରୁଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଛି। ସଭାପତି ବିଭୂତି ଭୂଷଣ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ବରିଷ୍ଠ ନାଗରିକ କିଶୋର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

**ଡେରାବିଶ:** ବାଲିଆସ୍ଥ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭା କକ୍ଷରେ ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସଭାରେ ବରିଷ୍ଠ ସଦସ୍ୟ ତପନ ସିଂ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ ମନୋଜ ପ୍ରଧାନ ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ନିରୀକ୍ଷକ ହେମନ୍ତ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ସୁଲୋଚନା ଦେହୁରି, ଭାଗବତପୁର ପଞ୍ଚାୟତ ସମିତିସଭ୍ୟା ପ୍ରମିଳା ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ନିରନ ସ୍ୱାଇଁ, ଅବନୀ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ମୁରଲିଧର ରଥ, ସମାଜସେବୀ ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ମଦନ ମୋହାନ ବେହରା, ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପାର୍ବତୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶରତ ପଣ୍ଡା ଓ ରମେଶ ପତିଙ୍କ ପରିଚାଳନାରେ ସମ୍ମିଳନୀର ସଦସ୍ୟ ତ୍ରୈଲୋକ୍ୟ ସ୍ୱାଇଁ, କାର୍ତ୍ତିକ ନାୟକ, ଜେନାମଣି ବଳ, ସୁନାକର ବେହେରା, କରୁଣାକର ସ୍ୱାଇଁ, ନାରାୟଣ ସ୍ୱାଇଁ, ନୃସିଂହ ଚରଣ ରାଉତ, ଶ୍ରୀଧର ମହାରଣା ଓ ନଗେନ୍ଦ୍ର ରାଉତଙ୍କ ସହଯୋଗରେ ଗୁରୁଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡ଼ିଶାର ବରପୁତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ଅଧ୍ୟାପକ ରାଜକିଶୋର ନାୟକ, ଚିନ୍ମୟ ଦାସ, ଅଧ୍ୟାପିକା ସୁନୀତା ବେହେରା, ଅସୀମା ବେହୁରା, ଲୋପାମୁଦ୍ରା ପଣ୍ଡା, କଳ୍ପନା ସାହୁ, ଶ୍ରଦ୍ଧାଳୀ ମାହୁନ୍ତ, ମୋନାଲିସା ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଡଃ ମୁରଲୀଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ପାଣିନାଳ ଉପରେ ବେଆଇନ ସ୍ଥାୟୀ ପକ୍କାଘର ନିର୍ମାଣ

# ଅଭିଯୋଗର ୨୦ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ବନ୍ତ/ଆଗରପଡ଼ା,୨।୪(ସମିସ)

ନୂତନ ସରକାର ଆସିବା ପରେ ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଜବରଦଖଲରେ ଥିବା ବିଭିନ୍ନ ଜାଗାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟାକୁ ଜୋର୍‌ଦାର କରାଯାଉଥିବା ବେଳେ ଏହାର ବ୍ୟତିକ୍ରମ କିନ୍ତୁ ବନ୍ତ ବ୍ଲକ୍‌ରେ ଦେଖିବାକୁ ମିଳିଛି । ଅଭିଯୋଗକୁ ୨୦ ମାସ ବିତିଯିବା ପରେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିବା ତା'ର କାର୍ଯ୍ୟପଦ୍ଧା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅନ୍ତର୍ଗତ ଅଣିଜୋ ମାଇନର କେନାଲରୁ ବାହାରିଥିବା ଆଉଟ୍‌ଲେଟ୍‌ର ପ୍ରଧାନ ନାଳ ଉପରେ କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ବେଆଇନ୍ ଭାବେ ସ୍ଥାୟୀ ପକ୍କାଘର ନିର୍ମାଣ କରିଥିବାରୁ ଏହାକୁ ଉଚ୍ଛେଦ ଦାବି ନେଇ ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ପାଣି ପଞ୍ଚାୟତ ସଭାପତି, ସ୍ୱଶାସନ ଏବଂ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ୨୦୨୪ ଜୁଲାଇ ମାସରେ ପତ୍ର ମାଧ୍ୟମରେ ଅଭିଯୋଗ କରିଥିଲେ । ବନ୍ତ ବ୍ଲକ୍ ଅନ୍ତର୍ଗତ ବଡ଼ମହଁଷଗୋଠ ଓ ପୁରୁଷଣ୍ଡି ପଞ୍ଚାୟତର କୁଆଁଶମଡ଼ିଆ ରାଜସ୍ୱ ମୌଜାର ଗରିବ, ନିମ୍ନ ମଧ୍ୟବିତ୍ତ ଏବଂ ମଧ୍ୟବିତ୍ତ ପରିବାରର ଚାଷୀମାନେ କୃଷି କାର୍ଯ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି ।



ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଚକବନ୍ଦୀ ନକ୍ସା ଅନୁସାରେ ଅଣିଜୋ ଶାଖା କେନାଲ(କୁଆଁଶମଡ଼ିଆ ମୋଂକା ଜଳସେଚନ ଅଫିସ ସନ୍ନିକଟ)ରୁ ଆଉଟ୍‌ଲେଟ୍ ଦ୍ୱାରା ଏକ ପ୍ରଧାନ ପାଣିନାଳ ଖାତା ନଂ-୨୮୪, ପ୍ଲଟ୍ ନଂ-୫୩୭, ରକବା-ଏ୦-୧୧ଡ. ଦୀର୍ଘ ୫୦୦ ମି. ପର୍ଯ୍ୟନ୍ତ ସ୍ଥିତାବସ୍ଥା ହରାଇ ବସିଛି । ପରିତାପର ବିଷୟ ଉକ୍ତ ଆଉଟ୍‌ଲେଟ୍ ଆରମ୍ଭରୁ ପ୍ରଧାନ ପାଣିନାଳ ଉପରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ ଭାବେ ପକ୍କାଘର ନିର୍ମାଣ କରିବା ସହ ଉକ୍ତ ମୌଜାର ପାଖାପାଖି ୨୫ରୁ ଊର୍ଦ୍ଧ୍ୱ ପ୍ରଧାନ ପାଣିନାଳ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅବରୋଧ କରାଯାଇଛି । ଯଦ୍ୱାରା ସମସ୍ତ ଚାଷ ଜମିକୁ ଜଳ ନିଷ୍କାସନ ହୋଇପାରୁ ନାହିଁ କି ଚାଷ ଜମିରେ ପାଣି ପହଞ୍ଚିପାରୁନାହିଁ । ଅପରପକ୍ଷରେ କେନାଲ ଜଳ ନ ପାଇ ମଧ୍ୟ ସେମାନେ ଜଳକର ଦେବାକୁ ବାଧ ହେଉଛନ୍ତି । ତେଣୁ ଏହାର ବିଧିବଦ୍ଧ ତଦନ୍ତ କରିବା ସହ ପ୍ରଧାନ ପାଣିନାଳ ଉପରେ ବେଆଇନ ସ୍ଥାୟୀ ପକ୍କାଗୃହକୁ ଉଚ୍ଛେଦ ଓ ଅବରୋଧ ହୋଇ ରହିଥିବା ସମସ୍ତ ପ୍ରଧାନ ପାଣିନାଳକୁ ଅବରୋଧମୁକ୍ତ କରିବା ପାଇଁ ଆଗରପଡ଼ା ୧୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ବଡ଼ମହଁଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ପୁରୁଷଣ୍ଡି ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହଁଷଗୋଠ ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ମା' ଚଣ୍ଡୀ ପାଣି ପଞ୍ଚାୟତ ସଭାପତି ଦୀପକ ମହାନ୍ତି, ସମ୍ପାଦକ ପଦ୍ମଲୋଚନ ନାଥଶର୍ମାଙ୍କ ସମେତ କୁଆଁଶମଡ଼ିଆ ଅଧୀନସ୍ଥ ସମସ୍ତ ଚାଷୀ ଓ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିବା ଜଣାପଡ଼ିଥିଲା । ତତ୍ ସହିତ ଏହାର ଏକକିତା ନକଲ ଅତିରିକ୍ତ ଜିଲ୍ଲାପାଳ(ରେଭିନ୍ୟୁ) ଭଦ୍ରକ, ତହସିଲଦାର ବନ୍ତ ଓ ନିର୍ବାହୀ ଯନ୍ତ୍ରୀ କାଡ଼ା, ଭଦ୍ରକଙ୍କୁ ପ୍ରେରଣ ମଧ୍ୟ କରିଥିଲେ । ଇତି ମଧ୍ୟରେ ୨୦ ମାସ ବିତିବାକୁ ବସିଥିବାବେଳେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି । ବନ୍ତ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଉଚ୍ଛେଦ ପ୍ରକ୍ରିୟାରେ ତହସିଲଦାରଙ୍କ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାରୁ ତାଙ୍କୁ ସ୍ୱାର୍ଥକୁ ଆଖି ଆଗରେ ରଖି ଉକ୍ତ ଅଭିଯୋଗକୁ କାଗଜ କଲମରେ ସୀମିତ ନ ରଖି ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅଭିଯୋଗକାରୀ ଦାବି କରିଛନ୍ତି ।

## ରାଜପଥରେ ହୁତୁହୁତୁ ହୋଇ ଜଳିଗଲା ହାଇୱା



ଭଦ୍ରକ,୨।୪(ସମିସ): ଗୁରୁବାର ମଧ୍ୟାହ୍ନରେ ୧୬ ନମ୍ବର ଜାତୀୟ ରାଜପଥରେ ହୁତୁହୁତୁ ହୋଇ ଜଳିଗଲା ଏକ ହଇୱା । ଏହି ଅଘଟଣ ଯୋଗୁଁ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଗେଲପୁର ନିକଟ ଗୋପବନ୍ଧୁପୁର ଛକ ନିକଟରେ ଏହି ଅଘଟଣ ଘଟିଛି । ସୂଚନା ଅନୁଯାୟୀ, ଭଦ୍ରକରୁ ଭୁବନେଶ୍ୱର ଆଡ଼କୁ ଯାଉଥିବା ଏକ ହାଇୱାରେ ହଠାତ୍ ନିଆଁ ଲାଗି ଯାଇଥିଲା । ଅଗ୍ନିକାଣ୍ଡରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା । ନିଆଁ ଲାଗିବା କାରଣରୁ ଭଦ୍ରକ-ଭୁବନେଶ୍ୱର ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ତେବେ ଉକ୍ତ ହାଇୱା ଚାଳକ ବିଜୟ କୁମାର ନାଥ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।

## ସମାଜସେବୀଙ୍କ ପରଲୋକ



ଭଣ୍ଡାରୀପୋଖରୀ,୨।୪(ସମିସ): ଏହି ବ୍ଲକ୍ ଅନ୍ତର୍ଗତ ନପଙ୍ଗ ଗ୍ରାମପଞ୍ଚାୟତର ବିଶିଷ୍ଟ ବ୍ୟକ୍ତି ତଥା ସମାଜସେବୀ ଉମାକାନ୍ତ ନାୟକଙ୍କ ୮୨ ବର୍ଷ ବୟସରେ ତାଙ୍କ ନପଙ୍ଗସ୍ଥିତ ବାସଭବନରେ ଗତ ମାର୍ଚ୍ଚ ୩୧ ତାରିଖରେ ପରଲୋକ ହୋଇଯାଇଛି । ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ତଥା ବିଜେଡିର ଅନ୍ୟ ନେତୃବୃନ୍ଦ ସ୍ୱର୍ଗତ ନାୟକଙ୍କ ଶେଷଦର୍ଶନ କରି ଶୋକପ୍ରକାଶ କରିଥିଲେ । ଏହାପରେ ନପଙ୍ଗ ପଞ୍ଚାୟତରେ ଏକ ଶୋଭାଯାତ୍ରା କରିବା ପରେ ପୁରୀରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ ପୁଅ ଉଦୟ ମୁଖାଗ୍ନି ଦେଇଥିଲେ । ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁତ୍ର ଉଦୟ ଓ ବିଜୟ, ୩ ଝିଅ, ଜ୍ୱାଇଁ, ବୋହୂ, ନାତି ଓ ନାତୁଣିମାନେ ଉପସ୍ଥିତ ଥିଲେ । ନପଙ୍ଗ ଗ୍ରାମରେ ଲୋକନାଥ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା କରିଛନ୍ତି । ଗରିବ ଲୋକଙ୍କୁ ସାହାଯ୍ୟ କରିବା ସହ କିଛି ଭୂମିହୀନଙ୍କୁ ମଧ୍ୟ ସେ ଭୂମିଦାନ କରିଛନ୍ତି । ତାଙ୍କ ମୃତ୍ୟୁରେ ନପଙ୍ଗ ପଞ୍ଚାୟତ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ପ୍ରଥମ ଡିଜିଟାଲ୍ ଜନଗଣନାର ଶୁଭାରମ୍ଭ



ଭଦ୍ରକ,୨।୪(ସମିସ): ଭଦ୍ରକ ଜିଲ୍ଲାରେ ଡିଜିଟାଲ୍ ଜନଗଣନାର ପ୍ରଥମ ପର୍ଯ୍ୟାୟ ସ୍ୱ-ଗଣନା ଗୁରୁବାର ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ସରକାରୀ ପୋର୍ଟାଲ୍ (ଏସ୍.ଇସେନ୍‌ସ.ଜିଓଭି.ଇନ୍) ମାଧ୍ୟମରେ ସମ୍ପନ୍ନ ହେଉଛି । ଶୁଭାରମ୍ଭରେ ପ୍ରମୁଖ ଜନଗଣନା ଅଧିକାରୀ ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭେନ୍ଦ୍ର ସାମଲ, ଅତିରିକ୍ତ ସଚିବ କ୍ରୀଡ଼ା ବିଭାଗ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଡେପୁଟି କଲେକ୍ଟର (ଜନଗଣନା) ପ୍ରମିଳା ମଲ୍ଲିକ, ଶ୍ୱେତାଶ୍ରୀ ମହାପାତ୍ର ଓ ବିଭିନ୍ନ ସ୍ତରର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି । ଡିଜିଟାଲ୍ ଜନଗଣନାର ଏହି ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାର ଉଚ୍ଚପଦସ୍ଥ ଅଧିକାରୀ ସ୍ୱ-ଗଣନାରେ ଅଂଶଗ୍ରହଣ କରିଛନ୍ତି । ଏହି ଡିଜିଟାଲ୍ ଜନଗଣନାର ବିଶେଷତ୍ୱ ହେଉଛି ଯେ, ଗଣନାକାରୀ ଆଇଡି ତୁରନ୍ତ ପ୍ରସ୍ତୁତ କରାଯିବ ଏବଂ ସାଧାରଣ ଜନତା ମୋବାଇଲ୍ ନମ୍ବର ମାଧ୍ୟମରେ ନିଜ ଘରକୁ ଗଣନା କରିପାରିବେ । ଡିଜିଟାଲ୍ ମାଧ୍ୟମରେ ଏହି ଗଣନା ପ୍ରଥମ ଥର ଆରମ୍ଭ ହୋଇଛି, ଯାହାଫଳରେ ଗଣନା ପ୍ରକ୍ରିୟା ଅଧିକ ସହଜ ଏବଂ ସ୍ୱଚ୍ଛ ହେବ । ଏହି ସ୍ୱ-ଗଣନା ପ୍ରକ୍ରିୟା ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ଚାଲିବ, ଯେଉଁଠି ସରକାରୀ ପୋର୍ଟାଲ୍ ମାଧ୍ୟମରେ ଗଣନା କାର୍ଯ୍ୟ ଚାଲିବ । ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଏହି ଡିଜିଟାଲ୍ ଗଣନାରେ ଅଂଶଗ୍ରହଣ କରି ଏକ ନୂତନ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଡିଜିଟାଲ୍ ଜନଗଣନା-୨୦୨୬ର ଶୁଭାରମ୍ଭ ଜନଗଣନା ପ୍ରକ୍ରିୟାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରୁଛି ।

## ୭୯ ବର୍ଷରେ ମା' ଅନ୍ନପୂର୍ଣ୍ଣା ପୂଜା ମହୋତ୍ସବ



କୋଠାର,୨।୪(ସମିସ): ଧାମନଗର ବ୍ଲକ୍ କୋଠାର ଅନ୍ନପୂର୍ଣ୍ଣା ନଗରସ୍ଥିତ ମା' ଅନ୍ନପୂର୍ଣ୍ଣାଙ୍କ ପୂଜା ମହୋତ୍ସବ ୭୯ ବର୍ଷରେ ପଦାର୍ପଣ କରିଛି । ଏହି ପୂଜା ଗତ ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇ ଆସନ୍ତା ୩ ତାରିଖରେ ସମାପ୍ତ ହେବ । ଏହି ପୂଜା ମହାଆଡ଼ମ୍ବର ସହକାରେ ସମାପ୍ତ ହୋଇଥାଏ । ୫ ରାତି ପାଲା ପରିବେଷଣ ସହିତ ପ୍ରଥମ ରାତି ଭଜନ ସନ୍ଧ୍ୟା ସମାପ୍ତ ହୋଇଯାଇଛି । ଗୁରୁବାର ସନ୍ଧ୍ୟାରେ ବରଗଡ଼ର ସମ୍ବଲପୁରୀ ନୃତ୍ୟ, ଖୋର୍ଦ୍ଧାର ପାଇକ ଆଖଡ଼ା ଅନୁଷ୍ଠିତ ହୋଇଛି । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଇବାରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କର ଉଦ୍ୟମକୁ ପୂଜା କମିଟି ତରଫରୁ ସ୍ୱାଗତ କରାଯିବା ସହିତ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଯାଇଛି । ଏହି ପୂଜା କୋଠାର ପଞ୍ଚାୟତର ମୁଖ୍ୟ ପୂଜା ଅଟେ ।

## ବିଶ୍ୱ ସ୍ୱପରାୟଣତା ସେଚତନତା ଦିବସ




ଭଦ୍ରକ,୨।୪(ସମିସ): ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆର୍‌ଏସ୍‌ଆର୍), ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଡିଡିଆର୍‌ସି) ଓ ସିଆର୍‌ଏସ୍‌ଆର୍ ସ୍ୱତନ୍ତ୍ର ବିଏଡ୍ କଲେଜ (ଆଇଡି) ମିଳିତ ଆନୁକୁଲ୍ୟରେ ଗୁରୁବାର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ବିଶ୍ୱ ସ୍ୱପରାୟଣତା ସଚେତନତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେର ସିଆର୍‌ଏସ୍‌ଆର୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଭଗବାନ ପରିଡ଼ା, ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଅବସରପ୍ରାପ୍ତ ସିଡବ୍ଲୁସି ଚେୟାରମ୍ୟାନ୍ ଡ. ଦେବରାଜ ପାଣିଗ୍ରାହୀ ଏବଂ ସିଆର୍‌ଏସ୍‌ଆର୍ ସ୍ୱତନ୍ତ୍ର ବିଏଡ୍ କଲେଜ(ଆଇଡି)ର ଅଧ୍ୟକ୍ଷ ଅରୁଣ ଲେଙ୍କା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ରାୟ ସଭାପତିତ୍ୱ କରି ବିଶ୍ୱ ସ୍ୱପରାୟଣତା ସେଚତନତା ଦିବସରେ ଭିନ୍ନକ୍ଷମମାନେ ସ୍ୱାଧୀନ ଭାବରେ କିପରି ବଞ୍ଚିରହିବେ ଏବଂ ସେମାନଙ୍କ ପ୍ରତି ଆନ୍ତରିକତାର ସହ ସମସ୍ତଙ୍କ ଦାୟିତ୍ୱ ବୋଲି ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ସେଠୀ ଅଭିଭାବକମାନେ ସଦାସର୍ବଦା ସଚେତନ ହେଲେ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ଏହାର ନିରାକରଣ ହୋଇପାରିବ ବୋଲି ଉଚିତ୍ ପରାମର୍ଶ ଦେଇଥିଲେ । ଶ୍ରୀ ପାଣିଗ୍ରାହୀ ଭିନ୍ନକ୍ଷମ ପିଲାମାନଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନ ଓ ସେବା ଉପରେ ଆଲୋଚନା କରି ସେମାନଙ୍କୁ କିପରି ଥଇଥାନ କରାଯାଇପାରିବ ସେ ସମ୍ପର୍କରେ କହିଥିଲେ । ଶ୍ରୀ ଲେଙ୍କା ସ୍ୱପରାୟଣତା ପିଲାମାନଙ୍କ ରୁଚି ଓ ଦକ୍ଷତାର ପରିମାପକ ଅନୁଯାୟୀ ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ୨ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା ଏବଂ କ୍ଲିନିକାଲ୍ ସାଇକୋଲୋଜିଷ୍ଟ, ଅକୁପେସନାଲ୍ ଥେରାପିଷ୍ଟଙ୍କ ଦ୍ୱାରା ବୈଷୟିକ ଅଧିବେଶନରେ ପିତାମାତା, କ୍ଷେତ୍ରସ୍ତରୀୟ କର୍ମୀ ଇତ୍ୟାଦିଙ୍କ ମଧ୍ୟରେ ଅକ୍ଷମତାର ପ୍ରଭାବ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ଚିହ୍ନଟ, କାରଣ, ପଦକ୍ଷେପ ସମ୍ପର୍କରେ ସେଚତନତା ସୃଷ୍ଟି କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା । ଶେଷରେ ଗୋପାଳ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

● ଭଦ୍ରକରେ ୯୧ତମ ଓଡ଼ିଶା ଦିବସ ପାଳିତ

## ଓଡ଼ିଆ ଭାଷା ଓ ପରିଚୟ ସୁରକ୍ଷିତ ରଖିବାକୁ ଆହ୍ୱାନ

ଭଦ୍ରକ,୨।୪(ସମିସ): ଭଦ୍ରକ ଜିଲ୍ଲାରେ ୯୧ତମ ଓଡ଼ିଶା ଦିବସ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ବ୍ୟାପକ ଉପସ୍ଥିତି ଦେଖିବାକୁ ମିଳିଥିଲା ।



ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଓଡ଼ିଶାର ଐତିହ୍ୟ, ସାହିତ୍ୟ ଓ ସଂସ୍କୃତିର ମହତ୍ତ୍ୱ ବିଷୟରେ ଅଭିଭାଷଣ ଦେଇ ସମସ୍ତଙ୍କୁ ଓଡ଼ିଆ ଭାଷା ଓ ପରିଚୟକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ । ଓଡ଼ିଆ ଭାଷାର ଉତ୍ପତି ଓ ଏହାର ମାହାତ୍ମ୍ୟ ଉପରେ ମନ୍ତ୍ରୀ ଆଲୋକପାତ କରିଥିଲେ । ଏଥି ସହ ଆମ ରାଜ୍ୟ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ"ର ରଚୟିତା ଭଦ୍ରକର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଗୌରବ ଗାଥାକୁ ସ୍ମରଣ କରିଥିଲେ । ଓଡ଼ିଶା ଦିବସର ଏହି ସଭାକୁ ସଭାପତିତ୍ୱ କରୁଥିବା ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓଡ଼ିଶାର ଆମ ଦେଶ ପାଇଁ ଅବଦାନ ଓ ବଳିଦାନ ବିଷୟରେ କହି ସମସ୍ତ ଓଡ଼ିଆଙ୍କୁ ନିଜ ଭାଷା ଓ ରାଜ୍ୟ ପାଇଁ ଉତ୍ସର୍ଗୀକୃତ ରହିବାକୁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଯୋଗଦେଇ ଓଡ଼ିଶା ପ୍ରତି ଗର୍ବ ଓ ଭାବନାକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଇଂ.ଅଭୟ ସୂତାର ଓଡ଼ିଶା କିପରି ଇଂରେଜମାନଙ୍କଠାରୁ ସ୍ୱତନ୍ତ୍ର ହୋଇଥିଲା ସେ ବିଷୟରେ ସମ୍ୟକ୍ ସୂଚନା ଦେଇଥିଲେ । ଓଡ଼ିଶା ଦିବସର ଭବ୍ୟ ସମାରୋହରେ ବିଦ୍ୟାଳୟସ୍ତରୀୟ ଦେଶାତ୍ମବୋଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଉକ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ସାଲନ୍ଦୀ ହସ୍ପିଟାଲ, ସାଲନ୍ଦୀ ନର୍ସିଂ କଲେଜ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସଭାରେ କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ।

## ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

ଭଦ୍ରକ,୨।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍‌ର ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ୮ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବାର୍ଷିକ ଉତ୍ସବରେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତି, କଟକର ଉପସଭାପତି ତଥା ଅଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶର ଭବିଷ୍ୟତ ତିଆରି କରିବାରେ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଡାକ୍ତର ତଥା କବୟିତ୍ରୀ ଡା. ସରୋଜିନୀ ପଟ୍ଟନାୟକ ଯୋଗଦେଇ ସୁନାଗରିକ ଗଢ଼ିବାରେ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ଏକ ଆନ୍ଦୋଳନ ସୃଷ୍ଟି କରିଛି ବୋଲି କହିଥିଲେ ।



ସମ୍ମାନିତ ଅତିଥି ଭାବେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତିର ସଂଯୋଜକ ସୁକାନ୍ତ ବିଶୋଇ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ମହାନ୍ତି, ବିଦ୍ୟାଳୟର ସମ୍ପାଦକ ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଗୁରୁମା' ଶୁଭସ୍ୱପ୍ନା ବଳ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଓ ପ୍ରତ୍ୟେକ ଶ୍ରେଣୀର ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ । ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତି ଦ୍ୱାରା ପରିଚାଳିତ ବାର୍ଷିକ ମେଧାବୃତ୍ତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଶୁଭମ୍ ଦାସଙ୍କୁ ପୁରସ୍କୃତ କରିବା ସହ ବିଦ୍ୟାଳୟର ଛାତ୍ରୀ ସ୍ମିତା ନାୟକଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଓ ସମାପ୍ତିନୀ ପଲାଇଙ୍କୁ ବେଷ୍ଟ ଅଭିଭାବକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶେଷରେ ଗୁରୁମା' କୀର୍ତ୍ତିମୟୀ ଦାସ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଗୁରୁମା' ନିରୂପମା ଦାସ, ସୁଭଦ୍ରା ମାଝୀ, ମୋନାଲିସା ସୂତାର, ସୀମାରାଣୀ ପଲ୍ଲାଇ, ମିଲୁ ମହାଲିକ, ପ୍ରଣତି ନାୟକ, ମିନାରାଣୀ ବେହେରା ଓ ଗୁରୁଜୀ ଜ୍ୟୋତି ରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

## ଅନ୍ନପୂର୍ଣ୍ଣାରେ ନାଟକ 'ଚିଟାଉ' ମଞ୍ଚସ୍ଥ



ଭଦ୍ରକ,୨।୪(ସମିସ): ପୁରୀ ଅନ୍ନପୂର୍ଣ୍ଣା ମଞ୍ଚରେ ଶ୍ରୀଜଗନ୍ନାଥାନୟ କାର୍ଯ୍ୟକ୍ରମରେ ଗତ ୧ ତାରିଖ ସନ୍ଧ୍ୟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ନାଟକ "ଚିଟାଉ' ମଞ୍ଚସ୍ଥ ହୋଇଯାଇଛି । ପଣ୍ଡିତ ମଦନ ମୋହନ ମିଶ୍ରଙ୍କ ରଚିତ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ଭଦ୍ରକ ରାନ୍ଦିଆ କୋରଣ୍ଟ ବିମଳା ନାଟ୍ୟ ସଂସଦର କଳାକାରମାନଙ୍କ ଦ୍ୱାରା ଅଭିନୀତ ହୋଇଯାଇଛି । ନାଟ୍ୟ ପରିଚାଳନା କରିଥିଲେ ଇଂ. ଅଶୋକ ପ୍ରସାଦ ମହାନ୍ତି ଏବଂ ସଙ୍ଗୀତରେ ସହଯୋଗ କରିଥିଲେ ରାଜକୁମାର । ବିଭିନ୍ନ ଭୂମିକାରେ ନାରାୟଣ, ଅଭିମନ୍ୟୁ, ବିଜୟ, ଅରବିନ୍ଦ, ପ୍ରଶାନ୍ତ, ହିମାଂଶୁ, ଆଲୋକ, ଜଡ଼ା, ଶଶାଙ୍କ, ସନ୍ଧ୍ୟାରାଣୀ, ବସୁମିତ୍ରା, ଉର୍ମିଳା, ସସ୍ମିତା, ଏଲି, ଶିଶୁ କଳାକାର ସାଇ ଓ ଦେବଦର୍ଶନୀ ଅଭିନୟ କରିଥିଲେ । ନୃତ୍ୟ ନିର୍ଦ୍ଦେଶନା ଗୁରୁ ନାରାୟଣ ଚନ୍ଦ୍ର ସାହୁ, ମଞ୍ଚସଜ୍ଜା ଅମୀୟ ସେଠୀ, ଷ୍ଟେଜ୍ କ୍ରାଫ୍ଟରେ ଶରତ ମହାନ୍ତି ସହଯୋଗ କରିଥିଲେ । ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ପ୍ରଚାରପ୍ରସାର ପାଇଁ ସଂସ୍କୃତି ବିଭାଗ ଓ ସଙ୍ଗୀତ ନାଟକ ଏକାଡେମୀ ଭୁବନେଶ୍ୱରର ସମ୍ପାଦକ ଓ ସଚିବ ଚନ୍ଦ୍ରଶେଖର ହୋତାଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ ।

## ଚା' ପିଉଥିବାବେଳେ ଟଳି ପଡ଼ିଲେ ଭୀମସେନ



ଅସୁରାଳି,୨।୪(ସମିସ): ଧାମନଗର ବ୍ଲକ୍ ନଦୀଗାଁ ପଞ୍ଚାୟତର ପାଟଣାସାହିର ଯୁବ ସମାଜସେବୀ ଭୀମସେନ ସାହୁ (୪୬)ଙ୍କର ଗୁରୁବାର ସକାଳ ୮ଟାବେଳେ ନଦୀଗାଁ ବଜାରରେ ଚା' ପିଉଥିବାବେଳେ ହଠାତ୍ ବସୁ ବସୁ ମୁଣ୍ଡ ବୁଲାଇଦେବା ଯୋଗୁଁ ସେ ତଳେ ପଡ଼ିଯାଇଥିଲେ । ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ଭଦ୍ରକ ମେଡିକାଲକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ । ଭଦ୍ରକରୁ କଟକ ଯିବା ସମୟରେ ବାଟରେ ଦେହ ଅଧିକ ଖରାପ ହେବାରୁ ନିକଟସ୍ଥ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ସେଠାରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା । ତାଙ୍କ ମୃତ୍ୟୁ ଖବର ଜାଣିଲା ପରେ ଶୋକ ପ୍ରକାଶ କରିଛି । ମୃତ ଶରୀରକୁ ଗ୍ରାମ ପରିକ୍ରମା କରିବା ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ତାଙ୍କ ୧୧ ବର୍ଷର ପୁତ୍ର ରୁଦ୍ର ନାରାୟଣ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ବରିଷ୍ଠ ନେତା ହରିହର ସାହୁ, ସମାଜସେବୀ ମାନସ ରଞ୍ଜନ ସାହୁ, ଯୁବ ସାମ୍ବାଦିକ ରତିକାନ୍ତ ନାୟକ, ଲତିବ କୁମାର ଓଝା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ଶ୍ରମିକ ବିରୋଧୀ ଶ୍ରମକୋଡ୍ ପ୍ରଚଳନକୁ ବିରୋଧ

# ସିଆଇଟିୟୁ ପକ୍ଷରୁ କଳାଦିବସ ଓ ପ୍ରତିବାଦ ସଭା

ଭଦ୍ରକ,୨।୪(ସମିସ)

ଶ୍ରମିକ ବିରୋଧୀ ଶ୍ରମ କୋଡ୍ ପ୍ରଚଳନକୁ ବିରୋଧ କରି ବିଭିନ୍ନ ଟ୍ରେଡ୍ ୟୁନିୟନ ଯଥା- ସିଆଇଟିୟୁ, ଏଆଇଟିୟୁସି, ଏଆଇସିସିଟିୟୁ, ଆଇଏନ୍‌ଟିୟୁସି, ଏଚ୍‌ଏମ୍‌ଏସ୍ ପକ୍ଷରୁ ମିଳିତ ଭାବେ ଭଦ୍ରକ ବନ୍ତ ଛକଠାରେ କଳାଦିବସ ପାଳନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଶିଳ୍ପ ବିବାଦ ଆଇନ ମାଧ୍ୟମରେ ଆମ ଦେଶର ଶ୍ରମିକ ଶ୍ରେଣୀ ପୂର୍ବରୁ ନିଜର ମଜୁରୀ ମାଲିକ ଶ୍ରେଣୀ ବିରୋଧରେ ମୂଲଚାଲ କରିପାରୁଥିଲା । ଶ୍ରମ କୋଡ୍ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି । ୧୮୮୬ ମସିହା ବିଶ୍ୱ ଶ୍ରମିକ ଶ୍ରେଣୀ ଲଢ଼େଇ କରି ହାସଲ କରିଥିବା ଦୈନିକ ୮ ଘଣ୍ଟା ଶ୍ରମ କରିବାର ଅଧିକାର ପାଇଥିଲା । ଶ୍ରମ କୋଡ୍ ମାଧ୍ୟମରେ ଏହି ଆଇନକୁ ଉଚ୍ଛେଦ କରାଯାଇଛି । ପୂର୍ବ ଆଇନ ଅନୁଯାୟୀ, ୧୦୦ ଜଣ ଶ୍ରମିକ କାମ କରୁଥିବା ଶିଳ୍ପକୁ ମାଲିକ ଶ୍ରେଣୀ ବନ୍ଦ କରିବା ପାଇଁ ସରକାରଙ୍କ ଅନୁମତି ଚାହୁଁଥିଲେ । ଶ୍ରମ କୋଡ୍ ମାଧ୍ୟମରେ ଏବେ ମାଲିକ ଶ୍ରେଣୀ ଚାହିଁଲେ ଏହି କାରଖାନାକୁ ମନଇଚ୍ଛା ବନ୍ଦ କରିଦେବେ । ମହିଳାମାନେ ଦିନ ଦ୍ୱିପ୍ରହରେ ଦୁଷ୍କର୍ମର ଶିକାର ହେଉଥିବାବେଳେ ମୋଦି ସରକାର ଲେବର କୋଡ୍ ମାଧ୍ୟମରେ ମହିଳା ଶ୍ରମିକମାନଙ୍କୁ ରାତିରେ ୧୨ ଘଣ୍ଟା କାମ କରିବା ପାଇଁ ଆଇନଗତ ଭାବେ ବାଧ କରିବା ଘଟଣାକୁ ଶ୍ରମିକ ନେତୃବୃନ୍ଦ ବିରୋଧ କରିଥିଲେ । ପୂର୍ବରୁ ୮ ଘଣ୍ଟା କାମ କରୁଥିଲେ




ଦୈନିକ ମଜୁରୀ ଯାହା ଥିଲା, ବର୍ତ୍ତମାନ ୧୨ ଘଣ୍ଟା କାମ କଲେ ବି ମଜୁରୀ ବଢ଼ିବାର କୌଣସି ବ୍ୟବସ୍ଥା କରି ନ ଥିବାରୁ ଶ୍ରମିକ ନେତୃବୃନ୍ଦ ଦୃଢ଼ ବିରୋଧ କରିଥିଲେ । ଏହି ପ୍ରତିବାଦ ଆନ୍ଦୋଳନରେ ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଯୁବନେତା ବିକାଶ ନାଥ, ଏଆଇସିସିଟିୟୁ ଜିଲ୍ଲା ସଭାପତି ସମର ବଳ, ଶ୍ରମିକ ନେତ୍ରୀ ରଞ୍ଜିତା ପଣ୍ଡା, କୃଷକ ନେତା ନିରଞ୍ଜନ ପାଣି, ଓଡ଼ିଶା କ୍ଷେତ ମଜଦୂର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ମହିଳା ନେତ୍ରୀ ଶାନ୍ତିଲତା ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ । ଆଗାମୀ ଦିନରେ ଏହି ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଜଣାଇଥିଲେ ।

## ରାସ୍ତାକଡ଼ ଜରିପାଲ ତଳେ ଦୃଷ୍ଟିବାଧିତ ଜାତୀୟ କ୍ରୀଡ଼ାବିତ

# ମଉଳୁଛି ଅନ୍ତର୍ଜାତୀୟ ପାରା ଅଲିମ୍ପିକ୍ସ ସ୍ୱପ୍ନ

ପାରାଦୀପ,୨।୪(ସମିସ)

ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଦୃଷ୍ଟିବାଧିତ କ୍ରୀଡ଼ାବିତ ଏବେ ଜରିପାଲ ରହିଛନ୍ତି। ଗତ ଡିସେମ୍ବର ମାସରେ ଏହି ଦୃଷ୍ଟିବାଧିତ କ୍ରୀଡ଼ାବିତମାନେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଠାରେ ଆୟୋଜିତ ଜାତୀୟସ୍ତରର ପାରାଜୁଡ଼ୋ ଅଲିମ୍ପିକରେ ଓଡ଼ିଶା ପାଇଁ ପ୍ରତିନିଧିତ୍ୱ କରି ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଏଥିସହିତ ପାରାଦୀପ ଜୁଡ଼ୋ ଅଲିମ୍ପିକରେ ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ଆଜି ସେହି ଯୁବ ଦୃଷ୍ଟିବାଧିତ କ୍ରୀଡ଼ାବିତମାନେ ମୁଣ୍ଡ ଗୁଞ୍ଜିବାକୁ ସଂଘର୍ଷ କରୁଛନ୍ତି। ସେମାନଙ୍କ ପ୍ରତି କାହାର ଅନୁକମ୍ପା ନାହିଁ। ଅର୍ଥାଭାବ କାରଣରୁ ଆହାର କେନ୍ଦ୍ରରୁ ୫ ଟଙ୍କାର ଭାତ ଡାଲମା ଖାଇ କ୍ରୀଡ଼ା ଅଭ୍ୟାସ କରୁଛନ୍ତି।

ଷଣ୍ଢକୁଦ ବସ୍ତିରେ ଜରିପାଲ ଟାଣି ମୁଣ୍ଡ ଗୁଞ୍ଜିବାକୁ ପ୍ରୟାସ କରୁଥିବାବେଳେ ବନ୍ଦର ଡେଭଲପମେଣ୍ଟ କାର୍ଯ୍ୟ ପାଇଁ ବିସ୍ଥାପନମାନଙ୍କୁ ଏହି ଜାଗା ଦିଆଯାଇଥିବା ଦର୍ଶାଇ ବନ୍ଦର ଇଷ୍ଟେଟ କର୍ମଚାରୀମାନେ ଏହି ତମ୍ବୁକୁ ଭାଙ୍ଗିବାକୁ ଯିବା ପରେ ଏହି ଦୁଃଖଦ ଚିତ୍ର ସାମ୍ନାକୁ ଆସିଛି। ରାଜସ୍ଥାନର ଶ୍ରୀଗଙ୍ଗାନଗର ଠାରେ ଜାତୀୟ ପାରାଜୁଡ଼ୋ ଚାମ୍ପିଅନସିପ୍‌ରେ କୃତିତ୍ୱ ଅର୍ଜନ କରିଥିବା ଏହି ଦୃଷ୍ଟି ବାଧିତ ଦୃଷ୍ଟିହୀନ କ୍ରୀଡ଼ାବିତମାନଙ୍କୁ ଓଡ଼ିଶା ସରକାର, ଓଡ଼ିଶା ପାରାଜୁଡ଼ୋ ଆସୋସିଏସନ ସହିତ



ବିଭିନ୍ନ ସଂଗଠନ ତରଫରୁ ଏହି ଖେଳାଳିମାନଙ୍କୁ ଉଚ୍ଚ ପ୍ରଶଂସା କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଜାତୀୟ ଯୁବ ଦିବସରେ ମଧ୍ୟ ଏହି କ୍ରୀଡ଼ାବିତଙ୍କୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ବର୍ଦ୍ଧିତ କରିଥିଲେ। ପାରାଦୀପ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମଥର ପାଇଁ ଜାତୀୟସ୍ତରର ପାରାଜୁଡ଼ୋ ଚାମ୍ପିଅନସିପ୍‌ରେ ଭାଗନେବା ସହିତ ବିଭିନ୍ନ ବର୍ଗରେ ରାଜ୍ୟ ପାଇଁ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଦୃଷ୍ଟିହୀନ କ୍ରୀଡ଼ାବିତଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ତେବେ ଏହି କ୍ରୀଡାବିତମାନେ ଆଜି ମୁଣ୍ଡ ଗୁଞ୍ଜିବା ଓ ପେଟକୁ ଆହାର ଯୋଗାଇବା ପାଇଁ ଆଜି ରାଜରାସ୍ତାରେ ସଂଘର୍ଷ କରିବା ଘଟଣା ଏଥିରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦୀର୍ଘଦିନ ହେବ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା କୋଚ ଲୋପାମୁଦ୍ରା ପତିଙ୍କ ତତ୍ତ୍ୱାବଧାନରେ ଏହି ଦୃଷ୍ଟିହୀନ କ୍ରୀଡ଼ାବିତ ବିଭିନ୍ନ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗନେବା ସହିତ ଅନେକ ସଫଳତା ମଧ୍ୟ ଅର୍ଜନ କରିଛନ୍ତି। ଲୋପାମୁଦ୍ରାଙ୍କ ପାଖରେ ଏତେ ଆର୍ଥିକ ସ୍ୱଚ୍ଛଳ ନ ଥିବା କାରଣରୁ ଦୀର୍ଘଦିନ ହେବ ଏହି କ୍ରୀଡ଼ାବିତଙ୍କୁ ଷଣ୍ଢକୁଦଠାରେ ଏକ ଘର ଭଡ଼ାନେଇ ରଖି ଆସୁଥିଲେ। ତେବେ ମାସକୁ ୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଭଡ଼ା ଦେବା ଖେଳାଳିମାନଙ୍କ ରହିବା, ଖାଇବା ବୁଝିବା ଲୋପାମୁଦ୍ରାଙ୍କ ପାଖରେ ସମ୍ଭବ ହେଉ ନ ଥିବାରୁ ସେମାନଙ୍କୁ ନିଜ ଘରକୁ ଚାଲିଯିବାକୁ କହିଥିଲେ। ହେଲେ ରାଜ୍ୟ ଓ ଦେଶ ପାଇଁ ଖେଳି ସୁନାମ ଆଣିବାକୁ ପଣ କରିଥିବା ଏହି ଦୃଷ୍ଟିହୀନ କ୍ରୀଡ଼ାବିତମାନେ ଘରକୁ ଯିବା ପରିବର୍ତ୍ତେ ଷଣ୍ଢକୁଦ ମାଛ ମାର୍କେଟ ନିକଟରେ ରହିଥିବା ଏକ ଖାଲି ଜାଗାରେ ଜରିପାଲ ଟାଣି ରହିଥିଲେ। ଯାହାକୁ ଭାଙ୍ଗିବାକୁ ଯିବା ସମୟରେ ସାମ୍ନାକୁ ଆସିଛି। ରାଜସ୍ଥାନରେ ଖେଳିବାକୁ ଯିବା ସମୟରେ ପାରାଦୀପ ବନ୍ଦର ଓ ଇଫ୍‌କୋ ତରଫରୁ ଏହି ଖେଳାଳିଙ୍କୁ ଖେଳ ଉପକରଣ ଓ ଡ୍ରେସ ପ୍ରଦାନ କରିବା ସହିତ ଯିବା ଆସିବ ରହିବା ଖର୍ଚ୍ଚ ବହନ କରିବା ପରେ ଉନ୍ନତ ପ୍ରଦର୍ଶନ କରିଥିଲେ। ହେଲେ ଅନ୍ତର୍ଜାତୀୟ ସ୍ତରର ପାରାଅଲିମ୍ପିକରେ ଭାଗନେବାପାଇଁ ସ୍ୱପ୍ନ ଦେଖୁଥିବା ଏହି ଦୃଷ୍ଟିହୀନ ଯୁବ ପ୍ରତିଭାମାନେ ଆଜି ଯାଯାବର ରହୁଛନ୍ତି। ଯାହାକୁ କ୍ରୀଡ଼ାଜଗତ ପାଇଁ ଉପହାସ ପାଲଟିଛି।

## ଉଠୁନି ଧାନ; ତିର୍ତ୍ତୋଲ କୃଷି ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା

ତିର୍ତ୍ତୋଲ,୨।୪(ସମିସ): ଏବେ ସୁଦ୍ଧା ମଣ୍ଡିରୁ ଧାନ ଉଠି ନଥିବା ପ୍ରତିବାଦରେ ତିର୍ତ୍ତୋଲ କୃଷି ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି। ପଞ୍ଜିକୃତ କରିଥିବା ୧୨୧ ଜଣ ଚାଷୀଙ୍କ ପ୍ରାୟ ଚାରି ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ ଚାଷୀଙ୍କର ଉଠିନଥିବା ଅଭିଯୋଗ ହୋଇଛି। ଯାହା ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀ ଫକୀର ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସାହୁ, ଇନ୍ଦ୍ରମଣି ସାହୁ, ଅନୀଲ ମହାପାତ୍ର, ସମ୍ବିତ ନାଥ, ରବୀନ୍ଦ୍ର ସାହୁ, ଉତ୍ତମ ମହାନ୍ତି, ସରୋଜ ମଲ୍ଲିକ, ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଚାଷୀ ତୁରନ୍ତ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ ନିଆଯାଉ। କେତେକ କୃଷି ସମବାୟ ସମିତିରେ ପଞ୍ଜିକୃତ ଚାଷୀଙ୍କ ୧୦୦ ପ୍ରତିଶତ ଧାନ କିଣା ଯାଇଥିବାବେଳେ ତିର୍ତ୍ତୋଲରେ ସମସ୍ତ ଚାଷୀଙ୍କ ଧାନ କାହିଁକି କିଣା ଯାଇ ନାହିଁ ବୋଲି ପ୍ରଶ୍ନ କରିଥିଲେ। ଘଟଣାସ୍ଥଳରେ ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରି ସେମାନଙ୍କ ଧାନ ବିକ୍ରୟର ଟାର୍ଗେଟ ସନ୍ଧ୍ୟା ସୁଦ୍ଧା ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ଉତ୍କଳ ଦିବସ




ପାରାଦୀପ,୨।୪(ସମିସ): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉତ୍ସବକୁ ସମ୍ବୋଧିତ କରି କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ କହିଛନ୍ତି ଯେ "ପାରାଦୀପ ରିଫାଇନରୀ ଓଡ଼ିଶାର ଏକ ଅଂଶ ହୋଇଥିବାରୁ ଗର୍ବିତ ଏବଂ ରାଜ୍ୟର ଅଭିବୃଦ୍ଧି ତଥା ବିକାଶ ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ'। ସେ ଓଡ଼ିଶାର ସମସ୍ତ ମହାପୁରୁଷଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଏବଂ ଗଭୀର ସମ୍ମାନ ପ୍ରଦାନ କରିଥିଲେ, ଯାହାଙ୍କ ଅବଦାନ ଏବଂ ବଳିଦାନ ଓଡ଼ିଶା ରାଜ୍ୟର ସୃଷ୍ଟି ଓ ଗଠନରେ ସହାୟକ ହୋଇଥିଲା। ଉତ୍କଳ ଦିବସ ସନ୍ଧ୍ୟାର ସମସ୍ତ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଶୁଭାରମ୍ଭ ହୋଇଥିଲା। ଉତ୍କଳ ଜ୍ୟୋତି ଅଫିସର୍ସ ୱାଇଲ୍ସ କ୍ଲବ୍ ପକ୍ଷରୁ ଓଡ଼ିଶାର ରାଜ୍ୟ ସଂଗୀତ "ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରାଯାଇଥିଲା। ଏହା ପରେ ରାଜ୍ୟର କଳା ଏବଂ ସଂସ୍କୃତିର ସମୃଦ୍ଧିକୁ ପ୍ରଦର୍ଶିତ କରୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାର ଅଂଶ ଭାବରେ ବିଶ୍ୱ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟ, ପାରମ୍ପରିକ ଗୀତ ଏବଂ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଧର୍ମେଶ ଚୌଧୁରୀ, ମୁଖ୍ୟ ମହାପ୍ରବନ୍ଧକ (ଏଚ୍‌ଆର୍) କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମ୍ମାନିତ ଅତିଥି, ସମସ୍ତ କଳାକାର, କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ସୁଶ୍ରୀ ମମତା ସାହୁ, ମହାପ୍ରବନ୍ଧକ (ଇଏମ୍‌ଏସ୍) ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା; ୪ ଆହତ



ତିର୍ତ୍ତୋଲ,୨।୪(ସମିସ): ତିର୍ତ୍ତୋଲ ଥାନା କଟକ-ପାରାଦ୍ୱୀପ ରାସ୍ତାର ସାରଳା ରୋଡ୍ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ଆଜି ଅପରାହ୍ଣରେ ପାରାଦୀପରୁ କଟକ ଅଭିମୁଖେ ଯାଉଥିବା ଏକ କାର୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ଏରସମା ପଞ୍ଚୁପଲ୍ଲୀ ଅଞ୍ଚଳର ପ୍ରଶାନ୍ତ ପରିଡ଼ା ଓ ତାଙ୍କ ପୁଅ ବିଷ୍ଣୁପଦ ପରିଡ଼ା ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ବିପରୀତ ଦିଗରୁ ଆସୁଥିବା କାର୍ ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବାବେଳେ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଡାହାଣ ପଟ ନାଳକୁ ଛିଟିକି ପଡ଼ିଥିଲା। ଖବର ପାଇ ତିର୍ତ୍ତୋଲ ପୁଲିସ ପହଞ୍ଚି ଆହତ ଦୁଇ ବାଇକ୍ ଆରୋହୀ ଓ କାରରେ ଥିବା ଚାଳକ ସମେତ ଦୁଇ ଜଣଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଉଭୟ ବାଇକ୍ ଓ କାରକୁ ଜବତ କରି ପୁଲିସ ଘଟଣାର ତଦନ୍ତ କରୁଛି।

## ପାରାଦ୍ୱୀପ ସାକ୍ଷରତା ସମିତି ଓ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳଦିବସ

ପାରାଦୀପ,୨।୪(ସମିସ): ପାରାଦୀପର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପାରାଦୀପ ସାକ୍ଷରତା ସମିତି ତଥା ବନ୍ଦର ନଗରୀ ପାରାଦୀପର ପୁରାତନ ସାରସ୍ୱତ ଅନୁଷ୍ଠାନ ମୈନାକ ସାହିତ୍ୟ ସଂସଦର ମିଳିତ ସହଯୋଗରେ ପାରାଦୀପ ସାକ୍ଷରତା ସମିତି ସମ୍ମିଳନୀ କକ୍ଷରେ ସାକ୍ଷରତା ସମିତିର ସଂଯୋଜକ ଅଶୋକ ମହାପାତ୍ରଙ୍କ ସଞ୍ଚାଳନରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମିତିର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ମୈନାକ ସାହିତ୍ୟ ସଂସଦର ସଭାପତି ଡ. ସନ୍ତୋଷ ସାମଲ, ସମ୍ମାନିତ ଅତିଥି ଭାବେ ମୈନାକର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ, ପ୍ରୀତି ଆରତୀ ପରିଜା, ରଶ୍ମୀ ଆଚାର୍ଯ୍ୟ, ଗୋଲାପରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଭା ଆରମ୍ଭରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାଶ, ବ୍ୟାସ କବି ଫକୀର ମୋହନ ସେନାପତି ଓ କର୍ମବୀର ଗୌରୀଶଙ୍କର ରାୟ, ବରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ ପରେ ଉତ୍କଳ ଜନନୀ ବନ୍ଦନା ଶୀର୍ଷକ କବିତା ପାଠ ସହ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଉତ୍କଳ ଦିବସ ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ କବିତା ଆସରରେ କବି ପ୍ରେମଲତା ବାରିକ, ବାବୁରାମ ଚୌଧୁରୀ, ଆରତୀ ତ୍ରିପାଠୀ, ନଳିନୀ ପ୍ରଭା ସାହୁ, ତୁଳସୀ ବରାଳ, ଆରତୀ ଦାଶ, ରଂଜିତା ସାହୁ, ଧରିତ୍ରୀ ସାମଲଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସାକ୍ଷରତା ସମିତିର ସଂଯୋଜକ ଅଶୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।







ସାମ୍ବାଦିକ ରଶ୍ମୀରଞ୍ଜନ ରାଉତରାୟଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା

## ଶିକ୍ଷକ ତ୍ରିଲୋଚନ ସାହୁ ପାଇଲେ ନେସନ ବିଲ୍ଡର୍ସ ସମ୍ମାନ

ଜଗତସିଂହପୁର,୨।୪(ସମିସ): ଜଗତସିଂହପୁର୍ ଜିଲ୍ଲା ଜୁନିଅର୍ ରେଡକ୍ରସ୍ ଅଧିକାରୀ ତଥା ଶ୍ରୀକୃଷ୍ଣ ଏକାଡେମୀର ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ସାହୁଙ୍କୁ ନେସନ ବିଲ୍ଡର୍ସ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେସ୍ୱର ଜୟଦେବ ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଳିଙ୍ଗ ଗୌରବ ଫାଉଣ୍ଡେସନ ଓ ରୋଟାରୀ କ୍ଲବ୍ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାଦାନ, ବୃକ୍ଷରୋପଣ, ସାମାଜିକ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟ ମନୋଜ ତ୍ରିପାଠୀ, ଡ଼.ଚିଦମ୍ବିକ ଖଟୁଆ, ସୁନୀତା ମହାନ୍ତି ଓ କଳ୍ପନା ଦାଶଙ୍କ ଉପସ୍ଥିତିରେ ଶ୍ରୀ ସାହୁଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ ସାହୁ ଦୀର୍ଘଦିନ ଧରି ଜୁନିଅର୍ ରେଡକ୍ରସ୍ର ପରାମର୍ଶଦାତା ଓ ବର୍ତ୍ତମାନ ଜିଲ୍ଲାର ଜୁନିଅର୍ ରେଡକ୍ରସ୍ ଅଧିକାରୀ ଭାବେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମମାନ ଆୟୋଜନ ସହିତ ଅନ୍ୟମାନଙ୍କୁ ପ୍ରେରଣା ଓ ଉତ୍ସାହ ଦେଇ ଆସୁଛନ୍ତି। ଏହି ସମ୍ମାନରେ ସମ୍ମାନିତ ହୋଇଥିବାରୁ ସେ ଉତ୍କଳ ଗୌରବ ଫାଉଣ୍ଡେସନ ତଥା ରୋଟାରୀ କ୍ଲବ୍ ଭୁବନେଶ୍ୱର କର୍ମକର୍ତ୍ତାଙ୍କୁ ତାଙ୍କର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।




## ଷଣ୍ଢକୁଦ ଅଞ୍ଚଳରୁ ହରିଣ ଉଦ୍ଧାର

ପାରାଦୀପ,୨।୪(ସମିସ): ଆଜି ସକାଳୁ ଷଣ୍ଢକୁଦ ଅଞ୍ଚଳରୁ ଏକ ବିରଳ ପ୍ରଜାତିର ହରିଣ ଉଦ୍ଧାର ହୋଇଛି। ହରିଣଟି ଭୟଭୀତ ଅବସ୍ଥାରେ ଜଣଙ୍କ ଘରେ ପଶିଯାଇଥିଲା। ସ୍ଥାନୀୟ ଲୋକେ ପରିବେଶବିତ ଙ୍ଖ ପ୍ରଭାସ ସ୍ୱାଇଁ ଙ୍କୁ ଖବର ଦେଇଥିଲେ। ପରିବେଶବିତ ଶ୍ରୀ ସ୍ୱାଇଁ ବନବିଭାଗକୁ ଡାକିବା ସହ ନୂଆବଜାର ଠାରେ ରହିଥିବା ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ପରେ ହରିଣଟିକୁ କୁଜଙ୍ଗ ବନବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ବନବିଭାଗ କର୍ମଚାରୀ ବିଳମ୍ବରେ ପହଞ୍ଚିବାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। କିଛିଦିନ ତଳେ ପ୍ରସ୍ତାବିତ ଜେଏସଡବ୍ଲୁ ପରିସରରେ ମୁମୂର୍ଷୁ ଅବସ୍ଥାରେ ଏକ ହରିଣ ପଡ଼ିରହିଥିବା ବେଳେ ଏହାକୁ ଆଣିବାରେ ଅବହେଳା ପାଇଁ ଏହି ହରିଣ ଟିର ଜୀବନ ଯାଇଥିଲା। ପ୍ରସ୍ତାବିତ ଜେଏସଡବ୍ଲୁ ପ୍ରକଳ୍ପ ପାଇଁ ଜଙ୍ଗଲ କଟାଯାଉଥିବା ବେଳେ ବନ୍ୟଜନ୍ତୁ ଭୟଭୀତ ହୋଉଛି ବିଭିନ୍ନ ସମୟରେ ଜନବସତି ମୁହାଁ ହେବା ସହିତ ମୃତ୍ୟୁମୁଖରେ ପଡୁଛନ୍ତୁ। ଏ ନେଇ ପୂର୍ବରୁ ଢ଼ିଙ୍କିଆ ଚାରିଦେଶର ବିଭିନ୍ନ ସ୍ଥାନରେ ଅନେକ ମୃତାହତ ହରିଣକୁ ବନବିଭାଗ ଉଦ୍ଧାର କରିଥିବା ନଜରକୁ ଆସିଥିବା ବେଳେ ପାରାଦୀପ ଉପକଣ୍ଠ କଂସାରୀପାଟିଆର ବୀସ୍ତିର୍ଣ୍ଣ ବେଳାଭୂମି ଝାଉଁ ଜଙ୍ଗଲ ଆଜି ଧ୍ୱଂସାଭିମୁଖୀ ହେଉଥିବା କାରଣରୁ ଆଜି ଭଳି ଦୃଶ୍ୟ ଅନେକ ସମୟରେ ଦେଖିବାକୁ ମିଳିଥିବା ନେଇ ସ୍ଥାନୀୟ ପରିବେଷବିତ ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି।



■ ଜଗତସିଂହପୁର ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## କଳା ସଂସ୍କୃତିର ପରିଚୟ ଦିଏ 'କଲ୍ଲୋଳ'

ଜଗତସିଂହପୁର,୨।୪(ସମିସ): ଆଜିଥିଲା ଜିଲ୍ଲା ସଦର ମହକୁମା ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଆୟୋଜିତ ଜିଲ୍ଲା ମହୋତ୍ସବ 'କଲ୍ଲୋଳ-୨୦୨୬'ର ୨ୟ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଅଧ୍ୟକ୍ଷତା କରି କଲ୍ଲୋଳ ଆମ ଜିଲ୍ଲାର ସ୍ୱାଭିମାନ ଏବଂ ପଲ୍ଲୀଶ୍ରୀ ମେଳା ନାରୀ ସଶକ୍ତୀକରଣକୁ ସୂଚାଏ ବୋଲି କହିଥିଲେ। ସେହିପରି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇଓସିଏଲ ପାରାଦୀପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ ଜିଲ୍ଲା ମହୋତ୍ସବ କଲ୍ଲୋଳ ଜିଲ୍ଲା ତଥା ସମଗ୍ର ରାଜ୍ୟର କଳା ସଂସ୍କୃତିର ପରିଚୟ ପ୍ରଦାନ କରେ ବୋଲି ପ୍ରକାଶ କରିଥିଲେ। ପାରାଦୀପ ରିଫାଇନାରୀ ଜିଲ୍ଲା ଓ ରାଜ୍ୟ ବିକାଶରେ ଏକ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରି ଆସିଛି ଏବଂ ଯୁବପିଢ଼ିଙ୍କୁ ରୋଜଗାରକ୍ଷମ କରିବାରେ ସହଯୋଗ କରି ଆସୁଛି ବୋଲି ସୂଚନା ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜଗତସିଂହପୁର ଅକ୍ଷୟ ପିଲ୍ଲେ କହିଲେ କଲ୍ଲୋଳ ମହୋତ୍ସବ ଆମ ଜିଲ୍ଲାର କଳା, ସାହିତ୍ୟ ଓ ସଂସ୍କୃତିକୁ ଦର୍ଶାଏ ଏବଂ ଆମେ ଏହିଭଳି ଆଗକୁ ଆମର ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଏବଂ ଆମ ଜିଲ୍ଲାକୁ ଉନ୍ନତି ପଥରେ ଆଗେଇ ନେବା। ପଲ୍ଲୀଶ୍ରୀ ମେଳା ମା'ମାନଙ୍କୁ ରୋଜଗାର କ୍ଷମର ସୁଯୋଗ ଦେଇଛି। ତହସିଲଦାର, ବାଲିକୁଦା ବିକାଶ ରଞ୍ଜନ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାହିଯାତ, ଗୋଟିପୁଅ ନୃତ୍ୟ, ପଶୁମୁଖା ନୃତ୍ୟ ଓ ମ୍ୟୁଜିକାଲ ନାଇଟ ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ପାରାଦୀପ କ୍ରିକେଟ୍ ଲିଗ୍‌ର ଷଷ୍ଠ ଦିବସ

# ଡିକେଟି, ଶ୍ରୀରାମ ଓ ସୁପର କିଙ୍ଗସ୍ ବିଜୟୀ

ପାରାଦୀପ,୨।୪(ସମିସ): ପିସିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଷଷ୍ଠ ଦିନରେ ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଭାଗ ନେଇଥିବା ଦୁଇ ଟିମ ହେଲେ ଜିଡିସି ବ୍ଲାଷ୍ଟର ବନାମ ଡିକେଟି ଷ୍ଟାର୍ସ। ପ୍ରଥମେ ଜିଡିସି ବ୍ଲାଷ୍ଟର ଟସ୍ ଜିତିବା ପରେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୪୭ ରନ ସଂଗ୍ରହ କରିଥିଲେ। ରଚିତ ରଂଜିତ ଚୌଗଲେ ୨୯ ବଲ୍‌ରେ ୪୦ ରନ କରି ବେଷ୍ଟ ବ୍ୟାଟ୍ସମେନ ହୋଇଥିବା ବେଳେ, ସୌଭାଗ୍ୟ ରଞ୍ଜନ ମହାନ୍ତି ୩୬ ବଲରେ ୪୫ ରନ ଓ ପ୍ରଶାନ୍ତ ମଥାନ ୯ ବଲରେ ୨୫ ସଂଗ୍ରହ କରିଥିଲେ। ପ୍ରମୁଖ ବୋଲର୍ ଡିକେଟି ଷ୍ଟାର୍ସ ଦଳର ରାକେଶ ଦାସ ଓ ସୂର୍ଯ୍ୟକାନ୍ତ ଜେନା ୨ଟି ଲେଖାଏଁ ଉଇକେଟ ନେଇଛନ୍ତି। ଜବାବରେ ଜିଡିସି ବ୍ଲାଷ୍ଟର ଟିମ ୧୯.୫ ଓଭରରେ ୭ ଉଇକେଟ ହରାଇ ୧୪୮ ରନ କରିଥିଲେ। ଜିଡିସି ବ୍ଲାଷ୍ଟର ଦଳର ଅନିମେଷ ରାଜ ୪ ଓଭରରେ ୩ ଟି ନେଇଥିଲେ। ତେବେ ଡିକଟି ଷ୍ଟାର୍ସ ଟିମ ବିଜୟୀ ହୋଇଥିଲା। ମ୍ୟାଚ ପରିଚାଳନା କରିଥିଲେ ରବୀନ୍ଦ୍ର ରାଉତ ଓ ଦେବେନ୍ଦ୍ର ନାୟକ।

ଦ୍ୱିତୀୟ ମ୍ୟାଚ ଗୋପବନ୍ଧୁ ଷ୍ଟାଡିୟମରେ ଶ୍ରୀରାମ ସ୍ପୋର୍ଟିଙ୍ଗ ବନାମ ଜେସିସି ୱାରିଅର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜେସିସି ୱାରିଅର ଟସ୍ ଜିତିବା ପରେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୪୮ ରନ ସଂଗ୍ରହ କରିଥିଲେ। ଅମିତ ସାହୁ ୫୮ ବଲ ରେ ୬୮ ଅପରାଜିତ ରହିଥିଲେ। ଜେସିସି ଦଳର ରାଜକିଶୋର ଦଳାଇ ୪ ଓଭରରେ ୧୧ ରନ ଦେଇ ୫ଟି ଉଇକେଟ ନେଇଥିଲେ। ଜବାବରେ ଦ୍ୱିତୀୟ ଟିମ ୧୯.୧ ଓଭର ବଲରେ ୧୦ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲେ। ତେବେ ଶ୍ରୀରାମ ସ୍ପୋର୍ଟିଙ୍ଗ ବିଜୟୀ ହୋଇଥିଲା। ଅମିତ ସାହୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅତିଥିଭାବେ ଏସି କମର୍ସିଆଲର ମୁଖ୍ୟ ଅକ୍ଷୟ କୁମାର ସୂତାର ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ଜୟନ୍ତ କୁମାର ଦାସ ଓ ସଂଜୀବ କୁମାର ବେହେରା।




ତୃତୀୟ ମ୍ୟାଚଟି ଏନ୍‌ଏସି ଫିଲ୍‌ଡରେ ପାରାଦ୍ୱୀପ ସୁପର କିଙ୍ଗସ୍ ବନାମ ବାବା ସାଇ ଡାଇମଣ୍ଡସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାବା ସାଇ ଡାଇମଣ୍ଡସ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରିଥିଲେ। ପ୍ରକାଶ ଜେନା ୫୦ ବଲ ରେ ୬୨ ରନ ଓ ସତ୍ୟରଞ୍ଜନ ସାମଲ ୪୦ ବଲରେ ୪୩ ରନ କରିଥିଲେ। ବାବା ସାଇ ଡାଇମଣ୍ଡସ ଟିମର ବୁଟା ସିଂ ୪ ଓଭର ରେ ୨ ଟି ଉଇକେଟ ନେଇଥିଲେ। ଜବାବରେ ପ୍ରତିପକ୍ଷ ନିର୍ଦ୍ଧାରିତ ୧୯.୪ ଓଭରରେ ୧୦ଉଇକେଟ ବିନିମୟରେ ୧୨୨ ରନ ସଂଗ୍ରହ କରିଥିଲେ। ପାରାଦ୍ୱୀପ ସୁପର କିଙ୍ଗସ ଦଳର ଆୟୁଷ ଓ ସ୍ମୃତି ଉଭୟ ୪ ଓଭର ରେ ୩ ଟି ଲେଖାଏଁ ଉଇକେଟ ନେଇଥିଲେ। ତେବେ ପାରାଦ୍ୱୀପ ସୁପର କିଙ୍ଗସ ଟିମ ଜିତିଥିଲେ। ଅତିଥିଭାବେ ପୁରସ୍କାର ପ୍ରଦାନ କରିଥିଲେ ଜୁନିତ କୁମାର ଦାସ। ମ୍ୟାଚ ପରିଚାଳନା କରିଥିଲେ ନିରଞ୍ଜନ ଦାସ ଓ ସଞ୍ଜୟ ପ୍ରଧାନ।

## ଶହେ ଶଯ୍ୟା ବିଶିଷ୍ଟ କୋଠାରେ ସମସ୍ତ ଏସି ଅଚଳ

# ଛଟପଟ ରୋଗୀ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ

ନୟାଗଡ଼,୨।୪(ସମିସ)

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବେ ଭଗବାନଙ୍କ ଭରସାରେ ଚାଲୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପଦ ଖାଲି ଥିବା ବେଳେ ଭାରପ୍ରାପ୍ତ ଦାୟିତ୍ୱରେ କାମ ଚଳାଯାଉଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ନିଜ ଇଚ୍ଛା ମୁତାବକ ଛୁଟି ନେଉଛନ୍ତି। ଡାକ୍ତରଖାନା ସମସ୍ୟା ଦୂର କରିବା ପାଇଁ ନା ଅଧିକାରୀଙ୍କ ନିଘା ଅଛି, ନା କର୍ମଚାରୀଙ୍କର। ଛୋଟ ସମସ୍ୟା ଦୂର କରିବାକୁ ଫାଇଲ ଚାଷ କରି ଅଧିକାରୀଙ୍କ ଅନୁମତି ପାଇଁ ମାସ ମାସ ଲାଗୁଛି। ଚିକିତ୍ସାଳୟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଶହେ ଶଯ୍ୟା ବିଶିଷ୍ଟ କୋଠାରେ ୫୦ରୁ ଉର୍ଦ୍ଧ୍ୱ ଏସି ଲାଗିଛି। ତେବେ ଏହି ଏସିଗୁଡ଼ିକ ଦୀର୍ଘଦିନ ହେବ କାମ କରୁନାହିଁ। କିଛିଦିନ ତଳେ ଜିଲ୍ଲାପାଳ ମଧୁମିତା ରଥ ଡାକ୍ତରଖାନା ବୁଲିବା ସମୟରେ ଏହା ଦୃଷ୍ଟିକୁ ଆସିବାରୁ ତୁରନ୍ତ ସବୁ ଏସି କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସୁଦ୍ଧା ଏହାର କାମ ନ ହେବା ଫଳରେ ରୋଗୀ, ରୋଗୀ ସମ୍ପର୍କୀୟ, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଗରମରେ ଛଟପଟ ହେଉଛନ୍ତି।



ଏହି ଶହେ ଶଯ୍ୟା ବିଶିଷ୍ଟ କୋଠାରେ ଗୋଟିଏ ବି ଏସି କାର୍ଯ୍ୟକ୍ଷମ ଅବସ୍ଥାରେ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ପାଇଁ ଅନେକ ପ୍ରକାର ପରୀକ୍ଷା ବ୍ୟବସ୍ଥା ଏହି କୋଠାରେ ରହିଛି। ଇସିଜି, ଥାଏରଏଡ୍ ପରୀକ୍ଷା, ବିଭିନ୍ନ ଡାକ୍ତରଙ୍କ କୋଠରି ସମେତ ମେଡିସିନ ୱାର୍ଡ, ସର୍ଜରୀ ୱାର୍ଡ ମଧ୍ୟ ରହିଛି। ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଏହି କୋଠାରେ ଚଳପ୍ରଚଳ କରୁଥିବା ବେଳେ ଆବଶ୍ୟକ ମୁତାବକ ଏସି କାମ ନ କରିବା ବଡ଼ ବିଷମ ପରିସ୍ଥିତି ସୃଷ୍ଟି କରିଛି। ଅନେକ ବୈଦ୍ୟୁତିକ ପରୀକ୍ଷା ଯନ୍ତ୍ରପାତି ଏସି କୋଠରି ମଧ୍ୟରେ ରହିବା ଆବଶ୍ୟକ। ମାତ୍ର ଏସି କାମ କରୁ ନ ଥିବାରୁ ସେଗୁଡ଼ିକ ମଧ୍ୟ ବିନା ଏସିରେ କାର୍ଯ୍ୟ କରୁଛି। ଡାକ୍ତରଖାନାର ସାମାନ୍ୟ ସମସ୍ୟା ଦୂର କରିବା ପାଇଁ କର୍ମଚାରୀ ଓ ଅଧିକାରୀଙ୍କ ଆନ୍ତରିକତା ଥିବା ଭଳି ମନେ ହେଉନାହିଁ। ଏ ସମସ୍ୟା ସମ୍ପର୍କରେ ଡାକ୍ତରଖାନା ପରିଚାଳକଙ୍କ ପ୍ରତିକ୍ରିୟା ନେବାରେ, ଏମ୍‌ସିବି ଖରାପ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ଏହାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ କୁହାଯାଇଛି। ନୂଆ ଏମସିବି ଆସି ସାରିଛି। ଖୁବଶୀଘ୍ର ଲଗାଯିବ ବୋଲି କହିଛନ୍ତି। ଏସି ବ୍ୟତୀତ ଏହି କୋଠାର ବିଭିନ୍ନ ସ୍ଥାନରେ ଲାଗିଥିବା ଫ୍ୟାନ୍‌ଗୁଡ଼ିକର ରେଗୁଲେଟର୍ ନ ଥିବା ଦେଖାଯାଇଛି। ସେହିଭଳି କେତେକ ସ୍ଥାନରେ ୱାୟାରିଂ ମଧ୍ୟ ଖରାପ ଥିବା ରୋଗୀ ଓ ସ୍ୱାସ୍ଥ୍ୟ କର୍ମଚାରୀ ଅଭିଯୋଗ କରିଛନ୍ତି। କଟକ ବଡ଼ ଡାକ୍ତରଖାନା ଅଗ୍ନିକାଣ୍ଡ ଘଟଣା ନିକଟରେ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ନୟାଗଡ଼ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା ଅଘଟଣ ଆଶଙ୍କାକୁ ଏଡ଼ାଇ ଦେଇପାରିବ ନାହିଁ ବୋଲି ମତ ପ୍ରକାଶ ପାଇଛି।

## ପାରମ୍ପରିକ ଚଇତି ପର୍ବ, ଘୋଡ଼ାନାଚ

**କଣ୍ଟିଲୋ,୨।୪(ସମିସ):** କଣ୍ଟିଲୋ ଫକୀର ଅଭିବୃଦ୍ଧି ପାଟଣା ଗ୍ରାମ ବରୁଣ ଦେବଙ୍କ ପୀଠରେ ପାରମ୍ପରିକ ଚଇତି ପର୍ବ ଆରମ୍ଭ ହୋଇଛି। ଚୈତ୍ର ପୂର୍ଣ୍ଣିମାରେ ଗୁରୁବାର କୈବର୍ତ୍ତ ସମୁଦାୟ ଆରାଧ୍ୟା ଦେବୀ ମା' ସିଦ୍ଧ ବାସେଳୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ମା' ବାସେଳୀଙ୍କ ପ୍ରତୀକ ଅଶ୍ୱମୁଖକୁ ସୁସଜ୍ଜିତ ଆସ୍ଥାନରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ମା'ଙ୍କ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବାଦ୍ୟସହ ଘୋଡ଼ାନାଚ ଗୀତ ତାଳେ ତାଳେ ପଟୁଆର ନିଆରା ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଥିଲା। କାଳିଶି ପ୍ରଦୀପ ଦଳେଇ, ମଙ୍ଗୁଳି ଦଳେଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମା' ବାସେଳୀ ଗ୍ରାମର ମାନସ ଖଟୁଆ, ଚିତ୍ତରଞ୍ଜନ ବେହେରା, ସରୋଜ ନାୟକ ଓ ଶ୍ରୀନିବାସ ମିଶ୍ରଙ୍କ ଗୃହରେ ବିଜେ ହୋଇଥିଲେ। ସନ୍ଧ୍ୟାରେ ଗ୍ରାମ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହେବା ନେଇ କୈବର୍ତ୍ତ ସମାଜ ସଭାପତି ସରୋଜ ବେହେରା ସୂଚନା ଦେଇଛନ୍ତି। ସେହିପରି ନିକଟସ୍ଥ କଂସାରୀ ସାହି ପାଟଣାରେ ମଧ୍ୟ କୈବର୍ତ୍ତଙ୍କ ପ୍ରତ୍ୟକ୍ଷ ଠାକୁରାଣୀ ମା' ବାସେଳୀଙ୍କ ପୂଜାଉତ୍ସବ ଧୁମଧାମରେ ପାଳିତ ହୋଇଛି। ମା' ତିନିଦିନ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ରବିବାର କୋଠିକୁ ବିଜେ କରିବେ ବୋଲି ମୁଖ୍ୟ ପୂଜକ ମାଧବ ବେହେରା ସୂଚନା ଦେଇଛନ୍ତି। ଏଥିରେ ପ୍ରଶାନ୍ତ କୁମାର ବେହେରା, ପ୍ରଭାତ କୁମାର ବେହେରା, ଜଗମୋହନ ବେହେରା, ଜ୍ଞାନେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।



## ଉନ୍ନୟନ କାର୍ଯ୍ୟରେ ମନ୍ଥରତା ଓ ଟାଳଟୁଳ ନୀତି

# ବିଡିଓଙ୍କୁ ଘେରିଲେ ନିର୍ବାଚିତ ଜନପ୍ରତିନିଧି

**ନୟାଗଡ଼,୨।୪(ସମିସ):** ନୟାଗଡ଼ ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲୁଛି। ବ୍ଲକ କାର୍ଯ୍ୟାଳୟକୁ କର୍ମଚାରୀ ସଠିକ ସମୟରେ ଆସୁ ନ ଥିବା, ଯନ୍ତ୍ରୀଙ୍କ ଦେଖା ମିଳୁ ନ ଥିବା ବାରମ୍ବାର ଅଭିଯୋଗ ହେଉଛି। ବିଭିନ୍ନ ପଞ୍ଚାୟତରେ ଜନପ୍ରତିନିଧିଙ୍କୁ ଅନ୍ଧାରରେ ରଖି ବ୍ଲକ ପ୍ରଶାସନ ଉନ୍ନୟନ କାର୍ଯ୍ୟ କରାଇବାକୁ ନେଇ ପ୍ରଶ୍ନ ଉଠିଛି। ଯାହାକୁ ନେଇ ଗୁରୁବାର ନୟାଗଡ଼ ବ୍ଲକ କାର୍ଯ୍ୟାଳୟରେ ଜନପ୍ରତିନିଧିଙ୍କ ଆକ୍ରୋସ ଦେଖିବାକୁ ମିଳିଛି। ବ୍ଲକରେ କର୍ମଚାରୀଙ୍କ ମନମୁଖି କାର୍ଯ୍ୟକୁ ନେଇ ବିଡିଓଙ୍କୁ ଘେରିଛନ୍ତି ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି। ବିକାଶ ଓ ଉନ୍ନତି ମୂଳକ କାର୍ଯ୍ୟ ମନଇଚ୍ଛା କରାଯିବା, ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆ ନ ଯିବାକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବ୍ଲକ କର୍ମଚାରୀ ଜନପ୍ରତିନିଧିଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଆଜି ନୟାଗଡ଼ ବ୍ଲକର ଅନେକ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ବିଡିଓ ଐଶ୍ୱର୍ଯ୍ୟା ଭୂୟାଁଙ୍କୁ ଘେରଉ କରିବା ସହ ହୋହାଲ୍ଲା କରିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଜନସାଧାରଣଙ୍କୁ ନେଇ ବ୍ଲକ୍ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ନୟାଗଡ଼ ଜିଲ୍ଲା ସରପଞ୍ଚ ସଂଘ ସଭାପତି ନିରଞ୍ଜନ ବିଧାର, ବ୍ଲକ ସରପଞ୍ଚ ସଂଘ ସଭାପତି ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ଜନପ୍ରତିନିଧିମାନେ ବିଡିଓଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଛନ୍ତି। ଆଲୋଚନାରେ ବିଡିଓ ସମସ୍ତ ସମସ୍ୟା ଶୁଣିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଏ ନେଇ ବିଡିଓ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।



## ଖଣ୍ଡପଡ଼ାରେ ଗୃହ ଗଣନା ଆରମ୍ଭ

**ଖଣ୍ଡପଡ଼ା,୨।୪(ସମିସ):** ନୟାଗଡ଼ ଜିଲ୍ଲାରେ ବୁଧବାରଠାରୁ ଡିଜିଟାଲ ଉପାୟରେ ଗୃହ ଗଣନା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ଗୃହ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ସହରାଞ୍ଚଳ ଜନଗଣନା ଅଧିକାରୀ ଅଭିଷେକ ମିଶ୍ର, ଅତିରିକ୍ତ ଜନଗଣନା ଅଧିକାରୀ ଦେବବ୍ରତ ମିଶ୍ର, ବରିଷ୍ଠ କର୍ମଚାରୀ ଲାଲମୋହନ ପଟ୍ଟନାୟକ, ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ସମେତ ସହରାଞ୍ଚଳର କେତେକ ଜନସାଧାରଣଙ୍କୁ ଭେଟି ଏ ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ।

# ନିର୍ଦ୍ଦେଶନାମା ସତ୍ତ୍ୱେ ହେଲାନି ସକାଳୁଆ ସ୍କୁଲ



### ଜିଲ୍ଲାପାଳଙ୍କୁ ଭେଟିଲେ ଶିକ୍ଷକ ସଂଗଠନ

**ନୟାଗଡ଼,୨।୪(ସମିସ):** ରାଜ୍ୟ ସରକାରଙ୍କ ସ୍ଥାୟୀ ନିର୍ଦ୍ଦେଶନାମା ଥିବା ସତ୍ତ୍ୱେ ନୟାଗଡ଼ ଜିଲ୍ଲାର ବିଦ୍ୟାଳୟଗୁଡ଼ିକ ଏପ୍ରିଲ ୨ରୁ ସକାଳୁଆ ହୋଇନାହିଁ। ଫଳରେ ପ୍ରବଳ ଖରା ଯୋଗୁଁ ପିଲାମାନେ ଖୁବ କମ ସଂଖ୍ୟାରେ ସ୍କୁଲ ଆସୁଥିବା ଜଣାପଡ଼ିଛି। ବର୍ତ୍ତମାନ ଜିଲ୍ଲାରେ ଦିନ ତାପମାତ୍ରା ୪୦ ଡିଗ୍ରୀ ପାର କରିଥିବା ବେଳେ ପ୍ରଚଣ୍ଡ ଖରା ଏବଂ ଝାଞ୍ଜି ପବନ ଯୋଗୁଁ ପିଲାମାନେ ସ୍କୁଲ ଆସିବା ଦ୍ୱାରା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ଗୁରୁବାର ଅପରାହ୍ନରେ ଜିଲ୍ଲାର ବିଭିନ୍ନ ଶିକ୍ଷକ ସଂଗଠନର ନେତୃମଣ୍ଡଳୀ ଜିଲ୍ଲାପାଳ ମଧୁମିତା ରଥଙ୍କୁ ତାଙ୍କ କାର୍ଯ୍ୟାଳୟଠାରେ ସାକ୍ଷାତ କରି ତୁରନ୍ତ ରାଜ୍ୟ ସରକାରଙ୍କ ସ୍ଥାୟୀ ନିର୍ଦ୍ଦେଶନାମା ଅନୁଯାୟୀ ସକାଳୁଆ ସ୍କୁଲ କରିବା ପାଇଁ ଦାବି ଜଣାଇଥିଲେ। ଜିଲ୍ଲାପାଳ ଏହା ଉପରେ ବିଚାର କରି ତୁରନ୍ତ ନିର୍ଦ୍ଦେଶନାମା ପ୍ରକାଶ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷକ ସଂଗଠନ ପକ୍ଷରୁ ମାଧ୍ୟମିକ ଶିକ୍ଷକ ସଂଗଠନ ଓଷ୍ଟାର ନୟାଗଡ଼ ବ୍ଲକ ସମ୍ପାଦକ ଅଭିମନ୍ୟୁ ମହାନ୍ତି, ପ୍ରାଥମିକ ଶିକ୍ଷକ ସଂଘ ନୟାଗଡ଼ ବ୍ଲକ ସମ୍ପାଦକ ଭକ୍ତବତ୍ସଳ ବଟକୃଷ୍ଣ ମିଶ୍ର, ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ସମ୍ପାଦକ ସୁରେଶ ସେଠୀ, ଏକ୍ସ କ୍ୟାଡର ଜିଲ୍ଲା ସଭାପତି ଉମେଶ ସ୍ୱାଇଁ, ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ରାମାନୁଜନ ପରୀକ୍ଷା; ରାଜ୍ୟରେ ପ୍ରଥମ ଶୁଭ୍ରସ୍ମୃତି

**ଭାପୁର,୨।୪(ସମିସ):** ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ଆୟୋଜିତ ଶ୍ରୀନିବାସ ରାମାନୁଜନ ଗଣିତ ପ୍ରତିଭା ପରୀକ୍ଷାରେ ଭାପୁର ସରସ୍ୱତୀ ଶିଶୁ ମନ୍ଦିର ୪ର୍ଥ ଶ୍ରେଣୀ ଛାତ୍ରୀ ଶୁଭ୍ରସ୍ମୃତି ଶୁକ୍ଲା ରାଜ୍ୟରେ ପ୍ରଥମ ଓ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପ୍ରତିଭା ପରୀକ୍ଷାରେ ରାଜ୍ୟରେ ୬ଷ୍ଠ ସ୍ଥାନରେ ରହି ଭାପୁର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭାପୁର ବ୍ଲକ ରାକମା ଗ୍ରାମର ଶିକ୍ଷକ ପିତା ଭଗବାନ ଶୁକ୍ଲା ଓ ମାତା ସବିତା ମହାପାତ୍ରଙ୍କ ଝିଅ ଶୁଭ୍ରସ୍ମୃତି ଗତବର୍ଷ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶ୍ରୀନିବାସ ରାମାନୁଜନ ଗଣିତ ପ୍ରତିଭାରେ ସରସ୍ୱତୀ ଶିଶୁ ମନ୍ଦିରର ଚାରିଜଣ ଶିଶୁ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନେ ହେଲେ ପ୍ରଥମ ଶ୍ରେଣୀର ସୁଶ୍ରୀ ଦେବାଂଶୀ ଦଳବେହେରା, ତୃତୀୟ ଶ୍ରେଣୀର ବିଶ୍ୱରଞ୍ଜନ ନାୟକ, ଚତୁର୍ଥ ଶ୍ରେଣୀର ଶୁଭ୍ରସ୍ମୃତି ଶୁକ୍ଲ ଓ ପ୍ରତ୍ୟୁଷ କୁମାର ବେହେରା। ଏମାନଙ୍କ ମଧ୍ୟରୁ ଶୁଭ୍ରସ୍ମୃତି ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱତନ୍ତ୍ର ପୁରସ୍କାର ରାଶି ଓ ମାନପତ୍ର ହାସଲ କରିଛନ୍ତି। ଶିଶୁ ମନ୍ଦିର ପକ୍ଷରୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।



● ଖମାରିସାହି ଗାଁର ଦୁଇଜଣଙ୍କ ଘରୁ ଚୋରି, ବୃଦ୍ଧଙ୍କୁ ଆକ୍ରମଣ

# ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର

**ନୟାଗଡ଼,୨।୪(ସମିସ):** ନୟାଗଡ଼ ସଦରଥାନା ବଳଭଦ୍ରପୁର ଗାଁର ବସନ୍ତ ସାହୁଙ୍କ ଘରୁ ଚୋରି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ଟାଉନ ଥାନା ଅଞ୍ଚଳରୁ ପୁଣି ଚୋରି ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ରାତିରେ ଶୋଇଥିବା ବେଳେ ବୃଦ୍ଧଙ୍କୁ ଛୁରୀରେ ଆକ୍ରମଣ କରି ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ବୁଧବାର ରାତିରେ ଟାଉନଥାନା ଖମାରସାହି ଗାଁର ଭରତ ମହାନ୍ତି ଓ କରଜ ସ୍ୱାଇଁଙ୍କ ଘରୁ ବଡ଼ ଧରଣର ଚୋରି ହୋଇଛି। ଉଭୟଙ୍କ ପରିବାର ଲୋକେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ସୁନାଗହଣା ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। କରଜଙ୍କ ପଛପଟ କବାଟ ଭାଙ୍ଗି ଘରେ ପଶି ସୁନାରୁପା ଅଳଙ୍କାର ସହ ୨ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ସେହିପରି ଭରତ ମହାନ୍ତିଙ୍କ ପଛପଟ କବାଟ ତାଡ଼ି ଘରେ ପଶିଥିଲେ। ବୋହୂ ଶୋଇଥିବା ଘରକୁ ବାହାରୁ ବନ୍ଦ କରି ଅନ୍ୟ ଏକ ଘରେ ଥିବା ଆଲମିରା ଭାଙ୍ଗି ୫୦ ହଜାର ଟଙ୍କା, ସୁନାରୁପା ଅଳଙ୍କାର ଚୋରି କରିନେଇଛନ୍ତି। ଭରତ ଶୋଇଥିବା ବେଳେ ତାଙ୍କ ବେକକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଭରତ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଅଭିଯୋଗ ପରେ ପୁଲିସ ପହଞ୍ଚି ତଦନ୍ତ କରିଛି। ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ସାଇଣ୍ଟିଫିକ ଟିମ୍ ଜରିଆରେ ତଦନ୍ତ କରିଛନ୍ତି। ଏ ନେଇ ପୁଲିସ ମାମଲା ରୁଜୁ କରିଥିବା ବେଳେ ଘଟଣା ସନ୍ଦେହଜନକ ବୋଲି ଥାନା ଅଧିକାରୀ କହିଛନ୍ତି। ନୟାଗଡ଼ ଜିଲ୍ଲାରେ ଚୋରି ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପୁଲିସ ଚୋର ଧରିବାରେ ବିଫଳ ହେଉଥିବା ଦେଖିବାକୁ ମିଳିଛି।



## ଛାତ୍ରଛାତ୍ରୀଙ୍କ ଗହଣରେ ତାମିଲନାଡୁ ସଚିବ



**ଗଣିଆ,୨।୪(ସମିସ):** ପରିଶ୍ରମ କଲେ ସଫଳତା ଆପେ ଆପେ ଆସେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଆଇଏଏସ୍ ଅଫିସର ସତ୍ୟବ୍ରତ ସାହୁ। ଗଣିଆ ବ୍ଲକ ବିଜୟନଗର ଗ୍ରାମର ଏହି ଯୁବକ ଆଜି ତାମିଲନାଡୁ ସରକାରଙ୍କ ଯୁବ କଲ୍ୟାଣ ଏବଂ କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ। ଗାଁରେ ହାଇସ୍କୁଲ ପଢ଼ା ସାରି ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ କେମେଷ୍ଟ୍ରିରେ ଏମ୍‌ଏସି କରିସାରିବା ପରେ ୟୁପିଏସ୍‌ସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଆଜି ସେ ନିଜ ଗାଁକୁ ଆସିଥିବା ବେଳେ ଗଣିଆରେ ଥିବା ଇଂରାଜୀ ମାଧ୍ୟମ ମହାନଦୀ ପବ୍ଲିକ ସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ବିଦ୍ୟାଳୟ ତରଫରୁ ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ସ୍ନେହଲତା ମିଶ୍ର, ସମ୍ପାଦକ ପଙ୍କଜ କୁମାର ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କ ସହ ସେ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଗାଁ ମାଟିର କଥା କହି ପିଲାଙ୍କୁ ଉତ୍ସାହିତ କରିଥିଲେ। ମାଟି ପାଇଁ କିଛି ସ୍ୱପ୍ନ ଦେଖି ଆଗକୁ ବଢ଼ିଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ସଫଳତାର ଶ୍ରେୟ ସେ ନିଜ ମା'ଙ୍କୁ ଦେବା ସହ ମା'ର ମମତା ପିଲାମାନଙ୍କ ପାଇଁ ନିହାତି ଆବଶ୍ୟକ ବୋଲି କହିଥିଲେ। ଛାତ୍ର ଜୀବନରୁ ସେ ବାହାରେ ଚଳି ଆସିଥିଲେ ମଧ୍ୟ ଗାଁ ମାଟି ଆଜି ତାଙ୍କୁ ଟାଣି ଆଣିଛି। ଛାତ୍ରଛାତ୍ରୀଙ୍କ ସହ ଭାବ ଆଦାନପ୍ରଦାନ କଲାବେଳେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଅନ୍ୟମାନଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ମହାନଦୀ ପବ୍ଲିକ ସ୍କୁଲ ସମ୍ପାଦକ ପଙ୍କଜ କୁମାର ସାହୁ କହିଛନ୍ତି।

## ଗ୍ୟାସ କଳାବଜାରୀ; ପ୍ରଶାସନର ଚଢ଼ଉ

**ରଣପୁର,୨।୪(ସମିସ):** ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଗ୍ୟାସ ସଙ୍କଟ ଦେଖାଯାଇଥିବା ବେଳେ ଏହାର ସୁଯୋଗ ନେଇ କଳାବଜାରୀ କରୁଛନ୍ତି ଅସାଧୁ ବ୍ୟକ୍ତି। ବିଭିନ୍ନ ସ୍ଥାନରେ ଘରୋଇ ଗ୍ୟାସ ସିଲିଣ୍ଡର ବେଆଇନ ଭାବେ ଗଚ୍ଛିତ ରଖିବା ଯୋଗୁଁ ବଜାରରେ ଗ୍ୟାସ ଅଭାବ ଦେଖାଯାଉଛି। କଳାବଜାରୀ ରୋକିବାକୁ ରଣପୁର ଯୋଗାଣ ବିଭାଗ ବିଭିନ୍ନ ଜାଗାରେ ଚଢ଼ଉ କରିଛି। ଗୁରୁବାର ମଧ୍ୟାହ୍ନରେ ରାଜସୁନାଖଳା ରଘୁନାଥ ସାହୁଙ୍କ ଘରେ ବିଭାଗୀୟ ଅଧିକାରୀ ଅନିତା ରାଉତରାୟ, ତହସିଲଦାର ଅର୍ଯ୍ୟ କୁମାର ସର୍ବଦମନ, ବିଡିଓ ମନୋଜ କୁମାର ନାୟକ ଓ ସ୍ଥାନୀୟ ଫାଣ୍ଡି ଏଏସଆଇ ହେମନ୍ତ ପ୍ରଧାନ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବିଭିନ୍ନ କମ୍ପାନୀର ୩୨ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ସେଥିମଧ୍ୟରୁ ୭ଟି ପୂର୍ଣ୍ଣ ସିଲିଣ୍ଡର ଥିବା ବେଳେ ୨୫ଟି ଖାଲି ଟାଙ୍କି ଥିଲା। ସେହିଭଳି ରଣପୁର ୱାର୍ଡ ନମ୍ବର ୬ରୁ ବିଶ୍ୱରଞ୍ଜନ ପୃଷ୍ଟି ଓ ସତ୍ୟନାରାୟଣ ପୃଷ୍ଟିଙ୍କ ଘରେ ଚଢ଼ଉ କରାଯାଇ ୩ଟି ସିଲିଣ୍ଡର ଜବତ କରାଯାଇଛି। ଚଢ଼ଉରେ ରଣପୁର ଅର୍ବାନ ଅଫିସର ସାମନ୍ତ ବିଶ୍ୱମ୍ବର ମହାପାତ୍ର ସାମିଲ ଥିଲେ। ଆଗାମୀ ଦିନରେ ଗ୍ୟାସ କଳାବଜାରୀ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର କହିଛନ୍ତି।



## ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

**ଓଡ଼ଗାଁ,୨।୪(ସମିସ):** ଓଡ଼ଗାଁ-ବାହାଡ଼ାଝୋଲା ରାସ୍ତାର ହରିପୁର ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଟକ ଜିଲ୍ଲା ନରସିଂହପୁର ଥାନା ଶରଧାପୁର ଗ୍ରାମର ବାଉରୀବନ୍ଧୁ ଅମାତଙ୍କ ପୁଅ ବୁଦ୍ଧିମାନ ଅମାତ। ବୁଦ୍ଧିମାନ ବାହାଡ଼ାଝୋଲା ପଟୁ ଓଡ଼ଗାଁ ଦିଗକୁ ବାଇକ୍ ଯୋଗେ ଆସୁଥିବା ବେଳେ ହଠାତ୍ ନିୟନ୍ତ୍ରଣ ହରାଇ ପଡ଼ିଯାଇଥିଲେ। ତାଙ୍କ ହେଲମେଟ ଖସିଯିବାରୁ କଂକ୍ରିଟ ରାସ୍ତାରେ ମୁଣ୍ଡ ମାଡ଼ହୋଇ ଗଭୀର ଆଘାତ ଲାଗିଥିଲା। ପ୍ରବଳ ରକ୍ତସ୍ରାବ ଯୋଗୁଁ ସେ ଅଚେତ ହୋଇପଡ଼ିଥିଲେ। ଓଡ଼ଗାଁ ପୁଲିସ ତାଙ୍କୁ ଉଦ୍ଧାର କରି ଓଡ଼ଗାଁ ମେଡିକାଲରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ନୟାଗଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## କଳାବଜାରରେ ଗ୍ୟାସ୍ ସିଲିଣ୍ଡର

**ଖଣ୍ଡପଡ଼ା,୨।୪(ସମିସ):** ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ରନ୍ଧନ ଗ୍ୟାସ ଅଭାବ ଦେଖାଦେଇଛି। ଉପଭୋକ୍ତାମାନେ ଗ୍ୟାସ ସିଲିଣ୍ଡର ପାଇବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳାବଜାରରେ କିନ୍ତୁ ଗ୍ୟାସ ସିଲିଣ୍ଡର ୧୮୦୦ରୁ ୨ ହଜାର ଟଙ୍କାରେ ବିକ୍ରି ହେଉଛି। ଗ୍ୟାସ ସଙ୍କଟ ସମୟରେ କଳାବଜାରକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଏତେ ପରିମାଣର ସିଲିଣ୍ଡର କଳାବଜାରକୁ ଆସୁଛି କେଉଁଠୁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହୋଟେଲ, ଢାବା, ଠେଲା, ଚା' ଓ ଜଳଖିଆ ଦୋକାନରେ ଘରୋଇ ଗ୍ୟାସ ସିଲିଣ୍ଡରର ବହୁଳ ବ୍ୟବହାର ହେଉଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଗ୍ୟାସ ସିଲିଣ୍ଡରର କଳାବଜାରୀ ସମ୍ପର୍କରେ ଅବଗତ ଥିଲେ ହେଁ ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିରବଦ୍ରଷ୍ଟା ସାଜିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ

# ପର୍ଯ୍ୟଟନ, ଶିକ୍ଷା କ୍ଷେତ୍ରରେ ଅଭିବୃଦ୍ଧି ଘଟିଛି







ନୟାଗଡ଼,୨।୪(ସମିସ)

୩୩ତମ ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ପାଳିତ ହୋଇଛି। ଜିଲ୍ଲା ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ସ୍ୱାଗତ ଅଭିଭାଷଣ ରଖିବା ସହ ଜିଲ୍ଲାରୁ କୁସଂସ୍କାର ଦୂର କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ବାଲ୍ୟବିବାହ ପ୍ରଥା ରୋକିବାକୁ ପରାମର୍ଶ ଦେଇଥିଲେ। ନୟାଗଡ଼ ହେଉଛି କଳା, ସାହିତ୍ୟ ଓ ସଂସ୍କୃତିର ମାଟି ବୋଲି ପୌର ପରିଷଦ ଅଧ୍ୟକ୍ଷା କହିଥିଲେ। ନୟାଗଡ଼ ମାଟି ପାଇଁ ଆମେ ଗର୍ବ କରିବା ଆବଶ୍ୟକ ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ କହିଲେ, ନୟାଗଡ଼ ଜିଲ୍ଲାରୁ ଉତ୍ପାଦିତ ଅଣ୍ଡା ଜିଲ୍ଲାର ଚାହିଦା ପୂରଣ କରିବା ସହ ଅନ୍ୟ ଜିଲ୍ଲାକୁ ପଠାଯାଉଛି। ଜିଲ୍ଲାର ଚାଷୀଭାଇଙ୍କ ଉତ୍ପାଦିତ ଦ୍ରବ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଉଛି। ପର୍ଯ୍ୟଟନ, ଶିକ୍ଷା କ୍ଷେତ୍ରରେ ନୟାଗଡ଼ର ଅଭିବୃଦ୍ଧି ଘଟିଛି ବୋଲି କହିଥିଲେ। ଦଶପଲ୍ଲା ବିଧାୟକ ଜିଲ୍ଲା ଗଠନ କରିଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସମ୍ମାନ ଜଣାଇବା ସହ ଜିଲ୍ଲା ଗଠନର କାହାଣୀକୁ ମନେ ପକାଇବା ଆବଶ୍ୟକତା ରହିଥିବା କହିଥିଲେ। ନୟାଗଡ଼ ମାଟିକୁ ଗୌରବାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ନୟାଗଡ଼ ମାଟି ସଂଗ୍ରାମୀ ମାଟି ବୋଲି କହିଥିଲେ। ମୁଖ୍ୟଅତିଥି ଜିଲ୍ଲା ଗଠନରେ ବିଜୁବାବୁ ଓ ଭାଗବତ ବେହେରାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଜିଲ୍ଲାର ବିକାଶକୁ ଗୁରୁତ୍ୱ ଦେବା ସହ ବାଧା ସୃଷ୍ଟି ନ କରିବାକୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା-ବଲାଙ୍ଗିର ୪ ଲେନ୍ ରାସ୍ତା, ମେଡିକାଲ କଲେଜ ସ୍ଥାପନ ପାଇଁ ପ୍ରୟାସ କରିବା ବୋଲି କହିଥିଲେ। ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ସଂଗ୍ରାମରେ ସାମିଲ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଜିଲ୍ଲା ଆନ୍ଦୋଳନର ସ୍ମୃତି ଉପରେ ଆଲୋଚନା କରିଥିଲେ। ନୟାଗଡ଼ରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୁଇଜ୍ ମାଷ୍ଟର ଚନ୍ଦ୍ରବିଜୟୀ ମିଶ୍ରଙ୍କ ଦ୍ୱାରା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ନୟାଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସରେ ୩ ସାଂସଦ, ୨ ବିଧାୟକ ଏବଂ ପୁଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ରାଜନୈତିକ ବ୍ୟକ୍ତିଙ୍କୁ ସଠିକ୍ ଭାବେ ନିମନ୍ତ୍ରଣ କରାଯାଇ ନ ଥିବା ତଥା ଯୋଗାଯୋଗ କରାଯାଇ ନ ଥିବା ଆଲୋଚନା ହେଉଛି। କିନ୍ତୁ ପୁଲିସ ଅଧିକାରୀଙ୍କ ଅନୁପସ୍ଥିତି ମଧ୍ୟ ଦ୍ୱନ୍ଦ୍ୱ ବଢ଼ାଇଛି। ଜିଲ୍ଲାବାସୀ ଏହାର ଉତ୍ତର ଆଶା ରଖୁଛନ୍ତି।

## ୪ ବର୍ଷର ରିପୋର୍ଟ କାର୍ଡ ପ୍ରଦାନ କଲେ ଭଦ୍ରକ ପୌରାଧ୍ୟକ୍ଷା

# ରାଜନୈତିକ ଆକ୍ରୋଶରୁ ବିକାଶରେ ବାଧା

ଭଦ୍ରକ,୨।୪(ସମିସ)



ଭଦ୍ରକ ପୌରପାଳିକାର ପୌରାଧ୍ୟକ୍ଷା ଗୁଲ୍‌ମକୀ ଦଲାୱାଜି ହବିବ ତାଙ୍କ ୪ ବର୍ଷ କାର୍ଯ୍ୟକାଳର ରିପୋର୍ଟ କାର୍ଡ ଗୁରୁବାର ତାଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦାନ କରିଛନ୍ତି। ଭଦ୍ରକ ସହର ଓ ସହରବାସୀଙ୍କ ବିକାଶ ପାଇଁ ସେ ସର୍ବଦା ଉଦ୍ୟମ କରି ଆସିଥିବା କହିଛନ୍ତି। ସହରକୁ ସୁନ୍ଦର ଓ ଲୋକଙ୍କ ଯାତାୟାତ ସୁବିଧା ନିମନ୍ତେ ୱାର୍ଡ ଭିତରେ ଥିବା ରାସ୍ତା ଏବଂ ମୁଖ୍ୟ ରାସ୍ତାଗୁଡ଼ିକ ଆମ୍ଭ ୪ ବର୍ଷ କାର୍ଯ୍ୟକାଳ ଅବଧି ମଧ୍ୟରେ ୩୬୦ଟି ନୂତନ ରାସ୍ତା ବାବଦରେ ୨୧ କୋଟି ୮୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି ଏବଂ ୧୩୫ଟି ରାସ୍ତା ସହିତ ଜଳ ନିଷ୍କାସନ ପାଇଁ ଡ୍ରେନ୍ ବାବଦରେ ୧୧ କୋଟି ୬୯ ଲକ୍ଷ ବ୍ୟୟ କରାଯାଇଛି। ଭଦ୍ରକ ସହରାଞ୍ଚଳରେ ଥିବା ଅନ୍ୟ ବିଭାଗର ରାସ୍ତା ଅପେକ୍ଷା ଯଥେଷ୍ଟ ଭଲ ରହିଛି ବୋଲି ଅଧ୍ୟକ୍ଷା କହିଛନ୍ତି। ସେହିଭଳି ସହର ଭିତରେ ଥିବା ଡ୍ରେନ୍‌ଗୁଡ଼ିକ ବହୁ ପୁରୁଣା ଥିବା ଯୋଗୁଁ ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ପରିତ୍ୟକ୍ତ ଅବସ୍ଥାରେ ଏବଂ ମୁକୁଳା ଅବସ୍ଥାରେ ପଡ଼ିରହିଥିଲା। ଫଳରେ ସହରରେ ବର୍ଷା ଜଳ ନିଷ୍କାସନର ବାଧା ହେଉଥିଲା ଏବଂ ଲୋକଙ୍କ ଧନଜୀବନ କ୍ଷତି ହେଉଥିଲା। କିନ୍ତୁ ସେ ଅଧ୍ୟକ୍ଷା ଦାୟିତ୍ୱ ଦେବା ପରେ ୧୪୭ଟି ନୂତନ ଡ୍ରେନ୍ ପାଇଁ ୧୨ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର କରାଗଲା, ଯାହାଦ୍ୱାରା ଭଦ୍ରକ ସହରର ୱାଟର ଲଗିଂ ସମସ୍ୟା ୯୦ ଭାଗ ସମାଧାନ ହୋଇଛି। ଯାହା ଅଳ୍ପବହୁତେ ଏହି ସମସ୍ୟା ରହିଛି। ସେଥିରେ ଭଦ୍ରକର ଡ୍ରେନେଜ୍ ବିଭାଗର ସହଯୋଗ ମିଳୁ ନ ଥିବା ଯୋଗୁଁ ବାକି ରହିଛି ବୋଲି କହିଛନ୍ତି। ୮ ମାସ ହେବ ଜଣେ ସ୍ଥାୟୀ ପୌରନିର୍ବାହୀ ଅଧିକାରୀ ନ ଥିବାରୁ ଲୋକାଭିମୁଖୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତିରେ ରୋକ୍ ଲାଗିଛି। ରାଜନୈତିକ ଆକ୍ରୋଶ ରଖି ପୌରପାଳିକାକୁ ଗତ ୨ବର୍ଷ ହେବ ଆବଶ୍ୟକ ଅନୁଦାନ ମିଳୁନାହିଁ। ପ୍ରାୟ ୨୨ କୋଟି ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ଲାଗି ଟେଣ୍ଡର ହୋଇଥିବାବେଳେ ସରକାର ମାତ୍ର ୩ କୋଟି ଟଙ୍କାର ଅନୁଦାନ ଯୋଗାଇବା ଯୋଗୁଁ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରୁନି ବୋଲି ପୌରାଧ୍ୟକ୍ଷା ଉଦ୍‌ବେଗ ପ୍ରକାଶ କରିଥିଲେ।

ଅନ୍ୟପକ୍ଷରେ ପୌରପାଳିକା ଦ୍ୱାରା ୫୩ ଲକ୍ଷ ବ୍ୟୟରେ ୧୧ଟି କମ୍ୟୁନିଟି ସେଣ୍ଟର, ୨୨ ଲକ୍ଷ ଟଙ୍କା ବ୍ୟୟରେ ୫ଟି ସ୍କୁଲ ପୁନଃଉଦ୍ଧାର, ସରକାରୀ ଜାଗା, ଶ୍ମଶାନ, କବର ସ୍ଥାନକୁ ସୁରକ୍ଷିତ ରଖିବା ପାଇଁ ୫୫ ଲକ୍ଷ ଟଙ୍କା ବ୍ୟୟରେ ୭ଟି ପାଚେରି ନିର୍ମାଣ, ୧୩୨୧ଟି ଆବାସ ଘର ନିର୍ମାଣ, ଆହୁରି ମଧ୍ୟ ୯୦୦ ଆବାସ ଘର ପାଇଁ ଡିପିଆର୍ ପ୍ରସ୍ତୁତ ସରିଛି ବୋଲି ପୌରାଧ୍ୟକ୍ଷା ସୂଚନା ଦେଇଥିଲେ। ସେହିଭଳି ଏହି ୪ ବର୍ଷରେ ଭଦ୍ରକ ସହରର ସଫେଇ

- ୮ ମାସ ହେଲା ନାହାନ୍ତି ସ୍ଥାୟୀ ନିର୍ବାହୀ ଅଧିକାରୀ
- ପୌରାଞ୍ଚଳରେ ଦୋକାନ ଘର ନିର୍ମାଣ କରୁଛି ଆର୍‌ଏମ୍‌ସି
- ୨ ବର୍ଷ ହେବ ପର୍ଯ୍ୟାପ୍ତ ସରକାରୀ ଅନୁଦାନ ମିଳୁନି

କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପୂର୍ବରୁ ୧୪ଟି ଗାଡ଼ି ଥିବାବେଳେ ବର୍ତ୍ତମାନ ଆଉ ୩୭ଟି ପରିମଳ ଗାଡ଼ି ନିୟୋଜିତ କରାଯାଇଛି। ୩ଟି ଇଲେକ୍ଟ୍ରି ଟାଉନ୍ ବସ୍ ସହରରେ ସୁଲଭ ମୂଲ୍ୟରେ ପରିଚାଳନା କରିବା ପାଇଁ ପୌରପାଳିକା ଦ୍ୱାରା ବ୍ୟବସ୍ଥା କରାଯାଇଛି। ଅନୁରୂପ ବାବେ ସହରରେ ୫ଟି ସ୍ୱାଗତମ୍ ଗେଟ୍, ସହରରେ ବିଭିନ୍ନ ମୁଖ୍ୟ ଜାଗାମାନଙ୍କରେ ଏଲ୍‌ଇଡି ଡିସ୍‌ପ୍ଲେ ବ୍ୟବସ୍ଥା କରାଯାଇଛି। ଗୋଟେ ଅତ୍ୟାଧୁନିକ ୨୨୦ ବିଶିଷ୍ଟ ସିଟ୍ ବ୍ୟବସ୍ଥା ଥିବା ପାଠାଗାର ବ୍ଲକ୍ କଲୋନୀଠାରେ ନିର୍ମାଣ କରାଯାଇଛି। ୨୪ ନଂ ୱାର୍ଡରେ ୧.୫ କୋଟି ଟଙ୍କାରେ ନୂତନ ପାର୍କ ନିର୍ମାଣ କାର୍ଯ୍ୟ ଚାଲୁଛି। ନୂତନ ବସ୍‌ଷ୍ଟାଣ୍ଡଠାରେ ଥିବା ମା' ଦକ୍ଷିଣେଶ୍ୱର କାଳୀ ପାର୍କର ପୁନରୁଦ୍ଧାର କାର୍ଯ୍ୟ କରାଯାଇଛି।

ସେହିଭଳି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ୫୦୦ରୁ ଊର୍ଦ୍ଧ୍ୱ ଦୋକାନ ଘର ବ୍ୟବସାୟ ହରାଇବା ସହିତ ପୌରପାଳିକା ରାଜସ୍ୱ ପୂର୍ବାପେକ୍ଷା ବହୁ ପରିମାଣରେ ହାନି ଘଟିଛି। ଦୋକାନୀ ଭାଇମାନଙ୍କୁ ଥଇଥାନ ଏବଂ ପୌରପାଳିକାର ରାଜସ୍ୱ ବୃଦ୍ଧି ନିମନ୍ତେ ଆମ୍ଭେ ବାରମ୍ବାର ଜିଲ୍ଲା ପ୍ରଶାସନ ସହିତ ବିଭିନ୍ନ ସରକାରୀ ଜମି ପୌରପାଳିକାକୁ ହସ୍ତାନ୍ତର କରିବାକୁ ନିବେଦନ କରିବା ସତ୍ତ୍ୱେ ଉକ୍ତ ଜାଗାଗୁଡ଼ିକରେ ଆର୍‌ଏମ୍‌ସି ଦ୍ୱାରା ମାର୍କେଟ କମ୍ପ୍ଲେକ୍ସ ରାଜନୈତିକ ଆକ୍ରୋଶ ରଖି କରାଯାଉଛି। ଭଦ୍ରକ ପୌରପାଳିକା ଅଞ୍ଚଳ ମଧ୍ୟରେ ଯଦି ଆର୍‌ଏମ୍‌ସି ମାର୍କେଟ କମ୍ପ୍ଲେକ୍ସ କରିବ ତାହେଲେ ପୌରପାଳିକାର କାର୍ଯ୍ୟ କ'ଣ ବୋଲି ଅଧ୍ୟକ୍ଷା ନିଜର ଅସହାୟତା ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କାଉନ୍‌ସିଲର ଦିଲ୍ଲୀପ ନାୟକ, ସହିଦ୍ ଖାଁ, କାଉନ୍‌ସିଲର ପ୍ରତିନିଧି ପଙ୍କଜ ବଳ, ରଞ୍ଜନ ଜେନା ଓ ଖଗେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବାବା ନିଖିରେଶ୍ୱର ମହାଦେବଙ୍କ ଚଡ଼କ ପର୍ବର ଶୁଭାରମ୍ଭ



ବାଲିଆପାଳ, ୨।୪ (ସମିସ): ବାଲେଶ୍ୱର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ଶୁଭାରମ୍ଭ ହୋଇଯାଇଛି। କୌଳିକ ରୀତିନୀତି ଅନୁଯାୟୀ ପ୍ରଥମେ ଘଟ ଉତ୍ତୋଳନ କରାଯାଇ ଏହି ପର୍ବର ଶୁଭାରମ୍ଭ ହୋଇଛି। ପରେ ତେର ଭକ୍ତା ଉପବୀତ ଧାରଣ କରିଥିଲେ ଚଳିତ ବର୍ଷ ପାଟଭକ୍ତା ଭାବେ ପାଳବେଗୁନିଆ ଗ୍ରାମର ମଳୟ ରଞ୍ଜନ ଭୂୟାଁ, ଶ୍ରୀ ବେକଡି ଭାବେ ନିଖିରା ଗ୍ରାମର ଈଶ୍ୱର ଚନ୍ଦ୍ର ବେହେରା, ଘଟୁଆଳ ଭକ୍ତା ଭାବେ ଜାମଳା ଗ୍ରାମର ସୁଜୟ କୁମାର ଦେ, ଦେଉଳିଆ ଭକ୍ତା ଗୋପ ନାରାୟଣ ଜେନା, ମାଳି ଭକ୍ତା ରାଜେଶ ଜେନା, ଚନ୍ଦନିଆ ଭକ୍ତା ବିଜୁ ପାଳ,ମାଣିକ ଭକ୍ତା ଗଣେଷ ଦେ, ଆଲମଧାରୀ ଭକ୍ତା ପ୍ରସାଦ ବେହେରା, ଭୋଗସ୍ୱାମୀ ଭକ୍ତା ଗୁରୁ ପ୍ରସାଦ ପାତ୍ର, ଭଣ୍ଡାରୀଆ ଭକ୍ତା କାଶୀନାଥ ଜେନା, ଦାନ୍ତ କାଠିଆ ଭକ୍ତା ପ୍ରମିତ କୁମାର ଜ୍ୟୋତି, ଘଣ୍ଟ ବାଦକ ଭକ୍ତା ଇନ୍ଦ୍ରଜିତ ମହାପାତ୍ର, ଗୋବରିଆ ଭକ୍ତା ସୁମନ ଜେନା ପ୍ରମୁଖ ୧୩ ଭକ୍ତ ଉପବୀତ ଧାରଣ କରିଛନ୍ତି। ୧୩ ଭକ୍ତାମାନଙ୍କ ଦ୍ୱାରା ଦୈନନ୍ଦିନ ଗ୍ରାମ ପରିକ୍ରମା ଚାଲୁ ରହିଛି। ବାବା ନିଖିରେଶ୍ୱର ଚଡ଼କ ମେଳା କମିଟିର ସମସ୍ତ ସଦସ୍ୟ ଚଡ଼କ ମେଳାକୁ ପରିଚାଳନାରେ ସହଯୋଗ କରୁଛନ୍ତି। ୭ ତାରିଖ ପଡ଼ା ବାଉଁଶ ଛେଦନ ଏବଂ କାମିନୀ ଘଟୋଉତ୍ତଳନ, ୮ ତାରିଖ ହରପାର୍ବତୀ ବିବାହ ଉତ୍ସବ, ୯ ତାରିଖ ପଞ୍ଚମ ଅର୍ଘ୍ୟ, ୧୧ ତାରିଖ ତୃତୀୟ ଅର୍ଘ୍ୟ, ୧୨ତାରିଖ ମହା ନୀଳ ପର୍ବ ଏବଂ ୧୩ତାରିଖରେ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ପାଟୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ବାଲେଶ୍ୱର,୨।୪(ସମିସ): ଜଳ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ବିଭିନ୍ନ ପରିବେଶ ସୁରକ୍ଷା ଆଇନ୍ ଉପରେ ଏକ ସଚେତନତା ଶିବିର ଜିଲ୍ଲା ଆଇନସେବା ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଏବଂ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଇତିହାସକୁ ଅବଲୋକନ କରିବା ସହିତ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ଯେଉଁ ବରପୁତ୍ର ମାନଙ୍କର ଅଶେଷ ଅବଦାନ ଥିଲା ସେମାନଙ୍କର ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ, ବାଲେଶ୍ୱର ଇର୍ଶାଦୁନ୍ ନବୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସମ୍ବେଦନା ସମ୍ବିତ, ଜିଲ୍ଲା ବାର୍ ଆସୋସିଏସନ୍, ବାଲେଶ୍ୱର ସଭାପତି ମନୋଜ କୁମାର ନାୟକ, ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, ବାଲେଶ୍ୱର ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମନମୋହନ ମୁର୍ମୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିବିରକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ସଚିବ ସୀତୀକଣ୍ଠ ପ୍ରଧାନ ପରିଚାଳନା କରିଥିଲେ।

## ସ୍ଥାୟୀ ଡାକ୍ତର ନିଯୁକ୍ତି ନେଇ ଦାବିପତ୍ର ପ୍ରଦାନ

ବିଞ୍ଝାରପୁର,୨।୪(ସମିସ): ବିଞ୍ଝାରପୁର ବ୍ଲକ୍ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘଦିନ



ହେବ ସ୍ଥାୟୀ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ନଥିବାରୁ ଏ ଅଞ୍ଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ସ୍ଥିତି ଯଥା ପୂର୍ବଂ ତଥା ପରମ୍। ଏହି ପରିପ୍ରେକ୍ଷୀରେ ଦାବି ପୂରଣ ନିମନ୍ତେ "ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚ' ଜରୀ, ଛନ୍ଦାମୁଣ୍ଡ, ବାଙ୍ଗରା ବୁଦ୍ଧିଜୀବୀ ମଞ୍ଚର ଆହ୍ୱାନରେ ସଭାପତି ଗଣନାଥ ବିଶ୍ୱାଳ, ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକ, ବରିଷ୍ଠ ସଭ୍ୟ ବିଷ୍ଣୁ ଚରଣ ଭୂୟାଁ, ଅମୀୟକାନ୍ତ ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ଭାସ୍କର ଚନ୍ଦ୍ର ଦାସ, ନୃସିଂହ ଚରଣ ଧଳ, ଶ୍ରୀଧର ମଲିକ ଓ ପ୍ରହଲ୍ଲାଦ ମଲିକଙ୍କ ନେତୃତ୍ୱରେ ସ୍ଥାନୀୟ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଯାଜପୁର ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଜରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆସନ୍ତା ୯ ତାରିଖରୁ ଦିବାରାତ୍ର ଗଣଧାରଣା ଦେବା ପାଇଁ ଚେତାବନୀ ଦିଆଯାଇଛି।

## ଖରସ୍ରୋତାରେ ପୁଣି କୁମ୍ଭୀର ଆତଙ୍କ

କୁଆଖିଆ,୨।୪(ସମିସ): କୁଆଖିଆ ଥାନା ଘୋଳପୁର ଗାଁରେ କୁମ୍ଭୀର



ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଉଛନ୍ତି ପ୍ରତାପ ମଳିକ। ପରିବାର ଲୋକଙ୍କ ସହାୟତାରେ ଆହତଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ନଦୀରେ ଗାଧୋଉଥିବା ସମୟରେ କୁମ୍ଭୀର ତାଙ୍କ ପଛପଟୁ ଆକ୍ରମଣ କରିଥିଲା। ସେ କୁମ୍ଭୀର ସହିତ ଲଢ଼େଇ କରି ନିଜକୁ ବଞ୍ଚାଇଥିଲେ। ତାଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ହୋଇଛି। ଗତକାଲି ମଧ୍ୟ କୁମ୍ଭୀର ଆକ୍ରମଣରେ କୁଜିବର ଗ୍ରାମର ଜନୈକ ବ୍ୟକ୍ତି ଆହତ ହୋଇଥିଲେ। ତେଣୁ ଖରସ୍ରୋତା ନଦୀରେ ଦେଖାଦେଇଥିବା କୁମ୍ଭୀର ଆତଙ୍କକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଏଥିପ୍ରତି ବନବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦିବ୍ୟାଙ୍ଗ ପ୍ରଧାନଶିକ୍ଷକଙ୍କୁ ଆକ୍ରମଣ ଅଭିଯୋଗ

ବନ୍ତ/ଆଗରପଡ଼ା,୨।୪(ସମିସ): ଭଦ୍ରକ ଜିଲ୍ଲା ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବାଲୁଙ୍କେଶ୍ୱର କ୍ଲଷ୍ଟର ଅନ୍ତର୍ଗତ ରାଛୁଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ଚନ୍ଦ୍ର ଦେହୁରୀଙ୍କୁ ରାଛୁଗଡ଼ିଆ ଗ୍ରାମର ଜନୈକ ଯୁବକ ମଦ୍ୟପାନ କରି ମାଡ଼ମାରିବା ନେଇ କେନ୍ଦୁଆପଦା ଫାଣ୍ଡିରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ରାଛୁଗଡ଼ିଆ ଗ୍ରାମର ଜନୈକ ଯୁବକ ଶ୍ରୀ



ଦେହୁରୀଙ୍କୁ ସବୁ ସମୟରେ ରାସ୍ତାଘାଟରେ ଏବଂ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଆଳ ଦେଖାଇ ଧମକଚମକ ଦେଇ ଟଙ୍କା ଧାର ମାଗନ୍ତି। କିନ୍ତୁ ଶ୍ରୀ ଦେହୁରୀ ଧାର ଦେବାକୁ ମନା କରନ୍ତି। ଗତ ମଙ୍ଗଳବାର ଶ୍ରୀ ଦେହୁରୀ ବିଦ୍ୟାଳୟରେ ଥିବା ସମୟରେ ଉକ୍ତ ଯୁବକ ମଦ୍ୟପାନ କରି ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରି ମାଡ଼ ମାରିବା ଏବଂ ତା' ସହିତ ଯଦି ଟଙ୍କା ନ ଦେଉ କିମ୍ବା କୋ÷ଣସି ଆଇନର ଆଶ୍ରୟ ନେଉ ତେବେ ତତେ ଜୀବନରୁ ମାରିଦେବା ସହ ସ୍କୁଲକୁ ନିଆଁ ଲଗାଇ ଜାଳିଦେବାର ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ହୋଇଥିବା ଜଣାପଡ଼ିଛି। ସେହିପରି ମାଡ଼ ମାରିବା ସମୟରେ ଶ୍ରୀ ଦେହୁରୀ ଚିତ୍କାର କରିବାରୁ ନିକଟସ୍ଥ ଗ୍ରାମରୁ ଭଦ୍ରବ୍ୟକ୍ତି ବିଦ୍ୟାଳୟକୁ ଆସିବାରୁ ଯୁବକ ଜଣକ ଉକ୍ତ ଜାଗାରୁ ପଳାଇବା ସହ ରାସ୍ତାରେ ଶ୍ରୀ ଦେହୁରୀଙ୍କୁ ପୁନଃ ଆକ୍ରମଣ କରିବାର ଧମକ ଦେଇଥିବାରୁ ଅନ୍ୟ ରାସ୍ତା ଦେଇ ଶ୍ରୀ ଦେହୁରୀ ଫାଣ୍ଡିରେ ପହଞ୍ଚି ତାଙ୍କ ପ୍ରତି ହୋଇଥିବା ଆକ୍ରମଣକୁ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ ଅଭିଯୋଗ ଉପରେ ତଦନ୍ତ କରୁଥିବା ପ୍ରକାଶ କରିଥିଲେ। ଅପରପକ୍ଷରେ ଶ୍ରୀ ଦେହୁରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ କାର୍ଯ୍ୟରତ ବିଦ୍ୟାଳୟରୁ ତାଙ୍କୁ ଅନ୍ୟତ୍ର ବଦଳି କରିବା ସହ ସହକାରୀ ଶିକ୍ଷୟିତ୍ରୀଙ୍କୁ ତାଙ୍କ ଅନୁପସ୍ଥିତିରେ ଦାୟିତ୍ୱ ବହନ କରିବାକୁ ଅନୁମତି ଦେବାକୁ ସେ ଅନୁରୋଧ କରିଥିବା ଜଣାପଡ଼ିଛି। ଶିକ୍ଷା କ୍ଷେତ୍ର ପରି ପବିତ୍ର ସ୍ଥାନରେ ଉକ୍ତ ଅଭିଯୁକ୍ତଙ୍କ ଏହିପରି ବର୍ବରତା କାଣ୍ଡକୁ ଶିକ୍ଷକ ସମାଜ ଦୃଢ଼ ବିରୋଧ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ଔପଦା ଆଞ୍ଚଳିକ ମହୋତ୍ସବ ଉଦ୍‌ଯାପିତ



ଔପଦା,୨।୪ (ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ମୁଖ୍ୟାଳୟ ଔପଦା ହାଇସ୍କୁଲ ସମ୍ମୁଖ ଖେଳ ପଡିଆରେ ଆୟୋଜିତ ଔପଦା ଆଞ୍ଚଳିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଭଦ୍ରକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଭାଇଚାରା ଓ ସଂସ୍କୃତି କୁ ବଜାଇ ରଖିବା ଏକ ମାଧ୍ୟମ ବୋଲି କହିଥିଲେ। ସେହିପରି ବିଶିଷ୍ଟ ଅତିଥିଭାବେ ଔପଦା ଥାନା ଆରକ୍ଷୀ ନିରୀକ୍ଷକ ପ୍ରୋମଦ କୁମାର ଦାସ, ସମ୍ମାନିତ ଅତିଥିଭାବେ ଜୟନ୍ତୀ ପାଣିଗ୍ରାହୀ, ମହୋତ୍ସବ କମିଟି ସାଂଗଠନିକ ସମ୍ପାଦକ ସତ୍ୟ ରଞ୍ଜନ ମଲ୍ଲିକ, ଡ. ସଂଗ୍ରାମ କୁମାର ରାଉତ, ସହ ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ସାଂଗଠନିକ ସମ୍ପାଦକ ସଂଗ୍ରାମ କୁମାର ରାଉତ ଓ ପ୍ରୋଗ୍ରାମ କୋଡିନେଟର ଜୟଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଅଞ୍ଜନ କୁମାର ମହାନ୍ତି ମଞ୍ଚ ଆହ୍ୱାନ କରିଥିବା ବେଳେ କମିଟି ର ଉପ ସଭାପତି ହରିହର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କ୍ଷେତ୍ର ରେ ପ୍ରତିଭା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସପ୍ତମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶଶୀ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ବିଜେପି ଜିଲ୍ଲା କୃଷକ ମୂର୍ଚ୍ଛା ସଭାପତି ତାପସ କୁମାର ମହାନ୍ତି ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିଥିଲେ। ଶେଷ ସନ୍ଧ୍ୟା ରେ ମାଟିର ମହକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ପ୍ରତିଷ୍ଠାତା ସଦସ୍ୟ ଦୀପକ କୁମାର ପ୍ରଧାନ ସମେତ କମିଟି ର କାର୍ଯ୍ୟକର୍ତ୍ତା ଓ ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ଥିଲେ।

## ଅସମ୍ପୂର୍ଣ୍ଣ କୁମ୍ଭାର ସାହି ଗଡ଼ା

ବାରିକପୁର,୨।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଚଳିତ ବର୍ଷ ବୈତରଣୀ ନଦୀ ବନ୍ଧର ବିଭିନ୍ନ ସ୍ଥାନରେ ଗଡ଼ା ତିଆରି ହୋଇଛି। ବିଶେଷ କରି ଗମନାଗମନ ସୁବିଧା ପାଇଁ ଜନବସତି ସ୍ଥାନମାନଙ୍କରେ



ନଦୀ ବନ୍ଧରୁ ସାହିକୁ ଯିବାଆସିବା ସକାଶେ ଏହି ଗଡ଼ା ନିର୍ମିତ ହୋଇଛି। ପରିତାପର ବିଷୟ ନେରଡ଼ା କୁମ୍ଭାର ସାହିଠାରେ ନିର୍ମିତ ଗଡ଼ାଟି ଅଧପନ୍ତରିଆ ଭାବେ ପଡ଼ି ରହିଛି। ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଜନୈକ ଠିକାଦାର ଗଡ଼ାକାମ ଅଧାରୁ ଛାଡ଼ି ଦେଇଛନ୍ତି। ଏଥିପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଇକଲ କିମ୍ବା ମୋଟର ସାଇକଲରେ ନଦୀ ବନ୍ଧ ରାସ୍ତା ଉପରକୁ ଯିବାଆସିବା ପାଇଁ ୨୦/୨୫ ପରିବାର ଯନ୍ତ୍ରଣା ଭୋଗୁଛନ୍ତି। ଅସରାଏ ବର୍ଷା ହେଲେ ଅସମ୍ପୂର୍ଣ୍ଣ ଗଡ଼ା ପାଇଁ ଲୋକଙ୍କ ଦୁଃଖ ଆହୁରି ବଢ଼ିଯାଉଛି। ଠିକାଦାର କାମ ସମ୍ପୂର୍ଣ୍ଣ କରିବା ପାଇଁ ନାଁ ଧରୁନାହିଁ। ଏନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଲୋକେ ଅଭିଯୋଗ କରୁଥିବାବେଳେ ଅଧିକାରୀ ଏଠାରୁ ବଦଳି ହୋଇ ଯାଇଥିବା କହି ଦାୟିତ୍ୱରୁ ଓହରି ଯାଇଛନ୍ତି। ଯଦିଓ ତାଙ୍କ ସମୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏପଟେ ନୂତନ ଯନ୍ତ୍ରୀ ମଧ୍ୟ କାମ ବାବଦରେ କିଛି ଜାଣି ନ ଥିବା କହୁଛନ୍ତି। ଏପରି ସ୍ଥଳେ ସ୍ଥାନୀୟ ବାସିନ୍ଦା କାହାକୁ ଦୁଃଖ ଜଣାଇବେ ଜାଣିପାରୁ ନାହାନ୍ତି। ତେଣୁ ଏହା ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଗାଁର ନରେନ୍ଦ୍ର ବେହେରା, ମଦନମୋହନ ବେହେରା, ଶୁକଦେବ ସାହୁ, କିଶୋର ବେହେରା, ପାଗଳ ବେହେରା ପ୍ରମୁଖ ଦାବି କରିଛନ୍ତି।

## ତହସିଲ୍ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର,୨।୪(ସମିସ): ଧାମନଗର ତହସିଲ୍ କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀଙ୍କୁ ଅଫିସ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦୀର୍ଘ ୩ ଦଶନ୍ଧି କାର୍ଯ୍ୟକରି ମଙ୍ଗଳବାର ବରିଷ୍ଠ କର୍ମଚାରୀ ଶତ୍ରୁଘ୍ନ ରାଉତ ଅବସର ଗ୍ରହଣ କରିଥିଲେ। ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ୨ ଅତିରିକ୍ତ ତହସିଲ୍‌ଦାର ସାଇ ସିଲୋନା ଓ ପଲ୍ଲୀଭାରତ ମହାଳିକ, ପୂର୍ବତନ ତହସିଲ୍‌ଦାର ବସନ୍ତ ଲେଙ୍କା ଏବଂ ୨ଜଣ ରାଜସ୍ୱ ପରିଦର୍ଶକ, ଗିରିଶ ଚନ୍ଦ୍ର ନାୟକ, ଧର୍ମପଦ ସାହୁ ପ୍ରମୁଖ ଶତ୍ରୁଘ୍ନ ରାଉତଙ୍କ କର୍ତ୍ତବ୍ୟନିଷ୍ଠାର ଭୂୟସୀ ପ୍ରଶଂସା କରି ତାଙ୍କୁ ଅଫିସ ତରଫରୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ମାଝୀ, ଚିତ୍ତରଞ୍ଜନ ମଲ୍ଲିକ, ତାପସ ପଣ୍ଡା, ବାସୁଦେବ ପଣ୍ଡା, ଦେବାଶିଷ ମହାପାତ୍ର, ମାନସ ରଞ୍ଜନ କର, ରାଜସ୍ୱ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମଲ୍ଲିକ, କିଶୋର ଚନ୍ଦ୍ର ମଲ୍ଲିକ, ସରୋଜ ଜେନା, ଦେବାଶିଷ ସାହୁ, ଭକ୍ତିଲତା ପତି, ଅର୍ଚ୍ଚନା ନାୟକ, ସ୍ମୃତିପ୍ରଭା ମଲ୍ଲ, ପୁଷ୍ପାଲତା ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ।

## ପ୍ରଜ୍ଞା ଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୨।୪ (ସମିସ): ଭୋଗରାଇ ବ୍ଲକର ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ଦୁର୍ଗାଦେବୀ ହାଟ ନିକଟସ୍ଥ ପ୍ରଜ୍ଞା ଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତି ହେମନ୍ତ ଜେନା ସଂଚାଳନ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ, ମୁଖ୍ୟଅତିଥି ଭାବେ ଶ୍ରଦ୍ଧାପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦେବ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ନନ୍ଦ ଦୁଲାଲ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ସମ୍ପାଦକ ସୁଶାନ୍ତ କୁମାର ସେନାପତି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ସଞ୍ଜିତା ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଗୁରୁଜୀ ବିଦ୍ୟାଧର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା କାବେରୀ ପଣ୍ଡା, ପଦ୍ମାବତୀ କର, କିସ୍ମାତୁନ ନେସା, କଲ୍ୟାଣୀ ପରିଡା, ଆଲପନା ମାଝୀ, ସରିତା ଦତ୍ତ, ଜ୍ୟୋତିର୍ମୟୀ ଗିରି, ପୂର୍ଣ୍ଣିମା ମାହାନା ଓ ସେବିକା ମଞ୍ଜୁଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଗ୍ୟାସ୍ ଅଭାବର ଶିକାର ହେଉଛନ୍ତି ସାଧାରଣ ଲୋକେ

ବାରିକପୁର,୨।୪(ସମିସ): କିଛିଦିନ ହେବ ଗ୍ୟାସ୍ ସିଲିଣ୍ଡର ପାଇଁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁଠାରୁ ସହର ଯାଏଁ ସବୁଠି ଗ୍ୟାସ୍ ପାଇଁ ଧାଁ ଦୌଡ଼। ବୁକିଂ ପରେ ଗୋଟିଏ ସିଲିଣ୍ଡର ପାଇଁ ଲୋକେ ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ୍ ମହଜୁଦ ଥିବା କୁହାଯାଉଥିଲେ ବି ଅନେକ ଲୋକ ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ଏଭଳି କିଛି ଅଭିଯୋଗ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରୁ ଆସିଛି। ସୂଚନା ମୁତାବକ, ହୋଟେଲ ଓ ଢାବା ବ୍ୟବସାୟ କରୁଥିବା ବ୍ୟକ୍ତି ଗ୍ୟାସ୍ ପାଇଁ କିଛି ଉପଭୋକ୍ତାଙ୍କ ଜରିଆରେ ଅନ୍‌ଲାଇନ୍ ବୁକିଂ କରୁଛନ୍ତି। ନିର୍ଦ୍ଧାରିତ ତାରିଖ ଅନୁଯାୟୀ ବିତରଣ ସଂସ୍ଥା ନିକଟରେ ଗ୍ୟାସ୍ ଗାଡ଼ି ପହଞ୍ଚିବା ପରେ



ବ୍ୟବସାୟୀମାନେ ତତ୍‌କ୍ଷଣାତ ସିଲିଣ୍ଡର ହାତେଇ ନେଉଛନ୍ତି। ଯେଉଁଥିପାଇଁ ବୁକିଂ କରି ମଧ୍ୟ ନିହାତି ଆବଶ୍ୟକ କରୁଥିବା ଅନେକ ଉପଭୋକ୍ତା ସିଲିଣ୍ଡର ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହା ଉପରେ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଏଆଇକେକେଏମ୍‌ଏସ୍ ନେତା ପ୍ରକାଶ ମଲ୍ଲିକଙ୍କୁ ଖଲାସ ଦାବି

ଯାଜପୁର,୨।୪(ସମିସ)




ଏଆଇକେକେଏମ୍‌ଏସ୍ ପକ୍ଷରୁ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚ ଉପସଭାପତି ତଥା ଏଆଇକେକେଏମ୍‌ଏସ୍‌ର ନେତା ପ୍ରକାଶ ମଲ୍ଲିକଙ୍କୁ ବିନା ସର୍ତ୍ତରେ ଖଲାସ ପାଇଁ ଏକ ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଏଆଇକେକେଏମ୍‌ଏସ୍‌ର ନେତା-କର୍ମୀମାନେ ମେଡିକାଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ମେଡିକାଲ ଛକ, ଗାନ୍ଧୀଛକ, ଜିଲ୍ଲାପାଳ ଅଫିସ ସମ୍ମୁଖରେ କେକେଏମ୍‌ଏସ୍ ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ ମଲ୍ଲିକଙ୍କ ସଭାପତିତ୍ୱରେ ସଭାରେ ଜିଲ୍ଲା କମିଟି ସମ୍ପାଦକ ଅଚ୍ୟୁତ ପ୍ରଧାନ, ଏସ୍‌ୟୁସିଆଇ(ସି) ଓଡ଼ିଶା ରାଜ୍ୟ କମିଟି ସଭ୍ୟ ନୃସିଂହ ଚରଣ ପଣ୍ଡା, ସୁବାସ ମଲ୍ଲିକ ପ୍ରମୁଖ ବକ୍ତାମାନେ କହିଥିଲେ ଯେ, ହାଇକୋର୍ଟର ଜାମିନ ଅର୍ଡର ଥିବା ସତ୍ତ୍ୱେ ମାର୍ଚ୍ଚ ୩୧ ରାତିରେ ଅଗଣତାନ୍ତ୍ରିକ ଗିରଫଦାରୀକୁ ନିନ୍ଦା କରୁଛୁ। ଏଥିସହ ନିଃସର୍ତ୍ତରେ ତୁରନ୍ତ ଖଲାସ କରିବାକୁ ସେମାନେ ଦାବି କରିଥିଲେ। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍‌ରେ ବିଜେପି ସରକାର ବଳପୂର୍ବକ ଚାଷ ଜମି ଦଖଲ କରି ଜିନ୍ଦଲ-ପୋସ୍କୋ କମ୍ପାନୀକୁ ହସ୍ତାନ୍ତର କରିବା ପାଇଁ ଉଦ୍ୟମ କରୁଛନ୍ତି। ଏହା ବିରୋଧରେ ଜିନ୍ଦଲ - ପୋସ୍କୋ ପ୍ରତିରୋଧ ମଞ୍ଚର ନିରୀହ ଆଦିବାସୀ ଗରିବ ଚାଷୀମାନଙ୍କ ନାମରେ ମିଥ୍ୟା କେସ୍ ଦେଇ ଆନ୍ଦୋଳନକୁ ଦମନ କରିଚାଲିଛନ୍ତି। ଏହା ବିରୋଧରେ ଦୁର୍ବାର ଆନ୍ଦୋଳନ ଗଢ଼ିତୋଳିବା ପାଇଁ ବକ୍ତାମାନେ କହିଥିଲେ। ଏହି ପ୍ରତିବାଦ ସଭାରେ ଏଆଇକେକେଏମ୍‌ଏସ୍ ସଂଗଠକ ରାଜକିଶୋର ନାଥ, କୃଷ୍ଣ ମଲ୍ଲିକ, ଅଜୟ ଦାସ, କୀର୍ତ୍ତନ ଜେନା, ବିଶ୍ୱନାଥ ସାହୁ, ବିନୋଦ ବିହାରୀ ସାହୁ ଏବଂ ପାର୍ଟିର ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକଙ୍କ ସହ ବୀରକିଶୋର ନାୟକ, ସୁଲୋଚନା ପ୍ରଧାନ, ଅଭିମନ୍ୟୁ ମଲ୍ଲିକ, ମଧୁମିତା ସାହୁ, ଦମୟନ୍ତୀ ମୁଦୁଲି, ତରଙ୍ଗିଣୀ ଦାସ, ଲବଙ୍ଗଲତା ଜେନା, ରାଜଶ୍ରୀ ମହାନ୍ତି, ସଂଯୁକ୍ତା ନାୟକ, ଚନ୍ଦ୍ରକାନ୍ତ ପଢ଼ିଆରୀ ପ୍ରମୁଖ ଯୋଗ ଦେଇଥିଲେ।

ସକାଳ
THE SAKALA



# କଂକ୍ରିଟ ରାସ୍ତା ତାଡ଼ି ପାଇପ ବିଛାଇବାକୁ ବିରୋଧ

ଜଳେଶ୍ୱର,୨।୪ (ସମିସ) : କଂକ୍ରିଟ ରାସ୍ତାକୁ ତାଡ଼ି ପାଣି ପାଇପ ବିଛାଇବା କାର୍ଯ୍ୟକୁ ବିରୋଧ କରି ଜଳେଶ୍ୱର ପୌରପାଳିକାର ୮ ନଂ ୱାର୍ଡବାସୀ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ସ୍ଥାନରେ ପାଣି ପାଇପ ଲାଇନ ବିଛାଇବା ଲାଗି କଂକ୍ରିଟ ରାସ୍ତା ମଝିକୁ ଭାଇବ୍ରେଟର ଦ୍ୱାରା ଟ୍ରେଞ୍ଚ ଖୋଳାଯାଇଥାଏ। ପରେ ପାଇପ ବିଛାଯାଇ ସେହି ଟ୍ରେଞ୍ଚକୁ ମାଟିରେ ଭର୍ତ୍ତି କରି ପୁଣି କଂକ୍ରିଟ କରାଯିବା ଦ୍ୱାରା କିଛି ଦିନ ପରେ ରାସ୍ତାଟି ଫାଟି ଯାଇଥାଏ। ଟ୍ରେଞ୍ଚ ଖୋଳାଯାଇଥିବା ସ୍ଥାନରେ ମାଟି ଦବିଯାଇ ଗର୍ତ୍ତ କିମ୍ବା ନାଳ ସୃଷ୍ଟି ହୋଇଥାଏ ପରବର୍ତ୍ତୀ ପର୍ଯ୍ୟାୟରେ ଘୋର ବିପତ୍ତି ସୃଷ୍ଟି କରେ। ସେତେବେଳେ କେହି ଶୁଣିବାକୁ ନଥିବା ବେଳେ ଗର୍ତ୍ତ ଯୋଗୁଁ ସଡ଼କ ଦୁର୍ଘଟଣା ମାନ ଘଟିଥାଏ। ରାସ୍ତା ପାର୍ଶ୍ୱର୍ରେ ଟ୍ରେଞ୍ଚ ଖୋଳା ନ ଯାଇ କଂକ୍ରିଟ ରାସ୍ତାର ମଧ୍ୟସ୍ଥଳକୁ ଭଙ୍ଗାଯିବା ଦ୍ୱାରା ସରକାରଙ୍କ ଆର୍ଥିକ କ୍ଷତି ଘଟୁଛି। ଜଳେଶ୍ୱର ପୌରପାଳିକାର ୮ ନଂ ୱାର୍ଡ ପଞ୍ଚୁଘଣ୍ଟାର ପୀରବାବା ଛକଠାରୁ ଜେଲ ପର୍ଯ୍ୟନ୍ତ ପ୍ରାୟ ୧ କିମିରୁ ଊର୍ଦ୍ଧ୍ୱ ଦୂରତାର ରାସ୍ତା ନିକଟରେ ନବୀକରଣ କାମ ହୋଇଥିବାବେଳେ ଏବେ ପାଣି ପାଇପ ବିଛାଇବା ଲାଗି କଂକ୍ରିଟ ଭାଂଗି ଟ୍ରେଞ୍ଚ ଖୋଳା ଚାଲିଛି। ରାସ୍ତା ପାର୍ଶ୍ୱର୍ରେ ଖୋଳା ନ ଯାଇ କଂକ୍ରିଟ ଇଂଗାଯିବାକୁ କେତେକ ସଚେତନ ୱାର୍ଡବାସୀ ବିରୋଧ କରିଛନ୍ତି। ଅନନ୍ତ ଦାସ, ସୁଶାନ୍ତ ସୁଶାନ୍ତ କୟାଲ, ଫାଲଗୁନି ପାଣିଗ୍ରାହୀ, ବୀରେନ୍ଦ୍ର ସାମଲ, ବୁଧିଆ ସିଂ, ଆଶିକ ଶାହା, ଚନ୍ଦ୍ର ମୋହନ ସିଂ ପ୍ରମୁଖଙ୍କ ସମେତ ବହୁ ୱାର୍ଡବାସୀ ଏ ସଂପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ଓ ଉପ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ବର୍ଦ୍ଧନା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୨।୪ (ସମିସ)



ଉପଜିଲ୍ଲାପାଳଙ୍କୁ ଭେଟିଲେ ୧୧ ୱାର୍ଡ ସଭ୍ୟ

ଜଳେଶ୍ୱର ବ୍ଲକ ବର୍ଦ୍ଧନା ଗ୍ରାମପଞ୍ଚାୟତର ସରପଞ୍ଚ ମଧୁସ୍ମିତା ବେହେରାଙ୍କ ନାମରେ ୧୧ ୱାର୍ଡ ସଭ୍ୟ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଦୁର୍ନୀତି ଓ ସ୍ୱେଚ୍ଛାଚାରିତାର ସଂଗୀନ ଅଭିଯୋଗ ଆଣି ପଞ୍ଚାୟତର ମୋଟ ୧୩ ଜଣ ସଭ୍ୟଙ୍କ ମଧ୍ୟରୁ ୧୧ ଜଣ ସଭ୍ୟ ଗୁରୁବାର ଏକାଠି ହୋଇ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ସରପଞ୍ଚ ସାମାଜିକ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ସରକାରୀ ନିୟମ ଉଲ୍ଲଂଘନ କରି ସଭ୍ୟମାନଙ୍କ ଅଗୋଚରରେ ଅନ୍ୟତ୍ର ବିନିଯୋଗ କରିବା, ଏହାସହିତ ଆବାସ ଯୋଜନା, ରାସ୍ତା ଓ ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ସେମାନେ ଦର୍ଶାଇଛନ୍ତି। ପଞ୍ଚାୟତ ପରିଚାଳନାରେ ସରପଞ୍ଚ ସମ୍ପୂର୍ଣ୍ଣ ସ୍ୱେଚ୍ଛାଚାରୀ ଆଚରଣ ପ୍ରଦର୍ଶନ କରିବା ସହ ୱାର୍ଡ ସଭ୍ୟମାନଙ୍କୁ କୌଣସି ଗୁରୁତ୍ୱ ଦେଉନଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ, ୧୯୬୪ର ଧାରା ୨୪ ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଛି। ମୋଟ ୧୩ ୱାର୍ଡ ସଭ୍ୟରୁ ୧୧ ଜଣ ଅନସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିବାରୁ ସରପଞ୍ଚଙ୍କ ପଦବୀ ଏବେ ସଙ୍କଟରେ ପଡ଼ିଥିବା ଜଳ ଜଳ ଦେଖାଯାଉଛି। ଏ ସମ୍ପର୍କରେ ସରପଞ୍ଚ ମଧୁସ୍ମିତା ବେହେରା ଏହାକୁ ନିରାଧାର କହିବା ସହିତ ପଞ୍ଚାୟତର ଯେ କୌଣସି ତଦନ୍ତରେ ସମ୍ମୁଖୀନ ହେବାକୁ ସେ ପ୍ରସ୍ତୁତ ଅଛନ୍ତି। ୱାର୍ଡସଭ୍ୟମାନେ ବୈଠକରେ ଯୋଗ ଦେଉନଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କାର୍ଯ୍ୟ କରୁଛନ୍ତି ବୋଲି ସରପଂଚ କହିଛନ୍ତି। ଅସନ୍ତୁଷ୍ଟ ୱାର୍ଡ ସଭ୍ୟ କାଳିଚରଣ ପାଳ, ଗଣେଶ ଚନ୍ଦ୍ର ସାମଲ, ତ୍ରିଲୋଚନ ସେଠୀ, ବିଜୟ କୁମାର ସାମଲ, ରଞ୍ଜିତା ବିର, ମିନତି ବେହେରା, ଦ୍ରୌପଦୀ ଟୁଡୁ, କସ୍ତୁରୀ ଜେନା, ମଞ୍ଜରୀ ଧଳ, ମମତା ଦଳାଇ ଏବଂ ସୁଷମା ରାଣୀ ଜେନା ସ୍ୱତନ୍ତ୍ର ବୈଠକ ଆହ୍ୱାନ କରି ବିହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ବିଦ୍ୟୁତ୍ ନିରାପତ୍ତାକୁ ଟିପିଏନ୍ଓଡିଏଲର ପ୍ରାଥମିକତା



ବାଲେଶ୍ୱର, ୨।୪(ସମିସ): ବିଦ୍ୟୁତ୍ ସେବା ବିତରଣରେ ନିରାପତ୍ତାକୁ ସର୍ବଦା ପ୍ରାଥମିକତା ଦେଇଆସିଛି ଟିପିଏନଓଡିଏଲ। ବିଶେଷତଃ ଶିକ୍ଷାନୁଷ୍ଠାନଗୁଡିକରେ ପିଲାମାନଙ୍କ ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦେଉଛି। ଟିପିଏନଓଡିଏଲ ଏହି କ୍ରମରେ ୧୮ ଶହରୁ ଅଧିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିଛି। ନିରାପତ୍ତା ପାଇଁ ସୁରକ୍ଷା ପ୍ରାଚୀର ମଧ୍ୟ ନିର୍ମାଣ କରାଯାଇଛି। ବାଲେଶ୍ୱର ଜିଲ୍ଲାରେ ୫୬୭ଟି ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାବେଳେ ଯାଜପୁରରେ ୩୫୬ଟି ଶିକ୍ଷାନୁଷ୍ଠାନ ପରିସରରୁ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ସେହିପରି କେନ୍ଦୁଝରରେ ପ୍ରାୟ ୩୫୦, ଭଦ୍ରକରେ ୨୧୭ ଏବଂ ମୟୂରଭଞ୍ଜର ୨୫୦ରୁ ଅଧିକ ଶିକ୍ଷାନୁଷ୍ଠାନରୁ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକୁ ସ୍ଥାନାନ୍ତର କରାଯାଇଛି। ପିଲାମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଟିପିଏନଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଟିପିଏନଓଡିଏଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଅସୁରକ୍ଷିତ ତଥା ଅବ୍ୟବସ୍ଥିତ ଥିବା ଟ୍ରାନ୍ସଫର୍ମରଗୁଡ଼ିକ ପାଇଁ ଫେନ୍ସିଂ ବା ସୁରକ୍ଷା ବାଡ଼ ମଧ୍ୟ ନିର୍ମାଣ କରାଯାଉଛି। ବାଲେଶ୍ୱର ଜିଲ୍ଲାରେ ୭୮୧ଟି ଟ୍ରାନ୍ସଫର୍ମର ପରିସରକୁ ସୁରକ୍ଷା ବାଡ଼ ନିର୍ମାଣ କରାଯାଇ ଆବଦ୍ଧ କରାଯାଇଥିବାବେଳେ ବାରିପଦାରେ ୫୮୬, ଯାଜପୁରରେ ୪୭୬, ଭଦ୍ରକରେ ପ୍ରାୟ ୪ଶହ, ଏବଂ କେନ୍ଦୁଝରରେ ୩ଶହରୁ ଅଧିକ ଟ୍ରାନ୍ସଫର୍ମର ପରିସରରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇଛି। ସୁରକ୍ଷା ବାଡ଼ ନିକଟରେ ପିଲାମାନଙ୍କୁ ଖେଳିବାକୁ ନଦେବା, ଗାଈଗୋରୁ କିମ୍ବା ଅନ୍ୟ ପଶୁମାନଙ୍କୁ ନ ବାନ୍ଧିବା ଅବା ଓଦା କପଡ଼ା ନ ଶୁଖାଇବା ପାଇଁ ଟିପିଏନଓଡିଏଲ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଅସୁରକ୍ଷିତ ଅବସ୍ଥାରେ ଥିବା ବୈଦ୍ୟୁତିକ ଟ୍ରାନ୍ସଫର୍ମର ତଥା ଖୁଣ୍ଟି କିମ୍ବା ଛିଣ୍ଡା ତାର ସମ୍ପର୍କରେ ଜନସାଧାରଣ ୧୮୦୦-୩୪୫-୬୭୧୮ କିମ୍ବା ୧୯୧୨ରେ ସୂଚନା ଦେବା ପାଇଁ ଟିପିଏନଓଡିଏଲ ପକ୍ଷରୁ କୁହାଯାଇଛି।

## ୧୭ ଶହରୁ ଅଧିକ ଶିକ୍ଷାନୁଷ୍ଠାନ ପରିସରରୁ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାନାନ୍ତର

# ସାଂସଦଙ୍କ ପ୍ରତିନିଧିଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

କାଳିପଦା, ୨।୪ (ସମିସ): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ଅଣ୍ଡିଆ ଓ ବାଲିଆପାଳ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରି ଦର୍ଶନରେ ଯାଇଥିଲେ। ଏହି ପରିଦର୍ଶନ ସମୟରେ ଶ୍ରୀ ଅଣ୍ଡିଆ ରୋଗୀ ମାନଙ୍କର ସୁବିଧା ଅସୁବିଧା ବୁଝିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ଥିବା ଡାକ୍ତର ଏସ. ଗିରି ଓ ହିମାଦ୍ରୀ ପାଣିଗ୍ରାହୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଅଭାବ ଓ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ କହିଥିଲେ। ସାଂସଦ ପାଣ୍ଠିରେ ଏକ୍ସରେ ମେସିନ, ସାଇକେଲ ଷ୍ଟାଣ୍ଡ, କମ୍ୟୁନିଟି ହଲ ଆଦି ନିର୍ମାଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିରାଟ ଗର୍ତ୍ତ



ଜଳେଶ୍ୱର, ୨।୪ (ସମିସ): ଜଳେଶ୍ୱର ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକ ସମ୍ମୁଖରେ ରହିଥିବା ବିରାଟ ଗର୍ତ୍ତ ରୋଗୀଙ୍କ ପାଇଁ ମରଣ ଯନ୍ତା ସୃଷ୍ଟି ହୋଇଛି। ଆପଦ ବିପଦ ସମୟରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶୀଘ୍ର ଆସିଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜୀବନ ରକ୍ଷା ବଦଳରେ ଜୀବନ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଜଳେଶ୍ୱର ସହରରେ ମୁଖ୍ୟତଃ ଦୁଇଟି ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ଗୋଟିଏ ବଡ ବଜାରସ୍ଥିତ ନୂତନ ଭାବେ ନିର୍ମାଣ କରାଯାଇଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଯାହାର ସମ୍ମୁଖ ଫାଟକ ମଝିରେ ଦୁଇଟି ବଡ ଗର୍ତ ଦୀର୍ଘଦିନ ଧରି ରହିଛି। ଯାହା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀ ବା ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ସାମାନ୍ୟ ଅସାବଧାନତା ଯୋଗୁଁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଦ୍ୱିତୀୟଟି ଜି.କେ.ଭଟ୍ଟର ହସପିଟାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାହା ଉପରେ ସାରା ଜଳେଶ୍ୱର ସହିତ ପଶ୍ଚିମବଙ୍ଗ ଓ ଅନ୍ୟ ବ୍ଲକର ଲୋକେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ପାଇଁ ମୁଖ୍ୟ ସଡକର ନୂଆ ବଜାର ଟ୍ରାଫିକ ଛକ ନିକଟରେ ରାସ୍ତା ଅଣଓସାରିଆ ହୋଇଥିବା ବେଳେ ଏକ ବିରାଟ ଗର୍ତ୍ତ ଦୀର୍ଘଦିନ ଧରି ରହିଛି। ରାସ୍ତାରେ ଟ୍ରାଫିକ ପୋଷ୍ଟ ବସାଇବା ଦ୍ୱାରା ରାସ୍ତା ଅଣଓସାରିଆ ହୋଇଥିବା ବେଳେ ସେହିଠାରେ ଏହି ଗର୍ତ୍ତ ଲୋକଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ଏହି ଦୁଇଟି ସ୍ଥାନ ଦେଇ ଜଳେଶ୍ୱରର ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ପ୍ରତିଦିନ ଯିବା ଆସିବା କରୁଛନ୍ତି ମାତ୍ର ଏହାର ନିରାକରଣ ପାଇଁ କାହାରି ଇଚ୍ଛାଶକ୍ତି ନାହିଁ। ଯାହାକୁ ନେଇ ସହରର ବହୁ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ବ୍ୟକ୍ତିମାନେ ନେଉଥିବା ପି.ସିରୁ ସାମାନ୍ୟ ମାତ୍ର ଖର୍ଚ୍ଚ କଲେ ବା କୌଣସୀ ଠିକାଦାରଙ୍କୁ କହିଲେ ହୁଏତ ଏହି ସମସ୍ୟାର ସମାଧାନ ହୋଇପାରନ୍ତା ବା ନିଜସ୍ୱ ସାମାନ୍ୟ ଖର୍ଚ୍ଚରେ ଏହି ଗର୍ତ୍ତ ଗୁଡିକ ପୂରଣ ହୋଇପାରନ୍ତା ମାତ୍ର ତାହା ହୋଇପାରୁନାହିଁ ବୋଲି ବୁଦ୍ଧିଜୀବୀ ମାନଙ୍କର ଚର୍ଚ୍ଚାର ବିଷୟ ହୋଇଛି। ଦେଖାଯାଉ କେବେ ଏହାର ସମାଧାନ ହେଉଛି ବା କେତେ ଜଣ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି।

# ଜାମଶୂଳୀ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ




କାଳିପଦା, ୨।୪ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜର ଇତିହାସ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଲେଜର ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଗଣିତ ବିଭାଗ ମୁଖ୍ୟ ଡ. ସୁକାନ୍ତ କୁମାର ଗିରି ଅତିଥି ଭାବରେ ଯୋଗ ଦେଇ ବିଦାୟ ସମ୍ବର୍ଦ୍ଧନା ଉତ୍ସବର ପରମ୍ପରା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷ ସମ୍ମାନ ଶ୍ରେଣୀର ଛାତ୍ରଛାତ୍ରୀ ତୃତୀୟ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇ ଥିଲେ। ବିଭାଗୀୟ ଅଧ୍ୟାପକ ପରମାନନ୍ଦ ମହାନ୍ତି ଅତିଥି ପରିଚୟ ଓ ବିଭାଗୀୟ ମୁଖ୍ୟ ପ୍ରଧ୍ୟାପକ ନିର୍ମଳ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଏସ କେ ସବିର ହାସନ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାମୀ ସ୍ୱରୂପାନନ୍ଦ ପରମହଂସଙ୍କ ଉପାସନା

ଜଳେଶ୍ୱର, ୨।୪ (ସମିସ): ନମିତା ଗିରି ପୂଜ୍ୟପୂଜ୍ୟା ସଂସଦ ଆନୁକୂଲ୍ୟରେ ଜଳେଶ୍ୱର ବ୍ଲକ କୃଷ୍ଣନଗର ସ୍ଥିତ ନମିତା ଗିରି ସ୍ମୃତି ମନ୍ଦିର ଠାରେ ଶ୍ରୀଶ୍ରୀ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ସମବେତ ଉପାସନା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗୀୟ ନମିତା ଗିରିଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ପୂଜ୍ୟପୂଜା, ପ୍ରତିଭା ସମ୍ମାନ ଓ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ତଥା ସ୍ୱର୍ଗୀୟ ନମିତା ଗିରି ପୂଜ୍ୟପୂଜା ସଂସଦର ସଭାପତି ହରେକୃଷ୍ଣ ଗିରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ନିଶିକାନ୍ତ ଗିରି, ସମ୍ମାନିତ ଅତିଥି ଭାବେ ଡ. ବେଣୁଧର ବେହେରା, ସମ୍ମାନିତ ପ୍ରତିଭା ଶିବଶଙ୍କର ଗିରି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ତାତ୍ତ୍ୱିକ ଅଭିଭାଷଣ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଡ. ନିଶିକାନ୍ତ ଗିରି ବିବରଣୀ ପାଠ ଓ ଶେଷରେ ନିବେଦିତା ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ସୟଦନା ସେଖ ଅହମ୍ମଦ ପୀର ବାବାଙ୍କ ଉର୍ସ ଉତ୍ସବ

ବାଲେଶ୍ୱର,୨।୪(ସମିସ): ବାଲେଶ୍ୱର ସହରର ସୁନହଟସ୍ଥିତ ସୟଦନା ସେଖ ପୀର ରେହେମାତୁଲ୍ହା ଆଲାୟେଙ୍କର ୬୯ତମ ବାର୍ଷିକ ଉର୍ସ ଉତ୍ସବ ଉଦ୍‌ଘାଟିତ



ହୋଇଯାଇଛି। ବାଲେଶ୍ୱରର ପ୍ରସିଦ୍ଧ ଭୁଜାଖିଆ ପୀର ବାବାଙ୍କ ବଡ ଭାଇ ହେଉଛନ୍ତି ଅହମ୍ମଦ ପୀର ବାବା। ଗୁରୁବାର ଦିନ ଶୁଭାରମ୍ଭ ହୋଇଥିବା ଏହି ଉତ୍ସବରେ ପ୍ରଥମେ ବାବାଙ୍କର ଗୋସାଲ କରାଯାଇଥିଲା। ବୁଢାବଳଙ୍ଗ ନଦୀର ପରମିଟ ଘାଟରୁ ବାବାଙ୍କର ଗୋସାଲ ପାଇଁ ଏକ ଶୋଭାଯାତ୍ରରେ ପାଣି ଅଣାଯିବା ପରେ ଆସ୍ଥାନକୁ ପବିତ୍ର କରାଯାଇଥିଲା। ଅପରାହ୍ନରେ ଫୁଲ ଏବଂ ଚନ୍ଦନ ଶୋଭାଯାତ୍ରା ସହର ପରିକ୍ରମା କରିଥିବା ବେଳେ ଅପରାହ୍ନଠାରୁ ବାବାଙ୍କ ଆସ୍ଥାନରେ ଶବିନା ପାଠ କରାଯାଇଥିଲା। ଗୋସାଲ ପରେ ବହୁ ଭକ୍ତ ବାବାଙ୍କ ଆସ୍ତାନରେ ଚାଦର ଚଢାଉଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଦିନ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସକାଳେ କୋରାନ ସରିଫ ପାଠ ସହିତ ସନ୍ଧ୍ୟାରେ ଫାତେହା ପରେ ଶିରିଣୀ ବିତରଣ କରାଯିବ ବୋଲି ଆୟୋଜକ କମିଟି କର୍ମକର୍ତ୍ତା କହିଛନ୍ତି। କମିଟିର ସଭାପତି ସେଖ ସାଉଦ୍ଦିନ, ଉପସଭାପତି ଅବଦୁଲ ଅବଦୁଲ କାମିଲ, ସମ୍ପାଦକ ଶେଖ ଅବଦୁଲ ଜାହିଦ, ସୟେଦ ନସୀମ ଅହେମ୍ମଦ ରାଜା, ହାଜି ଶେଖ ଅବଦୁଲ ସାଜିଦ, ଶେଖ ଅବଦୁଲ ରଜାକ, ଶେଖ ଗୋଲାମ୍ ମଜାମିଲ୍, ଅବଦୁଲ ଜାକିର ଖାନ, ଶେଖ ରୋହିତ, ଶେଖ ଫରହାଦ, ହାଜି ଶେଖ ସାଦିରୁଦ୍ଦିନ, ଶେଖ ସାଦିକ୍, ଅବଦୁଲ ହାଫିଜ୍ ଖାନ୍, ଶେଖ ଇମାମୁଦ୍ଦିନ, ଶେଖ ସାଜନ୍, ଶେଖ ସାଦିକିନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନିର୍ଯାତିତ ଯୁବତୀକୁ ଉଦ୍ଧାର କଲେ ସମାଜସେବୀ

ଜଳେଶ୍ୱର,୨।୪(ସମିସ): ଖୋର୍ଦ୍ଧା ଅଞ୍ଚଳର ନିର୍ଯାତିତା ବାଟବଣା ଯୁବତୀ ଜଳେଶ୍ୱର ଟାଉନ୍ ହଲ୍ ପଡ଼ିଆରେ ରାତିରେ ହଟହଟା ହେଉଥିବା ବେଳେ ଉଦ୍ଧାର କଲେ ସମାଜସେବୀ। ଯୁବତୀର କହିବା ଅନୁସାରେ ଖୋର୍ଦ୍ଧା ଅଞ୍ଚଳର ରାଜୁ ଦାସ ନାମକ ଜନୈକ ନିଃସନ୍ତାନ ବ୍ୟକ୍ତି ଦୀର୍ଘ ୧୭ ବର୍ଷ ଧରି ଝିଅ ଭାବେ ତାକୁ ପାଳି ଆସୁଥିଲେ। ୪ ମାସ ତଳେ ଦମ୍ପତିଙ୍କର ସନ୍ତାନ ଜନ୍ମ ହେବା ପରେ ପାଳିତା କନ୍ୟାକୁ ଅକଥନୀୟ ଅତ୍ୟାଚାର କର ଘରୁ ତଡି ଦେଇଛନ୍ତି। ଝିଅଟି ଜନ୍ମକଲା ବାପା ମାଁ ଙ୍କ ପରିଚୟ ଜାଣିନଥିବା ବେଳେ ଏଣେ ତେଣେ ବୁଲି ଖୋର୍ଦ୍ଧା ରୁ ଟ୍ରେନ ଯୋଗେ ଜଳେଶ୍ୱରରେ ଆସି ପହଞ୍ଚିଛି। ବୁଧବାର ରାତିରେ ଟାଉନ୍ ହଲ୍ ପଡିଆ ଠାରେ କେତେକ ଯୁବତୀଙ୍କୁ ଅସଦାଚରଣ କରୁଥିବା ବେଳେ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ସଦସ୍ୟା ରିଙ୍କି ଖଟକିଙ୍କ ଘରେ ସେ ପଶିଯାଇଥିଲା। ଖବର ପାଇ ଅଞ୍ଚଳର ବିଶିଷ୍ଟ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହିଳାଙ୍କ ଘରେ ରାତ୍ରି ରେ ଆଶ୍ରୟ ଦିଆଯାଇଥିଲା। ଗୁରୁବାର ପୀଡ଼ିତ ଯୁବତୀଙ୍କୁ ଜଳେଶ୍ୱର ଥାନାରେ ହାଜର କରାଯିବା ପରେ ଆଇଆଇସି ଅଶୋକ ବାରିକ୍, ଏସ ଆଇ ଚିରଞ୍ଜିବୀ ବିଶ୍ୱାଳ, ସାନ୍ତିଆ ସ୍ଥିତ ଗାନ୍ଧୀ ସେବା ଶ୍ରମରେ ଛାଡିଛନ୍ତି।

# ଜଳେଶ୍ୱର ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା




ଜଳେଶ୍ୱର, ୨।୪ (ସମିସ) : ପବିତ୍ର ଉତ୍କଳ ଦିବସ ପାଳନ ଅବସରରେ ଜଳେଶ୍ୱର ଓକିଲ ସଂଘର ନବ ନିର୍ବାଚିତ ପଦାଧିକାରୀ ଓକିଲ ବନ୍ଧୁ ମାନଙ୍କୁ ଜାଗ୍ରତ ଜଳେଶ୍ୱର ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାଗ୍ରତ ଜଳେଶ୍ୱର ସଂଗଠନର ସଭାପତି କମଳ ଲୋଚନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ବିଜେପି ନେତ୍ରୀ ସିପ୍ରା ବାଜପେୟୀ, ଜଳେଶ୍ୱର ଓକିଲ ସଂଘର ନବ ନିର୍ବାଚିତ ସଭାପତି କୁଞ୍ଜ ବିହାରୀ ଦାସ୍, ସମ୍ପାଦକ ରାଜେଶ କୁମାର ପାତ୍ରଙ୍କ ସମେତ ଓକିଲ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଜାଗ୍ରତ ଜଳେଶ୍ୱରର ସଦସ୍ୟ ଆଦିତ୍ୟ ନାରାୟଣ ପାତ୍ର ମଞ୍ଚ ଆହ୍ୱାନ କରିଥିଲେ।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

ବାଲେଶ୍ୱର,୨।୪(ସମିସ)




ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ, ପ୍ରଧାନ ଶିକ୍ଷକ ନବୀନ ବେହେରା, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ସ୍ରଷ୍ଟା ନାଟ୍ୟ ସଂସ୍ଥା :** ସ୍ରଷ୍ଟା ନାଟ୍ୟ ସଂସ୍ଥା ଦ୍ୱାରା ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ରଷ୍ଟା ସଭାପତି ଆଲୋକ କୁମାର ସାହୁ, ସମ୍ପାଦକ ହେମେନ୍ଦ୍ର ମହାପାତ୍ର, ଗୌରୀ ଶଙ୍କର ସାହାଣୀ, ସଂଗ୍ରାମ କେଶରୀ ମହାନ୍ତି, ମଦନ ମୋହନ ସାହୁ, ଦିବାକର ମହାନ୍ତି, ପୀତାମ୍ବର ଦାସ,କ୍ଷପ୍ରସନ୍ନ କୁମାର ଦାସ, ଶ୍ୟାମରାଇ କର, ମନୋରଞ୍ଜନ ଦାସ, ରାମଚନ୍ଦ୍ର ମହାପାତ୍ର, ରତିକାନ୍ତ ମଲିକ, ପ୍ରଦୀପ ଶତପଥି, ସରୋଜ ରାଉତ, ରଶ୍ମି ରଞ୍ଜନ ଦାସ, ପୁଷ୍ପିତା ପାଢ଼ୀ, ସ୍ୱାଗତିକା ବାରିକ, ଅନୁଭା ଶତପଥି, ସୁମନା ପରିଡ଼ା, ଅଜିତ ପଣ୍ଡା ପ୍ରମୁଖ ମଧୁ ବାବୁ, ଫକୀରମୋହନ ସେନାପତି, ରାଧାନାଥ ରାୟଙ୍କ ଅକ୍ଳାନ୍ତ ଉଦ୍ୟମରେ ଓଡ଼ିଶା କିପରି ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଗଠନ ହୋଇପାରିଥିଲା ସେ ବିଷୟରେ ଆଲୋଚନା ହୋଇଥିଲା।

**ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ:** କଲେଜର ବିଜ୍ଞାନ ଭବନରେ ଓଡ଼ିଆ ପକ୍ଷ ପାଳନ ସମାରୋହ ପାଳନ ଅବସରରେ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରସ୍ଥ ସମସ୍ତ ବରପୁତ୍ରଙ୍କ ପାଖରେ ପୁଷ୍ପ ମାଲ୍ୟାର୍ପଣ ପରେ ପ୍ରଫେସର୍ ଅନିରୁଦ୍ଧ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର୍ ଫିରୋଜ୍ ପାଢ଼ୀ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର୍ ରାଜେଶ ରାଉତ, ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ ନାୟକ ଓ ଇଂରାଜୀ ବିଭାଗର ଅଧ୍ୟାପିକା ଡ. ମିନତୀ ସେଠୀ ପ୍ରମୁଖ ଯୋଗଦେଇ ଓଡ଼ିଶା ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ସନ୍ତୋଷ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

**ଖଇରା :** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଆଞ୍ଚଳିକ ଉନ୍ନୟନ ପରିଷଦ ଓ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୯୧ତମ ଉତ୍କଳ ଦିବସ ପାଳିତ ହୋଇ ଯାଇଛି। ପରିଷଦର ସଭାପତି ମଦନମୋହନ ମହଲାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା, ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ ପ୍ରଭାକର ମହାଜନ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖଇରା ଅଞ୍ଚଳର ସୁନାମଧନ୍ୟ ଚିକିତ୍ସକ ଡା ବ୍ରଜସୁନ୍ଦର ସ୍ୱାଇଁ, ଗଣମାଧ୍ୟମ ପ୍ରତିନିଧି ତପୋଧନ ବାରିକ, ଅବସରପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ନାୟକ, ସମାଜସେବୀ ଅଭୟ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦର ସଭ୍ୟ ପଦ୍ମଲୋଚନ ଜେନା, ସୁବାଷ ପ୍ରଧାନ, ଅଭୟ ମହାନ୍ତି, ପଙ୍କଜ ବାରିକ, ପୁରୁଷୋତ୍ତମ ମହାନ୍ତି ଓ ରାମଚନ୍ଦ୍ର ମହାକୁଡ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଚନ୍ଦନେଶ୍ୱର:** ଭୋଗରାଇର ସୀମାନ୍ତ ସାହାବାଜିପୁର ସାଗରସାଥୀ କ୍ଲବ ପକ୍ଷରୁ ୯୧ତମ ଉତ୍କଳ ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ମଧୁ ମଣ୍ଡପରେ ଆୟୋଜିତ ସଭାକୁ ବରିଷ୍ଠ ସାମ୍ବାଦିକ ସୁବାସ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ମୁଖ୍ୟବକ୍ତା ବାଲେଶ୍ୱର ଜିଲ୍ଲା ପରିଷଦର ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ। ଚନ୍ଦନେଶ୍ୱର ମନ୍ଦିର ମୌରସୀ ତପନ କୁମାର ପଣ୍ଡା, ପ୍ରାକ୍ତନ ରାଷ୍ଟ୍ରୀୟ ଗୌରବପ୍ରାପ୍ତ ସରପଞ୍ଚ ରମାକାନ୍ତ କରଣ, ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ନିବେଦିତା ମହାନ୍ତି, କବିତା ମହାନ୍ତି, ଦମୟନ୍ତୀ ସାହୁ, ଗିରିଶ ଦତ୍ତ, ଜୟରାମ ଦାସ, ସାହାବାଜିପୁର ସରପଞ୍ଚ ଅରୁଣ ଗିରି, ହୁଗୁଳି ସମିତି ସଦସ୍ୟ ଗୋବିନ୍ଦ ଦାସ, ପ୍ରଧାନ ଆଚାର୍ଯ୍ୟ ଧରଣୀଧର ସେନାପତି, କ୍ଲବର ସଭାପତି ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଓଡ଼ିଆ ଜାତିର ଅସ୍ମିତା ଏବଂ ସ୍ୱାଭିମାନ ସମ୍ପର୍କରେ କହିଥିଲେ।

# ଶିଶୁବାଟିକା ସେବିକା ଚୟନରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର ୨।୪(ସମିସ): ପୌରପାଳିକାର ୧୬ନଂ ୱାର୍ଡ ଅଲାଲପୁରଠାରେ ଥିବା ନରେନ୍ଦ୍ରନାଥ ଉପ୍ରା ବିଦ୍ୟାଳୟରେ ଶିଶୁବାଟିକା ସେବିକା ଚୟନରେ ଅନିୟମିତତା ଦର୍ଶାଇ ଗ୍ରାମର କେତେକ ଲୋକ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଚୟନ ପ୍ରକ୍ରିୟାକୁ ନେଇ ଛକାପଂଝା ଲାଗି ରହିଥିବା ବେଳେ ଗତ ୨ଦିନ ତଳେ ଆବେଦନକାରୀଙ୍କ ମଧ୍ୟରୁ କେତେକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଟକ ରଖିବା ଓ ପରେ ପୁଲିସ୍ ଯାଇ ଉଦ୍ଧାର କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏସ୍ଏସ୍ସି ସଭାପତି ଓ ପ୍ରଧାନ ଶିକ୍ଷୟତ୍ରୀ ଉଦ୍ଦେଶ୍ୟମୂଳକଭାବେ ଅନିୟମିତତା କରି ଜଣେ ମହିଳାଙ୍କୁ ନିଯୁକ୍ତି ଦେଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଜନଜାତି ମହିଳାଙ୍କୁ ପ୍ରାଧାନ୍ୟ ଦିଆନଯିବା ଅଭିଯୋଗ ହୋଇଛି। ଗ୍ରାମର କାଉନ୍‌ସିଲର ଲକ୍ଷ୍ମଣ ସରେନ୍, କମିଟି ସଭ୍ୟ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ପ୍ରଳୟ ଭଂଜ, ସୁମା ମଣ୍ଡଳ, ଶୁଭଦ୍ରା ଜେନା, ସଂଜିତ ରାୟ, ବିନାୟକ ରାୟ ପ୍ରମୁଖ ବହୁ ଲୋକ ଜିଲ୍ଲା ଶିକ୍ଷାଧିକାରୀ, ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିବା ଜଣାଯାଇଛି।

### ସାମ୍ବାଦିକ ସମ୍ମିଳନୀରେ ବିସ୍ଫୋରକ ଖୁଲାସା

# ମିଥ୍ୟା ମାମଲାରେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଫସାଇବା ଅଭିଯୋଗ

ମହାକାଳପଡା, ୨।୪ (ସମିସ)



ମହାକାଳପଡା ବ୍ଲକ୍ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ପରିବାରକୁ ମିଥ୍ୟା ମାମଲାରେ ଫସାଇବା ପାଇଁ ଷଡ଼ଯନ୍ତ୍ର ରଚାଯାଇଥିବା ଅଭିଯୋଗ ନେଇ ଗୁରୁବାର ଦଳୀୟ କାର୍ଯ୍ୟାଳୟରେ ପ୍ରେସ୍‌ମିଟ୍ କରାଯାଇଛି। ଏହି ପ୍ରେସ୍ ମିଟ୍‌ରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ବର୍ତ୍ତମାନ ସରପଞ୍ଚ ମମତା ସାମଲ, ବାରଡାଙ୍ଗ ସରପଞ୍ଚ ଅରବିନ୍ଦ ଜେନା, ବିଜୟ ଜେନା, ଅନୁରାଧା ସ୍ୱାଇଁ ଉପସ୍ଥିତ ରହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ଜଣାଇଥିଲେ। ରାଜଗଡ ପଞ୍ଚାୟତର ସରପଞ୍ଚ ମମତା ସାମଲଙ୍କ ଘରକୁ ଯାଇଥିବା ପିଇଓ ମୃତ୍ୟୁଞ୍ଜୟ ରାଉତ ପୂର୍ବ ତାରିଖର ବିଲ୍ ଓ ଭାଉଚରରେ ସ୍ୱାକ୍ଷର କରିବାକୁ ଚାପ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ସରପଞ୍ଚ ଏଥିରେ ଅସ୍ୱୀକାର କରିବାରୁ ପିଇଓ ଧମକ ଦେଇ ଘରୁ ବାହାରିଯାଇଥିବା କୁହାଯାଉଛି। ପରେ ସେ ମହାକାଳପଡା ଥାନାରେ ଅଶୋକ ମହାପାତ୍ରଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଥିବାରୁ ଅଭିଯୋଗ ଉଠିଛି। ଅଭିଯୋଗରେ ମୋବାଇଲ ଓ ସୁନା ଚେନ ସହିତ ୩୦ ହଜାର ଟଙ୍କା ଛିଣ୍ଡାଇ ନେବା କଥା ଉଲ୍ଲେଖ ରହିଛି। ଏହି ଘଟଣା ପରେ ପୁଲିସ ଅଶୋକ ମହାପାତ୍ରଙ୍କୁ ଖୋଜୁଥିବାବେଳେ, ସେହି ସମୟରେ ତାଙ୍କ ପିତାଙ୍କ ଦେହାନ୍ତ ଘଟିଥିଲା। କିନ୍ତୁ ପୋଲିସ ଚାପରେ ସେ ବାପାଙ୍କ ଶବଦାହ କାର୍ଯ୍ୟରେ ଯୋଗ ଦେଇପାରିନଥିବା ଓ ମୁଖାଗ୍ନି ଦେବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପ୍ରେସ୍‌ମିଟ୍‌ରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ, ମହାକାଳପଡା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଅବନତି ଘଟିଛି ଓ ନିର୍ଦ୍ଦୋଷ ଲୋକଙ୍କୁ ମିଥ୍ୟା ମାମଲାରେ ଫସାଯାଉଛି। ଯଦି ଅଶୋକ ମହାପାତ୍ରଙ୍କ ବିରୋଧରେ ହୋଇଥିବା ମାମଲା ପ୍ରତ୍ୟାହାର କରାଯିବ ନାହିଁ, ତେବେ ଆଗାମୀ ଦିନରେ ବିଜେଡି ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ।

#### ବାପାଙ୍କ ଶବଦାହରେ ଯୋଗ ଦେଇପାରିଲେନି ଅଶୋକ ମହାପାତ୍ର

## ଆନ୍ତର୍ଜାତିକ କବାଡ଼ିରେ ସ୍ୱର୍ଣ୍ଣ ଜିତିଲେ କେନ୍ଦ୍ରାପଡ଼ା ଝିଅ



କେନ୍ଦ୍ରାପଡ଼ା,୨।୪ (ସମିସ): ଆନ୍ତର୍ଜାତିକ କ୍ରୀଡା ମଞ୍ଚରେ ପୁଣିଥରେ କେନ୍ଦ୍ରାପଡ଼ା ଜିଲ୍ଲାର ଝିଅ ଓଡ଼ିଶାର ମାନ ଉଚ୍ଚ କରିଛନ୍ତି। ୟୁଥ ଗେମ୍ସ ଇଣ୍ଡୋନେପାଳ ଇଣ୍ଟରନ୍ୟାସନାଲ ସିରିଜ କବାଡି ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ନୂଆପଡା ଗ୍ରାମର ସ୍ୱୟଂପ୍ରଭା ବେହେରା ସ୍ୱର୍ଣ୍ଣ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସେ କ୍ଷୀରୋଦ ବେହେରା ଓ ସ୍ୱର୍ଗତ ସତ୍ୟଭାମା ବେହେରାଙ୍କ କନ୍ୟା। ମାର୍ଚ୍ଚ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ନେପାଳର ପୋଖରାସ୍ଥ ଖେଳ ରଙ୍ଗଶାଳା ଷ୍ଟାଡିୟମରେ ଆୟୋଜିତ ଏହି ଆନ୍ତର୍ଜାତିକ କବାଡି ପ୍ରତିଯୋଗିତାରେ ସେ ଅତ୍ୟନ୍ତ ଦକ୍ଷତା ଓ ଦୃଢ଼ ସଙ୍କଳ୍ପର ପରିଚୟ ଦେଇ ଦଳକୁ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ସ୍ୱୟଂପ୍ରଭାଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର କେନ୍ଦ୍ରାପଡ଼ା ଓ ଓଡିଶା ପାଇଁ ଗୌରବର ବିଷୟ ହୋଇପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳି ଯାଇଥିବାବେଳେ ବିଭିନ୍ନ ସ୍ତରରୁ ସ୍ୱୟଂପ୍ରଭାଙ୍କୁ ଅଭିନନ୍ଦନର ସୁଅ ଛୁଟିଚି। କ୍ରୀଡା ପ୍ରତିଭାଙ୍କୁ ଉତ୍ସାହ ଓ ସୁଯୋଗ ମିଳିଲେ ଗ୍ରାମୀଣ ଅଞ୍ଚଳର ଯୁବ ପ୍ରତିଭା ମଧ୍ୟ ଆନ୍ତର୍ଜାତିକ ମଞ୍ଚରେ ସଫଳତା ଅର୍ଜନ କରିପାରିବେ ବୋଲି ସ୍ୱୟଂପ୍ରଭାଙ୍କ ଏହି ଜୟ ପୁଣିଥରେ ପ୍ରମାଣ କରିଛି।

### ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳିତ

## ଉଲ୍ଲେଖନୀୟ ସେବା ପାଇଁ ୩୩ ଅଧିକାରୀ ପୁରସ୍କୃତ

ଅନୁଗୋଳ,୨।୪(ସମିସ)



ଅନୁଗୋଳ ରିଜର୍ଭ ପୁଲିସ ପଡ଼ିଆରେ ଓଡ଼ିଶା ପୁଲିସର ୯୧ତମ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏସପି ରାହୁଲ ଜୈନଙ୍କ ଅଧ୍ୟକ୍ଷତାରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ସହ ଆଇନଶୃଙ୍ଖଳା କ୍ଷେତ୍ରରେ ପୁଲିସ ସର୍ବଦା ସୁଚାରୁରୂପେ କାର୍ଯ୍ୟ କରିଆସିଛି। ଅପରାଧ ନିୟନ୍ତ୍ରଣରେ ପୁଲିସ ସଫଳ ହୋଇଛି। କେତେକ ସମ୍ବେଦନଶୀଳ ଅପରାଧକୁ ଭଲ ଭାବେ ତଦନ୍ତ କରି ଅପରାଧୀକୁ ଦୋଷୀ ସାବ୍ୟସ୍ତ କରିବାରେ ସଫଳତା ହାସଲ କରିଛି। ଅନୁଗୋଳ ଏକ ଶିଳ୍ପ ସହର ହୋଇଥିବାରୁ ପୁଲିସକୁ ସବୁବେଳେ ଆଇନଶୃଙ୍ଖଳା ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ଏସପି ଓ ପୁଲିସ କର୍ମଚାରୀ ବହୁତ ଭଲ ଭାବେ ପରିସ୍ଥିତିକୁ ନିୟନ୍ତ୍ରଣ କରୁଛନ୍ତି ବୋଲି ଏହି ଅବସରରେ ଆଇଜି କହିଥିଲେ। ପରେ ସେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ପୁଲିସ ସେବା ପାଇଁ ୩୩ ଜଣ ଅଧିକାରୀଙ୍କୁ ଆଇଜି ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଓ ଡିଏସପି ଯୋଗେଶ୍ୱରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଡିଏଓ ଉମାଶଙ୍କର ମିଶ୍ର ହେଲେ ଯୁଗ୍ମ କୃଷି ନିର୍ଦ୍ଦେଶକ



ଭୁବନେଶ୍ୱର,୨।୪(ସମିସ): ଅନୁଗୋଳ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ) ଉମାଶଙ୍କର ମିଶ୍ର କୃଷି ବିଭାଗର ଯୁଗ୍ମ କୃଷି ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇଛନ୍ତି। ଯୋଜନା ଓ ବାଣିଜ୍ୟିକ ଫସଲ ବର୍ଗ ପାଇଁ ବିଭାଗ ପକ୍ଷରୁ ତାଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। ସିଡିଏଓ ଭାବେ ଜିଲ୍ଲାରେ ଅନେକ ଯୋଜନାର ସଫଳ ରୂପାୟନ କରି କୃଷକଙ୍କୁ ସଶକ୍ତ କରିପାରିଛନ୍ତି। ବିଶେଷକରି ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରିବାକୁ ଚାଷୀଙ୍କୁ ପ୍ରଶିକ୍ଷଣ ଦେଇ କୃଷି ଓ କୃଷକଙ୍କୁ ନୂତନ ପରଚୟ ଦେଇପାରିଛନ୍ତି। ପ୍ରଶାସନିକ ଦୂରଦୃଷ୍ଟି ପାଇଁ ସଠିକ୍ ସମୟରେ ବିହନ ଓ ସାର ପ୍ରଦାନ କରିବାକୁ ପ୍ରାଥମିକତା ଏବଂ ରୋଗ ପୋକ ନିରାକରଣ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ଚାଷୀଙ୍କ ମଧ୍ୟରେ ତାଙ୍କୁ ପ୍ରିୟପାତ୍ର କରିପାରିଥିଲା। ଅପରପକ୍ଷରେ ଶ୍ରୀ ମିଶ୍ରଙ୍କ ପଦୋନ୍ନତି ପରେ ଜିଲ୍ଲାରେ ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ସରକାର କୌଣସି ଅଧିକାରୀଙ୍କୁ ନିଯୁକ୍ତି ଦେଇନାହାନ୍ତି।

## ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ

ପଟ୍ଟାମୁଣ୍ଡାଇ,୨।୪(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଥିବାରୁ ଜିଲ୍ଲାବ୍ୟାପି ଆନନ୍ଦ ପ୍ରକାଶ ପାଇଛି। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିଧାୟକ ଡ. ନାୟକଙ୍କୁ ବିଜେପି ଯୁବନେତା ମିଟୁ ମନୋଜ ନାୟକ, ଆଡ଼ଭୋକେଟ ଶିଶିର ମଲିକ, ସଞ୍ଜୟ ସ୍ୱାଇଁ, ପରେଶ ସାହୁ, ସୁଶାନ୍ତ ଦାସ, ଅନ୍ତର୍ଯ୍ୟାମୀ ମଲିକ, ପୀତାମ୍ବର କର ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଦୀନବନ୍ଧୁ ସାହୁ ଆଇନ କଲେଜରେ ଉତ୍କଳ ଦିବସ

କେନ୍ଦ୍ରାପଡା,୨।୪(ସମିସ): ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳର ବୀରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ପ୍ରତିଛବିରେ ପୁଷ୍ପମାଳା ଅର୍ପଣ କରାଯାଇଥିଲା।



ପରେ ଏକ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରବିନ୍ଦ୍ର କୁମାର ବଳ ଅଧ୍ୟକ୍ଷତା କରି ଉତ୍କଳର ବୀରପୁତ୍ରଙ୍କ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସେ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଦିବସଟି ଓଡ଼ିଶାର ଏକ ସ୍ମରଣୀୟ ଦିବସ ବୋଲି କହି ଏହାକୁ ଗାଁଠାରୁ ସହର ପର୍ଯ୍ୟନ୍ତ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରିବାକୁ ଅନୁରୋଧ କରିଥିଲେ। ସଭାରେ ତିମିର କାନ୍ତ ପରିଜା, ସସ୍ମିତା ସେଠୀ, କଳିଙ୍ଗ କେଶରୀ ବେହେରା, ଅବନୀ ରଞ୍ଜନ ନାୟକ, ରମେଶ ଚନ୍ଦ୍ର ପଳାଇ, କେଶବ ଚନ୍ଦ୍ର ସାହୁ, ତ୍ରିଲୋଚନ ପତ୍ରୀ, କେଶବ ଚନ୍ଦ୍ର ଗୋଚ୍ଛାୟତ, ରାମ ବାହାଦୁର ବିଶ୍ୱକର୍ମା, ତ୍ରିଲୋଚନ ପତ୍ରୀ, ସହିତ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ। ଏଥିପାଇଁ ଛାତ୍ରଛାତ୍ରୀଙ୍କ ସକ୍ରିୟ ଉପସ୍ଥିତି ସଭାକୁ ସଫଳମଣ୍ଡିତ କରିଥିଲା। ଶେଷରେ ସମସ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

## ବଳରାମପ୍ରସାଦରେ ହିଙ୍ଗୁଳା ଯାତ୍ରା ପାଳିତ

ନାଲକୋ ନଗର, ୨।୪(ସମିସ)



ବଣ୍ଠରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ୯ଦିନ ଧରି ଅନୁଷ୍ଠିତ ହେବ। ମଙ୍ଗଳବାର ଅପରାହ୍ନରେ ଦିଅଁଘରୁ ମା'ଙ୍କ ଆଲମ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ପୀଠରେ ପହଞ୍ଚିବା ପରେ ମୁଖ୍ୟ ପୂଜକ ମଦନ ମୋହନ ଦେହୁରୀ ପୂଜାର୍ଚ୍ଚନା ଓ ମାର୍ଜଣା କରିଥିଲେ। ପରେ କାଳିଶି ରୂପରେ ପ୍ରାଣବନ୍ଧୁ ମହାପାତ୍ର ବିଜେ କରି ଉଭା ସ୍ଥଳକୁ ଯାଇ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ମନ୍ଦିର ସମ୍ମୁଖ ପାହାଡ଼ ତଳେ ଚଳିତ ବର୍ଷ ଅଗ୍ନିରୂପା ମା' ଆବିର୍ଭୂତ ହୋଇଛନ୍ତି। ବହୁଭକ୍ତ ଠାକୁରାଣୀଙ୍କୁ ଉଭାସ୍ଥଳୀରେ ନୈବେଦ୍ୟ ଅର୍ପଣ କରିବା ସହ ଦର୍ଶନ କରିଥିଲେ। ମହିଳାମାନେ ମା'ଙ୍କ ନିକଟରେ ଅଧିଆ ପଡ଼ିଥିଲେ।

ମୀନା ବଜାର ସାଙ୍ଗକୁ ୫ରୁ ଉର୍ଦ୍ଧ୍ୱ ବିଭିନ୍ନ ଦୋଳି, ୫୦ରୁ ଉର୍ଦ୍ଧ୍ୱ ମନୋହରି ଦୋକାନ ପୂଜା ମାହୋଲକୁ ଅଧିକ ଆକର୍ଷଣୀୟ କରିଛି। ମଙ୍ଗଳବାର ସନ୍ଧ୍ୟାରେ ଭଜନ ସମାରୋହ ଆୟୋଜନ ହୋଇଥିଲା। ବୁଧବାରଠାରୁ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆସନ୍ତା ବୁଧବାର ଶୀତଳ ପର୍ବ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଅନିଲ କୁମାର ବେହେରା, ସମ୍ପାଦକ ସରୋଜ କୁମାର ସିଂ, ସହ ସମ୍ପାଦକ ବସନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଗୋକୁଳ ବଲ୍ଲଭ ଅମାନ୍ତ ସୂଚନା ଦେଇଛନ୍ତି। ପୂଜା କମିଟି ସଦସ୍ୟ ପର୍ଶୁରାମ ସାମଲ, ଗଜେନ୍ଦ୍ର ମହାଳିକ, ଭଗବାନ ସାମଲ, ହେରେନ ସିଂ, ଗୋପବନ୍ଧୁ ବାରିକ, ରଞ୍ଜନ ସାମଲ ସହଯୋଗ କରୁଛନ୍ତି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ କଣ୍ଟ୍ରୋଲରୁମ ବ୍ୟବସ୍ଥା କରାଯାଇଛି। ଯାତ୍ରା ପଡ଼ିଆରେ କମିଟି ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯାଇଛି। ଯାତ୍ରା ଅବସରରେ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂ, ବଣ୍ଠରପାଳ ବ୍ଲକ ଅଧ୍ୟକ୍ଷ ବିଜୟ ନାଥ, ବଳରାମ ପ୍ରସାଦ ସରପଞ୍ଚ ଜୟନ୍ତୀ ସାହୁ, ପୂର୍ବତନ ସରପଞ୍ଚ ମଧୁଛନ୍ଦା ସାହୁ, ମନୋଜ ବେହେରା ପ୍ରମୁଖ ଯୋଗଦେଇ ମା'ଙ୍କ ଦର୍ଶନ କରିଛନ୍ତି।

## ନଡ଼ିଆ ଚାଷୀଙ୍କ ପ୍ରଶିକ୍ଷଣ ଶିବିର

ଡେରାବିଶ, ୨।୪(ସମିସ): ଡେରାବିଶ ବ୍ଲକ୍ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କସ୍ଥ ଜୟହନୁମାନ ନାରିକେଳ ସୋସାଇଟି ପରିସରରେ ନଡ଼ିଆ ଚାଷୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନାରିକେଳ ବିକାଶ ପରିଷଦର କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ସନାତନ କରଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଖୋର୍ଦ୍ଧା ଜିଲ୍ଲା ପିତାପଲ୍ଲୀସ୍ଥ ନାରିକେଳ ବିକାଶ ବୋଡର୍‌ର ମୁଖ୍ୟ ଶଶି କୁମାର ସି ମୁଖ୍ୟଅତିଥି ଓ ସରପଞ୍ଚ କନକଲତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀ ସୁଖଦାନନ୍ଦ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଶ୍ରୀ ସି ଉପସ୍ଥିତ ଚାଷୀଙ୍କୁ ନାରିକେଳ ଚାଷୀଙ୍କ ପାଇଁ ଏହା ଏକ ଅର୍ଥକାରୀ ଚାଷ। ଏହା ବିଭିନ୍ନ ଉପାୟରେ ଲାଭ ଦେଇଥାଏ। ସେ ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ଏ ଅବସରରେ ଏହି ଚାଷରେ ଜୈବିକ ସାର ଓ କୀଟନାଶକର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଚାଷୀ ଅତନୁ ଘୋଷାଲ ଚାଷୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ବକ୍ତବ୍ୟ ରଖି ଏହାର ସମାଧାନ ପାଇଁ ଅଧିକାରୀଙ୍କ ପରାମର୍ଶ ଲୋଡ଼ିଥିଲେ। ଉପସ୍ଥିତ ଶତାଧିକ ଚାଷୀଙ୍କୁ ନିମ୍ବପିଡ଼ିଆ ଓ କୀଟନାଶକ ଔଷଧ ବଣ୍ଟନ କରାଯାଇଥିଲା। ଶେଷରେ ଯୁଗଳ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚାଷୀ ଗୋଲଖ ଚନ୍ଦ୍ର ସ୍ୱାଇଁ, ନୃସିଂହ ନାୟକ, କୈଳାସ କର ପ୍ରମୁଖ ପରିଚାଳନା କରିଥିଲେ।



## ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ



କଣିହାଁ,୨।୪(ସମିସ): କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳନ କରାଯାଇଛି। ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଆଜନ୍ମ ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଡିଓ ତ୍ରିବିକ୍ରମ କୁମୁରା, ଅତିରିକ୍ତ ତହସିଲଦାର, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ଏବିଇଓ ସୁଜନ ପ୍ରଧାନ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ଭୀମସେନ ସାମଲ, ବିନାୟକ ପ୍ରଧାନ ଓ ପୁରାତନ ଛାତ୍ର ବିନୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୂର୍ବ ସୁରୀମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିଥିଲେ। ସେହିପରି, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କ ସହ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ପବିତ୍ରନଗର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ସମଲ ଶିଶୁମନ୍ଦିର ସହ ବିଭିନ୍ନ ବିଦ୍ୟାଳୟରେ ଓଡ଼ିଶା ଦିବସ ପାଳନ କରାଯାଇଛି।

## ମହାବୀରଙ୍କ ପ୍ରତିଷ୍ଠା ଉତ୍ସବ

ରାଜନଗର,୨।୪(ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ବାଉଁଶକଣି, ତୁଳସୀପୁର, ବଡିନାଖୁଲା ମଧ୍ୟସ୍ଥଳରେ ସ୍ଥାପନ କରାଯାଇଥିବା ଶ୍ରୀଶ୍ରୀ ସିଦ୍ଧ ମହାବୀରଙ୍କ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ୫ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ପ୍ରଥମରୁ ଅଙ୍କୁରାରୋପଣ, କଳସ ଯାତ୍ରା ଓ ତିନିଦିନ ଧରି ଦେବ ପୂଜନ, ଯଜ୍ଞ ବରଣ ଆଚାର୍ଯ୍ୟଙ୍କ ଦ୍ୱାରା କରାଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସ୍ୱାମୀ ଜ୍ଞାନାନନ୍ଦ ବ୍ରହ୍ମଚାରୀଙ୍କ ଦ୍ୱାରା ଶ୍ରୀରାମ ଚରିତ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଏହି ତିନିଖଣ୍ଡ ଗ୍ରାମର ଅଧିବାସୀଙ୍କ ସହିତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଭାଗବତ ପଲାଇଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୨।୪(ସମିସ): ଧୋୟାଞ୍ଚଳର ବିଶିଷ୍ଟ ସମାଜସେବୀ ତଥା ତରଡ଼ିପାଳ ଯାଦବ ସମିତି ସଭାପତି ଭାଗବତ ପଲାଇଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ତରଡ଼ିପାଳଠାରେ ଅନୁଷ୍ଠିତ ହୋଇଯାଇଛି। ସେ ଥିଲେ ଜଣେ ସଚ୍ଚୋଟ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି। ବରିଷ୍ଠ ଶିକ୍ଷାବିତ ରାଜକୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଭ୍ରମରବର ଦାସ, ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭ୍ୟା ପ୍ରିୟଦର୍ଶିନୀ ତରାଇ, ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟା ନିରଞ୍ଜନ ବାରିକ, ପୂର୍ବତନ ଜିଲ୍ଲା ପରିଷଦ ନାରଦ ବିଶ୍ୱାଳ, ଶିକ୍ଷାବିତ ରବିରଞ୍ଜନ ଶର୍ମା, ଅଶୋକ ଦାସ ପ୍ରମୁଖ ଯୋଗଦେଇ ଭାଗବତ ପଲାଇଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶୋକ ପ୍ରକାଶ କରିଥିଲେ। ତରଡ଼ିପାଳ ଯାଦବ ସଙ୍ଘର ସହସମ୍ପାଦକ ବିଜୟ କୁମାର ଦାସ, ତାଙ୍କ ପୁତ୍ର ସଭା କାର୍ଯ୍ୟରେ ସହଯୋଗ କରିଥିଲେ।



## ଅନୁଗୋଳରେ ପ୍ରଥମ ପର୍ଯ୍ୟାୟ ଗୃହଗଣନା ଆରମ୍ଭ

ଅନୁଗୋଳ,୨।୪(ସମିସ): ପବିତ୍ର ଓଡ଼ିଶା ଦିବସ ଅବସରରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଗୃହଗଣନା କାର୍ଯ୍ୟକ୍ରମ ଅନୁଗୋଳ ଜିଲ୍ଲାରେ ଆରମ୍ଭ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଅବ୍ଦାଲ୍ ମୁହମ୍ମଦ୍ ଅଖତର ସ୍ୱ-ଗଣନା ମାଧ୍ୟମରେ ଗୃହଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକାର ଜନଗଣନାକାରୀମାନେ ସାମିଲ ହୋଇ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ବାସଭବନରେ ସ୍ୱ-ଗଣନାରେ ସହାୟତା କରିଥିଲେ। ପରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟ ଓ ଡେପୁଟି କଲେକ୍ଟର ତଥା ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ରଙ୍କ ବାସଭବନକୁ ଯାଇ ସ୍ୱ-ଗଣନା ମାଧ୍ୟମରେ ଗୃହଗଣନା କରିବା ସହ ବିଶିଷ୍ଟ ବ୍ୟକ୍ତିବିଶେଷ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ତାଙ୍କ ବାର୍ତ୍ତା ମଧ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ତଥା ଚାର୍ଜ ଅଫିସର ସତ୍ୟପ୍ରକାଶ ତ୍ରିପାଠୀ, ଅନୁଗୋଳ ଅତିରିକ୍ତ ତହସିଲଦାର ତଥା ଅତିରିକ୍ତ ଚାର୍ଜ ଅଫିସର ଶ୍ରୀପାଲୀ ଭରଦ୍ୱାଜ, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ଭୋଇ, ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟରୁ ଆସିଥିବା ଜିଲ୍ଲା ସଂଯୋଜକ ଅମିତ ରତ୍ନମ ଓ ଦୀପକ କୁମାର ଏବଂ ଜନଗଣନା ପର୍ଯ୍ୟବେକ୍ଷକ, କ୍ଷେତ୍ର ପ୍ରଶିକ୍ଷକମାନେ ସାମିଲ ହୋଇଥିଲେ। ଜିଲ୍ଲାର ସମସ୍ତ ୧୨ ଜଣ ଚାର୍ଜ ଅଫିସର ମଧ୍ୟ ନିଜ ନିଜ ଅଞ୍ଚଳରେ ସ୍ୱ-ଗଣନା (ଗୃହଗଣନା) କାର୍ଯ୍ୟ ସମ୍ପାଦନ କରିଛନ୍ତି।



## ଯୁବତୀଙ୍କୁ ଦୁଷ୍କର୍ମ ଅଭିଯୋଗ

ରାଜନଗର, ୨।୪(ସମିସ): ରାଜନଗର ଥାନାଞ୍ଚଳରେ ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ଦୁଷ୍କର୍ମ କରାଯାଇଥିବା ରାଜନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ରାଜନଗର ଥାନା ଅଞ୍ଚଳର ୧୯ ବର୍ଷୀୟ ଯୁବତୀ ଗାଁ ପାଖ ଗାଁରେ ହେଉଥିବା ଯଜ୍ଞ ଦେଖିବାକୁ ଯାଇଥିଲେ। ଯଜ୍ଞ ସ୍ଥଳରେ ପ୍ରସାଦ ସେବନ କରିବା ସମୟରେ ଜଣେ ଯୁବକ ଅଶ୍ଳୀଳ ଇଙ୍ଗିତ କରିଥିଲା। ଯଜ୍ଞରୁ ଘରକୁ ଫେରିବା ସମୟରେ ଯୁବକ ଜଣଙ୍କ ତାଙ୍କୁ ପିଛା କରି ଅଶ୍ଳୀଳ ଇଙ୍ଗିତ କରିଥିଲା। ଯୁବତୀ ବିରୋଧ କରିବାରୁ ଯୁବକ ଜଣକ ଦୁଷ୍କର୍ମ କରିଥିଲା। ଯୁବତୀଙ୍କ ଚିତ୍କାର ଶୁଣି ଲୋକମାନେ ଚାଲି ଆସି ଯୁବତୀଙ୍କୁ ଉଦ୍ଧାର କରି ଘର ଲୋକଙ୍କୁ ଖବର ଦେଇଥିଲେ ବୋଲି ଦୁଷ୍କର୍ମ ପୀଡ଼ିତା ଯୁବତୀଙ୍କ ମାଆ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଜଣକ ତାଙ୍କ ଝିଅଙ୍କୁ ଦୁଷ୍କର୍ମ କରିବା ସହିତ ଝିଅ ବେକରୁ ଚେନ ଟାଣି ନେଇଥିବା ନେଇ ଅଭିଯୋଗ କରିଛନ୍ତି। ଦୁଷ୍କର୍ମର ଶିକାର ହେବା ପରେ ଝିଅ ମାନସିକ ଆଘାତ ପାଇବା ସହ ନିଜକୁ ଅସୁରକ୍ଷିତ ମନେ କରୁଥିବା ଅଭିଯୋଗରେ ଦର୍ଶାଇଛନ୍ତି। ରାଜନଗର ଥାନାରେ ୧୩୩/୨୦୨୬ରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ କିଆଯୋଡି ଗାଁର ଗୁରୁ ଚରଣ ସ୍ୱାଇଁକୁ ଗିରଫ କରିଥିବା ପୁଲିସ ସୂତ୍ରରୁ ସୂଚନା ଦିଆଯାଇଛି।

# ଗାଁର ଲୁକ୍କାୟିତ ପରମ୍ପରା ଓ ସଂସ୍କୃତିରେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବ



କିଶୋରନଗର,୨।୪(ସମିସ): ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ଓଡ଼ିଶା ଦିବସ ସମାରୋହ ପାଳିତ ହୋଇଛି। ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ସଭାପତି ପ୍ରାକ୍ତନ ଅଧ୍ୟାପକ ବିବେକାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗ୍ରାମାଞ୍ଚଳରେ ହିଁ ଓଡ଼ିଆ ସଂସ୍କୃତି ବଞ୍ଚି ରହିଛି। ଗାଁର ଲୁକ୍କାୟିତ ପରମ୍ପରା ଓ ସଂସ୍କୃତି ସାହିତ୍ୟରେ ସ୍ଥାନ ପାଇଲେ ଓଡ଼ିଆ ସାହିତ୍ୟ ସମୃଦ୍ଧ ହେବା ସହ ଯୁବ ପିଢ଼ିକୁ ଆକୃଷ୍ଟ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିରଞ୍ଜନ ବାଗ ଓ ଆଠମଲ୍ଲିକ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଦୀପେଶ ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଆମେ ସମସ୍ତେ ଓଡ଼ିଆ ଭାବେ ଆମ କଳା, ସାହିତ୍ୟ, ସଂସ୍କୃତିକୁ ନେଇ ଗର୍ବ କରିବା ଉଚିତ୍ ବୋଲି କହିଥିଲେ। ପଞ୍ଚଧାର ସାହିତ୍ୟ ସଂସଦ ସମ୍ପାଦକ ଇଂ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଅମରଜିତ୍ ପଣ୍ଡା ରେ ପିଞ୍ଜରା ଭିତରର ବାଘ ଓ ସର୍ବେଶ୍ୱର ଘିବାଲା ଆମ ଭାଷା ଆମ ପରିଚୟ କବିତା ଆବୃତ୍ତି କରିଥିଲେ। କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ, ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମ୍ଭାର ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିବା ବେଳେ ବାଦ୍ୟଯନ୍ତ୍ରରେ ଯୁବ ତବଲା ବାଦକ ମାନସ କର୍ଣ୍ଣ ସହଯୋଗ କରିଥିଲେ। ସଙ୍ଗୀତଜ୍ଞ ପରମେଶ୍ୱର ପାତ୍ର, ଶିଳ୍ପୀ ରଣଜିତ ରଣା, ଚିତ୍ରଶିଳ୍ପୀ ଟୁକୁନୁ ବେହେରା, ଶିକ୍ଷକ ବାବୁଲି ଦେହୁରିଆ ପ୍ରମୁଖ ସହଯୋଗ କରିଥିଲେ। ସାମ୍ବାଦିକ ଉଦୀପ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।





### କଳେବଳେ କୌଶଳେ ପ୍ରକଳ୍ପ ସାରିବାକୁ ଅଧିକାରୀଙ୍କ ଯୋଜନା

# ୫୬ ନମ୍ବର ୱାର୍ଡରେ ତେଜିଲା ଜନଅସନ୍ତୋଷ

କଟକ,୨।୪(ସମିସ):

ସରକାରୀ ପ୍ରକଳ୍ପ ଜନସାଧାରଣଙ୍କ ସୁବିଧା ପାଇଁ ନା ପ୍ରଭାବଶାଳୀ ବ୍ୟକ୍ତିଙ୍କ ତୋଷଣ ପାଇଁ? ଏଭଳି ଏକ ପ୍ରଶ୍ନ ଏବେ କଟକ ମହାନଗର ନିଗମର ୫୬ ନମ୍ବର ୱାର୍ଡରେ ଚର୍ଚ୍ଚାର ବିଷୟ ପାଲଟିଛି। ୱାଟକୋ ପକ୍ଷରୁ ନିର୍ମାଣ ହେଉଥିବା ନୂତନ ଥଣ୍ଡା ପାନୀୟଜଳ ପ୍ରକଳ୍ପକୁ ନେଇ ବିବାଦ ଘନେଇବାରେ ଲାଗିଛି। ଅଞ୍ଚଳବାସୀଙ୍କ ବିରୋଧ ସତ୍ତ୍ୱେ କିଛି ଅସାଧୁ ଅଧିକାରୀ ଓ ରାଜନୈତିକ ବ୍ୟକ୍ତିବିଶେଷ ଏହି ପ୍ରକଳ୍ପକୁ ଯେନତେନ ପ୍ରକାରେ ଶେଷ କରିବାକୁ ଜୋରଦାର ଯୋଜନା ଚଳାଇଥିବା ସୂଚନା ମିଳିଛି।



ଅଭିଯୋଗ ହେଉଛି ଯେ ପ୍ରକଳ୍ପ ବସାଯିବା ପୂର୍ବରୁ କୌଣସି ପ୍ରକାର ସ୍ଥଳ ଅନୁଧ୍ୟାନ ବା ଜନସାଧାରଣଙ୍କ ମତ ନିଆଯାଇ ନାହିଁ। ୱାର୍ଡରେ ୧୭ଟି ଗ୍ରାମ ଓ ୧୦ ହଜାରରୁ ଅଧିକ ଭୋଟର ଥିବା ବେଳେ ପ୍ରାୟ ୯୯ ପ୍ରତିଶତ ଲୋକ ଏହି ପ୍ରକଳ୍ପ ବିଷୟରେ ଜାଣି ନ ଥିଲେ। ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ହିଁ ଲୋକେ ଏହା ଜାଣିବାକୁ ପାଇଛନ୍ତି। ଅଧିକାରୀମାନେ କେଉଁ ଲୋକଙ୍କୁ ନେଇ ସର୍ଭେ କଲେ ଏବଂ କିଭଳି ଭାବେ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଛାଡ଼ି କର୍ପୋରେଟରଙ୍କ ଘର ନିକଟ ନଦୀବନ୍ଧ ସର୍ଭିସ୍ ରୋଡ୍ କଡ଼ରେ ଏହାକୁ ବସାଇବାକୁ ନିଷ୍ପତ୍ତି ନେଲେ, ତାହା ଏବେ ସନ୍ଦେହ ଘେରରେ। ପ୍ରକଳ୍ପଟି ଯେଉଁ ସ୍ଥାନରେ ହେଉଛି, ସେଠାରେ ଆଗାମୀ ଦିନରେ ଜଳ ନିଷ୍କାସନ ପାଇଁ ସିଏମସି ପକ୍ଷରୁ ଡ୍ରେନ୍ ନିର୍ମାଣ ହେବାର ଯୋଜନା ରହିଛି। ଯଦି ସେଠାରେ ଡ୍ରେନ୍ ହୁଏ, ତେବେ ପୁଣି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପକୁ ସ୍ଥାନାନ୍ତର କରିବାକୁ ପଡ଼ିବ। ଏହା ସିଧାସଳଖ ଭାବେ ସରକାରୀ ଅର୍ଥର ଅପବ୍ୟୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅନ୍ୟପଟେ ହନୁମାନ ଛକରୁ ଗୋଲେଇଛକ ପର୍ଯ୍ୟନ୍ତ ସ୍ଥାନୀୟ ଯୁବକମାନେ ନିଜ ଉଦ୍ୟମରେ ତିନୋଟି ଜଳଛତ୍ର ଚଳାଉଥିବା ବେଳେ ସେହି ଜନଗହଳିପୂର୍ଣ୍ଣ ସ୍ଥାନକୁ ବିଭାଗୀୟ ଅଧିକାରୀମାନେ ଅଣଦେଖା କରିଛନ୍ତି। ଅଞ୍ଚଳରେ ଲିଖିତ ଅଭିଯୋଗ ପରେ ମଧ୍ୟ ଅଧିକାରୀମାନେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ କାମକୁ ତରବରିଆ ଭାବେ ଶେଷ କରିବାକୁ ଚେଷ୍ଟା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର କିଛି ବୁଦ୍ଧିଜୀବୀ ମାନ୍ୟବର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିବାକୁ ସଜବାଜ ହେଉଛନ୍ତି। ଏହି ପୁରା ଘଟଣାରେ ଅସାଧୁ ଅଧିକାରୀ ଓ ରାଜନୈତିକ ବ୍ୟକ୍ତିଙ୍କ ସଲାସୁତରାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି।

- ଲୋକଙ୍କୁ ଅନ୍ଧାରରେ ରଖି ହୋଇଛି 'ଘରୋଇ ସର୍ଭେ'
- କର୍ପୋରେଟରଙ୍କୁ ସନ୍ତୁଷ୍ଟ କରିବାକୁ ବିଭାଗୀୟ ତତ୍ପରତା
- ଜନସ୍ୱାର୍ଥ ମାମଲା ପାଇଁ ବୁଦ୍ଧିଜୀବୀଙ୍କ ସଜବାଜ

## ଇଦ୍‌ଗାହା ପଡ଼ିଆରୁ ଜବରଦଖଲ ଉଚ୍ଛେଦ ଦାବି



କଟକ,୨।୪(ସମିସ): ସ୍ଥାନୀୟ ଇଦ୍‌ଗାହା ପଡ଼ିଆରୁ ଜବରଦଖଲ ଉଚ୍ଛେଦ କରିବା ଏବଂ ଐତିହାସିକ କନିକା ରାଜବାଟୀର ରକ୍ଷଣାବେକ୍ଷଣ ଦାବିରେ ୩୪ ନମ୍ବର ୱାର୍ଡ ବରିଷ୍ଠ ନାଗରିକ କମିଟି ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ଉତ୍କଳ ଦିବସ ଅବସରରେ କମିଟିର ସଭାପତି ପ୍ରକାଶ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅଭିଯୋଗ ହୋଇଛି ଯେ, ସରକାରୀ ଜାଗାକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଉକ୍ତ ସ୍ଥାନରେ ଏକ ପାଞ୍ଚ ମହଲା ବିଶିଷ୍ଟ "ଉତ୍କଳ ସମ୍ମିଳନୀ ଭବନ' ନିର୍ମାଣ କରିବା ପାଇଁ କମିଟି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହା ସହିତ ଓଡ଼ିଆ ଭାଷା ଆନ୍ଦୋଳନର ସ୍ମୃତି ବହନ କରୁଥିବା ଜରାଜୀର୍ଣ୍ଣ କନିକା ରାଜବାଟୀର ପୁନରୁଦ୍ଧାର ଓ ସୁରକ୍ଷା ଦାୟିତ୍ୱ ରାଜ୍ୟ ସରକାର ବହନ କରିବାକୁ ଅନୁରୋଧ କରାଯାଇଛି। ସମ୍ପାଦକ ରାଜେନ୍ଦ୍ର ସେଠୀ ଆଲୋଚ୍ୟ ବିଷୟ ଉପରେ ଆଲୋକପାତ କରିଥିବା ବେଳେ ଏହି ବୈଠକରେ ଗଦାଧର ସାହୁ, ମୋହିନୀ ମୋହନ ସାମଲ, ତ୍ରିଲୋଚନ ସାମଲ, ମାୟାଧର ପାତ୍ର, ରବୀନ୍ଦ୍ର ମହାରଣା, ହୀନ ସାମଲ, ରାଜେନ୍ଦ୍ର ମହାରଣା, ପ୍ରମିଳା ମିଶ୍ର ଏବଂ ସୁବାଷ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରି ପ୍ରଶାସନିକ ଅବହେଳା ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ।

- ସହରରେ ଓଡ଼ିଶା ଦିବସ ପାଳିତ

## ଓଡ଼ିଶାକୁ ଆଗକୁ ନେବାକୁ ଯୁବପିଢ଼ିଙ୍କୁ ଆହ୍ୱାନ



ଓଡ଼ିଶା ଶିଳ୍ପ ସଂଘ

କଟକ,୨।୪(ସମିସ): ଓଡ଼ିଶାର ଗୌରବମୟ ଐତିହ୍ୟ ଓ ସଂସ୍କୃତିକୁ ମନେ ପକାଇ ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ ସଂଘର ସଭାଗୃହରେ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଉତ୍ସବରେ ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋ ପୌରହିତ୍ୟ କରିଥିଲେ। ସେ ଓଡ଼ିଆ ଜାତିର ବୀରତ୍ୱ ଗାଥା ସ୍ମରଣ କରିବା ସହ ଓଡ଼ିଶାକୁ ପ୍ରଗତି ପଥରେ ଆଗକୁ ନେବା ପାଇଁ ଯୁବ ସମାଜକୁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଶିବଶଙ୍କର ସାହୁ ଯୋଗଦେଇ ଓଡ଼ିଶାର ଗରିମାମୟ ଐତିହ୍ୟ ଓ ଉତ୍କଳ ଦିବସର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବ୍ୟସ୍ତବହୁଳ ଜୀବନ ମଧ୍ୟରୁ ସମୟ ବାହାର କରି ଯୋଗଦେଇଥିବାରୁ ସମସ୍ତ ଶିଳ୍ପୋଦ୍ୟୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସଂଘର ପୂର୍ବତନ ସମ୍ପାଦକ ଗୌର ଗୋପାଳ ସେନ ସଭା ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ଦେବେନ୍ଦ୍ର ଶର୍ମା ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପଚାଶରୁ ଊର୍ଦ୍ଧ୍ୱ ଶିଳ୍ପୋଦ୍ୟୋଗୀ ଯୋଗଦେଇ ଓଡ଼ିଶାର ପାରମ୍ପରିକ "ପିଠା-ପଣା'ର ଆନନ୍ଦ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂଗଠନିକ ସମ୍ପାଦକ ରୁଦ୍ର ନାରାୟଣ ଆଚାର୍ଯ୍ୟ, ଶୁଭ୍ରକାନ୍ତ ପଣ୍ଡା, ଅଜୟ ପଣ୍ଡା, ରମାବଲ୍ଲଭ ନାୟକ, ଅଶୋକ ସାହୁ, ପ୍ରଶାନ୍ତ ମହାପାତ୍ର, ଅରୁଣ ବାଗଡ଼ିଆ, କୌଶିକ ଗରାବଡୁ, ବିଭୁଦତ୍ତ ସାମନ୍ତରାୟ, ପ୍ରିୟନାଥ ମହାନ୍ତି, ଅନୀଲ ଜୈନ, ବିପିନ ଦଣ୍ଡପାଟ, ସୁଧାକର ସ୍ୱାଇଁ ଏବଂ ଶାଶ୍ୱତ ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଏମ୍‌ଡିଏ ପକ୍ଷରୁ ଉତ୍କଳ ଦିବସ



ଉତ୍କଳ ଦିବସ ଅବସରରେ ଏମ୍‌ଡିଏ ତରଫରୁ ଉତ୍ସାହଭରା ପରିବେଶରେ ଉତ୍କଳ ଦିବସ ପାଳନ କରାଯାଇଥିଲା। ପ୍ରଭାତରୁ 'ବନ୍ଦେ ଉତ୍କଳ ଜନନୀ' ଗୀତ ଡାକବାଜି ଯନ୍ତ୍ର ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା। ଉତ୍କଳର ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶେଷରେ ଜଷ୍ଟିସ ଛକ ସ୍ଥିତ ଉତ୍କଳ ଗୌରବ ମଧୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଏମଡିଏ ସଭାପତି ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱ କରିଥଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡେଇ, ଉପସଭାପତି ସରୋଜ ସ୍ୱାଇଁ, ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ, ସହ-ସମ୍ପାଦକ ଜ୍ଞାନ ରଞ୍ଜନ ଦାସ, କୋଷାଧ୍ୟକ୍ଷ ପ୍ରଭାକର ରଣା ଓ ପ୍ରଶାନ୍ତ ପ୍ରଧାନ, ମହିଳା ସମିତି ସଭାନେତ୍ରୀ ନମିତା ଦାଶ, ସମ୍ପାଦକ ମଧୁସ୍ମିତା ଷଡ଼ଙ୍ଗୀ, ମୁରବୀ ଇଂ ଗୋପାଳକୃଷ୍ଣ ବେହେରା, ଡ. ଗୋବିନ୍ଦ ଭୂୟାଁ, ପେନସନର୍ସ ଆସୋସିଏସନ ସଭାପତି ଇଂ ତାପସ ସାମନ୍ତ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ତ୍ରିପାଠୀ, ପ୍ରଦୀପ୍ତ ମହାନ୍ତି, ଇଂ ଗଗନ ଛାଟୋଇ, ସୁଶାନ୍ତ ଘୋଷ, ସୁଜିତ ମିଶ୍ର, ଡ. କାମଳ ପ୍ରସାଦ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ପ୍ରହଲ୍ଲାଦ ମହାନ୍ତି, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ଜଗନ୍ନାଥ ସାଂସ୍କୃତିକ ପରିଷଦ ସଭାପତି ଚତୁର୍ଭୁଜ ମହାପାତ୍ର, ମୋତ୍ରୀ ଖୁଣ୍ଟିଆ, ସୁଶ୍ରୀ ଇନ୍ଦୁ ଦାସ, ବିଷ୍ଣୁ କର, ନିକୁଞ୍ଜ ରଥ ଓ ଅନ୍ୟାନ୍ୟ ଅଗ୍ରଣୀ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସନ୍ଧ୍ୟାବେଳେ ଶ୍ରୀ ଜଗନ୍ନାଥ ମନ୍ଦିରରେ ଉତ୍କଳର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଦୀପଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉତ୍କଳ ଦିବସ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ଏହି ଅବସରରେ ବରପୁତ୍ରଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହିତ ବରପୁତ୍ରମାନଙ୍କ ଜୀବନୀ ସଂପର୍କରେ ଆଲୋଚନା କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା।

### ୫୫ଟି ଏଲପିଜି ସିଲିଣ୍ଡର୍ ଜବତ

କଟକ,୨।୪(ସମିସ): ବିଭିନ୍ନ ସ୍ଥାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢଉ ଜାରି ରହିଥିବା ବେଳେ ଆଜି ଏକ ସ୍କ୍ୱାଡ ଦଳ ଖାନନଗରସ୍ଥିତ ମଝିସାହି ଅଞ୍ଚଳର ରଞ୍ଜନ କୁମାର ସାହୁଙ୍କ ଘରୁ ୪୮ଟି ଘରୋଇ ଗ୍ୟାସ୍, ୫ଟି ବ୍ୟବସାୟିକ, ୫ କିଗ୍ରା ୨ଟି ସମୁଦାୟ ୫୫ଟି ଏଲପିଜି ସିଲିଣ୍ଡର ଜବତ କରାଯାଇଛି। ସେ ବ୍ୟକ୍ତିଙ୍କ ନାମରେ ସ୍ଥାନୀୟ ଥାନାରେ ମଧ୍ୟ ଏତଲା ଦାଖଲ କରାଯାଇଛି।

## କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ କଳା ଦିବସ




କଟକ,୨।୪(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ୪ଟି ଶ୍ରମ କୋର୍ଡକୁ ବିରୋଧ କରି କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଏବଂ ଫେଡେରେସନ୍ ମିଳିତ ମଞ୍ଚ ପକ୍ଷରୁ ଗୁରୁବାର ଦେଶବ୍ୟାପୀ "କଳା ଦିବସ' ପାଳନ କରାଯାଇଛି। କଟକରେ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ କଳାବ୍ୟାଜ୍ ପରିଧାନ କରି ଏହି କଳା ଆଇନ ବିରୋଧରେ ଗର୍ଜିବା ସହ ଶ୍ରମିକ ବିରୋଧୀ ନୀତିକୁ ବାତିଲ କରିବାକୁ ଦାବି କରିଛନ୍ତି। ବିକ୍ଷୋଭକାରୀଙ୍କ ଅଭିଯୋଗ ଅନୁଯାୟୀ, ଶ୍ରମିକମାନଙ୍କ ଦୀର୍ଘ ବର୍ଷର ସଂଗ୍ରାମ ଓ ବଳିଦାନରେ ଅର୍ଜିତ ଅଧିକାରକୁ ଛଡ଼ାଇ ନେବା ପାଇଁ କେନ୍ଦ୍ର ସରକାର ମାଲିକମାନଙ୍କ ସପକ୍ଷରେ ଏହି ଶ୍ରମ କୋର୍ଡ ଆଣିଛନ୍ତି। ଦେଶବ୍ୟାପୀ ଶ୍ରମିକ ଶ୍ରେଣୀର ପ୍ରବଳ ବିରୋଧ ସତ୍ତ୍ୱେ ଏହାକୁ ପ୍ରଚଳନ କରିବା ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବାକୁ ନେଇ ଶ୍ରମିକ ସଂଗଠନଗୁଡ଼ିକ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରତିବାଦରେ ଆଇଏନଟିୟୁସି, ଏଚଏମଏସ, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏନଏଫଆଇଟି ସମେତ ବିଭିନ୍ନ ସ୍ୱାଧୀନ ଫେଡେରେସନ ସାମିଲ ହୋଇଥିଲେ। ଏହି ବିକ୍ଷୋଭର ନେତୃତ୍ୱ ଶ୍ରମିକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ବିରଜା କିଙ୍କର ନାୟକ, ସନ୍ତୋଷ ଭୋଳ, ଖଗେଶ୍ୱର ସେଠୀ, ବଦ୍ରିନାରାୟଣ ଦାସ, ଅମରେନ୍ଦୁ ମହାନ୍ତି, ଯୁଧିଷ୍ଠିର ମହାରଣା ଓ ସୌଭାଗ୍ୟ କେତନ ସାମଲ ପ୍ରମୁଖ ନେଇଥିଲେ। ମନୋରଞ୍ଜନ ମହାରଣା, ଅମୃତା ଦାସ, ବିନୋଦ ବେହେରା, ପ୍ରତାପ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଶୁଭାଶିଷ ପଟ୍ଟନାୟକ, ରବିନ୍ଦ୍ରନାଥ ଧଳ, ନିହାର ରଞ୍ଜନ ଦାସ, କିଶୋର ଭୋଇ, ବ୍ରଜବନ୍ଧୁ ଛତର, ପ୍ରିୟଦର୍ଶନ ପାଭେଲ ଏବଂ ବିପିନ ବିହାରୀ ପାଢ଼ୀଙ୍କ ସମେତ ଶତାଧିକ କର୍ମୀ ଶ୍ରମିକ ଅଧିକାର ସୁରକ୍ଷା ପାଇଁ ସ୍ଲୋଗାନ ଦେଇଥିଲେ।

## କଟକ ଟ୍ୟାକ୍ସ ବାର୍ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




କଟକ,୨।୪(ସମିସ): କଟକ ଟ୍ୟାକ୍ସ ବାର ଆସୋସିଏସନ ପକ୍ଷରୁ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ସହ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ ବାର କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ସଭାରେ ହାଇକୋର୍ଟ ବାର, କ୍ରିମିନାଲ କୋର୍ଟ ବାର, ଏମଭି ବାର୍, କନଜୁମର ବାର, ଆୟକର ଅପିଲ ଅଧିକରଣ ବାର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ସଭାକୁ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଓ ଶୈଳେନ୍ଦ୍ର ନାରାୟଣ ଠାକୁର ପରିଚାଳନା କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ବାସୁଦେବ ପଣ୍ଡା, ସୌରଚନ୍ଦ୍ର ମହାପାତ୍ର, ବିଜୟ ଦାଶ, ରୁଦ୍ର ପ୍ରସାଦ କର ଓ ଲଲାଟେନ୍ଦୁ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

### ମଠସାହିରେ ଆଧ୍ୟାତ୍ମିକତାର ମହାକୁମ୍ଭ

# ୭୦ ବର୍ଷର ନିଆରା 'କ୍ଷୀରୀ ହାଣ୍ଡି' ପରମ୍ପରା













କଟକ,୨।୪(ସମିସ):

ବିଶ୍ୱାସ, ପରମ୍ପରା ଓ ଉପାସନାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଛି କଟକ ଗୋପାଳଜୀଉ ଲେନ୍‌ସ୍ଥିତ ମଠସାହିରେ। ଚୈତ୍ର ପୂର୍ଣ୍ଣମୀ ଅବସରରେ ଆୟୋଜିତ ପ୍ରସିଦ୍ଧ ଝାମୁ ଯାତ୍ରାରେ ମାନସିକଧାରୀ ବ୍ରତଧାରୀମାନେ ରଡ଼ ନିଆଁ ଉପରେ ଖାଲି ପାଦରେ ଚାଲିଥିବାର ରୋମାଞ୍ଚକର ଦୃଶ୍ୟ ଦେଖଣାହାରୀଙ୍କ ମଧ୍ୟରେ ଶିହରଣ ଖେଳାଇ ଦେଇଥିଲା। ଭକ୍ତି ଓ ସମର୍ପଣ ଆଗରେ ଅଗ୍ନିର ପ୍ରକୋପ ମଧ୍ୟ ହାର ମାନିଥିବା ବେଳେ ସାରା ଅଞ୍ଚଳ ଏବେ ଆଧ୍ୟାତ୍ମିକମୟ ହୋଇଉଠିଛି। ଏହି ଯାତ୍ରାର ସବୁଠାରୁ ବଡ଼ ଆକର୍ଷଣ ହେଉଛି "କ୍ଷୀରୀ ହାଣ୍ଡି' ପରମ୍ପରା, ଯାହା ବିଗତ ୭୦ ବର୍ଷ ହେବ ଅବ୍ୟାହତ ରହିଛି। ସାହିର ଶତାଧିକ ମହିଳା, ବିଶେଷ କରି ନବବିବାହିତା ଓ ବୟସ୍କାମାନେ ଏକାଠି ହୋଇ ନୂଆ ଶାଢ଼ୀ ପିନ୍ଧି ମା' ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ନିଜେ ଗଢ଼ିଥିବା ମାଟି ଚୁଲିରେ ଖିରି ପ୍ରସ୍ତୁତ କରିଥାନ୍ତି। ଉପବାସ ରଖି ଅତି ନିଷ୍ଠାର ସହ ପ୍ରସ୍ତୁତ ଏହି ଖିରିକୁ ମା'ଙ୍କ ପାଖରେ ଭୋଗ ଲଗାଯିବା ପରେ ପ୍ରସାଦ ରୂପେ ବଣ୍ଟନ କରାଯାଏ। ଏହି ପ୍ରସାଦ ସ୍ୱାମୀ, ସନ୍ତାନ ଓ ପରିବାରର ମଙ୍ଗଳ ଆଣିଥାଏ ବୋଲି ଦୃଢ଼ ବିଶ୍ୱାସ ରହିଛି। ମଧ୍ୟାହ୍ନରେ ଯଜ୍ଞ ସମାପନ ପରେ କାଳୀସୀ ଯଜ୍ଞକୁଣ୍ଡରୁ ଅଗ୍ନି ଆଣି ଝାମୁ ଗାତରେ ସଂଯୋଗ କରିଥିଲେ। ନଦୀରେ ସ୍ନାନ ସାରି ଶୋଭାଯାତ୍ରାରେ ଫେରିବା ପରେ ପ୍ରାୟ ୩୦ରୁ ଅଧିକ ମାନସିକଧାରୀ ଜଳନ୍ତା କୋଇଲା ଉପରେ ଚାଲି ନିଜର ମାନସିକ ପୂରଣ କରିଥିଲେ। ପ୍ରଥମେ ଜଣେ କିମ୍ବା ଦୁଇଜଣଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ଏକ ବଡ଼ କଳେବର ଧାରଣ କରିଛି। ଭକ୍ତଙ୍କ ହରିବୋଲ ଓ ହୁଳହୁଳି ଧ୍ୱନୀରେ ମଠସାହି ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ରହସ୍ୟମୟ ଓ ଭକ୍ତିପୂତ୍ର ପରିବେଶକୁ ଉପଭୋଗ କରିବା ପାଇଁ କଟକ ସହରର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଯୁବକ ସଂଘ ଓ ମୁରବୀମାନଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି।

- ରଡ ନିଆଁରେ ଚାଲିଲେ ଶତାଧିକ ମାନସିକଧାରୀ
- ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହେଲା ପରିବେଶ
- ସାହିର ଶତାଧିକ ମହିଳାଙ୍କ ଦ୍ୱାରା ମାଟି ଚୁଲିରେ ପ୍ରସ୍ତୁତ ହେଲା ମା'ଙ୍କ ପ୍ରିୟ କ୍ଷୀରୀ ଭୋଗ





ସକାଳ THE SAKALA



## ଶ୍ରମ କୋଡ ବାତିଲ, ସରକାରୀ ଜମି ଜବରଦଖଲ

# ଏଆଇଟିୟୁସି, ସିପିଆଇର ବିରୋଧ ପ୍ରଦର୍ଶନ




ଜୟପୁର,୨।୪ (ସମିସ): କେନ୍ଦ୍ର ସରକାର ଶ୍ରମ ଆଇନ ବାତିଲ କରିବା ସହିତ ବର୍ତ୍ତମାନ ଯେଉଁ ୪ଟି ଶ୍ରମ କୋଡ଼ ଲାଗୁ କରୁଛନ୍ତି, ଏହାକୁ ବିରୋଧ କରାଯାଇ ଶ୍ରମିକ ସଂଘ ମାନେ ସାରାଦେଶ ବ୍ୟାପି କଳା ଦିବସ ପାଳନ କରୁଛନ୍ତି। ଏଥିନେଇ ଦେଶର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ଏହି ପରିପ୍ରେକ୍ଷୀରେ ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସି ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମ କୋଡ଼କୁ ବାତିଲ କରି ଦୀର୍ଘ ଶ୍ରମ ଆଇନକୁ ଲାଗୁ କରିବାକୁ ରାଷ୍ଟ୍ରପତି କେନ୍ଦ୍ର ସରକାରକୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ବର୍ତ୍ତମାନ କେନ୍ଦ୍ର ସରକାର ଜାତୀୟ ଶ୍ରମ ସମ୍ମିଳନକୁ ବନ୍ଦ କରିବା ସହିତ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କରୁନାହାନ୍ତି। ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋଟପାଡ଼ ଜୋନର ବଟାସନା ଅଞ୍ଚଳର ଚାଷୀମୁଲିଆ ମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ବ୍ଲକର ବଟାସନା ପଞ୍ଚାୟତରେ ଶତାଧିକ ଏକର ସରକାରୀ ଜମିକୁ ବିସ୍ଥାପିତ ଅଞ୍ଚଳରୁ ଆସିଥିବା ଲୋକମାନେ ଜବରଦଖଲ କରି ରଖିଛନ୍ତି। ଫଳରେ ଉକ୍ତ ପଞ୍ଚାୟତର ମୂଳ ବାସିନ୍ଦା ଆଦିବାସୀ ଓ ଗରିବ ଲୋକମାନେ ଜମି ହୀନ, ଗୃହ ହୀନ ହୋଇ ରହିଛନ୍ତି କ୍ଷ ଏହି ଜବରଦଖଲକୁ ନେଇ କୋଟପାଡ଼ ତହସିଲଦାର, ଉପଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କୁ ଦାବି ପତ୍ର ଗ୍ରାମବାସୀ ଓ ସିପିଆଇ ପ୍ରଦାନ କରାଯାଇଛି। କିନ୍ତୁ କୌଣସି ପଦକ୍ଷପ ଗ୍ରହଣ କରାଯାଇନଥିବା ଯୋଗୁଁ ଏହି ଧାରଣା ଓ ବିକ୍ଷୋଭ କରାଯାଇଛି। ପ୍ରକାଶ ଯେ, କୋଲାବ ବହୁମୁଖୀ ପ୍ରକଳ୍ପ ଯୋଜନାରେ ବାସଚ୍ୟୁତ ପରିବାର ମାନଙ୍କୁ ବଟାସନା ଅଞ୍ଚଳରେ ଚାଷ ଜମି ଓ ଘରବାରି ଜମି ପ୍ରଦାନ କରାଯାଇ ଥଇଥାନ କରାଯାଇଛି। ଏହିପରି ଉକ୍ତ ବିସ୍ଥାପିତ ଲୋକମାନେ ଅନ୍ୟାନ୍ୟ ସରକାରୀ ଜମିକୁ ମଧ୍ୟ ଜବରଦଖଲ କରିଦେଇଛନ୍ତି। କିନ୍ତୁ ଉକ୍ତ ଅଞ୍ଚଳର ସ୍ଥାନୀୟ ମୂଳ ବାସିନ୍ଦା ରହିଥିବା ବେଳେ ସେମାନଙ୍କୁ କୌଣସି ଜମି ସରକାର ପକ୍ଷରୁ ପ୍ରଦାନ କରାଯାଇ ନାହିଁ। ଏହି ପଞ୍ଚାୟତକୁ ପ୍ରଶାସନ ଓ ସରକାର ବାରମ୍ବାର ଉପେକ୍ଷା କରୁଛନ୍ତି। ତେଣୁ ଏହି ପଞ୍ଚାୟତରେ ମୁଖ୍ୟ ରାସ୍ତା, ଜଳ ଯୋଗାଣ ବ୍ୟବସ୍ଥା, ଧାନ ମଣ୍ଡିରେ କଟନୀ ଛଟନୀ ବନ୍ଦ କରିବା ଦାବି କରାଯାଇ ରାଜ୍ୟର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲ୍ଲାପାଳଙ୍କ ଜରୀଆରେ ପ୍ରଦାନ କରାଯାଇଛି। ଏହି ଅବସରରେ ସିପିଆଇପ ବରିଷ୍ଠ ତଥା ଏଆଇଟିୟୁସିର ବରିଷ୍ଠ ନେତା ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାଶ, ତ୍ରିପତି ଭତରା, କୁରୁମନାଥ ଭତରା, ପୂର୍ଣ୍ଣ ଚନ୍ଦ୍ର ସୁର, ନନ୍ଦ ହରିଜନ, ବଳି ଭଦ୍ର ଭୋଇ, ବସନ୍ତ ବେହେରା, ଭାସ୍କର ମିଶ୍ର ପ୍ରମୁଖ ନେତୃତ୍ୱରେ ଆୟୋଜିତ ହୋଇଥିଲା।

## ୩ ସ୍ଥାନରୁ ୫୧ ସିଲଣ୍ଡର ଜବତ

ଜୟପୁର,୨।୪(ସମିସ): ଆଜି ଜୟପୁର ସହର ୨ଟି ଏବଂ ବାରିଣିପୁଟ ଗ୍ରାମର ଗୋଟିଏ ସ୍ଥାନରେ ଚଢାଉ କରିବା ସହିତ ୩ଟି ବ୍ୟବସାୟୀକ ସିଲିଣ୍ଡର ଏବଂ ୪୮ ଟି ଘରୋଇ ସମୁଦାୟ ୫୧ଟି ସିଲିଣ୍ଡର ଜବତ କରିଛନ୍ତି। ଜବତ ଗ୍ୟାସ ସିଲିଣ୍ଡର ମଧ୍ୟରୁ ଅଧିକାଂଶ ସିଲିଣ୍ଡର ଖାଲି ରହିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗଠିକ ଏନଫୋର୍ସମେଣ୍ଟ ଦଳ ପକ୍ଷରୁ ପ୍ରଥମେ ବାରିଣିପୁଟ ଗ୍ରାମସ୍ଥିତ ଏକ କାଲ ସୋରୁମ ପଛପଟେ ଥିବା ଏକ କଳାବଜାରୀ ଗୋଦାମରୁ ୧୮ ଟି ଘରୋଇ ସିଲିଣ୍ଡର , ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ପେଟ୍ରୋଲ ପମ୍ପ ପାଶ୍ୱର୍ରେ ରହିଥିବା ଶର୍ମା ଗ୍ୟାସ ଏଜେନ୍ସିରୁ ୩ଟି ବ୍ୟବସାୟିକ ଏବଂ ୨୩ଟି ଘରୋଇ ସିଲିଣ୍ଡର ଏବଂ ଏମଜି ରୋଡ ନିକଟରେ ଥିବା ଏକ ଗୋଦାମ ଗୃହରୁ ୭ଟି ଘରୋଇ ସିଲିଣ୍ଡର ଜବତ କରାଯାଇଛି। ଏହି ଚଢ଼ଉ ବେଳେ ଇଣ୍ଡିଆନ, ଏଚ୍‌ପି ଏବଂ ଭାରତଗ୍ୟାସ କମ୍ପାନୀର ସିଲିଣ୍ଡର ରହିଛି । ଆଗାମୀ ଦିନରେ ସହରରେ କଳାବଜାରୀଙ୍କ ଗୋଦାମ ଏବଂ ବିଭିନ୍ନ ଡିଷ୍ଟିବ୍ୟୁଟରରେ ଚଢ଼ଉ କରାଯିବା ସହିତ ଯାଞ୍ଚ କରାଯିବ ବୋଲି ଚଢ଼ଉର ନେତୃତ୍ୱ ନେଇଥିବା ତହସିଲଦାର ସବ୍ୟସାଚୀ ଜେନା ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଲକ୍ଷ୍ମଣ ରାଓ, ପୁଲିସ ଏଏସଆଇ ପଙ୍କଜିନୀ ଶବର, ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ଭୈରବୀ ମା'ଙ୍କ ଗୁଡ଼ି ଯାତ୍ରା

ସେମିଳିଗୁଡ଼ା,୨।୪ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ବ୍ଲକ ପାଖଝୋଲା ପଞ୍ଚାୟତ ଅଧୀନରେ ଥିବା ଲୁଙ୍ଗରି ଗାଁ ନିକଟସ୍ଥ ପାହାଡ଼ରେ ମା ଭୈରବୀ ଗୁଡ଼ି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାରୁ ଅନେକ ଶ୍ରଦ୍ଧାଳୁ ଦର୍ଶନ କରିବା ନିମନ୍ତେ ବୁଡି



ମା ଙ୍କ ନିକଟରେ ଯାଇ ବିଭିନ୍ନ ଫଳ ସହ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ ଲାଭ କରିଥିଲେ। ସୂଚନା ଥାଉକି ଦୀର୍ଘ ବର୍ଷରୁ ମାଙ୍କ ଚୈତ୍ର ମାସ ଆସିଲେ ପୂର୍ବ ବର୍ଷ ପରି ପ୍ରତି ବର୍ଷ ଏଠାରେ ଗୁଡ଼ି ଯାତ୍ରା ହୋଇଥାଏ। ଦିଶାରୀଙ୍କ ପୂଜାରେ ସମସ୍ତଙ୍କ ଜୀବନରେ ଆନନ୍ଦ ଆସିଥାଏ ବୋଲି ଭକ୍ତ ମାନେ କହି ଥାନ୍ତି। ଏହି ଅଞ୍ଚଳର ଚାରି ଖଣ୍ଡ ଆଖ ପାଖ ଗାଁ ଲୋକେ ଏହି ଯାତ୍ରାରେ ଯୋଗଦେବା ସହ ଆଦିବାସୀ ପରମ୍ପରାରେ ତୁରୀ ମହୁରୀ ବାଜାରେ ପାରିପାଶ୍ୱିର୍କ ଦେବୀ ପ୍ରସନ୍ନ ହେଇ ନାଚିଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ଅବସରରେ ରାତିରେ ସ୍ୱତନ୍ତ୍ର ନାଟକର ଆୟୋଜନ ହୋଇଥିଲା। ଏଠାରେ ପିଲା ଠାରୁ ଆରମ୍ଭ କରି ବୟସ୍କ ମାନଙ୍କ ପାଇଁ ଖେଳନା, ମିଠା, ସ୍ୱାଦିଷ୍ଟ ଖାଦ୍ୟ, ଓ ବିଭିନ୍ନ ଷ୍ଟେସନରି ଜିନିଷ ମିଳିଥାଏ। ଶ୍ରଦ୍ଧାଳୁ କହନ୍ତି ମା'ଙ୍କ ଦର୍ଶନରେ ଆମର ମନୋକାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ କରୁଥିବା ଅଞ୍ଚଳବାସୀ କହିଥାନ୍ତି। ଦୁଃଖ ର ବିଷୟ ଦୀର୍ଘ ବର୍ଷ ଧରି ଚାଲୁଥିବା ଯାତ୍ରା ସମ୍ମୁଖରେ ରାସ୍ତା ଓଧପନ୍ତରିଆ ଗୋଡି ପଥରରେ ଚାଲୁ ଥିବା ବେଳେ ଏଠାରେ ବିଜୁଳି, ପାନୀୟ ଜଳ ବ୍ୟବସ୍ଥା ନଥିବା ଯୋଗୁଁ ଦୁଃଖ ପ୍ରକାଶ କରିଛନ୍ତି। ଅଞ୍ଚଳର ବିଧାୟକ, ଜିଲ୍ଲା ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଚ୍ଛି।

## ୫୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଲମତାପୁଟ,୨।୪(ସମିସ): ମାଛକୁଣ୍ଡ ପୁଲିସକୁ ମିଳିଛି ବଡ଼ ସଫଳତା। ୫୦ ଲକ୍ଷରୁ ଅଧିକ ଟଙ୍କାର ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାଟି ଘଟିଛି କୋରାପୁଟ ଜିଲ୍ଲା ଲମତାପୁଟ



ବ୍ଲକ ବଡକୀଚବ ଗ୍ରାମ ନିକଟସ୍ଥ ନଦୀ ଘାଟରୁ। ଚୋରା ଚାଲାଣ ପାଇଁ ଗଚ୍ଛିତ୨୫ ଜରି ବସ୍ତାରେ ଭର୍ତ୍ତି ଥିବା ଗଞ୍ଜେଇ ଜବତ କରିଛି ମାଛକୁଣ୍ଡ ପୁଲିସ। ମୋଟ ୫୬୧ କେଜି ୪୦୦ ଗ୍ରାମ ଗଞ୍ଜେଇ ଥିବାର ସୂଚନା ମିଳିଥିଲା। ମାଛକୁଣ୍ଡ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଏହି ଗଚ୍ଛିତ ଗଞ୍ଜେଇର ଓଜନ କରାଯାଇଥିଲା। ଏହାର ଆକଳନ ମୂଲ୍ୟ ପ୍ରାୟ ୫୦ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ବିଶେଷ ସୂତ୍ରରୁ ଖବର ପାଇ ଏସଡିପିଓ ଦେବେନ୍ଦ୍ର ମଲିଙ୍କ ତତ୍ତ୍ୱାବଧାନରେ ଓ ମାଛକୁଣ୍ଡ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏସଆଇ ବିଜୟ କୁମାର ମୁରୁମ କିଛି ସହଯୋଗୀ ପୁଲିସଙ୍କ ସହାୟତାରେ ବଡ଼ କିଚବ ନଦୀଘାଟ ପାଖରୁ ଏହି ଗଚ୍ଛିତ ଗଞ୍ଜେଇକୁ ଜବତ କରିଥିଲେ। ଏହି ଗଞ୍ଜେଇ କିଏ ଓ କେଉଁଠିକୁ ଚୋରା ଚାଲାଣ ପାଇଁ ରଖିଥିଲା ତାହାର ତଦନ୍ତ ଆରମ୍ଭ କରିଛି ମାଛକୁଣ୍ଡ ପୁଲିସ।

## ଗଞ୍ଜେଇ ଜବତ, ମହିଳାଙ୍କ ସହ ୩ ଗିରଫ



କୋରାପୁଟ,୨।୪(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୦ କିଲୋଗ୍ରାମରୁ ଅଧିକ ଓଜନର ଗଞ୍ଜେଇ ଜବତ କରାଯାଇଥିବା ବେଳେ ଜଣେ ମହିଳାଙ୍କ ସମେତ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜିଲ୍ଲାର ସୁନାବେଡ଼ା, ସେମିଳିଗୁଡା, ଦାମନଯୋଡ଼ି ଅଞ୍ଚଳରେ ବେଆଇନ ଗଞ୍ଜେଇ କାରବାର ଚାଲୁଥିବା ଅଭିଯୋଗ ପାଇଁ ସେହି ଅଞ୍ଚଳରେ ଚଢ଼ଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଗଠିତ ଟିମ ସୁନାବେଡ଼ା କଳାହାଣ୍ଡି କଲୋନୀରେ ଚଢ଼ଉ କରି ମାଳତୀ ଖରାଙ୍କୁ ଗିରଫ କରି ତାଙ୍କ ଠାରୁ ୩ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ସେହିପରି ସେମିଳିଗୁଡା ଥାନା ଜାନିଗୁଡ଼ାରେ ଚଢ଼ଉ କରି ତ୍ରିଲୋଚନ ସାହୁ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ୭ କିଲୋ ଏବଂ ଦାମନଯୋଡ଼ିରେ ଶିବ ଶଙ୍କର ଦାଶଙ୍କ ଘରେ ଚଢ଼ଉ କରି ୧୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ଗିରଫ କରିଥିଲେ। ଗିରଫ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଇନ୍ସପେକ୍ଟର ଚନ୍ଦ୍ର ଶେଖର ପଢିଆରି, ସଦର ଓଆଇସି ଜଗବନ୍ଧୁ ଜାନି, ଏଏସଆଇ ଦିବାକର ମହାପାତ୍ର, ଏଲିଯା ବିଶୋଇ, କନଷ୍ଟେବଲ ମମତାମୟୀ ମହାନ୍ତି, କପିଳ ସାହୁ, କାହ୍ନୁ ମୁଦୁଲି, ମୀର୍ ମୁସ୍ତାକ ଅଲ୍ଲୀ, ଧନୁର୍ଜୟ ପୂଜାରୀ, ନରେନ୍ଦ୍ର ଭତ୍ରା, ବିକ୍ରମ ସ୍ୱାଇଁ, ଭାଗିରଥୀ ସ୍ୱାଇଁ ଚଢ଼ଉରେ ସାମିଲ ହୋଇଥିଲେ।

## କୋରାପୁଟ ପ୍ରିମିୟର ଲିଗ୍ ସିଜନ-୫ର ଶୁଭାରମ୍ଭ



କୋରାପୁଟ,୨।୪(ସମିସ): ସ୍ଥାନୀୟ ରେଲବାଇ ପଡିଆ ଠାରେ କୋରାପୁଟ ପ୍ରିମିୟର ଲିଗ୍ ସିଜନ ୫ର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗଦେଇ କେପିଏଲ ଦ୍ୱାରା ଜିଲ୍ଲାରେ କ୍ରିକେଟ୍ ପ୍ରତିଭା ଆଗକୁ ଆସି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ପ୍ରମୁଖ ଯୋଗଦାନ ଦେଇଥିଲେ। ଆଇପିଏଲ ଢାଞ୍ଚାରେ କରାଯାଉଥିବା କୋରାପୁଟ ପ୍ରିମିୟର ଲିଗରେ ୧୦ ଦଳ ଭାଗ ନେଇଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବ ପ୍ରତିଭା ଅନ୍ୱେଷଣ।

## ଟାଉନ ଥାନାରେ ଆମ ପୁଲିସ ବୈଠକ



ଜୟପୁର,୨।୪(ସମିସ): ଜୟପୁର ଟାଉନଥାନା ପରିସରରେ ଆଜି ସଂଧ୍ୟାରେ ଆମ ପୁଲିସ ବୈଠକ ଅନୁଷ୍ଠିତ ହୋଇଥିଲା। ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈ?ଠକରେ ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଉପସ୍ଥିତ ରହି ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁଲିସ ଓ ଲୋକଙ୍କ ମଧ୍ୟରେ ବିଶ୍ୱାସ ଓ ସହଯୋଗ ବଢାଇବା, ସ୍ଥାନୀୟ ସମସ୍ୟା ତଥା ଆଇନଶୃଙ୍ଖଳା, ଟ୍ରାଫିକ ସୁରକ୍ଷା ଏବଂ ସାଇବର କ୍ରାଇମକୁ ନେଇ ପୁଲିସକୁ ସହଯୋଗ କରିବାକୁ ଆହ୍ୱାନ କରାଯାଇଥିଲା। ଏହି ବୈଠକରେ ଅତିଥି ଭାବେ ନବନିର୍ବାଚିତ ଆଇନଜୀବି ସଂଘର ସଭାପତି ବିଜୟ କୁମାର ରାୟ ଜେନାଦେଓ, ଉପସଭାପତି ଶତର କୁମାର ମାଝି, ସମ୍ପାଦକ ସହଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁଲିସ ସହିତି ଆଇନଜୀବୀଙ୍କ ସବୁବେଳେ ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ପୁଲିସ ମାନେ ଆଇନଜୀବି ଏବଂ ଅଭିଯୋଗକାରୀଙ୍କ ସହିତ ଉତ୍ତମ ବ୍ୟବହାର କରିବା ଉଚିତ ବୋଲି ମତପ୍ରକାଶ ପାଇଥିଲା। ଏହି ବୈଠକରେ ସହରର ବୁଦ୍ଧିଜିବୀ ମାନେ ଉପସ୍ଥିତ ରହି ସହରର ଟ୍ରାଫିକ ସମସ୍ୟା, ଆଲୋକିକରଣ ନଥିବା ଯୋଗୁଁ ଲୁଟ ରାହାଜାନୀ ବଢିବାରେ ଲାଗିଛି। ସେହିପରି ସହରର କିଛି ଯୁବକ ଓ ନାବାଳକଙ୍କ ମାନଙ୍କ ଦ୍ୱାରା ଦୃତ ଓ ପ୍ରବଳ ଶବ୍ଦଯୁକ୍ତ ବାଇକ ଚାଳକଙ୍କ ପ୍ରାଦୁର୍ଭାବ ଉପରେ ପୁଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ପୁଲିସ ପକ୍ଷରୁ ଏହର ସମାଧାନ କରାଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା।

## ଜନଗଣନା ତାଲିମ ଉଦ୍‌ଯାପିତ



କୋରାପୁଟ,୨।୪(ସମିସ): କୋରାପୁଟ ତହସିଲ ଦ୍ୱାରା ଆୟୋଜିତ ଜନ ଗଣନା ୨୦୨୭ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ପୌର ପରିଷଦ ୱାଲଟିୟର ଓ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଗତ ମାସ ୧୯ ତାରିଖରୁ ଆରମ୍ଭ ହୋଇ ଆଜି ଶେଷ ହୋଇଥିବା କୋରାପୁଟ ତହସିଲଦାର ସୟଦ୍ ସବୀର ଶାହା ସୂଚନା ଦେଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଗଠିତ ପାଞ୍ଚଟି ବ୍ୟାଚକୁ ତିନି ଦିନ ଲେଖାଏଁ ପ୍ରଶିକ୍ଷକ ମନୋଜ କୁମାର ପ୍ରଧାନ, ବିଜୟ ସାହୁ, ସୁଧୀର ମହାନ୍ତି ଏବଂ ଆର ଶିବଶଙ୍କର ପଟ୍ଟନାୟକ ପ୍ରଥମ ଡିଜିଟାଲ ଜନଗଣନା ପାଇଁ ୩୩ ସୂତ୍ରୀ ବା ପ୍ରଶ୍ନ ସମ୍ବନ୍ଧେ ତାଲିମ ପ୍ରଦାନ କରିଛନ୍ତି.। ତାଲିମ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ତହସିଲଦାର ସୟଦ ସବୀର ସାହା ଯୋଗ ଦେଇ ଜନଗଣନା ଅଧିକାରୀ ଓ ନିରୀକ୍ଷକଙ୍କୁ ଜନଗଣନା ସର୍ଭେର ତଥ୍ୟକୁ ଗୁପ୍ତ ରଖିବାକୁ ଶପଥ ପାଠ କରାଇବା ସହିତ ଜନଗଣନା ଏକ ଜାତୀୟ କାର୍ଯ୍ୟକ୍ରମ । ତେଣୁ ଉତ୍ତରଦାୟୀ ଭାବେ ସଫଳତାର ସହିତ ସମ୍ପାଦନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ .ଅନ୍ତିମ ଦିବସର ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜନଗଣନା ସମ୍ପର୍କିତ କିରାଣୀ ପ୍ରତ୍ୟୁଷ ବିଡିକା ଉପସ୍ଥିତ ଥିଲେ।

## ଯୋଜନା କମିଟି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



କୋରାପୁଟ,୨।୪(ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଜଣ ମନ୍ତ୍ରୀ ଓ ୨୬ ଜଣ ବିଧାୟକଙ୍କୁ ବିଭିନ୍ନ ଜିଲ୍ଲାର ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦେଇଥିବା ବେଳେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ କୋରାପୁଟ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ଚୟନ କରିଛନ୍ତି। ବୁଧବାର ସନ୍ଧ୍ୟାରେ କୋରାପୁଟ ଚନ୍ଦନ ପୋଖରୀ ନିକଟରେ ବିଧାୟକ ଶ୍ରୀ ମାଛଙ୍କୁ ନେତା ଓ କର୍ମୀ ମାନେ ପୁଷ୍ପ ଗୁଚ୍ଛ ସହ ମାଲ୍ୟାର୍ପଣ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ବିଧାୟକଙ୍କ ବାସଭବନରେ ଶେଷ ହୋଇଥିଲା। ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ମିଶ୍ର,ତ୍ରିନାଥ ପଣ୍ଡା, ମହିପାଲ ସିଂ,ନରସିଂହ ପଟନାୟକ, ନୃପେନ୍ଦ୍ର ନାରାୟଣ ବାଘ, ରାମଚନ୍ଦ୍ର ମାଝୀ, ଭଗବାନ ଖରା,ସାହେବ ଖିଲ, ମାଧବ ମାଳି ପ୍ରମୁଖଙ୍କ ସହ ଶତାଧିକ କର୍ମୀ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ



ନବରଙ୍ଗପୁର,୨।୪(ସମିସ): ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ ଗୁରୁବାର ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆମ ପୋଷାକ, ଆମ ପରିଚୟ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ଚନ୍ଦ୍ର ବର୍ମନ, ସମସ୍ତ ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର ଏବଂ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ପାରମ୍ପରିକ ପୋଷାକ ତଥା ସ୍ଥାନୀୟ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଓଡ଼ିଆ ଅସ୍ମିତାର ପରିଚୟ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିସହ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ପ୍ରକାଶ ସାହୁ ଏବଂ କର୍ମଚାରୀ ଏ. ସନ୍ତୋଷ କୁମାର ସହଯୋଗ କରିଥିଲେ। ପରିଶେଷରେ ସମସ୍ତେ ଏକାଠି ହୋଇ ଏକ ସାମୂହିକ ଫଟୋ ଉତ୍ତୋଳନ କରିବା ସହ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

## ସଦର ଥାନା ପକ୍ଷରୁ ଜଳଛତ୍ର ଶୁଭାରମ୍ଭ

ଜୟପୁର,୨।୪(ସମିସ):

ଜୟପୁର ସଦରଥାନା ପୁଲିସ ପକ୍ଷରୁ ସ୍ଥାନୀୟ ଥାନା ସମ୍ମୁଖରେ ସାଧାରଣ ଜନତାଙ୍କ ପାଇଁ ଜଳଛତ୍ରର ଶୁଭାରମ୍ଭ କରାଯାଇଛି। ଗ୍ରୀଷ୍ମର ପ୍ରବାହ ବୃଦ୍ଧି ପାଉଥିବା ବେଳେ ଆଜି ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ ଏହାର ଉଦଘାଟନ କରିଥିଲେ। ଏହି ଅବସରରେ ପ୍ରବେସନାରୀ ଆଇପିଏସ ଅଧିକାରୀ ରାମଶାଦ କେ.ବି ଏବଂ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ରହିବା ସହିତ ପ୍ରଥମ ଦିବସରେ ଦହି ପଣା ବଣ୍ଟନ କରାଯାଇଥିଲା। ଏହିପରି ମାଟିହାଣ୍ଡିରେ ଜଳ ରଖାଯିବା ସହିତ ସମସ୍ତ ସାଧାରଣ ଜନତାଙ୍କୁ ପିଇବା ପାଣି ଭାବେ ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି।

### • ମାଲକାନଗିରିରେ ଓଡ଼ିଆ ପକ୍ଷ ପାଳନ

## ପାରମ୍ପରିକ ବସ୍ତ୍ର ପରିଧାନ କରି ଓଡ଼ିଆ ଅସ୍ମିତାର ପ୍ରଚାର



ମାଲକାନଗିରି, ୨।୪(ସମିସ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ଅବସରରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ପାଇଁ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଜନମାନସରେ ଆଦୃତ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ବିଭାଗରେ ଏହି ଅଭିଯାନକୁ ବ୍ୟାପକ କରାଯାଇଛି। ଏହି ଦିବସରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀମାନେ ପାରମ୍ପରିକ ଓଡ଼ିଆ ହସ୍ତତନ୍ତ ପୋଷାକ ପରିଧାନ କରି ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସିଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧôକାରୀ ପ୍ରମିଳା ମାଝୀ ଆୟୋଜନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ବିଭିନ୍ନ ସଭାରେ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପରମ୍ପରାର ମହତ୍ତ୍ୱ ଉପରେ ଆଲୋକପାତ କରାଯାଇଛି। ଏହି ଅଭିଯାନ ଏପ୍ରିଲ ୧୪ ପର୍ଯ୍ୟନ୍ତ ଜାରି ରହିବ।

## ପାଜର ମାଗିବା ବେଳେ ଅଘଟଣ

# ବେକରେ ଦଉଡ଼ି ଲାଗି ବାଇକ୍ ଚାଳକ ଗୁରୁତର

ବୈପାରିଗୁଡ଼ା,୨।୪(ସମିସ): ଆଦିବାସୀ ଚଇତ ପରବ ଅବସରରେ ରାସ୍ତା ଅବରୋଧ କରି ପଥଚାରୀ ମାନଙ୍କ ଠାରୁ ପାଜର ଆଦାୟ କରିବା ପରମ୍ପରା ରହିଛି। ଏହି ଅବସରରେ ପାଜର ମାଗିବା ବେଳେ ବେକରେ ଦଉଡି ଲାଗି ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତି ହୋଇଛନ୍ତି । ଏଭଳି ଘଟଣା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ଛକରେ ଦେଖିବାକୁ ମିଳିଛି । ବୈପାରିଗୁଡା ବ୍ଲକ ଅନ୍ତର୍ଗତ ପେଦାପଡା ପଞ୍ଚାୟତର ଆର୍ ମାଝୀଗୁଡା ଗ୍ରାମର ବନମାଳୀ ବଡପାଡିଆ ମଙ୍ଗଳବାର ଦିନ ପୂର୍ବାହ୍ନ ୧୧ଟା ବେଳେ କୌଣସି କାମରେ ନିଜ ବାଇକ୍ ଯୋଗେ ଗୁପ୍ତେଶ୍ୱର ବାହାରି ଥିଲେ। ସେହି ସମୟରେ ରାମଗିରି ଛକ ଠାରେ ଚଇତ ପରବ ପାଇଁ ପାଜର ଆଦାୟ କରୁଥିଲେ ମହିଳା ମାନେ। ରାସ୍ତା ଅବରୋଧ କରିବା ପାଇଁ ଗୁପ୍ତେଶ୍ୱର ରାସ୍ତାରେ କିଛି ମହିଳା ଦଉଡ଼ି ବାନ୍ଧି ରାସ୍ତାର ଅନ୍ୟ ପାଶ୍ୱର୍ରେ କିଛି ଲୋକ ଦଉଡ଼ି ଟାଣି ଧରିଥିଲେ। ସେହି ରାସ୍ତା ଦେଇ ବନମାଳୀ ଯାଉଥିବା ବେଳେ ବେକରେ ଦଉଡ଼ି ଲାଗିଯିବାରୁ ବାଇକ୍ ସହ ସେ ଛିଟିକି ପଡ଼ି ଯାଇଥିଲେ। ଫଳରେ ତାଙ୍କ ଶରୀର ସାରା ଗଭୀର ଆଘାତ ଲାଗିଥିଲା। ଏହି ଘଟଣା ଘଟିବା ଦେଖି ତୁରନ୍ତ ସ୍ଥାନୀୟ ଲୋକେ ପ୍ରଥମେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସାପରେ ବୈପାରିଗୁଡା ଏବଂ ପରବର୍ତ୍ତୀ ସମୟରେ ଜୟପୁର ଜିଲ୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ଲୋକେ ଗତକାଲି ରାତିରେ ଏନେଇ ବୈପାରିଗୁଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ ବୈପାରିଗୁଡା ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୈପାରୀଗୁଡ଼ା,୨।୪(ସମିସ): ବୈପାରୀଗଡ଼ା ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମ୍ପନ୍ନ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିରେନ ଧଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ସୁବ୍ରତ ସାହୁ, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରିଆ, ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, କୋରାପୁଟ ବିଧାୟକ ପ୍ରତିନିଧି ମନଜ ନାୟକ, ନାଏବ ସରପଞ୍ଚ ସୁଶାନ୍ତ ସାହୁ, ସ୍କୁଲ ପରିଚାଳନା କମିଟି ସଭାପତି କେଶବ ଖିଲ ବେଳେ ସ୍ଥାନୀୟ ସିଆରସିସି ମନଜ ଅରିସାଲ ମଞ୍ଚ ପରିଚାଳନା କରିଥିଲେ। ସ୍କୁଲ ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃତି ଛତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

## ଓଡ଼ିଶା ପକ୍ଷ, ପାରମ୍ପରିକ ପୋଷାକ ପରିଧାନ ଦିବସ

ଜୟପୁର,୨।୪(ସମିସ): ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ପକ୍ଷ ଓ ପାରମ୍ପରିକ ପୋଷାକ ପରିଧାନ ଦିବସ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ ହୋଇଥିଲା। ଏହି ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଓ ବିକ୍ରମ ଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ତିନିଜଣ ସାମ୍ବାଦିକ ଟି. ଗୌରୀ ଶଙ୍କର , କେ. ଅନିଲ କୁମାର, ଦେବୀ ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ତାଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମଟି ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ସଚିନ କୁମାର ନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଉତ୍ସବରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଦହି ପଣା ବଣ୍ଟନ କରାଯାଇଥିଲା।

## ଜରଦାରେ ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ



ଆନନ୍ଦପୁର, ୨।୪ (ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଜରଦା ଗ୍ରାମରେ ମହାମାୟୀ ମା' ହିଙ୍ଗୁଳାଙ୍କ ୭୬ତମ ବାର୍ଷିକ ପୂଜା ଧାର୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ଗ୍ରାମର ବୃନ୍ଦାବନ ବଳ, ଦୁର୍ଯ୍ୟୋଧନ ବିଶ୍ୱାଳ, ହାଡିବନ୍ଧୁ ଜେନା, ହରିହର ରାଉତ, ଗୋଲକ ଜେନା, କୈଳାସ ରାଉତ, ଅଲେଖଚନ୍ଦ୍ର ଜେନା, ସୁରେଶ ରାଉତ, ମହେନ୍ଦ୍ର ବରାଳ, ଶିବପ୍ରସାଦ ଜେନା, ରୂପକ କୁମାର ବେହେରା ଓ ମାନସ ଜେନା ମିଳିତ ହୋଇ ବରୁଣ ଦେବତାଙ୍କୁ ଆବାହନ କରି କମାର ପୋଖରୀରୁ ଜଳ କଳସ ଆଣି ମାଙ୍କ ପୀଠରେ ସ୍ଥାପନ ପରେ ପୁରୋହିତ ବ୍ରାହ୍ମଣ ବିଚିତ୍ରାନନ୍ଦ ଦାଶ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ । ପୂର୍ଣ୍ଣମୀ ତିଥିରେ ସୂର୍ଯ୍ୟ ଦେବତାଙ୍କଠାରୁ ଜବକାଚ ସାହାଯ୍ୟରେ ଅଗ୍ନି ଅଣାଯାଇ ଯଜ୍ଞ କାର୍ଯ୍ୟ ବ୍ରାହ୍ମଣ ବାବାଜୀ ଆଚାର୍ଯ୍ୟ ଓ ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଅନୁଷ୍ଠିତ ହେବ । ପ୍ରତ୍ୟେକ ଦିନ ମାଙ୍କ ପୀଠରେ ଚଣ୍ଡୀପାଠ ସହିତ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ କରାଯିବ । ମାଙ୍କ ପୂଜା ଓ ଯଜ୍ଞରେ ଜରଦା ଗ୍ରାମ ସହିତ ଆବୁଲପୁରା, ଜଖାଙ୍ଗୀ, ଅନ୍ଧାରୀ, ଗୌରାପାଳ, ଗୁହାଳଡିହି, ଓ ରାମଚନ୍ଦ୍ରପୁର ଗ୍ରାମର ଭକ୍ତମାନେ ଏକାଠି ହୋଇ ହୋଇ ଭୋଗ ଲଗାଇବା ସହିତ ପୂର୍ଣ୍ଣାହୁତି ପର୍ବରେ ନିଜକୁ ସମର୍ପଣ କରି ଅଞ୍ଚଳର ମଙ୍ଗଳ କାମନା କରିଥାନ୍ତି । ପାଞ୍ଚଦିନ ପର୍ବରେ ଗ୍ରାମର ସ୍ୱେଚ୍ଛାସେବୀମାନେ ଭକ୍ତଙ୍କୁ ଦହି ପଣା ଓ ଅନ୍ନପ୍ରସାଦ ବଣ୍ଟନରେ ସହଯୋଗ କରିଥାନ୍ତି । ମନୋରଞ୍ଜନ ପାଇଁ ୬ ଓ ୭ ତାରିଖ ବନଦୁର୍ଗା ଗଣନାଟ୍ୟ ଦ୍ୱାରା ଦୁଇ ରାତ୍ରି ଯାତ୍ରା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଛି । ମା ହିଙ୍ଗୁଳାଙ୍କ ଆଞ୍ଚଳିକ ପୂଜା କମିଟି ସମ୍ପାଦକ ରବୀନ୍ଦ୍ର ଭୂୟାଁ, ଗୋବିନ୍ଦଚନ୍ଦ୍ର ଦାସ, ଅମୂଲ୍ୟ ଜେନା, ରମେଶ ଜେନା, କାର୍ତ୍ତିକ ବିଶ୍ୱାଳ ରବିନନ୍ଦନ ଓଝା, ପୁରୁଷୋତ୍ତମ ଜେନା, ସନ୍ତୋଷ ରାଉତ, ସୌମ୍ୟରଂଜନ ରାଉତ, ପ୍ରଶାନ୍ତ ବିଶ୍ୱାଳ, ଲକି ସ୍ୱାଇଁ, ସୁଦର୍ଶନ ଜେନା ଓ ମାଗୁଣି ରାଉତ ପରିଚାଳନା କରୁଛନ୍ତି ।

## ଜଗନ୍ନାଥପୁର ମା'ମଙ୍ଗଳାଙ୍କ ୨୭ତମ ବାର୍ଷିକୋତ୍ସବ



ଆନନ୍ଦପୁର, ୨।୪ (ସମିସ): ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ ଜଗନ୍ନାଥପୁରଠାରେ ଥିବା ମା' ମଙ୍ଗଳାଙ୍କ ମନ୍ଦିରରେ ୨୭ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ପୂଜକ ସାରଙ୍ଗଧର ନନ୍ଦ ଏବଂ ସହଯୋଗୀ ପୂଜକ ବସନ୍ତ କୁମାର ଦାଶ, ଶିଶିର କୁମାର ଦାସ, ଗଙ୍ଗାଧର ନନ୍ଦଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ କଳସ କଳସ ସ୍ଥାପନ କରାଯାଇଥିଲା । ସଙ୍କଳ୍ପ କାର୍ଯ୍ୟ ଲକ୍ଷ୍ମୀଧର ଓଝା, ପତ୍ନୀ କାଞ୍ଚନମାଳା ଓଝା ତୁଲାଇଥିବା ବେଳେ ପୀଠରେ ପ୍ରଥମେ ବିଭିନ୍ନ ନୀତି ସହ ବିଶ୍ୱର କଲ୍ୟାଣ ନିମନ୍ତେ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା । ଅପରାହ୍ନରେ ପୂର୍ଣ୍ଣାହୁତି ଚରୁ ସେବନ ଓ ପ୍ରାସାଦ ସେବନ କରାଯାଇଥିଲା । ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଜଳସୁଆଁ, ମଛାଳ ସଂକୀର୍ତ୍ତନମଣ୍ଡଳୀର ଗୌର ଭକ୍ତଙ୍କ ଦ୍ୱାରା ଭଜନ କୀର୍ତ୍ତନ କରାଯାଇଥିଲା । ଦିବ୍ୟରଞ୍ଜନ ଓଝା, ବାସନ୍ତୀ ଲତା ଓଝା, ଦେବଶ୍ରୀ ଓଝା, ସରସ୍ୱତୀ ଜେନା, ଦେବେନ୍ଦ୍ର ରଥ, ପଞ୍ଚାନନ ବିନ୍ଧାଣି, ଦିବ୍ୟକ୍ତି ଓଝା, ଶ୍ରୀଧର ଓଝା, ଲକ୍ଷ୍ମୀପ୍ରିୟା ମହାରଣା, ରମେଶ ମହାରଣା, ଲକ୍ଷ୍ମଣ ସାହୁ, ଗଣେଶ୍ୱର ସା, ଅଂଶୁମାନ ଓଝା, ମୃତ୍ୟୁଞ୍ଜୟ ଓଝା, ଆଦିତ୍ୟ ସାହୁ, ସରୋଜିନୀ ରାଉତ, ଅଭିଜିତ ରାଉତ, କୁଳମଣି ରାଉତ, ହେମନ୍ତ ମାଝୀ, ସ୍ନେହଲତା ପରିଡ଼ା, ଖୁଲଣା ମହାରଣା, ରଶ୍ମି ମହାରଣା, ଅନୁସୟା ସୂତାର ସହଯୋଗ କରିଥିଲେ ।

## କୁଶଳେଶ୍ୱର କଲେଜରେ ବିଦାୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୨।୪ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଇତିହାସ ବିଭାଗର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଉତ୍ସବରେ କଲେଜର ଅଧକ୍ଷ ସଞ୍ଜୟ ମିଶ୍ର ସଭାପତିତ୍ୱ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ବିଜୟ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୂର୍ବତନ ଗ୍ରନ୍ଥାଗାରିକ ହାଡିବନ୍ଧୁ ଚକ୍ର, ଅଧ୍ୟାପିକା ଅଳକା ପାଢ଼ୀ, କାଦମ୍ବିନୀ ଜେନା, ଅଧ୍ୟାପକ କ୍ଷେତ୍ରବାସୀ ସୋରେନ, ବିଜୟ ଚକ୍ର, ପୂର୍ବତନ ଛାତ୍ର ସତ୍ୟବ୍ରତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଇତିହାସ ବିଭାଗର ଅଧ୍ୟାପକ ଦାମୋଦର ମୁଣ୍ଡା ଧନ୍ୟବାଦ ଦେଇଥିଲେ ।

### ନାରାବାଜୀରେ ସୀମିତ ସରକାରୀ ଯୋଜନା

# ବିଦ୍ୟୁତ୍ ସେବାରୁ ବଞ୍ଚିତ ପୋଡ଼ାଙ୍ଗ ପଞ୍ଚାୟତର ୪ ଗାଁ





ତେଲକୋଇ, ୨।୪(ସମିସ): ସମ୍ପ୍ରତି ସରକାର ଲୋକଙ୍କ ହିତରେ ମାଳ ମାଳ ଯୋଜନା କାର୍ଯ୍ୟକାରୀ କରି ବିକଶିତ ଗାଁ, ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏଥିପ୍ରତି ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ମାତ୍ର ରତ୍ନଗର୍ଭା କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଏଭଳି କେତେକ ଗାଁ ରହିଛି ଯେଉଁଠି ବିକାଶ ତ ଦୂରର କଥା ସର୍ବନିମ୍ନ ମୌଳିକ ସୁବିଧା ମଧ୍ୟ ପହଞ୍ଚି ପାରିନି । ସ୍ୱାଧୀନତାର ୭୫ ବର୍ଷ ଅବସରରେ ଦେଶ ଓ ରାଜ୍ୟ ଅମୃତ ମହୋତ୍ସବ ପାଳନ କରି ସରକାର ଡିଜିଟାଲ ଇଣ୍ଡିଆ ଗଠନର ନାରା ଦେଉଛନ୍ତି । ମାତ୍ର ବାସ୍ତବରେ ଏହାର ଚିତ୍ର ସମ୍ପୂର୍ଣ୍ଣ ଓଲଟା ପରିଲକ୍ଷିତ ହୋଇଛି ।

ପୋଡାଙ୍ଗ ପଞ୍ଚାୟତର ୪ଟି ଗ୍ରାମ ରାଙ୍କି, ଓଡ଼ଣା, ଟେଣ୍ଟେଇନାଳି ଓ ସାଙ୍କେଇ ଆଜିବି ବିଦ୍ୟୁତ୍ ଭଳି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ଫଳରେ ଉକ୍ତ ଗ୍ରାମର ବାସିନ୍ଦା ଅନ୍ଧାର ଭିତରେ ଜୀବନ ଜିଉଁଛନ୍ତି । ସେମାନଙ୍କ ପାଇଁ ଡିଜିଟାଲ ଇଣ୍ଡିଆ ସାତ ସପନ ହୋଇଛି । ରାଙ୍କୀ ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର, ଓଡ଼ଣା ଗ୍ରାମରେ ୨୫ରୁ ଅଧିକ, ଟେଣ୍ଟେଇନାଳି ଗ୍ରାମରେ ୧୦୦ରୁ ଅଧିକ ପରିବାର ଓ ସାଙ୍କୁଇ ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ସମସ୍ତ ଆଦିବାସୀ ଓ ଜୁଆଙ୍ଗ ଜନଜାତି ବହୁଳ ଗ୍ରାମ ହୋଇଥିବା ବେଳେ ଟେଣ୍ଟେଇନାଳି ଗ୍ରାମ ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ପରିଚୟ ରହିଛି । ମାତ୍ର ଆଜି ପର୍ଯ୍ୟନ୍ତ ଉକ୍ତ ୪ଟି ଗ୍ରାମକୁ ବିଦ୍ୟୁତ୍ ସେବା ଛୁଇଁ ପାରିନାହିଁ । ସରକାର ପରେ ସରକାର ବଦଳୁଛି ହେଲେ ଉକ୍ତ ଗ୍ରାମଗୁଡ଼ିକର ଭାଗ୍ୟ ବଦଳି ପାରୁ ନଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି । ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଉକ୍ତ ଅଞ୍ଚଳର ଗ୍ରାମବାସୀ ବହୁବାର ଅଭିଯୋଗ କରିଥିଲେ ସୁଦ୍ଧା ଆଜି ଯାଏଁ କୌଣସି ସୁଫଳ ମିଳି ପାରି ନାହିଁ । ପୂର୍ବ ସରକାର ସମୟରେ କେବଳ ସୋଲାର ଲାଇଟ୍ ଯୋଗାଇ ଦିଆଯାଇ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ କରଣ କରାଯାଇଥିଲା । ସେ ସବୁ ଏବେ ନଷ୍ଟ ହୋଇ ଅଚଳ ଅବସ୍ଥାରେ ଘର କୋଣରେ ପଡି ରହିଛି । ସରୀସୃପ ଓ ଜଂଗଲୀ ଜନ୍ତୁଙ୍କ ଭୟରେ ସଞ୍ଜ ନଉଣୁ ଲୋକଙ୍କ ଘର ତାଟି କବାଟ ପଡ଼ିଯାଏ । ଘନ ଅନ୍ଧାରକୁ ଦୂର କରିବା ପାଇଁ ନିଆଁ ଖୁଣ୍ଟା ହିଁ ଏକମାତ୍ର ସାହାରା ପାଲଟି ଥାଏ । ସରକାର ପରିବର୍ତ୍ତନର ଦୁଇ ବର୍ଷ ହେବାକୁ ଯାଉଥିବା ବେଳେ ବିଦ୍ୟୁତ୍ ସମସ୍ୟା ଯେଉଁଠି ସେଇଠି ରହିଛି । ଏବେ ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ରାଜ୍ୟ ସରକାରଙ୍କ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ ନିଯୁକ୍ତି ପାଇଥିବାରୁ ଉକ୍ତ ୪ଟି ଗ୍ରାମ ଖୁବ୍ ଶୀଘ୍ର ଆଲୋକୀକରଣ ହେବା ନେଇ ସଂପୃକ୍ତ ଗ୍ରାମବାସୀଙ୍କ ମଧ୍ୟ ଆଶା ସଂଚାର ହୋଇଛି । ଏଥିପ୍ରତି ବିଧାୟକ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ସଂପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଜଳସରପୁର ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ହାଟଡ଼ିହୀ, ୨।୪(ସମିସ): ହାଟଡିହୀ ବ୍ଲକ ଜଳସରପୁର ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ୧୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ବିନୟ ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଶାଳଣିଆଁ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସୁସ୍ମିତାରାଣୀ ନାୟକ, ମୁଖ୍ୟବକ୍ତା ଭାବେ ହାଟଡିହୀ ଶିକ୍ଷା ଜିଲ୍ଲାର ବିଇଓ ରାଜୀବ ଦଳାଇ, ସମ୍ମାନିତ ଅତିଥି ଭାବେ ଗେଡ଼ମା ପଞ୍ଚାୟତର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କାଣ୍ଡିଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରମାକାନ୍ତ ଦ୍ୱିବେଦୀ, ଉପସଭାପତି ଅନନ୍ତ କୁମାର ସ୍ୱାଇଁ, ସହସମ୍ପାଦକ ଅମରବର ସେଠୀ, କୋଷାଧକ୍ଷ ନକୁଳଚନ୍ଦ୍ର ଜେନା, ପ୍ରଧାନ ଆଚାର୍ଯ୍ୟା ପ୍ରମିଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଆଚାର୍ଯ୍ୟ ରମେଶ କୁମାର ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ପରେ ପ୍ରଧାନ ଆଚାର୍ଯ୍ୟା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ବାସୁଦେବ ନାୟକ ଏବଂ କ୍ଷେତ୍ରବାସୀ ରଣାଙ୍କୁ ସମ୍ମାନିତ କରାଯାଇଥିଲା । ଆଚାର୍ଯ୍ୟ ରମେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିଶୁମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ହୃଦୟସ୍ପର୍ଶୀ ଥିଲା । ଏହି ଉତ୍ସବରେ ବିଦ୍ୟାଳୟର ଗୁରୁଜୀ ରମାକାନ୍ତ ବେହେରା, ପ୍ରଭାତ କୁମାର ପେଡା, ହରେକୃଷ୍ଣ ବାରିକ, ସତ୍ୟବ୍ରତ ବାରିକ, ପଙ୍କଜ କୁମାର ଜେନା, ଗୁରୁମା ସଞ୍ଜୁଲତା ସାମଲ, ମନୋରମା ବାରିକ, ମମତାମୟୀ ଧଳ, ପଦ୍ମିନୀ ଜେନା, ପୂଜା ଦାସ, ବୈଶାଖୀ ଦାଶ, ପ୍ରତିଭା ବେହେରା, ସୁଶ୍ରୀ ଶିବାନୀ ଜେନା, ସେବିକା ବେଙ୍ଗଲତା ସାହୁ ସହଯୋଗ କରିଥିଲେ ।

## 'ମେଘଦୂତ' ଖବରକାଗଜ ଉନ୍ମୋଚିତ



ଆନନ୍ଦପୁର, ୨।୪ (ସମିସ): ଭାରତ ସରକାରଙ୍କଠାରେ ପଞ୍ଜିକୃତ ହୋଇଥିବା "ମେଘଦୂତ' ଖବରକାଗଜ ଉନ୍ମୋଚିତ ହୋଇଛି । ପ୍ରତିଷ୍ଠାତା ତ୍ରିଲୋଚନ ସାହୁଙ୍କ ବାପା ପୂର୍ଣ୍ଣଚନ୍ଦ୍ର ସାହୁ ଓ ମାଆ ପ୍ରତିମା ସାହୁ ପ୍ରଥମ ସଂଖ୍ୟା ଉନ୍ମୋଚନ କରିଥିଲେ । ନିଛକ ଖବର ପ୍ରସାରଣ ଉପରେ ଗୁରୁତ୍ୱାରୋପ ଦେବା ସହ ପ୍ରତି ମାସ ସାହିତ୍ୟ ଓ ପରିବେଶ ପାଇଁ ସ୍ୱତନ୍ତ୍ର ଭାବେ ଦୁଇଟି ପୃଷ୍ଠା ପ୍ରକାଶ ପାଇବ ବୋଲି ପ୍ରତିଷ୍ଠାତା ତ୍ରିଲୋଚନ ସାହୁ କହିଥିଲେ । ବିଭିନ୍ନ ଲେଖକ ସେମାନେ ସେମାନଙ୍କର ସ୍ୱରଚିତ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇପାରିବେ । ସମ୍ପାଦକ ପୁଷ୍ପଲତା ସାହୁ ପ୍ରଥମ ସଂଖ୍ୟାର ସଂପାଦକୀୟ ପାଠ ସହିତ ସମ୍ବାଦପତ୍ରର ପ୍ରଚାରପ୍ରସାର ସହ ମୌଳିକ ସମ୍ବାଦ ପ୍ରସାରଣ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ତଥା ସାମ୍ବାଦିକ ଅନୀଲ କୁମାର ସାହୁ ଗ୍ରାମାଞ୍ଚଳ ସମସ୍ୟା ଉପରେ ଆଲୋଚନା କରିଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ତଥା ବିଶିଷ୍ଟ ପାଲା ଗାୟକ ଗୟାଧର ନାଥ ସାମ୍ବାଦିକଙ୍କ ଭୂମିକା ଓ ଦାୟୀତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସମାଜସେବୀ ପ୍ରସନ୍ନ ନାହାକ, ଅନିତା ବେହେରା, ରାଜକିଶୋର ବାରିକ, ମନୋଜ ସାହୁ, ରଞ୍ଜିତ ନାୟକ ଯୋଗ ଦେଇଥିଲେ ।

## ରାଜ୍ୟସ୍ତରରେ 'ଆମେ ଓଡ଼ିଶାବାସୀ' ମଞ୍ଚସ୍ଥ

ଆନନ୍ଦପୁର, ୨।୪ (ସମିସ): ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଓଡିଶା ଦିବସ ଅବସରରେ ସୂଚନା ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ତରଫରୁ ବୀଣାପାଣି କଳାନିକେତନ, ଶାଳପଡା ନୃତ୍ୟାନୁଷ୍ଠାନ ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ "ଆମେ ଓଡିଶାବାସୀ' ପରିବେଷଣ କରାଯାଇଥିଲା । ମୁଖ୍ୟଅତିଥି ରୂପେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଜିଲ୍ଲାର ନୃତ୍ୟଶିଳ୍ପୀଙ୍କୁ ଦେଖି ବିଭୋର ହୋଇ ମୋତେ ଟିକେ ନାଚରେ ସୁଯୋଗ ଦେବ ବୋଲି କହିଥିଲେ । ନୃତ୍ୟ ଶିଳ୍ପୀ ମୋନିକା ଦାଶ, ସାୟନି ନାୟକ, ଦେବାହୁଟି ପଟ୍ଟନାୟକ, ପରିଣତି ଚକ୍ର, ଆରୋସ୍ମିତ ତ୍ରିପାଠୀ, ସୁଶ୍ରୀ ଗାୟତ୍ରୀ, କ୍ରୀଷ୍ଣା ପ୍ରିୟଦର୍ଶିନୀ ଅନ୍ୱେଷା ସାହୁ, ସାଇ ସ୍ମୃତି ସାଇ ସମ୍ପର୍ଣ୍ଣା ଚକ୍ର, ସ୍ମିତା ନାୟକ, ବିନୋଦ ଓଝା ନୃତ୍ୟ ପରିବେଷଣ କରିଥିଲେ ।

## ଥଇଥାନ ଦାବିରେ ଦୋକାନୀ ଉପଜିଲ୍ଲାପାଳଙ୍କୁ ଫେରାଦ



ଆନନ୍ଦପୁର, ୨।୪(ସମିସ): ଏନଏଚ୍ ୨୦କୁ ଲାଗିଥିବା ଦୋକାନଗୁଡ଼ିକ ଉଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଦିଆଯାଇଥିଲା । ଆନନ୍ଦପୁର ଉପଖଣ୍ଡ ସାଇଁକୁଳ ବଜାରରେ ଶତାଧିକ ଦୋକାନୀଙ୍କ ଏହା ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା । ଉଚ୍ଛେଦ ଯୋଗୁଁ ଅନେକ ଦୋକାନ ଭାଙ୍ଗିଯିବା ଏବଂ ଜୀବିକା ହରାଇବା ଆଶଙ୍କା କରି ବ୍ୟବସାୟୀମାନେ ଚିନ୍ତିତ ହୋଇପଡ଼ିଥିଲେ । ସାଇଁକୁଳ ବଜାର କମିଟି ସଭାପତି ରାଜୀବ ଲୋଚନ ଚକ୍ରଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ । ମା' ଦୁର୍ଗା ବଣିକ ସଂଘ ସଭାପତି ଶ୍ରୀ ଚକ୍ର ଓ ସମ୍ପାଦକ ପ୍ରବୀର ଚକ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟ ରବୀନ୍ଦ୍ର ପଣ୍ଡା କଳାକାର ସାମଲ ଅରୁଣ ଭୂୟାଁ ଅଭିମନ୍ୟୁ ବିଶ୍ୱାଳ ସରୋଜ ଦାସ ଲାଲମୋହନ ପଟ୍ଟନାୟକ ବିକାଶ ଚକ୍ରଙ୍କ ସମେତ ଅନେକ ସଦସ୍ୟ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଉଚ୍ଛେଦ ହେଲେ, ସେହି ଦୋକାନୀଙ୍କୁ ଥଇଥାନର ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ନିବେଦନ କରିଥିବା ଜଣାଯାଇଛି । ଦୋକାନୀମାନେ ନିଜର ପରିବାର ପ୍ରତିପୋଷଣ କରିବାରେ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଏହି ଦରଖାସ୍ତର ଏକ ନକଲ ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି ।

## ବାଲିବରୁଆଁରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୨।୪(ସମିସ): ଚଳିତ ବର୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାଲିବରୁଆଁର ୨ ଛାତ୍ରୀ ସୁଆଁପଦା ଓଏଭି ବିଦ୍ୟାଳୟରେ ନାମ ଲେଖାଇବାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟରେ ୨ କୃତୀ ଛାତ୍ରୀ ନେହାସ୍ମିତା ଜେନା ଏବଂ ଶୁଭଲକ୍ଷ୍ମୀ ସେଠୀଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପୃଷ୍ଟି ଏବଂ କ୍ଲଷ୍ଟର ସିଆରସିସି ପ୍ରଶାନ୍ତ ନାଥ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଥିଲେ । ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦେବଶିଷ୍ୟା ସାହୁ, ପ୍ରିୟଦର୍ଶିନୀ କର, ଜୟଶ୍ରୀ ସାହୁ, ସ୍ୱପ୍ନାରାଣୀ ସାହାଣୀ, ଦୀପ୍ତିମୟୀ ନାୟକ ଏବଂ ଶିକ୍ଷକ ସଞ୍ଜୟ ରାଉତ କୃତୀ ଛାତ୍ରୀଦ୍ୱୟଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## କୌରାଳି ଫାର୍ମାସି କଲେଜରେ ଓଡ଼ିଶା ଦିବସ



ଚମ୍ପୁଆ, ୨।୪(ସମିସା): ଚମ୍ପୁଆ କୌରାଳି ଫାର୍ମାସି କଲେଜରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରି ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ଚେୟାରମ୍ୟାନ ଡ଼ା ପି ଏସ ରାଜମୋହନ, ସମ୍ମାନିତ ଅଥିତି ଭାବେ ଡ଼ା ଉମା ରାଜ ମୋହନ ଯୋଗ ଦେଇଥିଲେ । ଫାର୍ମାସି କଲେଜର ଅଧକ୍ଷ ଡା ସତ୍ୟବ୍ରତ ଜେନାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ ।

## ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର, ୨।୪(ସମିସ): ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଚପରାଶି ଭାବେ କାର୍ଯ୍ୟରତ ଥିବା ପ୍ରଶାନ୍ତ କୁମାର ନାଏକ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ଅବସରରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସଭାରେ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ଉଷ୍ମ ବିଦାୟ ଦେଇଥିଲେ ଏବଂ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଏବଂ ଅବସର ପରବର୍ତ୍ତୀ ଶାନ୍ତିପୂର୍ଣ୍ଣ ଜୀବନ କାମନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଶ୍ରୀ ନାଏକଙ୍କୁ ସାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ବିନତୀ ମାଝୀ, ନିକ୍ଷେପକ ଦେବେନ୍ଦ୍ର କୁମାର ରାଉତରାୟ, ଗ୍ରନ୍ଥାଗାରିକ ମାନସ କୁମାର ସାହୁ, ସନ୍ଦୀପ କୁମାର ସାହୁ, ମନୋରଞ୍ଜନ ବରାଳ, ବିକ୍ରମ ପାତ୍ର, ସଞ୍ଜୟ ବେହେରା ଓ ନବୀନ ପାତ୍ର ଉପସ୍ଥିତ ଥିଲେ ।

### ଚୋରା ମଦ କାରବାର ବନ୍ଦ ଦାବି

# ଅବକାରୀ ଥାନା ଘେରିଲେ ମହିଳା



ଡୁରୁମୁଙ୍ଗା, ୨।୪(ସମିସ): ଉଭୟ ଅବକାରୀ ଓ ପୁଲିସ ବିଭାଗର ନିଷ୍କ୍ରିୟତା ଯୋଗୁଁ ଗାଁ ଗାଁରେ ଚୋରା ମଦ ବିକ୍ରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଚୋରା ମଦ କାରବାର ବନ୍ଦ ଦାବିରେ ତାତିଛନ୍ତି ମହିଳା । ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଏକତ୍ରିତ ହୋଇ ଗୁରୁବାର କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ଥାନା ଘେରଉ କରିଥିଲେ । ମହିଳାଙ୍କ ଅଭିଯୋଗ ଅନୁସାରେ, ସଅଁରାପଶି, ବଡ଼ପାଟଣା, ଟାଇଁସିରା, ଟାଙ୍ଗରପଡ଼ା, ମାଧପୁର, ବାହୁଡିଘେରା, ସାଧୁପଡା ଆଦି ଅଞ୍ଚଳରେ ବ୍ୟାପକ ବେଆଇନ ମଦ ବିକ୍ରି ହେଉଛି । ଅତି ନିକଟରେ ମଦ ବିକ୍ରି ହେଉଥିବା କାରଣରୁ ଛୋଟ ପିଲାଠାରୁ ଆରମ୍ଭ କରି ବଡ଼ ଯାଏ, ଅଧିକାଂଶ ଲୋକ ନିଶାସକ୍ତ ହୋଇ ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ଫଳରେ ମହିଳାମାନେ ସର୍ବାଧିକ ପାରିବାରିକ ହିଂସାର ଶିକାର ହେଉଛନ୍ତି । ଅନେକ ସମୟରେ ମଦ ପିଇ ଅନେକ ଲୋକ ଅକାଳରେ ମୃତ୍ୟୁମୁଖରେ ପଡୁଛନ୍ତି । ଏସମ୍ପର୍କରେ ବାରମ୍ବାର ଅବକାରୀ ଅଧିକାରୀଙ୍କୁ ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ହେଉ ନଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଚୋରା ମଦ କାରବାର ବନ୍ଦ ଦାବିରେ ଆଜି ପାଟଣା ବ୍ଲକର ଶତାଧିକ ମହିଳା ଏକାଠି ହୋଇ ଅବକାରୀ ଥାନା ଘେରଉ କରିବା ସହ ଅବକାରୀ ଅଧିକାରୀଙ୍କୁ ଚୋରା ମଦ କାରବାର ବନ୍ଦ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ଏସବୁ ଗାଁରେ ଚୋରା ମଦ କାରବାର ବନ୍ଦ ନହେଲେ, ରାସ୍ତା ଅବରୋଧ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି । ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ପାଟଣା ପୁଲିସ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିଲା ।

● ପାଟଣା ବ୍ଲକ୍‌ରେ ଅନଲାଇନ ଜନଗଣନା

## ତଥ୍ୟ ଦେଇ ଶୁଭାରମ୍ଭ କଲେ ବିଧାୟକ



ଡୁରୁମୁଙ୍ଗା, ୨।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ପ୍ରଶାସନ ପକ୍ଷରୁ ଗୁରୁବାର ପାଟଣା ବ୍ଲକରେ ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଶୁଭାରମ୍ଭ ହୋଇଛି । ଆଧୁନିକ ପ୍ରଯୁକ୍ତିକୁ ଗୁରୁତ୍ୱ ଦେଇ ଏଥର ଅନଲାଇନ ମାଧ୍ୟମରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ନିଜର ବ୍ୟକ୍ତିଗତ ତଥ୍ୟ ଅନଲାଇନ ମାଧ୍ୟମରେ ପ୍ରଦାନ କରି ଏହି ଜନଗଣନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଗୁରୁବାର ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ରବିଶଙ୍କର ହେମ୍ବ୍ରମ ଓ ଡାଟା ଏଣ୍ଟ୍ରି ଅପରେଟର ଲିଙ୍ଗରାଜ ଦାଶ ଡୁରୁମୁଙ୍ଗାସ୍ଥିତ ବିଧାୟକଙ୍କ ବାସଭବନରେ ପହଞ୍ଚି ଜନଗଣନା ପ୍ରକ୍ରିୟା ଆରମ୍ଭ କରିଥିଲେ । ସରକାରୀ ନିୟମ ଅନୁସାରେ ବିଧାୟକ ଶ୍ରୀ ନାଏକ ଅନଲାଇନ ପୋର୍ଟାଲ ମାଧ୍ୟମରେ ନିଜର ସମସ୍ତ ଆବଶ୍ୟକ ତଥ୍ୟ ଦାଖଲ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ନାଏକ ପାଟଣା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଜନଗଣନା କାର୍ଯ୍ୟରେ ସହଯୋଗ କରିବା ସହ ଅଧିକାରୀମାନଙ୍କୁ ନିର୍ଭୁଲ ଓ ସଠିକ ତଥ୍ୟ ପ୍ରଦାନ କରି ଏହି ଜାତୀୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ କରିଥିଲେ । ଏହି ଜନଗଣନା ସଠିକ ଜନସଂଖ୍ୟା ତଥ୍ୟ ଭବିଷ୍ୟତରେ ସରକାରୀ ଯୋଜନା ଓ ଉନ୍ନୟନ କାର୍ଯ୍ୟକ୍ରମ ରୂପାୟଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି ।

## ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଅଘଟଣ

# ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ; ଉତ୍ତେଜନା

**ଯାଜପୁର, ୨।୪(ସମିସ)**

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ଜଣେ ମହିଳା ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। କୁଆଖିଆ ଥାନା ଗୋପୀନାଥପୁର ଅଞ୍ଚଳର ମନ୍ଦି ପରିଡ଼ା ନାମକ ମହିଳା ଗତକାଲି ରାତିରେ ପେଟରେ ଯନ୍ତ୍ରଣା କାରଣରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଆସିଥିଲେ। ସକାଳୁ ନର୍ସ ତାଙ୍କୁ ଏକ ଇଞ୍ଜେକସନ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କର ଛାତିରେ ଯନ୍ତ୍ରଣା ହୋଇଥିଲା। ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ରୋଗୀଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଡାକ୍ତରଖାନାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଯୋଗ ପାଇବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷ ଏହାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପଟେ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିଥିବା କର୍ମଚାରୀ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତକଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି।



# ରାସ୍ତାକଡ଼ରୁ ଗଛ ଲୁଟ୍, ଶୋଇଛି ବନବିଭାଗ

**ବିଞ୍ଝାରପୁର, ୨।୪(ସମିସ):** ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ଜଙ୍ଗଲ କ୍ଷୟ ଚିନ୍ତାର ବିଷୟ ପାଲଟିଛି। ବିଭିନ୍ନ ସ୍ଥାନରେ କାଠ ମାଫିଆଙ୍କ ଦ୍ୱାରା ସରକାରୀ ଜାଗାରୁ ଅବାଧରେ ଗଛକାଟି ନେଇଯିବା ଘଟଣା ବିଞ୍ଝାରପୁର ଅଞ୍ଚଳରେ ମୁଖ୍ୟ ଆଲୋଚନା ବିଷୟବସ୍ତୁ ପାଲଟିଛି। ଖବର ମୁତାବକ ବିଞ୍ଝାରପୁର ତହସିଲ ସିଂହପୁର ଅଞ୍ଚଳରେ ଦ୍ୱିପହରରେ କାଠ ମାଫିଆମାନେ ସକ୍ରିୟ ହୋଇଉଠୁଛନ୍ତି। ସିଂହପୁର ଓଳାଭର ମୁଖ୍ୟ ରାସ୍ତାର ଓଳେଇ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଓ ଦରିଆ ନାହାକାଣୀ ପିଠକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଲଗାଯାଇଥିବା ଆକାଶି ଗଛଗୁଡ଼ିକୁ ବୈଦ୍ୟୁତିକ କରତ ସାହାଯ୍ୟରେ କାଟି ରାତାରାତି ବାହାରକୁ ଚାଲାଣ କରାଯାଉଛି। ଏହି ବେଆଇନ ଗଛ କଟା ସ୍ଥାନୀୟ ରାଜନୈତିକ ନେତାଙ୍କ ଛତ୍ରଛାୟାରେ ରହି କାଠ ମାଫିଆ ମାନେ ଦିନ ଦ୍ୱିପହରରେ କରୁଛନ୍ତି। ସେମାନେ ଏହି ଗଛ କାଟି ଚୋରା ଚାଲାଣ କରୁଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏପରିକି ଏଥିପ୍ରତି ତହସିଲ ପ୍ରଶାସନ କିମ୍ବା ବନ ବିଭାଗର କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ମାଫିଆଙ୍କ ସହ ତହସିଲ ପ୍ରଶାସନ ଓ ବନ ବିଭାଗର ଅନୈତିକ ସଲାସୁତୁରା ଯୋଗୁଁ ଏହି ବେଆଇନ ଗଛ କଟା ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସରକାର ଗୋଟିଏ ଗଛ କଟିଲେ ଦଶଟି ଗଛ ଲଗାଇବା କଥା କହୁଛନ୍ତି, କିନ୍ତୁ ବାସ୍ତବ କ୍ଷେତ୍ରରେ କେବଳ ପୁରୁଣା ଗଛ କଟା ଚାଲିଛି। ଏହି ବେଆଇନ ଗଛ କଟା ସମ୍ପର୍କରେ ଯାଜପୁରରୋଡ ବନାଞ୍ଚଳ ଅଧିକାରୀ



ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ ଏହି ବେଆଇନ ଗଛ କଟା ସମ୍ପର୍କରେ କୌଣସି ଖବର ନଥିବା କହିଛନ୍ତି। ସ୍ପଷ୍ଟ ଦିବାଲୋକରେ ହେଉଥିବା ଗଛ କଟାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବାବେଳେ ଯାଜପୁରରୋଡ୍ ରେଞ୍ଜରଙ୍କ ପାଖରେ କିପରି ଖବର ନାହିଁ ତାହାକୁ ନେଇ ନାନା ସନ୍ଦେହ ଦେଖାଦେଇଛି। ଗଛ ଲୁଟେରା ଓ ବନ ବିଭାଗ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଏଭଳି ବେଆଇନ କାରବାର ହେଉଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ତଦନ୍ତ କରାଯିବାକୁ ଦାବି ହେଉଛି।

## କୈବର୍ତ୍ତ ସମାଜ ପକ୍ଷରୁ ଚୈତ୍ର ପୂର୍ଣ୍ଣିମା ଉତ୍ସବ

**ବିଞ୍ଝାରପୁର, ୨।୪(ସମିସ):** କୈବର୍ତ୍ତ ସମାଜରେ ଚୈତ୍ର ପୂର୍ଣ୍ଣିମାକୁ ଏକ ପବିତ୍ର ଦିବସ ଭାବରେ ଅତ୍ୟନ୍ତ ଭକ୍ତିଭାବର ସହ ପାଳନ କରାଯାଇଥାଏ। ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହୋଇ ୮ ଦିନ ବ୍ୟାପୀ ଏହି ଉତ୍ସବ ପ୍ରଥା ଓ ପରମ୍ପରା ଅନୁଯାୟୀ ଜାକଜମକରେ ଅନୁଷ୍ଠିତ ହୋଇଥାଏ। ଚୈତ୍ର ପୂର୍ଣ୍ଣିମା ଅବସରରେ କୈବର୍ତ୍ତ ସମାଜର ପ୍ରତ୍ୟେକ ପରିବାରର ସଦସ୍ୟ ପ୍ରାତଃକାଳରୁ ସ୍ନାନ କରି ନବବସ୍ତ୍ର ପରିଧାନ କରନ୍ତି। ପରେ ନିଜ ନାବପୂଜା ଓ ଇଷ୍ଟଦେବତାଙ୍କ ପୂଜାରେ ସାମିଲ ହୋଇ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରନ୍ତି। ଏହି ପ୍ରଥାକୁ ଅବିଚ୍ଛିନ୍ନ ରଖି ବିଞ୍ଝାରପୁର ବ୍ଲକର ଗୌଡ଼ସାହି ଗ୍ରାମରେ କୈବର୍ତ୍ତ ସମାଜର ଦଳପତି ରାମଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ଗୁରୁବାରଠାରୁ ଚୈତ୍ର ପୂର୍ଣ୍ଣିମା ଉତ୍ସବର ଶୁଭାରମ୍ଭ ହୋଇଛି। ଏହି ଅବସରରେ ପ୍ରତ୍ୟୁଷରୁ କୁଳପୁରୋହିତ ରତ୍ନାକର ମିଶ୍ରଙ୍କ ଦ୍ୱାରା ନାବପୂଜା କରାଯାଇଥିଲା। ପରେ ଇଷ୍ଟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କଳସ ଯାତ୍ରା, ପ୍ରାଣପ୍ରତିଷ୍ଠା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ହୋମଯଜ୍ଞ ଓ ନୈବେଦ୍ୟ ଅର୍ପଣ ଆଦି ବିଧିବିଧାନ ସମ୍ପନ୍ନ ହୋଇଥିଲା। ଉତ୍ସବର ପରବର୍ତ୍ତୀ ଦିନଗୁଡ଼ିକରେ ଭଜନ, ସଂକୀର୍ତ୍ତନ, ଅଷ୍ଟପ୍ରହର ନାମଯଜ୍ଞ, ଘୋଡ଼ା ନାଚ, ଯୋଡ଼ାନାଚ ଓ ଭଜନ ସମାରୋହ ଭଳି ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମୂହ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ ରହିଛି।



## ମା' ହିଙ୍ଗୁଳାଙ୍କ ଯଜ୍ଞ ଆରମ୍ଭ



**କୁଆଖିଆ, ୨।୪(ସମିସ):** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବଇଁଚପଡ଼ିଆରେ ବିରାଜମାନ ହୋଇଥିବା ମା' ହିଙ୍ଗୁଳାଙ୍କ ୬୭ତମ ଯଜ୍ଞ ଉତ୍ସବ ଗୁରୁବାର ପ୍ରତ୍ୟୁଷରୁ ଆରମ୍ଭ ହୋଇଛି। ଏହି ଦିନ ମା' ହିଙ୍ଗୁଳା ଭକ୍ତଙ୍କୁ କାଳୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଯଜ୍ଞୋତ୍ସବ ଅବସରରେ ଗାଁ ଗଣ୍ଡାରେ ନାନା ପ୍ରକାର ପୂଜାବିଧି ପାଳନ କରାଯାଉଛି। ପ୍ରତ୍ୟେକ ଦିନ ବଡ଼ି ଭୋରୁ ଗାଁ ଦାଣ୍ଡ ପୂଜା ଓ ପଣାପାଣିରେ ମହକୁଛି। ପ୍ରତ୍ୟେକ ଘର ଦୁଆରେ ଝିଅବୋହୂମାନେ ଗୋବରରେ ଦାଣ୍ଡକୁ ଧୋଇ, ସୁନ୍ଦର ଚିତାଖୋଟି ଉପରେ ଫୁଲ, ଦୁବ, ବରକୋଳିପତ୍ର, ଗୁଆ, ଚନ୍ଦନ, ଅରୁଆ ଚାଉଳ ଉପରେ ଭୋଗ ନୈବେଦ୍ୟ ଆଦି ପୂଜା କରିବା ପ୍ରଥାକୁ ଅତି ନିଖୁଣ ଭାବରେ ସମାପନ କରୁଛନ୍ତି। ରାତ୍ରି ସମୟରେ ପାକଶାଳା ବନ୍ଦ ରହୁଛି। ସନ୍ଧ୍ୟା ପୂର୍ବରୁ ହାଣ୍ଡିଶାଳରେ ରୋଷେଇ କାର୍ଯ୍ୟ ସମ୍ପନ୍ନ ହେଉଛି। ଯଜ୍ଞ ଉତ୍ସବ ଅବସରରେ ଘରେ ଆମିଷ ଦ୍ରବ୍ୟକୁ ନିଷେଧ କରାଯାଇଛି। ସକାଳ ଓ ସନ୍ଧ୍ୟାରେ ମା'ପୀଠରେ ଭକ୍ତମାନଙ୍କ ଅଜସ୍ର ଭିଡ଼ ଜମୁଥିବାର ପରିଲକ୍ଷିତ ହେଉଛି। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକରୁ ମା'ଙ୍କ ପୀଠକୁ ଭକ୍ତମାନଙ୍କର ଲମ୍ବା ଧାଡ଼ି ଲାଗୁଛି।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ପାଣିକୋଇଲି, ୨।୪(ସମିସ):** ଯାଜପୁର ବ୍ଲକ ବେରୁଦା ଗ୍ରାମ ପଞ୍ଚାୟତ ବେରୁଦା ଗ୍ରାମର ଧ୍ରୁବ ଚରଣ ସ୍ୱାଇଁ ଙ୍କର ପରଲୋକ ହୋଇ ଯାଇଛି। ସେ ଜଣେ ସମାଜସେବୀ, ପରୋପକାରୀ, ବିଭିନ୍ନ ଧର୍ମ ଅନୁଷ୍ଠାନରେ କର୍ମକର୍ତ୍ତା ଭାବରେ ରହି କାର୍ଯ୍ୟ ତୁଲାଇଥିଲେ। ମୃତ୍ୟୁ ବେଳକୁ ତାଂକୁ ୫୮ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମଙ୍ଗଳପୁର ସିଏଚ୍‌ସି ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ

# ଅବଧି ଶେଷର ୨ ବର୍ଷ ପରେ ବି ସରୁନି କାମ

**ମଙ୍ଗଳପୁର, ୨।୪(ସମିସ)**

ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗେଇ ଦେବା ସହ ଭିତ୍ତିଭୂମିର ବିକାଶ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବାବେଳେ କେତେକ ସ୍ଥାନରେ ବେପରୁଆ ବିଭାଗୀୟ ଅଧିକାରୀ ଓ ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କ ପାଇଁ ସରକାରୀ ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବା ଦେଖିବାକୁ ମିଳିଛି। ଏମିତି ଏକ ଘଟଣା ଘଟିଛି ଦଶରଥପୁର ବ୍ଲକ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କ୍ଷେତ୍ରରେ। ୩୦ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ ଦାୟିତ୍ୱ ଏମ୍‌ଏସ୍ ସରୋଜ କନଷ୍ଟ୍ରକସନ ନାମକ ଏକ ଠିକା ସଂସ୍ଥାକୁ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରଟିର ନିର୍ମାଣ କାର୍ଯ୍ୟ ୧୧ମଇର ୨୦୨୨ରୁ ଆରମ୍ଭ ହୋଇ ୧୦ମଇ ୨୦୨୩ରେ ଶେଷ ହେବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିଲା। ଇତି ମଧ୍ୟରେ ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଅବଧି ଶେଷ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। କାର୍ଯ୍ୟସ୍ଥଳକୁ କୌଣସି ବିଭାଗୀୟ ଅଧିକାରୀ ଆସୁନଥିବା ବେଳେ ଠିକାଦାର ଜଣକ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ



ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ, ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଓ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଏବଂ ରାଜକନିକା ବ୍ଲକର ଜନସାଧାରଣ ନିର୍ଭର କରିଥାନ୍ତି। ପ୍ରତିଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାୟ ୪ ଶହରୁ ୫ ଶହ ରୋଗୀ ଆସିଥାନ୍ତି। ଅଭିଯୋଗ ମୁତାବକ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିଜେ କାର୍ଯ୍ୟ ନ କରି ସ୍ଥାନୀୟ ଜଣେ ଠିକାଦାରଙ୍କ ଉପରେ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ କରିଦେଇଥିବାରୁ ଠିକାଦାର ଜଣକ ଅଧିକ ଲାଭଖୋର ନୀତି ଆପଣାଇ ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ କେବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହେବ ସେ ନେଇ ଚିନ୍ତାରେ ଅଞ୍ଚଳବାସୀ। ଘରର ପ୍ଲାଷ୍ଟର କାର୍ଯ୍ୟ ଶେଷ କରିଥିଲେ ମଧ୍ୟ ଅନ୍ୟାନ୍ୟ ବହୁ କାର୍ଯ୍ୟ ବାକି ରହିଛି। ଠିକାଦାର ନିଜର ଇଚ୍ଛା ମୁତାବକ ନିର୍ମାଣ କାର୍ଯ୍ୟ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ତଦାରଖ କରାଯାଉ ନଥିବା ଅଭିଯୋଗ ହୋଇଛି। ସେହିପରି ନିର୍ମାଣାଧୀନ ଘର ଏବେ ଗାଈଗୋରୁଙ୍କ ଆବାସସ୍ଥଳୀ ପାଲଟିଛି। ସ୍ଥାନୀୟ ଅଞ୍ଚଳରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ବେଶ ଗୁରୁତ୍ୱ ବହନ କରୁଥିବାରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ପୂର୍ବ ସରକାର ସମୟରେ ଅର୍ଥ ମଞ୍ଜୁର କରାଇ କାର୍ଯ୍ୟ ଆରମ୍ଭ କରାଇଥିଲେ। ମାତ୍ର ଦୁର୍ନୀତିଗ୍ରସ୍ତ ତଥା ଲାଭଖୋର ଠିକାଦାରଙ୍କ ପାଇଁ ଏବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ କଚ୍ଛପ ଗତିରେ ଚାଲୁଥିବାବେଳେ କେବେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସରିବ ଓ କେବେ ଜନସାଧାରଣ ଏହାର ସୁଫଳ ପାଇବେ ଏହାକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣରେ ଅନିୟମିତତା ହେଉଥିବା ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ଠିକାଦାର ଜଣକ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଥିବା ବଡ଼ଧରଣର ଅନିୟମିତତାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ସାଂସଦ ରବି ନାରାୟଣ ବେହେରା ଓ ବିଜେପିର ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମା ବିରଜାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଏବଂ ପ୍ରାକୃତିକ ଚିକିତ୍ସା ଶିବିର

**ଯାଜପୁର, ୨।୪(ସମିସ):** ସ୍ଥାନୀୟ ନାଥସାହି ମା' ବିରଜା ବିଶ୍ୱଜ୍ୟୋତି ସେବା ସମିତି ପକ୍ଷରୁ ପାଳସିଆହୁଡ଼ାଠାରେ ଜଗତଜନନୀ ମା' ବିରଜାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଅବସରରେ ଏହି ସ୍ଥାନରେ ଏକ ପ୍ରାକୃତିକ ଚିକିତ୍ସା ଶିବିର ଡା. ସୁବାସ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶତାଧିକ ସ୍ଥାନୀୟ ଲୋକେ ପ୍ରାକୃତିକ ଚିକିତ୍ସା କରାଇବା ସହିତ ମା' ବିରଜାଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ସନ୍ଧ୍ୟା ସମୟରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଏବଂ ଅଧ୍ୟାପକ ନିତ୍ୟାନନ୍ଦ ଦେଓ ଉପସ୍ଥିତ ରହି ପ୍ରବଚନ ମାଧ୍ୟମରେ ମା' ବିରଜାଙ୍କ ପ୍ରଚାର ପ୍ରସାର କରିଥିଲେ। ଆସନ୍ତା ଗୁରୁବାର ଚୈତ୍ର ପୂର୍ଣ୍ଣିମା ଦିନ ଏହି ଯଜ୍ଞର ପୂର୍ଣ୍ଣାହୁତି ହେବାକୁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ବେଳେ ବିଶ୍ୱଶାନ୍ତି ବଜାୟ ନିମନ୍ତେ ମା' ବିରଜାଙ୍କ ଶରଣାପନ୍ନ ହୋଇ ସମସ୍ତ ଭକ୍ତ ମା' ବିରଜା ମହିମା ପ୍ରଚାର କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଓଡ଼ିଆ ପକ୍ଷରେ ପାରମ୍ପରିକ ପୋଷାକ ପରିଧାନ କଲେ ସରକାରୀ ଅଧିକାରୀ ଓ କର୍ମଚାରୀ

**ଯାଜପୁର, ୨।୪(ସମିସ):** ଏପ୍ରିଲ ପହିଲାରୁ ୧୪ ତାରିଖ ଯାଏଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଏପ୍ରିଲ ୨ ଏବଂ ୩ ରେ ପାରମ୍ପରିକ ପୋଷାକ ଦିବସ ପାଳନ କରାଯାଉଛି। ଏହାର ଥିମ୍ ରହିଛି 'ଆମ ପୋଷାକ, ଆମ ପରିଚୟ'। ଯାଜପୁରରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଏହାକୁ ଆନ୍ତରିକତାର ସହ ପାଳନ କରାଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀଗଣ ଓ କର୍ମଚାରୀ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ସମ୍ବଲପୁରୀ ବସ୍ତ୍ର, ଶାଢ଼ି, ଖଦି ପୋଷାକ, ବ୍ରହ୍ମପୁରୀ ଇତ୍ୟାଦି ପାରମ୍ପରିକ ହାତବୁଣା ଓଡ଼ିଆ ପୋଷାକ ପରିଧାନ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଫ୍ଲାଗପୋଷ୍ଟ ନିକଟରେ ସମସ୍ତେ ଏକତ୍ରିତ ହୋଇ ଫଟୋ ଉଠାଇଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ପାରମ୍ପରିକ ପୋଷାକ ପରିଧାନ ଯୋଗୁଁ କାର୍ଯ୍ୟାଳୟରେ ଏକ ସାଂସ୍କୃତିକ ପରିବେଶ ସୃଷ୍ଟି ହୋଇଥିଲା। ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଏବଂ କାରିଗରୀକୁ ପ୍ରୋତ୍ସାହନ ଦେବା ସହ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଏହି ଦିବସ ପାଳନ କରାଯାଇଥିଲା।



## ନୀଳାଚଳ ମିଳିତ ମଞ୍ଚର ବାର୍ଷିକ କାର୍ଯ୍ୟନିର୍ବାହୀ ବୈଠକ

# ବିଶ୍ୱଜିତ ରାଜ ସଭାପତି ନିର୍ବାଚିତ

**ଦାନଗଦି, ୨।୪(ସମିସ):** ରାଜ୍ୟ ସରକାରଙ୍କ ଶ୍ରମ କାର୍ଯ୍ୟାଳୟ ଦ୍ୱାରା ପଞ୍ଜିକୃତ ନୀଳାଚଳ ମିଳିତ ମଞ୍ଚ ପକ୍ଷରୁ ପବିତ୍ର ଉତ୍କଳ ଦିବସ ଅବସରରେ ଯାଜପୁର ଜିଲ୍ଲା କଳିଙ୍ଗନଗରସ୍ଥିତ ଡୁବୁରୀ ଠାରେ ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରମିକନେତା ବିଶ୍ୱଜିତ ରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ନୀଳାଚଳ ମିଳିତ ମଞ୍ଚ ଏକମାତ୍ର ସଂଗଠନ ଯେ, କି କାରଖାନାର ଦୁର୍ଦ୍ଦିନ ପରିସ୍ଥିତିରେ କର୍ମଚାରୀଙ୍କ ଜୀବନ ଜୀବିକା ପାଇଁ ଦୀର୍ଘ ଦିନ ଧରି ଲଢ଼େଇ କରି ଅନେକ କଷ୍ଟ ଭୋଗିଥିଲା। ଚିଠି ପତ୍ର ଏବଂ କୋର୍ଟର ଦ୍ୱାରସ୍ଥ ହୋଇ ପ୍ଲାଣ୍ଟ କର୍ମଚାରୀଙ୍କ ଚାକିରି ସୁରକ୍ଷା ଓ ଦୀର୍ଘଦିନ ବାକିଆ ଦରମା ଦାବିରେ ସଫଳ ହୋଇଥିଲା। ସଭା ଆରମ୍ଭରେ କାର୍ଯ୍ୟକାରୀ ସଭାପତି ମିଳିତ ମଞ୍ଚର ସମସ୍ତ କର୍ମକର୍ତ୍ତାଙ୍କ ପରିଚୟ ପ୍ରଦାନ କରି ସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ବିଶ୍ୱଜିତ ରାଜଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଥିଲା। କଳିଙ୍ଗ ନଗରରେ ବିଭିନ୍ନ କାରଖାନା ତଥା ନୀଳାଚଳ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇବା ସହିତ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ବାଲିଚନ୍ଦ୍ରପୁରରେ ଉତ୍କଳ ଦିବସ



**ବାଲିଚନ୍ଦ୍ରପୁର, ୨।୪(ସମିସ):** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁରସ୍ଥିତ ଶାନ୍ତି ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ପବିତ୍ର ଉତ୍କଳ ଦିବସ ଅଧ୍ୟକ୍ଷ ନିରଞ୍ଜନ ମୁଦୁଲିଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବକୁ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ପିବିଏସ୍ ପୃଷ୍ଟି ଯୋଗଦେଇ ଉଦ୍‌ଘାଟନ କରିଥିଲେ। 'ଆମ ଭାଷା ଓ ସଂସ୍କୃତି' ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଆ ଅସ୍ମିତା କେବଳ ଭାଷା ମଧ୍ୟରେ ସୀମିତ ନୁହେଁ, ଏହା ଆମର ପରମ୍ପରା, କଳା, ଭାସ୍କର୍ଯ୍ୟ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ପରିବ୍ୟାପ୍ତ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ଏହାର ଶବ୍ଦକୋଷ ଓ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଇନଷ୍ଟିଚ୍ୟୁସନର ପ୍ରାଣ ପ୍ରତିଷ୍ଠାତା ଗିରୀଶ ପ୍ରତାପ ପରିଡ଼ା ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମକୁ ମ୍ୟାନେଜିଂ କମିଟି ମୁଖ୍ୟ ନଗେନ କୁମାର ବେହୁରା, ଅଧ୍ୟାପକ ଦୀପକ ବେହେରା, ଜ୍ଞାନ ରଞ୍ଜନ ସିଂ, ଅଭିଜିତ ଜେନା, ଅଧ୍ୟାପିକା ଅଲିଭା ଜେନା, ଅଳକା ମହାନ୍ତି, ତୃପ୍ତି ତନୟା ଦାସ, ଗାୟତ୍ରୀ ଜେନା, ଦୀପିକା ଓଝା, ପି.ଏଲ୍ ଦିପ୍ତୀ, ଶ୍ରିଲା ତାରିନ୍ୟା, ପ୍ରତିଭା ସାହୁ, ଜସ୍ମିନ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ

**ଦଶରଥପୁର, ୨।୪(ସମିସ)**

ଦଶରଥପୁର ବ୍ଲକ ବିଭିନ୍ନ ସରକାରୀ ଓ ଘରୋଇ ଅନୁଷ୍ଠାନରେ ୯୧ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କସପା ପଞ୍ଚାୟତ ଅହିୟାସସ୍ଥିତ ପୋଷ୍ଟାଲ ଛକଠାରେ ସ୍ଥାନୀୟ ଉତ୍କଳ ଦିବସ ସମାରୋହ ସମିତି ଆନୁକୂଲ୍ୟରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସମିତିର ସଭାପତି ଦିଗମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସମାଜସେବୀ ଦୀନବନ୍ଧୁ ସାହୁ, ରମେଶ ସାମଲ, ଅଧ୍ୟାପକ ବିଜୟ ଦାସ, ପ୍ରାକ୍ତନ ନ୍ୟାୟାଧୀଶ ଚିନ୍ତାମଣି ପଣ୍ଡା, ଶିକ୍ଷାବିତ କୁଳମଣି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କବି ସରୋଜ ବିଶ୍ୱାଳଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଦଶରଥପୁର ବ୍ଲକ ଅଞ୍ଚଳର ପ୍ରତିଭାଙ୍କୁ ସମିତି ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

**ବଡଚଣା :** ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ପବିତ୍ର ଉତ୍କଳ ଦିବସ ପାଳନ କରାଯାଇଛି। ବାର୍ ଆସୋସିଏସନର ସମ୍ପାଦକ ପ୍ରକାଶ କୁମାର ଦାଶଙ୍କ ଆହ୍ୱାନକ୍ରମେ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ କୋର୍ଟ ପରିସରରେ ପବିତ୍ର ଉତ୍କଳ ଦିବସ ପାଳନ କରାଯାଇଛି। ପ୍ରାରମ୍ଭରେ ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳଗୌରବ ବାରିଷ୍ଟର ମଧୁସୂଦନ ଦାସ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାର୍ ଆସୋସିଏସନ୍ ବରିଷ୍ଠ ସଭ୍ୟ ନଳିନୀକାନ୍ତ ମିଶ୍ର, ନିରଞ୍ଜନ ସାମଲ, ବୀରେନ୍ ବିଶ୍ୱାଳ, ଜ୍ୟୋତି ଶଙ୍କର ମହାପାତ୍ର, ତରୁଣ ବିଶ୍ୱାଳ, ପରମାନନ୍ଦ ସାହୁ, ପ୍ରିୟ ଗୋବିନ୍ଦ ଦାସ, ପୁରୁଷୋତ୍ତମ ନାୟକଙ୍କ ସମେତ ବହୁ ଆଇନଜୀବୀ ଯୋଗଦେଇ ଥିଲେ।



**କୁଆଖିଆ:** ଛୋଟ ମୋର ଗାଁ ଟି' ଅନୁଷ୍ଠାନ ପକ୍ଷରୁ ୯୦ ତମ ଉତ୍କଳ ଦିବସ ଭୋଟକା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଗାନ୍ଧୀବାଦୀ ରାମଚନ୍ଦ୍ର ଶୁକ୍ଳ ଉଦ୍‌ଘାଟନ କରିଥିଲେ। ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ 'ଛୋଟ ମୋର ଗାଁ ଟି'ର ପ୍ରତିଷ୍ଠାତା ସଭ୍ୟ ଦେବବ୍ରତ ରାଉତ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଛୋଟ ମୋର ଗାଁ'ଟିର ସଭାପତି ତଥା ଯୁବ ସଂଗଠକ ଜନ୍ମେଜୟ ସାହୁ, ମୁଖ୍ୟ ବକ୍ତା ଭାବେ ଶ୍ରମିକ ନେତା କମ୍ରେଡ ଆଲୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ କଳିଙ୍ଗନଗର ଅଞ୍ଚଳର ଯୁବ ନେତୃତ୍ୱ ମୃତ୍ୟୁଞ୍ଜୟ ଦେଓ, ସମ୍ମାନିତ ବକ୍ତା ଭାବେ ସାମାଜିକର୍ମୀ ତଥା ସ୍ତମ୍ଭକାର ଦେବୀ ପ୍ରସନ୍ନ ନାୟକ, ଶ୍ରମିକ ସଂଗଠକ ବିଶ୍ୱ ରଞ୍ଜନ ସ୍ୱାଇଁ ଯୋଗଦେଇ ନବ ଉତ୍କଳର ବିଧାଣୀ ମଧୁ ବାରିଷ୍ଟର, ଉତ୍କଳମଣି ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ପାରଳା ଗଜପତି ପ୍ରମୁଖଙ୍କୁ ସ୍ମରଣ କରି କହିଲେ ଯେ ଆମେ ସମସ୍ତେ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ହୋଇପାରିଲେ ଗାଁ ସଶକ୍ତ, ସମୃଦ୍ଧ ହୋଇପାରିବ। ଅନୁଷ୍ଠାନ ପକ୍ଷରୁ ମାନସ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସାମ୍ବାଦିକ ରଞ୍ଜିତ ରାଉତ ଧନ୍ୟବାଦ ଦେଇଥିଲେ।

# ନୂଆଗାଁ ହଷ୍ଟେଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

## ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଅଭିଯୋଗ

କୋରାପୁଟ, ୨।୪ (ସମିସ): ନୂଆଗାଁ ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ସପ୍ତମ ଶ୍ରେଣୀର ଜଣେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି। ପରିବାର ପକ୍ଷରୁ ଶିକ୍ଷା ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଅବହେଳା ଉପରେ ଅଭିଯୋଗ କରିଛନ୍ତି। ମୃତ ଛାତ୍ରୀଙ୍କ ନାମ ସୁବର୍ଣ୍ଣ ଅମନାତ୍ୟ (୧୩): ସେ ବୋରିଗୁମ୍ମା ବ୍ଲକର ବି. ସିଂହପୁର ପଞ୍ଚାୟତ ଅନ୍ତର୍ଗତ ପୋଡ଼ାପଦର ଗ୍ରାମର ବାସିନ୍ଦା। ସେ ନୂଆଗାଁ ଆଶ୍ରମ ଶିକ୍ଷାଳୟରେ ରହି ପାଠ ପଢୁଥିଲେ। ସକାଳ ପ୍ରାୟ ୯ଟା ସମୟରେ ଛାତ୍ରୀଙ୍କ ଅସୁସ୍ଥତା ବିଷୟରେ ପରିବାରକୁ ସୂଚନା ଦିଆଯାଇଥିଲା। ଖବର ପାଇ ଘରଲୋକ ତୁରନ୍ତ ବିଦ୍ୟାଳକୁ ପହଞ୍ଚି ନିଜେ ଗାଡ଼ି ବ୍ୟବସ୍ଥା କରି ଛାତ୍ରୀଙ୍କୁ ବୋରିଗୁମ୍ମା ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ। ପ୍ରଥମ ଚିକିତ୍ସା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଚିକିତ୍ସା ସୁବିଧା ମିଳିନଥିବାରୁ ଏହି ଦୁଃଖଦ ଘଟଣା ଘଟିଛି। ଏହା ସହିତ ଅଭିଯୋଗ ହୋଇଛି ଯେ, ବିଦ୍ୟାଳୟ ପକ୍ଷରୁ ଛାତ୍ରୀଙ୍କୁ ହସ୍ପିଟାଲକୁ ନିଆଯାଇ ନ ଥିଲା। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିଛି। ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ ଦାବି ହେଉଛି। ଅବହେଳା ପ୍ରମାଣିତ ହେଲେ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

# ସେମିଲିଗୁଡ଼ା ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ



ସେମିଲିଗୁଡ଼ା,୨।୪ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ଓକିଲ ସଂଘର ନୂତନ ନିର୍ବାଚିତ ପ୍ରତିନିଧି ମାନଙ୍କ ଶପଥ ଗ୍ରହଣ ଉତ୍ସବ ସଂଘ କାର୍ଯ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ଶପଥ ପାଠ ଉତ୍ସବରେ ନିର୍ବାଚନ ଅଧିକାରୀ ପୀତାମ୍ବର ସାହୁ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ଓକିଲ କୃତିବାସ ରାଉତ, ସୂର୍ଯ୍ୟ ନାରାୟଣ ପଣ୍ଡା, ରାଜେଶ ବେହେରା ନବନିର୍ବାଚିତ ସଭ୍ୟ ମାନଙ୍କୁ ଶପଥ ପାଠ କରାଇଥିଲେ। ନବ ନିର୍ବାଚିତ ସଭାପତି ସନ୍ତୋଷ କୁମାର୍ ଦାସ, ସାଧରଣ ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ଯୁଗ୍ମ ଯୁଗ୍ମ ସମ୍ପାଦକ ଶୁଭମ ଦଳେଇ ଓ କୋଷାଧ୍ୟକ୍ଷ ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ଏହି ଶପଥ ଗ୍ରହଣ ଉତ୍ସବରେ ଅନ୍ୟ ଓକିଲ ମାନେ ଯୋଗ ଦେଇଥିଲେ। ଏହି ଅବସରରେ ସଭାପତି ସନ୍ତୋଷ କୁମାର ଦାସ ଓକିଲ ମାନେ ସୁଖଦୁଃଖରେ ସାମିଲ ହୋଇ ଉନ୍ନୟନ ମୂଳକ କାର୍ଯ୍ୟ ଆଗେଇ ନେବେ ବୋଲି ପ୍ରତିଶୃତି ଦେଇଥିଲେ।

# ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ବୀମା ରାଶି ପ୍ରଦାନ




ମାଲକାନଗିରି, ୨।୪(ସମିସ): ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ତରଫରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟରେ ୧୦ ଲକ୍ଷ ଟଙ୍କାର ବୀମା ରାଶି ଚେକ ଆକାରରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ ଉପସ୍ଥିତ ରହି ସ୍ୱର୍ଗତ ଲୋକନାଥ ସେଠିଙ୍କ ପତ୍ନୀ କସ୍ତୁରୀ ସେଠିଙ୍କୁ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି ସ୍ୱର୍ଗତ ଲୋକନାଥ ସେଠୀ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ପୁଲିସ ସାଲାରୀ ପାକ୍କେଜରେ ଦରମା ଖାତା ଖୋଲିଥିଲେ। ସେଥିପାଇଁ ତାଙ୍କ ମୃତ୍ୟୁ ପରେ ଶ୍ରୀମତୀ ସେଠିଙ୍କୁ ୧୦ ଲକ୍ଷ ଟଙ୍କା ବୀମା ରାଶି ଷ୍ଟେଟ ବ୍ୟାଙ୍କ ତରଫରୁ ପ୍ରଦାନ କରାଯାଇଛି। ବର୍ତ୍ତମାନ ଷ୍ଟେଟ ବ୍ୟାଙ୍କରେ ପୁଲିସ ସାଲାରୀ ପାକ୍କେଜ ଅଧିନରେ ଖାତା ଥିଲେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୧ କୋଟି ୧୦ ଲକ୍ଷ ଏବଂ ସାଧାରଣ ମୃତ୍ୟୁ ପାଇଁ ୧୦ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ କରା ଯାଉଛି ବୋଲି ବ୍ୟାଙ୍କ ପରିଚାଳକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ବିନୋଦ କୁମାର ବିଷୋୟୀ ଏବଂ ସହ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ ଆୟୋଜନ କରିଥିଲେ। କ୍ଷେତ୍ର ଅଧିକାରୀ ସୌମ୍ୟ ରଞ୍ଜନ ବେହେରା ଏବଂ ପୋଲିସ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର ସହ ସମାପନ କରିଥିଲେ।

# ରେଲୱେ ଷ୍ଟେସନରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ମୁନିଗୁଡା,୨।୪(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ରେଲୱେ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ, ଯୁବକ ଜଣଙ୍କ ଭିନ୍ନକ୍ଷମ ଓ ମୁନିଗୁଡା ସହରରେ ଭିକ ମାଗି ଚାଲୁଥିବା ଜଣାପଡ଼ିଛି। ଗତକାଲି ସନ୍ଧ୍ୟା ସମୟରେ ଯୁବକ ଜଣଙ୍କ କୌଣସି ଟ୍ରେନ୍‌ରୁ ଓହ୍ଲାଇ ଷ୍ଟେସନ ପ୍ଲାଟଫର୍ମରେ ବିଶ୍ରାମ କରୁଥିବା ଦେଖାଯାଇଥିଲା। କିନ୍ତୁ ଆଜି ସକାଳେ ସେହି ସ୍ଥାନରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପାଖରୁ କୌଣସି ପରିଚୟ ପତ୍ର କିମ୍ବା କୌଣସି ପରିଚୟ ମିଳିନଥିବାରୁ ତାଙ୍କର ପରିଚୟ ଅଜଣା ରହିଛି। ପ୍ରାଥମିକ ଭାବେ ହୃଦଘାତ ଯୋଗୁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ ପୋଷ୍ଟମର୍ଟମ୍ ରିପୋର୍ଟ ପରେ ପ୍ରକୃତ କାରଣ ଜଣାପଡିବ। ଘଟଣା ସୂଚନା ପାଇ ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

# ଜୟପୁର-ନବରଙ୍ଗପୁର ରେଳ ପ୍ରକଳ୍ପ ଅଧିଗ୍ରହଣ ଜମି ମୂଲ୍ୟାୟନକୁ ବିରୋଧ

ଜୟପୁର,୨।୪ (ସମିସ): କୋରାପୁଟ ଜିଲ୍ଲାରେ ଜୟପୁର-ନବରଙ୍ଗପୁର ନିର୍ମାଣ ହେବାକୁ ଥିବା ରେଲଧାରଣା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମୟରେ ନିର୍ଦ୍ଧାରିତ କମ୍ ମୂଲ୍ୟାୟନକୁ ବିରୋଧ କରି ଗୁରୁବାର ଜମି ହରାଇଥିବା ମାଲିକ ମାନେ ପ୍ରତିବାଦ କରିଛନ୍ତି। ଆଜି ଜୟପୁର ବ୍ଲକ୍‌ର ଝିଲିମିଲିଗୁଡା ସ୍ଥିତ ଧନପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଠାରେ ଆୟୋଜିତ କ୍ଷତିପୂରଣ ବଣ୍ଟନସଭାରେ ପ୍ରବଳ ବିରୋଧ କରାଯାଇଥିଲା। ଜୟପୁର ତହସିଲଦାର ସବ୍ୟସାଚୀ ଜେନାଙ୍କ ଅଧକ୍ଷତାରେ ଆୟୋଜିତ ଟଙ୍କା ବଣ୍ଟନ ବୈଠକରେ ଜୟପୁର-ନବରଙ୍ଗପୁର ରେଲ ଲାଇନ୍ ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲାରେ ପ୍ରାୟ ୩୩୦ ରୁ ୩୩୫ ହେକ୍ଟର ଜମିର ଆବଶ୍ୟକ ହୋଇଛି। ଏଥିରେ ପ୍ରାୟ ୨୪୮ ହେକ୍ଟର ବେସରକାରୀ ଜମି, ୮୧ ହେକ୍ଟର ସରକାରୀ ଜମି ଏବଂ କିଛି ସମ୍ବେଦନଶୀଳ ଜଙ୍ଗଲ ଜମି ରହିଛି। ପଡ଼ୋଶୀ ନବରଙ୍ଗପୁର ଜିଲ୍ଲାରେ ମଧ ପ୍ରାୟ ୧୧୦ ହେକ୍ଟର ଜମି ଆବଶ୍ୟକ ହୋଇଛି। କିନ୍ତୁ ଏହି ରେଳ ଧାରଣା ନିର୍ମାଣ ପ୍ରକଳ୍ପ ପାଇଁ ଉପରୋକ୍ତ ଚାଷଜମି ହରାଇଥିବା ଜମି ମାଲିକ ମାନେ ଅଭିଯୋଗ କରିଛନ୍ତି ଯେ, ପ୍ରଶାସନ ପକ୍ଷରୁ ଜଳସେଚିତ ଚାଷଜମି ପାଇଁ ଏକର ପିଛା ୨ଲକ୍ଷ ୨୦ ହଜାର ଟଙ୍କା ଧାର୍ଯ୍ୟ କରିଛନ୍ତି, କିନ୍ତୁ ବର୍ତ୍ତମାନ ଏହି ଜମିର ବଜାର ମୂଲ୍ୟ ଏକର ପିଛା ୫୦ ଲକ୍ଷ ଟଙ୍କା ରହିଛି। ଏହି ବୈଠକରେ ଜମି ଅଧିଗ୍ରହଣ ହେବାକୁ ଥିବା ଏକମ୍ବା ଗ୍ରାମର ଜମି ମାଲିକ ରାମ ପାଣିଗ୍ରାହୀ କହିଛନ୍ତି, ବର୍ତ୍ତମାନ ବଜାର ମୂଲ୍ୟ ଠାରୁ ଢେର କମ ଦରରେ ଏହି ଜଳସେଚିତ ଜମିର ମୂଲ୍ୟ କେଉଁ ଆଧାରରେ ସରକାର ଓ ପ୍ରଶାସନ ପକ୍ଷରୁ କମ୍ ମୂଲ୍ୟାୟନ କରିଛନ୍ତି ସମସ୍ତ ଜମି ହରାଇବାକୁ ଥିବା ମାଲିକଙ୍କ ଆଶ୍ଚର୍ଯ୍ୟ କରିଛି। ତେଣୁ ସରକାରଙ୍କ ଏହି ନିର୍ଦ୍ଧାରିତ କ୍ଷତିପୂରଣ ଟଙ୍କାକୁ ଆମେ ଗ୍ରହଣ କରିବୁ ନାହିଁ। ଏହି ବୈଠକରେ ଜମି ଅଧିଗ୍ରହଣ ହେବାକୁ ରହିଥିବା ସମସ୍ତ ଚାଷୀ ମାନେ ପ୍ରତିବାଦ କରିବା ସହିତ ବର୍ତ୍ତମାନ ବଜାର ମୂଲ୍ୟ ଅନୁଯାୟୀ ଏକର ପିଛା ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ନିର୍ଦ୍ଧାରଣ କରାଯାଇ ପ୍ରଦାନ କରିବା ଏବଂ ଜମି ହରାଇଥିବା ପରିବାରରୁ ଜଣକୁ ରେଳ ବିଭାଗରେ ଚାକିରି ପ୍ରଦାନ କରିବାକୁ ଦାବି କରିଥିଲେ। ବୈଠକକୁ ଅଧକ୍ଷତା କରୁଥିବା ତହସିଲଦାର ଶ୍ରୀ ଜେନା ପ୍ରତିବାଦ କରୁଥିବା ଜମି ମାଲିକଙ୍କୁ ବୁଝାସୁଝା କରିବା ସହିତ ଜମି ମୂଲ୍ୟାୟନ ଗତ ୨ ବର୍ଷ ପୂର୍ବରୁ ରେଜିଷ୍ଟ୍ରି ତଥ୍ୟ ଆଧାରରେ କରାଯାଇଥିଲା। ଏହି ରାଶି ନେଇ ଅଧିଗ୍ରହଣ ହେବାକୁ ଥିବା ଯେଉଁ ଜମି ମାଲିକ ଅସନ୍ତୁଷ୍ଟ ରହିଥିଲେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଆବେଦନ କରିପାରବେ ବୋଲି କହିଥିଲେ।

# ୭ ତାରିଖରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ସମାବର୍ତ୍ତନ ଉତ୍ସବ

କୋରାପୁଟ,୨।୪(ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ)ର ୩୯ ତମ ସମାବର୍ତ୍ତନ ଉତ୍ସବ ପାଳନ ଉପଲକ୍ଷେ କୋରାପୁଟ ଆଞ୍ଚଳିକ କେନ୍ଦ୍ର ସଭାଗୃହ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଆସନ୍ତା ୭ ତାରିଖରେ କୋରାପୁଟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ସମ୍ମିଳନୀ ଗୃହ ଠାରେ ସମାବର୍ତ୍ତନ ଉତ୍ସବ ଆୟୋଜନ କରାଯିବ ବୋଲି କେନ୍ଦ୍ର ନିର୍ଦ୍ଦେଶକ ଡ. ଲତିକା ମିଶ୍ର ସୂଚନା ଦେଇଛନ୍ତି। ଜାତୀୟସ୍ତରରେ ନୂଆଦିଲ୍ଲୀର ଇଗ୍ନୋ ମୁଖ୍ୟାଳୟରେ ଭାରତର ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ମୁଖ୍ୟ ଅତିଥିଭାବେ ଯୋଗଦେବେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର କୋରାପୁଟ ଠାରେ ଆୟୋଜିତ ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଏହି ବର୍ଷ ପ୍ରାୟ ୨୧୯୦ ଛାତ୍ରଛାତ୍ରୀ ଡିଗ୍ରୀ ପାଇବା ପାଇଁ ଯୋଗ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ସ୍ୱୟଂ ଉପସ୍ଥିତ ହୋଇ ଡିଗ୍ରୀ ଗ୍ରହଣ କରିବାକୁ ସମ୍ମତି ଜଣାଇଛନ୍ତି। ଏହି ୨୧୯୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୭୧ ଜଣ ବ୍ୟାଚେଲର ଡିଗ୍ରୀ, ୯୬୯ ଜଣ ମାଷ୍ଟର୍ସ ଡିଗ୍ରୀ, ୨୧୦ ଜଣ ଡିପ୍ଲୋମା, ୩୦ ଜଣ ପିଜି ଡିପ୍ଲୋମା ଏବଂ ୧୦ଜଣ ସାର୍ଟିଫିକେଟ ପ୍ରୋଗ୍ରାମ ପ୍ରମାଣପତ୍ର ପାଇବେ। ଉଲ୍ଲେଖନୀୟ ଯେ, କୋରାପୁଟ ଆଞ୍ଚଳିକ କେନ୍ଦ୍ର ଶେଷ କିଛି ବର୍ଷରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛି। ବିଶେଷ କରି, ଜାନୁଆରୀ ୨୦୨୫ ଅଧିବେଶନରେ ୨୦,୭୪୬ ଜଣ ଛାତ୍ରଛାତ୍ରୀ ଭର୍ତ୍ତି ହୋଇଥିଲେ, ଯାହା ଇଗ୍ନୋ ପ୍ରତି ଲୋକମାନଙ୍କର ବୃଦ୍ଧିଶୀଳ ଆସ୍ଥାକୁ ପ୍ରକାଶ କରେ ବୋଲି ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସହ ଆଞ୍ଚଳିକ ନିର୍ଦ୍ଦେଶକ ମାଧବ କୁମାର ବିଷୋୟୀ ଉପସ୍ଥିତ ଥିଲେ।

# ଓଡ଼ିଶା ପକ୍ଷ, ପାରମ୍ପରିକ ପୋଷାକ ପରିଧାନ ଦିବସ

ଜୟପୁର,୨।୪(ସମିସ) : ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ପକ୍ଷ ଓ ପାରମ୍ପରିକ ପୋଷାକ ପରିଧାନ ଦିବସ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ ହୋଇଥିଲା। ଏହି ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଓ ବିକ୍ରମ ଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରିଥିଲେ। ଏହି ଉତ୍ସବ ପାଳନରେ ଓଡ଼ିଆ ସଂସ୍କୃତି ଓ ପାରମ୍ପରିକତାକୁ ପ୍ରଚାର ଓ ସୁରକ୍ଷା କରିବା ସହିତ ସମାଜକୁ ଆମ ମୂଳ ସଂସ୍କୃତିକୁ ଅଙ୍ଗୀକାର କରିବାର ଗୁରୁତ୍ୱ ବିଷୟରେ ସଚେତନତା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ତିନିଜଣ ସାମ୍ବାଦିକ ଟି. ଗୌରୀ ଶଙ୍କର , କେ. ଅନିଲ କୁମାର, ଦେବୀ ମହାନ୍ତିଙ୍କୁ ବିଶ୍ୱବିଦ୍ୟାଳୟର କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ତାଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମ ବାଣିଜ୍ୟ ବିଭାଗର ସହକାରୀ ପ୍ରାଧାପକ ସଚିନ କୁମାର ନାୟକଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ଉତ୍ସବରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଦହି ପଣା ବଣ୍ଟନ କରାଯାଇଥିଲା।

# ଉତ୍କଳ ଦିବସରେ ଲୋକ ପ୍ରତିନିଧିଙ୍କୁ ଭୁଲିଗଲେ ପ୍ରଶାସନ

ନନ୍ଦପୁର,୨।୪ (ସମିସ): ରାଜ୍ୟ ସରକାର ଏପ୍ରିଲ ପହିଲାରୁ ସରକାରୀ କାର୍ଯ୍ୟକ୍ରମରେ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି । ଫଳରେ ରାଜ୍ୟର ସମସ୍ତ ବ୍ଲକ୍ ଠାରୁ ପଞ୍ଚାୟତ ସ୍ତରରେ ରକ୍ତ



ଦାନ ପରି ମହାନ୍ କାର୍ଯ୍ୟ କ୍ରମ ଜାରି ରହିଛି। ତେବେ ଓଡ଼ିଶାର ଗୌରବ, ଗର୍ବ ଏକ ଅପ୍ରେଲ ୧ ବା ଉତ୍କଳ ଦିବସ ପାଳନ ନେଇ ବ୍ଲକ ପ୍ରଶାସନଙ୍କ ଆନ୍ତରିକତା ସମସ୍ତଙ୍କୁ ଆଚାର୍ଯ୍ୟ କରିଛି । କିଛି ହାତ ଗଣତି ଅଙ୍ଗନବାଡି କର୍ମୀ, ଛାମୁଆ କଂଗ୍ରେସ ଓ ବିଜେପି ନେତା ସହ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଉତ୍କଳ ଦିବସ ପାଳନ କରାଯିବା ନେଇ ଲୋକେ ଆପତ୍ତି ଉଠାଇଛନ୍ତି। ଏଥିରେ ପ୍ରତିକ୍ରିୟା ରଖି ପ୍ରଶାସନ ସୀମା ଭିତରେ ରୁହନ୍ତୁ ବୋଲି କହିଛନ୍ତି ନନ୍ଦପୁର ବ୍ଲକ୍ ଉପାଧକ୍ଷ ଗୋପାଳ ହନ୍ତାଳ । ସେ କହିଛନ୍ତି ସରକାର କହିଲେ ଜନସାଧାରଣ । ଆଉ ଜନସାଧାରଣଙ୍କ ପ୍ରତିନିଧି ହେଉଛନ୍ତି ନିର୍ବାଚିତ ଲୋକପ୍ରତିନିଧି । ଯେମିତି ଏପରି ଭୁଲ ଆଗକୁ ନ ହେବ ସେ ନେଇ ତାଗିଦ୍ କରିଛନ୍ତି ଉପାଧକ୍ଷ ଶ୍ରୀ ହନ୍ତାଳ। ସେପଟେ ବିଡିଓ ଦୁର୍ଗା ପ୍ରସାଦ କହିଛନ୍ତି, ଆମ ବ୍ଲକ ହ୍ୱାଟ୍ସ ଆପ୍ ଗ୍ରୁପ୍‌ରେ ଚିଠି ପଠାଯାଇଥିଲା। ତ୍ରିସ୍ତରୀୟ ପଞ୍ଚାୟତ ଲୋକ ପ୍ରତିନିଧି, ବିଜେଡି କର୍ମୀ ଦଳୀୟ ପ୍ରତିନିଧି ରହିଥିବା ନନ୍ଦପୁର ଲୋକ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା କୁହା ଯାଉଛି । ସେପଟେ ବରିଷ୍ଠ ବିଜେଡି ନେତା ତଥା ଜିଲ୍ଲା ବୁଜୁ ଜନତା ଦଳ ଉପ ସଭାପତି ଗୋପାଳ କୃଷ୍ଣ ବେବର୍ତ୍ତା କହିଛନ୍ତି, ଅନ୍ୟ କାର୍ଯ୍ୟକ୍ରମ ଭଳି ଉତ୍କଳ ଦିବସ ସମାରୋହରେ ସମସ୍ତ ଜନ ପ୍ରତିନିଧିଙ୍କୁ ଡକାଯିବା କଥା।

# ଜିଲ୍ଲାର ବିକାଶ ମୂଳ ଲକ୍ଷ୍ୟ: ଗୌରୀ ଶଙ୍କର ମାଝୀ

ନବରଙ୍ଗପୁର,୨।୪(ସମିସ): ରାଜ୍ୟ ସରକାର ୩୦ ଜିଲ୍ଲାର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବରେ ୨୬ ଜଣ ବିଧାୟକ ଏବଂ



୪ ଜଣ ମନ୍ତ୍ରୀଙ୍କୁ କରିଥିବା ବେଳେ ନବରଙ୍ଗପୁର ଜିଲ୍ଲାର ଗୌରବ ତଥା ନବରଙ୍ଗପୁର ବିଧାନସଭା ମଣ୍ଡଳୀର ଯୁବ ବିଧାୟକ ଗୌରୀ ଶଙ୍କର ମାଝୀଙ୍କୁ ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିପାଇଁ ନବରଙ୍ଗପୁର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ତାଙ୍କୁ ଶୁଭକାମନା ଜ୍ଞାପନ କରାଯାଇଛି। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ବିକାଶ ତାଙ୍କର ପ୍ରଥମ ଏବଂ ମୂଳ ଲକ୍ଷ୍ୟ। ଏଥିପାଇଁ ଆଗକୁ ଯେତେ ଯାହା ବାଧା ବିଘ୍ନ ଆସିଲେ ବି ଦିନ ରାତି ଏକ କରି ଜିଲ୍ଲାର ସମ୍ପୂର୍ଣ୍ଣ ବିକାଶ ଓ ଉନ୍ନତି କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

ସେମିଲିଗୁଡ଼ା,୨।୪ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ମହାବିଦ୍ୟାଳୟ ରେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଓଡ଼ିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନାର ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ଏବଂ ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସର୍ବପ୍ରଥମେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଗଣ ଏନ୍‌ଏସ୍‌ଏସ୍ କ୍ଲାପ୍ ଦେଇ ଅତିଥି ସମୂହଙ୍କୁ କଲେଜ ପରିସରରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ନିଶଣି ମୁଣ୍ଡା ପାଖରେ ଚଇତି ପର୍ବ ଅବସରରେ ପୂଜା ଅର୍ଚ୍ଚନା କରି ମଞ୍ଚକୁ ନେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ଡ.ଝାନ୍ ସୀ ସିଂହଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ଶ୍ରୀ କୃଷ୍ଣ ସିଂହ, ମୁଖ୍ୟ ବକ୍ତା ଭାବେ ସୁବକ୍ତା ପ୍ରାଧାପକ ଡ. ଅମ୍ବିକା ବଲ୍ଲଭ ବାହିନୀପତି, ସ୍ୱତନ୍ତ୍ର ଅତିଥି ଭାବେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ଆସିଥିବା ଅବସର ପ୍ରାପ୍ତ ପ୍ରଫେସର ଡ. ଉମାକାନ୍ତ ଦାସ ଯୋଗ ଦେଇ ସଭାର ମାନ ବୃଦ୍ଧି କରିଥିଲେ। ଅନ୍ୟତମ ଅତିଥି ଭାବରେ ଡ. ଚିତ୍ତରଞ୍ଜନ ମିଶ୍ର ମଞ୍ଚାସିନ ଥିଲେ। ଏହି ଅବସରରେ ଓଡ଼ିଆ ବିଭାଗର ପ୍ରାକ୍ତନ ଛାତ୍ର ସ୍ୱସ୍ତିକ କୁମାର ବେହେରା, ଇ.ଶୁଭଙ୍କର ସ୍ୱର୍ଣ୍ଣପତି ଉତ୍କଳ ଦିବସ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ। ଏନ୍.ଏସ୍.ଏସ୍ ତରଫରୁ ମହାନଦୀ ଜଳକ୍ରୀଡା ଉତ୍ସବରେ ଯୋଗଦେଇଥିବା ପଦ୍ମନ୍ ହନ୍ତାଳ ଓ ସାନୁ ଖିଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡ.ରମେଶ ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥବା ସ୍ଥଳେ କାର୍ଯ୍ୟକ୍ରମ ଅଧିକାରୀ ସ୍ନିଗ୍ଧା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଡ. ବିଦ୍ୟୁତ୍ ପ୍ରଭା ରାଉତ ପରିଚାଳନା କରିଥିଲେ।

# ମେଗା ପାନୀୟ ଜଳ ପ୍ରକଳ୍ପରେ ନିଯୁକ୍ତି ପାଇଁ ଏସ୍‌ଇଏମ୍ ସଂଘର ଦାବି



ବୈପାରୀଗୁଡ଼ା,୨।୪(ସମିସ): ବୈପାରୀଗୁଡା ଏସଇଏମ ସଂଘ ତରଫରୁ ସ୍ଥାନୀୟ ବିଡିଓ ସୁବ୍ରତ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ଅନୁଯାୟୀ, ବୈପାରୀଗୁଡା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ସୁବିଧାରେ ପାନୀୟ ଜଳ ଯୋଗାଣ ନିମନ୍ତେ ବ୍ଲକରେ ୧୭ଜଣ ଏସଇଏମ କାର୍ଯ୍ୟରତ ଅଛନ୍ତି । ବିଭିନ୍ନ ସମୟରେ ଗାଁ ଗାଁ ରେ ପାନୀୟ ଜଳ ସମସ୍ୟା ବେଳେ ସମାଧାନ ଏବଂ ନଳକୂପ ମରାମତି କରୁଛନ୍ତି। ଏବେ ମେଗା ପାନୀୟ ଜଳ ପ୍ରଜେକ୍ଟ ପାଇଁ ବିଭିନ୍ନ ପଞ୍ଚାୟତରେ ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି କରାଯାଉଛି। କିନ୍ତୁ ବୈପାରୀଗୁଡା ଏସଇଏମ ସଂଘ କର୍ମକର୍ତ୍ତା ମେଗା ପାନୀୟ ଜଳ ପ୍ରୋଜେକ୍ଟ ତରଫରୁ ପ୍ରଶିକ୍ଷଣ ପାଇଥିବା ସତ୍ତ୍ୱେ ସେମାନଙ୍କୁ ମେଗା ପ୍ରଜେକ୍ଟରେ ନିଯୁକ୍ତି ଦିଆଯାଉନାହିଁ। ବୈପାରୀଗୁଡା ଏସଇଏମ କର୍ମକର୍ତ୍ତାଙ୍କୁ ମେଗାରେ ନିଯୁକ୍ତି ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ବୈପାରୀଗୁଡା ଏସଇଏମ ସଂଘ ସଭାପତି ସତ୍ୟପ୍ରିୟ ମଲିକଙ୍କ ସମତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ପଠାନଗୁଡ଼ା ବସ୍‌ଷ୍ଟାଣ୍ଡ



ନନ୍ଦାହାଣ୍ଡି,୨।୪(ସମିସ): ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ପଞ୍ଚାୟତ ତଥା ଇନ୍ଦ୍ରାବତୀ-ନବରଙ୍ଗପୁର ମୁଖ୍ୟ ରାସ୍ତାର ପଠାନଗୁଡା ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପଠାନଗୁଡା ଏକ ମୁଖ୍ୟ ଛକ ପାଲଟିଥିବା ବେଳେ ମେଣ୍ଟ୍ରି, ପଠାନଗୁଡା, ପଥରଲସା, ଆଦି ଗ୍ରାମର ଯାତ୍ରୀ ଏଠାରେ ବସ୍‌କୁ ଅପେକ୍ଷା କରନ୍ତି। ଦୁଃଖର ବିଷୟ ଯାତ୍ରୀଙ୍କ ପାଇଁ ଏଯାବତ୍ ଯାତ୍ରୀ ବିଶ୍ରାମଗାର କିମ୍ବା ବସ ଷ୍ଟପେଜ୍ ପାଇଁ କୌଣସି ବ୍ୟବସ୍ଥା ହୋଇନି। ଦୀର୍ଘ ୩୦ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିବା ଯାତ୍ରୀ ବିଶ୍ରାମଗାର ଭାଙ୍ଗି ରୁଜି ଯାଇଛି। ଫଳରେ ଖରା ବର୍ଷାରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ସେଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ଯାତ୍ରୀ ବିଶ୍ରାମଗାରରେ ଆଶ୍ରୟ ନେଉଛନ୍ତି। ଗତ ସରକାର ଅମଳରେ ବିଭିନ୍ନ ଛକ କିମ୍ବା ବସ୍ ରହଣି ସ୍ଥାନରେ ସୁନ୍ଦର ଭାବରେ ବସ ଷ୍ଟୋପେଜ ନିର୍ମାଣ ହୋଇଛି। ଏଥିସହ ପାନୀୟ ଜଳ ଓ ଶୌଚାଳୟର ମଧ୍ୟ ସୁବିଧା ରହିଛି। କିନ୍ତୁ ପ୍ରମୁଖ ପଠାନଗୁଡା ଛକରେ ସେଭଳି କୌଣସି ବ୍ୟବସ୍ଥା ହୋଇନି। ଏଣୁ ପଠାନଗୁଡା ପ୍ରମୁଖ ଛକରେ ଯାତ୍ରୀ ବିଶ୍ରାମଗାର ସାଙ୍ଗକୁ ପାନୀୟଜଳ ସୁବିଧା ଓ ଶୌଚାଳୟ ବ୍ୟବସ୍ଥା ହେଲେ ଶତାଧିକ ଯାତ୍ରୀ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି।

# ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ



ଖଇରପୁଟ, ୨।୪(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଡାରଉଇନ୍ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସ୍ତରୀୟ ଏନ୍ ଏସ୍ ଏସ୍ ଜନଜାତି ସ୍ୱେଚ୍ଛାସେବୀ ସଶକ୍ତିକରଣର ତିନିଦିନିଆ ଶିବିର ଉଦଘାଟିତ ହୋଇଯାଇଛି। ଶିବିରଟି ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ଆଜି ଠାରୁ ଆରମ୍ଭ ହୋଇ ଆସନ୍ତା ତିନି ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଆଜିର ଉଦଘାଟନୀ କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ସଭାପତି ତଥା ଉପ ଜିଲ୍ଲାପାଳ ଦୁର୍ଯୋଧନ ଭୋଇ ସଭାପତିତ୍ୱ କରିଥିଲେ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ମଣ୍ଡଳୀ ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ପିତା ମହାନ୍ତି, କୁଡୁମୁଲୁଗୁମ୍ମା ତହସିଲଦାର କ୍ରିଷ୍ଣଚନ୍ଦ୍ର ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ମାଣ୍ଡାଙ୍ଗି, ଯୁକ୍ତତିନି ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ପ୍ରଧାନ ଓ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଗୌରୀ ଶଙ୍କର ବେହେରା ଓ ମୁଖ୍ୟ ବକ୍ତା ତଥା ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରୋଗ୍ରାମ ସଂଯୋଜକ ଡଃ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଧିକାରୀ ବିଶ୍ୱଜିତ ମହାନ୍ତି ପରିଚାଳନା କରିଥିଲେ। ଶେଷରେ ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱଜିତ ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧ ବାର୍ଷିକୀ

# ୨୨ଟି ଗାଁ ସ୍ଥାପନରେ ଗ୍ରହଣ କରିଥିଲେ ପ୍ରମୁଖ ଭୂମିକା



ପଡିଆ, ୨।୪(ସମିସ): ପଡିଆ ବ୍ଲକ ସଦର ମହକୁମାରେ ଆଜି ପୂର୍ବତନ ବିଧାୟକ ନାକି କାନାୟାଙ୍କ ୩୪ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ମାଲକାନଗିରି ଜିଲ୍ଲାର ଆଦିବାସୀ ନେତା ଭାବେ ଏକଦା ପରିଚିତ ତଥା ପଡିଆ ଭଳି ଏକ ଦୁର୍ଗମ ଅଞ୍ଚଳରୁ ବିଧାନସଭାକୁ ପ୍ରଥମ କରି ଯାଇଥିବା ନାକା କାନାୟାଙ୍କ ଶ୍ରାଦ୍ଧ ଦିବସକୁ ଆଜି ଜିଲ୍ଲା ଓ ବ୍ଲକର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ପାଳନ କରାଯାଇଛି। ଏଥିପାଇଁ ପଡିଆ ବ୍ଲକ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ସ୍ୱର୍ଗତ ନାକା କାନାୟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ମୃତିଚାରଣ କରିଛନ୍ତି। ନାକା କାନାୟା ବିଧାୟକ ଥିବା ବେଳେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ୨୨ ଟି ଗ୍ରାମ ସ୍ଥାପନରେ ସହଯୋଗ କରିଥିଲେ। ଏଥିସହ ଜିଲ୍ଲାର ବିକାଶରେ ତାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜିଲ୍ଲାବ୍ୟାପୀ ଶ୍ରୀ କାନାୟାଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯିବା ନେଇ ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାର ପୂର୍ବତନ ବିଧାୟକ ମାନସ ମାଡକାମି, ପଡିଆ ବ୍ଲକ ଅଧକ୍ଷା ଦେବେ ମାଡି, ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀ, ସମାଜସେବୀ ଏନ୍ ରାଘବ ରାଓ, ପଡିଆ ସରପଞ୍ଚ ଗଙ୍ଗା କାରାମ, ବାପନପଲ୍ଲୀ ସରପଞ୍ଚ ମେଧା ବଗାମ, ପଡିଆ ଲ୍ୟାମ୍ପ ଏମଡି ଏସ୍ ରାଜେନ୍ଦ୍ର ପ୍ରସାଦ, କଲେଜ ଅଧକ୍ଷ ପରମାନନ୍ଦ ମହାପାତ୍ର, ସତ୍ୟନାରାୟଣ ମାଝୀ, ଚୀନାମ ଏଙ୍ଗଲାୟା ଓ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ନାକା କାନାୟାଙ୍କ ସମୟରେ ପଡିଆ ଅଞ୍ଚଳର ହୋଇଥିବା ବିକାଶ ଓ ଆଦିବାସୀଙ୍କ ବିକାଶ ପାଇଁ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଗତ ନାକା କାନାୟାଙ୍କ ବଡ ପୁଅ ନାକା ନୁକାଲ ରାଜୁ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ନାକା ବିଟେମୋମା, ନାକା ଉମାଦେବୀ, ନାକା ନାହାମ, ନାକା ଅଶୋକ, ନାକା ନବୀନ, ନାକା ଶିବା ଓ ନାକା ଦୀପକ କୁମାର ସମେତ ପରିବାର ଲୋକେ ଉପସ୍ଥିତ ଥିଲେ।

## କେବେ ସରିବ ବାରିପଦାରେ ପାନୀୟ ଜଳ କଷ୍ଟ

# ୧୩ ବର୍ଷ ପରେ ମଧ୍ୟ ଅସମାପ୍ତ ଜମ୍ବୀରା ପ୍ରକଳ୍ପ

ବାରିପଦା, ୨।୪(ସମିସ)




ବିଶୁଦ୍ଧ ପାନୀୟ ଜଳ ସ୍ୱାଭାବିକ ହୋଇପାରୁ ନ ଥିବାରୁ ବାରିପଦା ମ୍ୟୁନିସିପାଲିଟିର ୨୮ଟି ୱାର୍ଡର ବାସିନ୍ଦା କଷ୍ଟ ଭୋଗୁଛନ୍ତି। ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ହର ଘର ନଳ ଯୋଜନା ଓ ୨୪ ଘଣ୍ଟା ପାନୀୟ ଯୋଗାଣ ମିଳିବା ଘୁଞ୍ଚି ଘୁଞ୍ଚି ଚାଲିଛି। ୬ ମାସରେ ଶେଷ ହେବାକୁ ଥିବା ଜମ୍ବୀରା ମେଗା ପାନୀୟଜଳ ପ୍ରକଳ୍ପ ଏବେ ୧୩ ବର୍ଷ ପରେ ମଧ୍ୟ ଅସମାପ୍ତ ରହିଛି। ପ୍ରକଳ୍ପ ଖର୍ଚ୍ଚ ୫୩ କୋଟିରୁ ୧୫୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତଥାପି ସହରବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ମିଳୁନାହିଁ।

୨୦୧୩ ଡିସେମ୍ବର ୧୨ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛଉ ପଡ଼ିଆରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୨୦୦୯ରେ ସୁବର୍ଣ୍ଣରେଖା ସେଚନ ପ୍ରକଳ୍ପ ଅନ୍ତର୍ଗତ ଜମ୍ବୀରା ଡ୍ୟାମରୁ ପ୍ରାୟ ୨୦ କିଲୋମିଟର ଦୂରରୁ ପାଣି ଆଣିବା ଯୋଜନା କରାଯାଇଥିଲା। କିନ୍ତୁ ସରକାରୀ ଉଦ୍ୟମ ଅଭାବରୁ କାର୍ଯ୍ୟ ବିଳମ୍ବିତ ହୋଇଛି। ଭୂମି ଅଧିଗ୍ରହଣ, ପ୍ରଭାବିତ ପରିବାରଙ୍କ ପୁନର୍ବାସ ଓ ଅର୍ଥ ବଣ୍ଟନରେ ଅନିୟମିତତା ଯୋଗୁଁ ବାରମ୍ବାର ବିଳମ୍ବ ଘଟିଛି। ବର୍ତ୍ତମାନ ପାଇପଲାଇନ୍ ସମଗ୍ର ସହରରେ ପଡ଼ିଛି, କିନ୍ତୁ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇନାହିଁ। ଫେବୃଆରୀ ମାସରୁ ଗ୍ରୀଷ୍ମ ଆରମ୍ଭ ହୋଇଥିବାବେଳେ ଏପ୍ରିଲ ଆରମ୍ଭ ବେଳକୁ କୂଅ ଓ ନଳକୂପ ଜଳ ସ୍ତର କ୍ରମଶଃ କମିଯାଉଛି। ଅଧିକାଂଶ ୱାର୍ଡରେ ପାନୀୟ ଜଳ ସଙ୍କଟ ତୀବ୍ର ହୋଇଛି। ୱାଟ୍‌କୋ ଅଧିକାରୀଙ୍କ କହିବାନୁସାରେ, ଜମ୍ବୀରା ଡ୍ୟାମରୁ ପାଣି ଆଣି ମୁର୍ଗାବାଡ଼ିରେ ନିର୍ମାଣ ହେଉଥିବା ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପଠାଯିବ। ହାଇଦ୍ରାବାଦ୍ କମ୍ପାନୀକୁ ୮୧ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚରେ ଏହି କାର୍ଯ୍ୟ ଦିଆଯାଇଛି। ଜଳ ଜୀବନ ମିଶନ୍ ଅନ୍ତର୍ଗତ ହର ଘର ନଳ ଯୋଜନା ଅଧୀନରେ ଜୟପୁର କମ୍ପାନୀକୁ ୭୭ କୋଟି ଟଙ୍କାର କାର୍ଯ୍ୟ ଦିଆଯାଇଛି।

**ପ୍ରକଳ୍ପ ଖର୍ଚ୍ଚ ୫୩ କୋଟିରୁ ୧୫୮ କୋଟି ଟଙ୍କାକୁ ବୃଦ୍ଧି**

ଏଥିରେ ୧୨ଟି ବଡ଼ ପାନୀୟଜଳ ଟ୍ୟାଙ୍କ୍ ନିର୍ମାଣ ଓ ପ୍ରତ୍ୟେକ ଘରକୁ ନଳ ଯୋଗାଣ ହେବ। ସହରକୁ ୧୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି। ପ୍ରକଳ୍ପ ପରିପୂର୍ଣ୍ଣ ହେଲେ ୨୫ ଏମ୍‌ଏଲ୍‌ଡି (୨୫ ମିଲିୟନ୍ ଲିଟର ପ୍ରତିଦିନ) ପାନୀୟ ଜଳ ଯୋଗାଣ ହେବ, ଯାହା ପରେ ୩୫ ଏମ୍‌ଏଲ୍‌ଡି ହେବ। ଡିପ୍ ବୋର୍‌ୱେଲ୍, ପମ୍ପ ହାଉସ୍, ଇଲେକ୍ଟ୍ରିକାଲ୍ କନେକ୍ସନ୍, ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ପାଇପଲାଇନ୍ ଅଧିକାଂଶ କାର୍ଯ୍ୟ ସମାପ୍ତ ହୋଇସାରିଛି। ବାରିପଦା ୱାଟ୍‌କୋ ଜେନେରାଲ୍ ମ୍ୟାନେଜର ଗୁଲସନ୍ ସାହୁ କହିଛନ୍ତି, ବାରିପଦା ମ୍ୟୁନିସିପାଲିଟିର ଜଳ ସଙ୍କଟ ଦୂର କରିବାକୁ ୧୪ଟି ଜୋନ୍ ଗଠନ କରାଯାଇଛି। ୩ଟି ଓଭର ହେଡ୍ ଟାଙ୍କିରୁ ବର୍ତ୍ତମାନ ଉପଭୋକ୍ତାଙ୍କୁ ପାନୀୟ ଜଳ ଯୋଗାଉଛି ଏବଂ ଆଉ ୩ଟି ଟ୍ରାୟାଲ୍ ରନ୍ ପର୍ଯ୍ୟାୟରେ ଅଛି। ମେଗା ପ୍ରକଳ୍ପ ମାର୍ଚ୍ଚ ୨୦୨୬ ସୁଦ୍ଧା ପୂର୍ଣ୍ଣ ରୂପେ ଚାଲୁ ହେବ। ଏହାର କ୍ଷମତା ୨୫ ଏମ୍‌ଏଲ୍‌ଡି ଏବଂ ୨୮ଟି ୱାର୍ଡରେ ଉପଭୋକ୍ତାଙ୍କୁ ପାନୀୟ ଜଳ ଯୋଗାଇବାକୁ ୧୯ ଏମ୍‌ଏଲ୍‌ଡି ଆବଶ୍ୟକ। ପ୍ରକଳ୍ପ ସମାପ୍ତ ହେଲେ ବାରିପଦା ମ୍ୟୁନିସିପାଲିଟି ଓ ଆଖପାଖ ଅଞ୍ଚଳର ପ୍ରାୟ ୧.୭୫ ଲକ୍ଷ ବାସିନ୍ଦା ଉପକୃତ ହେବେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପିଇବା ପାଣି ପାଇଁ ସହରବାସୀଙ୍କ ଦୈନନ୍ଦିନ ସଂଘର୍ଷ ଜାରି ରହିଛି।

## ବାଲି ବୋଝେଇ ହାଇୱା ଜବତ




**ମହୁଲଡିହା, ୨।୪(ସମିସ):** ଠାକୁରମୁଣ୍ଡା ବ୍ଲକ ଆନନ୍ଦପୁର-ଠାକୁରମୁଣ୍ଡା ୫୩ ନମ୍ବର ରାଜ୍ୟ ରାଜପଥରେ ଆନନ୍ଦପୁର ଆଡୁ ଚୋରାରେ ବାଲି ବୋଝେଇ କରି ଆସୁଥିବା ଗୋଟିଏ ହାଇୱାକୁ ଘୁଲୁଘୁଲିଆ ନିକଟରୁ ମହୁଲଡିହା ପୁଲିସ ଜବତ କରି ଥାନାରେ ଅଟକ ରଖିଛି। ଏହି ରାସ୍ତାରେ ପୂର୍ବରୁ ମହୁଲଡିହା ଓ ଠାକୁରମୁଣ୍ଡା ଥାନା ପୁଲିସ ସହିତ ଖଣି ବିଭାଗ ବହୁତ ଚୋରା ବାଲି ବୋଝେଇ ଗାଡ଼ି ଜବତ କରିଛି। ଆଜି ସକାଳେ ଥାନା ପୁଲିସ ସାତକୋଶିଆରୁ ପାଟ୍ରୋଲିଂ ସାରି ଫେରୁଥିବା ସମୟରେ ବାଲି ଗାଡ଼ିର କାଗଜ ପତ୍ର ଯାଞ୍ଚ କରିଥିଲେ। କାଗଜ ପତ୍ର ଠିକ ନ ଥିବାରୁ ଏକ କେଶ ରୁଜୁ କରି ତଦନ୍ତ ଆରମ୍ଭ କରିଛି ମହୁଲଡିହା ପୁଲିସ।

## ହରିଣ ମାଂସ ଜବତ; ଶିକାରୀ ଗିରଫ



**ଠାକୁରମୁଣ୍ଡା/ମହୁଲଡିହା, ୨।୪(ସମିସ):** ଠାକୁରମୁଣ୍ଡା ରେଞ୍ଜ କେନ୍ଦୁମୁଣ୍ଡି ଫରେଷ୍ଟ ବିଟ ଅନ୍ତର୍ଗତ ବିସିପୁର ଗ୍ରାମ କଦଳୀବାଡ଼ି ଗ୍ରାମରୁ ଗତ ବୁଧବାର ଦିନ ଠାକୁରମୁଣ୍ଡା ବନ ବିଭାଗ ଚଢ଼ଉ କରି ରୋଷେଇ ହୋଇଥିବା ୮୦୫ ଗ୍ରାମ ଓଜନର ହରିଣ ମାଂସକୁ ଜବତ କରିଛି। ହରିଣ ଶିକାରରେ ଜଡିତ ଜଣେ ବ୍ୟକ୍ତିଙ୍କୁ ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଶିକାରୀ ଜଣକ ସେହି ଗ୍ରାମର ସୁରେଶ ଚନ୍ଦ୍ର ସର୍ଦାର ବୋଲି ଜଣାପଡ଼ିଛି। ତାଙ୍କ ନିକଟରୁ ରନ୍ଧା ମାଂସ ସହିତ ଶିକାର ନିମନ୍ତେ ବ୍ୟବହୃତ ତୀର ଓ ଛୁରୀ ସହ ମାଂସ ରୋଷେଇ ସାମଗ୍ରୀ ଜବତ କରିଛି ବନ ବିଭାଗ।

## ଗାଡ଼ି ଜବତ, ୬ ଗୋରୁ ଉଦ୍ଧାର

**କପ୍ତିପଦା, ୨।୪(ସମିସ):** କପ୍ତିପଦା ପୁଲିସ୍ ଆଜି ଚଢଉ କରି ଏକ ଗୋରୁ ବୋଝେଇ ଗାଡ଼ିକୁ ଜବତ କରି ୬ ଗୋରୁ ଉଦ୍ଧାର କରିଛି। କୌଣସି ସୂତ୍ରରୁ ଖବର ପାଇ କପ୍ତିପଦା ଏସଆଇ ଶଶୀକାନ୍ତ ଜେନା ସଦଳବଳେ ନୁଦଡିହା ଫାଣ୍ଡି ଅଧୀନ ପଡ଼ାଜିହା ନିକଟରେ ଗୋରୁ ବୋଝେଇ ହୋଇଆସୁଥିବା ଏକ ପିକଅପ ଭ୍ୟାନକୁ ଅଟକାଇଥିଲେ। ଗାଡ଼ି ରଖିଦେଇ ଡ୍ରାଇଭର ଫେରାର ହୋଇଯାଇଥିଲା। ଉକ୍ତ ଗାଡ଼ିକୁ ଜବତ କରି ଥାନାକୁ ଆଣିବା ସହିତ ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ। ଏ ନେଇ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହିତ ଉଦ୍ଧାର ଗୋରୁଙ୍କୁ ବାଲେଶ୍ୱର ଗୋଶାଳାକୁ ପଠାଯିବ ବୋଲି କୁହାଯାଇଛି।

## ଅବସରପ୍ରାପ୍ତ ଖେଳ ଶିକ୍ଷକ ଗୁରୁଚରଣ ମହାନ୍ତଙ୍କ ପରଲୋକ



**ମହୁଲଡିହା/ଠାକୁରମୁଣ୍ଡା, ୨।୪(ସମିସ):** ଠାକୁରମୁଣ୍ଡା ହାଇସ୍କୁଲରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିବା ଗୁରୁଚରଣ ମହାନ୍ତଙ୍କ ୭୯ ବର୍ଷ ବୟସରେ ପରଲୋକ ଘଟିଛି। ସେ ଠାକୁରମୁଣ୍ଡା ହାଇସ୍କୁଲରେ କ୍ରୀଡ଼ା ଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ସେହି ସ୍କୁଲରେ ହିଁ ସେ ଅବସର ଗ୍ରହଣ କରିଥିଲେ। ଆଜି ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବେଳକୁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଗଜପତି ଜିଲ୍ଲାରେ ଶିକ୍ଷକତା କରୁଥିବା ଏକମାତ୍ର ପୁଅ, ବୋହୂ, ନାତିନାତୁଣୀ ଉପସ୍ଥିତ ଥିଲେ। ଖବର ପାଇ ବହୁ ପୁରାତନ ଛାତ୍ର, ସାଧାରଣ ଲୋକ ତାଙ୍କ ଘରକୁ ଯାଇ ଶେଷ ଦର୍ଶନ କରିଥିଲେ। ଠାକୁରମୁଣ୍ଡା ତଥା ଆଖପାଖ ଅଞ୍ଚଳରେ ଖେଳ ଶିକ୍ଷକଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ ପାଇଛି। ୨୦୨୫ରେ ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ପାଳନ ସମୟରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନବନିର୍ବାଚିତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**କୁଆମରା, ୨।୪(ସମିସ):** ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର କାର୍ଯ୍ୟରତ ଶିକ୍ଷକ ସଂଘ ପକ୍ଷରୁ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଗୋପବନ୍ଧୁନଗର ବ୍ଲକ ମାର୍ଶି ଗାଁ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶ୍ୱନୀ କୁମାର ବେହେରା ସହସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଏ ଅବସରରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ଶିକ୍ଷକ ଯୋଗଦେଇ ନିର୍ବାଚିତ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ଶ୍ରୀ ବେହେରା କହିଛନ୍ତି।

## ଶଶିଶେଖର ବ୍ଲକସ୍ତରୀୟ ଆତ୍ମା କମିଟି ଅଧ୍ୟକ୍ଷ



**ବଡ଼ସାହି, ୨।୪(ସମିସ):** ବଡ଼ସାହି ବ୍ଲକ ଆତ୍ମା କମିଟି ଚେୟାରମ୍ୟାନ ଭାବେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଶଶିଶେଖର ପଣ୍ଡା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଏହି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ସେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କପତ୍ର ଦାଖଲ କରିଥିଲେ। ବିଭିନ୍ନ ଲାଇନ ଡିପାର୍ଟମେଣ୍ଟରୁ ଆସିଥିବା ସମସ୍ତ ଚାଷୀ ତାଙ୍କୁ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ଦଶରଥ ସିଂ, ବ୍ଲକ କୃଷି ଅଧିକାରୀ, ବ୍ଲକ ଅଧ୍ୟକ୍ଷା ମିନତୀ ସିଂ, ସହକାରୀ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଓ ବ୍ଲକ ଭେଟନାରୀ ଅଫିସର ଉପସ୍ଥିତ ଥିଲେ। ପରେ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କୁ ସମ୍ବର୍ଦ୍ଧିତ

## ସମାଜଧର୍ମୀ ନାଟକ 'ସେମାନେ ବି ମଣିଷ' ମଞ୍ଚସ୍ଥ



**ବାରିପଦା, ୨।୪(ସମିସ):** ସ୍ଥାନୀୟ ସହିଦ ସ୍ମୃତି ଭବନରେ ଉଜ୍ଜୟିନୀ ନାଟ୍ୟଶାଳା ଆନୁକୂଲ୍ୟରେ ନାଟକ 'ସେମାନେ ବି ମଣିଷ' ମଞ୍ଚସ୍ଥ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ନାଟ୍ୟ ସଂଘର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଜ୍ଞାନରଞ୍ଜନ ପଣ୍ଡା, ନାଟ୍ୟକାର ସୋମନାଥ ସାହୁ, ନାଟ୍ୟକାର ଓ ନିର୍ଦ୍ଦେଶକ ଆଶିଷ କୁମାର ବସା, ଅଭିନେତା ଓ ନିର୍ଦ୍ଦେଶକ ଗୋକୁଳ ଚନ୍ଦ୍ର ଦାସ, ଅଭିନେତା ଓ ଶିକ୍ଷାବିତ ଶିବନାରାୟଣ ମିଶ୍ର ଓ ନାଟ୍ୟପ୍ରେମୀ ଅସିତ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ତାପସ ପାଢ଼ୀ, କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ବସା, କୋଷାଧ୍ୟକ୍ଷ ସରୋଜ ଶତପଥି ଉପସ୍ଥିତ ଥିଲେ। ମହେଶ କୁମାର ସାହୁଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକରେ ରବୀନ୍ଦ୍ର ନାଥ ସିଂ, ଜ୍ଞାନେନ୍ଦ୍ର, ଅଭିଜିତ, ମିଲନ, ହିମାଂଶୁ, ପିୟୁଷ, ଦିଶା, କାକୋଳି, ରାଜନନ୍ଦିନୀ, ସ୍ରିଷ୍ଟି ପ୍ରମୁଖ ଅଭିନୟ କରିଥିବାବେଳେ ସହନିର୍ଦ୍ଦେଶନାରେ ଧନଞ୍ଜୟ ସାହୁ, ଆଲୋକରେ ଅଙ୍କେତ ଦାସ ଓ ମଞ୍ଚସଜ୍ଜାରେ ନରସିଂହ ବାରିକ ସହଯୋଗ କରିଥିଲେ। ମହାଭାରତର ଶ୍ରୀଖଣ୍ଡୀଠାରୁ ଆଜିର ସମାଜରେ ଜଣେ କିନ୍ନର ନିଜର ପରିଚୟ ପାଇଁ କିପରି ସଂଘର୍ଷ କରିଚାଲିଛି ତାହାରି ଉପରେ ପର୍ଯ୍ୟବେକ୍ଷିତ ନାଟକରେ କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କ ହୃଦୟକୁ ଆନ୍ଦୋଳିତ କରିଥିଲା।

## ବାରିପଦାରେ ନଗରପାଳଙ୍କ ଘରୁ ଜନଗଣନା ଆରମ୍ଭ



**ବାରିପଦା, ୨।୪(ସମିସ):** ଦେଶବ୍ୟାପୀ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ବାରିପଦା ପୌରପାଳିକାରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଘରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜନଗଣନା ଅଧିକାରୀ ବାରିପଦା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୪ ଲାଲ ବଜାରସ୍ଥ ନଗରପାଳଙ୍କ ବାସଭବନକୁ ଯାଇ ତଥ୍ୟ ସଂଗ୍ରହ କରିଥିଲେ। ଜନଗଣନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଅନଲାଇନ ଅପ୍‌ଲୋଡ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସେ ବାରିପଦା ପୌରପାଳିକାର ନଗରପାଳ ଭାବେ ପ୍ରଥମ ନାଗରିକ ହୋଇଥିବାରୁ ଜନଗଣନା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଏ ଅବସରରେ ଜନଗଣନା ଅଧିକାରୀ ଡିଜିଟାଲ ଗୃହ ଟେଗିଂ କାର୍ଯ୍ୟକ୍ରମରେ ନଗରପାଳ ସହଯୋଗ କରିଥିଲେ। ସମସ୍ତ ବାରିପଦାବାସୀଙ୍କୁ ଜନଗଣନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପୂର୍ବକ ସଠିକ୍ ତଥ୍ୟ ପ୍ରଦାନ କରିବାକୁ ନଗରପାଳ ଶ୍ରୀ ମହାନ୍ତି ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜନଗଣନା ଅଧିକାରୀ ଓ ପୌର କର୍ମଚାରୀ ପ୍ରମୁଖ ସାମିଲ ଥିଲେ।

## ଜିଲ୍ଲାସ୍ତରୀୟ ଶ୍ରୀମା ଅରବିନ୍ଦ ମହିଳା ପାଠଚକ୍ର

**ବଡ଼ସାହି, ୨।୪(ସମିସ):** ବଡସାହି ବ୍ଲକ ଅଧୀନ ବଳଭଦ୍ରପୁର ପଞ୍ଚାୟତର ସିଂହଟିଆସ୍ଥ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃଜ୍ୟୋତି ପୀଠ ପରିସରରେ ୩୪ତମ ଜିଲ୍ଲାସ୍ତରୀୟ ଶ୍ରୀମା ଅରବିନ୍ଦ ମହିଳା ପାଠଚକ୍ର ଓ ଶିକ୍ଷାକେନ୍ଦ୍ରର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଗୟାଧର ଘୋଷ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ସମ୍ପାଦକ ଆଦିକନ୍ଦ ଦଣ୍ଡପାଟ, ମହିଳା ପାଠଚକ୍ରର ସଭ୍ୟା ଜୟନ୍ତୀ ସର୍ଦ୍ଦାର, ସଂଯୁକ୍ତା ଅପା, ସୁଷମା ଅପା, ଗଣେଶ ଭାଇ ଓ ଶଶୀକାନ୍ତ ଭୋଇ ପ୍ରମୁଖ ଯୋଗଦେଇ ଏହି ପାଠଚକ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବହୁ ଉପାଦେୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ଡାକ୍ତର କିଶୋର ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ ଓ ଅଧ୍ୟକ୍ଷ ଶ୍ରୀ ଘୋଷ ଯୋଗଦେଇ ପିଲାଙ୍କ ଉଦ୍ଦେଶ୍ୟରେ ବହୁ ଶିକ୍ଷଣୀୟ କଥା କହିବା ସହିତ ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ନେହା ଅପା, ସୁରନ୍ୟା ଅପା ଓ ଭାଇ ଚେତନ କୁମାର ଭୂୟାଁ ପରିଚାଳନା କରିଥିଲେ।

## ପରିବେଶ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ସ୍ୱେଚ୍ଛାସେବୀ

**ବାରିପଦା, ୨।୪ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ବ୍ୟୁରୋ ଦ୍ୱାରା ଗଠିତ ଏକ ଦଳ କିଟ୍ ବିଶ୍ୱବିଦ୍ୟାଳୟକୁ ଗସ୍ତ କରି ତିନି ଦିନ ଧରି ଅନୁଷ୍ଠିତ ହେଇଥିବା ଥିବା ରାଜ୍ୟସ୍ତରୀୟ ପରିବେଶ ସମ୍ମିଳନୀ (କେ ସବୁଜ ସମ୍ମିଳନୀ -୨୦୨୬) ଶିବିରରେ ଯୋଗ ଦେଇଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ, ଜାତୀୟ ସେବା ଯୋଜନା ଜିଲ୍ଲା ନୋଡାଲ ଅଧିକାରୀ ଡଃ ଅନାମ ଚରଣ ରାଉଳ ଓ ଜାତୀୟ ସେବା ଯୋଜନା ବ୍ୟୁରୋ ସହାୟକ ଅଜୟ କୁମାର ବଳଙ୍କ ଉପସ୍ଥିତିରେ ଏହି ଟିମ୍ ଗସ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ନାତକୋତ୍ତର ବିଭାଗ ସ୍ୱେଚ୍ଛାସେବୀ ଶୃତି ମାଇତି, ତପସ୍ୱିନୀ ନାୟକ, ଶୁମି ଦାସଗୁପ୍ତା, ନାରାୟଣ ମାଝି, ଯଶିପୁର ମହାବିଦ୍ୟାଳୟର୍ ସ୍ୱେଚ୍ଛାସେବୀ ସିଂରାୟ ହାଁସଦା ଉଦଳା କଲେଜର ସ୍ୱେଚ୍ଛାସେବୀ ରଥ ମାରାଣ୍ଡି ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ପୁରୁଷ ସ୍ୱେଚ୍ଛାସେବୀ ଭାବେ ରଥ ମାରାଣ୍ଡିଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## ସାମାନ୍ୟ ଯୁକ୍ତିତର୍କରୁ କୁରାଢ଼ିରେ ଆକ୍ରମଣ; ଜଣେ ମୃତ

# ପରିବାର ଲୋକଙ୍କ ଜାତୀୟ ରାଜପଥ ଅବରୋଧ



**ସାରସକଣା, ୨।୪(ସମିସ):** କୁରାଢି ଚୋଟରେ ଜଣକର ମୃତ୍ୟୁ ଘଟିଛି। ଅତି ନୃଶଂସ ଭାବେ ଜଣେ ଜଣକୁ ହାଣି ଦେଇଛି। କୌଣସି କାରଣବଶତଃ ଫୋନ ଯୋଗେ ବଚସା ହୋଇଥିଲା। ସାରସକଣା ବ୍ଲକସ୍ଥ ଗୋହଳାମୁଣ୍ଡା ଗ୍ରାମର ଭାଗୀରଥି ମହାନ୍ତଙ୍କ ପୁଅ ଅମୃତ ମହାନ୍ତ ଆଜି ବୁଧବାର ସନ୍ଧ୍ୟା ବେଳେ ନିକଟ ଛକକୁ ବୁଲିବାକୁ ଯାଇଥିବାବେଳେ ସନ୍ଧ୍ୟା ପ୍ରାୟ ୭. ୩୦ ସମୟରେ ସେହି ଗ୍ରାମର ମହେନ୍ଦ୍ର ମହାନ୍ତଙ୍କ ପୁଅ ଗୁରୁ ଗୋବିନ୍ଦ ମହାନ୍ତଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଗୁରୁଗୋବିନ୍ଦ ଗୋଟିଏ କୁରାଢ଼ୀରେ ବାରମ୍ବାର ପ୍ରହାର କରିବା ଫଳରେ ଅମୃତ ମହାନ୍ତଙ୍କ ବାମ କାନ୍ଧ ତଳ ପାର୍ଶ୍ୱ, ବାମ ପାର୍ଶ୍ୱ କାନ୍ଧ, ପେଟରେ ଗଭୀର କ୍ଷତ ହୋଇ ପ୍ରଚୁର ରକ୍ତସ୍ରାବ ହେବା ଫଳରେ ଅମୃତ ମହାନ୍ତଙ୍କୁ ମୁର୍ମୁଷ ଅବସ୍ଥାରେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ସ୍ଥାନୀୟ ଲୋକେ ଓ ପରିବାର ସଦସ୍ୟ ଅଭିଯୁକ୍ତକୁ ଗିରଫ ଦାବି କରି ଜାତୀୟ ରାଜପଥ ଅବରୋଧ କରିଥିଲେ। ତେବେ ବିକ୍ଷୋଭ ସ୍ଥଳକୁ ତହସିଲଦାର ଆସି ବୁଝାସୁଝା କରିବା ସହ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।

## କମ୍ୟୁନିକେଟିଭ ଇଂଲିଶ୍ ଉପରେ ଆଲୋଚନାଚକ୍ର



**ବାରିପଦା, ୨।୪(ସମିସ):** ସ୍ଥାନୀୟ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ଦ୍ୱାରା ଡେଭେଲପିଂ ସଫ୍ଟ ସ୍କିଲ ଥ୍ରୋ କମ୍ୟୁନିକେଟିଭ୍ ଇଂଲିଶ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଷ୍ଟଡିଜର ସଦସ୍ୟା ତଥା ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗିରପୋଷିର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ପୁଷ୍ପା ପାତ୍ର ଯୋଗଦେଇ କମ୍ୟୁନିକେଟିଭ ଇଂଲିଶକୁ କିପରି ସରଳ ଭାବେ ବୁଝିହେବ ଓ ସଠିକ ବ୍ୟବହାର ଉପରେ ଜୋର ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଇରଙ୍ଗପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା ଯୋଗଦେଇ ଇଂଲିଶ ଭାଷାକୁ କିପରି ଓ କେଉଁ ସ୍ଥାନରେ, କେଉଁ ଢଙ୍ଗରେ ବ୍ୟବହାର କରାଯିବ, ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରଫେସର ଶ୍ରୀ ଜେନା ତାଙ୍କ ଲିଖିତ ଅନୁବାଦ ପୁସ୍ତକ ସବୁ ସ୍କୁଲକୁ ଦାନ କରିଥିଲେ। ଏ ଅବସରରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓ ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ସମ୍ମାନୀତି ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲର ଅଧ୍ୟକ୍ଷା ଦେବଶ୍ରିତା ବିଶ୍ୱାଳ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ କୀର୍ତ୍ତିକୌଶିକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କରଞ୍ଜିଆ ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



**ରାଇରଙ୍ଗପୁର/କରଞ୍ଜିଆ, ୨।୪(ସମିସ):** କରଞ୍ଜିଆର ନୂତନ ଉପଜିଲ୍ଲାପାଳ ଭାବେ ଡା ଦୟାସିନ୍ଧୁ ପରିଡ଼ା କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବୁଧବାର କାର୍ଯ୍ୟରେ ଯୋଗଦାନ ପୂର୍ବରୁ ମା କିଚକେଶ୍ୱରୀଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଏହାପରେ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଭାର ଗ୍ରହଣ କରିଥିଲେ। କାର୍ଯ୍ୟାଳୟର କର୍ମଚାରୀ ଓ ଅନ୍ୟାନ୍ୟ ଉପଖଣ୍ଡ ଅଧିକାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବାରିପଦା ଉପଜିଲ୍ଲାପାଳ ଡା ଦୟାସିନ୍ଧୁ ପରିଡ଼ାଙ୍କୁ କରଞ୍ଜିଆ ଉପଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଥିଲା। ଯାହାକୁ ନେଇ ବୁଧବାର ଯୋଗଦାନ କରିଛନ୍ତି। ସେ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଦକ୍ଷ ଅଧିକାରୀ ଅଟନ୍ତି। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପଦ ପଦବୀରେ ରହି ନିଜର କାର୍ଯ୍ୟ ନିପୁଣତା ପ୍ରତିପାଦନ କରିଛନ୍ତି। କରଞ୍ଜିଆର ଉନ୍ନତି ନିମନ୍ତେ ସେ ତାଙ୍କର କାର୍ଯ୍ୟଧାରା ଜାରି ରଖିବେ। ଏ ନେଇ ସେ ସମସ୍ତ ଉପଖଣ୍ଡବାସୀଙ୍କ ସହଯୋଗ କାମନା କରିଛନ୍ତି।

## ଆଇପିଏଲକୁ ନେଇ ଅନଲାଇନ ଜୁଆ

# ଜୁଆ ମାୟାରେ ଯୁବଗୋଷ୍ଠୀ ବାୟା; ହେଉଛନ୍ତି ସର୍ବସ୍ୱାନ୍ତ

ରାଇରଙ୍ଗପୁର, ୨।୪(ସମିସ)

ବର୍ତ୍ତମାନ ସମୟରେ ଆଇପିଏଲ ମାନିଆ ଆରମ୍ଭ ହୋଇଯାଇଛି। ଆଇପିଏଲ ଖେଳକୁ ନେଇ ସବୁଠି ଯୁବଗୋଷ୍ଠୀଙ୍କ ମଧ୍ୟରେ ଅନେକ କ୍ରେଜ ଦେଖିବାକୁ ମିଳୁଛି। ଆଇପିଏଲକୁ ନେଇ ଅନଲାଇନ ଜୁଆର କ୍ରେଜରେ ମଧ୍ୟ ଯୁବଗୋଷ୍ଠୀଙ୍କ ଭିତରେ ବ୍ୟାପିବାରେ ଲାଗିଛି। ଯାହାକି ଯୁବପିଢ଼ିଙ୍କ ଭବିଷ୍ୟତକୁ ବାଟବଣା କରି ନଷ୍ଟ କରୁଛି। ଯୁବଗୋଷ୍ଠୀ ଏବେ ନିଶାଶକ୍ତ ଅବସ୍ଥାରେ ରାତାରାତି କୋଟିପତି ହେବା ଆଶାରେ ଭୁଲ ବାଟକୁ ବାଛି ନେଉଛନ୍ତି। ଆଇପିଏଲ ମାନିଆରେ କ୍ରିକେଟ ଟିମ ଉପରେ ବ୍ୟାଟିଂ କରି ରାତିଅଧିଆ ଧନୀ ହେବା ଆଶାରେ ରାଇରଙ୍ଗପୁର ଅନେକ ଯୁବଗୋଷ୍ଠୀ ଅନ୍‌ଲାଇନ ଜୁଆ ଖେଳରେ ମାତିଥିବା ଦେଖିବାକୁ ମିଳିଛି। ରାଇରଙ୍ଗପୁର ସହରର ଗଡ଼, ତିଳପୋଷି, ଭାଲୁବସା ସମେତ ଅନ୍ୟାନ୍ୟ ବିଭିନ୍ନ ସ୍ଥାନରେ ଅନଲାଇନ ଜୁଆ ଖେଳ ହେଉଛି। ଆଇପିଏଲ ପାଇଁ ରାଇରଙ୍ଗପୁରରେ ଅନଲାଇନ ଜୁଆଡିଙ୍କ ଉପଦ୍ରବ ବୃଦ୍ଧି ପାଉଥିବାର ଦେଖିବାକୁ ମିଳୁଛି।

ଯୁବପିଢ଼ି ମୋବାଇଲ୍‌ରେ ଫୋନ କଲ ଜରିଆରେ ଅନ୍‌ଲାଇନ୍ ଜୁଆ ଖେଳୁଛନ୍ତି। ଯୁବଗୋଷ୍ଠୀ ଏଥିରେ ମତୁଆଲା ହୋଇ ଘରୁ ମିଛ କହି ଟଙ୍କା ଆଣି ଜୁଆ ଖେଳୁଥିବା ଦେଖିବାକୁ ମିଳିଛି। ଅନଲାଇନ ଜୁଆର ନିଶା ଘାରିଛି ଯେ, କମ୍ ସମୟରେ ଅଧିକ ଟଙ୍କା କମାଇବା ପାଇଁ ଅଧିକାଂଶ ଯୁବଗୋଷ୍ଠୀ ହାତ ଉର୍ଦ୍ଧ୍ୱାରୀ କରି ଟଙ୍କା ଆଣି ଏହି ଜୁଆ ଖେଳି ଲକ୍ଷାଧିକ ଟଙ୍କାର ବ୍ୟାଟିଂ ହାରୁଛନ୍ତି। ଅନେକ ସ୍ଥାନରେ ଲୁଚିଛପି ଗ୍ରୁପ ହୋଇ ଜୁଆ ଖେଳୁଥିଲାବେଳେ ଟଙ୍କା ହାରି କ୍ଷତି ସହୁଥିବା ଜଣାପଡ଼ିଛି। ଟଙ୍କା ହାରି ସର୍ବସାନ୍ତ ହେବା ପରେ ହାତ ଉର୍ଦ୍ଧ୍ୱାର ସୁଝିବାକୁ ମଧ୍ୟ ଅକ୍ଷମ ହେଉଛନ୍ତି। ଜୁଆ ହାରିବା ପରେ କ୍ଷତି ଟଙ୍କାକୁ ପୂରଣ କରିବା ପାଇଁ ବାଧ୍ୟ ହୋଇ ଯୁବଗୋଷ୍ଠୀ ଛିନତାଇ କରିବା ସହ ହତ୍ୟାକାଣ୍ଡ ଆଦି ଅପରାଧ କରିବାକୁ ତିଳେ ହେଲେ ପଛଗୁଞ୍ଚା ଦେଉନାହାଁନ୍ତି। ଯାହାକୁ ନେଇ ବହୁ ସମୟରେ ଅପରାଧିକ ମାମଲା ଘଟୁଥିବାବେଳେ କିଛି ଯୁବକ କେଉଁଆଡ଼େ ଫେରାର ହୋଇଯାଉଛନ୍ତି। ଏଥିସହିତ ମୋବାଇଲ ଆପ୍ଲିକେସନ ଜରିଆରେ ଅନଲାଇନ ଜୁଆ ଖେଳ ହେଉଥିବାବେଳେ ଏହାକୁ ସରକାରୀ ସ୍ୱୀକୃତି ମଧ୍ୟ ମିଳିଛି। ରାତାରାତି କୋଟି କୋଟି ଟଙ୍କା କମାଇବାର ମିଛ ବିଜ୍ଞାପନ ଦେଖାଇ ଯୁବକଙ୍କୁ ଏଥିରେ ଟଙ୍କା ବିନିଯୋଗ କରାଯାଉଛି। ଏହାପରେ ସେମାନେ ସ୍ୱର୍ବସ୍ୱାନ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଉକ୍ତ ଆଇପିଏଲ ଜୁଆ ଖେଳ ଏବେ ରାଇରଙ୍ଗପୁର ଓ ଆଖପାଖ ଅଞ୍ଚଳର ଯୁବଗୋଷ୍ଠୀଙ୍କ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ମଧ୍ୟ ସାଜିଛି। ଅଭିଭାବକ ପଥଭ୍ରଷ୍ଟ ପିଲାଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଛନ୍ତି। କ୍ରିକେଟ ମ୍ୟାଚ୍ ବ୍ୟାଟିଂ ସମୟରେ ଜୁଆ କିଙ୍ଗପିନ ଲୁଚି ଛପି ମୋବାଇଲ ଜରିଆରେ ଟଙ୍କା ଲଗାଇ ଏହି ଅନ୍‌ଲାଇନ୍ ଜୁଆ ଖେଳୁଥିବା ଜଣାପଡ଼ିଛି।

**ଟଙ୍କା ପାଇଁ ଅପରାଧ ଭିଆଉଛନ୍ତି**

ସ୍ଥାନୀୟ ରାଇରଙ୍ଗପୁର ସମେତ ଝାଡ଼ଖଣ୍ଡ ଅଞ୍ଚଳର କିଛି ଯୁବକ ଆସି ଯୁବକଙ୍କୁ ରାତିଅଧିଆ କୋଟିପତି ହେବାର ମିଥ୍ୟା ପ୍ରଲୋଭନ ଦେଖାଇ ଉସକାଇ ଆଇପିଏଲ ଜୁଆ ଖେଳାଉଥିବା ଦେଖିବାକୁ ମିଳୁଛି। ଜୁଆଡ଼ିଙ୍କ ଆ‡। ଧୀରେ ଧୀରେ ବଢ଼ିବାରେ ଲାଗିଥିଲାବେଳେ ଅନାୟାସରେ ଲକ୍ଷାଧିକ ଟଙ୍କା ରୋଜଗାର କରିବା ଆଶା ନେଇ ଏମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ସଂଶ୍ଳିଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଜୁଆଡିଙ୍କ ଦ୍ୱାରା ରାଇରଙ୍ଗପୁର ଯୁବଗୋଷ୍ଠୀ ଆଇପିଏଲ ବ୍ୟାଟିଂ କରି ସର୍ବସାନ୍ତ ହେଉଛନ୍ତି। ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ଥିବା ନେଇ ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

# ଶିକପଡ଼ା ରାମଘାଟିରେ ଲୁଟ୍ ଘଟଣା; ୪ ଗିରଫ

ଟିକାବାଲି,୨।୪(ସମିସ)

ଟିକାବାଲି ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ରାମନବମୀ ଦିନ ଶିକପଡା ରାମଘାଟି ନିକଟରେ ହୋଇଥିବା ଲୁଟ୍ ଘଟଣାର ପର୍ଦ୍ଦାଫାସ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଫୁଲବାଣୀ ସଦର ଓ ଖଜୁରୀପଡ଼ା ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଚୋରା ବାଇକ୍, ମୋବାଇଲ୍ ଓ ମାରଣାସ୍ତ୍ର ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଗତ ରାମନବମୀ ଦିନ ଫୁଲବାଣୀ ଯାଉଥିବା ଜଣେ ବାଇକ୍‌ଚାଳକଙ୍କୁ ଶଙ୍କରାଖୋଲ ନିକଟସ୍ଥ ଶିକପଡା ରାମଘାଟିରେ ୪ ଦୁର୍ବୃତ୍ତ ଅଟକାଇଥିଲେ। ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ବାଇକ୍, ମୋବାଇଲ୍ ଓ ନଗଦ ୫ ହଜାର ଟଙ୍କା ଲୁଟି ନେଇଥିଲେ। ପୀଡ଼ିତ ବ୍ୟକ୍ତିଙ୍କ ଅଭିଯୋଗ କ୍ରମେ ଟିକାବାଲି ଥାନାରେ ମାମଲା ରୁଜୁ ହୋଇଥିଲା। ଲୁଟେରାମାନେ ଲୁଟିଥିବା ମୋବାଇଲ୍ ଫୋନରେ ନିଜର ସିମ୍‌କାର୍ଡ ପକାଇବା ମାତ୍ରେ ପୁଲିସ ଲୋକେସନ୍ ଟ୍ରାକ୍ କରି ଚଢ଼ଉ କରି ସମସ୍ତଙ୍କୁ ଗିରଫ କରିଥିଲା। ପୁଲିସ ପଞ୍ଝାରେ ଥିବା ଅଭିଯୁକ୍ତ ହେଲେ ଖଜୁରିପଡ଼ା ଥାନା ଗବାସୋରୁ ଗ୍ରାମର ଯୁଧିଷ୍ଠିର ପ୍ରଧାନ ଓରଫ କଦୁଲୁ (୨୪), କାଣ୍ଡପଡ଼ା ଗ୍ରାମର ରାଜେଶ କହଁର ଓରଫ ରାଜା (୨୦), ଫୁଲବାଣୀ ସଦର ଥାନା ବାଡିସୁଗା ଗ୍ରାମର ଘନଶ୍ୟାମ କହଁର ଓରଫ ଘନା (୨୩) ଏବଂ ପରମେଶ୍ୱର କହଁର ଓରଫ ଜୁଣ୍ଡି (୧୯)। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୨ଟି ମୋଟର ସାଇକେଲ, ଏକ ଧାରୁଆ ଛୁରୀ, ୨ଟି କାଠ ବାଡ଼ି, ୪ ମୋବାଇଲ୍ ଫୋନ୍ ଏବଂ ନଗଦ ୧୮୨୦ଟଙ୍କା ଜବତ କରିଛି। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ ଜି.ଉଦୟଗିରି ସ୍ଥିତ ଜେଏମ୍‌ଏଫସି କୋର୍ଟକୁ ଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗର ଅନ୍ୟ କେଉଁ କେଉଁ ସ୍ଥାନରେ ସଂପୃକ୍ତି ରହିଛି, ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ସମୀର କୁମାର ବେହେରା କହିଛନ୍ତି।



**ଲୁଟ୍ ମୋବାଇଲ୍ ସାଜିଲା କାଳ, ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଧରିଲା ପୁଲିସ**

## ନାବାଳିକାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ପାତ୍ରପୁର,୨।୪(ସମିସ): ଜରଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାକଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ନାବାଳିକା ଜଣକ ଏବେ ଦୁଇ ମାସର ଗର୍ଭବତୀ। ତାଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଦୁଷ୍କର୍ମ କରି ଆସୁଥିଲେ। ଗର୍ଭବତୀ ବୋଲି ଜଣାପଡିବା ପରେ ବୁଧବାର ଜରଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଇଣ୍ଡିଆ ପ୍ରଧାନ(୩୨)କୁ ଗିରଫ କରିଛି। ଏଥିସହ ଉଭୟଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଛି।

## ଗଞ୍ଜେଇ ଜବତ ଜଣେ ଗିରଫ

ଆସିକା,୨।୪(ସମିସ): ବ୍ରହ୍ମପୁର-ଫୁଲବାଣୀ ରାସ୍ତା ତଥା ଆସିକା କଳିଙ୍ଗା ରୋଡ ନିକଟରୁ ୨୨ କେଜି ଗଞ୍ଜେଇ ଜବତ ସହ ଜଣକୁ ଗିରଫ କରିଛି ଅବକାରୀ ବିଭାଗ। ବୁଧବାର ରାତି ପ୍ରାୟ ୧୦ଟାବେଳେ ଏକ ବଲେରୋ (ଓଡି୦୭ଏକ୍ୟୁ-୯୭୦୦)ରେ ତିନି ଜଣ ଫୁଲବାଣୀରୁ ଗଞ୍ଜେଇ ଧରି ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ଅବକାରୀ ବିଭାଗ ସୂଚନା ପାଇ ଏହି ଗାଡିକୁ ଆସିକା କଳିଙ୍ଗା ରୋଡ଼ରେ ଅଟକାଇଥିଲା। ଏହି ସମୟରେ ଉତ୍ତରପ୍ରଦେଶର ହକଦାପୁର ଥାନା ଇଲାକାର ଦୟାନିଧିଙ୍କୁ ଜେରା ବେଳେ ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ଥାନା ଇଲାକାର ଶିବା ରାଓ ଓ ପୁରୀ ଥାନା ଇଲାକାର ହିମାଂଶୁ ବେହେରା ଗାଡି ଛାଡ଼ି ଦୌଡ଼ି ପଳାଇଥିଲେ। ଅବକାରୀ ବିଭାଗର ଡେପୁଟି ଏସ୍‌ପି ଶ୍ରୁତିକାନ୍ତ ରାଉତଙ୍କ ନେତୃତ୍ୱରେ ନାରାୟଣ ଜେନା, ସଂଗୀତା ମହାପାତ୍ର, ପ୍ରବିରା ସାମଲ, କୁମୁଦ ପ୍ରଧାନ କପିଳାଶୁ ଭଟ, ସନ୍ତୋଷ ନାୟକ, ସଞ୍ଜୟ ପାତ୍ର ପ୍ରମୁଖ ଚଢ଼ଉରେ ସାମିଲ ଥିଲେ। ଅପରପକ୍ଷେ ଫେରାର ଦୁଇ ଜଣଙ୍କୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

## ଫିରିଙ୍ଗିଆ ବ୍ଲକରେ ଆରମ୍ଭ ହେଲା ଦଣ୍ଡନାଚ

ଫିରିଙ୍ଗିଆ,୨।୪(ସମିସ): ଫିରିଙ୍ଗିଆ ବ୍ଲକରେ ଭକ୍ତି ଓ ଭାବାବେଗ ଓ ବିଶ୍ୱାସ ରେ ଜଡିତ ପାରମ୍ପରିକ ଦଣ୍ଡନାଚ ଆରମ୍ଭ ହୋଇଛି। ୨୪ ପଞ୍ଚାୟତ ବିଶିଷ୍ଟ ଦ୍ୱିତୀୟ ବୃହତ୍ତମ ଭାବରେ ଜଣାଶୁଣା ଏହି ବ୍ଲକରେ ୨୫ରୁ ଅଧିକ ଦଣ୍ଡ ଦଳ ରହିଛି। ବ୍ରତ ଉପବାସ ସହ ଅଧିକାଂଶ ଦଣ୍ଡ ଦଳରେ ବ୍ରତଧାରୀ ୧୩ ଦିନ ଧରି କଠୋର ବ୍ରତ ପାଳନ କରୁଛନ୍ତି। ପ୍ରତ୍ୟେକ ଦଣ୍ଡ ଦଳ ଧୂଳିଦଣ୍ଡ, ପାଣିଦଣ୍ଡ ସହ କେବଳ ଦଣ୍ଡ ଚରିତ୍ରକୁ ପ୍ରଦର୍ଶନ କରୁଛନ୍ତି। ଦଣ୍ଡରେ ଅଶ୍ଳୀଳ ଦଣ୍ଡନୃତ୍ୟ କିମ୍ବା କୌଣସି ସାମାଜିକ ନାଟକକୁ ଫିରିଙ୍ଗିଆ ବ୍ଲକରେ ସମ୍ପୂର୍ଣ୍ଣ ବିରୋଧ କରାଯାଉଥିବା ବେଳେ ପୂର୍ବରୁ କେବେ ଅଶ୍ଳୀଳ ନୃତ୍ୟ ପରିବେଷଣ ଦଣ୍ଡ ନାଚରେ ହୋଇନାହିଁ କି ଚଳିତ ବର୍ଷ ମଧ୍ୟ କେବଳ ଦଣ୍ଡ ଚରିତ୍ର ଉପରେ ଗୁରୁତ୍ୱ ଦିଆଯାଉଛି। ୧୩ ତାରିଖରେ ମାସନ୍ତମେରୁ ଓ ୧୪ ତାରିଖରେ ସଂକ୍ରାନ୍ତି ମେରୁ ଅନୁଷ୍ଠିତ ହେବ। ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳରେ ମଧ୍ୟ ଦଶରୁ ଅଧିକ ଦଣ୍ଡ ଦଳ ରହିଛି। ବର୍ଷା ଘଡଘଡି ସହ କାଳ ବୈଶାଖୀ ମଝିରେ ହେଉଥିବାରୁ କୌଣସି ଅସୁବିଧା ନ ହୋଇ ଶାନ୍ତି ଶୃଙ୍ଖଳାର ସହ ଓ ସୁରୁଖୁରୁରେ ଦଣ୍ଡ ସମାପନ ହେବ ବୋଲି ଆଶା ରଖିଛନ୍ତି ବ୍ରତଧାରୀ ଦଣ୍ଡୁଆ।

## ଚନ୍ଦନ ଯାତ୍ରା ପାଇଁ ନୌକା ନିମନ୍ତ୍ରଣ



ଗଞ୍ଜାମ,୨।୪(ସମିସ): ପବିତ୍ର ଅକ୍ଷୟ ତୃତୀୟାରୁ ଗଞ୍ଜାମରେ ବିଜେ ମଦନ ମୋହନ ଗୋପାଳ ସ୍ୱାମୀଙ୍କ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେବ। ଯାହାକୁ ନେଇ ଗୁରବାର ଦାମୋଦରପୁର ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ନଦୀରୁ ନୌକା ଗୁଡିକୁ ନିମନ୍ତ୍ରଣ କରାଯାଇଥିଲା। ପଣ୍ଡିତ ସନ୍ତୋଷ ଆଚାର୍ଯ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ ଲିଙ୍ଗରାଜ ପାଢ଼ୀ, ସୁରେନ୍ଦ୍ର ବାରିକି, ମୟ ବାରିକି, ବିଭୁ ପଲାଇ, ମୁକେଶ ପାଢ଼ୀ, ସନ୍ତୋଷ ମହାରଣା, ସଂଗ୍ରାମ ଛାଟୋଇ, ସୋହାନ ପଟନାୟକ, ରାକେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶୋଭାଯାତ୍ରାରେ ନୌକା ଗୁଡିକୁ ପାଛୋଟି ନେଇଥିଲେ। ସୂଚନା ଥାଉକି ଆସନ୍ତା ଏପ୍ରିଲ ୨୦ ତାରିଖରୁ ମଇ ୧୧ ତାରିଖ ପର୍ଯ୍ୟନ୍ତ ଏହିଯାତ୍ରା ମହା ଆଡମ୍ବରରେ ଅନୁଷ୍ଠିତ ହେବ।

## ୧୦ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ଧରାକୋଟ,୨।୪(ସମିସ): ଧରାକୋଟ ବ୍ଲକର ବଳରାମପୁର ପଞ୍ଚାୟତରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ଦ୍ୱାରା ୧୦ଟି ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ବଳରାମପୁରରେ ବିଧାୟକ ପହଞ୍ଚିବା ପରେ ତାଙ୍କୁ ପଞ୍ଚାୟତ ଲୋକଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ପରେ ସେ ନୂତନ ଭାବରେ ପ୍ରତିଷ୍ଠା ହେଉଥିବା ଗୋପୀନାଥ ସ୍ୱାମୀ ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିଲେ। ଏହା ପରେ ନୂତନ ଭାବରେ ନିର୍ମିତ ବଳରାମପୁର ଗ୍ରାମ ପଞ୍ଚାୟତ ଭବନ, ପଞ୍ଚାୟତ ସଭା ଗୃହ, କର୍ମଚାରୀ ଭବନ, ମିନି ବ୍ୟାଙ୍କ, ରାଧାକୃଷ୍ଣ ପାଠାଗାର ଗୃହ, ମିଶନ ଶକ୍ତି ଗୃହ, କଲ୍ୟାଣ ମଣ୍ଡପ, ଯାତ୍ରୀ ବିଶ୍ରାମାଗାର ଓ ଉସ୍ତା ଗ୍ରାମରେ ଏକ ବଜାର ଗୃହର ଉଦଘାଟନ କରିଥିଲେ। ଏଥିରେ ଅତିଥି ଭାବରେ ବିଡିଓ ସଂଗ୍ରାମ କେଶରୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମିନତି ରାଣୀ ସ୍ୱାଇଁ, ଏବିଡିଓ ସୁଶିଳ ପଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ଚନ୍ଦ୍ର ନାୟକ, ସରପଞ୍ଚ ଗୀତାଞ୍ଜଳି ମଲିକ, ସମିତି ସଭ୍ୟ ଜୋସେଫ ମଣ୍ଡଳ, ନାଏବ ସରପଞ୍ଚ ପ୍ରଫୁଲ୍ଲ ବେହେରା, ଜିପିଇଓ ଦେବରାଜ ନାୟକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ। ରାସ୍ତାରେ ଡ଼ଉଗାଁ ଛକରେ ସ୍ଥାନୀୟ ଲୋକେ ବିଧାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ପରେ ଧରାକୋଟ ଅଞ୍ଚଳର ପ୍ରସିଦ୍ଧ କୁଲାଗଡର ମା’ ଦଣ୍ଡକାଳିଙ୍କୁ ଦର୍ଶନ କରି ଫେରିଥିଲେ।

## ମା'ତାରାତାରିଣୀଙ୍କ ଅଧରପଣା ନୀତି

ପୁରୁଷୋତ୍ତମପୁର,୨।୪(ସମିସ): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଦୀର୍ଘ ଏକମାସ ଧରି ମହାଆଡମ୍ବରରେ ଅନୁଷ୍ଠିତ ହୋଇଆସୁଥିବା ଚୈତ୍ରପର୍ବ ଗୁରୁବାର ପବିତ୍ର ପୂର୍ଣ୍ଣମୀ ଅବସରରେ ଉଦ୍‌ଯାପିତ ହୋଇଛି। ମାସର ଶେଷ ଦିନରେ ମା'ଙ୍କ ନିକଟରେ ଅଧରପଣା ଲାଗି ହୋଇଛି। ସେବାୟତ ମାନେ ପ୍ରଥମେ ତିନୋଟି ବଡ଼ ମାଟି ହାଣ୍ଡିରେ କ୍ଷୀର, ଘିଅ, ମହୁ, ନବାତ, କଦଳୀ ଭଳି ବିଭିନ୍ନ ପ୍ରକାର ସାମଗ୍ରୀରେ ପକାଇ ଏହିପଣା ପ୍ରସ୍ତୁତ କରାଯାଇ ପଞ୍ଚାମୃତ ପଣାକୁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେବାୟତ ମାନେ ତାଳ, ମୃଦଙ୍ଗ, ଢୋଲ, ବଜାଇ ଅଧରପଣା ଥିବା ତିନି ହାଣ୍ଡିକୁ ମନ୍ଦିରର ଉପରି ଭାଗରେ ଥିବା ୯୯୯ ପାହାଚ ପାଖକୁ ନେଇଥିଲେ। ସେଠାରେ ତିନି ସେବାୟତମାନେ ପଞ୍ଚାମୃତ ଥିବା ହାଣ୍ଡିକୁ ପାହାଚକୁ ଠେଲି ଅଧରପଣା ନୀତି ସମ୍ପନ୍ନ କରିଥିଲେ। ଏହି ଅଧରପଣା ନୀତି ଏଠାରେ ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଥିବା ନେଇ ସେବାୟତ ବାପୁଜି ରଣା କହିଛନ୍ତି। ଯାହାକି ମା'ତାରାତାରିଣୀଙ୍କ ଚୈତ୍ରଯାତ୍ରା ନେଇ ଫାଲଗୁନ ଦୋଳପୂର୍ଣ୍ଣିମାଠାରୁ ସମସ୍ତ ପାଶ୍ୱର୍ ଦେବାଦେବୀଙ୍କୁ ଯାତ୍ରାକୁ ନିମନ୍ତ୍ରଣ କରାଯାଇଥାଏ। ସମସ୍ତ ଦେବାଦେବୀମାନେ ଆସି ମା' ତାରାତାରିଣୀ ଅବସ୍ଥାନ କରିଥିବା ରତ୍ନଗିରି ପାହାଡରେ ଦୀର୍ଘ ଏକମାସ ଧରି ରହି ଚାରିଟି ମଙ୍ଗଳବାରର ଯାତ୍ରା ସରିବାପରେ ପୂର୍ଣ୍ଣମୀରେ ନିଜ ନିଜର ସ୍ଥାନକୁ ଚାଲିଯାଇଥାନ୍ତି। ଏଣୁ ସେମାନେ ଫେରି ଯିବାବେଳେ ଏହି ଅଧରପଣା ଦିଆଯାଇଥାଏ। ଆଉ ଏହି ଅଧରପଣାକୁ ନେଇ ସର୍ବଦେବାଦେବୀ ମାନେ ସନ୍ତୁଷ୍ଟ ହୋଇ ନିଜନିଜର ସ୍ଥାନକୁ ଫେରିଥାନ୍ତି। ଏଣୁ ଚୈତ୍ରମାସର ଶେଷ ଦିନରେ ଏଭଳି ଅଧରପଣା ଦେବା ନୀତିର ପରମ୍ପରା ରହିଛି। ସକାଳ ୬.୩୦ରେ ସାହାଣ ମେଲା ହେବାସହ ୯.୩୦ ଅଧରପଣା ନୀତି ହୋଇଥିଲା। ଶେଷ ଦିନରେ ମା' ତାରାତାରିଣୀ ରାଜରାଜେଶ୍ୱରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଭି କିର୍ତ୍ତୀ ଭାସନ ଯୋଗଦେଇ ଜିଲ୍ଲାବାସୀଙ୍କ ମଙ୍ଗଳକାମନା କରିଥିବାବେଳେ ସମସ୍ତ ପ୍ରଶାସନ ଅଧିକାରୀ ମାନଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ଜିଲ୍ଲାପାଳଙ୍କ ସହ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଶ ବରାଳ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ମନ୍ଦିର ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିନୋଦକୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଂଗିତା ସେଠୀ, ଅତିରିକ୍ତ ତହସିଲଦାର ଭି ଦେବାଶିଷ ମହାପାତ୍ର, ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣୀ ସେଠୀଙ୍କ ସମେତ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ।



## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଛତ୍ରପୁର,୨।୪(ସମିସ): ଛତ୍ରପୁର ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାମନ୍ତରାୟ ସଂଘର ନବ ନିର୍ବାଚିତ ସଭାପତି ଏଲ. ଗୋପାଳ ରାଓ, ଉପସଭାପତି ପ୍ରଦୀପ କୁମାର ପଲାଇ, ସାଧାରଣ ସମ୍ପାଦକ କେ. ଦୁର୍ଯ୍ୟୋଧନ ରେଡ୍ଡୀ, ଯୁଗ୍ମ ସମ୍ପାଦକ ଅପସରା ଜାନ, ଲାଇବ୍ରେରୀ ସେକ୍ରେଟାରୀ ଏନ. ଗୋପୀ, ସହ -ସମ୍ପାଦିକା କେ. ବିଜୟଲକ୍ଷ୍ମୀ ଦେବୀ ଓ କାର୍ଯ୍ୟକାରୀ ସଦସ୍ୟା ମମତା ସେଠୀଙ୍କୁ ଶପଥ ପାଠ ଗ୍ରହଣ କରାଇଥିଲେ। ଏହା ସହିତ ଛତ୍ରପୁର ଓକିଲ ସଂଘର ପୂର୍ବ ଗୌରବ, ଶୃଙ୍ଖଳା ଏବଂ ଆଇନର ବିଭିନ୍ନ ଦିଗ ଉପରେ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ନିର୍ବାଚନ ଅଧିକାରୀ ସିଏଚ. ସୂର୍ଯ୍ୟ ନାରାୟଣ ରେଡ୍ଡୀ, ସହକାରୀ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ସାହୁ ଓ ଦେବେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ନବ ନିର୍ବାଚିତ ସଭାପତି ଶ୍ରୀ ରାଓ ଧନ୍ୟବାଦ ଦେବା ସହ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ପ୍ରଦୀପ କୁମାର ପାଢ଼ୀ, ପୂର୍ବତନ ସମ୍ପାଦକ ଏସ. ଶ୍ୟାମ କୁମାର, ପୂର୍ବତନ ସଭାପତି ରାମଚନ୍ଦ୍ର ବେହେରା, ଆଇନଜୀବୀ ଡ଼ି. ଆଦିନାରାୟଣ ରେଡ୍ଡୀ, ଭୈରବୀ କୁମାର ପଟ୍ଟନାୟକ, ରାମକୃଷ୍ଣ ଦାଶ, ବ୍ରଜ ମୋହନ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ପଟ୍ଟନାୟକ, ଜେ. କେ. ପଟ୍ଟନାୟକ, ବାବୁ ନାହାକ, ଚୈତନ୍ୟ ପ୍ରଧାନ, କେ. ଶିବରାମ ରେଡ୍ଡୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ପୂର୍ବତନ ସମ୍ପାଦକ ଶ୍ରୀ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ପଥର କ୍ୱାରୀ ଲିଜ୍ ନ ଦେବାକୁ ଦାବିପତ୍ର

ଧରାକୋଟ,୨।୪(ସମିସ): ଧରାକୋଟ ତହସିଲ ଅନ୍ତର୍ଗତ ଆମ୍ବଡା ବଣ ପଥର କ୍ୱାରୀକୁ ଚଳିତ ବର୍ଷ ଲିଜ ନଦେବା ପାଇଁ ବାହାରପୁର ପଞ୍ଚାୟତର ଗୋପାଳପୁର ଓ ମାଧପୁର ଗାଁ ଲୋକେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଏହି ଦୁଇ ଗାଁ ନିକଟରେ ରହିଥିବା ଆମ୍ବଡା ବଣ ପଥର କ୍ୱାରୀରେ ପଥର ଉତ୍ତୋଳନ ବେଳେ ବ୍ଲାଷ୍ଟିଂ କରାଯାଉଥିବା ଯୋଗୁଁ ସେମାନଙ୍କ ବାସଗୃହ ଗୁଡିକରେ ଫାଟ ସୃଷ୍ଟି ହେଲାଣି। ଏଣୁ ସେମାନଙ୍କ ଜୀବନ ଜୀବିକାର ନିରାପତ୍ତା ଦୃଷ୍ଟିରୁ ଏହି ପଥର କୁଆରୀକୁ ଚଳିତ ବର୍ଷ ଲିଜ ନଦେବା ପାଇଁ ଉଭୟ ଗ୍ରାମବାସୀ ଗଞ୍ଜାମ ଜିଲ୍ଲାପାଳ, ଭଞ୍ଜନଗର ଉପ ଜିଲ୍ଲାପାଳ, ଖଣି ଅଧିକାରୀ, ଉପଖଣ୍ଡ ପୁଲିସ ଅଧିକାରୀ, ବଡଗଡ ଥାନା ଅଧିକାରୀ ଓ ଧରାକୋଟ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର ଜିଲ୍ଲା ଖଣି ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ ପାଇଁ ଗ୍ରାମବାସୀ ମାନଙ୍କୁ କହିଥିବା ଜଣାଯାଇଛି।

**● ଏନ୍‌ଏସି ସଫେଇ କର୍ମଚାରୀଙ୍କ ଆନ୍ଦୋଳନ**

## ଆବର୍ଜନାରେ ଭରପୁର ସହରାଞ୍ଚଳ

ଗଞ୍ଜାମ,୨।୪(ସମିସ): ଗଞ୍ଜାମ ଏନ୍‌ଏସି ବାରଟି ୱାର୍ଡକୁ ନେଇ ଗଠିତ। ଗଞ୍ଜାମ ପୌରାଞ୍ଚଳ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ତିନି ଦିନରୁ ଉର୍ଦ୍ଧ୍ୱ ହେଲା ସଫେଇ କାର୍ଯ୍ୟ ବନ୍ଦ ହେବା ଅଞ୍ଚଳବାସୀଙ୍କୁ ଚିନ୍ତାରେ ପକାଇଛି। ସାନିଟାସନ ଏକ୍ସପୋର୍ଟ ଏନଏସିରେ କାର୍ଯ୍ୟରତ କିଛି ସଫେଇ କର୍ମଚାରୀଙ୍କୁ କାର୍ଯ୍ୟରୁ ବାହାର କରିଦେବା ପ୍ରତିବାଦରେ ଅନ୍ୟ ସାଥୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପ୍ରତ୍ୟାଖାନ କରି ଅଗସ୍ତିନୂଆଗାଁ ପଞ୍ଚାୟତର କିଛି ମହିଳାଙ୍କୁ ସଫେଇ କାର୍ଯ୍ୟରେ ନିୟୋଜିତ କରିଥିଲା ଏନଏସି ପ୍ରଶାସନ। ଉକ୍ତ ମହିଳାମାନେ ସହରରେ ସଫେଇ କରୁଥିବା ଖବର ପାଇ ଗଞ୍ଜାମ ଏନଏସିରେ ବର୍ଷ ବର୍ଷ ଧରି ସଫେଇ କରୁଥିବା ସଫେଇ କର୍ମଚାରୀ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଏନଏସି ସଫେଇ କର୍ମଚାରୀମାନେ ଏନଏସି ଆଗରେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆଙ୍କୁ ପଚାରିବାରୁ ସୁଇପରଙ୍କ କାର୍ଯ୍ୟ ବନ୍ଦ ଘଟଣାକୁ ସ୍ୱୀକାର କରିବା ସହ ବର୍ତ୍ତମାନ ବିଭିନ୍ନ ସାହିରେ ମା'କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ସେହି କାରଣରୁ ଅନ୍ୟମାନଙ୍କୁ ସଫେଇ ପାଇଁ ନିୟୋଜିତ କରିଥିଲୁ। ତଥାପି ଖୁବଶୀଘ୍ର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।



## କାର୍-ଏକ୍ସଲ୍ ମୁହାଁମୁହିଁ, ଯୁବକ ଆହତ

ବୁଗୁଡା,୨।୪(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପଙ୍କଲସାହି ଗାଁ ନିକଟ ରାସ୍ତାରେ କାର ଓ ଏକ୍ସିଲ୍ ଗାଡି ମୁହାଁମୁହିଁ ଧକ୍କାରେ ନଗୁଡୁ ଗ୍ରାମର ଜଣେ ଯୁବକ ଆହତ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଗୁରୁତର ମହିଳା ଜଣକ ହେଲେ ଲକ୍ଷ୍ମୀପ୍ରିୟା ସାହୁ (୪୩) ଓ ଆହତ ଯୁବକ ଜଣକ ହେଲେ କ୍ରିଷ୍ଣା ବେହେରା (୧୮)। ଏକ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଗୁରୁବାର ଅପରାହ୍ନରେ ଲକ୍ଷ୍ମୀପ୍ରିୟାଙ୍କୁ ଏକ୍ସିଲ୍ ଗାଡିରେ ବସାଇ କ୍ରିଷ୍ଣା ନଗୁଡୁ ଗାଁରୁ ବିରଞ୍ଚିପୁର ଗାଁକୁ ଯାଉଥିବା ବେଳେ ସାମନା ପଟୁ ଆସୁଥିବା ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଉଭୟେ ଏକ୍ସିଲ୍ ଗାଡିରୁ ଛିଟିକି ପଡି ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରୁ ସେହୁହିଁଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣାଯାଇଥିଲା। ଦୁର୍ଘଟଣାରେ ଯୁବକଙ୍କ ଡାହାଣଗୋଡ, ମୁହଁ ଓ ବାମହାତରେ ଆଘାତ ଲାଗିଥିଲା ବେଳେ ମହିଳାଙ୍କ ବାମପାଦ ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।

## ରନ୍ଧନ ଗ୍ୟାସ୍ ଲାଗି ଲମ୍ବା ଲାଇନ୍

**ହୋଟେଲରେ ମେନୁ କମିଲା ଦର ବଢ଼ିଲା**



ପୋଲସରା,୨।୪(ସମିସ): ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ପାଇଁ ଚାରିଆଡେ ରନ୍ଧନ ଗ୍ୟାସର ସଙ୍କଟ ଦେଖାଦେଇଛି। ରାଜ୍ୟ ସରକାର ଆବଶ୍ୟକ ଗ୍ୟାସ୍ ମହଜୁଦ ଥିବା କହୁଥିବା ବେଳେ ପୋଲସରାରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। କେଉଁଠି ଗ୍ୟାସ ବଦଳରେ କାଠ ତ ଅନ୍ୟ କେଉଁଠି କିରୋସିନରେ ଚୁଲି ଜଳୁଛି। ମୁଖ୍ୟତଃ ଏହି ସଂକଟରେ ସବୁଠୁ ବେଶୀ ପ୍ରଭାବିତ ହେଉଛନ୍ତି ଗରିବ ଗୁରୁବା, ଦିନମଜୁରିଆ ଓ ମଧ୍ୟବର୍ତ୍ତୀ ପରିବାର। ଗ୍ୟାସ ସିଲିଣ୍ଡର ସଠିକ୍ ସମୟରେ ନମିଳିବାରୁ ଘରେ ରୋଷେଇ କରିବାରେ ବହୁ କଷ୍ଟ ଯନ୍ତ୍ରଣା ହେଉଛି ବୋଲି ଗୃହିଣୀ ମାନେ କହିଛନ୍ତି। ଏପରିକି ଛୋଟ ବଡ଼ ହୋଟେଲ ଓ ଠେଲା ଗାଡ଼ିରେ ବେପାର ବନ୍ଦ ହୋଇଗଲଲାଣି। ଏପରିକି କିଛି ଉପଭୋକ୍ତା ସଠିକ୍ ସମୟରେ ବୁକିଙ୍ଗ୍ କରୁଥିଲେ ମଧ୍ୟ ୧୦ ଦିନରୁ ୧୫ ଦିନ ପରେ ମଧ୍ୟ ସିଲିଣ୍ଡର ମିଳୁନି। ଗ୍ୟାସ ସିଲିଣ୍ଡର ନମିଳିବାରୁ ହୋଟେଲରେ ମେନୁ କମିବା ସହ ଦର ଦୁଇଗୁଣା ବଢିଛି।

ଶହଶହ ଗ୍ୟାସ୍ ଉପଭୋକ୍ତା ରନ୍ଧନ ଗ୍ୟାସ୍ ପାଇଁ ଗ୍ୟାସ୍ ଡିପୋ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଲାଇନ୍ କରି ଅପେକ୍ଷା ଧାଡ଼ିରେ ଛିଡ଼ା ହେଉଛନ୍ତି। ଏପଟେ ରନ୍ଧନ ଗ୍ୟାସର ଅଭାବ ବିକ୍ରୀ କୁ ନେଇ ସହରରେ କଳାବଜାରୀଙ୍କ ପ୍ରାଦୁର୍ଭାବ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ସେପଟେ ଏଜେନ୍ସି ଦ୍ୱାରା ଗ୍ୟାସ୍‌ର ଅଭାବ ନାହିଁ। ପୋଲସରା ଓ ଏହାର ଆଖପାଖ ଅଞ୍ଚଳରୁ ଆମର ୪୯ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଅଛନ୍ତି। ଅନଲାଇନ ମାଧ୍ୟମରେ ପ୍ରତ୍ୟେକ ଉପଭୋକ୍ତାଙ୍କ ମୋବାଇଲରେ ବୁକିଙ୍ଗ୍ ଓଟିପି ଆସିଲେ ଗ୍ୟାସ୍ ସିଲିଣ୍ଡର ଡେଲିଭରି କରିଥାଉ ବୋଲି ନେଇ ନିଜର ସ୍ପଷ୍ଟୀକରଣ ରଖିଛନ୍ତି ପ୍ରୋପାଇଟର୍ ଜୟନ୍ତ କୁମାର ସେଠୀ। ଏନେଇ ବରିଷ୍ଠ ସମାଜସେବୀ ଜଗବନ୍ଧୁ ଗନ୍ତାୟତଙ୍କ କହିବା ପ୍ରକାରେ ଏଜେନ୍ସି ପକ୍ଷରୁ ସଠିକ୍ ଗ୍ୟାସ୍ ସିଲିଣ୍ଡର ଉପଲବ୍ଧ ଥିଲେ ମଧ୍ୟ କେତେକ ସ୍ଥାନରେ କଳାବଜାରୀ ଅଧିକରୁ ଅଧିକ ମାତ୍ରାରେ ଗ୍ୟାସ୍ ସିଲିଣ୍ଡର ବିକ୍ରି କରୁଛନ୍ତି। ଏଥିପାଇଁ ସରକାରଙ୍କ ସମସ୍ତ ସିଷ୍ଟମକୁ ଦାୟୀ କରିଛନ୍ତି ଉପଭୋକ୍ତା। ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ମେ’ ୪ରୁ ମା’ରାମାୟାଣାମ୍ମା ଠାକୁରାଣୀ ଯାତ୍ରା

**ଶେଷ ୭ରୁ ୮ ଦିନ ହେବ ଛତ୍ରପୁର ମହୋତ୍ସବ**

ଛତ୍ରପୁର,୨।୪(ସମିସ)



ଛତ୍ରପୁର ସହରର ଆରାଧ୍ୟା ଦେବୀ ମା’ରାମାୟାଣାମ୍ମାଙ୍କ ଯାତ୍ରା ଆସନ୍ତା ମେ ୪ରୁ ଜୁନ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ସହିତ କଳା ସଂସ୍କୃତିକୁ ବଜାଇ ରଖିବା ସହିତ ମା’ଙ୍କ ଯାତ୍ରାକୁ ଆହୁରୀ ଆକର୍ଷଣ କରିବା ନିମନ୍ତେ ଲୋକଙ୍କ ମନୋରଞ୍ଜନ ନିମନ୍ତେ ଯାତ୍ରା ଶେଷ ୭/୮ ଦିନ ଧରି ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯାତ୍ରା କମିଟି, ପୁଲିସ ପ୍ରଶାସନ ଏବଂ ବିଭିନ୍ନ ବିଭାଗ ଅଧିକାରୀ ମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ମା’ଙ୍କ ଯାତ୍ରା ଏବଂ ଛତ୍ରପୁର ମହୋତ୍ସବ କିପରି ଯାକଜକମରେ ହେବ ସେଥିପାଇଁ ସେ ପରାମର୍ଶ ଦେଇଥିଲେ। ଛତ୍ରପୁର ଉପଜିଲ୍ଲାପାଳ ଶିବଶିଷ ବରାଳ ଯାତ୍ରାକୁ କିପରି ସଠିକ ଭାବେ ପରିଚାଳନା କରାଯିବ ସେ ସମ୍ବନ୍ଧରେ ସୂଚନା ଦେଇଥିଲେ। ଯାତ୍ରା କମିଟି ମ୍ୟାନଜର ସିଏଚ. ଦୟାନନ୍ଦ ରେଡ୍ଡୀ ଓ ଆସିଷ୍ଟାଣ୍ଡ ମ୍ୟାନଜର ଏମ. ସମରେନ୍ଦ୍ର ସେନାପତି ଚଳିତ ବର୍ଷ ମା’ଙ୍କ ଯାତ୍ରା କିପରି ଆଡ଼ମ୍ବର ସହକାରେ ହୋଇପାରିବ ଏବଂ ମା’ଙ୍କ ଘଟ ପରିକ୍ରମା ସହିତ ଛତ୍ରପୁର ମହୋତ୍ସବକୁ ନେଇ ସମସ୍ତ ସହଯୋଗ କାମନା କରିଥିଲେ। ବୈଠକରେ ଆଇନ ଶୃଙ୍ଖଳା, ଟ୍ରାଫିକ ଓ ପାର୍କିଂକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା, ପାନୀୟ ଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥାର ସୁ ପରିଚାଳନା, ସ୍ୱାସ୍ଥ୍ୟାବସ୍ଥାର ଆଶୁ ଚିକିତ୍ସା ନେଇ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ପ୍ରଧାନ, ଅତିରିକ୍ତ ଛତ୍ରପୁର ଉପଜିଲ୍ଲାପାଳ ପାର୍ଥସାରଥୀ ହାଁସଦା, ଛତ୍ରପୁର ଏସଡିପିଓ ଚନ୍ଦନ କୁମାର ଘଡ଼ାଇ, ଥାନା ଅଧିକାରୀ ସାବ୍ୟସାଚି ମଲ୍ଲ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଇଓ ପ୍ରସନ୍ନ କୁମାର ଦାଶ, ଯାତ୍ରା କମିଟି ସମ୍ପାଦକ ରାଜୁ ରେଡ୍ଡୀ, ଯୁବ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ସଂଜିତ କୁମାର ରାଉଳ, ସିଏଚ. ପୂର୍ଣ୍ଣ କୁମାର, ସନ୍ତୋଷ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଟାଟା, ଆଇଆରଇଏଲ, ଗୋପାଳପୁର ବନ୍ଦର ଓ ଗ୍ରାସୀମ କମ୍ପାନୀର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଗୋ-ମାଂସ ସନ୍ଦେହରେ କଣ୍ଟେନର ଜବତ

**ଗାଡ଼ି ଓଲଟାଇଲେ ଉତ୍ତ୍ୟକ୍ତ ଯୁବଗୋଷ୍ଠୀ**
**୬୫ ନଂ ରାଜ୍ୟ ରାଜପଥ ଅବରୋଧ**
**ଡ୍ରାଇଭର ଓ ସହାୟକଙ୍କୁ ନିସ୍ତୁକ ମାଡ଼**
**ଘଟଣାସ୍ଥଳରେ ପୁଲିସ ସହ ଧସ୍ତାଧସ୍ତି**

ଟିଗିରିଆ,୨।୪(ସମିସ): ଟିଗିରିଆ ଥାନା ଅଧୀନ ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ବିନ୍ଧାଣିମା ବାଇପାସ୍‌ଠାରେ ଗୁରୁବାର ସକାଳେ ଏକ ମାଂସ ବୋଝେଇ କଣ୍ଟେନରକୁ ନେଇ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଗୋ-ମାଂସ ଚାଲାଣ କରାଯାଉଥିବା ସନ୍ଦେହରେ ସ୍ଥାନୀୟ ଯୁବଗୋଷ୍ଠୀ ଗାଡ଼ିକୁ ଜବତ କରିବା ସହ ରାଜପଥ ଅବରୋଧ କରିବାରୁ ଦୀର୍ଘ ସମୟ ଧରି ସେଠାରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା।

ଯୁବଗୋଷ୍ଠୀଙ୍କ ଅଭିଯୋଗ ଅନୁଯାୟୀ, ନରସିଂହପୁର ଥାନା ଅଧୀନ ଚମ୍ପେଶ୍ୱର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବାଧ ଗୋ-ହତ୍ୟା କରାଯାଇ ମାଂସ ବାହାରକୁ ଚାଲାଣ କରାଯାଉଛି। ଏହି ସୂଚନା ପାଇ କିଛି ଯୁବକ ଗାଡ଼ିଟିକୁ ବଡ଼ମ୍ବା ଅଞ୍ଚଳରୁ ପିଛା କରିଥିଲେ। ଡ୍ରାଇଭର ଗାଡ଼ିଟିକୁ ଦ୍ରୁତ ଗତିରେ ନେଇ ବଡ଼ମ୍ବା ଓ ମାଣିଆବନ୍ଧ ଥାନା ଅତିକ୍ରମ କରିବାରେ ସଫଳ ହୋଇଥିଲେ ହେଁ, ବିନ୍ଧାଣିମା ହନୁମାନ ମନ୍ଦିର ନିକଟ ହମ୍ପସରେ ଗତି କମିବା ବେଳେ ଯୁବକମାନେ ତାକୁ ମାଡ଼ି ବସିଥିଲେ। ଉତ୍ତ୍ୟକ୍ତ ଯୁବକମାନେ କଣ୍ଟେନରର ଡ୍ରାଇଭର ଓ ସହାୟକଙ୍କୁ ଗାଡ଼ିରୁ ଟାଣି ଆଣି ପ୍ରବଳ ମାଡ଼ ମାରିବା ସହ ଗାଡ଼ିଟିକୁ ରାସ୍ତା ଉପରେ ଓଲଟାଇ ଦେଇଥିଲେ। ଏପରିକି ଗାଡ଼ିରେ ନିଆଁ ଲଗାଇବା ପାଇଁ ଚେଷ୍ଟା କରାଯାଉଥିବା ବେଳେ ପୁଲିସ ସେମାନଙ୍କୁ ନିବୃତ୍ତ କରିଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଯୁବକ ଓ ପୁଲିସ ମଧ୍ୟରେ ଟଣାଓଟରା ଓ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଅଞ୍ଚଳର ଶତାଧିକ ଲୋକ ଘଟଣାସ୍ଥଳରେ ପହଞ୍ଚି ପ୍ରଶାସନିକ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବର ପାଇ କଟକ ଗ୍ରାମାଞ୍ଚଳ ଏସପି ପ୍ରଦୀପ କୁମାର ସାହୁ, ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି, ଟିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇସ୍ମିତା, ତହସିଲଦାର ଧର୍ମ ରଞ୍ଜନ ପଣ୍ଡା ଓ ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଉପଯୁକ୍ତ ତଦନ୍ତର ପ୍ରତିଶ୍ରୁତି ପାଇବା ପରେ ପରିସ୍ଥିତି କିଛିଟା ଶାନ୍ତ ପଡ଼ିଥିଲା। ପଶୁ ଚିକିତ୍ସା ଅଧିକାରୀ ରାଜେଶ୍ୱରୀ ଦାସ ଜବତ ମାଂସର ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଟିଗିରିଆ ପୁଲିସ ଗାଡ଼ିଟିକୁ ଉଦ୍ଧାର କରିବା ସହ ଡ୍ରାଇଭର ଓ ସହାୟକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଜବତ ମାଂସ ପ୍ରକୃତରେ କେଉଁ ପଶୁର, ତାହା ପରୀକ୍ଷା ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।



## ୧୫ ଘଣ୍ଟା ପରେ ହଟିଲା ଦୁର୍ଘଟଣାଗ୍ରସ୍ତ ଟ୍ରକ୍

ନିଶ୍ଚିନ୍ତକୋଇଲି, ୨।୪ (ସମିସ): ନିଶ୍ଚିନ୍ତକୋଇଲି ପୁଲିସ ଓ ପ୍ରଶାସନର ଚରମ ଅବହେଳା ଯୋଗୁଁ କଟକ-ଚାନ୍ଦବାଲି ମୁଖ୍ୟ ରାଜପଥରେ ଯାତାୟାତ ୧୫ ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଛି। ଥାନାଠାରୁ ମାତ୍ର ୩୦୦ ମିଟର ଦୂର ବାହାବଳପୁର ଛକ ନିକଟରେ ଏକ ଦୁର୍ଘଟଣାଗ୍ରସ୍ତ କୋଇଲା ବୋଝେଇ ଟ୍ରକ ଦୀର୍ଘ ସମୟ ଧରି ରାସ୍ତା ମଝିରେ ପଡ଼ିରହିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଏକ ୧୬ ଚକିଆ କୋଇଲା ବୋଝେଇ ଟ୍ରକ (ଓଡି ୨୯ ଏଫ ୭୯୩୫) ଦ୍ରୁତ ଗତିରେ ପାରାଦୀପ ଯାଉଥିବା ବେଳେ ଅନ୍ୟ ଏକ ସିମେଣ୍ଟ ବୋଝେଇ ଟ୍ରକ (ଓଡି ୦୪ କ୍ୟୁ ୪୩୨୪)କୁ ଓଭରଟେକ କରିବା ସମୟରେ ପଛପଟୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ କୋଇଲା ବୋଝେଇ ଟ୍ରକର ହେଲପର ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଉଭୟ ଗାଡ଼ିର ବହୁ କ୍ଷତି ଘଟିଛି। ରାଜପଥରେ ୧୬ ଚକିଆ ଭାରୀଯାନ ଚଳାଚଳ ଉପରେ କଟକଣା ଥିଲେ ମଧ୍ୟ ଟୋଲ ଗେଟ୍ ଫି ଫାଙ୍କିବା ପାଇଁ ଅନେକ ଗାଡ଼ି ଏହି ରାସ୍ତା ଦେଇ ବେଆଇନ ଭାବେ ଯାତାୟାତ କରୁଛନ୍ତି। ପ୍ରଶାସନର କୋହଳ ମନୋଭାବ ଯୋଗୁଁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ଅଭିଯୋଗ ହୋଇଛି। ଦୁର୍ଘଟଣା ପରେ ରାସ୍ତା ମଝିରେ ଗାଡ଼ି ଓ କୋଇଲା ପଡ଼ି ରହିଥିଲେ ମଧ୍ୟ ପୁଲିସ ତାହାକୁ ହଟାଇବାକୁ କୌଣସି ପଦକ୍ଷେପ ନେଇ ନ ଥିଲା। ପରିଶେଷରେ ଗୁରୁବାର ସନ୍ଧ୍ୟାରେ ଟ୍ରକ ମାଲିକ ଜେସିବି ଲଗାଇ ଗାଡ଼ିଟିକୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ବର୍ତ୍ତମାନ ଉଭୟ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି।

## ରାମଚନ୍ଦ୍ର ଜିଲ୍ଲା କଂଗ୍ରେସ ଉପସଭାପତି



କନ୍ଦରପୁର,୨।୪(ସମିସ): କଟକ ଜିଲ୍ଲା କଂଗ୍ରେସ କମିଟିରେ ଉପସଭାପତି ଭାବେ ଦାୟିତ୍ୱ ନେଇଛନ୍ତି କଟକ ସଦର ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ରାମଚନ୍ଦ୍ର ଗୋଛାୟତ। ଶ୍ରୀ ଗୋଛାୟତ ପୂର୍ବରୁ ବ୍ଲକ୍ କଂଗ୍ରେସ ସଭାପତି ରହିବା ସହ ବିଧାୟକ ପ୍ରାର୍ଥୀ ମଧ୍ୟ ହୋଇଥିଲେ। ତାଙ୍କର ଏହି ନିଯୁକ୍ତି ପାଇଁ ଶ୍ରୀ ଗୋଛାୟତ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ଜିଲ୍ଲା କଂଗ୍ରେସକୁ ଅଧିକ ମଜବୁତ୍ କରିବା ସହ ଲୋକଙ୍କ ସମସ୍ୟାକୁ ନେଇ ଜିଲ୍ଲା କଂଗ୍ରେସ ଆଗକୁ ଲୋକଙ୍କ ସ୍ୱର ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛନ୍ତି।

## ପଦ୍ମଶ୍ରୀ ଶରତ ପାତ୍ରଙ୍କୁ ସମ୍ବର୍ଦ୍ଧନା



ଟିଗିରିଆ,୨।୪(ସମିସ): ଓଡ଼ିଶା ଦିବସ ଅବସରରେ କଟକର 'ଉତ୍କଳ ତସ୍ରିକା' ମହିଳା ସଙ୍ଗଠନର (ଓଡିଶା ହସ୍ତତନ୍ତ ପ୍ରଚାର ଓ ପ୍ରସାର ଅଭିଯାନ) ତରଫରୁ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ' ସମ୍ମାନପ୍ରାପ୍ତ ତଥା ଓଡିଶା ହସ୍ତତନ୍ତ ଜଗତକୁ ଗୌରବ ଆଣିଥିବା ଟିଗିରିଆ ବ୍ଲକ ଅଧୀନ ନୂଆପାଟଣା ଗ୍ରାମର ଶରତ କୁମାର ପାତ୍ରଙ୍କୁ ସଂଗଠନର ସଦସ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। 'ଉତ୍କଳ ତସ୍ରିକା' ମହିଳା ସଂଗଠନ ବହୁବର୍ଷ ଧରି ଓଡିଶା ହସ୍ତତନ୍ତ ବୁଣାକାରଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଦେଇ ଆସୁଛି।

## ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ବୈଠକ



ନିଶ୍ଚିନ୍ତକୋଇଲି,୨।୪(ସମିସ): କଟକ ଜିଲ୍ଲା କଂଗ୍ରେସ କମିଟିର ନୂତନ କର୍ମକର୍ତ୍ତା ଚୟନ ପରେ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବା ପାଇଁ ଅଣ୍ଟା ଭିଡ଼ିଛି ଜିଲ୍ଲା କଂଗ୍ରେସ। ଜିଲ୍ଲା ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ନେତୃତ୍ୱରେ ନିଶ୍ଚିନ୍ତକୋଇଲି ବ୍ଲକ ତରତ ପଞ୍ଚାୟତ ଦାମୋଦରପୁରଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିର୍ବାଚିତ ବ୍ଲକ ସଭାପତି ଓ ଜିଲ୍ଲା କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଜିଲ୍ଲା ସଭାପତି ଶ୍ରୀ ଦାସ କର୍ମକର୍ତ୍ତାମାନଙ୍କୁ ବୁଥ୍ ସ୍ତରରେ ସଂଗଠନକୁ ସକ୍ରିୟ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ନୂତନ ଭାବେ ଗଠିତ ଆଞ୍ଚଳିକ ଦଳ "ଓଡ଼ିଶା ଜନତା କଂଗ୍ରେସ' ପ୍ରସଙ୍ଗରେ ସେ କହିଥିଲେ ଯେ ଯେଉଁମାନେ କଂଗ୍ରେସ ଛାଡ଼ିଛନ୍ତି ସେମାନେ କେବେ ବି ସଚ୍ଚା କର୍ମୀ ନ ଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ସଭାପତି ନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା ସଭାପତି ଅକ୍ଷୟ କାପ, କଟକ ସଦର ସଭାପତି ସୀତାକାନ୍ତ ପଣ୍ଡା, କଣ୍ଟାପଡ଼ା ସଭାପତି ପ୍ରଦ୍ୟୁମ୍ନ ଖଟୋଇ, ନରସିଂହପୁର ସଭାପତି ସଚିଦାନନ୍ଦ ନାୟକ, ନିଆଳି ସଭାପତି କେଦାରନାଥ ସାହୁ ଏବଂ ମାହାଙ୍ଗା ସଭାପତି ଦୀପକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ସୁକାନ୍ତ ନନ୍ଦ, ବଂଶୀଧର ବେହେରା ଓ ବାନାମ୍ବର ଚାନ୍ଦଙ୍କ ସମେତ ବହୁ ନବନିର୍ବାଚିତ କର୍ମକର୍ତ୍ତା ଦଳୀୟ ରଣନୀତି ଉପରେ ଆଲୋଚନା କରିଥିଲେ।

## ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ




ଟିଗିରିଆ,୨।୪(ସମିସ): ଗତ ଶନିବାର ଅନୁଷ୍ଠିତ ଟିଗିରିଆ ଆଇନଜୀବୀ ସଂଘର ନିର୍ବାଚନରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ଟିଗିରିଆ ଜେଏମଏଫସି କୋର୍ଟ ପରିସରସ୍ଥିତ ଆଇନଜୀବୀ ସଂଘ ଗୃହରେ ନିର୍ବାଚନ ଅଧିକାରୀ ଆଇନଜୀବୀ ସୁରେଶ ପ୍ରଧାନ ସଭାପତି ପ୍ରଶାନ୍ତ ପଟ୍ଟନାୟକ, ସମ୍ପାଦକ ତନ୍ମୟ କୁମାର ମିଶ୍ର, ଉପସଭାପତି ଶ୍ରୀକାନ୍ତ ସାହୁ, ସହ ସମ୍ପାଦକ ଅର୍ଚ୍ଚନା ସିଂହ ସାମନ୍ତ, ଏକଜିକ୍ୟୁଟିଭ ବଡ଼ିର ସଭ୍ୟ ଗିରିଜା ପ୍ରସାଦ ପଟ୍ଟନାୟକ, ଇଭା ପଣ୍ଡା, ସଞ୍ଜୟ ଦାସଙ୍କୁ ଶପଥ ପାଠ କରାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଜୟ ବେହେରା ଓ ଟିଗିରିଆ ଓକିଲ ସଂଘର ସମସ୍ତ ସଭ୍ୟମାନେ ଉପସ୍ଥିତ ଥିଲେ।

## ଶିକ୍ଷାକେନ୍ଦ୍ରରେ ପ୍ରବେଶ ଉତ୍ସବ



ଟାଙ୍ଗୀ,୨।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଆଞ୍ଜୁଆ ଗ୍ରାମସ୍ଥ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କେନ୍ଦ୍ର ଅଧକ୍ଷା ଶ୍ରଦ୍ଧାଞ୍ଜଳି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ଗଙ୍ଗାଧର ବେହେରା, ସୁବାସଚନ୍ଦ୍ର ବେହେରା ଓ ମଧୁସୂଦନ ସାହୁ କାର୍ଯ୍ୟକ୍ରମର ମହତ୍ତ୍ୱ ଉପରେ ସଚେତନ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ୩୫ ଜଣ ନୂତନ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷାକେନ୍ଦ୍ରର ସମସ୍ତ ଛାତ୍ରଛାତ୍ରୀଙ୍କୁ ବନ୍ଦାପନା କରାଯାଇ ଉପହାର ଦିଆଯାଇଥିଲା। ଏହାପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ରୁବୀ ବେହେରା ଧନ୍ୟବାଦ ଦେଇଥିବାବେଳେ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ମାରୁଗୋଠ-ବଡ଼ଭୂଇଁ ରାସ୍ତା କାମ ନିମ୍ନମାନର

**ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**



ଆଠଗଡ଼,୨।୪(ସମିସ): ଆଠଗଡ଼ ବ୍ଲକର ମାରୁଗୋଠ ଛକରୁ ବଡ଼ଭୂଇଁ ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଆଠଗଡ଼-ନରସିଂହପୁର ରାଜ୍ୟ ରାଜପଥ ସହ ସଂଯୋଗ କରୁଥିବା ଏହି ରାସ୍ତାଟି ବର୍ତ୍ତମାନ "ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'ରେ ନବୀକରଣ କରାଯାଉଛି। ତେବେ କାମରେ ବ୍ୟାପକ ଅନିୟମିତତା ହେଉଥିବା ଦର୍ଶାଇ ଗ୍ରାମବାସୀ ଶୋଭାଯାତ୍ରାରେ ଆସି ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତା କାମରେ ଆବଶ୍ୟକ ପରିମାଣର ମେଟାଲ ଓ ଚିପ୍ସ ବ୍ୟବହାର କରା ନ ଯାଇ ଅତ୍ୟଧିକ କ୍ରସର ଗୁଣ୍ଡ ବ୍ୟବହାର କରାଯାଉଛି। ପିଚୁ କାମ ଏତେ ନିମ୍ନମାନର ଯେ ହାତ ମାରିଲେ ପିଚୁ ସ୍ତର ଉଠିଯାଉଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଯାଞ୍ଚ କରି କାମର ମାନ ଠିକ୍ ନ ଥିବା ସ୍ୱୀକାର କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗୁରୁବାର ବଡ଼ଭୂଇଁ ଦଳ ଗ୍ରାମର ବହୁ ଅଧିବାସୀ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀ ଶର୍ମା ଘଟଣାର ବିଭାଗୀୟ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଜିଲ୍ଲାର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ









### ଆଠଗଡ଼ ବିଜୁ ଯୁବ-ଛାତ୍ର ଜନତା ଦଳ

ଆଠଗଡ଼,୨।୪(ସମିସ): ଆଠଗଡ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ଆଠଗଡ ସ୍ଥିତ ସୂର୍ଯ୍ୟଭବନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଆଠଗଡ ବିଜୁ ଜନତା ଦଳର ସଭାପତି ରବିନ୍ଦ୍ର ନାଥ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଉପସଭାପତି ନୃସିଂହ ଚରଣ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡା, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ବରିଷ୍ଠ ନେତା ରମେଶ ଚନ୍ଦ୍ର ଘଡେଇ ପ୍ରମୁଖ ଯୋଗଦେଇ ଓଡିଶା ଗଠନର ବିନ୍ଧାଣିମାନଙ୍କର ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରରିପେକ୍ଷୀରେ ବିଜୁ ଜନତା ଦଳର ବହୁ କର୍ମୀ ଓ ନିର୍ବାଚିତ ଜନପ୍ରତିନିଧୀମାନେ ଉପସ୍ଥିତ ଥିଲେ।

### ଆଠଗଡ଼ ମାର୍ଶଲ ଆର୍ଟ ଏକାଡେମୀ

ଆଠଗଡ଼ ମାର୍ଶଲ ଆର୍ଟ ଏକାଡେମୀ ଓ କଟକ ଜିଲ୍ଲା କ୍ୱାନ କି-ଡୋ ଆସୋସିଏସନ, ଆଠଗଡ଼ର ସହାୟତାରେ ପବିତ୍ର ଉତ୍କଳ ଦିବସ ଅବସରରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଡା. ମାନସ କୁମାର ପାଣି, ଆସୋସିଏସନର କ୍ରୀଡାବିତ ସାଇ ଜିଗ୍ନେଶ ନାଥ, ଆୟୁଷ ରଞ୍ଜନ ସାହୁ, ସ୍ମରଣିକା ସ୍ୱାଇଁ, ରାମ ପ୍ରକାଶ ସାହୁ, ସୋନାଲି ସେଠି, ଜୟଦେବ ପଟ୍ଟନାୟକ, ଆୟୁଷ ମହାପାତ୍ର ଏବଂ ଆସୋସିଏସନର ସଭ୍ୟ ବଦ୍ରିନାରାୟଣ ବାହିନୀପତି, ଶ୍ୟାମ ପ୍ରସାଦ ପଣ୍ଡା, ରାହୁଲ ଜେନା, ଶିଶିର ପ୍ରସାଦ ମାନସିଂ, ରାକେଶ ଚନ୍ଦ୍ର ଦାଶ, ପ୍ରତ୍ୟୁଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

### ସୁଭଦ୍ରା ମହତାବ କଲେଜ

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରଠାରେ ଥିବା ସୁଭଦ୍ରା ମହତାବ ଡିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୯୦ତମ ଉତ୍କଳ ଦିବସ ପାଳିତ ହୋଇଛି। ସେବା ଯୋଜନାର କାର୍ଯ୍ୟକ୍ରମ ପରିଚାଳକ ଅଧ୍ୟାପକ ସୁଧୀର ଦାସଙ୍କ ସଂଯୋଜନାରେ କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ସୁପ୍ରଭା ପରିଡା ମଧୁବାବୁ, ଗୋପବନ୍ଧୁ, ହରେକୃଷ୍ଣ ମହତାବ, ଗୌରୀଶଙ୍କର ରାୟ ଆଦି ବରପୁତ୍ରମାନଙ୍କ ତୈଳଚିତ୍ରରେ ଭକ୍ତିଅର୍ଘ୍ୟ ସ୍ୱରୂପ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରମାକାନ୍ତ ସାମଲ, ବିଜୟ ପରିଡା, ଲୋଲୁପ ଚନ୍ଦ୍ର ମହାରଣା, ସୁବାଷ ଚନ୍ଦ୍ର ବେହେରା, ଦୀପକ ଜେନା, ବିଶ୍ୱଜିତ୍ ମଲିକ, କର୍ମଚାରୀ ରାଜେନ୍ଦ୍ର ପ୍ରସାଦ ଦାସ, ଧୂଳେଶ୍ୱର ପରିଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ସୁଧୀର ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ପିପି କଲେଜ

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ପୌରହିତ୍ୟରେ କଲେଜ ସଭା ଗୃହରେ ଏପ୍ରିଲ ୧ ଉପଲକ୍ଷେ ଉତ୍କଳ ଦିବସ ପାଳିତ ହୋଇଛି। ଓଡିଶାର ସ୍ୱାଭିମାନ ଓ ଆମ ଭାଷା ସଂକ୍ରାନ୍ତ ଏକ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ହୃଦୟାନନ୍ଦ ସ୍ମାରକୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଲକ୍ଷ୍ମଣ ଦାଶ, ମୁଖ୍ୟବକ୍ତା ଭାବେ କଲେଜର ପ୍ରଶାସନିକ ଅଧିକାରୀ ଡ. ପଦ୍ମଲୋଚନ ରାଉତ, ସମ୍ମାନୀତ ଅତିଥି ଭାବେ ଭାଷା, ସାହିତ୍ୟ ବିଭାଗର ଅଧ୍ୟାପିକ କବିତା ଷଡଙ୍ଗୀ, ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର, ଶିକ୍ଷକ ଅଭୟ ଜେନା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ଦେବଯାନୀ ସିହ୍ନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡ. ପୁଷ୍ପଲତା ବେହେରା ଧନ୍ୟବାଦ ଦେଇଥିଲେ।

### ଆଞ୍ଚଳିକ ଟାଇଗର କ୍ଲବ

ଭଦ୍ରେଶ୍ୱର: ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ମାହାଙ୍ଗା ଆଞ୍ଚଳିକ ଟ୍ରାଇଗର କ୍ଲବ କୁଆଁପାଳ ଆନୁକୂଲ୍ୟରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କ୍ୟାପିଟାଲ ଫ୍ରେଣ୍ଡସ ଆସୋସିଏସନର ମୁଖ୍ୟ ଓ ସତ୍ୟମ ଶିବମ ସୁନ୍ଦରମ ପତ୍ରିକାର ସମ୍ପାଦକ ଇଂ ଜିତେନ କୁମାର ରାଉତରାୟ ଏହି ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ମହିମା ଗବେଷକ ଡ. ଏକାଦଶୀ ପ୍ରଧାନ, ବିଶିଷ୍ଟ ଅତିଥିରୂପେ କବୟିତ୍ରୀ ଲବଙ୍ଗଲତା ରାଉତ, ମୁଖ୍ୟବକ୍ତାରୂପେ ଆଶୁକବି ଡମ୍ବରୁଧର ପରିଡା, ବିଶିଷ୍ଟ ବକ୍ତା ରୂପେ ସୁସାହିତ୍ୟିକ ପ୍ରଶାନ୍ତ କୁମାର କର, ସମାଜସେବୀ ପ୍ରଶାନ୍ତ ପଟ୍ଟନାୟକ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଯୋଗଦାନ କରିଥିଲେ। ପ୍ରାରମ୍ଭରେ କ୍ରୀଡା ଓ ଯୋଗ ସମ୍ପାଦକ ଜୟଦେବ ମୁଦୁଲି ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମହିମା ଧର୍ମ ଗବେଷକ ଡ. ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବିଦୁଷୀ ଲବଙ୍ଗଲତା ରାଉତଙ୍କ ପୁସ୍ତକ ସ୍ୱପ୍ନ ବିଳାଶିନୀ ମାହାଙ୍ଗା ଉନ୍ମୋଚିତ ହୋଇଥିଲା। ଶେଷରେ କ୍ଲବର ସାଧାରଣ ସମ୍ପାଦକ ରବିନ୍ଦ୍ର କୁମାର ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ତୁଷାର ଦାସଙ୍କ ସମେତ କ୍ଲବର ସମସ୍ତ କାର୍ଯ୍ୟକର୍ତ୍ତା ପୂର୍ଣ୍ଣ ସହଯୋଗ କରିଥିଲେ।

### ଗୋପାଳପୁର

ମାହାଙ୍ଗା: ମାହାଙ୍ଗା ବ୍ଲକ ପଲ୍ଲିସାହୀ ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଠାରେ ଉତ୍କଳ ଗୌରବ ସ୍ମୃତି ସଂସଦ ଆନୁକୂଲ୍ୟରେ ସଂସଦ ପକ୍ଷରୁ ୫୨ତମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ଗାନ୍ଧୀବାଦି ସମାଜସେବୀ ସରୋଜ ବନ୍ଧୁ ଦାଶ, ମୁଖ୍ୟ ବକ୍ତା ଭାବେ ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସମ୍ମାନିତ ଅତିଥିଭାବେ ସୁଶିଲ ଶରଣ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭାଗ୍ୟଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ନାୟକ, ଗୋପାଳ ଦାସ, ଚିତ୍ତରଞ୍ଜନ ନାୟକ, ସଚ୍ଚିଦାନନ୍ଦ ଶରଣ, ଦୀପ୍ତିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ। ହିମାଂଶୁ ଶେଖର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଚୌଧୁରୀ କ୍ଷୀରୋଦ କୁମାର ଶରଣ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗାନ୍ଧୀବାଦି ଶତାୟୁ ନେତା ସରୋଜବନ୍ଧୁ ଦାଶଙ୍କୁ ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବରିଷ୍ଠ ନାଗରିକ ପରିଷଦ

ଟାଙ୍ଗୀ: ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଠାରେ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ପୁରାତନ ଛାତ୍ର ସଂଘ ପାଠାଗାର ପରିସରରେ ବୁଧବାର ଉତ୍କଳ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସରସ୍ୱତୀ ବିଦ୍ୟା ମନ୍ଦିର ଓ ନିଗମାନନ୍ଦ ବିଦ୍ୟା ନିକେତନର ଛାତ୍ରଛାତ୍ରୀ ଦ୍ୱାରା ମହିମା ଅଲେଖ ଟୁଙ୍ଗି ଠାରୁ ପାଠାଗାର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ପାଠାଗାର ପରିସରରେ ସୁରେନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିଜୟ ସାହୁ, ଶରତ ନାୟକ, ବିଭୂଦେନ୍ଦ୍ର ଷଡ଼ଙ୍ଗୀ, ଅଭିମନ୍ୟୁ ଗୋଛାୟତ ଓ ଅରକ୍ଷିତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଉତ୍କଳ ଦିବସ ଓ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଶୋକ ପୃଷ୍ଟି ଅତିଥି ପରିଚୟ ଦେଇଥିବାବେଳେ ବିଭୂତି ଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ନାୟକ, ଭୀମସେନ ମହାନ୍ତି, ଚନ୍ଦ୍ରମୋହନ ସାହୁ, ବିନୋଦ ବେହେରା, ଶିବରାମ ଦାସ, ଧନେଶ୍ୱର ସାହୁ, ଭାଗ୍ୟଧର ସେଠୀ, ଭରତ ସାହୁ, ରାଜକିଶୋର ନାୟକ ଓ ଶାରଦା ମହାନ୍ତିଙ୍କ ସମେତ ବରିଷ୍ଠ ନାଗରିକ ପରିଷଦର ସଦସ୍ୟମାନେ ସହଯୋଗ କରିଥିଲେ।

# ବରଗଡ଼ରେ 'ଆମ ପୋଷାକ ଆମ ପରିଚୟ' ଅଭିଯାନ



## ଜିଲ୍ଲାପାଳଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀଙ୍କ ସମ୍ବଲପୁରୀ ବସ୍ତ୍ର ପରିଧାନ

**ବରଗଡ଼, ୨।୪(ସମିସ)**

ଓଡ଼ିଆ ପକ୍ଷ ପାଳନ ଅବସରରେ ରାଜ୍ୟ ସରକାରଙ୍କ 'ଆମ ପୋଷାକ ଆମ ପରିଚୟ' ଅଭିଯାନ ଅନୁସାରେ ବରଗଡ଼ ଜିଲ୍ଲାରେ ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ ହୋଇଯାଇଛି। ଓଡ଼ିଆ ପକ୍ଷର ଦ୍ୱିତୀୟ ଓ ତୃତୀୟ ଦିନର ଥିମ୍ ଅନୁଯାୟୀ ଏହି ପୋଷାକ ଅଭିଯାନକୁ ଜିଲ୍ଲାର ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟ, ସରକାରୀ ଅଫିସ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡିକରେ ଉତ୍ସାହର ସହ ପାଳନ କରାଯାଇଛି। କର୍ମଚାରୀମାନେ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଓଡ଼ିଆ ପାରମ୍ପରିକ ପୋଷାକ ପ୍ରତି ଲୋକଙ୍କ ଆକର୍ଷଣ ବଢ଼ାଇବା, ନୂତନ ପିଢ଼ିକୁ ନିଜ ସଂସ୍କୃତି ସହ ଯୋଡିବା, ସ୍ଥାନୀୟ ପୋଷାକ ଓ ପରମ୍ପରା ପ୍ରତି ହୀନମନ୍ୟତାର ମୂଳୋତ୍ପାଟନ କରି ଦୈନିକ ଜୀବନରେ ଏହାକୁ ଅନୁସରଣ କରିବା ଏହାର ଉଦ୍ଦେଶ୍ୟ ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ପୂର୍ବରୁ ନିର୍ଦ୍ଦେଶ ଜାରି ହୋଇଥିଲା। କେବଳ ସରକାରୀ ଚାକିରିଆଙ୍କ ବ୍ୟତିରେକେ ସାଧାରଣ ଲୋକଙ୍କୁ ମଧ୍ୟ ଏହି ଅଭିଯାନରେ ସହଭାଗୀ ହେବା ପାଇଁ ଆହ୍ୱାନ କରାଯାଇଛି। ନିଜ ଘରେ କିମ୍ବା କର୍ମକ୍ଷେତ୍ରରେ ପାରମ୍ପରିକ ଓଡ଼ିଆ ପୋଷାକ ପରିଧାନ କରି ବ୍ୟକ୍ତିଗତ କିମ୍ବା ସାମୂହିକ ସେଲ୍ଫି ଙଗଙଗ.କ୍ଟଯସବକ୍ଟବଲଷଛବ.ମକ୍ଟଙ୍କ ୱେବସାଇଟରେ ଅପଲୋଡ କରିବାକୁ ପ୍ରୋତ୍ସାହନ ଦିଆଯାଇଛି। ଏଥିରେ ଭଲ ସେଲ୍ଫି ଗୁଡ଼ିକୁ ଓଡ଼ିଆ ପକ୍ଷର ଶେଷ ପର୍ଯ୍ୟାୟରେ ପୁରସ୍କୃତ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ସାମାଜିକ ଗଣମାଧ୍ୟମରେ ମଧ୍ୟ ଏହି ଅଭିଯାନର ଛବି ଓ ଭିଡିଓ ପ୍ରକାଶ ପାଉଥିବା ବେଳେ ସାଧାରଣ ଲୋକମାନେ ଏହାକୁ ସ୍ୱାଗତ କରିଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଡେପୁଟି କଲେକ୍ଟର ସୁମତି ପଣ୍ଡା, ଡେପୁଟି କଲେକ୍ଟର ମଧୁସ୍ମିତା ସାମଲ, ମସ୍ତରାମ ଛନ୍ଦ, ଭୁବନ ଚଇନି, ଘନଶ୍ୟାମ ଭୋଇଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ଓଡ଼ିଆ ପକ୍ଷ ଅବସରରେ ଏପରି ପ୍ରୟାସ ଓଡ଼ିଆ ଭାଷା, ସଂସ୍କୃତି ଓ ପରିଚୟକୁ ଆହୁରି ସୁଦୃଢ଼ କରିବାରେ ସାହାଯ୍ୟ କରିବ।



**ବରଗଡ଼:** ସ୍ଥାନୀୟ ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟରେ ଆମ ପୋଷାକ ଆମ ପରିଚୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଓ ଅଧ୍ୟକ୍ଷ ଡ.ସରୋଜ ଦେବତାଙ୍କ ଆହ୍ୱାନ କ୍ରମେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ବୃନ୍ଦ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଉତ୍ସବକୁ ବହୁ ଆଡମ୍ବର ସହକାରେ ପାଳନ କରିଥିଲେ।

# ଜିଲ୍ଲା ପ୍ରତିଷ୍ଠା ଦିବସ › ମାଟିର ଗୌରବ ଭାବେ ଭୋଜରାଜ ବାଗ ସମ୍ମାନିତ

**ବରଗଡ଼, ୨।୪(ସମିସ):** ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ତଥା ବରଗଡ଼ ଜିଲ୍ଲା ସମାଜସେବୀ ସଂଘର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୨ଟି ବ୍ଲକରୁ ଚୟନିତ ୧୨ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଝାରବନ୍ଧ ବ୍ଲକ ଜାମପାଲିର ସମାଜସେବୀ ଭୋଜରାଜ ବାଗଙ୍କୁ 'ମାଟିର ଗୌରବ ସମ୍ମାନ' ପ୍ରଦାନ କରାହୋଇଛି। ସଂଘର ସଭାପତି ବଳିଷ୍ଠ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଏନଏସି ଚେୟାରମ୍ୟାନ କଳ୍ପନା ମାଝୀ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ଧନୁଯାତ୍ରାର ପ୍ରସିଦ୍ଧ କଂସ ଅଭିନେତା ସୁଶୀଲ ମେହେର, ସମ୍ପାଦକ ସୁରେଶ୍ୱର ଶତପଥୀ, ସମାଜସେବୀ ପ୍ରିତମ ସିଂହ ଓ ଚନ୍ଦ୍ରଶେଖର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଭୋଜରାଜ ବାଗ ୧୯ ୯୦ରୁ ସ୍ୱାମୀ ଅଗ୍ନିବେଶ ଓ କୈଳାଶ ସତ୍ୟାର୍ଥୀଙ୍କ ସଂସ୍ପର୍ଶରେ ଆସି ଗୋତି ଓ ବାଳ ଶ୍ରମିକଙ୍କ ମୁକ୍ତି ଓ ପୁନର୍ବାସ ପାଇଁ ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ଝାରବନ୍ଧ, ପାଇକମାଳ ଓ ପଦ୍ମପୁର ଅଞ୍ଚଳର ଅନେକ ଯୁବକ 'ବଚପନ ବଚାଓ ଆନ୍ଦୋଳନ' ସହିତ ଯୁକ୍ତ ହୋଇ ସମାଜ ପରିବର୍ତ୍ତନର ଅଭିଯାନରେ ନିଜକୁ ସାମିଲ କରିପାରିଛନ୍ତି। ଭଣ୍ଡାରପୁରୀ ପଞ୍ଚାୟତରେ ୨୦ ବର୍ଷରୁ ଅଧିକ ସମୟ ଧରି ସରପଞ୍ଚ ଭାବେ ସେବା ଦେଇଥିବା ସହିତ, ଡଭା ପାକ୍ସରେ ୧୫ ବର୍ଷ ଧରି ଡାଇରେକ୍ଟର ଓ ସଭାପତି ଭାବେ କୃଷକମାନଙ୍କ ହିତରେ କାମ କରିଛନ୍ତି। ବର୍ତ୍ତମାନ ସେ ନୂଆପଡ଼ା ଜିଲ୍ଲାରେ ମହିଳା ସଶକ୍ତିକରଣ, ଶିକ୍ଷା, ସଚେତନତା ଓ ଅନୁସୂଚିତ ଜାତି-ଜନଜାତିଙ୍କ ଉନ୍ନତି ପାଇଁ ଅଭିଯାନ ଚଳାଇଛନ୍ତି। ଭୋଜରାଜ ବାଗଙ୍କୁ 'ମାଟିର ଗୌରବ ସମ୍ମାନ' ଦେଇ ସମ୍ମାନିତ କରିବା ଝାରବନ୍ଧ ଅଞ୍ଚଳ ପାଇଁ ଗର୍ବର ବିଷୟ। ଏହି ଅବସରରେ ଝାରବନ୍ଧ ବ୍ଲକର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ବାଗଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



## ୧୮ ସାର ଦୋକାନୀଙ୍କ ଲାଇସେନ୍ସ ବାତିଲ

**ବରଗଡ଼, ୨।୪(ସମିସ):** ଆସନ୍ତା ଖରିଫ ଋତୁକୁ ଆଖି ଆଗରେ ରଖି ବରଗଡ଼ ଜିଲ୍ଲା କୃଷି ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ଆସନ୍ତା ଖରିଫ ଋତୁରେ ବିଭିନ୍ନ ସାରର ସଠିକ୍ ପରିଚାଳନା ନିମନ୍ତେ ବରଗଡ଼ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବ୍ଲକର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ସାର ବେପାରୀମାନଙ୍କ ଉପରେ ଚଢ଼ଉ କରିଥିଲା। ବରଗଡ଼ କୃଷି ବିଭାଗ ତରଫରୁ ଦୁଇ ଦିନ ଭିତରେ ୧୮ ଟି ସାର ବେପାରୀମାନଙ୍କ ଲାଇସେନ୍ସ ବାତିଲ କରାଯାଇଛି।

## ଦେବାଳିଆ ଓ ଋଣ ପରିଶୋଧ ଅକ୍ଷମତା ବିଲ୍

# ଚାଷୀଙ୍କ ପାଇଁ ବିନା ସୁଧରେ ଋଣ, ଏସ୍‌ସି-ଏସ୍‌ଟି ଓ ଗରିବଙ୍କୁ ଆଇନଗତ ସୁରକ୍ଷା ଦାବି କଲେ ସାଂସଦ

**ପଦ୍ମପୁର, ୨।୪(ସମିସ):** ଦେବାଳିଆ ଓ ଋଣ ପରିଶୋଧ ଅକ୍ଷମତା ସଂହିତା (ସଂଶୋଧନ) ବିଲ୍ ୨୦୨୬ ଉପରେ ସାଂସଦ ନିରଞ୍ଜନ ବିଶି ରାଜ୍ୟସଭାରେ ମତାମତ ପ୍ରଦାନ କରିଛନ୍ତି। ପ୍ରସ୍ତାବିତ ସଂଶୋଧନ ସାମାଜିକ ନ୍ୟାୟ, ସମାନତା ଓ ସମ୍ବିଧାନିକ ଦାୟିତ୍ୱକୁ ସମ୍ମାନ କରିବା ଉଚିତ ବୋଲି ସେ କହିଥିଲେ। ଦେବାଳିଆ ବ୍ୟବସ୍ଥା ଆର୍ଥିକ ସ୍ଥିରତା ପାଇଁ ଆବଶ୍ୟକ, କିନ୍ତୁ ଏହାର ଲାଭ ସମସ୍ତ ବର୍ଗଙ୍କୁ ସମାନ ଭାବେ ମିଳିବା ଦରକାର। ବଡ କମ୍ପାନୀମାନେ ଋଣ ପୁନର୍ଗଠନ ଓ ଆଇନଗତ ସୁରକ୍ଷା ପାଉଥିବା ବେଳେ ଚାଷୀ ଓ ଦୁର୍ବଳ ବର୍ଗ ଆର୍ଥିକ ସଙ୍କଟରେ ରହିଛନ୍ତି ବୋଲି ସେ କହିଥିଲେ। ଚାଷୀ ଇଚ୍ଛାକୃତ ଭାବେ ଋଣଗ୍ରସ୍ତ ନୁହନ୍ତି ବରଂ ଜଳବାୟୁ ପରିବର୍ତ୍ତନ, ଫସଲ ହାନି ଓ ବଜାର ଅସ୍ଥିରତାର ଦଣ୍ଡ ଭୋଗୁଛନ୍ତି। ଏଣୁ ଚାଷୀଙ୍କ ପାଇଁ ସୁଧ ମୁକ୍ତ ଓ ଜମାନତ ବିହୀନ ଋଣ ସହିତ କୃଷକ ଋଣ ଛାଡ ବ୍ୟବସ୍ଥା ଆରମ୍ଭ କରିବାକୁ ଏବଂ ଏହି ସଂହିତାର କଠୋର ପ୍ରକ୍ରିୟାରୁ ଚାଷୀଙ୍କୁ ସୁରକ୍ଷା ଦେବାକୁ ସାଂସଦ ବିଶି ପ୍ରସ୍ତାବ ରଖିଥିଲେ। ସମ୍ବିଧାନର ଧାରା ୩୮, ୩୯ ଓ ୪୬ ଉଲ୍ଲେଖ କରି ସେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଦୁର୍ବଳ ବର୍ଗଙ୍କ ସୁରକ୍ଷା ଉପରେ ଜୋର ଦେଇଥିଲେ। ସାଂସଦ କହିଥିଲେ ଯେ ଆଦିବାସୀ ଜମି ଅଧିକାର ଓ ଗରିବ ପରିବାରମାନଙ୍କ ଆର୍ଥିକ ସୁରକ୍ଷା ଜଟିଳ ପରିସ୍ଥିତିରେ ରହିଛି। ଗରିବଙ୍କ ସମ୍ପତ୍ତି ଜବତ ନକରାଯାଉ ଓ ଆଦିବାସୀ ଜମି ଅଧିକାରର କଡା ସୁରକ୍ଷା ନିଶ୍ଚିତ କରାଯିବା ଏବଂ ଦୁର୍ବଳ ବର୍ଗ ପାଇଁ ଏକ ସରଳ ଓ ପୃଥକ ଦେବାଳିଆ ଏବଂ ଋଣ ଶୁଝିବା ସକ୍ଷମହୀନ ବ୍ୟବସ୍ଥା ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶା ସନ୍ଦର୍ଭରେ ସାଂସଦ କହିଥିଲେ ଯେ, ଅଞ୍ଚଳ ଭିତ୍ତିକ ସାମାଜିକ-ଆର୍ଥିକ ପରିସ୍ଥିତିକୁ ଧ୍ୟାନ ଦେଇ ଆଇନ ପ୍ରୟୋଗ କରାଯିବା ଉଚିତ। ଆଇନ ଗ୍ରାମୀଣ ସଙ୍କଟ ଓ ଦାଦନ ଶ୍ରମିକ ବୃଦ୍ଧି କରିପାରେ। ଗରିବ ଋଣଗ୍ରାହୀଙ୍କ ପାଇଁ ଆଇନଗତ ସହାୟତା ଓ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସାମାଜିକ ପ୍ରଭାବ ଆକଳନକୁ ଜୋର ଦେଇ ଏକ ମାନବକେନ୍ଦ୍ରିକ ବିଧେୟକ ବ୍ୟବସ୍ଥା ଆବଶ୍ୟକ ସାଂସଦ ବିଶି ପ୍ରକାଶ କରିଥିଲେ।

# ବରଗଡ଼ରେ ପରିମଳ ବ୍ୟବସ୍ଥା ଶୋଚନୀୟ

**ବରଗଡ଼, ୨।୪(ସମିସ):** ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ସରିଛି ହେଲେ ସହରର ମୌଳିକ ସେବାକୁ ଅଣ ଦେଖା କରାଯାଉଛି। ଓଡ଼ିଶାର ପୁରାତନ ପୌର ପରିଷଦ ମଧ୍ୟରୁ ବରଗଡ଼ ଅନ୍ୟତମ। କିନ୍ତୁ ଏବେ ଏହାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଅନ୍ୟପଟେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ ମାନେ କୌଣସି ସ୍ଥାୟୀ ଡମ୍ପିଂୟାର୍ଡ ଏପର୍ଯ୍ୟନ୍ତ କରିବାରେ ବିଫଳ ହୋଇଛନ୍ତି ବୋଲି ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଫଳରେ ବରଗଡ଼ ସହରରେ କୁଡ଼କୁଡ଼ ମଇଳା ଆବର୍ଜନା ପଡ଼ିରହିଛି।



ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ ରହିଛି ବୋଲି ଆମ୍ ଆଦମୀ ପାର୍ଟି ଅଭିଯୋଗ କରିଛି। ଏକ ପ୍ରେସ ବିବୃତିରେ ଉଲ୍ଲେଖ କରି କହିଛି ଯେ, ଡବଲ ଇଞ୍ଜିନ ସରକାର ଆସିଲା ପରେ ବରଗଡ଼ରେ ପରିମଳ ବ୍ୟବସ୍ଥା ଭୁଶୁଡି ପଡ଼ିଛି ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି। ବିଜେପି କେବଳ ଲୋକ ଦେଖାଣିଆ ପ୍ରଚାର ସର୍ବସ୍ୱ ସଫେଇ ଅଭିଯାନ କରି ଟଙ୍କା ଅପବ୍ୟବହାର କରୁଛି ଯଦ୍ୱାରା ମଶା, ମାଛି ହୋଇ ସହରରେ ଗୋଟିଏ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାର ସମାଧାନ ନହେଲେ ଆଗକୁ ଜନ ଆନ୍ଦୋଳନ କରା ଯିବ ବୋଲି ଶ୍ରୀ ସାହୁ କହିଛନ୍ତି।

# ଘେଁସ ଓ କୁଚିପାଲି ପଞ୍ଚାୟତ ଯକ୍ଷ୍ମାମୁକ୍ତ

**ମେଲଛାମୁଣ୍ଡା, ୨।୪(ସମିସ):** ସୁସ୍ଥ ସମାଜ ଗଠନ ଦିଗରେ ଯକ୍ଷ୍ମା ଭଳି ଭୟଙ୍କର ରୋଗ ବିରୁଦ୍ଧରେ ଲଢ଼େଇ କରି ଜିଲ୍ଲାର ୫୫ ପଞ୍ଚାୟତ ଏବେ 'ଟିବି ମୁକ୍ତ' ମାନ୍ୟତା ପାଇଛନ୍ତି। ଏହି କ୍ରମରେ ସୋହେଲା ବ୍ଲକର ଘେଁସ ପଞ୍ଚାୟତ ଏବଂ କୁଚିପାଲି ପଞ୍ଚାୟତର ସଫଳତା ସୋହେଲା ବ୍ଲକ ପାଇଁ ଉଦାହରଣ ସାଜିଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବରଗଡ଼ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଦୁଇ ସଫଳ ପଞ୍ଚାୟତକୁ ସମ୍ମାନିତ କରାଯାଇଛି। ବରଗଡ଼ ଜିଲ୍ଲାପାଳ ଏବଂ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କ ଉପସ୍ଥିତିରେ ଘେଁସ ସରପଞ୍ଚ ଗୋକୁଳଚନ୍ଦ୍ର ଦାସ ଓ କୁଚିପାଲି ସରପଞ୍ଚ ସୁଜାତା ପଣ୍ଡାଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୨୫ ପାଇଁ ଧାର୍ଯ୍ୟ ଯକ୍ଷ୍ମା ନିରାକରଣର ସମସ୍ତ କଠିନ ମାନଦଣ୍ଡକୁ ସଫଳତାର ସହ ପୂରଣ କରିଥିବାରୁ ଏହି ଗୌରବ ମିଳିଛି। ଉଭୟ ସରପଞ୍ଚ ନିଜ ପ୍ରତିକ୍ରିୟାରେ ପଞ୍ଚାୟତବାସୀଙ୍କ ସଚେତନତା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମକୁ ଶ୍ରେୟ ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଘରକୁ ଘର ବୁଲି ରୋଗ ଚିହ୍ନଟ କରିବା ସହ ଲୋକଙ୍କୁ ସଠିକ୍ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ମଧ୍ୟ ଏହି ସୁସ୍ଥ ବାତାବରଣ ବଜାୟର ଖିବାକୁ ଆମେ ସମସ୍ତଙ୍କ ସହଯୋଗ କାମନା କରୁଛୁ ବୋଲି ଉଭୟ ସରପଞ୍ଚ କହିଛନ୍ତି।

## ସରପଞ୍ଚ ଗୋକୁଳଚନ୍ଦ୍ର ଦାସ ଓ ସୁଜାତା ପଣ୍ଡା ସମ୍ବର୍ଦ୍ଧିତ



# ବିକାଶ ଶିକ୍ଷାନୁଷ୍ଠାନ ସମୂହରେ ଉତ୍କଳ ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ




**ବରଗଡ଼, ୨।୪(ସମିସ):** ଲକ୍ଷ୍ମୀ ବିକାଶ ଗ୍ରୁପର ବିକାଶ ହାୟର ଏଜୁକେସନାଲ କ୍ୟାମ୍ପସରେ ଓଡ଼ିଶା ଦିବସ ତଥା ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ.ଅଜୟ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଶିକ୍ଷାବିତ୍ ଓ ସମାଜସେବୀ ଟେକଚାନ୍ଦ ଦୁଆନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିକାଶ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର 'ଓଡ଼ିଶା ଦିବସ ଏବଂ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ' ପାଳନର ଆଭିମୁଖ୍ୟ ଉଲ୍ଲେଖ କରିଥିଲେ। ପ୍ରଶାସନିକ ଅଧିକାରୀ ଇଂ.ମହାପାତ୍ର ଛାତ୍ରଛାତ୍ରୀଙ୍କୁ ନିଜ ଭାଷା ଓ ମାତୃଭୂମି ପାଇଁ ଗର୍ବ ଓ ସ୍ୱାଭିମାନ ରହିବା ଉଚିତ ବୋଲି ଉଦ୍‌ବୋଧନ ଦେଇଥିଲେ। ସେହିପରି ଡ.ଦୁଆନ ତାଙ୍କ ଅଭିଭାଷଣରେ କର୍ତ୍ତବ୍ୟବୋଧ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ସନ୍ତୋଷୀ ସାହୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ବିକାଶ ହାୟର ଏଜୁକେସ୍ନାଲ କ୍ୟାମ୍ପସ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନରୁ ୭ ଜଣ ଛାତ୍ରଛାତ୍ରୀ ଯଥା ଅର୍ଚ୍ଚିତା ନାୟକ୍, ସମ୍ପିଶ୍ରୀ ପ୍ରଧାନ, ସ୍ୱାଧୀନ ଦାଶ, ସାଇ ସୌମ୍ୟରଞ୍ଜନ ଭୋଇ, ସୈଜନ୍ୟା ମିଶ୍ର, ପ୍ରତ୍ୟୁଷ ତାଣ୍ଡି ଏବଂ ଯାଶସ୍ୱି ସମ୍ପନ୍ନ ପତି ବକ୍ତବ୍ୟ ଉପସ୍ଥାପିତ କରିଥିଲେ। ବିକାଶ ନର୍ସି କଲେଜର ଛାତ୍ରୀ ମାନେ ୨ଟି ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ଜ୍ଞାନ 'ଆମ ଓଡ଼ିଶାକୁ ଜାଣିବା' ଶୀର୍ଷକ ପ୍ରତିଯୋଗୀତାରେ ବିଜୟୀ ଛାତ୍ରଛାତ୍ରୀ ଦେବାଶିଷ ମିଶ୍ର (୧ମ), ପ୍ରୟାଗରାଜ ରଥ (୨ୟ) ଏବଂ ନିଲୋତ୍ପଳା ଗଡ଼ତିଆ (୩ୟ)ଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ମୁଖ୍ୟ ଅତିଥି ଡ.ଦୁଆନଙ୍କୁ ସପତ୍ନିକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଭି କ୍ରିଷ୍ଟା ମଞ୍ଚ ପରିଚାଳନା ଏବଂ ଅତିଥି ପରିଚୟ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଆବାସିକ ବିଦ୍ୟାଳୟ



**ବରଗଡ଼:** ବରଗଡ଼ ସ୍ଥିତ କ୍ରିଷ୍ଟା ବିକାଶ ଆବାସିକ ବିଦ୍ୟାଳୟରେ ଓଡ଼ିଶା ଦିବସ ଓ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ ନୂତନ ନୂତନ ପାଠ୍ୟକ୍ରମରେ ଓଡ଼ିଆ ଭାଷା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ଓଡ଼ିଆ ଅସ୍ମିତାର ଉନ୍ନତିରେ ସହଯୋଗ କରିବାକୁ ଆହ୍ୱାନ ଦେବା ସହ ବରଗଡ଼ ଜିଲ୍ଲାର ଗୌରବର ଗୁଣଗାନ କରିଥିଲେ। ପ୍ରାର୍ଥନା ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଙ୍ଗୀତ, ନୃତ୍ୟ, କବିତାପାଠ ପ୍ରସଙ୍ଗମାନ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ବିକାଶ ଆବାସିକ ବିଦ୍ୟାଳୟର ଓଡ଼ିଆ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ପେଟୁପାଲି ଭାଗବତ ଗାଦିରେ ପ୍ରବଚନ

**ଘେଁସ, ୨।୪(ସମିସ):** ଘେଁସ, ବଡଜୋର ପେଟୁପାଲି ମଧ୍ୟସ୍ଥ ବରଛକ ଭାଗବତ ଗାଦିରେ ପବିତ୍ର ଚୈତ୍ର ପୂର୍ଣ୍ଣିମା ତିଥିରେ ଶ୍ରୀକୃଷ୍ଣ ଭାଗବତ ଟୁଙ୍ଗି ପକ୍ଷରୁ ଭାଗବତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲେଇମାଲ ମହେନ୍ଦ୍ର ନାଗ ଓ ପତ୍ନୀ ଗିତାଞ୍ଜଳୀ ନାଗ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ। ପଣ୍ଡିତ ବାଚସ୍ପତି ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଝିଲପାଲି ଗାଁର ରାଧାମାଧବ ସଙ୍କୀର୍ତ୍ତନ ମଣ୍ଡଳୀର ଗାୟିକା ଦ୍ରୁପତି ଭୁଏ ଭାଗବତ ପାରାୟଣ ସହିତ ଭଜନ ପରିବେଷଣ କରିଥିଲେ। ଏଥିରେ ବାଦ୍ୟଯନ୍ତ୍ରରେ ଏମ୍‌ଶ୍ରୀଗିଡାର ଭଗିରଥ ମେହେର ଏବଂ ତାଙ୍କ ସାଥି ମାନେ ସହଯୋଗ କରିଥିଲେ। ଗଜରାଜ ମେହେର ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ବକ୍ତା ଭାଗୀରଥି ସାହୁ, ସମ୍ମାନିତ ବକ୍ତା ଦିବ୍ୟ କିଶୋର ପଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ସାମିଲ ସମସ୍ତ ସାଧୁସନ୍ଥ, ଯୋଗୀ ବୈଷ୍ଣବ, ବକ୍ତା ଶ୍ରୋତା, ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଭାପତି କମଳାକାନ୍ତ ଜାଲ, ସମ୍ପାଦକ ରକ୍ଷାକାରି ସାହୁ, ସଂଯୋଜକ ମହେନ୍ଦ୍ର ନାଗ, ବରିଷ୍ଠ ସଭ୍ୟ ବଡ ଭୋଇ, ସାନ ଭୋଇ, ଅଭିମନ୍ୟୁ ପରଧିଆ, ସାଧୁରାମ ଗିଙ୍ଗିରା କୈଳାସ ସାହୁଙ୍କ ସମେତ ଅଞ୍ଚଳର ଯୁବଗୋଷ୍ଠୀ ଭକ୍ତ ମାନେ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଝାରବନ୍ଧ, ୨।୪(ସମିସ):** ଝାରବନ୍ଧ ବ୍ଲକ ବୈତାଲି କ୍ଲଷ୍ଟର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସନଦାଦରରେ ଶିକ୍ଷକ ବାଳମକୁନ୍ଦ ବାରିକଙ୍କ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସହକର୍ମୀ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ସଭାରେ ବୈତାଲି କ୍ଲଷ୍ଟର ସିଆରସିସି ଦିବସ ସାହୁ ଓ ଭଣ୍ଡାରଜୋରୀ କ୍ଲଷ୍ଟର ସିଆରସିସି ବିଷ୍ଣୁଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ସୁନା, ସହାକାରୀ ଶିକ୍ଷକ ଅମରେଶ ଚନ୍ଦ୍ର ଭୋଇ ଓ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମହେନ୍ଦ୍ର ବାରିକ, ଲଳିତ ମଲ୍ଲିକ, ସତ୍ୟାନନ୍ଦ ସେଠ, ପ୍ରଭୁଦାସ ମହାନନ୍ଦ ଓ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ କପିଳେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗ୍ରାମବାସୀ ବିଦାୟୀ ଶିକ୍ଷକଙ୍କୁ ସମ୍ମାନ ଜଣାଇଥିଲେ।



# ଭେଡେନ ପାକ୍ସର ବାର୍ଷିକ ସାଧାରଣ ସଭା

**ଭେଡେନ, ୨।୪(ସମିସ):** ଭେଡେନ ସ୍ଥିତ ଭେଡେନ ପ୍ରାଥମିକ କୃଷିସେବା ସମବାୟ ସମିତି ଲିଃ ଭେଡେନ ପାକ୍ସର ୫୩ତମ ବାର୍ଷିକ ସାଧାରଣ ସଭା ଭେଡେନ ବ୍ଲକ ଅଧୀନ କୁବେଡେଗା ପଞ୍ଚାୟତ କୁବେଡେଗା ଜଗନ୍ନାଥ ମନ୍ଦିର ସ୍ଥିତ କଲ୍ୟାଣ ମଣ୍ଡପରେ ଶତାଧିକ ଚାଷୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ପାକ୍ସ ସଭାପତି ହରିଶଙ୍କର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅଙ୍କୁର ପଧାନ ବିବରଣୀ ପଠନ କରିଥିଲେ। ଚଳିତ ବର୍ଷ ସମବାୟ ସମିତିର ପ୍ରଗତି ଉପରେ ସମ୍ପାଦକ ବିଷଦ ବିବରଣୀ ପଠନ କରିଥିଲେ। ପରେ ଚାଷୀ ଧାନ କିଣା ବିକା ପ୍ରକ୍ରିୟାରେ ହୋଇଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ନିଜର ଅନୁଭୂତି ଓ ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପାଦକ ଆଗାମୀ ଦିନରେ ତ୍ରୁଟି ସଂଶୋଧନ ସହ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଧାନକିଣାଯିବ ବୋଲି ପ୍ରକାଶ କରିଥିଲେ। ସରକାର ବିନା କଟନି ଛଟନିରେ ଧାନକିଣାଯିବ ବୋଲି କହିବା ସତ୍ତ୍ୱେ ପୁଣି କଟନି ଛଟନି ହେଉଥିବାରୁ ଚାଷୀ ଗଣେଶ ଦାନ ସରକାରଙ୍କୁ ସମାଲୋଚନା କରିଥିଲେ। ଚାଷୀ ଆନନ୍ଦ ସୁନା ଅଣ ସଭ୍ୟ ଚାଷୀଙ୍କୁ ମଧ୍ୟ ସାର ଯୋଗାଣ ପାଇଁ ଦାବି କରିଥିଲେ। ଚାଷୀ ବିଜୟ ସାହୁ ଧାନ କିଣା ଅସୁବିଧା କଥା କହିଥିଲେ। ଅନୁଷ୍ଠିତ ସଭାରେ ନିର୍ଦ୍ଦେଶକ ସୁଦାମ ପାତ୍ର, ନରେନ୍ଦ୍ର ପଧାନ, ସରୋଜ ବାରିକ, ସତ୍ୟରଥ, ବଳରାମ ବିଶ୍ୱାଳ ପ୍ରମୁଖ ଚାଷୀ ସମସ୍ୟା ଓ ତାର ସମାଧାନ ଉପରେ ବକ୍ତବ୍ୟ ଦେଇଥିଲେ। ଶେଷରେ ନିର୍ଦ୍ଦେଶକ ନରେନ୍ଦ୍ର ପଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅଣ ସାମ୍ବାଦିକଙ୍କ ଦୌରାତ୍ମ୍ୟ, ୩ କୋର୍ଟ ଚାଲାଣ

# ସରକାରୀ କନିଷ୍ଠ ଯନ୍ତ୍ରୀଙ୍କୁ ଗାଳି ଗୁଲଜ, ହତ୍ୟା ଧମକ

**ବରଗଡ଼, ୨।୪(ସମିସ)**



ଅଣ-ସାମ୍ବାଦିକଙ୍କ ଦୌରାତ୍ମ୍ୟ ସମାଜରେ ଚିନ୍ତାଜନକ ଭାବେ ବୃଦ୍ଧିପାଉଛି। ନିଜକୁ ସାମ୍ବାଦିକ ବୋଲି ପରିଚୟ ଦେଇ କେତକ ଠକ ସାଧାରଣ ଲୋକଙ୍କୁ ଭୟଭୀତ କରୁଛନ୍ତି ଓ ଅନେକ ସମୟରେ ଅନୈତିକ ଭାବେ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହେଉଛି। କିଛି ଅଣସାମ୍ବାଦିକ ନକଲି ପ୍ରେସ୍‌କାର୍ଡ ବ୍ୟବହାର କରି ସରକାରୀ କାର୍ଯ୍ୟାଳୟ, ବ୍ୟବସାୟୀ ଏବଂ ସାଧାରଣ ଲୋକଙ୍କ ଉପରେ ଚାପ ପକାଉଛନ୍ତି। ଖବର ପ୍ରକାଶ କରିବାକୁ ଧମକ ଦେଇ ଚାନ୍ଦା ମାଗିବା ଭଳି ଘଟଣା ମଧ୍ୟ ଦେଖାଦେଉଛି। ଫଳରେ ପ୍ରକୃତ ସାମ୍ବାଦିକଙ୍କ ଉପରେ ଲୋକଙ୍କ ବିଶ୍ୱାସ କମୁଛି। ଏଭଳି ଏକ ଘଟଣା ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକରେ ଦେଖିବାକୁ ମିଳିଛି। ଜଣେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ, ଚାନ୍ଦା ବଟି ମାଗିବା ସହ ହତ୍ୟା ଧମକ ଦେଇ ଗିରଫ ହେବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। କାର୍ଯ୍ୟରତ ସରକାରୀ କନିଷ୍ଠ ଯନ୍ତ୍ରୀ ବିକାଶ ଅଡ୍ଡା ଗତ ମାର୍ଚ୍ଚ ୩୧ରେ ନିର୍ମାଣାଧୀନ କାର୍ଯ୍ୟ ଦେଖିବା ପାଇଁ ଚାଣ୍ଟିପାଲି ପଞ୍ଚାୟତ କେରମେଲି ଗାଁରେ ଥିଲେ। ଏତିକିବେଳେ ତାଙ୍କ ବ୍ଲକ କଲୋନୀରେ ଥିବା ସରକାରୀ ଗୃହରେ ତାଲପାଲି ଗାଁର ଅଣସାମ୍ବାଦିକ ରଜନୀକାନ୍ତ ସାହୁ, ଖୁଣ୍ଟପାଲି ଗାଁର କୃପାସିନ୍ଧୁ ମହାନ୍ତି ଓ ଗାଇସିଲେଟର ସ୍ୱାତାକାନ୍ତ ଦାସ ତାଙ୍କ ଆବସ ଗୃହର କବାଟ ବାଡେଇ ଭାଙ୍ଗି ଦେବାକୁ ଚେଷ୍ଟା କରିଥିଲେ। ଅଭଦ୍ର ଭାଷାରେ ଗାଳି ଗୁଲଜ, ଚାନ୍ଦା ବଟି ମାଗିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେହି ସମୟରେ ବିକାଶଙ୍କ ସ୍ତ୍ରୀ ଘରେ ଏକାକୀ ଥିଲେ ଏବ ଘଟଣା ବିଷୟରେ ଫୋନ୍ ମାଧ୍ୟମରେ ଜଣାଇଥିଲେ। ପୂର୍ବରୁ ମଧ୍ୟ ଭୟରେ ଟଙ୍କା ଦେଇଥିବା ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟ ଏକ ଦିନରେ କୃପାସିନ୍ଧୁ ମହାନ୍ତି ତାଙ୍କ ଘରକୁ ଦାଦା ବଟି ମାଗିବାକୁ ଆସିଥିଲେ ବୋଲି ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ମାମଲା ରୁଜୁ କରି ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ବରପାଲିରେ ବିଶ୍ୱ ଅଟିଜମ୍ ସଚେତନତା ଦିବସ

**ବରପାଲି, ୨।୪(ସମିସ):** ବରପାଲି ସରସ୍ୱତୀ ଥେରାପି ଏବଂ ପୁନର୍ବାସ କେନ୍ଦ୍ର ସହ ଲିଟଲ୍ ଆଞ୍ଜେଲ୍ସ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆୟୋଜନରେ ବିଶ୍ୱ ଅଟିଜମ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ପଦଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ସରସ୍ୱତୀ ସଂଘ ସଭାପତି ଲୀଳାବତୀ ତ୍ରିପାଠୀ ପତାକା ଦେଖାଇ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ସଂଘ ସଭ୍ୟ, ସ୍ୱତନ୍ତ୍ର ପ୍ରଶିକ୍ଷକ, ସଦସ୍ୟ ଏବଂ ୟୁନିଫାଇଡ୍ ଚାମ୍ପିଅନ୍ ସ୍କୁଲ୍ ଭାବେ ପରିଚିତ ଲିଟଲ୍ ଆଞ୍ଜେଲ୍ସ ପବ୍ଲିକ୍ ସ୍କୁଲ ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ପରେ ଏକ ସଭା ଆୟୋଜିତ ହୋଇଥିଲା। ସଭାରେ ଅଟିଜମ୍ ସଚେତନତା ବିଷୟରେ ମତାମତ ପ୍ରକାଶ ପାଇଥିଲା। ସମାଜରେ ଏହି ବିଷୟରେ ଅଧିକ ସଚେତନତା ଆଣିବାରେ ଜୋର ଦେଇଥିଲେ। ସଭାରେ ସମ୍ପାଦିକା ସୁନିତା ମୁଣ୍ଡ, ବିଜୟ ଲକ୍ଷ୍ମୀ ଦାଶ, ସ୍ନିଗ୍ଧାରାଣୀ ଦେବତା, ବିବେଶିଖା ବେହେରା ପ୍ରଶାନ୍ତ ସାମଲ, ସାକେତ୍ ବେହେରା, ନୂତନ ପଧାନ ପ୍ରମୁଖ ଯୋଗ ଦେଇଥିଲେ।

# ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

## ● ହତ୍ୟା ଅଭିଯୋଗ ଆଣିଲେ ପରିବାର; ସ୍ୱାମୀ ଅଟକ

ଖୋର୍ଦ୍ଧା,୨।୪(ସମିସ): ଆଦର୍ଶ ଥାନା ଅନ୍ତର୍ଗତ ଜରିପୁଟ (ଜାମୁସାହି)ରେ ଜଣେ ମହିଳା ଅର୍ଦ୍ଧଦଗ୍ଧ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତା ହେଲେ ସୁମିତ୍ରା ନାୟକ (୩୫)। ତେବେ ଭଉଣୀକୁ ପୋଡି ମାରିଦେଇଥିବା ତାଙ୍କ ଭାଇ ସନ୍ତୋଷ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଜରିପୁଟ (ଜାମୁସାହି)ର ସନ୍ତୋଷଙ୍କ ଭଉଣୀ ସୁମିତ୍ରା ସେହି ଗ୍ରାମର ରଞ୍ଜନକୁ ପ୍ରେମ ବିବାହ କରିଥିଲେ। କିଛିଦିନ ଉଭୟଙ୍କ ଦାମ୍ପତ୍ୟ ଜୀବନ ଭଲରେ କଟିଥିବାବେଳେ ପରେ ବିଶୃଙ୍ଖଳା ହୋଇଥିଲା। ରଞ୍ଜନ ସୁମିତ୍ରାଙ୍କୁ ବିଭିନ୍ନ ସମୟରେ ମାରଧର କରୁଥିବାବେଳେ ସୁମିତ୍ରା ନିକଟସ୍ଥ ବାପଘରକୁ ଯାଇ ରହୁଥିଲେ। ପରେ ଆପୋଷ ସମାଧାନ ହୋଇ ରଞ୍ଜନ ଘରକୁ ଆସୁଥିଲେ। ପରକୀୟା ପ୍ରୀତିରେ ଅନ୍ଧ ହୋଇ ରଞ୍ଜନ ଆଜି ଭଉଣୀ ସୁମିତ୍ରାକୁ ପେଟ୍ରୋଲ ଢାଳି ପୋଡି ମାରି ଦେଇଥିଲା ବୋଲି କହିଛନ୍ତି ସନ୍ତୋଷ। ତାଙ୍କ କହିବା ଅନୁସାରେ, ଭୋର ସମୟରେ ଘରେ ଶୋଇଥିବାବେଳେ ଭିଣେଇ ରଞ୍ଜନ ଆସି କହିଲେ ତମ ଭଉଣୀ ଆତ୍ମହତ୍ୟା କରିଛି। ଖବର ପାଇ ଗଲାବେଳକୁ ଘର ବାରଣ୍ଡାରେ ଭଉଣୀ ମରି ପଡିଥିବା ଦେଖିଥିଲେ। ମାତ୍ର ଆତ୍ମହତ୍ୟା ନୁହେଁ ବରଂ ତାକୁ ହତ୍ୟା କରାଯାଇଛି। ତାର ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଯାଇଛି। ଶରୀର ର ଅଧିକାଂଶ ଭାଗ ପୋଡିଯାଇଛି। ତାର ଗୋଡର ପାଦ ଠାରୁ ଭାଙ୍ଗିଥିବା ଦେଖାଯାଇଥିଲା। ତେଣୁ ପରକିୟା ପ୍ରୀତିରେ ସୁମିତ୍ରା କଂଟା ସାଜିବାରୁ ତାକୁ ରଞ୍ଜନ ଅତି ନିର୍ମମଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରୁଥିବା ସନ୍ତୋଷ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ୧୮୮/୨୬ରେ ଏକ ହତ୍ୟା ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ରଞ୍ଜନ ନାୟକ କୁ ପୁଲିସ ଅଟକ ରଖି ତଦନ୍ତ କରୁଥିବା ଜଣାଯାଇଛି।

# ‘ବସୁନ୍ଧରା’ ଯୋଜନାରେ ୪୬ ଜଣଙ୍କୁ ପଟ୍ଟା ପ୍ରଦାନ



ବେଗୁନିଆ,୨।୪(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ ହୋଇଛି। ଏଥିରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟଅତିଥି, ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଉପଜିଲ୍ଲାପାଳ ସ୍ୱସ୍ତିକ ସଙ୍କଳ୍ପ ସାହୁ, ବିଡ଼ିଓ ସନ୍ତୋଷ କୁମାର ଜେନା, ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷା ସାବିତ୍ରୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ,ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା,ସମିତି ସଭ୍ୟା ମାମା ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ପଞ୍ଚାୟତର ଜେମାବନ୍ତଦେଇପୁର୍ ଗ୍ରାମର ୪୬ ଜଣଙ୍କୁ ପଟ୍ଟା ପ୍ରଦାନ କରିଥିଲେ।

# ଓଡ଼ିଶା ଦିବସ ପାଳିତ




ଖୋର୍ଦ୍ଧା,୨।୪(ସମିସ): ଖୋର୍ଦ୍ଧାର ସ୍ୱେଚ୍ଛାସେବୀ ସଂଗଠନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଓ ସିଗ୍‌ମା ସ୍କୁଲ ଦ୍ୱାରା ଓଡ଼ିଶା ଦିବସ ଏକ ନିଆରା ଢ଼ଙ୍ଗରେ ପାଳିତ ହୋଇ ଯାଇଛି। ସିଗ୍‌ମା ସ୍କୁଲର ଛାତ୍ରଛାତ୍ରୀ ଗୋପବନ୍ଧୁ ଦାଶ, ମଧୁସୂଦନ ଦାସ, ଫକୀର ମୋହନ ସେନାପତି, କୃଷ୍ଣଚନ୍ଦ୍ର ଗଜପତି ଇତ୍ୟାଦିଙ୍କ ଛଦ୍ମବେଶରେ ଏହି ସମାରୋହରେ ସାମିଲ ହୋଇ ଆଗାମୀ ନୂତନ ଓଡ଼ିଶା -୨୦୩୬ ଗଠନ କରିବା ପାଇଁ ବିଭିନ୍ନ ପ୍ଲାକାଡର୍‌ମାନ ଧରି ସହରରେ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ। ଏହି ଛଦ୍ମବେଶୀ ବରପୁତ୍ରମାନଙ୍କୁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମାରୋହର ବିକାଶ ମଞ୍ଚର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସମେତ ସିଗ୍‌ମା ସ୍କୁଲର ପ୍ରତିଷ୍ଠାତା ଶୁଭ୍ରାଂଶୁ ସାମନ୍ତରାୟ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଓକିଲ ସଂଘର ସଭାପତି ଲୋତକବିନ୍ଦୁ ପଟ୍ଟନାୟକ, ଉପସଭାପତି ହର ମହାପାତ୍ର, ସମ୍ପାଦକ ଲିଙ୍ଗରାଜ ସାହୁ, ଆଇନଜୀବୀ ଶକ୍ତି ମିଶ୍ର, ଶିଶିର ପରିଡ଼ା, ବିଜୟ ସାମନ୍ତସିଂହାର, ଗାନ୍ଧୀ ଦାଶ, ଅଜିତ୍ ପଟ୍ଟନାୟକ, ବସନ୍ତ ଭଞ୍ଜ, ଜୀବନ ମିଶ୍ର, ଲକ୍ଷ୍ମଣ ପରିଡ଼ା, ସଞ୍ଜୟ ପଟ୍ଟନାୟକ, ସୁରେନ୍ଦ୍ର ପାଢ଼ୀ, ସ୍ଥାନୀୟ ସମାଜସେବୀ ବିମଳ ଷଡ଼ଙ୍ଗୀ, ଭୀମସେନ ପ୍ରଧାନ, ମୃତ୍ୟୁଞ୍ଜୟ ଛୋଟରାୟ, ସତ୍ୟବାଦୀ ବଳିୟାରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ବଦ୍ରି ନାରାୟଣ ଦାସ ପ୍ରମୁଖ ସାମିଲ୍ ହୋଇଥିଲେ।

# ଉତ୍କଳ ଦିବସରେ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବାଣପୁର, ୨।୪(ସମିସ) : ଉତ୍କଳ ଦିବସ ପାଳନ ଅବସରରେ ଉତ୍କଳର ବରପୁତ୍ର ମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ବାଣପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ଚିଲିକା ସାହିତ୍ୟ ସମାଜ, ବାଣପୁର ଏନଏସି, ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ, ପଲ୍ଲୀଶ୍ରୀ କଳା ସଂସ୍କୃତି ପରିଷଦ, ଉପେନ୍ଦ୍ର ମହାରଥୀ ସ୍ମୃତି ପରିଷଦ, କୃଷ୍ଣଚନ୍ଦ୍ର ତ୍ରିପାଠୀ ପାଠାଗାର, ସାହିତ୍ୟ ସିନ୍ଦୁରା ଓ ପରିଡ଼ା ପାଠାଗାର, ଚିନ୍ତାମଣି ବାଳଚର ଯୁବସେବା ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଏକତା ପରିଷଦ ଟ୍ରଷ୍ଟ, କୁମାର ପାଠାଗାର, ବାଣପୁର ସଂଗ୍ରାମ ପରିଷଦ, ଜାଗୃତି ସାହିତ୍ୟ ସଂସଦ, ବାଣପୁର କଳାକାର ସଂଘ, ଐତିହାସିକ ପଞ୍ଚୁଦୋଳ ଯାତ୍ରା କମିଟି, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ, ମା’ ଭଗବତୀ କଳା ପରିଷଦ, ଚିଲିକା ଦିବ୍ୟାଙ୍ଗ ମଞ୍ଚ ଓ ଆଭାସ ଅନୁଷ୍ଠାନର ପକ୍ଷରୁ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଣ ସାମିଲ ହୋଇ ଉତ୍କଳର ବରପୁତ୍ର ମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ମାନ ଦେଇ ବାଣପୁର ସହର ପରିକ୍ରମା କରି ଅଞ୍ଚଳସ୍ଥିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସ୍ୱରୂପ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଐତିହାସିକ ପଲଟଣ ପଡିଆ ସ୍ଥିତ ଛାୟା ମଣ୍ଡପରେ ଆୟୋଜିତ ସଭାରେ ସମବେତ ଉତ୍କଳ ବନ୍ଦନା ଗାନ କରିବା ସହ ଓଡ଼ିଆ ଅସ୍ମିତାର ସୁରକ୍ଷାରେ ଆମର କର୍ତ୍ତବ୍ୟ ଉପରେ ମତବ୍ୟକ୍ତ କରିଥିବା ବେଳେ କଳାକାର ପ୍ରଜ୍ଞାପାରମିତା ପଣ୍ଡା ଓ ସାଥୀଙ୍କ ପାଲା ପରିବେଷଣ, ଉମା ମିଶ୍ର ଓ ବିଷ୍ଣୁପ୍ରିୟା ବାରିକ୍‌ଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇ ଥିଲା।

# ମନ୍ଥର ଗତିରେ ଚାଲିଛି ବାଲୁଗାଁ ବଜାର ରାସ୍ତା ସମ୍ପ୍ରସାରଣ

## ଯାତାୟାତରେ ବ୍ୟାଘାତ; ହଇରାଣ ହେଉଛନ୍ତି ସ୍ଥାନୀୟ ଲୋକ



ବାଲୁଗାଁ, ୨।୪(ସମିସ): ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଏକ ପ୍ରମୁଖ ସହର ହୋଇଥିବା ବେଳେ ବାଲୁଗାଁ ସହର ପାଦଦେଶ ଦେଇ ମରାଳ ମାଳିନୀ ନିଳାମ୍ବୁ ଚିଲିକା ପ୍ରବାହିତ। ସେଥିପାଇଁ ବାଲୁଗାଁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ବାଣିଜ୍ୟ ପେଣ୍ଠସ୍ଥଳୀ ରୂପେ ବେଶ ପରିଚିତ। ଦୈନନ୍ଦିନ ଏଠାକୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସହ ବହୁ ଯାନବାହାନ ଯାତାୟାତ ଲାଗି ରହିଥିବାରୁ ଜନଗହଳି ବଜାର ରାସ୍ତା ଘାଟରେ ସର୍ବଦା ଟ୍ରାଫିକ୍ ସମସ୍ୟା ଲାଗି ରହୁଛି। ସେଥିଲାଗି ବାଲୁଗାଁ ସହରକୁ ସରଶ ସୁନ୍ଦର କରିବା ସହ ଟ୍ରାଫିକ୍ ସମସ୍ୟା ଦୂରୀକରଣ ନିମନ୍ତେ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କରି ଚାରି ଥାକିଆ ରାସ୍ତା ନିର୍ମାଣର ନିତ୍ୟାନ୍ତ ଆବଶ୍ୟକତାକୁ ନଜରରେ ରଖି ପୂର୍ବ ବିଜେଡି ସରକାରଙ୍କ ସମୟରେ ହାଟବରଡି ଠାରୁ ବଡକୂଳ ନୂଆଗଡ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ଲାଗି ଅନୁମୋଦନ ହୋଇ ଦୁଇଟି ପର୍ଯ୍ୟାୟରେ ଟେଣ୍ଡର କରାଯାଇ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ଚାଲିଛି। ପ୍ରଥମ ପର୍ଯ୍ୟାୟରେ ହାଟବରଡି ଠାରୁ ମାମୁଁ ଭଣଜା ପାହାଡ ପର୍ଯ୍ୟନ୍ତ କାମ ଶେଷ ପର୍ଯ୍ୟାୟରେ ପହଁଚିଥିବା ବେଳେ ନୂଆଗଡ ଛକ ଠାରୁ ଇଂଜନପୁର ପର୍ଯ୍ୟନ୍ତ ରାସ୍ତା କାମ ପ୍ରାୟତଃ ଶେଷ ହୋଇଛି। ଇଂଜନପୁର ଠାରୁ ବାଲୁଗାଁ ମୁଖ୍ୟ ବଜାର ରାସ୍ତା ଦେଇ ମାମୁଁ ଭଣଜା ପାହାଡ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ବହୁ ମନ୍ଥର ଗତିରେ ଚାଲିଥିବା ସହ ବହୁ ଅବ୍ୟବସ୍ଥା ଭିତରେ ରାସ୍ତା କାମ ଚାଲିଛି। ଫଳରେ ଜନସାଧାରଣ ନାହିଁ ନଥିବା ହଇରାଣ ହରକତ ହେଉଥିବା ନେଇ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁ ନଥିବା ଚାଲିଥିବା କାର୍ଯ୍ୟରୁ ଅନୁମେୟ।

ମୁଖ୍ୟତଃ ଇଂଜନପୁର ଠାରୁ ବାଲୁଗାଁ ବଜାର ଦେଇ ମାମୁଁ ଭଣଜା ପାହାଡ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବା ବେଳେ ରାସ୍ତା ସମ୍ପ୍ରସାରଣ ଲାଗି ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ ଜବରଦଖଲ ସମୟରେ ଭଙ୍ଗାରୁଜା କରା ଯାଇଥିବାରୁ ବାଲୁଗାଁ ବଜାର ରାସ୍ତା ମରଣଯନ୍ତା ପାଲଟିଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଏବେ ଏହି ରାଜପଥ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଦିନ କାମ ହେଲେ ଚାରି ଦିନ ବନ୍ଦ ରହି ସମ୍ପୂର୍ଣ୍ଣ ମନ୍ଥର ଗତିରେ ଚାଲିଥିବା ବେଳେ ରାସ୍ତା ଉଭୟ ପାଶ୍ୱର୍ରେ ଡ୍ରେନ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ି ରହିଛି। ମାସ ମାସ ଧରି ଡ୍ରେନ ନିର୍ମାଣ କାମ ମନ୍ଥର ଗତିରେ ଚାଲିଥିବା ବେଳେ ଡ୍ରେନ ନିର୍ମାଣ ଲାଗି ବଜାର ରାସ୍ତାର ଉଭୟ ପାଶ୍ୱର୍ ତଥା ବିଭିନ୍ନ ଦୋକାନ ଓ ବାସଗୃହ ସମ୍ମୁଖରେ ୪ଫୁଟ ଗଭୀରର ଗର୍ତ୍ତ ଖୋଳି ଦେଇ ବହୁ ଦିନ ଧରି ପକାଇ ରଖୁଥିବା ବେଳେ ଘରକୁ ଅନ୍ୟ କୌଣସି ସୁବନ୍ଦୋବସ୍ତ କରାଯାଉ ନଥିବାରୁ ଲୋକେ ବହୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଥିସହିତ ବାଲୁଗାଁ ବଜାର ସାରା ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଖାଲଖମାରେ ପରିପୂର୍ଣ୍ଣ ହୋଇ ପଡି ଥିବା ବେଳେ କେତେକ ସ୍ଥାନରେ ଡ୍ରେନ ନିର୍ମାଣ ଲାଗି ଖୋଳାଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ପଡିରହି ଯାତାୟତ ନିମନ୍ତେ ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼ି ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ବିଭାଗୀୟ ଅଧିକାରୀଙ୍କ ଠିକାଦାରଙ୍କୁ ଆହେତୁକ ଅନୁକମ୍ପା ଫଳରେ ଉକ୍ତ ରାସ୍ତା ଖୋଳାଯାଇ ଅବ୍ୟବସ୍ଥା ମଧ୍ୟରେ କାମ ମନ୍ଥର ଗତିରେ ଚାଲି ଥିବା ବେଳେ ପିଏଚଡି ତରଫରୁ ପାନୀୟ ଜଳ ଯୋଗାଣ ନିମନ୍ତେ ବହୁ ସ୍ଥାନରେ ରାସ୍ତା ଖୋଳି ପାଇପ ଲାଇନ ବିଛାଉଥିବା ବେଳେ ଉକ୍ତ ସ୍ଥାନରେ ଜଳ ଯୋଗାଣ ବିଭାଗ ପକ୍ଷରୁ ସ୍ଥାୟୀ ମରାମତି ନ କରି ଉକ୍ତ ଖାଲରେ ମାଟି ଗୋଡି ପକାଇ ଚାଲି ଯାଉଥିବାରୁ ସେହି ମାଟି ଗୋଡି ବାହାରିଯାଇ ବଡ ବଡ ଗର୍ତ୍ତ ମାନ ସୃଷ୍ଟି ହେଉଛି। ଫଳରେ ରାସ୍ତା ସାରା ଖାଲଖମା ସହ ପାଣି ଜମା ହୋଇ ବିପଦସଂକୁଳ ଅବସ୍ଥାରେ ରହି ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ମାନ ଘଟି ବହୁ ଧନଜୀବନ ହାନି ହେଉଥିବା ଦେଖା ଯାଉଛି। ଦୀର୍ଘ ଦୁଇ ବର୍ଷ ହେବ ଏହି ରାସ୍ତାଟିର ନବୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଠିକାଦାରଙ୍କ ସହ ସଲହାସୁତରାରେ ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନଥିବାରୁ ସମସ୍ୟାର କୌଣସି ସମାଧାନ ହେଉନାହିଁ। ଏ ସମ୍ପର୍କରେ ବିଭାଗୀୟ ବାଲୁଗାଁ ଏସଡିଓ ସାଇଦୀପ ସାହୁଙ୍କୁ ଯୋଗାଯୋଗ କରିବାରେ ସେ ଫୋନ ଉଠାଇ ନଥିଲେ।

# ପାଣିକୋରଡରେ ନାମଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୨।୪ (ସମିସ): ବାଙ୍କୀ ଉପଖଣ୍ଡ ପୁଇଁଚା ପଞ୍ଚାୟତ ଅନ୍ତର୍ଗତ ପାଣିକୋରଡ ଗ୍ରାମର ମା’ ମହାପର୍ବତିଆଣି ମହିଳା ମଣ୍ଡଳର ପଞ୍ଚମ ବାର୍ଷିକ ଉତ୍ସବ ଅବସରରେ ଏକ ଦିନ ଧରି ଚାଲିଥିବା ଚଉ ପ୍ରହର ନାମ ଯଜ୍ଞ ଉଦଯାପିତ ହୋଇଛି। ଏଥିରେ ସ୍ଥାନୀୟ ଗ୍ରାମର ନୃସିଂହ ନାଥ ମଠର ମହନ୍ତ ରାମ ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନ ଓ କର୍ତ୍ତା ବାସୁଦେବ ପଣ୍ଡାଙ୍କ ନେତୃତ୍ୱରେ ଚାରି ଗୋଟି ମହିଳା ନାମ ସଙ୍କୀର୍ତ୍ତନ ମଣ୍ଡଳ ଯଥା ଫଗୁ ମଣ୍ଡଳ, ତୁଳସୀ ମଣ୍ଡଳ ଆଦି ଯୋଗ ଦେଇ ନାମ ସଙ୍କୀର୍ତ୍ତନ ପରିବେଷଣ କରି ଭକ୍ତି ଭାବମୟ ପରିବେଶ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମକୁ ବାଇଧର ପ୍ରଧାନ, ସ୍ୱର୍ଣ୍ଣଲତା ପଣ୍ଡା, ଜୟନ୍ତୀ ରଣା, ବିଳାସିନୀ ପଣ୍ଡା,ଯାଜ୍ଞସେନୀ ବେହେରା, ମମତା ସାହୁ, ସୁଜାତା ନାୟକ, ଗୁନି ରଣା ଓ ଲକ୍ଷ୍ମୀ ପଣ୍ଡାଙ୍କ ସମେତ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

# ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରୋଭର ଓ ରେଞ୍ଜରଙ୍କ ସଫଳତା

ନିରାକାରପୁର,୨।୪ (ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୋଭର ଓ ରେଞ୍ଜର ୟୁନିଟ୍ ବିଭିନ୍ନ ରାଜ୍ୟସ୍ତରୀୟ ଶିବିରରେ ଅଂଶଗ୍ରହଣ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ଏବଂ ରୋଭର ସ୍କାଉଟ ଲିଡର ଆଦିକନ୍ଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି। ଗତ ମାର୍ଚ୍ଚ ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ତରଫରୁ ଭୁବନେଶ୍ୱରସ୍ଥିତ ରାମ ମନ୍ଦିରଠାରେ ଆୟୋଜିତ ‘ରାମନବମୀ’ କ୍ୟାମ୍ପ ଏବଂ ଲିଙ୍ଗରାଜଙ୍କ ରୁକୁଣା ରଥ କ୍ୟାମ୍ପରେ ବିଦ୍ୟାଳୟର ୧୫ ଜଣ ରୋଭର ସେବା ପ୍ରଦାନ କରିଥିଲେ। ସେହିପରି ମାର୍ଚ୍ଚ ୨ ରୁ ୩୦ ତାରିଖ ପର୍ଯ୍ୟନ୍ତ କଟକସ୍ଥିତ ଡିଏନକେ ମହାବିଦ୍ୟାଳୟଠାରେ ଆୟୋଜିତ ରାଜ୍ୟସ୍ତରୀୟ ‘ଯୁବ ବିକଶିତ ରୋଭର ଓ ରେଞ୍ଜର ମୁଟ୍’ କ୍ୟାମ୍ପରେ ବିଦ୍ୟାଳୟର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଏହି କ୍ୟାମ୍ପରେ ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ କଲେଜକୁ ଏକ ସ୍ୱତନ୍ତ୍ର ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି।

# ଭୂଷଣ୍ଡପୁର-ନିରାକାରପୁର ରାସ୍ତା ମରଣଯନ୍ତା



ଭୂଷଣ୍ଡପୁର,୨।୪(ସମିସ): ଖୋର୍ଦ୍ଧା ଜିଲ୍ଲାର ଭୂଷଣ୍ଡପୁରଠାରୁ ନିରାକାରପୁର କୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ସଦାସର୍ବଦା ଚଳଚଞ୍ଚଳ। ରାସ୍ତାର ଅଭୟମୁଖି ଠାରୁ ମାଳିସାହି ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ଦୁଇପାଶ୍ୱର୍କୁ ପୁନଃ ନିର୍ମାଣ ଆଳରେ ଖୋଳା ଯାଇ ଦୀର୍ଘ ଦିନ ହେବ ପଡ଼ିଅଛି। ଫଳରେ ପ୍ରତିଦିନ ଅସଂଖ୍ୟ ଗାଇଗୋରୁ,ସାଇକେଲ, ମୋଟର ସାଇକେଲ ଆରୋହୀ ମାନେ ଖାଲରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ନିରାକାରପୁରଠାରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ତୁରନ୍ତ ବିଭାଗୀୟ ନିର୍ଦ୍ଦେଶ ଦେଇ ରାସ୍ତା କାମକୁ ତ୍ୱରାନ୍ୱିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଏସିଆନ କଲେଜର ବାର୍ଷିକୋତ୍ସବ




ଖୋର୍ଦ୍ଧା,୨।୪(ସମିସ): ଏସିଆନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନରେ ଏସିଦିମ୍-୨୦୨୬ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ଼ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଓଡ଼ିଶା ସିଏସଆର ଫୋରମର ଅଧ୍ୟକ୍ଷ ବି. କେ ମିଶ୍ର ଓ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ତଥା ଆମରିସତ୍ୟ ପତ୍ରିକାର ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାସ ସନ୍ଧ୍ୟାକାଳୀନ ସଭାରେ ଉଦବୋଧନ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏସିଆନ୍ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁସନସ୍ ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଜିତନ କୁମାର ସାହୁ, ଏସିଆନ କଲେଜର ଅଧ୍ୟକ୍ଷ ନରେନ୍ଦ୍ର ନାୟକ, ଏସିଆନ୍ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ଶ୍ରୀକାନ୍ତ ମଲ୍ଲିକ ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ପ୍ରଶାସନିକ ଅଧିକାରୀ ସୀତାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଏଭି ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲୁଗାଁ,୨।୪(ସମିସ): ବାଲୁଗାଁ ବାଣପୁର ରାସ୍ତାର ଗୋପିନାଥପୁର ଛକ ନିକଟସ୍ଥ ଡ଼ିଏଭି ଗୁରୁକୁଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶା ଉଚ୍ଚ ନାୟାଳୟର ସହକାରୀ ସରାକାରୀ ଓକିଲ ପ୍ରଭୁ ପ୍ରସନ ବେହେରା, ମୁଖ୍ୟବକ୍ତା ଭାବେ ପ୍ରଫେସର ଅଦିତ୍ୟ କେଶରୀ ମିଶ୍ର, ଅନ୍ୟତମ ଅତିଥି ଭାବେ ଚିଲିକା ବ୍ଲକର ସିଆରାସିସି ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ଲକ୍ଷ୍ମୀ ନୃସିଂହ ସାହୁ, ଏକାଡେମୀ ଆଡଭାଇଜର ଜ୍ୟୋତିପ୍ରକାଶ ତ୍ରିପାଠୀ, ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ର ଓ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ। ବିଦ୍ୟାଳୟର ସଂପାଦିକା ମିତା ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ।

# ମଦ ସହ ବାଇକ୍ ଜବତ, ଜଣେ ଗିରଫ

ବାଲୁଗାଁ,୨।୪(ସମିସ) : ବାଲୁଗାଁ ଅବକାରୀ ଅଧିକାରୀ ଦାୟିତ୍ୱରେ ଥିବା ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଗୁରୁବାର ବାଣପୁର ଥାନା ଅନ୍ତର୍ଗତ ହାତିମୁଣ୍ଡା ଗ୍ରାମରେ ଚଢାଉ କରିଥିଲେ। ସେହି ରାସ୍ତା ଦେଇ ଜଣେ ବ୍ୟକ୍ତି ଏକ ବାଇକ୍‌ରେ ଦୃତ ଗତିରେ ଆସୁଥିବା ବେଳେ ତାକୁ ଅଟକାଇ ତଲାସିବାରେ ଦୁଇଟି ବସ୍ତାରେ ଦେଶୀ ମଦ ଧରି ଆସୁଥିବା ଜଣାପଡିଥିଲା। ଅବକାରୀ ଟିମ ସମ୍ପୃକ୍ତ ମଦ ବେପାରୀ ବାଲୁଗାଁ ଥାନା ଅନ୍ତର୍ଗତ ସାନ୍ତରାପୁର ଗ୍ରାମର ଅକ୍ଷୟ ପରିଡା (୪୧)କୁ ଗିରଫ କରି ତାଙ୍କ ନିକଟରୁ ୮୨ ଲିଟର ଦେଶୀ ମଦ ସମେତ ଚୋରା ମଦ ଚାଲାଣରେ ବ୍ୟବହୃତ ଏକ ବାଇକ୍ ଜବତ କରିଛି ଅବକାରୀ ବିଭାଗ।

# ‘ଆମ ପୋଷାକ ଆମ ପରିଚୟ’

ଟାଙ୍ଗୀ,୨।୪ (ସମିସ): ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ, ଆମ ସମୃଦ୍ଧ ଓଡ଼ିଆ ଅସ୍ମିତାର ପରିଚୟ “ଆମ ପୋଷାକ ଆମ ପରିଚୟ” ପାରମ୍ପରିକ ପୋଷାକ ପରିଧାନ ଦିବସ ଟାଙ୍ଗୀ ବ୍ଲକ ଅଧିନସ୍ଥ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାର ପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୃତ୍ତିକା ସଂରକ୍ଷଣ ବିଭାଗ ଜଳ ଛାୟା ଜୀବିକା ଅଧିକାରୀ ଦେବାଶିଷ ସାହୁ, ରିଙ୍କି ବୈରାଗୀ, ସ୍ୱାଗତିକା ରାଜ, ବୀଣାପାଣି ମଣ୍ଡଳ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ହସ୍ତତନ୍ତ ଏକ ସାଂସ୍କୃତିକ ବିବିଧତା ଓ ଐତିହ୍ୟର ପ୍ରତୀକ ଏହାକୁ ପରିଧାନ କରି ଆମ ପୋଷାକ ଆମ ପରିଚୟ ଅଭିଯାନରେ ସାମିଲ ହେବା ଆବଶ୍ୟକ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ,୨।୪ (ସମିସ): ବୋଲଗଡ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶତ୍ରୁଘ୍ନ ଦଳେଇଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ପ୍ରଭାସ କୁମାର ପୃଷ୍ଟିଙ୍କ ସଂଯୋଜନାରେ ସରପଞ୍ଚ ପ୍ରଦୀପ କୁମାର ବାରିକ ମୁଖ୍ୟଅତିଥି, ମା ବର ମୂଳେଇ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ମନ ମୋହନ ମିଶ୍ର ମୁଖ୍ୟବକ୍ତା, ପ୍ରଧାନଶିକ୍ଷୟିତ୍ରୀ ପ୍ରଣତି ସିଂହ, ଶିକ୍ଷକ ସାନନ୍ଦ ସାହୁ, ସିଆରସିସି ରବୀନ୍ଦ୍ର କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୈକୁଣ୍ଠ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ନେତା ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାଇପଦରରେ ବାଦୀପାଲା

ଖୋର୍ଦ୍ଧା,୨।୪(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦର ଗ୍ରାମରେ ସର୍ବ ଜ୍ୟେଷ୍ଠ ଶାଶ୍ୱତ ମହୋତ୍ସବ ବା ଓଡ଼ିଶାର ଦ୍ୱିତୀୟ ଦୋଳବେଦୀ ପାଲା ତୀର୍ଥ ଯାହା ୧୮୭୨ ମସିହାରୁ ଅଙ୍କୁରିତ ହୋଇ ଆଜି ୧୫୫ତମ ବର୍ଷରେ। ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସତ୍ୟନାରାୟଣ ଦେବଙ୍କ ପାଲା ଅନୁଷ୍ଠାନଟି ପରିଚାଳିତ ହେଉଛି। ଚଳିତବର୍ଷ ପାଲା ପରିବେଷଣ କରିବା ପାଇଁ ଓଡ଼ିଶାର ସୁନାମଧନ୍ୟ ଗାୟକ ଗାୟକ ଜ୍ଞାନ ପ୍ରଦୀପ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ ଓ ଗାୟକ କଳାକାର ପ୍ରଦୀପ କୁମାର ଅତିବୁଦ୍ଧି ରହିଛନ୍ତି। ଅନୁଷ୍ଠାନର ସଭାପତି ତପନ କୁମାର ପାତ୍ର, ସମ୍ପାଦକ ନରେନ୍ଦ୍ର କୁମାର ଜେନା, ସଭ୍ୟ ବିଜୟ କୁମାର ଅରିସଲ, ତପନ ରଣସିଂହ, ଭିକାରୀ ବଳିୟାରସିଂହ, କବି ପାଇକରାୟ, ରାଧେଶ୍ୟାମ ପାଇକରାୟ, ବିଜୁ ବଳିୟାର ସିଂହ, ସୁଶାନ୍ତ ସାହୁ, ପ୍ରଶାନ୍ତ ସ୍ୱାଇଁ, ଦିପକ ରାଉତରାୟ, ରବିନ୍ଦ୍ର ଗଡ଼ନାୟକ, ଭଗବାନ ବେହେରା, ଅମୂଲ୍ୟ ଛୋଟରାୟ,ମୁନା ରାଉତରାୟ, ବାଙ୍କନିଧି ପାଇକରାୟ, ସନିଆ ମିଆଁ, ଇଶ୍ୱର ମଙ୍ଗରାଜ, ଶରତ ମାର୍ଥା ପ୍ରମୁଖ ପ୍ରକାଶ କରିଛନ୍ତି।

# ‘ଡ୍ରିଙ୍କ ଫ୍ରମ୍ ଟ୍ୟାପ୍’ ପ୍ରକଳ୍ପର ଭିତ୍ତିପ୍ରସ୍ତର



ଖୋର୍ଦ୍ଧା,୨।୪(ସମିସ): ସ୍ଥାନୀୟ ୱାଟକୋ କାର୍ଯ୍ୟାଳୟ ପରିସରରେ ଖୋର୍ଦ୍ଧା ସହର ରେ ଥିବା ସମସ୍ତ ୱାର୍ଡକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ୨୪ ଘଂଟିଆ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଡ୍ରିଙ୍କ ଫ୍ରମ ଟ୍ୟାପ ପ୍ରକଳ୍ପର ଶିଳାନ୍ୟାସ ଆଜି ପୂର୍ବାହ୍ନରେ ସାଂସଦ ଅପରାଜିତା ଷଡ଼ଙ୍ଗୀ କରିଛନ୍ତି। ସାଂସଦ ଷଡ଼ଙ୍ଗୀ କହିଲେ ଖୋର୍ଦ୍ଧା ସହର ବାସୀଙ୍କୁ ୨୪ ଘଂଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଆଜି ୨୭,୭୬,୮୧,୫୩୩.୦୦ ଟଙ୍କା ବ୍ୟୟ ରେ ଏକ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇ ଖୋର୍ଦ୍ଧାବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଉପସ୍ଥିତ ଥିଲେ। ଖୋର୍ଦ୍ଧା ପୌର ପରିଷଦର ୨୨ଟି ୱାର୍ଡର ୬୦,୨୦୦ ଜନସଂଖ୍ୟା ତଥା ୮୯୪୭ ଘରକୁ ପିଇବା ପାଣି ଯୋଗାଇଦିଆଯିବ। ୱାଟକୋ କାର୍ଯ୍ୟାଳୟ ପରିସରରେ ୬୦ଲକ୍ଷ ଲିଟର ମୁଖ୍ୟ ଜଳ ଭଣ୍ଡାର ଓ ଭାଲିଆବାଡ଼ି ଏବଂ ଜେମାଦେଇ ଠାରେ ୧୫ଲକ୍ଷ ଲିଟର ଦୁଇ ଗୋଟି ପାଣି ଟାଙ୍କି ନିର୍ମାଣ ହେବ। ସ୍ୱୟଂ ଚାଳିତ କାଡା ପଦ୍ଧତିରେ ଜଳ ଯୋଗାଇ ଦିଆଯିବ ଅତିରିକ୍ତ ୫୦୦ ଘରକୁ ତଥା ୫୦୦୦ ଲୋକ ଉପକୃତ ହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ମହାପ୍ରବନ୍ଧକ, ୱାଟକୋ ଖଣ୍ଡ-୨, ଭୁବନେଶ୍ୱର ଇଂ ରାଜେନ୍ଦ୍ର ସେଠୀ ମଂଚାସିନ ରହି ଥିବାବେଳେ ସମସ୍ତ କାଉନ୍ସିଲର, ସମାଜସେବୀ ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଟାଙ୍ଗୋଳର ପ୍ରସିଦ୍ଧ ଦୟଣା ଚୋରି ଦୋଳଯାତ୍ରା ଆରମ୍ଭ



ନିରାକାରପୁର,୨।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୋଳର ପ୍ରସିଦ୍ଧ ଦୟଣା ଚୋରୀ ଯାତ୍ରା ଆରମ୍ଭ ହୋଇଯାଇଛି। ଦୟଣାଚୋରୀ ଯାତ୍ରାକୁ ପାଳନ କରିବା ପାଇଁ ଦୋଳପଡିଆରେ ବିଜେ ମଣ୍ଡପରେ ଦୋଳବିମାନରେ ବିରାଜମାନ କରିଛନ୍ତି ବ୍ରଜବିହାରୀ ଦେବ ଓ ବନବିହାରୀ ଦେବ ଏବଂ ଚୋରୀ ଠାକୁର ଭାବରେ ବିରାଜ ମାନ କରିଛନ୍ତି ସୁଦାମ ସୁବଳ। ୩ ଦିନ ଧରି ଯାତ୍ରା ହେଉଥିବା ବେଳେ ଚଳିତ ବର୍ଷ ମହାଆଡମ୍ବରରେ ହେଉଛି ଦୟଣା ଚୋରୀ ଯାତ୍ରା। ସଂସ୍କୃତି ସଂପନ୍ନ ଗାଁ ଟାଙ୍ଗୋଳର ଏହି ଯାତ୍ରା ବହୁ ପ୍ରାଚୀନ ପରମ୍ପରା ୧୯୧୮ ମସିହାରୁ ପାରମ୍ପରିକ ଭାବରେ ଯାତ୍ରା ହୋଇଆସୁଛି। ଯାତ୍ରାକୁ ପୁରିଲାଣି ୧୦୮ ବର୍ଷ। ୧ ତାରିଖ ରାତିରେ ମନ୍ଦିରରୁ ବିମାନରେ ଏକ ବିରାଟ ପଟୁଆରରେ ବାହାରି ସାହି ସାହିରେ ଭୋଗ ଖାଇ ଦୁଇ ଠାକୁରଙ୍କୁ ବିମାନରେ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଦୋଳମଣ୍ଡପରେ ବିଜେ ହୋଇଛନ୍ତି। ଟାଙ୍ଗୋଳ ଗ୍ରାମର ଯାତ୍ରା କମିଟି ସହଯୋଗରେ ପ୍ରତି ସାହିର ମୂରବି ଓ ସାହି ମୁଖିଆ,ଓ ଯୁବକ ଗୋଷ୍ଠୀ ସହଯୋଗରେ ଶାନ୍ତିଶୃଙ୍ଖଳାର ସହିତ ଚଳିତ ବର୍ଷ ଦୟଣା ଚୋରୀ ଯାତ୍ରା ଅନୁଷ୍ଠିତ ହେଉଛି।





# ବୋମାମାଡ଼ରେ ଥରହର ରାଜଧାନୀ

ଭୁବନେଶ୍ୱର, ୨।୪(ସମିସ): ରାଜଧାନୀ ଭୁବନେଶ୍ୱରରେ ପୂର୍ବରୁ ଲୁଟ୍, ଚୋରି ଭଳି ଘଟଣା ଏକ ନିତିଦିନିଆ ଅପରାଧ ଭାବେ ଗଣା ଯାଉଥିଲା। ହେଲେ ବୋମା ମାଡ଼ ଏବେ ଭୁବନେଶ୍ୱରରେ ଏକ ନିୟମତ ଅପରାଧରେ ଗଣା ହେଲାଣି। ପ୍ରତ୍ୟେକ ମାସରେ ସହରରେ ବୋମା ଫୁଟୁଛି। ଅପରାଧୀଙ୍କ ହାତରେ ବୋମା ଚାକୁ ଓ ଛୁରୀ ଭଳି ବ୍ୟବହାର କରାଯାଉଛି। କଥା କଥାକେ ଏମାନେ ବୋମା ଫୋପାଡ଼ି ଦେଉଛନ୍ତି। ଲୋକେ ଆତଙ୍କିତ ଥିଲା ବେଳେ ଭୁବନେଶ୍ୱରରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ହେଲେ ପୁଲିସର ନିରବତା ସମସ୍ତଙ୍କୁ

- ■ ପ୍ରତି ମାସରେ ବୋମା ମାଡ଼ !
- ■ ଅପରାଧୀଙ୍କ ଟେର୍ ପାଉନି ପୁଲିସ

ଆଶ୍ଚର୍ଯ୍ୟ ଚକିତ କରୁଛି। ବୋମା ମାଡ଼ରେ ଭୁବନେଶ୍ୱର ଥରୁ ଥିଲା ବେଳେ ଅଦୃଶ୍ୟ ଅପରାଧୀଙ୍କ ଟେର୍ ପାଉନି ପୁଲିସ।

ତେବେ ବୋମା ମାଡ଼ ଘଟଣାରେ ଭୁବନେଶ୍ୱରରେ ଏକ ପ୍ରକାର ସ୍ୱତନ୍ତ୍ର ପାର୍ଟନ୍ ଦେଖାଯାଉଛି। ଚୋରି, ଜମିବାଡି ଝଗଡ଼ାରେ ଅଭିଯୁକ୍ତଙ୍କୁ ଗିରଫ କରି ବାହା ବାହା ନେଉଥିବା ପୁଲିସକୁ କିନ୍ତୁ ବୋମା ମାଡ଼ କରୁଥିବା ଅପରାଧୀଙ୍କ ଠିକଣା ମିଳୁ ନାହିଁ କିମ୍ବା ଦିନ ଦିନ ଧରି ସେମାନଙ୍କ ପାଖରେ ପହଁଞ୍ଚି ପାରୁ ନାହିଁ। ତେବେ ପୁଲିସ ସେମାନଙ୍କ ପାଖାରେ ପହଁଞ୍ଚି ପାରୁ ନାହିଁ। ନାଆଁ ଡ୍ରଗ୍ସ ଏବଂ ବେଆଇନ୍ ମଦ ବେପାରୀଙ୍କ ଭଳି ସେମାନଙ୍କ ପାଖରେ ପହଁଞ୍ଚିବାକୁ ଚେଷ୍ଟା କରୁ ନାହିଁ ସେନେଇ ଏନେଇ ସନ୍ଦେହ ଘନିଭୂତ ହେବାରେ ଲାଗିଛି।

ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ ଗତ ବିଧାନସଭା ଚାଲିଥିଲା ବେଳେ ଭୁବନେଶ୍ୱରରେ ଥିଲେ। ଗତ ବର୍ଷ ନଭେମ୍ବର ୨୮ ତାରିଖରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଉପରେ ଦୁର୍ବୃତ ବୋମା ମାଡ଼ ଫୋପାଡ଼ି ଚାଲିଗଲେ। ହେଲେ ପୁଲିସକୁ ବୋମା ମାଡ଼ କରିଥିବା ଅପରାଧୀଙ୍କ ସମ୍ପର୍କରେ ସୁରାକ୍ ମିଳିଲା ନାହିଁ। ଏହି ଘଟଣାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ମଧ୍ୟ କମିସନରେଟ୍ ପୁଲିସର ତଦନ୍ତ ବେଳେ ସାମିଲ ହୋଇଥିଲା। ହେଲେ ନାଆ ଅଭିଯୁକ୍ତ ଧରା ପଡ଼ିଲେ। ନାଆ କିଏ ବୋମା ବିସ୍ଫୋରଣ କରିଛି ଧରାପଡ଼ିଲା।

ଗତ ଜାନୁଆରୀ ମାସ ୭ ତାରିଖ ବିଳମ୍ବିତ ରାତିରେ ପୁରୁଣା ବିଏମ୍‌ସି ଅଫିସ ନିକଟରେ ଗୋଷ୍ଠି ସଂଘର୍ଷ ହୋଇଥିଲା। ଏହି ସମୟରେ ଜଣେ ଯୁବକ ବୋମା ମାଡ଼ କରିବାକୁ ଆସିଥିଲେ। ହେଲେ ତାଙ୍କ ହାତରୁ ବୋମା ଖସି ପଡ଼ିଥିଲା। ଯାହା ଫଳରେ ତାଙ୍କ ହାତରେ ବୋମା ଫୁଟିଯିବାରୁ ସେ ଗୁରୁତର ହୋଇଥିଲା। ହେଲେ ବୋମା କେଉଁଠୁ ଆଣିଲେ। ତାଙ୍କୁ କିଏ ଦେଲା ସେମାନଙ୍କ ପତ୍ତା ଲଗାଇ ପାରି ନଥିଲା ପୁଲିସ।

ସେହିପରି ଚଳିତ ମାସ ଜାନୁଆରୀ ମାସ ୨୭ ତାରିଖରେ ସୁନ୍ଦରପଦା ଆଜାଦ୍ ନଗର ଅଞ୍ଚଳରେ ବୋମା ଭିଡୁଥିଲା ବେଳେ ମୋଷ୍ଟ ୱାଟେଣ୍ଡ ମଫି ଏବଂ ତାର ୩ ସହଯୋଗୀ ଆହତ ହୋଇ ଚିକିତ୍ସିତ ହେଲେ। ଚିକିତ୍ସା ଅଧାରେ ମଫି ଏବଂ ତାର ମା'ଙ୍କ ମୃତ୍ୟୁ ହୋଇଗଲା। ହେଲେ ବୋମା ପାଇଁ ସରଞ୍ଜାମ କିଏ ଦେଇଥିଲା। ଏମାନେ କେଉଁ ଗ୍ୟାଙ୍ଗ ସହ ଯୋଗାଯୋଗରେ ଥିଲେ। କେଉଁଠି ବୋମା ଫୋପାଡ଼ିବାର ଯୋଜନା ରହିଥିଲା। ତାର ପୁଲିସ ସାମାନ୍ୟତମ ଟେର୍ ପୁଲିସ ପାଇଲା ନାହିଁ। ଏନ୍‌ଆଇଏ ଭଳି ସଂସ୍ଥା ଏହି ମାମଲାରେ ସହଯୋଗ କରୁଥିଲେ ମଧ୍ୟ ଏମାନଙ୍କ ଗ୍ୟାଙ୍ଗ୍‌ର ଅଦୃଶ୍ୟ ସହଯୋଗୀ ଧରା ପଡ଼ିଲେ ନାହିଁ।

ସେହିପରି ଗତ ମାସରେ ଉଭୟ ବଡ଼ଗଡ଼ ଏବଂ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଗୋଟିଏ ଦିନରେ ଦୁଇଟି ବୋମା ମାଡ଼ ଘଟଣା ସାମ୍ନାକୁ ଆସିଥିଲା। ଯାହା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଥିଲା। ଯୁବଗୋଷ୍ଠୀଙ୍କ ଏକ ଗ୍ୟାଙ୍ଗ୍ ରାତିସାରା ବୋମା ଧରି ବଡ଼ଗଡ଼ ଏବଂ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ବୁଲିଥିଲେ। ବଡ଼ଗଡ଼ ଥାନା ପୁଲିସ କିଛି ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବେଳେ ଲକ୍ଷ୍ମୀସାଗର ଥାନା ପୁଲିସ ଏପର୍ଯ୍ୟନ୍ତ କହାରିକୁ ଗିରଫ କରି ପାରୁ ନାହିଁ। ଏପ୍ରିଲ ଆରମ୍ଭରୁ ପୁଣି ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ବୋମା ମାଡ଼ ଘଟଣା ରେକର୍ଡ କରାଯାଇଛି। ଯାହାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି।

ଗତବର୍ଷ ସେପ୍ଟେମ୍ବର ୧୦ରେ ଭରତପୁର ଥାନା ଅଞ୍ଚଳରେ ଜଣେ ମହିଳା ବ୍ୟବସାୟୀ ଘୁଙ୍ଗର ମିଶ୍ରଙ୍କ ଘରକୁ ବୋମା ମାଡ଼ କରାଯାଇଥିଲା। ସେ ଏନେଇ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଶେଷରେ ପୁଲିସ ପକ୍ଷରୁ କୁହାଯାଇଥିଲା ବନ୍ଧୁକ ଲାଇସେନ୍ସ ହାତେଇବାକୁ ସେ ନିଜ ଘର ଉପରେ ବୋମା ମାଡ଼ କରିଛନ୍ତି।

ବୋମା ମାଡ଼କୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଏନ୍‌ଆଇଏ କାର୍ଯ୍ୟାଳୟ ଖୋଲିଲା। ରାଜଧାନୀବାସୀ ଭାବିଲେ ପୁଲିସ ନ ପାରିଲା ନାହିଁ ଏନ୍‌ଆଇଏ ଏମାନଙ୍କୁ ଧରିବ। ଘଟଣାର ଶୀର୍ଷକୁ ଯାଇ ଅଭିଯୁକ୍ତଙ୍କୁ ଗିରଫ କରିବ। ହେଲେ ଏନ୍‌ଆଇଏ କାର୍ଯ୍ୟାଳୟ ଖୋଲବା ଦିନ ଠାରୁ ବୋମା ମାଡ଼ ଘଟଣା ବଢ଼ିବାରେ ଲାଗିଛି। ଏପରିକି ରାଷ୍ଟ୍ରପତିଙ୍କ ଥିବା ବେଳେ ଯେଉଁ ବୋମା ମାଡ଼ ହୋଇଥିଲା ଏନ୍‌ଆଇଏ ତାର ପତ୍ତା ଲଗାଇ ପାରିଲା ନାହିଁ।

## ଲେଡିଜ୍ ହଷ୍ଟେଲ ଉପରକୁ ବୋମାମାଡ଼





ଭୁବନେଶ୍ୱର, ୨।୪(ସମିସ): ରାଜଧାନୀରେ ପୁଣି ବୋମା ମାଡ଼। ବୁଧବାର ବିଳମ୍ବିତ ରାତିରେ ଏକ ଲେଡିଜ୍ ହଷ୍ଟେଲ ଉପରକୁ ବୋମା ମାଡ଼ ହୋଇଛି। ଜଣେ ଅନ୍ତେବାସୀ ଏଥିରେ ସାମାନ୍ୟ ଭାବେ ଆହତ ହୋଇଥିଲା ବେଳେ ଲକ୍ଷ୍ମୀସାଗର ଶବର ସାହି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅପରାଧରେ ସାମିଲ ଥିବା ଦୁଇ ଦୁର୍ବୃତ୍ତଙ୍କ ଚେହେରା ଓ ବୋମା ମାଡ଼ର ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ଯାହା ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପୂର୍ବ ଶତ୍ରୁତା ଏବଂ ଟଙ୍କା କାରବାରକୁ କେନ୍ଦ୍ର କରି ଏଭଳି ବୋମାମାଡ଼ କରାଯାଇଥିବା ନେଇ ଘର ମାଲିକ ଅନୁମାନ କରିଥିଲା ବେଳେ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି।

- ■ ରାତିଅଧରେ ବୋମା ପକାଇଲେ ଦୁଇ ଯୁବକ
- ■ ସିସିଟିଭିରେ କଏଦ୍ ହେଲା ଦୁର୍ବୃତ୍ତଙ୍କ ଚେହେରା
- ■ ହଷ୍ଟେଲ ଅନ୍ତେବାସୀ ଆହତ, ଅଞ୍ଚଳରେ ଭୟର ବାତାବରଣ

ମିଳିଥିବା ସୂଚନା ମୁତାବକ ୩ ମହଲା ବିଶିଷ୍ଟ ଏହି ଘରର ମାଲିକ ଏଠାରେ ଏକ ଲେଡିଜ୍ ହଷ୍ଟେଲ କରିଛନ୍ତି। ଏହି ହଷ୍ଟେଲରେ ୫ଜଣ ଯୁବତୀ ରହୁଛନ୍ତି। ବୁଧବାର ରାତି ପ୍ରାୟ ୧୨ଟା ସମୟରେ ଦୁଇ ଜଣ ଦୁର୍ବୃତ୍ତ ଚାଲି ଚାଲି ଘର ଆଡକୁ ଆସିଥିଲେ। ଦୁର୍ବୃତ୍ତମାନେ ଘରକୁ ଲକ୍ଷ କରି ୨ଟି ବୋମା ଫୋପାଡ଼ିଥିଲେ। ଦୁଇ ମହଲା ଝରକାରେ ବୋମା ପଡ଼ିଥିଲା। ଫଳରେ ଝରକା କାଚ ଭାଙ୍ଗି ଯାଇଥିଲା। ଆକାଶ ଧୂଆଁ ହୋଇଯାଇଥିଲା। ଫଳରେ ଘରଟି କ୍ଷତିଗ୍ରସ୍ତ ହୋଇଥିଲା। ଘର ଭିତରେ ଥିବା ଅନ୍ତେବାସୀ ଏବଂ କିଛି ଭଡ଼ାଟିଆ ଏଥିରେ ଆତଙ୍କିତ ଘରୁ ବାହାରକୁ ବାହାରି ଆସିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ତେବେ ଘର ମାଲିକ ଖାତୁନ୍ ସାବାଉଦ୍ଦିନ୍ କହିଛନ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ବୋମା ମାଡ଼ କରାଯାଇଛି। ଜଣେ ବ୍ୟକ୍ତି ତାଙ୍କ ଘରକୁ ଅଧା ଦାମ୍‌ରେ କିଣିବାକୁ ଚେଷ୍ଟା କରୁଛନ୍ତି। ସେ ଆଇନ୍‌ଗତ ଲଢ଼େଇ ଲଢୁଥିବାରୁ ଏଭଳି ବୋମାମାଡ଼ କରଯାଉଛି। ଆଉ ଧମକ ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି।

● ବେଧଡ଼କ ଚାଲିଛି ଚୋରା ବନ୍ଧୁକ କାରବାର

## କୁଖ୍ୟାତ ଅମରେଶ ଗିରଫ୍; ୨ ବନ୍ଧୁକ ଜବତ





ପୁଣି ଚର୍ଚ୍ଚାରେ ଝରାଫୁଲ ହତ୍ୟା ମାମଲା

ଭୁବନେଶ୍ୱର, ୨।୪(ସମିସ): ପୁଣି ରାଜଧାନୀରୁ ମିଳିଲା ବନ୍ଧୁକ। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳରେ କମିସନରେଟ୍ ପୁଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ଚଢ଼ାଉ କରି ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ତଳସାହିର ଅମରେଶ ରାଉତ ଓରଫ କାହ୍ନା (୨୮)। ତାଠାରୁ ଦୁଇ ସେମି-ଅଟୋମେଟିକ୍ ପିସ୍ତଲ୍,୧୦ ଜୀବନ୍ତ ଗୁଳି, ୨ମାଗାଜିନ୍ ଜବତ ହୋଇଛି। ଅମରେଶ ଗିରଫ ହେବା ପରେ ପୁଣି ଚର୍ଚ୍ଚାକୁ ଅସିଛି ଝରାଫୁଲ ହତ୍ୟାକାଣ୍ଡ। ସେ ଝରାଫୁଲ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଥିଲା। ଏହି ମାମଲାରେ ଗିରଫ ହୋଇ କିଛିଦିନ ତଳେ ସେ ଜେଲରୁ ଜାମିନ୍‌ରେ ବାହାରିଥିଲା। ଯାହାକୁ ପୁଲିସ ପୁଣି ବନ୍ଧୁକ ରଖିବା ଅଭିଯୋଗରେ ଗିରଫ କରିଛି।

କାହ୍ନା ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିଲା। ଚୋରା ବନ୍ଧୁକ ନିଜ ପାଖରେ ଲୁଚାଇ ରଖିଥିବା ନେଇ ପୁଲିସ ସୂଚନା ପାଇଥିଲା। ଏହାପରେ ତାକୁ ଧରିବାକୁ ଏସସିୟୁ ଟିମ୍ ଜାଲ ବିଛାଇଥିଲା। ବୁଧବାର ଦିନ ପ୍ରାୟ ୨ଟା ବେଳେ ପୁଲିସ ଟିମ୍ ସୁନ୍ଦରପଦାରେ ଚଢ଼ାଉ କରି ଅମରେଶକୁ କାବୁ କରିଥିଲା। ବନ୍ଧୁକ ବ୍ୟତିତ ମୋବାଇଲ, ସ୍କୁଟି ଓ ନଗଦ ୮୦୦ ଟଙ୍କା ଜବତ ହୋଇଛି। ଏହି ବନ୍ଧୁକ ନେଟୱର୍କ ନେଇ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ଦିଆଯାଇଛି। ଏସିପି ମାନସ କୁମାର ସ୍ୱାଇଁ କହିଛନ୍ତି, ସେ ବନ୍ଧୁକ କେଉଁଠୁ ଆଣିଥିଲା ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଏହି ବନ୍ଧୁକକୁ ସେ ବିକ୍ରି ପାଇଁ ରଖିଥିଲା ନା ଅପରାଧ ଘଟାଇବା ପାଇଁ ରଖିଥିଲା ତଦନ୍ତରେ ସ୍ପଷ୍ଟ ହେବ।

ଅମରେଶ ଗିରଫ ହେବା ପରେ ବହୁଚର୍ଚ୍ଚିତ ଝରାଫୁଲ ନାୟକ ହତ୍ୟା ମାମଲାରେ ପୁଣି ଚର୍ଚ୍ଚାକୁ ଆସିଛି। ପ୍ରକାଶ ଥାଉ କି ଖଣ୍ଡଗିରି ଥାନା ଅନ୍ତର୍ଗତ ଧର୍ମବିହାର ଅଞ୍ଚଳରେ ଥିବା ଶିବ ସାଇ ଓୟୋ ଗେଷ୍ଟ ହାଉସରେ ରୁମ ନଂ୨୦୧ରେ ୨୦୨୧ ଜାନୁଆରୀରେ ରମାଦେବୀ ବିଶ୍ୱ ବିଦ୍ୟାଳୟର ଛାତ୍ରୀ ଝରାଫୁଲ ଓ ତାଙ୍କ ପ୍ରେମିକ ତଥା ମୁଖ୍ୟ ଅଭିଯୁକ୍ତ ରାଜେଶ ସ୍ୱାଇଁ ରହିଥିଲେ। ସେଠାରେ ଝରାଫୁଲର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଏହାପରେ ରାକେଶ ଓ ସମ୍ପର୍କୀୟ ଭାଇ ଶକ୍ତି ଶେଖର ମୃତଦେହକୁ ଆଣି ଯାଜପୁର ଜିଲ୍ଲା କୁଆଖିଆ ଥାନା ରାଜେନ୍ଦ୍ରପୁର ପଞ୍ଚାୟତର ଦିଆଳଖଣ୍ଡି ରାସ୍ତାପାଶ୍ୱରେ ଫିଙ୍ଗିଦେଇଥିଲେ। ତେବେ ରାକେଶ କୁଆଖିଆ ଥାନା ଦ୍ୱାରା ଗିରଫ ହେବା ପରେ ଅମରେଶ ବିଷୟରେ ଅଧିକ ଜଣାପଡ଼ିଥିଲା। ଅମରେଶ ଉକ୍ତ ଓୟୋ ରୁମକୁ ବୁକ୍ କରିଥିଲା ବୋଲି ହୋଟେଲ କର୍ମଚାରୀଙ୍କୁ ପଚରାଉଚରା ବେଳେ ଜଣାପଡ଼ିଥିଲା। ୨୦୨୧ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ଯାଜପୁର ପୁଲିସ ଅମରେଶକୁ ଗିରଫ କରିଥିଲା। ଏହି ହତ୍ୟାକାଣ୍ଡ ପରେ ସେ ଅପରାଧ ଜଗତରେ ପାଦ ଥାପିଥିଲା।

## ଲିଫ୍ଟ ନଦେବାରୁ ଛୁରାମାଡ଼; ଢୋଲ ଗିରଫ



ଭୁବନେଶ୍ୱର, ୨।୪ (ସମିସ): ଲିଫ୍ଟ ନଦେବାରୁ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଆଜାଦ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଦୁର୍ଦ୍ଦାନ୍ତ ଅପରାଧୀ ଢୋଲକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୁନ୍ଦରପଦା ଭୋଇ ସାହିର ବିକୁ ଭୋଇ ଓରଫ୍ ଢୋଲ (୩୦)। ଢୋଲ ନାମରେ ପୂର୍ବରୁ ମଧ୍ୟ ୮ଟି ମାମଲା ରହିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ପୁଲିସ ସୂଚନାନୁଯାୟୀ, ଗତକାଲି ଦ୍ୱିପହର ସମୟରେ ଆଜାଦ ନଗରର ବିଜୟ ଜେନା ବଜାରକୁ ଯାଉଥିବା ବେଳେ ଢୋଲ ତାଙ୍କୁ ଲିଫ୍ଟ ମାଗିଥିଲା। ହେଲେ ଗାଡ଼ି ଖରାପ ଥିବାରୁ ସେ ଲିଫ୍ଟ ଦେବାକୁ ମନା କରିଥିଲେ। ଏହାର କିଛି ସମୟପରେ ବିଜୟ ଗାଡ଼ି ମରାମତି କରିବାକୁ ଆଜାଦ ନଗରରେ ଅପେକ୍ଷା କରି ବସିଥିଲେ। ସେହି ସମୟରେ ଢୋଲ ଉତ୍ତେଜିତ ଅବସ୍ଥାରେ ଆସି ତାଙ୍କୁ ଚେୟାରରୁ ଠେଲି ଦେଇଥିଲା। ଛୁରି ବାହାର କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ବିଜୟ ପ୍ରତିରୋଧ କରିବା ସହ ସାହାଯ୍ୟ ପାଇଁ ଚିତ୍କାର କରିଥିବାରୁ ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ଜମା ହୋଇଥିଲେ। ଏହାରି ଭିତରେ ବିକୁ ତାଙ୍କ ଗୋଡ଼କୁ ଛୁରା ମାଡ଼ କରିବା ସହ ହତ୍ୟା କରିବାକୁ ଧମକ ଦେଇ ପଳାଇଥିଲା। ବିଜୟଙ୍କ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ପୁଲିସ ମାମଲା ରୁଜୁ କରିବା ସହ ଢୋଲକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅରିସଲକୁ ଆସିବେ ବଲିଉଡ୍ ସୁପରଷ୍ଟାର ଗୋବିନ୍ଦା

ଯାଁଳା, ୨।୪(ସମିସ): ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଅରିସଲ ମୃତ୍ତିକା କ୍ଲବର ୨୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବଲିଉଡ୍ ସୁପରଷ୍ଟାର ଗୋବିନ୍ଦା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯିବ ବୋଲି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ସରୋଜ ନାୟକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ପ୍ରକାଶ ଥାଉକି ମୃତ୍ତିକା କ୍ଲବର ସମସ୍ତ ମେମ୍ବର ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି।

## ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ; ଅଣଛାତ୍ର ଗିରଫ



ଭୁବନେଶ୍ୱର, ୨।୪ (ସମିସ): ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଅଣଛାତ୍ରକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଇନଫୋସିଟି ଥାନା ଆକୃତି ଏନକ୍ଲେଭରେ ରହୁଥିବା ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା କୁମାରବସ୍ତର ସୁମିତ ପାଇକରାୟ (୨୩)।

ପୁଲିସ ସୂଚନାନୁଯାୟୀ, ସୁମିତ ଇନଫୋସିଟି ଥାନା ଅଞ୍ଚଳରେ ଥିବା ଘରୋଇ କଲେଜରୁ ପୂର୍ବତନ ଛାତ୍ର ହୋଇଥିବା ବେଳେ ରାଉରକେଲାର ତୁଷାର ଅଗ୍ରୱାଲ ଏବେ ସେଠାରେ ପଢୁଛନ୍ତି। ଗତ ଫେବୃଆରୀ ୯ ତାରିଖ ସନ୍ଧ୍ୟାରେ ତୁଷାର କିଟ୍ ଛକ ନିକଟରେ ଛିଡ଼ା ହୋଇଥିବା ବେଳେ ସୁମିତ ଓ ତାର ସହଯୋଗୀମାନେ ଥାର୍ ଗାଡ଼ିରେ ଆସି ତାଙ୍କୁ ଡାକିଥିଲେ। ସେମାନଙ୍କ ପାଖକୁ ଯିବାରୁ ନିଶାସକ୍ତ ଅବସ୍ଥାରେ ଥିବା ସୁମିତ ଓ ତାର ସହଯୋଗୀମାନେ ମିଶି ହଠାତ୍ ତୁଷାରକୁ ଆକ୍ରମଣ କରିଥିଲେ। ଏଥିସହିତ ଭୟଙ୍କର ପରିଣାମର ଧମକ ଦେଇଥିଲେ। ତୁଷାର ଆହତ ଚିକିତ୍ସିତ ହେବାପରେ ଭୟଭୀତ ହୋଇ ଗାଁକୁ ପଳାଇଥିଲେ। ଗାଁରୁ ଫେରି ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ରଘୁନାଥପୁର ଅଞ୍ଚଳରେ ଚଢ଼ଉ କରି ସୁମିତକୁ ଗିରଫ କରିଥିଲା ପୁଲିସ। ସୁମିତ ନାଁରେ ପୂର୍ବରୁ ମଧ୍ୟ ୪ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ 'କଳା ଦିବସ'

### ରାଜଧାନୀ ରାଜରାସ୍ତାରେ ଗର୍ଜିଲେ ଶ୍ରମିକ ସଂଗଠନ

ଭୁବନେଶ୍ୱର, ୨।୪(ସମିସ): ଦେଶରେ ନୂତନ ଶ୍ରମ କୋଡ୍‌ର କାର୍ଯ୍ୟକାରିତାକୁ ବିରୋଧ କରି ଭୁବନେଶ୍ୱରଠାରେ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ବିକ୍ଷୋଭ ସହ 'କଳା ଦିବସ' ପାଳନ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନରେ ଭାରତୀୟ ଜାତୀୟ ଶ୍ରମିକ କଂଗ୍ରେସ, ସର୍ବଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ, ହିନ୍ଦ ମଜଦୁର ସଭା, ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ, ସର୍ବଭାରତୀୟ ସଂଯୁକ୍ତ ଟ୍ରେଡ୍ ୟୁନିୟନ କେନ୍ଦ୍ର, ସର୍ବଭାରତୀୟ କେନ୍ଦ୍ରୀୟ କାଉନସିଲ୍ ଅଫ୍ ଟ୍ରେଡ୍ ୟୁନିୟନ, ଟ୍ରେଡ୍ ୟୁନିୟନ ସମନ୍ୱୟ କେନ୍ଦ୍ର ଏବଂ ଲେବର ପ୍ରୋଗ୍ରେସିଭ୍ ଫେଡେରେସନ୍ ଭଳି ପ୍ରମୁଖ ଶ୍ରମିକ ସଂଗଠନଗୁଡ଼ିକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରମିକ ନେତାମାନେ ସରକାରଙ୍କ ନୀତିକୁ କଠୋର ସମାଲୋଚନା କରି ଏହି ନୂତନ ଶ୍ରମ କୋଡ୍ ଶ୍ରମିକ ବିରୋଧୀ ଏବଂ ଏହା ଶ୍ରମିକ ଶ୍ରେଣୀର ଅଧିକାରକୁ କ୍ଷୁର୍ଣ୍ଣ କରିବ ବୋଲି କହିଥିଲେ। ଏହି କୋଡ୍‌ଗୁଡ଼ିକର କାର୍ଯ୍ୟକାରିତା ଫଳରେ ବହୁଳ ଭାବେ ଛଟେଇ ବଢ଼ିବ, ଚାକିରିର ସୁରକ୍ଷା ଦୁର୍ବଳ ହେବ ଏବଂ ପ୍ରବାସୀ ତଥା ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ସଠିକ୍ ସୁରକ୍ଷା ମିଳିବ ନାହିଁ ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମାବେଶକୁ ସମ୍ବୋଧିତ କରିଥିବା ପ୍ରମୁଖ ନେତାମାନଙ୍କ ମଧ୍ୟରେ ଆଇଏନ୍‌ଟିୟୁସିରୁ କିଶୋର ଜେନା, ମଦନ ମୋହନ ଧଳ ଓ ଶ୍ୟାମ ସୁନ୍ଦର ମହାପାତ୍ର, ଏଆଇଟିୟୁସିରୁ ବିଜୟ ଜେନା, ଜୟନ୍ତ ଦାସ ଓ ସୁର ଜେନା, ଏଚ୍‌ଏମ୍‌ଏସ୍‌ରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବିଏନ୍ ମହାପାତ୍ର, ସିଆଇଟିୟୁରୁ ବିଷ୍ଣୁ ମହାନ୍ତି, ଦୁଷ୍ମନ୍ତ ଦାସ ଓ ପ୍ରଦୀପ ନାୟକ, ଆଇୟୁଟିୟୁସିରୁ ଜୟସେନ ମେହେର, ନିରଞ୍ଜନ ମହାନ୍ତି ଓ ପୂର୍ଣ୍ଣ ବେହେରା, ଆଇସିସିଟିୟୁରୁ ମହେନ୍ଦ୍ର ପରିଡ଼ା, ରାଧାକାନ୍ତ ସେଠୀ ଓ ବଂଶୀଧର ପରିଡ଼ା, ଟିୟୁସିସିରୁ ଜ୍ୟୋତିରଞ୍ଜନ ମହାପାତ୍ର, ଲକ୍ଷ୍ମୀ ଡୋରା ଓ ସୁଶୀଲ ଥାନପତି ଏବଂ ଏଲ୍‌ପିଏଫ୍‌ରୁ ଅର୍ଚ୍ଚନା ପରିଡ଼ା ପ୍ରମୁଖ ସାମିଲ ଥିଲେ। ବକ୍ତାମାନେ ସାମୂହିକ ଭାବେ ଶ୍ରମ କୋଡ୍‌କୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଯଦି ସରକାର ଏଥିରେ ବିଫଳ ହୁଅନ୍ତି, ତେବେ ଆଗାମୀ ଦିନରେ ସାରା ଦେଶରେ ବିକ୍ଷୋଭ ଓ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଗଠନମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।




### ୧୮ ଦଫା ଦାବିରେ ଶୋଭାଯାତ୍ରା

## ବିଧାନସଭା ଆଗରେ ଗର୍ଜିଲେ ଆଶାକର୍ମୀ

ଭୁବନେଶ୍ୱର, ୨।୪(ସମିସ): ୧୮ ଦଫା ଦାବି ନେଇ ସିଆଇଟିୟୁ ନେତୃତ୍ୱରେ ଓଡ଼ିଶା ଆଶା କର୍ମୀ ଆସୋସିଏସନ ତରଫରୁ ବିଧାନସଭା ସମ୍ମୁଖରେ ହଜାର ହଜାର ଆଶା କର୍ମୀ ବିକ୍ଷୋଭ ସଂଗଠିତ କରିଛନ୍ତି। ମାଷ୍ଟର କ୍ୟାଣ୍ଟିନ ଛକରୁ ଆଶା କର୍ମୀଙ୍କ ଏକ ବିଶାଳ ଶୋଭାଯାତ୍ରା ବାହାରି ବିଧାନସଭା ସମ୍ମୁଖରେ ବକ୍ଷୋଭ ପ୍ରଦର୍ଶନ କରିଥିଲା। ଲୋଭାକାନ୍ତି ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ବକ୍ତାମାନେ ବିଜେପି ସରକାରର ଶ୍ରମିକ ବିରୋଧ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ୪ଟି ଶ୍ରମ କୋଡ୍‌କୁ ବକ୍ତାମାନେ ନିନ୍ଦା କରି କଳା ଦିବସ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଦୀର୍ଘ ୨୦ ବର୍ଷ ହେଲା ଦମକଳ ବାହିନୀ ଭଳି କାର୍ଯ୍ୟ କରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅପହଞ୍ଚ ସ୍ଥାନରେ ପହଞ୍ଚାଇଥିବା, ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କରିଥିବା ଆଶା କର୍ମୀଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା, ସର୍ବନିମ୍ନ ଦରମା ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ଡବଲ ଇଞ୍ଜିନି ସରକାରଙ୍କ ଶ୍ରମିକ ବିରୋଧ ନୀତି ଦାୟୀ ବୋଲି ବକ୍ତା ମାନେ ଅଭିଯୋଗ କରିଥିଲେ। ତୁରନ୍ତ ଆଶା କର୍ମୀଙ୍କୁ କର୍ମଚାରୀର ମାନ୍ୟତା, ମାସିକ ଦରମା ୨୬୦୦୦ ଟଙ୍କା, ୧୦ ହଜାର ଟଙ୍କା ପେନଶନ, ଅବସର ଓ ମୃତ୍ୟୁ କାଳୀନ ୧୦ ଲକ୍ଷ ଟଙ୍କା, ସାମାଜିକ ସୁରକ୍ଷା ଯୋଗାଇ ଦେବାକୁ ଦାବୀ କରିଛନ୍ତି। ସରକାର ଆଶା କର୍ମୀଙ୍କୁ ଅଣଦେଖା କଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ହେବ ବୋଲି ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି। ଏହି ବିକ୍ଷୋଭ ସମାବେଶରେ ଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ପୁଷ୍ପାଦାସ, ସମ୍ପାଦିକା ଶକୁନ୍ତଳା ମହାକୁଡ଼, ସୁରେଶ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।



# କୁଲାଡ଼ରେ ମା' ମଙ୍ଗଳା ମହୋତ୍ସବ ପାଳିତ



ନାଲକୋନଗର,୨।୪(ସମିସ): ନାଲକୋ ନିକଟ କୁଲାଡ଼ ଗ୍ରାମରେ ୨୮ ତମ ମା' ମଙ୍ଗଳା ମହୋତ୍ସବ ପାଳିତ ହୋଇଛି। ଏଥିରେ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ପୂଜା, ଯଜ୍ଞ, ଭଜନକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗ୍ରାମ ଉତ୍ସବମୁଖର ହୋଇଥିଲା। ଶୋଭାଯାତ୍ରାରେ ମା'ଙ୍କ ଆଲମକୁ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ ସାମନ୍ତ, ଶିକ୍ଷାବିତ ଡ. ମହେଶ ଧଳ, ସସ୍ମିତା ବେହେରା, ପଦ୍ମଶ୍ରୀ ସିଂ, ବିପ୍ଳବ ଜେନା, ନାଲକୋ ଥାନା ଅଧିକାରିଣୀ ନମିତା ନାୟକ, ସରପଞ୍ଚ ଉଷାରାଣୀ ସ୍ୱାଇଁ, ସମିତି ସଭ୍ୟା ଶ୍ରୀମତୀ ଗଡ଼ନାୟକ ଯୋଗଦେଇଥିଲେ। ପୂଜା କମିଟି ସଭାପତି ପ୍ରକାଶ ବେହେରା ଏବଂ ଟ୍ରକ ମାଲିକ ସଙ୍ଘ କାର୍ଯ୍ୟକର୍ତ୍ତାଙ୍କ ସହ ଗ୍ରାମ କମିଟି ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହିଙ୍ଗୁଳାଙ୍କ ଯାତ୍ରାରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ



ତାଳଚେର,୨।୪(ସମିସ): ମା' ହିଙ୍ଗୁଳାଙ୍କ ପୂଜା ମହୋତ୍ସବରେ ବ୍ୟବସାୟୀମାନେ ଯାତ୍ରା ପଡ଼ିଆରେ ଅସ୍ଥାୟୀ ଦୋକନ କରି ଚଟପଟି ଖାଦ୍ୟ ଓ ଫାଷ୍ଟଫୁଡ୍ ବିକ୍ରି କରୁଛନ୍ତି। ଏହି ଦୋକାନଗୁଡ଼ିକରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ବିଭାଗ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯିବା ସହ କିଛି ବ୍ୟବସାୟୀଙ୍କ ନିକଟରୁ ୬ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି। ଚଢ଼ଉରେ ବିଭାଗର ଅଧିକାରିଣୀ ହରପ୍ରିୟା ବେହେରା, ସୁମିତ ସୌରଭ ପରିଡ଼ା, ଶ୍ରୀବନ୍ତ ଖଣ୍ଡଗିରି, ନୀଳାମ୍ବର ପ୍ରଧାନ ଓ କର୍ମଚାରୀ ସାମିଲ ଥିଲେ।

# ଦୁର୍ଘଟଣାରେ ଡମ୍ପର ଅପରେଟର ମୃତ

ତାଳଚେର,୨।୪(ସମିସ): ତାଳଚେର ବ୍ଲକ ଗୋପାଳପ୍ରସାଦ ପଞ୍ଚାୟତ କୁସୁମପାଳ ଗ୍ରାମ ନିବାସୀ ତଥା ଏମସିଏଲ ହିଙ୍ଗୁଳା ଖଣିରେ କର୍ଯ୍ୟରତ ଡମ୍ପର ଅପରେଟର ଶ୍ରୀନିବାସ ଦେହୁରୀଙ୍କର ବୁଧବାର ବିଳମ୍ବିତ ରାତିରେ ହିଙ୍ଗୁଳା ଖଣି ଟାଇମ ଅଫିସ୍



ନିକଟରେ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଶ୍ରୀନିବାସ ବାଇକରେ ଆସୁଥିବା ବେଳେ ଖଣିର ଏକ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଖଣି କର୍ମଚାରୀମାନେ ସେଠାରେ ରୁଣ୍ଡ ହୋଇଥିଲେ। କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତଙ୍କ ପରିବାରର ଜଣଙ୍କୁ ନିଯୁକ୍ତି ଓ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଥିଲେ।

# ଅନୁଗୋଳ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

ଅନୁଗୋଳ,୨।୪(ସମିସ):



ଅନୁଗୋଳ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅପରାହ୍ନରେ କୋର୍ଟ ପରିସର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ଆଇନଜୀବୀ ତଥା ସଂଘର ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଗୋଳ ଜିଲ୍ଲା ଜଜ୍ ଦାମୋଦର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ ସଭାପତି ଦିଲୀପ କୁମାର ସାହୁ, ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହସମ୍ପାଦକ ପ୍ରଭୁପ୍ରସାଦ ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦକ ଜ୍ୟୋସ୍ନାମୟୀ ସାହୁଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ସଭାପତି ସାହୁ ସଂଘର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ବିଚାରପତି ରଥ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଓକିଲମାନଙ୍କ ଉନ୍ନତି ଓ ମହକିଲଙ୍କ ସମସ୍ୟା ସମାଧାନରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଓକିଲମାନଙ୍କ ପାଇଁ ଏକ ନୂତନ ଗୃହ ନିର୍ମାଣ ପାଇଁ କୋଟିଏ ଟଙ୍କାର ଏଷ୍ଟିମେଟ ହାଇକୋର୍ଟଙ୍କୁ ପଠାଯାଇଥିବା ସେ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ପରମାନନ୍ଦ ମିଶ୍ର, ବସନ୍ତ ଦାସ, ଦୁର୍ଗାଶଙ୍କର ମିଶ୍ର, ମହେନ୍ଦ୍ର ବସ୍ତିଆ, ଭରତ ପଣ୍ଡା, ଉଦୟ ଶଙ୍କର ମିଶ୍ର, ଅଜିତ ବିଷୋୟୀ, ଭୂପେଶ ପ୍ରଧାନ, ଦିଲୀପ ଦାସ, ଦ୍ୱାରିକାପ୍ରସାଦ ନନ୍ଦ, ଗୋପାଳ ନାଥ, ରଜତ ଦାଶ, ହେମନ୍ତ ସାହୁ, ଗଣେଶ ସାହୁ, ରମେଶ ସାହୁ, ସୁଦୀପ ମିଶ୍ର, ଶତ୍ରୁଘ୍ନ ସାହୁ, ବିପିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖବରକାଗଜ ବିତରକଙ୍କ ପରଲୋକ

କଣିହାଁ,୨।୪(ସମିସ): କଣିହାଁ ବ୍ଲକ ସମଲ ବ୍ୟାରେଜ ହାଇସ୍କୁଲ ଛକର ଖବରକାଗଜ ବିତରକ ଦେବେଶ ଚନ୍ଦ୍ର ସାନ୍ୟାଲ (ସୋମୁ)ଙ୍କର ବୁଧବାର ପରଲୋକ ଘଟିଛି। ମଙ୍ଗଳବାର ଅପରାହ୍ନରେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି



କରିଥିଲେ। ତେବେ ତାଙ୍କ ପତ୍ତା ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ। ବୁଧବାର କଲୋନୀ ନିକଟ ଏକ ପରିତ୍ୟକ୍ତ ଘରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦେବେଶ ଦୀର୍ଘ ୨୫ ବର୍ଷ ହେବ ଖବରକାଗଜ ବିତରଣ କରିଆସୁଥିଲେ। ତାଙ୍କ ଆକସ୍ମିକ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବଜାର କମିଟି ତରଫରୁ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ପାଇଛି।

# ୬୦୦ ଲୋକଙ୍କୁ ବସ୍ତ୍ର ବଣ୍ଟନ ସହ ଜଳସେବା



କଣିହାଁ,୨।୪(ସମିସ): ତାଳଚେର ଗୋପାଳପ୍ରସାଦରେ ଅବସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଉତ୍କଳ ଗୋପାଳ ସମାଜ ପକ୍ଷରୁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସମାଜର ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ାଙ୍କ ନେତୃତ୍ୱ ତଥା ବରିଷ୍ଠ ଆଇନଜୀବୀ ଅଶୋକ ଆପୋଟ, ରାଜ୍ୟ କୋଷାଧ୍ୟକ୍ଷ ଧରଣୀଧର ବେହେରା, ରାଜ୍ୟ ସମ୍ପାଦକ ବିଦ୍ୟାଧର ଭୁତିଆ, ଅନୁଗୋଳ ଜିଲ୍ଲା ମୁଖ୍ୟ ସଂଗଠକ ପପୁ ବେହେରା, ଜିଲ୍ଲା ସଭାପତି ଶ୍ରୀଚରଣ ବେହେରା, ଜିଲ୍ଲା ସଂଗଠକ ବାପୁଜୀ ଭୁତିଆ ଓ ସନ୍ତୋଷ ବେହେରାଙ୍କ ସହ ଅନ୍ୟ କର୍ମକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ୬୦୦ ଜଣ ଅସହାୟଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା। ଜଳସେବା ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପାଲଲହଡ଼ା,୨।୪(ସମିସ): ପାଲଲହଡ଼ା ଉପଖଣ୍ଡରେ



କାର୍ଯ୍ୟରତ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସାରଙ୍ଗଧର ନାଏକ ଏବଂ ଦ୍ୱିବେଦୀ କଲୋନୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବେଦବ୍ୟାସ ବେହେରାଙ୍କୁ କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଈଶ୍ୱରନଗର ହରେକୃଷ୍ଣ ମହତାବ ଆଞ୍ଚଳିକ ସାଧନ କେନ୍ଦ୍ରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ଏବିଇଓ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ, ସାମ୍ବାଦିକ ରଞ୍ଜିତ କୁମାର ସାମଲ, ଈଶ୍ୱରନଗର ଆଞ୍ଚଳିକ ସାଧନ କର୍ମୀ ସୁନାରାମ ଦେଓଗାମ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର କିସାନ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ଉପରେ ଆଲୋକପାତ କରି ଅବସର ପରବର୍ତ୍ତୀ ସୁଖମୟ ଜୀବନ କାମନା କରିଥିଲେ। ଶିକ୍ଷକ ଚିନ୍ତାମଣି ଦଣ୍ଡିଆ ଏବଂ ଚନ୍ଦ୍ରଶେଖର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ କଳ୍ପନାରାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।






## ବିଜୁବାବୁଙ୍କ ପ୍ରତି ବିଜେପି ସାଂସଦଙ୍କ ଅପମାନଜନକ ମନ୍ତବ୍ୟ

# ବିଜୁ ଯୁବଛାତ୍ର ଜନତା ଦଳର ଦୃଢ଼ ବିରୋଧ

ଅନୁଗୋଳ,୨।୪(ସମିସ):




ଓଡ଼ିଶାର ବରପୁତ୍ର, ମହାନ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମିଥ୍ୟା ତଥା ଅପମାନଜନକ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛି ବିଜୁ ଯୁବଛାତ୍ର ଜନତା ଦଳ। ଏହା କେବଳ ବିଜୁବାବୁଙ୍କ ପ୍ରତି ନୁହେଁ ବରଂ ସମଗ୍ର ଓଡ଼ିଶା, ଓଡ଼ିଆ ଜାତି ଏବଂ ଓଡ଼ିଆ ଅସ୍ମିତା ପ୍ରତି ଅପମାନ। ଏହି ଅପମାନକୁ କୌଣସି ବି ଓଡ଼ିଆ ବରଦାସ୍ତ କରିବେ ନାହିଁ। ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଅଧପନ୍ତରିଆ ତଥ୍ୟ ଆଧାରରେ ଏକ ମିଥ୍ୟା ନ୍ୟାରେଟିଭ୍ ତିଆରି କରିବାକୁ ବିଜେପି ଚେଷ୍ଟା କରିଛି; ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଦଳ ପକ୍ଷରୁ ଅନୁଗୋଳ ପୌରପାଳିକା ରାଜା ଛକରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

କାର୍ଯ୍ୟକ୍ରମରେ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଅନୁଗୋଳ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀ ସାହୁ, ନଗର ମହିଳା ସଭାନେତ୍ରୀ ମାଳିନୀ ସର, ଅନୁଗୋଳ ଓକିଲ ସଂଘ ସଭାପତି ଦିଲୀପ ସାହୁ, ବିଜୁ ଛାତ୍ର ଜନତା ଦଳ ସଭାପତି ରାଜୀବ ଲୋଚନ ଦାସ, କାଉନସିଲର ସଦାନନ୍ଦ ପଣ୍ଡା, ବଳରାମ ଜେନା, ରଞ୍ଜିତ୍ ମାଣ୍ଡୋଠିଆ, ସୁଶୀଲ ମୁଖୀ, ଜିଲ୍ଲା ବିଜେଡି ଉପସଭାପତି ଧରଣୀଧର ସାହୁ, ରାଜ୍ୟ ଯୁବ ବିଜେଡି ଉପସଭାପତି ଶିବାନୀ ଶଙ୍କର ଗୌଡ଼, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ଜିଲ୍ଲା ବିଜେଡି ସମ୍ପାଦକ ଅଜିତ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ବିଜେଡି ନେତା ଅରୁଣାଭ ସିଂହଙ୍କ ନେତୃତ୍ୱରେ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା।


## ସମଗ୍ରଶିକ୍ଷା, ଜଗତସିଂହପୁର

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

୧. ଜଗତସିଂହପୁର ଜିଲ୍ଲାରେ ୧୮ ଗୋଟି ବିଦ୍ୟାଳୟ ପିଏମ୍ଶ୍ରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଅଛି।
୨. ଏହି ଯୋଜନାରେ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ମରାମତି କାର୍ଯ୍ୟ, ସେଲଫି ପଏଣ୍ଟ, ଖେଳପଡିଆ ଉନ୍ନତିକରଣ କରାଯାଉଅଛି।
୩. ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗୋଟିଏ ଗୋଟିଏ ସକ୍ଷମ କେନ୍ଦ୍ର ଖୋଲାଯାଇଅଛି।
୪. ଭାଷାର ଉନ୍ନତି ପାଇଁ ପ୍ରତ୍ୟେକ ବିଦ୍ୟାଳୟ ରେ ଗୋଟିଏ ଗୋଟିଏ ଭାଷା ପ୍ରୟୋଗଶାଳା (Language Lab) କରାଯାଇଅଛି।
୫. ପ୍ରତ୍ୟେକ ପିଏମ୍ଶ୍ରୀ ବିଦ୍ୟାଳୟରେ ଔଷଧୀୟ ବୃକ୍ଷ ବଗିଚା, ଡଷ୍ଟବିନ୍ ଓ କମ୍ପୋଷ୍ଟ ପିଟ୍‌ର ବ୍ୟବସ୍ଥା କରାଯାଇଅଛି।
୬. ଶିଶୁ ଚିହ୍ନଟ ପଦ୍ଧତି - ୨୦୨୫ କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ଚଳିତ ବର୍ଷ ୨.୬୦ ଲକ୍ଷ ଗୃହ ଗଣନା କରାଯାଇ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଚିହ୍ନଟ କରାଯାଇଛି।
୭. 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାରେ ଚଳିତ ବର୍ଷ ୯୧୨ ଜଣ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷା ସ୍ରୋତକୁ ଅଣାଯାଇଛି ଓ ଏହି ପ୍ରକ୍ରିୟା ଜାରି ରହିଛି।

ଜିଲ୍ଲା ଶିକ୍ଷା ଅଧିକାରୀ - ତଥା - ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ଜଗତସିଂହପୁର


# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଛେଣ୍ଡିପଦା,୨।୪(ସମିସ): ଛେଣ୍ଡିପଦା ବ୍ଲକ ନୂଆଗାଁସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁଚରଣ ପ୍ରଧାନ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ଲମ୍ବୋଦର ପ୍ରଧାନ ମୁଖ୍ୟଅତିଥି, ଆଲୁମ୍ନି କମିଟି ସଭାପତି ସୌଭାଗ୍ୟ ପ୍ରଧାନ ଓ ସ୍କୁଲ ପରିଚାଳନା କମିଟି ସଭାପତି ଗୋଲାପ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୃନ୍ଦାବନ ପ୍ରଧାନ, ଅଞ୍ଜନ କୁମାର ସାହୁ ମଞ୍ଚାସୀନ ଥିଲେ। ଦିଲୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

ବିଦ୍ୟାଳୟର ପୂର୍ବତନ ଛାତ୍ର ସଂଘ ପକ୍ଷରୁ ଶୁଭେନ୍ଦୁ ଶେଖର ପ୍ରଧାନ, ସୁନୀଲ କୁମାର ପ୍ରଧାନ, ଆଦିକନ୍ଦ ସାହୁ ଓ ଅକ୍ଷୟ କୁମାର ବେହେରା, ପଦ୍ମଲୋଚନ ବେହେରା, ଚିନ୍ତାମଣି ବେହେରା, ଶିକ୍ଷକ ବିଶ୍ୱନାଥ ପୃଷ୍ଟି ଓ ଗୋପାଳ ଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଅତିଥିମାନେ ବିଦାୟୀ ପ୍ରଧାନଶିକ୍ଷକଙ୍କ ନିଷ୍ଠା ଏବଂ ସାହିତ୍ୟ ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ପରେ ପୁଷ୍ପଗୁଚ୍ଛ, ଉପହାର ଓ ଶ୍ରୀଫଳ ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।










# ବିଏମ୍‌ସିକୁ ଠକୁଛନ୍ତି କଂସେଇଖାନା ଲିଜ୍‌ଧାରୀ ଏବଂ ଟିକସ ଆଦାୟକାରୀ






ବ୍ରହ୍ମପୁର,୨।୪(ସମିସ): ସହରର ଟିକସ ଆଦାୟରେ ବିଏମସିକୁ ବର୍ଷ ବର୍ଷ ଧରି ଠକି ଆସୁଛନ୍ତି ଲିଜଧାରୀ ଏପରିକି ଖୋଦ୍ ନିଗମର ଟିକସ ଆଦାୟକାରୀ। ଟିକସ ଆଦାୟକାରୀ କର୍ମଚାରୀଙ୍କ ଦରମା ତୁଳନାରେ ସେମାନେ ଆଦାୟ କରୁଥିବା ରାଜସ୍ୱ ଯଥେଷ୍ଟ କମ୍। ସେପଟେ କଂସେଇଖାନା ଲିଜଧାରୀ କ୍ରମାଗତ ଭାବେ ଗତ ଦୁଇବର୍ଷ ହେଲା ଟଙ୍କାଟିଏ ମଧ ଫି ପୈଠ କରିନଥିବା ଜଣାପଡିଛି। ଆସନ୍ତା ୮ ତାରିଖରେ ହେବାକୁ ଥିବା ବିଏମସିର ବଜେଟ ବୈଠକ ପୂର୍ବରୁ ଆଜି ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ବୈଠକ ଆଲୋଚନାରେ ଏହି ତଥ୍ୟ ପଦାକୁ ଆସିଥିଲା। ଗୁରୁବାର ନିଗମର ଏଷ୍ଟାବ୍ଲିସମେଣ୍ଟ ଏବଂ ଟ୍ୟାକ୍ସ ଆଣ୍ଡ ଫାଇନାନ୍ସ କମିଟିର ବୈଠକ ବସିଥିଲା। ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡି କମିଟିର ଅଧ୍ୟକ୍ଷ ତଥା କର୍ପୋରେଟର ସୁରେନ୍ଦ୍ରନାଥ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେଇ ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି ନକରିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ପରେ ଟ୍ୟାକ୍ସ ଆଣ୍ଡ ଫାଇନାନ୍ସ ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ତଥା କର୍ପୋରେଟର ଟି. କିଶୋରଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଖାସ କରି ନିଗମର ଏକମାତ୍ର କଂସେଇଖାନା ବା ସ୍ଲଟର ହାଉସ ଯାହାକୁ ଏକବର୍ଷ ପାଇଁ ଟେଣ୍ଡର ଜରିଆରେ ଲିଜ ଦିଆଯାଉଛି ଉକ୍ତ ଲିଜଧାରୀ ନେହା ବେଗମ କାର୍ଯ୍ୟାଦେଶ ନେବା ପରଠାରୁ ଟଙ୍କାଟିଏ ମଧ ପୈଠ କରିନଥିବା ଜଣାପଡିଛି। ସବୁଠାରୁ ବଡକଥା ହେଲା ପୂର୍ବ ବର୍ଷ ଅର୍ଥାତ୍ ୨୦୨୪-୨୫ମସିହାରେ ମଧ ଅନୁରୂପ ଭାବେ ଲିଜଧାରୀ ସେକ ଚିନା ଟଙ୍କାଟିଏ ମଧ ଫି ଦେଇନଥିଲେ। ଫଳରେ ବିଏମସିକୁ ଗତ ୨୦୨୪-୨୫ରେ ସାଢେ ୬ଲକ୍ଷ ଏବଂ ଚଳିତ ବର୍ଷ ୨୦୨୫-୨୬ରେ ପୁଣି ସାଢେ ୬ଲକ୍ଷ ଟଙ୍କା ରାଜସ୍ୱ କ୍ଷତି ସହିବାକୁ ପଡିଛି। ବର୍ଷ ବର୍ଷ ଧରି ଲିଜଧାରୀ ଫି ପୈଠ ନକରି ଉକ୍ତ ସ୍ଲଟର ହାଉସକୁ ଚଳାଉଥିବା ବେଳେ ବିଏମସି କର୍ତ୍ତୃପକ୍ଷ ହାତବାନ୍ଧି ଚୁପ ବସିବା ସମସ୍ତଙ୍କୁ ଚକିତ କରିଛି। ସେହିଭଳି ଫୁଟପାତ ବା ରାସ୍ତାକଡରେ ବସି ବିକ୍ରୀ କରୁଥିବା ଏବଂ ଠେଲା ବା ଉଠାଦୋକାନୀଙ୍କ ଠାରୁ ବିଏମସି ୫ରୁ୧୦ଟଙ୍କା ପର୍ଯ୍ୟନ୍ତ ଦୈନିକ ଟିକସ ଆଦାୟ କରୁଛି। ଏଥିପାଇଁ ସହରକୁ କଣ୍ଠାପଲ୍ଲୀ, ଗିରିମାର୍କେଟ, ବଡବଜାର, ଗେଟବଜାର ଓ ବିଜିପୁର ଭଳି ୫ଟି ସ୍ୱତନ୍ତ୍ର ଜୋନରେ ବିଭକ୍ତ କରାଯାଇ ଟିକସ ଆଦାୟ ପାଇଁ ୫ଜଣଙ୍କୁ ନିୟୋଜିତ କରାଯାଇଛି। ତେବେ ଟିକସ ଆଦାୟକାରୀଙ୍କ ଦ୍ୱାରା ଆଦାୟ ଟକସ ଅର୍ଥ ସେମାନଙ୍କ ଦରମା ଠାରୁ ଯଥେଷ୍ଟ କମ୍ ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅର୍ଥାତ୍ ଟିକସ ଆଦାୟ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ରାଜସ୍ୱ ବାଟମାରଣା କରୁଥିବା ଅଭିଯୋଗ ହୋଇଛି। ଯାହାକୁ ଦୃଷ୍ଟିରେ ରଖି ଏଣିକି ଉକ୍ତ ଟିକସ ଆଦାୟକାରୀ ଘରୋଇକରଣ କରାଯିବା ସହିତ ଏଥିରେ ନିୟୋଜିତ କର୍ମଚାରୀଙ୍କୁ ନିଗମ କାର୍ଯ୍ୟାଳୟକୁ ଅଣାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ସେହିଭଳି ସହରକୁ ପ୍ରବେଶ କରୁଥିବା ଯାନବାହାନ ଠାରୁ ଆଦାୟ ହେଉଥିବା ୟୁଜର୍ସ ଫି ଅର୍ଥ ଏଣିକି ନଗଦ ଆକାରରେ ନୁହେଁ ବରକୁଆର କୋଡ ଅଥବା ଅନଲାଇନରେ ଆଦାୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ଟ୍ରେଡ ଲାଇସେନ୍ସ ଫି ଆଦାୟରେ ଅନେକ ସୁଧାର ଆସିଥିବା ବେଳେ ଲୋକଙ୍କ ମଧ୍ୟରେ ଏନେଇ ସଚେତନତା ମଧ୍ୟ ବୃଦ୍ଧି ପାଇଥିବା ବୈଠକରେ ଜଣାପଡିଥିଲା। ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ସମ୍ମୁଖରେ ଲାଗୁଥିବା ହୋର୍ଡିଂ ବାବଦରେ ଫି ବା ଟିକସ ବିଏମସିକୁ ଆଦୌ ଆସୁନଥିବା ଜଣାପଡିଛି। ଏଣୁ ଆଗାମୀ ଦିନରେ ସର୍ଭେ ବିଭାଗର କର୍ମଚାରୀ ଯଥା ଆଇଆଇ ଓ ଅମୀନଙ୍କ ସହିତ ଏନଫୋର୍ସମେଣ୍ଟ ଷ୍ଟାଫ ଦୋକାନ ଦୋକାନ ବୁଲି ଟିକସ ପୈଠ କରିବାକୁ ବ୍ୟବସାୟୀଙ୍କୁ ପ୍ରବର୍ତ୍ତାଇବେ। ଏହାଛଡା ବିଏମସିର ସହରରେ ଥିବା ଷ୍ଟଲ ବା ଦୋକାନ ଘରୁ ଭଡା ସଠିକ ସମୟରେ ମିଳୁନଥିବା ଜଣାପଡିଛି। ଅନେକ ଲିଜଧାରୀ ବର୍ଷାଧିକ କାଳ ଭଡା ଦେଇନଥିବା ବେଳେ ସେମାନଙ୍କ ଉପରେ ଲକ୍ଷାଧିକ ଟଙ୍କା ବକେୟା ପଡିଛି। ଏଭଳି ଡିଫଲଟର ବା ଖିଲାପିଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ନୋଟିସ ଜାରି କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିବା ଟ୍ୟାକ୍ସ ଆଣ୍ଡ ଫାଇନାନ୍ସ କମିଟି ଅଧ୍ୟକ୍ଷ ଟି. କିଶୋର ସୂଚନା ଦେଇଛନ୍ତି। ଉଭୟ କମିଟି ବୈଠକରେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କମିଶନର ସୁଶ୍ରୀ ଏ. ଶ୍ରେୟା ରେଡ୍ଡୀଙ୍କ ସମେତ କମିଟିର ସଦସ୍ୟ ତଥା କର୍ପୋରେଟର ସଂଜିତ ପାଣିଗ୍ରାହୀ, ନୀଳକଣ୍ଠ ସାହୁ, ଧୀରେଶ ସାବତ, ଏ. ଆପ୍ପା ରାଓ, ପ୍ରଶାନ୍ତ ପଟ୍ଟନାୟକ, ଚିତ୍ରସେନ ମହାପାତ୍ର, ଡେପୁଟି କମିଶନର ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ରୋନିତ କୁମାରଙ୍କ ସମେତ ଅନ୍ୟ କର୍ପୋରେଟର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ତେବେ ଉଭୟ ଷ୍ଟାଣ୍ଡିଂ କମିଟିରେ ଆଲୋଚନା ହୋଇଥିବା ଓ ନିଆଯାଇଥିବା ବିଭିନ୍ନ ପ୍ରସ୍ତାବକୁ ଆସନ୍ତା ୮ ତାରିଖରେ କର୍ପୋରେସନର ବଜେଟ ବୈଠକରେ ଉପସ୍ଥାପନ କରାଯିବ। ଗୃହର ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି କହିଛନ୍ତି ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ।

- ଟ୍ୟାକ୍ସ ଆଣ୍ଡ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା
- ଫି' ଆଦାୟକାରୀଙ୍କ ଦରମାଠାରୁ ରାଜସ୍ୱ ଆଦାୟ ପରିମାଣ କମ୍
- ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ନକରିବାକୁ ନିଆଗଲା ନିଷ୍ପତ୍ତି

## ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ଦେଲେ କାଉନ୍‌ସିଲର



ଛତ୍ରପୁର,୨।୪(ସମିସ): ଏପ୍ରିଲ ୪ ତାରିଖ ସକାଳେ ସରକାରୀ ବିଦ୍ୟାଳୟ ପରିସରରେ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ 'ପ୍ରବେଶ ଉତ୍ସବ' ଓ 'ଖଡ଼ି ଛୁଆଁ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ - ପିଲାଙ୍କୁ ସରକାରୀ ସ୍କୁଲକୁ ପଠାନ୍ତୁ। ଏହି ଅବସରରେ ଛତ୍ରପୁର ସ୍ଥିତ ରିକାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ନିମନ୍ତେ ଘରକୁ ଘର ବୁଲି ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ବାଣ୍ଟିଲେ ଛତ୍ରପୁର ଏନଏସିର ୧୦ ନଂ କାଉନସିଲର ଦେବାଶିଷ ମିଶ୍ର। ଏନେଇ ଅନୁଷ୍ଠିତ ପଦଯାତ୍ରାରେ କାଉନସିଲର ଶ୍ରୀ ମିଶ୍ରଙ୍କ ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରିତା ରଥ ଏବଂ ଶିକ୍ଷୟିତ୍ରୀ ଏନ. ହେମଲତା ସାମିଲ ହୋଇଥିଲେ।

## ଅଶ୍ଳୀଳ ଦଣ୍ଡନାଚ ଆୟୋଜକଙ୍କ ବିରୋଧରେ ମାମଲା

ଛତ୍ରପୁର,୨।୪(ସମିସ): ଗଞ୍ଜାମ ଜିଲ୍ଲାରେ ଆୟୋଜିତ ହେଉଥିବା ଦଣ୍ଡନାଚ ନେଇ ଏକ ଏସ୍‌ଓପି ଜାରି କରାଯାଇଛି। ଏସ୍‌ଓପି ଜାରି କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅଶ୍ଳୀଳତା ବନ୍ଦ କରିବା ଓ ଆମର ପ୍ରାଚୀନ କଳା ଓ ସଂସ୍କୃତିକୁ ଅଧିକ ସମୃଦ୍ଧ କରିବା। ଏସଓପି, ଜନ ସଚେତନତା ଓ ଗଣମାଧ୍ୟମ ଜରିଆରେ ଅନୁରୋଧ ସତ୍ତ୍ୱେ ଦଣ୍ଡ ନାଚରେ ଅଶ୍ଳୀଳତା ପ୍ରକାଶ ପାଉଛି। ଏହି କ୍ରମରେ ସଦ୍ୟ ଅତୀତରେ ଛତ୍ରପୁର ସହରରେ ଏକ ଦଣ୍ଡଦଳ ଦ୍ୱାରା ଅଶ୍ଳୀଳତା ପ୍ରଦର୍ଶନ ହେତୁ ୫ ଜଣ ଆୟୋଜକଙ୍କ ଉପରେ ପୁଲିସ ମାମଲା ରୁଜୁ କରିଥିଲା ବେଳେ ଛତ୍ରପୁର ତହସିଲଦାର ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେମାନେ ସଠିକ ଉତ୍ତର ରଖି ନ ପାରିଲେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲ୍ଲା ପ୍ରଶାସନ ଆଉଥରେ ସ୍ପଷ୍ଟ କରୁଛି ଯେ, ବ୍ୟାପକ ଜନ ସଚେତନତା ସତ୍ତ୍ୱେ ଗଞ୍ଜାମ ଜିଲ୍ଲାରେ ଦଣ୍ଡ ନାଚରେ ଅଶ୍ଳୀଳତା ବନ୍ଦ ହେଇପାରିନାହିଁ। ଏହାପରେ ଯେଉଁଠି ବି ଅଶ୍ଳୀଳତା ପ୍ରକାଶ ପାଇବ ଆୟୋଜକଙ୍କ ଉପରେ କଠୋର ରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୁଲିସ ପକ୍ଷରୁ ସହିଦ୍ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ଭଞ୍ଜନଗର,୨।୪(ସମିସ): ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ସହିଦ୍ ହୋଇଥିବା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକ ସାନକୋଦଣ୍ଡା ପଞ୍ଚାୟତ ବଡପଥରା ଗ୍ରାମର ସ୍ୱର୍ଗତ ତ୍ରିଲୋଚନ




ବିଷୋୟୀଙ୍କୁ ଗଞ୍ଜାମ ପୁଲିସ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିପାଶା ପାରୁଲ, ଭଞ୍ଜନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଏସଡିପିଓ ଡ.ଦୀପକ କୁମାର ମିଶ୍ର ଓ ଭଞ୍ଜନଗର ଥାନା ଅଧିକାରୀ ଜିବନାନନ୍ଦ ଜେନାଙ୍କ ସମେତ ପୁଲିସ ଟିମ୍ ସହିଦଙ୍କ ଗ୍ରାମ ବଡପଥରା ପହଞ୍ଚିଥିଲେ। ଅଧିକାରୀମାନେ ସହିଦ୍ ତ୍ରିଲୋଚନଙ୍କ ବାସଭବନକୁ ଯାଇ ତାଙ୍କ ଫଟୋ ଚିତ୍ରରେ ପୁଷ୍ପଗୁଚ୍ଛ ପ୍ରଦାନ ସହ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ। ଚିତ୍ତରଞ୍ଜନଙ୍କ ବଳିଦାନକୁ ଓଡ଼ିଶା ପୁଲିସ କେବେ ଭୁଲିବ ନାହିଁ। ଆମେ ସଦାସର୍ବଦା ତାଙ୍କ ପରିବାର ସହିତ ଅଛୁ ଓ ରହିବୁ ବୋଲି ଏସପି ଶ୍ରୀ ପାତ୍ର କହିଛନ୍ତି।

## ୪୦ ମିଟର ଟାୱାର ଉପରୁ ଅଚେତ୍ ଯୁବକ ଉଦ୍ଧାର

ପୁରୀ,୨।୪(ସମିସ): ୪୦ ମିଟର ଉଚ୍ଚତା ବିଶିଷ୍ଟ ମୋବାଇଲ ଟାୱାର ଉପରେ ରହିଗଲେ ୩ ଯୁବକ। ସେମାନଙ୍କ ଭିତରୁ ୨ ଜଣ ତଳକୁ ସୁରକ୍ଷିତ ଭାବେ ଓହ୍ଲାଇ ଆସିଥିବାବେଳେ ଆଉ ଜଣେ ଉପରେ ଚେତାଶୂନ୍ୟ ଅବସ୍ଥାରେ ରହିଯାଇଥିଲେ। ପରେ ଅଗ୍ନିଶମ ଅଧିକାରୀ ଅକ୍ଳାନ୍ତ ପରିଶ୍ରମ କରି ଦୀର୍ଘ ସମୟ ଧରି ଟାୱାର ଉପରେ ରହିଯାଇଥିବା ଯୁବକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ବ୍ୟକ୍ତି ଜଣକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ପୋଲସରାର ୨୫ ବର୍ଷୀୟ ସର୍ବେଶ୍ୱର ବେହେରା। ଏହି ଘଟଣା ଘଟିଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ତିତିପ ଗାଁରେ। ଗୁରୁବାର ପୂର୍ବାହ୍ଣରେ ୩ ଜଣ ଯୁବକ କାମ କରିବା ପାଇଁ ୪୦ ମିଟର ଉଚ୍ଚତା ବିଶିଷ୍ଟ ମୋବାଇଲ ଟାୱାର ଉପରେ ଚଢ଼ିଥିଲେ। ହେଲେ ସର୍ବେଶ୍ୱର ଚେତାଶୂନ୍ୟ ଅବସ୍ଥାରେ ରହିଯାଇଥିଲେ। ଖବର ପାଇ ବ୍ରହ୍ମଗିରି ଅଗ୍ନିଶମ ଅଧିକାରୀ ଜୟନ୍ତ ଆଟୋଇ ଓ ଡି. କୁଅଁର ରଣି, ବଡି ହାର୍‌ନେସ ମାଧ୍ୟମରେ ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

- ମା' ଉତ୍ତରାୟଣୀଙ୍କ ଯାତ୍ରା ମହୋତ୍ସବ

## ଯୋଗଦେଲେ ସୋରଡା ବିଧାୟକ



ବେଲଗୁଣ୍ଠା,୨।୪(ସମିସ): ଗତ ମାର୍ଚ୍ଚ ୨୪ ତାରିଖ ଠାରୁ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ କ୍ଷତ୍ରିୟବରପୁର ଠାରେ ମା ଉତ୍ତରାୟଣୀଙ୍କ ଯାତ୍ରା ଜାରି ରହିଛି। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମାଆଙ୍କ ଅସ୍ଥାୟୀ ମଣ୍ଡପରେ ମାଆଙ୍କ ସନ୍ଧ୍ୟା ଆଳତିରେ ଉପସ୍ଥିତ ରହି ପୁଷ୍ପାଞ୍ଜଳି ପ୍ରଦାନ କରିବା ସହ ମାଆଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ସହିତ ଆଗାମୀ ବର୍ଷ ଗୁଡିକରେ ମା'ଙ୍କ ଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ ଯାତ୍ରା କମିଟି ସହିତ ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ଭବିଷୋୟୀଙ୍କ ସହିତ ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ, ପୂର୍ବତନ ସରପଞ୍ଚ ମହନ୍ତ ରାମକୃଷ୍ଣ ଦାଶ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମାଆ ଉତ୍ତରାୟଣୀଙ୍କ ଦର୍ଶନ ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ; ୨ ଗିରଫ

- ୬୨ କିଲୋ ଗଞ୍ଜେଇ ଜବତ



ଟିକାବାଲି,୨।୪(ସମିସ): ଟିକାବାଲି ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ରୋଗୀ ସେବା ପାଇଁ ବ୍ୟବହୃତ ଆମ୍ବୁଲାନ୍ସ ମାଧ୍ୟମରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ଏକ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ପଟୁ ଭଞ୍ଜନଗର ଅଭିମୁଖେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଟିକାବାଲି ଥାନା ଅଧିକାରୀ ସମୀର କୁମାର ବେହେରା କୌଣସି ସୂତ୍ରରୁ ଖବର ପାଇଥିଲେ। ଏହାକୁ ଭିତ୍ତି କରି ପୁଲିସ ଟିମ୍ ଗାଡ଼ିଟିକୁ ପିଛା କରିଥିଲା। ତେଙ୍ଗେଡ଼ାପଥର ନିକଟସ୍ଥ ସିଙ୍ଗାପୁଲି ବ୍ରିଜ ପାଖରେ ଆମ୍ବୁଲାନ୍ସକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୬୨ କିଲୋ ୩୩୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା।ଏହି ମାମଲାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ବିଡାନାସୀ ନୂଆଁସାହି ଅଞ୍ଚଳର କୈଳାସ ଚନ୍ଦ୍ର ଦାସ (୪୮) ଏବଂ ଭଦ୍ରକ ଜିଲ୍ଲା ବାସୁଦେବପୁର ସୁଆଁ ଗ୍ରାମର ନିରଞ୍ଜନ ପଣ୍ଡା (୪୬)। ଏନେଇ ଟିକାବାଲି ଥାନାରେ ଏକ ମାମଲା (ନଂ.୭୨/୨୬) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ୧୩ ଦିନିଆ ଦଣ୍ଡଯାତ୍ରା ଶୁଭାରମ୍ଭ



ଗଞ୍ଜାମ,୨।୪(ସମିସ): ଗଞ୍ଜାମ ସହର କଲେଜ ରୋଡ଼ ସ୍ଥିତ ମା'ଦକ୍ଷିଣ କାଳୀଙ୍କ ତେର ଦିନିଆ ଦଣ୍ଡଯାତ୍ରା ଗୁରୁବାର ଶୁଭାରମ୍ଭ ହୋଇଛି। ମା'ଦକ୍ଷିଣ କାଳୀଙ୍କ ଘଟ ଓଡ଼ିଆ ଡମଣା ସାହି ସ୍ଥିତ ବାବା ରାମ ଲିଙ୍ଗେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ମା'ପଦାକୁ ବାହାରିଛନ୍ତି। ପ୍ରଥମ ଦିବସରେ ନିଜ ସାହି ତଥା ଡମଣା ସାହିରେ ମଧ୍ୟ ରାତ୍ରରେ ରାମ ଲିଙ୍ଗେଶ୍ୱର ନାଟ୍ୟ କଳା ସଂସଦ ଦ୍ୱାରା ପୌରାଣିକ ନାଟକ ପରିବେଷଣ ହେବ ବୋଲି ମୁଖ୍ୟ ପରିଚାଳକ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ମେରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ମା ଦକ୍ଷିଣ କାଳୀ ଗାଁ ଗାଁ ବୁଲି ମାନସିକ ଧାରୀଙ୍କ ଦାଣ୍ଡରେ ଦଣ୍ଡନାଚ ପରିବେଷଣ କରିବେ। ଅଧିକାରୀ ଭିମା ରେଡି, ମୁଖ୍ୟ ପରିଚାଳକ ସନ୍ତୋଷ ସାହୁ, ପ୍ରଭାତ ସାହୁ, ବିଷ୍ଣୁ ଚରଣ ବେହେରା ପ୍ରମୁଖ ମା'ଙ୍କ ସହ ଗାଁ ଗାଁ ବୁଲିବେ।

## ଛତ୍ରପୁର ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




ଛତ୍ରପୁର,୨।୪(ସମିସ): ଛତ୍ରପୁର ସ୍ଥିତ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ପବ୍ଲିକ ସ୍କୁଲର ୪୭ତମ ବାର୍ଷିକ ଉତ୍ସବ "ବର୍ଣ୍ଣିକା' ସ୍ଥାନୀୟ ବିଦ୍ୟାଳୟ ପରିସରରେ ଅତି ଆଡ଼ମ୍ବର ଓ ଉତ୍ସାହର ସହ ଉତ୍କଳ ଦିବସର ପବିତ୍ର ଅବସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏସ.ବି.ଆଇ ଷ୍ଟାଫ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଡକ୍ଟର ଚିତ୍ତରଞ୍ଜନ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆସୋସିଏସନ୍‌ର ସଭାପତି ତପନ କୁମାର ପାଲ୍ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଜୟ ତ୍ରିପାଠୀ, ସ୍କୁଲ ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଉପସଭାପତି ତଥା ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତଥା ବାର୍ ଆସୋସିଏସନ୍‌ର ପୂର୍ବତନ ସଭାପତି ପ୍ରଦୀପ ପାଢ଼ୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ମମତା ପଣ୍ଡା ମଞ୍ଚାସୀନ ହୋଇ ଶିକ୍ଷା ଓ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗତ ବର୍ଷ ଜାନୁଆରୀ ମାସରେ ପରଲୋକ ଗମନ କରିଥିବା ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଗତ ଜ୍ୟୋସ୍ନା ରାଣୀ ପଟ୍ଟନାୟକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ଶ୍ରୀଜଗନ୍ନାଥଙ୍କ ବନ୍ଦନାରୁ ଆରମ୍ଭ ହୋଇଥିବା ଏହି ସନ୍ଧ୍ୟାରେ ବିଭିନ୍ନ ରାଜ୍ୟର ନୃତ୍ୟ କଳା ସହ ପାରମ୍ପରିକ "କାଠ ପାଦ' ନୃତ୍ୟ ଏବଂ ଗଞ୍ଜାମର ପ୍ରସିଦ୍ଧ "ରଣପା' ନୃତ୍ୟ ପରିବେଷଣ କରାଯାଇଥିଲା। ଦ୍ୱାରିକା ପ୍ରସାଦ ପଟ୍ଟନାୟକ ଅତି ଦକ୍ଷତାର ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ।

## ପଡ଼ୋଶୀଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨।୪(ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମର ଏସ.ଅର୍ଜୁନ ଦୋରା ବୁଧବାର ସନ୍ଧ୍ୟା ପ୍ରାୟ ୭ ଟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ପଡୋଶୀ ଏସ.ସଦାନନ୍ଦ ଦୋରାଙ୍କୁ ଠେଙ୍ଗାରେ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ସଦାନନ୍ଦଙ୍କୁ ଗୁରୁତର ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ସଦାନନ୍ଦଙ୍କ ସ୍ତ୍ରୀ ଏସ.ସୁଲଭ ଦୋରା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ମାମଲା ନଂ.୧୩୯/୨୬ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ଗୁରୁବାର ତଦନ୍ତକାରୀ ଅଧିକାରୀ ଏସ.ଆଇ ରାଜ କିଶୋର ପାତ୍ର ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କ ନିକଟରୁ ହତ୍ୟା ଉଦ୍ୟମରେ ବ୍ୟବହୃତ ଠେଙ୍ଗା, ପଥରଖଣ୍ଡ ଜବତ କରିବା ସହ ସନ୍ଧ୍ୟାରେ କକୋର୍ଟଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ଉପ କାରାଗାରକୁ ପଠାଇ ଦିଆଯାଇଛି।

# ଯୋଗାଣ ବିଭାଗର ଚଢ଼ଉ; ୪୧ ଘରୋଇ ସିଲିଣ୍ଡର ଜବତ

ଦିଗପହଣ୍ଡି,୨।୪(ସମିସ):



ଦିଗପହଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ ଅଞ୍ଚଳରେ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାର ଅଭିଯୋଗରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ଏବଂ ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଖାଦ୍ୟ ଯୋଗାଣ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ଗ୍ରାମରେ ଯୋଗାଣ ବିଭାଗ ଅଧିକାରୀ ଅତର୍କିତ ଚଢ଼ଉ କରି ବେଆଇନ ଭାବେ ରନ୍ଧନ ଗ୍ୟାସ ସିଲିଣ୍ଡର ମହଜୁଦ ରଖି ବେଆଇନ ଭାବେ କଳାବଜାରରେ ଖାଉଟିଙ୍କୁ ବିକ୍ରି କରୁଥିବା ଟି.ଲକ୍ଷ୍ମୀ ନାରାୟଣ ପାତ୍ର ଓରଫ ମିଟୁ ପାତ୍ରଙ୍କ ଠାରୁ ସମୁଦାୟ ୨୮ ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର୍ ଜବତ କରିଛନ୍ତି। ସିଲିଣ୍ଡର୍ ପିଛା ୨୫୦୦ ରୁ ୩୦୦୦ ଚଢାଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଯୋଗାଣ ବିଭାଗ ପକ୍ଷରୁ ଗୁରୁବାର ବି.ତୁରୁବୁଡି ଗ୍ରାମ ଶ୍ରୀ ରଘୁନାଥ ମନ୍ଦିର ନିକଟସ୍ଥ ମିଟୁଙ୍କ ଘରେ ଚଢ଼ଉ କରାଯାଇଥିଲା। ମିଟୁ ନିଜ ଡାଲା ଅଟୋରେ ଗ୍ୟାସ୍ ସିଲିଣ୍ଡର ବୋଝେଇ କରି ବିକ୍ରୀ ପାଇଁ ନେଉଥିବା ବେଳେ ଏହି ଚମଉ ହୋଇଥିଲା।ଯୋଗାଣ ଅଧିକାରୀ ବୃନ୍ଦ ମିଟୁଙ୍କ ଘର ଓ ଅଟୋରୁ ୨୮ ଟି ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଜବତ କରିଥିବା ବେଳେ କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ଗ୍ରାମର ଚିତ୍ର ଜେନାଙ୍କ ଘରୁ ୧୧ ଟି ଖାଲି ସିଲିଣ୍ଡର ଜବତ କରିଥିଲେ। ଯୋଗାଣ ବିଭାଗ ପକ୍ଷରୁ ସବିଶେଷ ତଦନ୍ତ କରାଯାଇ ୨ ଅଭିଯୁକ୍ତ ଙ୍କ ବିରୋଧରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ନିୟନ୍ତ୍ରଣ ଆଇନର ଧାରା- ୭ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିବା ବେଳେ ଜବତ ଗ୍ୟାସ ସିଲିଣ୍ଡର ଗୁଡ଼ିକୁ ବ୍ରହ୍ମପୁର ସ୍ଥିତ ନିୟତି ଇଣ୍ଡେନ ଗ୍ୟାସ ବିତରକଙ୍କୁ ଜିମାରେ ଦିଆଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଦିଗପହଣ୍ଡି ବ୍ଲକ ଯୋଗାଣ ବିଭାଗ ମାର୍କେଟିଂ ଇନ୍ସପେକ୍ଟର ବ୍ରଜେଶ୍ୱର ରାୟ କହିଛନ୍ତି। ଏହି ଚଢ଼ଉରେ ବ୍ରହ୍ମପୁର ସହକାରୀ ଯୋଗାଣ ଅଧିକାରୀ ଧୀରଜ ଭୂୟାଁ, ମାର୍କେଟିଂ ଗୁଇନ୍ଦା ଇନ୍ସପେକ୍ଟର ରଞ୍ଜନ ସେଠୀ, ସାନଖେମୁଣ୍ଡି ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ଅକ୍ଷୟ ସେଠୀ, କୁକୁଡାଖଣ୍ଡି ବ୍ଲକ ମାର୍କେଟିଂ ଇନ୍ସପେକ୍ଟର ସୁଧାକର ମଲ୍ଲିକ ସାମିଲ ଥିଲେ।

# ଆହାର କେନ୍ଦ୍ର ପାଖ ୱାଟର୍ କିଓସ୍କ ଅଚଳ

ଭୁବନେଶ୍ୱର, ୨।୪(ସମିସ): ମାସ ଆରମ୍ଭର ମୁଣ୍ଡ ଫଟା ଖରା ସହ ଅସହ୍ୟ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏହି ଖରାକୁ ଦେଖି ଲୋକଙ୍କ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ୱାଟର ଏଟିଏମ୍ ଓ କିଓସ୍କ ବ୍ୟବସ୍ଥା କରାଯାଇଥିଲା। ହେଲେ ଏବେ ସବୁ କିଓସ୍କ ଓ ୱାଟର ଏଟିଏମ୍ ଅଚଳ ହୋଇପଡ଼ିଛି। ଫଳରେ ଲୋକେ ଥଣ୍ଡା ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଏହି ୱାଟର କିଓସ୍କ ଅଚଳକୁ ନେଇ ଲୋକଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି।

**ପାଣି ପିଇବାରୁ ବଞ୍ଚିତ ଲୋକେ**




କ୍ୟାପିଟାଲ ହସ୍ପିଟାଲ ଆହାର କେନ୍ଦ୍ର ଆଗରେ ଥିବା ୱାଟର କିଓସ୍କ ଅଚଳ ହୋଇପଡ଼ିଛି। ଏହି କିଓସ୍କରେ ସୋଲାର ଲାଗିଛି ମେସିନ୍ ବସିଛି ହେଲେ ପାଣି ଅସୁନାହିଁ। ଫଳରେ ଲୋକେ ଥଣ୍ଡା ପାଣି ପିଇବାରୁ ବଞ୍ଚିତ ହେଉଛନ୍ତି। ଡାକ୍ତରଖାନାକୁ ପ୍ରତିଦିନ ଶହ ଶହ ଲୋକ ଆସୁଥିବା ବେଳେ ସେମାନଙ୍କ ସହ ସେମାନଙ୍କର ଦେଖାଶୁଣା କରିବା ପାଇଁ ଅନେକ ଲୋକ ଆସୁଛନ୍ତି। ଏଥିସହିତ ଏହି ଲୋକମାନେ ବି ଦିନ ଦିନ ରାତି ରାତି ଡାକ୍ତରଖାନାରେ ରହୁଛନ୍ତି। ଆହାର କେନ୍ଦ୍ରରେ ଆହାର ଖାଇ ସେଠାରୁ ପାଣି ପିଇ ଆସନ୍ତି। ହେଲେ ସାଙ୍ଗରେ ଆଣିଥିବା ବୋତଲରେ ପାଣି ଆଣିବା ପାଇଁ ଭୁଲି ଯାଆନ୍ତି। ଆହାର କେନ୍ଦ୍ର ଭିତରୁ ଥରେ ବାହାରକୁ ଆସିଲେ ଆଉ ଭିତରକୁ ସିକ୍ୟୁରିଟି ଛାଡ଼ନ୍ତି ନାହିଁ ଫଳରେ ଲୋକେ ପାଣି ପିଇବା ସହ ବୋତଲରେ ଆଣିବା ପାଇଁ ଏହି ୱାଟର କିଓସ୍କ ଉପରେ ନିର୍ଭର କରିନ୍ତି କିନ୍ତୁ ଏହି ୱାଟର କିଓସ୍କରେ ସବୁ ଥାଇ ସୁଧା ପାଣି ଆସୁନାହିଁ। ଫଳରେ ଥଣ୍ଡା ପାଣି ଟିକେ ପାଇବା ପାଇଁ ଲୋକେ ଅନେକ ପ୍ରକାରର ଅସୁବିଧା ଭୋଗୁଛନ୍ତି। ଯାହାଫଳରେ ଏହି ୱାଟର କିଓସ୍କ ଯଦି ଲୋକଙ୍କ ସୁବିଧାରେ ଅସୁନାହିଁ ତେବେ ଏଠାରେ କାହିଁକି ପଡ଼ି ରହିଛି ବୋଲି ସାଧାରଣରେ ଅନେକ ପ୍ରଶ୍ନ ଉଠିଛି।

ସୂଚନା ଅନୁସାରେ ବିଏମ୍‌ସି ଗ୍ରିନ ସିଟି ମିଶନ ଓ ଓରେଡ଼ା ମିଳିତ ଭାବରେ ରାଜଧାନୀରେ ୧୨୦ ସ୍ଥାନରେ ୧୨୦ଟି ସୌରଶକ୍ତି ଚାଳିତ ୱାଟର କିଓସ୍କ ବସାଇବାକୁ ଯୋଜନା କରିଯାଇଥିଲା। ସହରର ପ୍ରମୁଖ ବସ ରହଣି ସ୍ଥାନ, ମାର୍କେଟ, ଆହାର କେନ୍ଦ୍ର, ଧାର୍ମିକ ଅନୁଷ୍ଠାନ ପ୍ରମୁଖ ରାସ୍ତା ଓ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏହି ପ୍ରକଳ୍ପ ବସାଇବାକୁ ଯୋଜନା ହେଲା। ଓରେଡା ସୈରଶକ୍ତି ୱାଟର କିଏସ୍କ ବସାଇବାର ସମସ୍ତ ଖର୍ଚ୍ଚ ବହନ କରିବା ବେଳେ ବିଏମ୍‌ସି ପରିଚାଳନା କରିବାକୁ ଦାୟିତ୍ୱ ନେଲେ। ହେଲେ ଏହି ପ୍ରକଳ୍ପ ଏବେ ଅଚଳ ହୋଇପଡ଼ିଛି। କେଉଁଠି ପାଣି ଅସୁନି ତ ଆଉ କେଉଁଠି ଯେଉଁ ସ୍ଥାନରେ ବସିଛି ସେଠାର କିଓସ୍କ ଅଚଳ ହୋଇପଡ଼ିଛି। ଆଉ କେଉଁଠି ପାଣି ସଂଯୋଗ ଦିଆଯାଇଥିଲେ ବି ଏହା କାମ କରୁନାହିଁ। ଫଳରେ ଏହି ଡାକ୍ତରଖାନା ନୁହେଁ ଅନେକ ସ୍ଥାନେର ଲୋକେ ଥଣ୍ଡା ପାଣି ପିଇବାରୁ ବଞ୍ଜିତ ହେଉଛନ୍ତି।

## ୩ ଜଣଙ୍କୁ ମିଳିବ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ

ଭୁବନେଶ୍ୱର, ୨।୪(ସମିସ): ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ସ୍ମୃତି କମିଟି ପକ୍ଷରୁ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ପ୍ରଜ୍ଞା ପୁରୁଷ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୧ତମ ଶ୍ରାଦ୍ଧ ଉତ୍ସବ ଆସନ୍ତା ଏପ୍ରିଲ ୨୧ ତାରିଖ ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହେବ। ଏହି ଅବସରରେ ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଫେସର ଡ. ଜୀତେନ୍ଦ୍ର ନାରାୟଣ ଦାଶ, (ଦାସ ବେନୁହୁର), ସମାଜସେବା କ୍ଷେତ୍ରରେ ପ୍ରଶାନ୍ତି ହସପିଟାଲର ଅଧକ୍ଷ ଡ. ବଦ୍ରୀନାଥ ପଟ୍ଟନାୟକ ଓ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ ବିରୁପାକ୍ଷ ତ୍ରିପାଠୀଙ୍କୁ 'ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ ବୋଲି କମିଟିର ସାଧାରଣ ସମ୍ପାଦକ ଡ. ଆର୍ଯ୍ୟ କୁମାର



ଜ୍ଞାନେନ୍ଦ୍ର ଏକ ପ୍ରେସ୍ ବିବୃତ୍ତି ମାଧମରେ ସୂଚନା ଦେଇଛନ୍ତି। ଜାନକୀ ବଲ୍ଲଭ ଶତବାର୍ଷିକି କମିଟିର ଅଧକ୍ଷ ନିରଞ୍ଜନ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ଗୁରୁବାର ଜୟଦେବ ବିହାର ଠାରେ କାର୍ଯ୍ୟକାରୀ ଅଧକ୍ଷ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚୟନ କମିଟିର ଅଧକ୍ଷ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ସମାଜସେବୀ ନିବେଦିତା ଭଞ୍ଜ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପିପିଏଲ୍ କଲୋନୀରେ ଉତ୍କଳ ଦିବସ




ଭୁବନେଶ୍ୱର, ୨।୪(ସମିସ): ଖଣ୍ଡଗିରିସ୍ଥିତ ପିପିଏଲ୍ କଲୋନୀରେ ଉତ୍କଳ ଦିବସ ପାଳିତ ହୋଇଛି। ଏହି ଅବସରରେ ଶିକ୍ଷାବିଦ୍ ତଥା ଓଡ଼ିଶା ଲେଖିକା ସଂସଦର ସଭାପତି ଡ. ଶକୁନ୍ତଳା ବଳିଆରସିଂହ ଉଦ୍‌ବୋଧନ ଦେଇ କହିଛନ୍ତି, ଭାଷା ହେଉଛି ଗୋଟିଏ ଜାତିର ପରିଚୟ ଓ ଓଡ଼ିଶା ହେଉଛି ଭାରତବର୍ଷର ପ୍ରଥମ ରାଜ୍ୟ ଯାହା ୯୦ ବର୍ଷ ପୂର୍ବେ ଓଡ଼ିଆ ଭାଷାକୁ ନେଇ ଗଠିତ ହୋଇଥିଲା। ସେହି ଓଡ଼ିଶାର ସାହିତ୍ୟ, କଳା, ଶିଳ୍ପ, ନୃତ୍ୟ, ସଙ୍ଗୀତ, ଖାଦ୍ୟ, ତଥା ପ୍ରଭୁ ଶ୍ରୀଜଗନ୍ନାଥ ପୃଥିବୀରେ ପ୍ରସିଦ୍ଧି ଲାଭ କରିଛନ୍ତି। ପିପିଏଲ୍ କଲୋନୀର ସଭାପତି ପୀତବାସ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରାକ୍ତନ କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ ଓ କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ। ସଭାଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ସମ୍ପାଦକ ସୁବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ। ସଭା ପରିଚାଳନାରେ ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଅଶୋକ କୁମାର ମେହେର ପ୍ରମୁଖ ସାହାଯ୍ୟ କରିଥିଲେ।

## ବିଜେଇଏମ ସ୍କୁଲ-୨ ରେ ରକ୍ତଦାନ ଶିବିର



ଭୁବନେଶ୍ୱର, ୨।୪(ସମିସ): ଉତ୍କଳ ଦିବସ ଅବସରରେ ରେଡ୍ ସ୍ୱସ୍ତିକ ସମାଜ, ଓଡ଼ିଶା ଓ ବିଜେଇଏମ୍ ସ୍କୁଲ-୨, ସତ୍ୟଭାମାପୁରର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ରକ୍ତଦାନ ଶିବିର ବୁଧବାର ପାଳିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ବରଦା ପ୍ରସାଦ ପାଇକରାୟ ନିଜ ବକ୍ତବ୍ୟରେ କହିଥିଲେ ଯେ, ରକ୍ତଦାନ ହେଉଛି ମହାଦାନ। ଆମର ସାମାନ୍ୟ ରକ୍ତ କାହାର ଅମୂଲ୍ୟ ଜୀବନ ବଞ୍ଚାଇପାରେ, ତେଣୁ, ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ନିୟମିତ ବ୍ୟବଧାନରେ ରକ୍ତଦାନ କରିବା ଉଚିତ ବୋଲି ସେ କହିଥିଲେ। ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ଦ୍ୱାରା ପ୍ରଥମେ ସମସ୍ତଙ୍କର ରକ୍ତଚାପ ଏବଂ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା ଏବଂ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବ୍ୟକ୍ତିଙ୍କଠାରୁ ହିଁ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ମୋଟ ୧୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## 'ରମାଦେବୀ'ରେ ରାଜ୍ୟସ୍ତରୀୟ ଶକ୍ତିମୟୀ ଶିବିର



ଭୁବନେଶ୍ୱର, ୨।୪(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟସ୍ତରୀୟ ଏକ ତ୍ରିଦିବସୀୟ 'ଶକ୍ତିମୟୀ ଶିବିର' ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଶିବିରକୁ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ମହିଳା କମିସନ ସଦସ୍ୟା ନମ୍ରତା ଚଢ଼ା ଯୋଗଦେଇ ମହିଳାଙ୍କ ବିକାଶ ପାଇଁ ଆବଶ୍ୟକ ଆଇନଗତ ସଚେତନତା ଯୁବବର୍ଗଙ୍କୁ ସଶକ୍ତ କରୁଥିବା କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଏନ୍‌ଏସ୍‌ଏସ୍ ରାଜ୍ୟ ଯୋଜନା ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ଓ ପ୍ରଫେସର ନିବେଦିତା ଜେନା ପ୍ରମୁଖ ନିରାପଦ ଓ ଭୟମୁକ୍ତ ସମାଜ ଗଠନରେ ଯୁବଗୋଷ୍ଠୀଙ୍କ ଅନନ୍ୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ଼. ମଧୁସ୍ମିତା ଦାସ ଅତିଥି ପରିଚୟ ଓ ଡ଼. ଗୀତାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୩ଟି ବିଶ୍ୱବିଦ୍ୟାଳୟରୁ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

## ଶତାକ୍ଷୀ ମହିଳା ସଙ୍ଗଠନ ତରଫରୁ ଉତ୍କଳ ଦିବସ



ଭୁବନେଶ୍ୱର, ୨।୪(ସମିସ): ଶତାକ୍ଷୀ ମହିଳା ସଂଗଠନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଛି। ଏଥିରେ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆମର ପୂର୍ବଜମାନେ ଆମକୁ ଯେଉଁ ଭାଷାଭିତ୍ତିକ ଭୂଖଣ୍ଡ ଦେଇଛନ୍ତି ତାର ସୁରକ୍ଷା ଆମପାଇଁ ପ୍ରାଥମିକତା ବୋଲି ମତବ୍ୟକ୍ତ କରିଛନ୍ତି। ଶିକ୍ଷାବିତ କବି ଲକ୍ଷ୍ମୀନାରାୟଣ ଦାଶ ମୁଖ୍ୟବକ୍ତା ତଥା ଉଦଘାଟକ ଭାବରେ ଯୋଗଦେଇ ଉତ୍କଳଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ। ସଂଗଠନର ସମ୍ପାଦିକା ମମତା ବିଶ୍ୱାଳ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରଥିବାବେଳେ ସଭାନେତ୍ରୀ ସ୍ନିଗ୍ଧ ମିଶ୍ର ସଂଗଠନର ସମସ୍ତ ସଦସ୍ୟା ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିର ବିକାଶରେ ନିଜକୁ ସାମିଲ କରିଥିବାରୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସଂଗଠନର ତିରିଶ ଜଣ ସଦସ୍ୟା ସ୍ୱରଚିତ କବିତା ପାଠ କରିବା ସହିତ କାଳଜୟୀ ଦେଶାତ୍ମବୋଧକ କବିତାମାନ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟା ମୀରା ରଥ ପରିଚାଳନା କରିଥିଲେ।

## ଚତୁର୍ଥ ରଣଗୋହିରୀ ମହୋତ୍ସବ



ଭୁବନେଶ୍ୱର, ୨।୪(ସମିସ): ବୟାଳିଶ ସମାଜ ଦ୍ୱାରା ଆୟୋଜିତ ଚତୁର୍ଥ ରଣଗୋହିରୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳିଙ୍ଗ-ଅଶୋକ ଯୁଦ୍ଧର ସ୍ମୃତି ବହନ କରୁଥିବା ଐତିହାସିକ କ୍ଷେତ୍ର ରଣଗୋହିରୀରେ ସହିଦଙ୍କ ସ୍ମାରକକୀରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସଭାକାର୍ଯ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୂପମା ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର, ଜିଲ୍ଲା ପରିଷଦ ସଦସ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ କ୍ଷୀରୋଦ ପ୍ରଧାନ, ଅନୀତା ସୁବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ। ନିରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମ୍ବାଦିକ ଅକ୍ଷୟ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିବରଣୀ ପାଠ କରିଥିଲେ ସମ୍ପାଦକ ମନୋଜ ଖଟୁଆ। ଏହି ଅବସରରେ ବୟାଳିଶ ସମାଜର ମୁଖପତ୍ର 'ରଣଗୋହିରୀ-୨୦୨୬' ଉନ୍ମୋଚନ ହେବା ସହ ବୃତ୍ତଚିତ୍ର 'ସାକ୍ଷୀ' ପ୍ରଦର୍ଶିତ ହୋଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଇକ ଆଖଡ଼ା ପ୍ରଦର୍ଶିତ ହେବା ସହ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨।୪ (ସମିସ): ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ସଂଘର ସଭାପତି କୃଷ୍ଣଚନ୍ଦ୍ର ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, ମହାସଂଘର ସାଧାରଣ ସମ୍ପାଦକ ଯୁଗୋଳ କିଶୋର ସାହୁ ଯୋଗଦେଇ ବରିଷ୍ଠ ମାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ସହ ନିରଞ୍ଜନ ସାମଲ କବିତା ପାଠ କରିଥିଲେ। ଏହି ଅବସରରେ ସଂଘର ୬ ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ପ୍ରଫୁଲ୍ଲ କୁମାର ଦାସ, ନାରାୟଣ ଚନ୍ଦ୍ର ମହାନ୍ତି, ବଂଶୀଧର ନାୟକ, ବି.କେ. ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ପବିତ୍ର ମୋହନ ପରିଛା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିପାଟଣାରେ କମ୍ପ୍ୟୁଟର ଭ୍ୟାନ୍ କ୍ୟାମ୍ପେନ୍




ବାଲିପାଟଣା, ୨।୪(ସମିସ): ବାଲିପାଟଣା ରେ ଏଫ୍ଟିଇଏସ୍ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ଓଏସସିଆଇଟି ଭ୍ୟାନ୍ କ୍ୟାମ୍ପେନ୍ ଅନୁଷ୍ଠିତ ହୋଇଯାଇଛି! ଏହି ଅଭିଯାନକୁ ସଫଳ କରିବାରେ ସଂସ୍ଥାର ପରିଚାଳକ ଚନ୍ଦ୍ରଭାନୁ ସିଂହ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସଂସ୍ଥାର ଶିକ୍ଷକ/ଶିକ୍ଷୟିତ୍ରୀମାନେ ଯଥା ପ୍ରମୋଦ ଜେନା, ପୂର୍ଣ୍ଣିମା ସାଥୁଆ, ସୁଜିତ କୁମାର ଜେନା, ପ୍ରୀତିରଞ୍ଜନ ସାହୁ ଓ ପୁଷ୍ପାଞ୍ଜଳି ଭୋଳ ଏହି ଭ୍ୟାନ୍ କ୍ୟାମ୍‌ପେନ୍?କୁ ସଫଳ କରିବାରେ ସମନ୍ୱୟ ରକ୍ଷା କରିଥିଲେ। ଏହି କ୍ୟାମ୍ପେନ୍‌ରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍ଥାନୀୟ ଲୋକମାନେ ଯୋଗଦେଇଥିଲେ। ସମସ୍ତେ ଡିଜିଟାଲ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ ଏବଂ ଓଏସସିଆଇଟି କୋର୍ସ ବିଷୟରେ ଜାଣି ଉତ୍ସାହିତ ହୋଇଥିଲେ। ସଂସ୍ଥା ପକ୍ଷରୁ ଆଗାମୀ ଦିନରେ ଏପରି ଅନେକ ଶିକ୍ଷାମୂଳକ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି।

## କୁଳନ୍ତିରା ବାଗିଲରେ ନାମ ସଙ୍କୀର୍ତ୍ତନ



ବାଲିପାଟଣା, ୨।୪(ସମିସ) : ବାଲିପାଟଣା ବ୍ଲକ କୁଳନ୍ତିରା ବାଗିଲୋ ଗ୍ରାମରେ ମା' ଭୁବାସିନୀଙ୍କ ୨୫ ତମ ନାମ ସଙ୍କୀର୍ତ୍ତନ ଶେଷ ହାଇଯାଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ଭୁବାସିନୀଙ୍କ ତିନି ଧରି ଏହି ନାମ ସଙ୍କୀର୍ତ୍ତନ ଆୟୋଜିତ ହୋଇଥିଲା। ମା ଭୁବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନ ରେ ଏହି ନାମ ସଙ୍କୀର୍ତ୍ତନ ଖୁବ୍ ଶାନ୍ତି ଶୃଙ୍ଖଳା ରେ ଶେଷ ହୋଇଥିଲା! ନାମ ସଙ୍କୀର୍ତ୍ତନ ର କର୍ତ୍ତା ଶଙ୍କର ଭୋଳ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ, ପ୍ରତାପ ସ୍ୱାଇଁ, ସୁଶାନ୍ତ ଭୋଳ, ସୁଜିତ୍ ଭୋଳ, ଅଜିତ ଭୋଳ, ଜଚିନ୍ଦ୍ର ଭୋଳ, ପ୍ରଶାନ୍ତ ଭୋଳ, ଜୀବନ ପଣ୍ଡା, ପ୍ରହଲ୍ଲାଦ ଭୋଳ, ପାପୁନ୍ ଭୋଳ, ଦୀପକ ଭୋଳ, ବବୁଲ ଭୋଲ, ସୌମ୍ୟରଞ୍ଜନ ଭୋଳ, ପ୍ରଶାନ୍ତ ଭୋଳ, ତାପସ ଭୋଳ ସହଯୋଗ କରିଥିଲେ।

## ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨।୪(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରୋଗ୍ରାମ କୋଅର୍ଡିନେଟର ଗଙ୍ଗାଧର ମଲ୍ଲିକ, ପେଷ୍ଟିଂ କ୍ଲର୍କ କବିରାଜ ପଣ୍ଡା ଓ ଡ୍ରାଇଭର ରମେଶ ମଲ୍ଲିକଙ୍କୁ ଆଜି ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ ଅଧକ୍ଷତା କରି ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସହ ତାଙ୍କର ଅନୁଭୂତିର ସ୍ମୃତିଚାରଣ କରିଥିଲେ। ଉପଶାସନ ସଚିବ ପ୍ରଣବ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଅନୁଶାସନ ସଚିବ ମୌସୁମୀ ଦାସ, ଲୋକସମ୍ପର୍କ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟର କୃତିତ୍ୱ

ଭୁବନେଶ୍ୱର, ୨।୪(ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ମହୋତ୍ସବ-୨୦୨୬ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଛନ୍ତି। ସହକାରୀ ପ୍ରଫେସର ସାରଦା ପ୍ରସନ୍ନ ଦାସ ଓ ଅଧାପିକା ସଂଧାରାଣୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଦଳ ଏହି ଆନ୍ତଃବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ୧୩ରୁ ଦୁଇଦିନିଆ ରାଜଧାନୀ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨।୪(ସମିସ): ଚଳିତ ବର୍ଷ ରାଜଧାନୀ ୭୮ତମ ପ୍ରତିଷ୍ଠା ଦିବସ ଉତ୍ସବ ୨ଦିନ ଧରି ପାଳନ ହେବ। ଏପ୍ରିଲ ୧୩ ତାରିଖରେ ସ୍ୱତନ୍ତ୍ର ଭାବେ ଏବଂ ୧୪ ତାରିଖରେ ରାଜ୍ୟ ସରକାରଙ୍କ 'ଓଡ଼ିଆ ପକ୍ଷ' ସହ ମିଳିତ ସମନ୍ୱୟରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହୋତ୍ସବର ଆୟୋଜନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ କମିସନର ଚଞ୍ଚଳ ରାଣା ଉପସ୍ଥାପନ କରିଥିଲେ। ୧୩ ତାରିଖ ସକାଳେ ପିଏମଜି ଛକସ୍ଥିତ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସ ଫଳକରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ପ୍ରତିଷ୍ଠା ଦିବସ ପତାକା ଉତ୍ତୋଳନ କରାଯିବ। ଏହା ସହିତ ରବୀନ୍ଦ୍ର ମଣ୍ଡପରୁ ଜୟଦେବ ଭବନ ପର୍ଯ୍ୟନ୍ତ ବେସାମରିକ ପରେଡ୍ ଅନୁଷ୍ଠିତ ହେବ। ସେହିପରି ଜୟଦେବ ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯିବ। ୧୩ ତାରିଖ ସଂଧ୍ୟାରେ ଉତ୍କଳ ମଣ୍ଡପଠାରେ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯିବ। ଶେଷରେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବର ଦ୍ୱିତୀୟଦିନ ଏପ୍ରିଲ ୧୪ ତାରିଖରେ ଉତ୍କଳ ମଣ୍ଡପଠାରେ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ପକ୍ଷ ସହ ସମନ୍ୱିତ କରାଯାଇ ଅନୁଷ୍ଠିତ ହେବ। ବିଡିଏ ଦ୍ୱାରା ପ୍ରତିଷ୍ଠା ଫଳକ ସ୍ଥିତ ଜଳ ଫୁଆର(ଫାଉଣ୍ଟେନ)କୁ ପୁନଃ ଚଳକ୍ଷମ କରିବା, ପତାକା ମଞ୍ଚସ୍ଥଳ ପ୍ରସ୍ତୁତି, ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ଲଗାଯିବା, ପରେଡ୍ ପରିଚାଳନା, ଏଜି ଛକରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ଆଲୋକୀକରଣ କରାଯିବ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଉପସ୍ଥିତ ଥିଲେ।




## ବିଦ୍ୟାଳୟ ପ୍ରବେଶ ଉତ୍ସବ

ନନ୍ଦନକାନନ, ୨।୪(ସମିସ): ପଟିଆ ଶ୍ରୀବିହାରସ୍ଥିତ ବାଲ୍ୟାଂଶ ପ୍ଲେ ସ୍କୁଲର ଚଳିତ ଶିକ୍ଷାବର୍ଷ ପ୍ରାରମ୍ଭରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏପ୍ରିଲ ୨ ରୁ ୮ ତାରିଖ ପର୍ଯ୍ୟନ୍ତ ଶିଖ୍ୟା ବର୍ଷ ପ୍ରାରମ୍ଭରେ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ମାନର ସହିତ 'ବିଦ୍ୟାଳୟ ପ୍ରବେଶ' କାର୍ଯ୍ୟକ୍ରମ ଜାରି ରହିବ। ସ୍କୁଲର ଅଧକ୍ଷ ସମୀରା କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସଙ୍ଗୀତ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ସକାଳ
THE SAKALA

ଶୁକ୍ରବାର
୩ ଏପ୍ରିଲ, ୨୦୨୬



## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ

# ‘ବିକଶିତ ଓଡ଼ିଶା ଗଠନ ସରକାରଙ୍କ ଲକ୍ଷ୍ୟ’

ଢେଙ୍କାନାଳ,୨।୪(ସମିସ):



୧୯୩୬ରେ ଭାଷା ଭିତ୍ତିରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠିତ ହୋଇଥିଲା। ସ୍ୱତନ୍ତ୍ର ଓଡ଼ିଶା ଗଠନକୁ ୯୦ ବର୍ଷ ପୂରିଛି। ୨୦୩୬ ଶତବାର୍ଷିକୀ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ଆୟୋଜିତ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ଉନ୍ନତି ଲାଗି ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ବିଭାଗର କାମ ଓଡ଼ିଆରେ ହେଉଛି। ଓଡ଼ିଆ ଅସ୍ମିତା ଭବନ, ଓଡ଼ିଆ ଅନୁବାଦ ଏକାଡେମୀ, ତାଳପତ୍ର ପୋଥି ସଂଗ୍ରହାଳୟ, ପାଇକ ବିଦ୍ରୋହ ସ୍ମାରକୀ ଆଦି ଅନେକ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବ। ରାଜ୍ୟର ୨୫ ଜଣ ବରପୁତ୍ରଙ୍କ ଜନ୍ମପୀଠକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ବିକଶିତ କରାଯାଉଛି। ୭୫ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି। ଓଡ଼ିଆ ପୁଅ ଓ ଝିଅମାନେ ଏବେ ପୁଣି ପରମ୍ପରା ଓ ସଂସ୍କୃତି ମନସ୍କ ହୋଇଛନ୍ତି ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗଦେଇ ଓଡ଼ିଆ ଭାଷାର ଉନ୍ନତି ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ଜେନା ଓଡ଼ିଶା ଗଠନ ସମ୍ପର୍କରେ ଆଲୋଚନା କରିବା ସହ ବର୍ତ୍ତମାନ ପରିପ୍ରେକ୍ଷୀରେ ବିକଶିତ ଓଡ଼ିଶା ଗଠନ ଏ ଜାତି ପାଇଁ ଆହ୍ୱାନ ବୋଲି କହିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ବିକଶିତ ଓଡ଼ିଶା ଗଠନ ପାଇଁ ଢେଙ୍କାନାଳ ବିକାଶର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଏସପି ଅଭିନବ ସୋନକର ଯୋଗଦେଇଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସ୍ୱାଗତ ବକ୍ତବ୍ୟ ଦେଇ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବାହ୍ନରେ ଜିଲ୍ଲାପାଳ, ପୌରାଧ୍ୟକ୍ଷା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଫିଲ୍ମ ଷ୍ଟାଇଲରେ ଗୋଡ଼ାଇ ଗୋଡ଼ାଇ ଗୋରୁ ଗାଡ଼ି ଧରିଲେ

**ପରଜଙ୍ଗ,୨।୪(ସମିସ):** ବୁଧବାର ବିଳମ୍ବିତ ରାତିରେ ଫିଲ୍ମ ଷ୍ଟାଇଲରେ ଦୀର୍ଘ ୧୨ କିଲୋମିଟର ଗୋଡ଼େଇ ଗୋଡ଼େଇ ଚୋରା ଗୋରୁ ଗାଡ଼ି ଧରିଛନ୍ତି ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧିକାରୀ। ଗୋଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇଥିଲା। ଗୋ ଚାଲାଣକାରୀମାନେ ଭାଲୁମୁଣ୍ଡାରୁ ସାଆନ୍ଦା ପଟକୁ ଏକ ପିକଅପ ଭ୍ୟାନରେ ଗୋରୁ ନେଇ ଯାଉଥିବା ବେଳେ ପୁଲିସ ତାଙ୍କ ପିଛା କରିଥିଲା। ଭାଲୁମୁଣ୍ଡାଠାରୁ ପାଣିଗେଙ୍ଗୁଟିଆ ଗାଁ ପର୍ଯ୍ୟନ୍ତ ପ୍ରାୟ ୧୨ କିଲୋମିଟର ଗୋଡ଼ାଇବା ପରେ ଗୋ ମାଫିଆମାନେ ପାଣିଗେଙ୍ଗୁଟିଆ ଗାଁ ନିକଟ ଜଙ୍ଗଲରେ ଗାଡ଼ି ଛାଡ଼ି ଫେରାର ମାରିଥିଲେ। ଗାଡ଼ିରୁ ୯ ଗୋରୁଙ୍କୁ ଉଦ୍ଧାର କରାଯାଇଥିବା ବେଳେ ପୁଲିସ ପିକଅପ ଭ୍ୟାନ ଜବତ କରି ତଦନ୍ତ କରୁଛି। ଆଗକୁ ଏଭଳି ଚଢ଼ଉ ଜାରି ରହିବ ବୋଲି ଫାଣ୍ଡି ଅଧିକାରୀ ଜଳନ୍ଧର ବାରିକ ସୂଚନା ଦେଇଛନ୍ତି।



## ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଓଡ଼ିଶା ଦିବସ



**ଢେଙ୍କାନାଳ,୨।୪(ସମିସ):** ସ୍ଥାନୀୟ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇଙ୍କ ଅବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସାଂସ୍କୃତିକ ବିଭାଗ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ସଂସ୍କୃତ ଶିକ୍ଷକ ଦୀପ୍ତୀଶ କୁମାର ଶତପଥୀ ସଭା ସଂଯୋଜନା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତିକା ରଥ ସଭାପତିତ୍ୱ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ସାଗରିକା ସ୍ୱାଇଁ ବକ୍ତବ୍ୟରେ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟରେ ଅବସ୍ଥାପିତ ପଞ୍ଚସଖା, ବ୍ରଜନାଥ ବଡ଼ଜେନା, ନୃସିଂହ କାନୁନଗୋ, ମଧୁବାବୁ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସାମୂହିକ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାରଙ୍ଗଧର ସାହୁ, ଉପସଭାପତି ସୁପ୍ରଭା ସ୍ୱାଇଁଙ୍କ ସମେତ ସଭ୍ୟସଭ୍ୟାମାନେକାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପାରମ୍ପରିକ ପୋଷାକ ଦିବସ




**ଢେଙ୍କାନାଳ,୨।୪(ସମିସ):** ଓଡ଼ିଆ ପକ୍ଷ ପାଳନର ଦ୍ୱିତୀୟ ଦିନକୁ ପାରମ୍ପରିକ ପୋଷାକ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା କାର୍ଯ୍ୟାଳୟ ଓ ଅନ୍ୟ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରିଥିଲେ ଓ ଅନ୍ୟମାନଙ୍କୁ ଏହିଭଳି ପୋଷାକ ପିନ୍ଧିବାକୁ ପ୍ରୋତ୍ସାହିତ କରିଥିଲେ।

## ବରା ଦିବସ ପାଳନ ପ୍ରସ୍ତୁତି ବୈଠକ



**ଢେଙ୍କାନାଳ,୨।୪(ସମିସ):** ଏପ୍ରିଲ ୭ ତାରିଖ ସହରର ହନୁମାନ ବାଟିକା ସମ୍ମୁଖରେ ବରା ଦିବସ ପାଳିତ ହେବ। ଏ ନେଇ ହନୁମାନ ବାଟିକା ପରିଚାଳନା କମିଟି ପକ୍ଷରୁ ପିଡବ୍ଲ୍ୟୁଡି ଡାକବଙ୍ଗଳାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ପଟ୍ଟନାୟକ, ନାଟ୍ୟକାର ଶତ୍ରୁଘ୍ନ ମାଟି, ଶିକ୍ଷାବିତ ଡ. ସମୀର କୁମାର ସାହୁ, କବି ବାହାଦୁର ପାଟସାହାଣୀ, ନାଟ୍ୟକାର ଅରବିନ୍ଦ ସାହୁ, ମିଳିତ ବଜାର କମିଟି ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ଶିକ୍ଷାବିତ ଡ. ରଜନୀକାନ୍ତ ତରାଇ, ଢେଙ୍କାନାଳ ବରା ଉନ୍ନୟନ ପରିଷଦ ସଭାପତି ପ୍ରସିତ କୁମାର ସାହୁ, ବିକାଶ କୁମାର ସାହୁ ପ୍ରମୁଖ ଯୋଗଦେଇ ବରାର କିଭଳି ଆହୁରି ପ୍ରସାର ପ୍ରଚାର ହୋଇପାରିବ ଏବଂ ଢେଙ୍କାନାଳର ବିଭିନ୍ନ ବରା ବ୍ୟବସାୟୀ, କାରିଗରଙ୍କୁ ନେଇ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ସାମୂହିକ ବରା ଖାଇ ଏହି ସ୍ୱତନ୍ତ୍ର ଦିବସ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଇଂ ସୌମ୍ୟବ୍ରତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଡ଼ାପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଉଦଘାଟିତ




**ଖଜୁରିଆକଟା,୨।୪(ସମିସ):** ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ରଜତ ଜୟନ୍ତୀ ଉତ୍ସବ ଉଦଘାଟିତ ହୋଇଯାଇଅଛି। ଅତିଥିମାନେ ଠାକୁରଙ୍କ ନିକଟରେ ପ୍ରଦିପ ପ୍ରଜ୍ୱଳନ କରି ଉତ୍ସବ କୁ ଉଦଘାଟନ କରିଥିଲେ।ରେ ସେବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ଖିଲାର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାମମନ୍ଦିର ମୁଖ୍ୟ ବାବା ଶୁକଦେବ ଦାଶ ମହାରାଜା, ସମ୍ମାନୀତ ଅତିଥି ରୂପେ ଡ. ସୌମ୍ୟ ରଞ୍ଜନ ମହାନ୍ତି, ପ୍ରବଚକ ପ୍ରତାପ କିଶୋର ନନ୍ଦ, ମନମୋହନ ତ୍ରିପାଠୀ ଯୋଗ ଦେଇ କହିଥିଲେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରଛାତ୍ରୀ ମାନେ ଶିକ୍ଷା ଲାଭ କରିବା ସହ ନିଜର ସଂସ୍କୃତି ପରାମ୍ପରା କୁ ଜାଣିବା, ଆଚାର ବ୍ୟବହାର ଶିକ୍ଷା କରିଥାନ୍ତି।ଏଣୁ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଠାରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍ୱତନ୍ତ୍ର ଅଟେ। ଶେଷରେ ସନ୍ତୋଷ କୁମାର ମହାଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ଆସନ୍ତା ୪ ତାରିଖ ଶନିବାର ଦିନ ଉଦଯାପିତ ହେବା ର କାର୍ଯ୍ୟକ୍ରମ ରହିଛି।

## ମା’ ବୁଢ଼ୀ ଦେଈଙ୍କ ନୂତନ ଗୃହ ପ୍ରବେଶ



**ଢେଙ୍କାନାଳ,୨।୪(ସମିସ):** ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତ କେଞ୍ଝିଆବେରେଣୀ ମୌଜାର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀଦେଈ ଚୈତ୍ର ପୂର୍ଣ୍ଣିମାରେ ଆବହମାନ କାଳରୁ ପୂଜା ପାଇ ଆସୁଛନ୍ତି। ଦୀର୍ଘ ୪୧ ବର୍ଷ ପରେ ମା’ ନୂତନ ଗୃହ ପ୍ରବେଶ କରୁଛନ୍ତି। ସକାଳୁ ସୂର୍ଯ୍ୟପୂଜା, ହୋମଯଜ୍ଞ ସଙ୍କୀର୍ତ୍ତନ ସହ ଘେରା ପରିକ୍ରମା କରାଯାଇଥିଲା। ୧୦୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କର୍ତ୍ତା ରୂପେ ସୁବ୍ରତ ମଲ୍ଲିକ ତାଙ୍କ ସ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସୁଶାନ୍ତ ରଥ ଓ ଆଶୁତୋଷ ତ୍ରିପାଠୀ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଦାମ ସାମନ୍ତରାୟଙ୍କ ଦାୟଦମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

## ମା’ ମଙ୍ଗଳାଙ୍କ ପୀଠରେ ଝାମୁ ଉତ୍ସବ



**ଢେଙ୍କାନାଳ,୨।୪(ସମିସ):** ସ୍ଥାନୀୟ ଗୁଡ଼ିଆନାଳୀ ଭାଗୀରଥି ସାଗର କୂଳରେ ଥିବା ମା’ ମଙ୍ଗଳାଙ୍କ ପୀଠରେ ଚୈତ୍ର ପୂର୍ଣ୍ଣିମା ଅବସରରେ ଝାମୁ ଉତ୍ସବ ପାଳିତ ହୋଇଛି। ପ୍ରାତଃରୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର ପରିଧାନ, ବିଭିନ୍ନ ଫୁଲହାରରେ ମା’ଙ୍କୁ ସୁସଜ୍ଜିତ କରାଯାଇଥିଲା। ବିଭିନ୍ନ ଭୋଗ ଲାଗି କରାଯିବା ସହ ମଧ୍ୟାହ୍ନରେ ପୂଜାର୍ଚ୍ଚନା ଓ ଝାମୁ ଗାତରେ ଅଗ୍ନି ସଂସ୍କାର କରାଯାଇଥିଲା। ସ୍ଥାନୀୟ ପୁଷ୍କରିଣୀରେ ପୂଜାର୍ଚ୍ଚନା ପରେ ମାନସିକଧାରୀମାନେ ଝାମୁ ନିଆଁରେ ଚାଲିଥିଲେ। ଝାମୁଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ସଭାପତି ରଞ୍ଜନ କୁମାର କର, ସମ୍ପାଦକ ତୋଫାନ ରାଉଳ, କୋଷାଧ୍ୟକ୍ଷ କବୀନ୍ଦ୍ର ସେନାପତିଙ୍କ ସମେତ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ମା’ ଦକ୍ଷିଣକାଳୀଙ୍କ ଜନ୍ମବାର୍ଷିକ ଉତ୍ସବ



**ଢେଙ୍କାନାଳ,୨।୪(ସମିସ):** ସ୍ଥାନୀୟ ଦକ୍ଷିଣକାଳୀ ରୋଡ୍ ସ୍ଥିତ ମା’ ଦକ୍ଷିଣକାଳୀଙ୍କ ଜନ୍ମବାର୍ଷିକୀ ଉତ୍ସବ ପବିତ୍ର ଚୈତ୍ର ପୂର୍ଣ୍ଣିମାରେ ପାଳିତ ହୋଇଛି। ପ୍ରାତଃରୁ ସମସ୍ତ ନୀତିକାନ୍ତି ପରେ ମଧ୍ୟାହ୍ନରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ମନ୍ଦିର ପୂଜକ ବୁଲୁ ନନା, ଯଜ୍ଞ ପୂଜକ ଅମର ଭାଇନା, ସରୋଜ ଭାଇ, କର୍ତ୍ତା ଡ. ଓମପ୍ରକାଶ ବରାଳ, କର୍ତ୍ତୀ ରୋଜାଲିନ ବରାଳ ପୂଜା ସମ୍ପାଦନ କରିଥିଲେ। ସଭାପତି ଶଙ୍କର୍ଷଣ ଦୋରା, ପ୍ରମୋଦ ବରାଳ, କାର୍ଯ୍ୟକର୍ତ୍ତା ସମୀର ପ୍ରଧାନ, ଲକି, କେଶବ, ମୁନା, କାମାକ୍ଷା ଓ ବୁବୁ ସହଯୋଗ କରିଥିଲେ।

## ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଙ୍ଘ ଗଠିତ




**ଢେଙ୍କାନାଳ,୨।୪(ସମିସ):** ସ୍ଥାନୀୟ ଜିଲ୍ଲା ଓଷ୍ଟା ସଭାଗୃହରେ ଓଡ଼ିଶା ଦିବସ ପାଳନ ଅବସରରେ ଜିଲ୍ଲାର ସବୁ ବର୍ଗର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ସଭାପତି ସରୋଜକାନ୍ତ ଦାଶଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓଡ଼ିଶା ଦିବସପାଳନକରାଯାଇଥିଲା। ଉପସ୍ଥିତ ଶତାଧିକ ସଭ୍ୟଙ୍କ ସହମତି କ୍ରମେ ଏକ କମିଟି ଗଠନ ପାଇଁ ସ୍ଥିର ହୋଇଛି। କମିଟି ଗଠନ ନିମନ୍ତେ ଅଶ୍ୱିନୀ କୁମାର ରାୟ, ଧ୍ରୁବ ଚରଣ ଗଡ଼ନାୟକ, ମୁରଲୀଧର ସାହୁ, ପ୍ରଶାନ୍ତ କୁମାର ମଲ୍ଲିକ, ସଦାନନ୍ଦ ପାଢ଼ୀ, ଓଷ୍ଟା ରାଜ୍ୟ ଉପସଭାପତି ପ୍ରମୋଦ କୁମାର ସ୍ୱାଇଁ, ଦୁର୍ଗାଚରଣ ମହାପାତ୍ର, ପ୍ରଶାନ୍ତ କୁମାର ଧଳ, ସନ୍ତୋଷ କୁମାର ପାଣିଗ୍ରାହୀ, ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ମତବ୍ୟକ୍ତ କରିଥିଲେ। ସେବା ଲକ୍ଷ୍ୟନେଇ ନବଗଠିତ ଢେଙ୍କାନାଳ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଙ୍ଘର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ ପାଇଁ ଏକ ସ୍ଥାୟୀ କମିଟି ଗଠନ କରାଯାଇଛି। ସଭାପତି ଭାବେ ସରୋଜକାନ୍ତ ଦାଶ, କାର୍ଯ୍ୟକାରୀ ସଭାପତି ଡ. ଦେବୀପ୍ରସାଦ ମିଶ୍ର, ଉପସଭାପତି ଧ୍ରୁବଚରଣ ଗଡ଼ନାୟକ, ସମ୍ପାଦକ ଭାବେ ବିଭୂତି ସାମଲ, ଯୁଗ୍ମ ସମ୍ପାଦକ ଭାବେ ସଦାନନ୍ଦ ସାହୁ ଓ କୃପାସିନ୍ଧୁ ବେହେରା, ଉପଦେଷ୍ଟା ଭାବେ ଦୁର୍ଗାଚରଣ ମହାପାତ୍ର, ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ଧଳ, କାର୍ଯ୍ୟକାରୀ ସଭ୍ୟ ଅଶ୍ୱିନୀ ରାୟ, ଚତୁର୍ଭୁଜ ମଲ୍ଲିକ, ସଦାନନ୍ଦ ପାଢ଼ୀ, ପ୍ରେମାନନ୍ଦ ଜେନା ପ୍ରମୁଖଙ୍କୁ ଚୟନ କରାଯାଇଛି। ବ୍ଲକ ସ୍ତରରେ ଥିବା ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ଏହି ସଂଘରେ ଯୋଡ଼ି ହେବାପାଇଁ ଆହ୍ୱାନ ଦିଆଯାଇଛି। ଶୁଭସ୍ମିତା ବେଉରା, ପ୍ରେମାନନ୍ଦ ଜେନା, ଗିରୀଶ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅଶ୍ୱିନୀ କୁମାର ରାୟଧନ୍ୟବାଦ ପ୍ରଦାନ କରିଥିଲେ।

## ମା’ ତାରିଣୀଙ୍କ ଚୈତ୍ର ମହୋତ୍ସବ ଓ ପୂର୍ଣ୍ଣାହୁତି

**ଢେଙ୍କାନାଳ,୨।୪(ସମିସ):** ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ଆନନ୍ଦ ନଗରସ୍ଥିତ ଶ୍ରୀ ଶକ୍ତିକ୍ଷେତ୍ର ପୂଜା ପରିଚାଳନା କମିଟି ତରଫରୁ ମା’ଙ୍କ ୨୦ତମ ତ୍ରିବଦିବସୀୟ ଚୈତ୍ର ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ମା’ଙ୍କୁ ବିଭିନ୍ନ ଭୋଗ ସହ ପଣା ଲାଗି କରାଯାଇଥିଲା। ପ୍ରଥମ ପ୍ରହରରେ ସୂର୍ଯ୍ୟପୂଜା ଓ ପରେ ଯଜ୍ଞ ଆରମ୍ଭ ହୋଇଥିଲା। ଯଜ୍ଞରେ ଜ୍ୟୋତିରଞ୍ଜନ ମହାପାତ୍ର ଓ ଅଶୋକ କୁମାର ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ପୁରୋଧା ସର୍ବେଶ୍ୱର ଦାଶ ଓ ତାଙ୍କ ସହଯୋଗୀ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କରିବା ସହ ପ୍ରସାଦସେବନ କରିଥିଲେ। ଏଥିରେ ଭଜନ ଓ ଜଣାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶକ୍ତିପୀଠ ପରିଚାଳନା କମିଟି ସଦସ୍ୟ ସୁନୀଲ ମହାପାତ୍ର, ନିରଞ୍ଜନ ମିଶ୍ର, ଆଲୋକ କୁମାର ସାହୁ, ଅରବିନ୍ଦ ସାହୁ, ଅନିଲ ରଞ୍ଜନ ଦାସ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ରାଜା ମହାନ୍ତି, ଟିଟୁ ସିଂ, ବାପି ମିଶ୍ର, ଲୁଲୁ ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ପୂଜକ ସମ୍ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।



## ବିଶ୍ୱ ଅଟିଜିମ ଦିବସ

**ଗଁଦିଆ,୨।୪(ସମିସ):** ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦରେ ପ୍ରିୟ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ନୂଆଦିଲ୍ଲୀ ନ୍ୟାସନାଲ୍ ଟ୍ରଷ୍ଟ ଦ୍ୱାରା ବିଶ୍ୱ ଅଟିଜିମ ଦିବସ ପାଳିତ ହୋଇଛି। ଏଥିରେ ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଅଟିଜିମ ଭିନ୍ନକ୍ଷମମାନଙ୍କ ଲକ୍ଷଣ ସମ୍ବନ୍ଧରେ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ଫିଜିଓଥେରାପିଷ୍ଟ ସାହିଲ ଆଫ୍ରିଡ, ପ୍ରକଳ୍ପ ସଂଯୋଜିକା ଇଲନପ୍ରଭା ସେନାପତି ଛବି ଓ ଚିତ୍ରାଙ୍କନ ମାଧ୍ୟମରେ ଶିକ୍ଷାଦାନ ସମ୍ବନ୍ଧରେ ବୁଝାଇଥିଲେ। ସମସ୍ତ ଶିଶୁଙ୍କୁ ବିସ୍କୁଟ, ପ୍ରୋଟିନ, ଔଷଧ ବଣ୍ଟନ କରାଯାଇଥିଲା। ମା’ମାନଙ୍କୁ ଦିବ୍ୟାଙ୍ଗ ପିଲାଙ୍କ ସଠିକ ଦାୟିତ୍ୱ ନେବା ନିମନ୍ତେ ଫିଜିଓଥେରାପିଷ୍ଟ ନିବେଦିତା ନାୟକ ପରାମର୍ଶ ଦେଇଥିଲେ। ସତ୍ୟପ୍ରକାଶ ନାୟକ, ବର୍ଷାରାଣୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା, ସୌଭାଗ୍ୟଲକ୍ଷ୍ମୀ ତରାଇ, ଅନ୍ନପୂର୍ଣ୍ଣା ଧଳ, ସ୍ୱାଗତିକା ରାଉତ, କୁସୁମିତା ବାଗ, ଲିପ୍ସା ସାହୁ, ସାବିତ୍ରୀ ସାହୁ, ବୈକୁଣ୍ଠନାଥ ପାତ୍ର, ରବୀନ୍ଦ୍ର କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୈବର୍ତ୍ତ ମହାସଭା ତରଫରୁ ଚୈତ୍ର ଉତ୍ସବ

**ଢେଙ୍କାନାଳ,୨।୪(ସମିସ):** ନିଖିଳ ଓଡ଼ିଶା କୈବର୍ତ୍ତ ମହାସଭା ଜିଲ୍ଲା ଶାଖା ତରଫରୁ ରାଜ୍ୟ ସମ୍ପାଦକ ବେଣୁଧର ସାହୁଙ୍କ ତତ୍ତ୍ୱାବଧାନରେ ଚୈତ୍ର ଉତ୍ସବ ପାଳିତ ହୋଇଛି। ପ୍ରଭାତରୁ ଚୈତ୍ର ପୂର୍ଣ୍ଣିମା ଅବସରରେ ଚନ୍ଦ୍ର ଶେଖର ପୀଠ କପିଳାସରୁ ଆଜ୍ଞାମାଳ ନେଇ ଚନ୍ଦ୍ରମଣି ବେହେରା ଓ ତାଙ୍କ ଧର୍ମପତ୍ନୀ ଆସି ମା’ଙ୍କ ପୀଠରେ ପହଞ୍ଚିଥିଲେ। ପରେ ହୋମଯଜ୍ଞ, ପୂଜାପାଠ ସମ୍ପନ୍ନ କରି ମଧ୍ୟାହ୍ନରେ ପଣା କାର୍ଯ୍ୟ ଓ ଘୋଡ଼ାନାଚ ଅନୁଷ୍ଠିତ ହୋଇଥିଲା। ସେହିପରି କାରିଗର ସାହିରେ ରଞ୍ଜୁ ଦଳେଇଙ୍କ ନେତୃତ୍ୱରେ ମା’ ବାସେଳୀଙ୍କ ପୂଜାର୍ଚ୍ଚନା ପରେ ପୂର୍ଣ୍ଣାବୟବରେ ଘର ଘର ବୁଲି ପଣାପାଣି ଗ୍ରହଣ କରିଥିଲେ। ଆନନ୍ଦ ଉଲ୍ଲାସର ସହିତ ଏହି ଘୋଡା ନାଚକୁ ନଗରବାସୀ ଉପଭୋଗ କରିବା ସହିତ କୈବର୍ତ୍ତ ସମାଜର ଭାଇଭଉଣୀମାନେ ବେଶ ଆନନ୍ଦ ଉଠାଇଥିଲେ। ଏହି କାର୍ଯ୍ୟକ୍ରମ ଗୁଡିକରେ କାଯ୍ୟକାରୀ ସଭାପତି ନାରାୟଣ ସାହୁ, ଡ. ରଜନୀକାନ୍ତ ତରାଇ , ବିପ୍ର ଚରଣ ଦଳେଇ, ରଞ୍ଜନ ବେହେରା, ତପନ କୁମାର ବେହେରା, ଆନନ୍ଦ ଚନ୍ଦ୍ର ବେହେରା, ଗୌରାଙ୍ଗ ଚରଣ ବେହେରା, ବିଭୁତି ଭୂଷଣ ସାହୁ, ବସନ୍ତ ବେହେରା, ପରମାନନ୍ଦ ଦଳେଇ, ହଳଧର ମହାଳିକ, ଅଭିମନ୍ୟୁ ବେହେରା, ପ୍ରଫୁଲ୍ଲ ଦଳେଇ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦାନ କରି ମା’ଙ୍କର ବିଭୁକୃପା ଲାଭ କରିଥିଲେ।

# ହିନ୍ଦୋଳରେ ବିଜେଡିର କର୍ମୀ ସମ୍ମିଳନୀ

ହିନ୍ଦୋଳ/ଖଜୁରିଆକଟା,୨।୪(ସମିସ):




ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ କୁନୁଆ ପଞ୍ଚାୟତ ମା’ ସୁକିଆବାଉତୀ ପୀଠରେ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ କହିଲେ ଯେ ଭୋଟ ଦେଲାପରେ ଜନତା ଦୁଇବର୍ଷ ଭିତରେ ଯାହା ଅଙ୍ଗେ ନିଭାଇଲେ ତାହାର ଆତ୍ମସମୀକ୍ଷା କରି ଆଗାମୀ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ଏହି ସରକାରଙ୍କୁ ଉଚିତ ଜବାବ ଦେବେ। ବିଜେଡିର ପ୍ରମୁଖ କାର୍ଯ୍ୟକର୍ତ୍ତା କିସାନ ପଟ୍ଟନାୟକଙ୍କ ସ୍ୱର୍ଗତ ପିତା ଦାମୋଦର ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମମତା ସାହୁ, ରାଜ୍ୟ ସଂଖ୍ୟାଲଘୁ ସେଲ ସମ୍ପାଦକ ଇବ୍ରାନ ଖାଁ, ଓଡ଼ାପଡ଼ା ବ୍ଲକ ସଭାପତି ଯତି ନାଏକ, ଜିଲ୍ଲା ସାଧାରଣ ସମ୍ପାଦିକା ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଚକ୍ରଧର ଦାସ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ହିନ୍ଦୋଳ ବ୍ଲକ ମହିଳା ସଭାପତି ଯୋଗମାୟା ଗଡ଼ନାୟକ, କୁନୁଆ ପଞ୍ଚାୟତ ଯୁବନେତା ନିରଞ୍ଜନ ସାମଲ, ପୂର୍ବତନ ରସୋଳ ସରପଞ୍ଚ ସଞ୍ଜୟ ଆଚାର୍ଯ୍ୟ, ମାଧପୁର ପୂର୍ବତନ ସରପଞ୍ଚ କୈଳାସ ଭୋଇ, ଗଣ୍ଡନାଳି ସମିତିସଭ୍ୟା, ବରିଷ୍ଠ ନେତା ହାପି ଗଡ଼ନାୟକ, ସୁଶାନ୍ତ ବେହେରା, ଛାତ୍ରନେତା ପ୍ରକାଶ ନାୟକ, ଜିତେନ୍ଦ୍ର ସର, କୁନୁଆ ଗ୍ରାମ ସଭାପତିଙ୍କ ସମେତ ବହୁ କର୍ମୀ ଯୋଗଦେଇ ବିଗତ ବିଜେଡି ସରକାରର ସଫଳତା ଓ ବର୍ତ୍ତମାନ ବିଜେପି ସରକାରଙ୍କ ବିଫଳତା ଉପରେ ଆଲୋଚନା କରିଥିଲେ। ନିରଞ୍ଜନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣି ସମ୍ବଲପୁର କୋର୍ଟକୁ ଉଡ଼ାଇଦେବାକୁ ଧମକ

ସମ୍ବଲପୁର, ୨।୪ (ସମିସ)

ଗୁରୁବାର ଦିନ ପୁଣି ତୃତୀୟଥର ପାଇଁ ସମ୍ବଲପୁର ଜିଲ୍ଲା ଅଦାଲତକୁ ବୋମାରେ ଉଡ଼ାଇଦେବାକୁ ଧମକ ଦିଆଯାଇଛି। ସମ୍ବଲପୁର ପୁଲିସ ଦ୍ୱାରା ତନ୍ନ ତନ୍ନ କରି ଯାଞ୍ଚ କରାଯାଇଥିଲା। ଏହାପରେ ସବୁକିଛି ସୁରକ୍ଷିତ ଥିବା ନିଶ୍ଚିତ କରାଯାଇଥିଲା। ଏହି ଯାଞ୍ଚରେ ବମ୍ ସ୍କ୍ୱାଡ ଓ ଡଗ୍ ସ୍କ୍ୱାଡ ସାମିଲ ଥିବାବେଳେ ମେଟାଲ ଡିଟେକ୍ଟର, ଅପଟିକାଲ ଫାଇବର୍ ସ୍କୋପ ଆଦି ଉପକରଣ ବ୍ୟବହାର କରାଯାଇଥିଲା। ଅଗ୍ନିଶମ ବିଭାଗର ଦମକଳ ଗାଡ଼ି ମଧ୍ୟ ଆଗ୍ନିକ ମାନଙ୍କ ସହ ଉପସ୍ଥିତ ରହିଥିଲା। ଏଭଳି ବାରମ୍ବାର ଧମକପୂର୍ଣ୍ଣ ଇ-ମେଲ୍ ଆସୁଥିବାବେଳେ ଓକିଲ ଓ ମହକିଲମାନେ ଶଙ୍କାଗ୍ରସ୍ତ ହୋଇ ରହୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଉଲ୍ଲେଖଯୋଗ୍ୟ ଯେ, ଗତ ଜାନୁଆରୀ ୯ ତାରିଖରେ କଟକ ହାଇକୋର୍ଟ ଓ ଦେବଗଡ଼ ଜିଲ୍ଲା କୋର୍ଟ ସହ ସମ୍ବଲପୁର ଜିଲ୍ଲା କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଧମକ ଇ-ମେଲ ଆସିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ତୁରନ୍ତ ଅଦାଲତ ପରିସରକୁ ଖାଲି କରାଯାଇ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ସବୁକିଛି ସୁରକ୍ଷିତ ବୋଲି ନିଶ୍ଚିତ କରିବାପରେ ଅପରାହ୍ନ ପ୍ରାୟ ୩ଟାରୁ ଅଦାଲତ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଏହାପରେ ଫେବୃଆରୀ ୬ ତାରିଖରେ କଟକ, ପୁରୀ, ଫୁଲବାଣୀ ଆଦି ବିଭିନ୍ନ ଜିଲ୍ଲା କୋର୍ଟକୁ ବୋମା ଧମକ ପରେ ସମ୍ବଲପୁର ଜିଲ୍ଲା କୋର୍ଟରେ ପୁଲିସ ହାଇଆଲର୍ଟ ଜାରି କରି କୋର୍ଟ ପରିସର ଯାଞ୍ଚ କରାଯାଇଥିଲା। ଦ୍ୱିତୀୟଥର ପାଇଁ ମାର୍ଚ୍ଚ ୨ ତାରିଖରେ ସମ୍ବଲପୁର ଜିଲ୍ଲା ଅଦାଲତ ଗୁଡ଼ିକୁ ବୋମାରେ ଉଡ଼ାଇଦେବାକୁ ଇ-ମେଲ୍ ଧମକ ଆସିଥିଲା। ସମ୍ବଲପୁର ସହ ବରଗଡ଼ ଓ ଅନ୍ୟ ଜିଲ୍ଲାକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା।



ସମ୍ବଲପୁର ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି, କୋର୍ଟ ପରିସରକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ମେଟାଲ ଡିଟେକ୍ଟର ସାହାଯ୍ୟରେ ଯାଞ୍ଚ କରାଯାଉଛି। ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ମଧ୍ୟ ପୁଲିସ ବ୍ଲକିଂ ଜାରି ରଖିଛି। ଏହାକୁ ମିଶାଇ ତୃତୀୟଥର ପାଇଁ ଧମକପୂର୍ଣ୍ଣ ଇ-ମେଲ୍ ଆସିଛି। ସାଇବର ସେଲ୍‌ଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ଇ-ମେଲ୍‌ର ମୂଳସ୍ଥାନ ଦେଶ ବାହାରର ଆଇପି ନମ୍ବର ଦେଖାଉଛି ଏବଂ ଅଧିକ ତଦନ୍ତ ଜାରିରହିଥିବା ଏଏସ୍‌ପି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି ଏବଂ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି।

ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ଚନ୍ଦ୍ରକୁମାର ପୁରୋହିତ କହିଛନ୍ତି, କୋର୍ଟ ପରିସରକୁ ବନ୍ଦ କରି ଅତ୍ୟଧିକ ନିୟନ୍ତ୍ରଣ ଲାଗୁ କରାଗଲେ ମହକିଲଙ୍କ ସହିତ ଓକିଲମାନେ ଭୟଭୀତ ହେବେ ଏଣୁ ସବୁକିଛିକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କରାଯିବା ଉଚିତ। କେବଳ ସମ୍ବଲପୁର ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲା ଅଦାଲତ ଏବଂ ହାଇକୋର୍ଟକୁ ମଧ୍ୟ ଏଭଳି ଧମକପୂର୍ଣ୍ଣ ଇ-ମେଲ ଆସୁଛି। ଏଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସୁରକ୍ଷା ସକାଶେ କଡ଼ାକଡ଼ି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପୁରୋହିତ ମତବ୍ୟକ୍ତ କରିଛନ୍ତି।

# ସମ୍ବଲପୁର ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଦୃଢ଼ ଅଭିବୃଦ୍ଧି

**ସମ୍ବଲପୁର, ୨।୪(ସମିସ):** ସମ୍ବଲପୁର ରେଳ ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ଭଲ ପ୍ରଦର୍ଶନ କରିଛି। ମାଲ ପରିବହନ ଲୋଡିଂରେ ୯.୩୮ ପ୍ରତିଶତ ଅଭିବୃଦ୍ଧି ହୋଇଛି। ଗତ ବର୍ଷ ୨୨.୯୧ ନିୟୁତ ଟନ୍‌ରୁ ୨୦୨୫-୨୬ରେ ୨୫.୦୬ ନିୟୁତ ଟନ୍ ବୃଦ୍ଧି ପାଇଛି। ମାଲ ଅନଲୋଡିଂରେ ମଧ୍ୟ ୨୨.୬୭ପ୍ରତିଶତ ବୃଦ୍ଧି ଦେଖାଯାଇଛି। ଯାହା ୩୯.୬୫ ନିୟୁତ ଟନ୍‌ରୁ ୪୬.୮୪ ନିୟୁତ ଟନ୍ ବୃଦ୍ଧି ପାଇଛି। ସର୍ବାଧିକ ୨୮.୬.୩ ନିୟୁତ ଟନ୍ ମାଲ ପରିବହନ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୋଟ ଯାତ୍ରୀ ଯାତାୟାତ ୩.୫୨ପ୍ରତିଶତ ବୃଦ୍ଧି ପାଇଛି, ଯାହା ୧୧.୩୫ ନିୟୁତରୁ ୧୧.୭୫ ନିୟୁତ ହୋଇଛି। କୋଚିଂ ରାଜସ୍ୱ ୭.୦୨ପ୍ରତିଶତ ବୃଦ୍ଧି ହୋଇ ୨୪୧.୫୨ କୋଟିରୁ ୨୫୮.୪୮ କୋଟି ଟଙ୍କା ହୋଇଛି। ମଣ୍ଡଳ ୨୦୨୫-୨୬ ଆର୍ଥିକ ବର୍ଷରେ ୩୫୪୯.୯୦ କୋଟିଟଙ୍କାର ମୋଟ ରାଜସ୍ୱ ରେକର୍ଡ କରିଛି। ଯାହା ପୂର୍ବ ବର୍ଷର ୩୪୬୯.୪୮ କୋଟି ଟଙ୍କା ରାଜସ୍ୱ ତୁଳନାରେ ୨.୩୨ପ୍ରତିଶତ ବୃଦ୍ଧି ପାଇଛି। ୧୮୩୦୧/୧୮୩୦୨ (ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର), ୧୮୩୦୩/୧୮୩୦୪ (ସମ୍ବଲପୁର-ପୁରୀ-ସମ୍ବଲପୁର), ଏବଂ ୨୦୮୦୯/୨୦୮୧୦ ସମ୍ବଲପୁର-ନାନ୍ଦେଡ-ସମ୍ବଲପୁର) ଟ୍ରେନକୁ ଏଲଏଚବି କୋଚରେ ପରିବର୍ତ୍ତନ କରାଯାଇଛି। ସଂଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ, ମଣ୍ଡଳ ଦୁଇଟି ନୂତନ ଟ୍ରେନ ୧୮୩୧୧/୧୮୩୧୨ ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏକ୍ସପ୍ରେସ୍ ଏବଂ ୧୮୩୧୩/୧୮୩୧୪ ବୌଦ୍ଧ-ଭୁବନେଶ୍ୱର ନୂତନ-ବୌଦ୍ଧ ଏକ୍ସପ୍ରେସ୍ ସେବା ଆରମ୍ଭ କରିଛି। ଏହା ବ୍ୟତୀତ, ପୁରୁଣାକଟକ ପର୍ଯ୍ୟନ୍ତ ୧୨୮୯୩/୧୨୮୯୪ ଭୁବନେଶ୍ୱର-ସୋନପୁର ସୁପରଫାଷ୍ଟ ଏକ୍ସପ୍ରେସ୍ ଏବଂ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ୧୨୮୭୧/୧୨୮୭୨ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରଣ କରିଛି। ଆଠଟି ଟ୍ରେନ ପାଇଁ ୧୧ଟି ଅତିରିକ୍ତ ଷ୍ଟପେଜ୍ ମଧ୍ୟ ଯୋଗାଇ ଦିଆଯାଇଥିଲା। ଭିତ୍ତିଭୂମି ଏବଂ ଯାତ୍ରୀ ସୁବିଧା କ୍ଷେତ୍ରରେ, ବର୍ଷକ ମଧ୍ୟରେ ବରପାଲି ଷ୍ଟେସନ ବିକାଶ କାର୍ଯ୍ୟ ସମାପ୍ତ ହୋଇଥିଲା। ମଣ୍ଡଳ ତିନୋଟି ଷ୍ଟେସନରେ ୧୨ ମିଟର ଚଉଡା ଫୁଟ ଓଭର ବ୍ରିଜ୍ କାର୍ଯ୍ୟକ୍ଷମ, ଚାରୋଟି ନୂତନ ଲିଫ୍ଟ ସ୍ଥାପନ ଏବଂ ଯାତ୍ରୀଙ୍କ ସୁବିଧା ବୃଦ୍ଧି ପାଇଁ ପ୍ଲାଟଫର୍ମ ଆଶ୍ରୟସ୍ଥଳୀ ବିସ୍ତାର କରିଛି। ସମ୍ବଲପୁର ଏବଂ ଆରଙ୍ଗ ମହାନଦୀ ଷ୍ଟେସନରେ ୟାର୍ଡ ପୁନଃନିର୍ମାଣ କାର୍ଯ୍ୟ ସମାପ୍ତ କରିଛି। ୯୭ କିଲୋମିଟରରୁ ଅଧିକ ସେକ୍ସନାଲ୍ ବେଗ ୧୧୦ କିଲୋମିଟର ପ୍ରତି ଘଣ୍ଟାକୁ ବୃଦ୍ଧି କରାଯାଇଛି, ଯାହା ଦ୍ରୁତ ଏବଂ ଅଧିକ ଦକ୍ଷ ଟ୍ରେନ ପରିଚାଳନାକୁ ସକ୍ଷମ କରିଛି। ବର୍ଷକ ମଧ୍ୟରେ, ପାଞ୍ଚଟି ମାନବଯୁକ୍ତ ଲେଭଲ୍ କ୍ରସିଂକୁ ଉଚ୍ଛେଦ କରାଯାଇଥିଲା ଏବଂ ଦୁଇଟିକୁ ଇଣ୍ଟରଲକଡ୍ କରାଯାଇଥିଲା। ମଣ୍ଡଳର ପ୍ରମୁଖ ଷ୍ଟେସନଗୁଡ଼ିକରେ ୨୦୯ଟି ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଥିଲା। ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ, ମଣ୍ଡଳର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ।

## ଯୁଯୁମୁରା ବ୍ଲକ୍‌ର ୯ ବିଦ୍ୟାର୍ଥୀ ନବୋଦୟ ପ୍ରବେଶିକାରେ ଉତ୍ତୀର୍ଣ୍ଣ

**ସମ୍ବଲପୁର, ୨।୪ (ସମିସ):** ନବୋଦୟ ସ୍କୁଲରେ ପାଠ ପଢ଼ିବାକୁ ଯୁଯୁମୁରା ବ୍ଲକରୁ ୯ଜଣ ଶିକ୍ଷାର୍ଥୀ ଉନ୍ନୀତ ହୋଇଛନ୍ତି। ସେଥିମଧ୍ୟରୁ କେବଳ ୩ ଜନ ଶିକ୍ଷାର୍ଥୀ ଯୁଯୁମୁରା ଲିଟିଲ ଫ୍ଲାୱାର ସ୍କୁଲରୁ ମନୋନୀତ ହୋଇ ସ୍କୁଲର ଗୌରବ ଆଣିଛନ୍ତି।ସେମାନଙ୍କ ମଧ୍ୟରୁ ତନିଶ୍କା ତନ୍ୱାରୀ ଶତପଥୀ ସର୍ବମୋଟ ୯୨. ୫୦ ପ୍ରତିଶତ ରଖି ୧୪ ର୍‍ୟାଙ୍କରେ ଥିବା ବେଳେ ଇତିସ୍ମିତା ଭୁଏ ଓ ସୋନିକା ତିର୍କୀ ଯଥାକ୍ରମେ ୮୨. ୫୦ ପ୍ରତିଶତ ଆଣି ୧୮୪ ଓ ୧୮୬ ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁଯୁମୁରା ବ୍ଲକରୁ ଆୟୁଷ୍ମାନ ରାଣା, ଲଭଲି ସାହୁ, ପ୍ରିତେଶ ପ୍ରଧାନ, ଭାଗ୍ୟଶ୍ରୀ ବାରିକ, କୁନ୍ଦନ ପ୍ରସାଦ ଟପ୍ପୋ, ପ୍ରତ୍ୟୁଷ ମିର୍ଜା ଉତ୍ତୀର୍ଣ୍ଣ ହୋଇଥିବା ପିଏମ୍‌ଏସ୍‌ଏସ୍‌ର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।

## ବେଆଇନ ନିଶା କାରବାରରେ ୫ ଗିରଫ

**ସମ୍ବଲପୁର, ୨।୪(ସମିସ):** ଧନୁପାଲି ଥାନା ପୁଲିସ ବେଆଇନ କଫସିରପ କାରବାର ଅଭିଯୋଗରେ ଦୁଇଟି ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ଗୋଟାଏ ମାମଲାରେ ଚାରଭାଟି ଅଞ୍ଚଳରେ ବେଆଇନ ନିଶା କାରବାର ହୋଇଥିବା ନେଇ ପୁଲିସ ଖବର ପାଇଥିଲା। ପରେ ଘଟଣା ସ୍ଥଳରୁ ଧନୁପାଲି ଥାନା ଅନ୍ତର୍ଗତ ଭୁତାପଡ଼ାର ଆଶିଷ ମୁଣ୍ଡା(୨୩) ଓ ଚାରଭାଟିର ସୁରୁ ଓରାମ(୨୦)କୁ ପୁଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ୨୨ ଲିଟର ଦେଶି ମଦ, ୨୮ ବୋତଲ କଫସିରପ, ନିଟ୍ରାଜେପାମ ଟାବଲେଟ, ସ୍କୁଟି(ଓଡି୧୫ଏଏ୭୮୫୮) ଓ ଏକ ମୋବାଇଲ ଜବତ କରାଯାଇଛି। ସେହପରି ଦ୍ୱିତୀୟ ମାମଲା ମାଉଲି ନଗର ଚାରଭାଟି ଅଞ୍ଚଳରେ ବେଆଇନ ନିଶା କାରବାରରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟାଉନଥାନା ଠେଲକୋପଡ଼ାର ମାନ କଂସ(୨୩), ଧନୁପାଲି ଚାରଭାଟିର ରଞ୍ଜିତ ସାହୁ(୩୦) ଓ ସାକ୍ଷୀପଡ଼ାର ପ୍ରଦୀପ ଗୋପୀ(୨୭)। ସେମାନଙ୍କ ନିକଟରୁ ୩୨ ଲିଟର ଦେଶି ମଦ, ୨୨ ବୋତଲ କଫସିରପ, ଗୋଟାଏ ବାଇକ(ଓଡି୧୫ଏବି୦୬୪୬), ଗୋଟେ ମୋବାଇଲ ଓ ୧୫ଶହ ନଗଦ ଟଙ୍କା ଜବତ ହୋଇଛି। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନିଆଁ ଲାଗି ଛାରଖାର୍ ଗ୍ୟାରେଜ୍

**ସମ୍ବଲପୁର, ୨।୪(ସମିସ):** ପାଞ୍ଚଗଛିଆ ଜାତୀୟ ରାଜପଥ କଡ଼ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। କ୍ଷଣୀକ ମଧ୍ୟରେ ଭସ୍ମିଭୂତ ହୋଇଗଲା ଗ୍ୟାରେଜ୍। ପାଖରେ ଛିଡା ଥିବା ବସ୍ ଅଳ୍ପକେ ରକ୍ଷା ପାଇଥିଲା। ରାତି ପ୍ରାୟ ୮ଟାରେ ଘଟିଥିବା ଅଗ୍ନିକାଣ୍ଡରେ ପ୍ରାୟ ୮ ଲକ୍ଷରୁ ଅଧିକ ଟଙ୍କାର କ୍ଷୟକ୍ଷତି ହୋଇଛି। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଗୁରୁବାର ରାତି ପ୍ରାୟ ସାଢ଼େ ୭ଟାରେ ଗ୍ୟାରେଜ୍ ମାଲିକ ବସନ୍ତ କୁମାର ଓଝା ନିଜ ଘରକୁ ଫେରିଥିଲେ। ହେଲେ ତାଙ୍କ ଗ୍ୟାରେଜ୍ ନିଆଁ ଲାଗିଥିବା ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇଥିଲେ। ସେ ଦୋକାନରେ ପହଞ୍ଚିବା ପୂର୍ବରୁ ଗ୍ୟାରେଜରେ ସମ୍ପୂର୍ଣ୍ଣ ନିଆଁ ଲାଗିସାରିଥାଏ। ହୁ ହୁ ହୋଇ ୪ଟି କୋଠରୀରେ ନିଆଁ ଲାଗିଗଲା। ତୁରନ୍ତ ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। କିନ୍ତୁ ଅଗ୍ନିଶମ ବାହିନୀ ପ୍ରାୟ ୪୫ ମିନିଟ ବିଳମ୍ବରେ ପହଞ୍ଚିବା ଫଳରେ ନିଆଁରେ ସମ୍ପୂର୍ଣ୍ଣ ଗ୍ୟାରେଜ୍ଟି ଛାରଖାର ହୋଇଯାଇଛି। ଗ୍ୟାରେଜ୍ ଦୋକାନୀଙ୍କ ସୂଚନା ଅନୁସାରେ, ସେ ପ୍ରାୟ ୩୦ ବର୍ଷ ହେଲା ଏଠାରେ ଗ୍ୟାରେଜ୍ କରି ପରିବାର ଚଳାଉଛନ୍ତି। ରାସ୍ତା କଡ଼ରେ ଦୋକାନ କରିଥିଲେ ମଧ୍ୟ କେବେ କୌଣସି ଅଘଟନ ଘଟିନଥିଲା। ହେଲେ ଆଜି ଦୋକାନ ବନ୍ଦ କରି ଘରକୁ ଫେରିବା ବେଳକୁ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ହେଲେ କାହିଁକି ନିଆଁ ଲାଗିଲା ସେନେଇ କୌଣସି ସୂଚନା ମିଳିପାରିନି। ଦୋକାନରେ ପ୍ରାୟ ୮ ଲକ୍ଷ ଟଙ୍କାର ସାମଗ୍ରୀ ଥିଲା। ହେଲେ ନିଆଁ ଆଁରେ ସବୁ ଛାରଖାର ହୋଇଯାଇଛି।

## ସମ୍ବଲପୁରପବ୍ଲିକଲାଇବ୍ରେରୀରେ ସାଧାରଣଜ୍ଞାନ ପରୀକ୍ଷା

**ସମ୍ବଲପୁର, ୨।୪ (ସମିସ) :** ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଗତ ମାର୍ଚ୍ଚ ୧୮ ତାରିଖରେ ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପରୀକ୍ଷା ଆୟୋଜନ କରାଯାଇଥିଲା। ଏହି ପରୀକ୍ଷାରେ ସୌମ୍ୟଶ୍ରୀ ତ୍ରିପାଠୀ ପ୍ରଥମ, ସୁବାସ କୁମାର ବେହେରା ଓ ସ୍ୱପ୍ନା ଶ୍ରୀବାସ ଯୁଗ୍ମ ଦ୍ୱିତୀୟ ଏବଂ ରୋଜାଲିନ ବେଦବାକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଜି ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଅଧକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସଚିବ ରଘୁନାଥ ମିଶ୍ର, ଉପସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି ସମସ୍ତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ବିଜୟ କୁମାର ସାହୁ ଓ ସୁନନ୍ଦ ସାହୁ ସହଯୋଗ କରିଥିଲେ।

# ଜେଲ୍ ଗଲେ କୁବେର ଡେପୁଟି ମ୍ୟାନେଜର

**ସମ୍ବଲପୁର, ୨।୪ (ସମିସ):** ଆୟଠାରୁ ଚାରି ଶହ ଗୁଣା ଅଧିକ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ (ଓପିଏଚ୍‌ଡବ୍ଲୁସି), ସମ୍ବଲପୁର ଡିଭିଜନ ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଗିରଫ ପରେ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ସମ୍ବଲପୁର ଡିଭିଜନ ଭିଜିଲାନ୍ସ ଏସ୍‌ପି ପି.କେ. ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି, ଗତ ଦୁଇ-ତିନି ମାସ ଧରି ଓପିଏଚ୍‌ଡବ୍ଲୁସି, ସମ୍ବଲପୁର ଡିଭିଜନ ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳ ବେଆଇନ ଭାବେ ଅର୍ଥ ରୋଜଗାର କରୁଛନ୍ତି ଏବଂ ବଟି ଆଦାୟ କରୁଛନ୍ତି ବୋଲି ସୂଚନା ମିଳୁଥିଲା। ଏନେଇ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେ ସଜାଗ ରହି ତାଙ୍କ ଉପରେ ସର୍ଭିଲାନ୍ସ ଜାରି ରଖିଥିଲେ। ଏଥିରୁ ଜଣାପଡ଼ିଲା ଯେ ସେ ଆୟ ବହିର୍ଭୁତ ସମ୍ପତ୍ତି ନିଜ ନାଁରେ ଏବଂ ନିଜ ପରିବାରବର୍ଗଙ୍କ ନାଁରେ ଠୁଳ କରିଛନ୍ତି। ପରେ ବିଭିନ୍ନ ସ୍ଥାନକୁ ଟିମ୍ ପଠାଇ ଯେତେ ଠୁଳ କରିଛନ୍ତି ଜାଗାବାଡ଼ି ତାହା ଚିହ୍ନଟ କରାଯାଇଥିଲା। ଅଦାଲତରୁ ୱାରେଣ୍ଟ ଆଣିବାପରେ ଟିମ୍ ଗୁଡ଼ିକୁ ବିଭିନ୍ନ ସ୍ଥାନକୁ ପଠାଯାଇଥିଲା। ମାର୍ଚ୍ଚ ୩୧ ତାରିଖରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ, ବିଦ୍ୟୁତ ରଞ୍ଜନ ଭୋଳ ଯେଉଁ ବେଆଇନ ଭାବେ ଅର୍ଥ ରୋଜଗାର କରିଛନ୍ତି, ସେଥିରୁ ପ୍ରାୟ ୫ ଲକ୍ଷ ଟଙ୍କା ନେଇ ତାଙ୍କ ଭୁବନେଶ୍ୱରସ୍ଥିତ ରସୁଲଗଡ଼ ଘରକୁ ଯାଉଛନ୍ତି। ବିଭିନ୍ନ ସ୍ଥାନକୁ ଯାଇଥିବା ଟିମ୍ ଗୁଡ଼ାକୁ ସଜାଗ ହୋଇ ରହିବାକୁ ନିର୍ଦ୍ଦେଶ ଦିଆଗଲା। ଦୁଇଟି ଟିମ୍ ସମ୍ବଲପୁରରେ ନିୟୋଜିତ ହେଲେ ସେମାନେ ବିଦ୍ୟୁତ ରଞ୍ଜନ ଭୋଳଙ୍କ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ସେ ଧରିଥିବା ବ୍ୟାଗ୍‌ରେ ୫ ଲକ୍ଷ ୧୮ ହଜାରରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ମିଳିଥିଲା। ବିଦ୍ୟୁତ୍ ରଞ୍ଜନ ଭୋଳ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଭିଜିଲାନ୍ସ ଅଦାଲତର ୱାରେଣ୍ଟ ବଳରେ ତାଙ୍କ ସାକ୍ଷୀପଡ଼ାସ୍ଥିତ ଭଡ଼ାଘର ଏବଂ ଓପିଏଚ୍‌ଡବ୍ଲୁସି କାର୍ଯ୍ୟାଳୟ ତଲାସି କରାଗଲା। ଏହାସହ



ଟିମ୍ ଗୁଡ଼ିକ ଯେଉଁ ଯେଉଁ ସ୍ଥାନରେ ନିୟୋଜିତ ହୋଇଥିଲେ ତାଙ୍କ ଘର ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ଘରରେ ତଲାସି କରିବାସହ ସମ୍ପତ୍ତିକୁ ନେଇ ଖୋଳତାଡ଼ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି। ଗତକାଲି ସୁଦ୍ଧା ସମସ୍ତ ତଲାସି ଶେଷ ହୋଇଥିବା ବେଳେ ବ୍ୟାଙ୍କରୁ କିଛି ସୂଚନା ପାଇବା ବାକି ରହିଥିବା ସେ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି, ତିନୋଟି ପର୍ଯ୍ୟାୟରେ ତାଙ୍କଠାରୁ ନଗଦ ଟଙ୍କା ଜବତ କରାଯାଇଥିଲା, ସେଗୁଡ଼ିକ ହେଲା ସମ୍ବଲପୁରରେ ପ୍ରାୟ ୫.୧୮ ଲକ୍ଷ, ସମ୍ବଲପୁର କାର୍ଯ୍ୟାଳୟରୁ କିଛି ଟଙ୍କା, ରସୁଲଗଡ଼ରେ ପରିବାରବର୍ଗ ରହୁଥିବା ସ୍ଥାନରେ ୭ ଲକ୍ଷ, ହାଉସିଂବୋର୍ଡ ଚନ୍ଦ୍ରଶେଖରପୁରରେ ବଡ଼ ଭଉଣୀଙ୍କ ଘରୁ ୩୪.୮୧ ଲକ୍ଷ, ଗଞ୍ଜାମରେ ପୈତୃକ ଘରଠାରେ ୨ ଲକ୍ଷରୁ ଅଧିକ ଟଙ୍କା ଜବତ କରାଯାଇଥିଲା। ସମୁଦାୟ ୪୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନଗଦ ରାଶି ଜବତ କରାଯାଇଥିଲା। ଗଞ୍ଜାମ ପୈତୃକ ଘରୁ ୩୪ ଭରିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଜବତ କରାଯାଇଥିଲା। ତନ୍ମଧ୍ୟରେ ୪ଟି ସୁନା ବିସ୍କୁଟ୍, ୬ଟି ଗୋଲ୍ଡ କଏନ୍, ୨ଟି ରୁପା ବିସ୍କୁଟ୍, ୩ଟି ସିଲଭର୍ କଏନ୍ ସହିତ ବିଭିନ୍ନ ସୁନା ଅଳଙ୍କାର ଥିଲା। ରସୁଲଗଡ଼ରେ ପରିବାରବର୍ଗ ରହୁଥିବା ସ୍ଥାନରୁ ମଧ୍ୟ ସୁନା ଜବତ ହୋଇଛି। ସବୁ ମିଶାଇ କେଜିଏରୁ ଉର୍ଦ୍ଧ୍ୱ ସୁନାଗହଣା ଜବତ କରାଯାଇଥିବା ଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି। ତନଖି ସମୟରେ ତାଙ୍କର ୨୯ଟି ବହୁମୂଲ୍ୟ ପ୍ଲଟ୍ ରହିଥିବା ଜଣାପଡ଼ିଥିଲା। ଭୁବନେଶ୍ୱର ତମାଣ୍ଡୋ ପାଖ କଳିଙ୍ଗବିହାରରେ ଫ୍ଲାଟ୍, ବ୍ରହ୍ମପୁରରେ ତିନିମହଲାର ଗୋଟିଏ ଓ ଦୁଇମହଲାର ଗୋଟିଏ କୋଠା ରହିଛି। ଆଜି ମିଳିଥିବା ବିବରଣୀ ଅନୁଯାୟୀ ବ୍ୟାଙ୍କରେ ତାଙ୍କର ୫୮ ଲକ୍ଷରୁ ଉର୍ଦ୍ଧ୍ୱ ଜମା ରହିଛି। ଇନ୍‌ସୁରାନ୍ସ ସେକ୍ଟରରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଜମା, ପୋଷ୍ଟାଲରେ ଦେଢ଼ଲକ୍ଷ ଜମା ରହିଥିବା ସେ କହିଛନ୍ତି। ତାଙ୍କର ତିନିକୋଟିରୁ ଉର୍ଦ୍ଧ୍ୱ ଆସବାବପତ୍ର ଜବତ କରାଯାଇଛି। ସମୁଦାୟ ସ୍ଥାବର ଅସ୍ଥାବର ସମ୍ପତ୍ତି ଆକଳନ କଲେ ତାଙ୍କ ଆୟ ଓ ବ୍ୟୟ ହିସାବକଲେ ତାହାଠାରୁ ୪୦୦ ପ୍ରତିଶତରୁ ଅଧିକ ହେବ ବୋଲି ଏସ୍‌ପି ଶ୍ରୀ ଦ୍ୱିବେଦୀ କହିଛନ୍ତି। ଏନେଇ ଗତକାଲି ସମ୍ବଲପୁର ଭିଜିଲାନ୍ସ ଥାନା ମାମଲା ନଂ. ୦୩ / ୦୧.୦୪.୨୦୨୬ରେ ବିଦ୍ୟୁତ୍ ରଞ୍ଜନ ଭୋଳଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ଆଜି ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ମା' କାମାକ୍ଷାଙ୍କ ରାଜରାଜେଶ୍ୱରୀ ବେଶ ଓ ଧ୍ୱଜାରୋହଣ





**ସମ୍ବଲପୁର, ୨।୪(ସମିସ) :** ଚଳିତ ନବରାତ୍ରିର ଆଜି ଚୈତ୍ର ପୂର୍ଣିମା ତିଥିରେ ମା' କାମାକ୍ଷା ଦେବୀ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ଭକ୍ତ ମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଦିନ ୧୧ଟା ସମୟରେ ଶାନ୍ତି ହୋମ ଏବଂ ପରେ ପରେ ପ୍ରଭୁ ହନୁମାନଙ୍କ ପାଖରେ ସୁନ୍ଦରାକାଣ୍ଡ ପାଠ କରାଗଲା। ସନ୍ଧ୍ୟାରେ ମହାଆଳତୀ ଅର୍ପଣ କରାଯାଇ ମା'ଙ୍କ ଧ୍ୱଜାରୋହଣ ଉତ୍ସବ ପାଳନ କରାଗଲା। ସଂଖ୍ୟାଧିକ ଭକ୍ତ ନିଜର ମାନସିକ ଧ୍ୱଜା ବାନ୍ଧିବା ସହିତ ଜୟଧ୍ୱନି ଏବଂ ହୁଳହୁଳି ମାଧ୍ୟମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। କାମାକ୍ଷା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ହଟିଲା ବୁର୍ଲା ରାସ୍ତାକଡ଼ ମାଂସଦୋକାନ



**ସମ୍ବଲପୁର, ୨।୪ (ସମିସ):** ବିଦ୍ୟାନଗରୀ ବୁର୍ଲାର ପ୍ରବେଶଦ୍ୱାର ପାଖରେ ଏବଂ ପିସି ବ୍ରିଜ୍ ନିକଟରେ ମୁଖ୍ୟ ରାଜପଥ ପାର୍ଶ୍ୱରେ ଅନେକ ଗୁଡ଼ାଏ ମାଂସ ଦେକାନ ରହିଥିଲା। ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀମାନେ ବୁର୍ଲାକୁ ଯାଉଥିବାବେଳେ ରାସ୍ତାକଡ଼ରେ ସର୍ବସମ୍ମୁଖରେ ଜୀବହତ୍ୟାକୁ ନେଇ ମାନସିକ ଭାବେ ପ୍ରଭାବିତ ହେଉଥିଲେ। ଏହାସହ ଏହି ଖୋଲା ମାଂସ ଦୋକାନ ବନ୍ଦ କରିବାକୁ ବିଭିନ୍ନ ସଂସ୍ଥା ପକ୍ଷରୁ ଜନସାଧାରଣ ମହାନଗର ନିଗମ ପାଖରେ ବାରମ୍ବାର ଅଭିଯୋଗ କରିଆସିଛନ୍ତି। ଏଭଳି ଅନଧିକୃତ କାର୍ଯ୍ୟକଳାପ ପରିବେଶ ପ୍ରଦୂଷଣ, ଜନସ୍ୱାସ୍ଥ୍ୟ ଜଟିଳତା ତଥା ଯାତାୟାତରେ ବାଧା ସୃଷ୍ଟି କରୁଥିଲା। ପରିସ୍ଥିତିକୁ ଗୁରୁତ୍ୱର ସହ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଆଜି ଏକ ସ୍ୱତନ୍ତ୍ର ଅଭିଯାନରେ ସମସ୍ତ ଅନଧିକୃତ ଖୋଲା ମାଂସଦୋକାନ ଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ କାର୍ଯ୍ୟରେ ବୁର୍ଲା ଥାନାଧିକାରୀ ଏସ୍‌କେ ବଳିଆରସିଂହ, ମାଜିଷ୍ଟ୍ରେଟ୍ ଅତିରିକ୍ତ ତହସିଲଦାର ପ୍ରତାପ ଶଙ୍କର ଦାସ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ ସୁଗମ ମିଶ୍ର, ଶ୍ରୀକାନ୍ତ ପାତ୍ର ଏବଂ ପୁଲିସ ଓ ପ୍ରବର୍ତ୍ତନ ବିଭାଗର ସ୍କ୍ୱାଡ୍ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏଭଳି ଅନଧିକୃତ କାର୍ଯ୍ୟକଳାପ ପୁଣିଥରେ ଚାଲୁ ନ ହୋଇପାରିବା ପାଇଁ ନିୟମିତ ଭାବେ ନିରୀକ୍ଷଣ ଜାରି ରହିବ ବୋଲି ପ୍ରବର୍ତ୍ତନ ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ଏହାସହ ଏଭଳି କୌଣସି ଅନଧିକୃତ କାର୍ଯ୍ୟକଳାପ ଦେଖିଲେ ତୁରନ୍ତ ମହାନଗର ନିଗମ ପ୍ରଶାସନକୁ ଅବଗତ କରିବାକୁ ସେ ଅନୁରୋଧ କରିଛନ୍ତି।

## ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରେଢ଼ାଖୋଲ, ୨।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଖନ୍ଦାଡିପସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପ୍ରଧାନଙ୍କ ସଭାପତିତ୍ୱରେ ସମ୍ମାନିୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂ ଦେଓ, ଉପସଭାପତି ତଥା ରେଢ଼ାଖୋଲ ପ୍ରେସ କ୍ଲବ୍ ସମ୍ପାଦକ ତପନ କୁମାର ବିଶ୍ୱାଳ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତ ଉଜ୍ୱଳ କାମନା କରି ଜୀବନର ମାର୍ଗ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟ ତ୍ୟାଗ କରିବା ନେଇ କାନ୍ଦି କାନ୍ଦି ଭାବ ବିଭୋର ହୋଇ ଉଠିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ନମିତାରାଣୀ ପ୍ରଧାନ, ଅନୁପମା ମିଶ୍ର, ରୋହିଣୀ ପୋଢ଼, ସରିତା ବେହେରା, ପରିଚାଳନା କମିଟି ସଭ୍ୟା ରାଜଶ୍ରୀ ମହାନ୍ତି, ଗୀତାଞ୍ଜଳି ମହାକୁଡ଼, ସୁଜାତା ମହାପାତ୍ର, ପ୍ରମିଳା ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସ୍କୁଲ ତରଫରୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ପାଉଁଶ ବୋଝେଇ ଟ୍ରକ୍ ଜବତ

**ସମ୍ବଲପୁର, ୨।୪ (ସମିସ) :** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପୁଲିସ ଆଜି ତିନୋଟି ପାଉଁଶ ବୋଝେଇ ହାଇୱା ଜବତ କରିଛି। ଏଗୁଡ଼ିକ ଓଭରଲୋଡିଂ ହୋଇଥିବା ବେଳେ ଆବଶ୍ୟକ



କାଗଜାତ ନଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ରେଙ୍ଗାଲି ସାଲଡ ଛକ ନିକଟରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ ସହ ଓଭରଲୋଡିଂ ହୋଇଥିବା ଦେଖିବାକୁ ପାଇଥିଲା। ଏଗୁଡ଼ିକ ଯାନବାହନ ଯାତାୟାତ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି କରିବାସହ ପ୍ରଦୂଷଣ ମଧ୍ୟ କରୁଥିଲା। ପଚରାଉଚୁରା ପରେ ପାଉଁଶ (ଫ୍ଲାଏ ଆସ୍) ଝାରସୁଗୁଡ଼ା ଜିଲ୍ଲାର ଏକ କମ୍ପାନୀରୁ ଲୋଡ୍ କରାଯାଇ ବିଭିନ୍ନ ସ୍ଥାନକୁ ପରିବହନ କରାଯାଉଥିବା ଗାଡ଼ି ଚାଳକମାନେ କହିଥିଲେ। ସେମାନଙ୍କ ପାଖରେ ଆବଶ୍ୟକ କାଗଜାତ ମଧ୍ୟ ନଥିଲା। ରେଙ୍ଗାଲି ପୁଲିସ ଗାଡ଼ି ଗୁଡ଼ିକୁ ଜବତ କରି ୱେ-ବ୍ରିଜ୍‌ରେ ଯାଞ୍ଚ କଲାବେଳକୁ ତାହା ଓଭର୍‌ଲୋଡିଂ ହୋଇଥିବା ଜଣାପଡ଼ିଥିଲା। ଗାଡ଼ି ଗୁଡ଼ିକ ଜବତ କରି ରେଙ୍ଗାଲି ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ବୁଲୁ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ମାମଲାରେ ଅଧିକତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା

# ହାଟପଡ଼ାର ବିକାଶ ଓ ବିଶ୍ୱ ଚାମ୍ପିଅନ





ସମ୍ବଲପୁର, ୨।୪ (ସମିସ)

ହାଟପଡ଼ାସ୍ଥିତ ବୀର ବଜରଙ୍ଗ ସଂଘ ଏବଂ କୈବର୍ତ୍ତ ସମାଜ ମିଳିତ ଆନୁକୂଲ୍ୟରେ ଆଜି ଚୈତ୍ର ପୂର୍ଣ୍ଣିମା ଅବସରରେ ତୃତୀୟ ମାନକେତନ ଦେହେରୀ ସ୍ମାରକୀ ରାଜ୍ୟସ୍ତରୀୟ ନୌକା ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମହାନଦୀର ଅଯୋଧ୍ୟା ସରୋବର ଘାଟଠାରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ସୋନପୁର, ବିନିକା, ବୌଦ୍ଧ, ହରଭଙ୍ଗା, ଧମା, ବୀରମହାରାଜପୁର ତଥା ସମ୍ବଲପୁର ସହରର ବିଭିନ୍ନ ପଡ଼ାରୁ ପ୍ରାୟ ୯୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପୁରସ୍କାର ବିତରଣୀ ଅବସରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମ୍ବୁ ଅତିଥି ଭାବେ ଯୋଗ ଦେଇଥିଲେ। ପାରମ୍ପରିକ ଢଙ୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ହାଟପଡ଼ାର ବିକାଶ ସାହୁ ଓ ବିଶ୍ୱ ଡନସନା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସୋନପୁରର ମୁକେଶ ତରିଆ ଓ ଗୌରବ ମହାଲିଙ୍ଗ ଦ୍ୱିତୀୟ, ଭତରାର ପ୍ରଦୀପ ବାଗ ଓ ଅରକ୍ଷିତ ସାହୁ ତୃତୀୟ ଏବଂ ହାଟପଡ଼ାର ପ୍ରକାଶ ସାହୁ ଓ ଅଭିଶେଷ ବଡ଼ାଇ ଚତୁର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଥମ ସ୍ଥାନ ହାସଲ କରିଥିବା ଦଳକୁ ୧୧, ୦୦୦ ଟଙ୍କା, ଦ୍ୱିତୀୟ ଦଳକୁ ୭, ୧୦୦ ଟଙ୍କା, ତୃତୀୟ ଦଳକୁ ୫, ୧୦୦ ଟଙ୍କା ଏବଂ ଚତୁର୍ଥ ସ୍ଥାନ ପାଇଁ ୩, ୧୦୦ ଟଙ୍କା ସହ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ନୌକାଚାଳନା ପ୍ରତିଯୋଗିତା ପରେ ରାମାୟଣର 'କୈବର୍ତ୍ତ ପ୍ରସଙ୍ଗ' ଉପରେ ଏକ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବୀର ବଜରଙ୍ଗ ସଂଘ ସଭାପତି ଦିଲୀପ ସାହୁ, ସମ୍ପାଦକ ସୋମନାଥ ସେଠ, ରେଫରୀ ଦିଲୀପ ଜେନା, ରାଜା ବରାଳ, କୈବର୍ତ୍ତ ସମାଜର କିରଣ ସେଠ, ବିଶ୍ୱଜିତ ଦେହେରୀ, ବାବୁଲୁ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଏମ୍‌ୟୁ ମନୋବିଜ୍ଞାନ ବିଭାଗରେ ଅନ୍ତର୍ଜାତୀୟ ସମ୍ମିଳନୀ

**ସମ୍ବଲପୁର, ୨।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ପକ୍ଷରୁ ତିନିଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ପ୍ରଥମ ଦିନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲାବେଳେ ଦିଲ୍ଲୀ ୟୁନିଭର୍ସିଟିର ପ୍ରଫେସର ସୁରେନ୍ଦ୍ର କୁମାର ସିଆ ମୁଖ୍ୟବକ୍ତା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପିଜି କାଉନସିଲ ଅଧ୍ୟକ୍ଷ, ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଅତିଥି ମାନଙ୍କୁ ସମ୍ମାନିତ କରିଥିଲେ। ଦ୍ୱିତୀୟ ଦିନ, ନିଟ୍ ରାଉରକେଲାର ପ୍ରଫେସର ରାମକୃଷ୍ଣ ବିଶ୍ୱାଳ ମୁଖ୍ୟବକ୍ତା ଏବଂ ସିଇଓ, ପତଙ୍ଗ ଡ. ରୀତା ମିଶ୍ର ସ୍ୱତନ୍ତ୍ର ବକ୍ତା ଭାବେ ଯୋଗ ଦେଇଥିଲେ। ତୃତୀୟ ଦିନ, ଆମେରିକା ବୋଷ୍ଟନର ସାଫୋକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକନ୍ୟା ରାୟ ଏବଂ ଅର୍ଜିତା ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦାନ କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମୌସୁମୀ ସେଠି, ଲୁସି ସୋନାଲି ହେମ୍ବ୍ରମ, ନମିତା ଦାସ, ପ୍ରଭୁ ଦର୍ଶନ ସାହୁ, ଶଶାଙ୍କ ଗଡ଼ନାୟକ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ସହକାରୀ ପ୍ରଫେସର ଡ. ରୂପଶ୍ରୀ ଗୋସ୍ୱାମୀ, ଡ. ସଂଯୁକ୍ତା ପାଢ଼ୀ, ଡ. ରୂପଶ୍ରୀ ବ୍ରହ୍ମକୁମାରୀ, ପୁଷ୍ପା ହେମ୍ବ୍ରମ, ଶଶୀଭୂଷଣ ଦୋରା, ଅଣଶିକ୍ଷକ କର୍ମଚାରୀ ସନ୍ତୋଷ କୁମାର ସାହୁ ଏବଂ ସଙ୍ଗୀତା ବେହେରା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କ୍ରିତିକା ବାବୁ, ଆଦ୍ୟାଶା ମିଶ୍ର, ଅଂଶୁମାନ ସାହୁ ଆଦି ଛାତ୍ରଛାତ୍ରୀମାନେ ସୁଚାରୁ ରୂପେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଦିରୁ ବହୁ ସଂଖ୍ୟାରେ ସାଧନକର୍ମୀ ଓ ଶିକ୍ଷକମାନେ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ।